
# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ଅଗଷ୍ଟ ୨୪/୨୦୧୯ (୨୦ ପୃଷ୍ଠା+ପିଲାଙ୍କ ଧରିତ୍ରୀ) | Bhubaneswar, Saturday, August 24/2019 | ★★★★

୪୫ଶ ଭାଗ ୨୬୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୪/-

## ପଦକ ନିଶ୍ଚିତ କଲେ ସାଇ ପ୍ରଣୀଥ୍

ଭାରତର ବି. ସାଇ ପ୍ରଣୀଥ୍ ବିଡବ୍ଲ୍ୟୁଏଫ୍ ବିଶ୍ୱ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍‌ରେ ପଦକ ନିଶ୍ଚିତ କରିଛନ୍ତି।

୧୯

୦୨

## ‘ବାଲାକୋଟ-ଦି ଟ୍ରୁ ଷ୍ଟୋରି’ରେ ବିବେକ

ଅଭିନେତା ବିବେକ ଓବେରୟ ବାଲାକୋଟ ଏୟାରଷ୍ଟ୍ରାଇକ୍ ଉପରେ ନିର୍ମାଣ ହେବାକୁ ଯାଉଥିବା ଫିଲ୍ମରେ ଅଭିନୟ କରିବେ ।



**ଆଜିର ସମ୍ପାଦକୀୟ**

**ନିରୁତ୍ସାହିତ ବାବୁ**

**ଆଜିର ମନ୍ତବ୍ୟ**

“ ଆମେରିକା ପକ୍ଷରୁ ଆଂଶିକ ଭାବେ ସୁରକ୍ଷା ବଳ ପ୍ରତ୍ୟାହାର କରାଗଲେ ଆଫଗାନିସ୍ତାନ ପ୍ରଭାବିତ ହେବନାହିଁ।

–ଅଶ୍ରଫ୍ ଗନି, ଆଫଗାନିସ୍ତାନ ରାଷ୍ଟ୍ରପତି


BACHPAN
www.bachpanglobal.com
ଆଜି ହିଁ ବଚପନ ପ୍ରେ-ସ୍କୁଲ୍ ଆରମ୍ଭ କରନ୍ତୁ।
8860619105



NECC NATIONAL EGG CO-ORDINATION COMMITTEE | 23.08.2019 | Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 62 | 109 | 119 |
| CTC | 61 | 107 | 117 |
| DKL | 62 | 109 | 119 |
| BDK | 62 | 109 | 119 |
| BLS | 62 | 109 | 119 |
| ANG | 62 | 109 | 119 |
| BHM | 60 | 106 | 116 |

*Conditions Apply

Eggs Retail Price- 41/-Dozen
Issued in the Interest of Consumers


■ ନୀତି ଆୟୋଗ ଉପାଧ୍ୟକ୍ଷଙ୍କ ବିସ୍ଫୋରକ ବୟାନ

# ଖରାପ ସ୍ଥିତିରେ ଭାରତୀୟ ଅର୍ଥନୀତି

ନୂଆଦିଲ୍ଲୀ,୨୩।୮

କେନ୍ଦ୍ର ସରକାରଙ୍କ ଥିଙ୍କ ଟ୍ୟାଙ୍କ କୁହାଯାଉଥିବା ନୀତି ଆୟୋଗର ଉପାଧ୍ୟକ୍ଷ ରାଜୀବ କୁମାର ଦେଶର ଅର୍ଥନୀତିରେ ଦେଖାଦେଇଥିବା ମାନ୍ଦାବସ୍ଥାକୁ ନେଇ ଗୁରୁବାର ବିସ୍ଫୋରକ ବୟାନ ଦେଇଛନ୍ତି। ଆର୍ଥିକ କ୍ଷେତ୍ରରେ ବର୍ତ୍ତମାନ ଦେଖାଦେଇଥିବା ସ୍ଥିତି ଉପରେ ମତବ୍ୟକ୍ତ କରି ସେ କହିଛନ୍ତି ଯେ, ଏଭଳି ଅବସ୍ଥା ଦୀର୍ଘ ୭୦ ବର୍ଷ ଭିତରେ ଦେଖାଯାଇ ନ ଥିଲା। ସମ୍ପୂର୍ଣ୍ଣ ସେକ୍ଟର ଦୋହଲିଯାଇଛି। କେହି କାହାକୁ ଭରସା କରିପାରୁନାହାନ୍ତି। ଏହାର ମୁକାବିଲା ଲାଗି ସ୍ୱତନ୍ତ୍ର ପଦକ୍ଷେପ ନେବାକୁ ହେବ। ସରକାର ଅନେକଗୁଡ଼ିଏ ପଦକ୍ଷେପ ସମ୍ପର୍କରେ ବିଚାର କରୁଛନ୍ତି। ଅନ୍ୟପକ୍ଷରେ ଦେଶର ଅର୍ଥନୀତି ଅଭିବୃଦ୍ଧି ଲାଗି କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଶୁକ୍ରବାର ବିଭିନ୍ନ ପ୍ରୋତ୍ସାହନ ଘୋଷଣା କରିଛନ୍ତି। ଏହାଦ୍ୱାରା ନଗଦ ସଙ୍କଟ ଦୂର ହେବା ସହିତ ଚାହିଦା ବୃଦ୍ଧି ପାଇବାକୁ ଯାଉଛି।

ଏକ କାର୍ଯ୍ୟକ୍ରମରେ ଯୋଗଦେଇ କୁମାର କହିଛନ୍ତି ଯେ, ଆର୍ଥିକ କ୍ଷେତ୍ରରେ ଜାରି ସଙ୍କଟର ପ୍ରଭାବ ଏବେ ଦେଶର ବିକାଶ ଉପରେ ପଡୁଥିବା ଲକ୍ଷ୍ୟ କରାଯାଇଛି। ଦୀର୍ଘ ୭୦ ବର୍ଷ ଭିତରେ ଆର୍ଥିକ ଅତ୍ୟନ୍ତ ଖରାପ ହୋଇଛି। ବିମୁଦ୍ରୀକରଣ ଏବଂ ସାମଗ୍ରୀ ଓ ସେବା କର(ଜିଏସ୍‌ଟି) କାରଣରୁ ଆରମ୍ଭ ହୋଇଥିବା ନଗଦ ସଙ୍କଟ ଏବେ ଉତ୍କଟ ରୂପ ଧାରଣ କରିଛି। ତେବେ ଏବେ ସୃଷ୍ଟି ହୋଇଥିବା ଆର୍ଥିକ ସଙ୍କଟ ପାଇଁ ସେ ପୂର୍ବର ଉପା ସରକାରଙ୍କୁ ଦାୟୀ କରିଛନ୍ତି। ୨୦୦୯-୧୪ ମଧ୍ୟରେ ବ୍ୟାଙ୍କଗୁଡ଼ିକ ପକ୍ଷରୁ ଆଖିବୁଜା ଋଣ ବଣ୍ଟନ କରାଯିବା ଯୋଗୁ ଏହି ପରିସ୍ଥିତି ସୃଷ୍ଟି ହୋଇଛି ବୋଲି ସେ ଅଭିଯୋଗ କରିଛନ୍ତି। ତାଙ୍କର କହିବାନୁଯାୟୀ, ଏହି ସମୟରେ ଦିଆଯାଇଥିବା ଋଣ ବ୍ୟାପକ ହାରରେ ଏନ୍‌ପିଏ(ଅନାଦାୟ ଋଣ) ହୋଇଯାଇଛି। ଫଳରେ ବ୍ୟାଙ୍କଗୁଡ଼ିକ ନୂଆ ଋଣ ଦେବାର କ୍ଷମତା ହରାଇଛନ୍ତି। ଅର୍ଥନୀତିକୁ ନେଇ ବିସ୍ଫୋରକ ବୟାନ ଦେବାର ଚବିଶ ଘଣ୍ଟା ନ ପୂରୁଣୁ ରାଜୀବ କୁମାର ନିଜ ବକ୍ତବ୍ୟରୁ ଓହରିଯାଇଛନ୍ତି। ଟୁଇଟ୍ ଜରିଆରେ ସଫେଇ ଦେଇ ସେ କହିଛନ୍ତି ଯେ,

☞ ପୃଷ୍ଠା–୪

### ସୀତାରାମନ୍‌ଙ୍କ ମାନ୍ଦାବସ୍ଥା ଦୂରେଇବା ଉଦ୍ୟମ



ଖବରଦାତା ସମ୍ମିଳନୀରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ।

### ପ୍ରମୁଖ ଘୋଷଣା

- ଶେୟାର ବଜାରରେ କ୍ୟାପିଟାଲ ଗେନ୍ସରୁ ସରଚାର୍ଜ ହଟିଲା
- ଷ୍ଟାର୍ଟଅପ୍ ଟ୍ୟାକ୍ସ ସମାଧାନ ପାଇଁ ସ୍ୱତନ୍ତ୍ର ସେଲ୍ ଗଠନ ହେବ
- ଋଣ ଆବେଦନକୁ ଅନ୍‌ଲାଇନରେ ନଜର ରଖି ହେବ
- ଋଣ ଫେରସ୍ତ ହେବାର ୧୫ ଦିନ ଭିତରେ ବନ୍ଧକ କାଗଜପତ୍ର ଫେରସ୍ତ
- ରେପୋ ରେଟ ସହ ସୁଧ ହାରକୁ ଯୋଡାଯିବ
- ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକୁ ଦିଆଯିବ ୭୦ ହଜାର କୋଟି
- ଡିମ୍ୟାଟ୍ ଆକାଉଣ୍ଟକୁ ଆଧାରଯୁକ୍ତ କେୱାଇସି
- ୨୦୨୦ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ କିଣାଯାଇଥିବା ବିଏସ୍-୪ ଗାଡ଼ି ବୈଧ ହେବ
- ଇଲେକ୍ଟ୍ରିକ ଓ ଇସିଭି ରେଜିଷ୍ଟ୍ରେଶନ ଜାରି ରହିବ
- ୩୦ ଦିନ ଭିତରେ ଜିଏସ୍‌ଟି ରିଫଣ୍ଡ



ପ୍ରବଳ ବର୍ଷା ଯୋଗୁ ଭୁବନେଶ୍ୱର ଇସ୍କନ ମନ୍ଦିର ସମ୍ମୁଖ ରାସ୍ତା ଉପରେ ଶୁକ୍ରବାର ପୂର୍ବାହ୍ନରେ ଅଣ୍ଟାଏ ଉଚ୍ଚର ପାଣି । (ଫଟୋ–ବିକାଶ ନାୟକ)

## ପୁରୀର ବିକାଶ ପାଇଁ ୫୦୦ କୋଟି ଟଙ୍କା

# ନିର୍ମାଣ ହେବ ଟ୍ରମ୍ଫେଟ୍ ସେତୁ, ହ୍ରଦ

ଭୁବନେଶ୍ୱର,୨୩।୮(ବ୍ୟୁରୋ)

ପୁରୀର ବିକାଶ ପାଇଁ ରାଜ୍ୟ ସରକାର ବିଭିନ୍ନ ପ୍ରକଳ୍ପ ଯୋଜନା କରିଛନ୍ତି। ଏଥିନିମନ୍ତେ ୫୦୦କୋଟି ଟଙ୍କା ଅନୁଦାନ ଘୋଷଣା କରିଛନ୍ତି। ଏହି ଅର୍ଥରେ ରାଜ୍ୟର ପ୍ରଥମ ଆଧୁନିକ ଟ୍ରମ୍ଫେଟ୍ ସେତୁ ନିର୍ମାଣ ହେବ। ତାହାର ନାମ ରହିବ ‘ଶ୍ରୀ ସେତୁ’। ଏହା ମାଳତୀପାଟପୁରରୁ ଜଗନ୍ନାଥ ବଲ୍ଲଭ ମଠକୁ ସଂଯୋଗ କରିବ। ଏଥିପାଇଁ ୧୯୦ କୋଟି ଟଙ୍କା ଖର୍ଚ୍ଚ କରାଯିବ। ଯାତ୍ରୀମାନେ ଏହି ସେତୁ ମାଧ୍ୟମରେ ଜଗନ୍ନାଥବଲ୍ଲଭ ମଠରେ ସିଧା ପହଞ୍ଚିପାରିବେ। ସେଠାରେ ବହୁତଳ ପାର୍କିଂ ବ୍ୟବସ୍ଥା କରାଯିବ। ଏହାସହିତ ଯାତ୍ରୀମାନଙ୍କୁ ବିଭିନ୍ନ ପ୍ରକାର ସୁବିଧା ଯଥା ୧୦ ହଜାର ଲୋକଙ୍କ ଲାଗି ଧ୍ୟାନ କେନ୍ଦ୍ର ନିର୍ମାଣ ସାଙ୍ଗକୁ ଦୋକାନ ବଜାରର ବ୍ୟବସ୍ଥା କରାଯିବ। ଏଥିଲାଗି ୧୮୦ କୋଟି ଟଙ୍କା ଖର୍ଚ୍ଚ ହେବ। ସେହିପରି ମୂଷା ନଦୀର ପୁନରୁଦ୍ଧାର କରାଯାଇ ଏହାକୁ ମଙ୍ଗଳା ନଦୀ ସହିତ ସଂଯୋଗ କରାଯିବ। ମୂଷା ନଦୀର ପରିବେଶରେ ଉନ୍ନତି ଅଣାଯିବ ଏବଂ ତାହାକୁ ରିଭରଫ୍ରଣ୍ଟ

☞ ପୃଷ୍ଠା–୪



ଟ୍ରମ୍ଫେଟ୍ ସେତୁର ନକ୍ସା



**ପୁରୀବାସୀଙ୍କ ସହଯୋଗ ଲୋଡ଼ିଲେ ମୁଖ୍ୟମନ୍ତ୍ରୀ**

୪






ସୁପରଷ୍ଟାର ଆମିର ଖାନ୍‌ଙ୍କ କନ୍ୟା ଇରା ଖାନ୍ 'ୟୁରିପାଇଡ୍ସ ମିଡିଆ' ଶୀର୍ଷକ ଥିଏଟର ପ୍ରଡକ୍ସନରେ ପ୍ରଥମକରି ନିର୍ଦ୍ଦେଶନା ଦେବାକୁ ଯାଉଛନ୍ତି। ଏକ ଦୁଃଖାନ୍ତ ଗ୍ରୀକ୍ କାହାଣୀ ଉପରେ ପ୍ରସ୍ତୁତ ହେଉଥିବା ଏହି ପ୍ଲେ ଦେଶର କେତେକ ବଛାବଛା ସହରରେ ପ୍ରଦର୍ଶିତ ହେବ।

# ପ୍ରିୟଙ୍କା ବ୍ୟକ୍ତିଗତ ମତ ଦେଇପାରିବେ: ଜାତିସଂଘ

**ଜାତିସଂଘ:** ୟୁନିସେଫ୍ ଗୁଡ୍‌ୱିଲ୍ ଆମ୍ବାସାଡର (ସଦିଚ୍ଛାମୂଳକ ରାଷ୍ଟ୍ରଦୂତ)ଭାବେ ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରାଙ୍କର ବ୍ୟକ୍ତିଗତ ମତ ଦେବା ଅଧିକାର ରହିଛି ବୋଲି ଜାତିସଂଘ ମୁଖପାତ୍ର ପ୍ରକାଶ କରିଛନ୍ତି। ପ୍ରିୟଙ୍କା ଭାରତୀୟ ବାୟୁସେନାକୁ ଉତ୍ସାହିତ କରିବାଭଳି ଏକ ଟୁଇଟ୍ କରିବା ପରେ ପାକିସ୍ତାନ ପକ୍ଷରୁ ତାଙ୍କୁ ତୀବ୍ର ସମାଲୋଚନା କରାଯାଇଥିଲା। ତାଙ୍କୁ ଉପରୋକ୍ତ ପଦରୁ ହଟାଇଦେବା ପାଇଁ ଜାତିସଂଘରେ ଆବେଦନ କରାଯାଇଥିଲା। ୟୁନିସେଫ୍‌ର ଗୁଡ୍‌ୱିଲ୍ ଆମ୍ବାସାଡରମାନେ ସେମାନଙ୍କ ବ୍ୟକ୍ତିଗତ ଦକ୍ଷତା ବଳରେ ନିଜ ଦେଶର ସ୍ୱାର୍ଥ ସହ ଜଡ଼ିତ ପ୍ରସଙ୍ଗ ଉପରେ ମତ ଦେବାର ଅଧିକାର ସେମାନଙ୍କର ରହିଛି ବୋଲି ଜାତିସଂଘର ମହା ସଚିବ ଆଣ୍ଟୋନିଓ ଗୁଟେରେସଙ୍କ ମୁଖପାତ୍ର ଷ୍ଟିଫାନେ ଡୁଜାରିକ୍ ଏ ସମ୍ପର୍କିତ ଏକ ପ୍ରଶ୍ନର ଉତ୍ତର ଦେଇ ପ୍ରକାଶ କରିଛନ୍ତି। ସେ ପୁଣି କହିଛନ୍ତି



ସେମାନଙ୍କର ବ୍ୟକ୍ତିଗତ ମତ ୟୁନିସେଫ୍ ଉପରେ କୌଣସି ପ୍ରଭାବ ପକାଇବ ନାହିଁ। କିନ୍ତୁ ସେମାନେ ୟୁନିସେଫ୍ ତରଫରୁ କହୁଥିବାବେଳେ ଉକ୍ତ ସଂସ୍ଥାର ପ୍ରମାଣଭିତ୍ତିକ ପକ୍ଷପାତହୀନ ସ୍ଥିତି ଉପରେ ପ୍ରାଧାନ୍ୟ ଦେବା ଉଚିତ। ପ୍ରିୟଙ୍କା ଫେବୃୟାରୀ ୨୬ରେ 'ଜୟ ହିନ୍ଦ୍ #ଇଣ୍ଡିଆନ୍ ଆର୍ମଡ ଫୋର୍ସେସ୍' ଭଳି ଏକ ବିବୃତି ଲେଖି ଏହା ଉପରେ ଭାରତୀୟ ପତାକା ଓ ନମସ୍ତେ ଲେଖି ଟୁଇଟ୍ କରିଥିଲେ। ତାଙ୍କର ଏହି ଟୁଇଟ୍ ପାଇଁ ତାଙ୍କୁ ଜାତିସଂଘର ଆମ୍ବାସାଡର ପଦରୁ ହଟାଇଦେବା ପାଇଁ ହଜାର ହଜାର ଦସ୍ତଖତ ସମ୍ବଳିତ ପତ୍ର ଅନଲାଇନ୍ ଯୋଗେ ଆବେଦନ କରାଯାଇଥିଲା। ଭାରତୀୟ ସଶସ୍ତ୍ର ସେନାକୁ ସମର୍ଥନ କରି ଟୁଇଟ କରିବା ଅଭିଯୋଗରେ ପାକିସ୍ତାନର ମାନବିକ ଅଧିକାର ମନ୍ତ୍ରୀ ଶିରୀନ ମଜାରୀ ଚଳିତ ସପ୍ତାହରେ ଜାତିସଂଘକୁ ଏକ ପତ୍ର ଲେଖି ଉକ୍ତ ପଦବୀରୁ ପ୍ରିୟଙ୍କାକୁ ହଟାଇଦେବା ପାଇଁ ଅନୁରୋଧ କରିଥିଲେ। ପ୍ରିୟଙ୍କା ଏଭଳି ଟୁଇଟ କରି ପାକିସ୍ତାନ ବିରୋଧରେ ଯୁଦ୍ଧକୁ ଉସୁକାଉଛନ୍ତି ବୋଲି ଶିରୀନ ଅଭିଯୋଗ କରିଛନ୍ତି।

## ଇତିହାସର ଆଇନାରେ

### ଅଗଷ୍ଟ ୨୪ର ପ୍ରମୁଖ ଘଟଣା

୧୯୪୯ ଅଗଷ୍ଟ ୨୪ରେ ନର୍ଥ ଆଟଲାଣ୍ଟିକ ଟ୍ରିଟି ଅର୍ଗାନାଇଜେଶନ୍ (ନାଟୋ) ଚୁକ୍ତି କାର୍ଯ୍ୟକାରୀ ହୋଇଥିଲା। ଏହାକୁ ମଧ ଉତ୍ତର ଆଟଲାଣ୍ଟିକ ମେଣ୍ଟ କୁହାଯାଏ।

୨୦୦୪ ଅଗଷ୍ଟ ୨୪ରେ ମସ୍କୋ ନିକଟବର୍ତ୍ତୀ ଡୋମୋଡେଡୋଭୋରୁ ଦୁଇଟି ବିମାନ ଉଡାଣ କରିବାପରେ ଏଗୁଡିକରେ ବିସ୍ଫୋରଣ ଘଟିବାରୁ ୮୯ଯାତ୍ରୀଙ୍କ ମୃତ୍ୟୁ ଘଟିଥିଲା। ଚେଚ୍‌ନିଆର ଦୁଇଜଣ ଆତ୍ମଘାତୀ ଏହି ବିସ୍ଫୋରଣ ଘଟାଇଥିଲେ।


# 'ବାଲାକୋଟ-ଦି ଟ୍ରୁ ଷ୍ଟୋରି'ରେ ବିବେକ



**ମୁମ୍ବାଇ:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବାୟୋପିକ୍ ପରେ ଅଭିନେତା ବିବେକ ଓବେରୟ ବାଲାକୋଟ ଏୟାରଷ୍ଟ୍ରାଇକ୍ ଉପରେ ନିର୍ମାଣ ହେବାକୁ ଯାଉଥିବା ଫିଲ୍ମରେ ଅଭିନୟ କରିବେ। ବାଲାକୋଟର ଆତଙ୍କବାଦୀ ଶିବିର ଉପରେ ଭାରତୀୟ ବାୟୁସେନାର ଆକାଶମାର୍ଗରୁ ଆକ୍ରମଣ ଭଳି ଏକ ସତ୍ୟକାହାଣୀ ଆଧାରିତ ଫିଲ୍ମ ନିର୍ମାଣ ପାଇଁ ବିବେକ ପ୍ରସ୍ତୁତ ଥିବା କହିଛନ୍ତି।

'ବାଲାକୋଟ-ଦି ଟ୍ରୁ ଷ୍ଟୋରି' ଶୀର୍ଷକ ଏହି ଫିଲ୍ମ ହିନ୍ଦୀ, ତାମିଲ ଓ ତେଲୁଗୁ ଭାଷାରେ ନିର୍ମାଣ ହେବାକୁ ଯାଉଛି। ଏହି ତ୍ରିଭାଷୀ ଫିଲ୍ମରେ ଭାରତୀୟ ବାୟୁସେନାର ବାସ୍ତବ ତଥ୍ୟ, ସାହସିକତା, ବଳିଷ୍ଠ ରାଜନୈତିକ ଇଚ୍ଛାଶକ୍ତି ସମେତ ରଣକୌଶଳ ଯୋଜନା ଆଦି ପ୍ରଦର୍ଶିତ ହେବ ବୋଲି ଫିଲ୍ମ ନିର୍ମାତା ଏକ ବିବୃତିରେ ପ୍ରକାଶ କରିଛନ୍ତି। ଏଥିରେ ମଧ ବୀର ଯବାନ ୱିଙ୍ଗ୍ କମାଣ୍ଡର ଅଭିନନ୍ଦନ ବର୍ଥମାନଙ୍କ ଅପୂର୍ବ ସାହସିକତାର କାହାଣୀ ସ୍ଥାନ ପାଇବ। ବର୍ଥମାନ ଉଡାଉଥିବା ବାୟୁସେନା ବିମାନକୁ ପାକିସ୍ତାନୀ ସେନା ଆକ୍ରମଣ କରି ତଳକୁ ଖସାଇଦେବା ପରେ ସେ ଆକାଶଛତା ଯୋଗେ ପାକିସ୍ତାନ ମାଟିରେ ଓହ୍ଲାଇଥିଲେ। ଶତ୍ରୁସେନା ତାଙ୍କୁ ଧରିନେଇ ୩ଦିନ ନିଜ କବ୍‌ଜାରେ ରଖିଥିଲେ। ସେହି ସମୟରେ ତାଙ୍କ ପ୍ରତି କିପରି ବ୍ୟବହାର ପ୍ରଦର୍ଶନ କରାଯାଇଥିଲା ତାହା ମଧ ଉକ୍ତ କାହାଣୀରେ ସ୍ଥାନ ପାଇବ। ଏ ସମ୍ପର୍କରେ ଓବେରୟ କହନ୍ତି, 'ଅଭିନନ୍ଦନଙ୍କ ସଫଳତାରେ ପ୍ରତ୍ୟେକ ଭାରତୀୟ ଗର୍ବିତ। ଆମ ସଶସ୍ତ୍ର ସେନା ବାସ୍ତବରେ କେତେ ଦକ୍ଷ ତାହାକୁ ପ୍ରଚାର ପ୍ରସାର କରିବା ଜଣେ ଭାରତୀୟ, ଦେଶପ୍ରେମୀ ଏବଂ ଫିଲ୍ମ ଭ୍ରାତୃତ୍ୱ ସଦସ୍ୟ ଭାବେ ଏହା ମୋର କର୍ତ୍ତବ୍ୟ।'

ଏହି ଫିଲ୍ମ ନିର୍ମାଣ ପାଇଁ ବାସ୍ତବ ଘଟଣାର ପ୍ରତ୍ୟକ୍ଷଦର୍ଶୀଙ୍କ ସହାୟତା ନିଆଯିବ ବୋଲି ନିର୍ମାତା ପ୍ରକାଶ କରିଛନ୍ତି। ଚଳିତ ବର୍ଷ ଫେବୃୟାରୀରେ ପୁଲଓ୍ୱାମାଠାରେ ପାକିସ୍ତାନୀ ଆତଙ୍କବାଦୀ ଆକ୍ରମଣରେ ୪୦ ସିଆର୍‌ପିଏଫ୍ ଯବାନ ନିହତ ହେବା ପରେ ଭାରତୀୟ ବାୟୁସେନା ଏହାର କଡା ଜବାବ ଦେବାକୁ ଯାଇ ବାଲାକୋଟସ୍ଥିତ ଜୈଶ-ଇ-ମହମ୍ମଦ ଆତଙ୍କବାଦୀ ଶିବିର ଉପରେ ପ୍ରଚଣ୍ଡ ଆକ୍ରମଣ କରିଥିଲା। ବାଲାକୋଟ ଉପରେ ଆକାଶମାର୍ଗରୁ ଆକ୍ରମଣ ଭାରତୀୟ ବାୟୁସେନାର ଅନ୍ୟତମ ଯୋଜନାବଦ୍ଧ ବିଷୟ ଥିଲା ବୋଲି ଓବେରୟ ପ୍ରକାଶ କରିଛନ୍ତି। ଉକ୍ତ ଫିଲ୍ମର ଶୁଟିଂ ଜମ୍ମୁ-କଶ୍ମୀର, ଦିଲ୍ଲୀ ଓ ଆଗ୍ରାରେ ହେବ। ଚଳିତ ବର୍ଷ ଶେଷସୁଦ୍ଧା ଏହା ପ୍ରେକ୍ଷାଳୟରେ ପ୍ରଦର୍ଶିତ ହେବା ସମ୍ଭାବନା ଅଛି।



ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ-**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ମେଘୁଆ ରହିବ।


**ସ୍ଥାନୀୟ ଅଞ୍ଚଳ-** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଆକାଶ ମେଘାଚ୍ଛନ୍ନ ରହିବା ସହିତ ବର୍ଷା ହେବାର ସମ୍ଭାବନା ଅଛି। ଶନିବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୦ ଡିଗ୍ରୀ ଏବଂ ସର୍ବନିମ୍ନ ୨୫ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି।

ଶୁକ୍ରବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୨.୧ | ୨୪.୦ |
| ଚାନ୍ଦବାଲି | ୩୨.୨ | ୨୪.୨ |
| କଟକ | ୨୯.୪ | ୨୪.୦ |
| ପାରାଦ୍ୱୀପ | ୩୧.୬ | ୨୫.୨ |
| ଭୁବନେଶ୍ୱର | ୩୦.୦ | ୨୫.୮ |
| ଗୋପାଳପୁର | ୩୩.୦ | ୨୭.୩ |
| ପୁରୀ | ୩୧.୪ | ୨୫.୦ |
| ଅନୁଗୋଳ | ୩୦.୧ | ୨୧.୦ |
| ବାରିପଦା | --- | ୨୪.୪ |
| ଝାରସୁଗୁଡ଼ା | ୩୧.୬ | ୨୫.୨ |
| କେନ୍ଦୁଝର | ୨୭.୯ | ୨୪.୩ |
| ସମ୍ବଲପୁର | ୩୩.୩ | ୨୫.୫ |
| ସୁନ୍ଦରଗଡ଼ | ୨୯.୦ | ୨୨.୦ |
| ହୀରାକୁଦ | ୩୦.୪ | ୨୬.୫ |
| ତାଳଚେର | ୩୨.୧ | ୨୩.୩ |
| ଭବାନୀପାଟଣା | ୩୨.୫ | ୨୫.୦ |
| ବଲାଙ୍ଗୀର | ୩୧.୫ | ୨୫.୫ |
| କୋରାପୁଟ | ୨୯.୬ | ୨୦.୨ |
| ଫୁଲବାଣୀ | ୨୮.୦ | ୨୨.୩ |
| ଟିଟିଲାଗଡ଼ | --- | ୨୨.୦ |
| ମାଲକାନଗିରି | ୨୭.୦ | ୧୮.୦ |
| ସୋନପୁର | ୩୨.୮ | ୨୨.୪ |
| ଦାରିଙ୍ଗିବାଡ଼ି | ୨୯.୦ | ୧୮.୦ |

ଡିଗ୍ରୀ ସେଲ୍‌ସିୟସ୍




# ଆଜିଠାରୁ ଭୁବନେଶ୍ୱର-ଜୁନାଗଡ଼ ସ୍ୱତନ୍ତ୍ର ଟ୍ରେନ

**ଭୁବନେଶ୍ୱର, ୨୩।୮ (ବ୍ୟୁରୋ):** କଳାହାଣ୍ଡିବାସୀଙ୍କ ପାଇଁ ଖୁସି ଖବର। ଭୁବନେଶ୍ୱରରୁ ଜୁନାଗଡ଼ ପର୍ଯ୍ୟନ୍ତ ସ୍ୱତନ୍ତ୍ର ଭାବେ ଚାଲିବ ଟ୍ରେନ୍। ଭୁବନେଶ୍ୱର-ଜୁନାଗଡ଼ ରୋଡ୍-ଭୁବନେଶ୍ୱର ଏକ୍ସପ୍ରେସ (ନଂ.୧୮୪୩୭-୧୮୪୩୮) ଶନିବାରଠାରୁ ଯାତ୍ରା ଆରମ୍ଭ କରିବ। ପୂର୍ବରୁ ହୀରାଖଣ୍ଡ ଏକ୍ସପ୍ରେସ ସହ ଯୋଡ଼ି ହୋଇ ଜୁନାଗଡ଼ ଯାଉଥିଲା ଟ୍ରେନ୍। ପ୍ରଥମେ ଟ୍ରେନ୍‌ଟି ରାୟଗଡା ପର୍ଯ୍ୟନ୍ତ ଯିବାପରେ ସେଠାରୁ ଅଲଗା ହୋଇ ଆଉ ଏକ ଇଞ୍ଜିନ ସହ ଜୁନାଗଡ ଯାତ୍ରା କରୁଥିଲା। ହେଲେ ଏଣିକି ସ୍ୱତନ୍ତ୍ର ଟ୍ରେନ୍ ସେବା ମିଳିବ। ଶନିବାର କେନ୍ଦ୍ର ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହି ଟ୍ରେନ୍‌କୁ ଭୁବନେଶ୍ୱରସ୍ଥିତ ପୂର୍ବତଟ ରେଳପଥ ମୁଖ୍ୟାଳୟରୁ ଭିଡିଓ କନ୍‌ଫରେନ୍ସ ଜରିଆରେ ଉଦ୍‌ଘାଟନ କରିବେ। ଏହାପରେ ଅପରାହ୍ନ ୪ଟା ୩୦ରେ ପ୍ରଥମେ ଟ୍ରେନ୍‌ଟି ଜୁନାଗଡ଼ଠାରୁ ଭୁବନେଶ୍ୱର ଅଭିମୁଖେ ଯାତ୍ରା କରିବ।

- ଅଣସଂରକ୍ଷିତ ଟିକଟରେ ରହିବ ଓଡ଼ିଆ ଭାଷା
- ଉଦ୍‌ଘାଟନ କରିବେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

ତେବେ ଟ୍ରେନ୍‌ଟି ପ୍ରତିଦିନ ଭୁବନେଶ୍ୱରରୁ ରାତି ୧୦ଟା ୩୫ରେ ବାହାରି ପରଦିନ ୧୧ଟା ୩୦ରେ ଜୁନାଗଡ଼ରେ ପହଞ୍ଚିବ। ସେହିପରି ଜୁନାଗଡ଼ ରୋଡ୍‌ରୁ ଅପରାହ୍ନ ୪ଟା ୩୦ରେ ଯାତ୍ରା ଆରମ୍ଭ କରି ପରଦିନ ସକାଳ ୬ଟା ୩୦ରେ ଭୁବନେଶ୍ୱର ମୁଖ୍ୟ ରେଳ ଷ୍ଟେଶନରେ ପହଞ୍ଚିବ ବୋଲି ପୂର୍ବତଟ ରେଳପଥ ପକ୍ଷରୁ ସୂଚନା ମିଳିଛି। ଏଥିରେ ମୋଟ ୧୮ କୋଚ ରହିବ। ଏଥିମଧ୍ୟରୁ ଏସ୍‌ଏଲ୍‌ଆର୍ ବଗି ୨, ସାଧାରଣ ଦ୍ୱିତୀୟ ଶ୍ରେଣୀ ୫, ଦ୍ୱିତୀୟ ଶ୍ରେଣୀ ଏସି ୧, ତୃତୀୟ ଶ୍ରେଣୀ ଏସି ୩, ଯୁଗ୍ମ ଭାବେ ଦ୍ୱିତୀୟ ଶ୍ରେଣୀ ଏସି ଓ ତୃତୀୟ ଶ୍ରେଣୀ ଏସି ମିଶି ଗୋଟିଏ ବଗି ସହ ୭ ଶୟନଯାନ ରହିବ। ପୂର୍ବଭଳି ଏହି ଟ୍ରେନ୍‌ରେ କିନ୍ତୁ ପ୍ୟାଣ୍ଟ୍ରି କାର ରହିବ ନାହିଁ।

ଅନ୍ୟପକ୍ଷରେ ଶନିବାରଠାରୁ ଅଣସଂରକ୍ଷିତ ଟିକଟରେ ଓଡ଼ିଶା ଭାଷା ରହିବ। ରାଜ୍ୟର ସମସ୍ତ ଷ୍ଟେଶନରେ ଏହା ଉପଲବ୍ଧ ହେବ। ପୂର୍ବରୁ ଏହି ଟିକଟରେ କେବଳ ଇଂଲିଶ ଓ ହିନ୍ଦୀ ଭାଷାରେ ବିବରଣୀ ରହୁଥିଲା। ଏଣିକି ଏହି ଦୁଇ ଭାଷା ସହ ଓଡ଼ିଆ ରହିବାର ବ୍ୟବସ୍ଥା ହୋଇଥିବା ପୂର୍ବତଟ ରେଳପଥ ପକ୍ଷରୁ ସୂଚନା ଦିଆଯାଇଛି।

ATTRACTIVE BUSINESS OPPORTUNITY IN BHUBANESWAR

A leading national coaching institute for IIT-JEE & Medical preparation is seeking partner/investor for its Bhubaneswar Centre.

- Operational from last 4 years
- Delivering good results
- Centre spread over 5000 sqft
- Complete setup in place
- Currently 300+ plus students enrolled.

INTERESTED! Email us with complete details at bhubaneswar.invest@gmail.com

Minimum Investment required - INR 50 Lakhs









## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଦିବ୍ୟାଂଶା
ପରିବାରବର୍ଗ


ଦିବ୍ୟାଂଶୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ପ୍ରଥମ ପୃଷ୍ଠାରୁ...

## ଖରାପ ସ୍ଥିତିରେ ...

ତାଙ୍କ ବୟାନକୁ ମିଡିଆରେ ଭୁଲ୍ ଭାବେ ଉପସ୍ଥାପନ କରାଯାଇଛି। ଅନ୍ୟପକ୍ଷରେ ଦେଶର ଅର୍ଥନୀତିକୁ ମାନ୍ଦାବସ୍ଥାରୁ ବାହାର କରିବା ଲାଗି କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଶୁକ୍ରବାର ଏକାଧିକ ଆର୍ଥିକ ପ୍ରୋତ୍ସାହନ ଘୋଷଣା କରିବାଦ୍ୱାରା ଉଦ୍ୟୋଗ ଓ ବ୍ୟାଙ୍କିଙ୍ଗ ସିଷ୍ଟମରେ ଅଧିକ ନଗଦ ପ୍ରବେଶ ସମ୍ଭବ ହେବ। ଦେଶର ଆର୍ଥିକ ସ୍ଥିତି ସମ୍ପର୍କରେ ଉଲ୍ଲେଖ କରିବାକୁ ଯାଇ ସୀତାରାମନ୍ ଶୁକ୍ରବାର ଏଠାରେ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି ଯେ, ସାରା ବିଶ୍ୱ ଏବେ ମାନ୍ଦାବସ୍ଥାର ସାମ୍ନା କରୁଛି। ତେବେ ବିଶ୍ୱ ମୁକାବିଲାରେ ଭାରତର ଅର୍ଥନୀତି ଭଲ ସ୍ଥିତିରେ ରହିଛି। ବିଶ୍ୱରେ ଦେଖାଦେଇଥିବା ମାନ୍ଦାବସ୍ଥାକୁ ବୁଝିବାକୁ ହେବ। ଆର୍ଥିକ ସଂସ୍କାର ଏକ ନିରନ୍ତର ପ୍ରକ୍ରିୟା ଏବଂ ଦେଶରେ କ୍ରମାଗତ ଆର୍ଥିକ ସଂସ୍କାର ଧାରା ଜାରି ରହିଛି। ଭାରତର ଅର୍ଥନୀତି ଅନ୍ୟ ଦେଶ ତୁଳନାରେ ଅଧିକ ଉନ୍ନତ। ଏହି ଅବସରରେ ସେ କହିଛନ୍ତି ଯେ, ଏଣିକି ଟିକସ ନୋଟିସ କେନ୍ଦ୍ରୀୟ ସିଷ୍ଟମ ମାଧ୍ୟମରେ ଦିଆଯିବ ଏବଂ କାହାକୁ ହଇରାଣ କରାଯିବ ନାହିଁ। ଅକ୍ଟୋବର ପହିଲାରୁ କେନ୍ଦ୍ରୀୟ ସିଷ୍ଟମ ଜରିଆରେ ନୋଟିସ ପଠାଯିବ। ଶେୟାର ଓ ମ୍ୟୁଚୁଆଲ ଫଣ୍ଡରେ ଲାଗୁ ହୋଇଥିବା ଲଙ୍ଗ ଟର୍ମ ଏବଂ ସର୍ଟ ଟର୍ମ କ୍ୟାପିଟାଲ ଗେନ୍ସ ଉପରେ ଅତିରିକ୍ତ ସରଚାର୍ଜକୁ ପ୍ରତ୍ୟାହାର କରାଯିବ। ଏହାସହ ଏଥିରୁ ମିଳୁଥିବା ଲାଭକୁ ଟିକସମୁକ୍ତ କରାଯାଇଛି। ସେହିପରି ଫରେନ ପୋର୍ଟଫୋଲିଓ ଇନ୍‌ଭେଷ୍ଟମେଣ୍ଟ(ଏଫ୍‌ପିଆଇ) ଉପରେ ଲାଗୁଥିବା ସରଚାର୍ଜ ପ୍ରତ୍ୟାହାର ହେବ। ଫଳରେ ବଜେଟ ପୂର୍ବ ସ୍ଥିତି ପୁଣି କାଏମ ରହିବ। କର୍ପୋରେଟ ସୋସିଆଲ ରେସ୍‌ପନ୍ସିବିଲିଟି (ସିଏସ୍‌ଆର)କୁ ଏଣିକି ଆପରାଧିକ ବ୍ୟବସ୍ଥାରୁ ବାଦ୍ ଦିଆଯାଇଛି। ତ୍ରୁଟିବିଚ୍ୟୁତି ପାଇଁ କେବଳ ସିଭିଲ ମାମଲା କରାଯିବ। ସୀତାରାମନ୍ କହିଛନ୍ତି ଯେ, ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକୁ ୭୦ ହଜାର କୋଟି ଟଙ୍କା ପ୍ରଦାନ କରାଯିବ। ଫଳରେ ସେମାନେ ସହଜରେ ଋଣ ଦେଇ ପାରିବେ। ବ୍ୟାଙ୍କଗୁଡ଼ିକର ସୁଧ ହାରକୁ ଆର୍‌ବିଆଇ ଦ୍ୱାରା ଘୋଷଣା ହେଉଥିବା ରେପୋ ରେଟ ସହ ଯୋଡାଯିବ। ଏହାଦ୍ୱାରା ସମସ୍ତ ପ୍ରକାର ଋଣ ଶସ୍ତା ହେବ। ଷ୍ଟାର୍ଟଅପ୍ ଟିକସର ସମାଧାନ ଲାଗି ସ୍ୱତନ୍ତ୍ର ସେଲ୍ ଗଠନ କରାଯିବ। ଋଣ ଆବେଦନଗୁଡ଼ିକୁ ଏଣିକି ଅନ୍‌ଲାଇନରେ ଦେଖିହେବ। ଋଣ ଫେରସ୍ତ ହେବା ୧୫ ଦିନ ଭିତରେ ସମସ୍ତ ବନ୍ଧକ କାଗଜପତ୍ର ଗ୍ରାହକଙ୍କୁ ଫେରାଇବାକୁ ହେବ। ଡିମ୍ୟାଟ୍ ଆକାଉଣ୍ଟ ଲାଗି ଆଧାରଯୁକ୍ତ କେୱାଇସି ବ୍ୟବସ୍ଥା ଲାଗୁ ହେବ। ଅଟୋ ସେକ୍ଟର ପାଇଁ ପ୍ରୋତ୍ସାହନ ଘୋଷଣା କରି ଅର୍ଥମନ୍ତ୍ରୀ କହିଛନ୍ତି ଯେ, ଏଣିକି ୨୦୨୦ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ କିଣାଯାଇଥିବା ବିଏସ୍-୪ ଗାଡ଼ିକୁ ସରକାର ମାନ୍ୟତା ପ୍ରଦାନ କରିବେ। ଏହା ପଞ୍ଜୀକରଣ ଅବଧି ଶେଷ ପର୍ଯ୍ୟନ୍ତ ବଳବତ୍ତର ରହିବ। ଇଲେକ୍ଟ୍ରି ଓ ଇଣ୍ଟରନାଲ କମ୍ବଶନ ଭେହିକିଲ(ଇସିଭି)ର ରେଜିଷ୍ଟ୍ରେଶନ ଜାରି ରହିବ। ୱାନ୍ ଟାଇମ ରେଜିଷ୍ଟ୍ରେଶନ ଫିଜ୍‌କୁ ଜୁନ୍ ୨୦୨୦ ପର୍ଯ୍ୟନ୍ତ ବଢ଼ାଇ ଦିଆଯାଇଛି। ବକେୟା ଜିଏସ୍‌ଟି ରିଫଣ୍ଡକୁ ୩୦ ଦିନ ଭିତରେ ପ୍ରଦାନ କରାଯିବ। ଷ୍ଟାର୍ଟଅପ୍‌ଙ୍କ ଠାରୁ ଆଞ୍ଜେଲ ଟିକସ ଆଦାୟ କରାଯିବ ନାହିଁ। ପୁରୁଣା ଗାଡ଼ି ବାଦ୍ ଦେବା ନେଇ ସରକାର ଖୁବଶୀଘ୍ର ଏକ ନୀତି ଘୋଷଣା କରିବେ। ମାର୍ଚ୍ଚ ୨୦୨୦ ପର୍ଯ୍ୟନ୍ତ ଗାଡ଼ି ଉପରେ ୧୫% ଅତିରିକ୍ତ ଡେପ୍ରିସିଏଶନକୁ ସରକାର ଅନୁମତି ଦେଇଛନ୍ତି।

**କିଛି ତଥ୍ୟ**

ଚଳିତ ବର୍ଷ ବର୍ତ୍ତମାନ ସମୟ ପର୍ଯ୍ୟନ୍ତ ୯୭୫ ଲକ୍ଷ ହେକ୍ଟର ଜମିରେ ଖରିଫ ଚାଷ ହୋଇଛି। ଏହା ଗତ ବର୍ଷ ସମାନ ସମୟ ତୁଳନାରେ ପ୍ରାୟ ୨% କମ୍।
**-କୃଷି ମନ୍ତ୍ରଣାଳୟ**

# ପୁରୀବାସୀଙ୍କ ସହଯୋଗ ଲୋଡ଼ିଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୩।୮(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୁରୀ ପାଇଁ ୫୦୦ କୋଟି ଟଙ୍କାର ପ୍ରକଳ୍ପ ଘୋଷଣା କରିବା ପରେ ଏକ ବାର୍ତ୍ତା ସହରବାସୀଙ୍କ ପାଇଁ ଦେଇଛନ୍ତି। ସେ ଜୟ ଜଗନ୍ନାଥରୁ ଆରମ୍ଭ କରି କହିଛନ୍ତି, ଜଗନ୍ନାଥଙ୍କୁ ସ୍ମରଣ କରି କାର୍ଯ୍ୟ ଆରମ୍ଭ କଲେ ଶୁଭ ହୋଇଥାଏ। ଏହା ଓଡ଼ିଆ ଜାତିର ବିଶ୍ୱାସ। ପୁରୀ ହେଉଛି ଓଡ଼ିଆ ଜାତିର ପ୍ରାଣକେନ୍ଦ୍ର। ମହାପ୍ରଭୁ ହେଉଛନ୍ତି ସମସ୍ତଙ୍କ ଆତ୍ମା। ଶହ ଶହ ବର୍ଷ ଧରି ମହାପ୍ରଭୁ ପାତାଳି ହୋଇ ରହିଥିଲେ। ବହୁ ବର୍ଷ ପବିତ୍ର ରଥଯାତ୍ରା ମଧ୍ୟ ବନ୍ଦ ହୋଇଯାଇଥିଲା। କିନ୍ତୁ ଓଡ଼ିଆ ଜାତିକୁ ତା'ର ଆତ୍ମା ମହାପ୍ରଭୁ ଜଗନ୍ନାଥଙ୍କଠାରୁ କେହି ଅଲଗା କରିପାରିନାହିଁ। ବିଶର ମହାନ୍ତିଙ୍କ ତ୍ୟାଗ ଏ ଜାତି କେବେହେଲେ ଭୁଲିନାହିଁ। ବର୍ତ୍ତମାନ ସାରା ବିଶ୍ୱ ପାଇଁ ଆତଙ୍କବାଦ ଏକ ବଡ଼ ସମସ୍ୟା ଭାବେ ଦେଖାଦେଇଛି। ଆତଙ୍କବାଦର ଧର୍ମ ନାହିଁ। ବିଭିନ୍ନ ଧର୍ମ ଅନୁଷ୍ଠାନଗୁଡିକୁ ସେମାନେ ଟାର୍ଗେଟ କରୁଛନ୍ତି। ସେଥିଲାଗି ଶ୍ରୀମନ୍ଦିର ନିରାପତ୍ତା ପାଇଁ ଆସିଥିବା ସୁପାରିସକୁ କାର୍ଯ୍ୟକାରୀ କରିବା ନିତାନ୍ତ ଜରୁରୀ। ଏହାଦ୍ୱାରା କେତେକ ପରିବାର ପ୍ରଭାବିତ ହୋଇପାରନ୍ତି। ମାତ୍ର ଶ୍ରୀମନ୍ଦିର ନିରାପତ୍ତା ସକାଶେ ଏହି ତ୍ୟାଗ ଗୁରୁତ୍ୱପୂର୍ଣ୍ଣ। ଭବିଷ୍ୟତ ପିଢିଙ୍କ ଲାଗି ଶ୍ରୀମନ୍ଦିର ସୁରକ୍ଷା ରଖିବା ନିତାନ୍ତ ଜରୁରୀ। ଏହା ଜଗନ୍ନାଥଙ୍କ ସେବା ଭାବି ସହଯୋଗ କରନ୍ତୁ। ଏହି ତ୍ୟାଗକୁ ସବୁବେଳେ ଓଡ଼ିଆ ଜାତି ମନେରଖିବ। ସ୍ଥାନାନ୍ତରିତ ପ୍ରକ୍ରିୟାରେ ଯେଉଁମାନଙ୍କ ଘର କିମ୍ବା ଦୋକାନ ଉଚ୍ଛେଦ ହେବ ସେମାନଙ୍କୁ ଠିକ୍ ଭାବରେ ଥଇଥାନ କରାଯିବ। ସେହିପରି ସିକ୍ୟୁରିଟି ଜୋନ୍ ମଧ୍ୟରେ ଆସୁଥିବା ମଠଗୁଡିକୁ ପୁଣିଥରେ ଗଢ଼ିବାରେ ରାଜ୍ୟ ସରକାର ପୂରା ସହଯୋଗ କରିବେ। ପ୍ରଥମ ପର୍ଯ୍ୟାୟରେ ଏଥିଲାଗି ୧୦୦ କୋଟି ଟଙ୍କା ରଖାଯାଇଛି ବୋଲି ସେ କହିଛନ୍ତି।

ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, ବାତ୍ୟା ଫନୀର ମାସେ ପରେ ପୁରୀ ଯାଇଥିଲି। ସେତେବେଳେ ମହାପ୍ରଭୁଙ୍କ ପବିତ୍ର ଧାମ ପୁରୀର ଅବସ୍ଥା ଦେଖି ବହୁତ କଷ୍ଟ ଲାଗିଥିଲା। ସେହିଦିନଠାରୁ ପୁରୀକୁ ବିଶ୍ୱ ଐତିହ୍ୟସ୍ଥଳୀ ଭାବେ ଗଢିବା ଲାଗି ସଂକଳ୍ପ ନେଇଥିଲି। ନିକଟରେ ପୁରୀର ଭିତ୍ତିଭୂମି ବିକାଶ ପାଇଁ ରାଜ୍ୟ ସରକାର ୨୬୫ କୋଟି ଟଙ୍କା ମଞ୍ଜୁର କରିଥିଲେ। ଶୁକ୍ରବାର ପୁଣିଥରେ ୫୦୦କୋଟି ଟଙ୍କା ମଞ୍ଜୁର କରାଯାଇଛି। ପୁରୀରେ ରାଜ୍ୟର ପ୍ରଥମ ଟ୍ରମ୍ପେଟ୍ ବ୍ରିଜ ତିଆରି ହେବ। ଜଗନ୍ନାଥ ଓଡ଼ିଶାର ସବୁଠାରୁ ବଡ ପରିଚୟ। ପୁରୀଧାମର ଗରିମା ବୃଦ୍ଧି ଦିଗରେ ହେଉଥିବା ଉଦ୍ୟମର ସଫଳତା ପାଇଁ ସମସ୍ତଙ୍କ ସହଯୋଗ ଚାହିଁବା ସହ ସମସ୍ତଙ୍କ ଆଶୀର୍ବାଦ କାମନା କରୁଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

## ନିର୍ମାଣ ହେବ ଟ୍ରମ୍ପେଟ୍...

ପର୍ଯ୍ୟଟନ ଭାବେ ବିକାଶ କରାଯିବ। ଏଥିଲାଗି ୮୫ କୋଟି ଟଙ୍କା ଖର୍ଚ୍ଚ ହେବ। ସେହିପରି ପୁରୀଠାରେ ୩୫ କୋଟି ଟଙ୍କା ଖର୍ଚ୍ଚ କରାଯାଇ ୨୮ ଏକର ଜମିରେ ଏକ ହ୍ରଦର ବିକାଶ କରାଯିବ। ଲୋକସେବା ଭବନଠାରେ ଶୁକ୍ରବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଏଭଳି ନିଷ୍ପତ୍ତି ନିଆଯାଇଛି। ୫ କୋଟି ଟଙ୍କାରେ ଅଠରନଳାର ସୌନ୍ଦର୍ଯ୍ୟକରଣ ଓ ଆଲୋକୀକରଣ କରାଯିବ। ଏଥିପାଇଁ ଏଏସ୍‌ଆଇର ସହଯୋଗ ନିଆଯିବ। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ପୁରୀକୁ ବିଶ୍ୱ ଐତିହ୍ୟନଗରୀ ଭାବରେ ଗଢ଼ିତୋଳିବା ପାଇଁ ସେଠାରେ ଭିତ୍ତିଭୂମିର ବିକାଶ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ଏହାସହିତ ଶ୍ରୀମନ୍ଦିରର ନିରାପତ୍ତା ଅତ୍ୟନ୍ତ ଜରୁରୀ। ଶ୍ରୀମନ୍ଦିର ସୁରକ୍ଷା ସହିତ କୌଣସି ପ୍ରକାର ସାଲିସ କରାଯାଇପାରିବ ନାହିଁ। ଶ୍ରୀମନ୍ଦିର ନିରାପତ୍ତା ଜୋନ୍ ମଧ୍ୟରେ ଆସୁଥିବା ମଠ, ଦୋକାନ, ଘର ହଟାଯିବ। ସରକାର ଦୋକାନ ପାଇଁ ଦୋକାନ ଓ ଘର ପାଇଁ ଘର ଯୋଗାଇଦେବା ସହିତ ଥଇଥାନ ପ୍ୟାକେଜ କାର୍ଯ୍ୟକାରୀ କରିବେ। ଯେଉଁ ମଠଗୁଡିକୁ ସ୍ଥାନାନ୍ତର କରାଯିବ ତାହାର କୀର୍ତ୍ତିଗୁଡିକର ସୁରକ୍ଷା ଉପରେ ଗୁରୁତ୍ୱ ଦିଆଯିବ। ଜଗନ୍ନାଥଙ୍କ ନୀତି ସହିତ ମଠଗୁଡିକର ସ୍ୱତନ୍ତ୍ର ସମ୍ପର୍କ ରହିଛି। ତେଣୁ ମଠଗୁଡିକର କ୍ଷତି ନ ହେବା ଦିଗରେ ସରକାର ଯତ୍ନବାନ ଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି। ପୁରୀରେ ଥିବା ତୀର୍ଥ ପୁଷ୍କରିଣୀ ଯଥା ଶ୍ୱେତଗଙ୍ଗା, ମାର୍କଣ୍ଡ, ନରେନ୍ଦ୍ର ଓ ଇନ୍ଦ୍ରଦ୍ୟୁମ୍ନ ପୁଷ୍କରିଣୀଗୁଡିକର ପୁନରୁଦ୍ଧାର କରାଯିବା ସହିତ ଐତିହ୍ୟସ୍ଥଳୀର ସଂରକ୍ଷଣ କରାଯିବ। ଏହିସବୁ କାର୍ଯ୍ୟ ୨ ବର୍ଷ ମଧ୍ୟରେ ଶେଷ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଓଡ଼ିଶା ସେତୁ ଓ ନିର୍ମାଣ ନିଗମ ପ୍ରକଳ୍ପ ଦାୟିତ୍ୱ ନେବ। ବୈଠକରେ ଆଇନ ମନ୍ତ୍ରୀ ପ୍ରତାପ ଜେନା, ମୁଖ୍ୟ ଶାସନ ସଚିବ ଅସିତ୍ ତ୍ରିପାଠୀ, ଉନ୍ନୟନ କମିଶନର ସୁରେଶ ମହାପାତ୍ର, ପୋଲିସ ମହାନିର୍ଦ୍ଦେଶକ ବିଜୟ କୁମାର ଶର୍ମା ଏବଂ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ କ୍ରିଷନ୍ କୁମାର ପ୍ରମୁଖ ଉପସ୍ଥିତ ଥିଲେ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
କର୍ମକ୍ଷେତ୍ରରେ ପାରିପାର୍ଶ୍ୱିକ ପରିସ୍ଥିତି କେତେକାଂଶରେ ଭଲ ରହିବା କାରଣରୁ କାମଗୁଡ଼ିକ ଅଟକିବ ନାହିଁ। ସହକର୍ମୀ କିମ୍ବା ବନ୍ଧୁମାନଙ୍କ ଅନୁରୋଧବଶତଃ ଦୂରଯାତ୍ରା କରିବାକୁ ପଡ଼ିପାରେ। ସାମାଜିକ ସ୍ତରରେ ସାହିତ୍ୟ, କଳା, ସଙ୍ଗୀତ, ଚଳଚ୍ଚିତ୍ର ଓ ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ। ନିଜ ଲୋକଙ୍କ ପକ୍ଷପାତିତାକୁ ଦେଖି ବ୍ୟସ୍ତ ହେବେ।

**ବୃଷ**
କର୍ମକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼ିପାରେ। ଆନୁଷ୍ଠାନିକ କ୍ଷେତ୍ରରେ ଗଠନମୂଳକ କାର୍ଯ୍ୟର ଗତି ମନ୍ଥର ହେବ। ଘରୋଇ କଳହକୁ ନେଇ ଅଶାନ୍ତି ଲାଗିରହିବାର ଆଶଙ୍କା ରହିଛି। ପରିବାରରେ ଭୁଲ୍ ବୁଝାମଣାରୁ ମନୋମାଳିନ୍ୟ ଘଟିପାରେ। ଆଗାମୀ ଆନୁଷ୍ଠାନିକ କାମ ସକାଶେ ଘର ସାଜସଜ୍ଜାରେ ବ୍ୟସ୍ତ ରହିପାରନ୍ତି।

**ମିଥୁନ**
ଆଲୋଚନା ପରିସରରେ ସତର୍କତାର ସହ କଥାବାର୍ତ୍ତା ନ କଲେ ଅପଦସ୍ଥ ହୋଇପାରନ୍ତି। ସାୟାହ୍ନେ ନିଜ ଲୋକ କେହି ହଇରାଣରେ ପକାଇବାକୁ ଚେଷ୍ଟା କରିପାରନ୍ତି। ଅର୍ଥାଭାବ କେତେକ କାମକୁ ଅଟକାଇ ଦେଇପାରେ। ଆଜିର ଯାତ୍ରା ସମୟରେ କୌଣସି ଅଜଣା ବନ୍ଧୁଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହୋଇପାରନ୍ତି।

**କର୍କଟ**
କର୍ମକ୍ଷେତ୍ରରେ ଉଚ୍ଚବର୍ଗଙ୍କ ସାହାଯ୍ୟ ଓ ବନ୍ଧୁମିଳନରୁ ଉତ୍ସାହିତ ହେବେ। ମଉଜିଆ କଥା କହି ଅନ୍ୟକୁ ଆପଣାର କରିବେ, ଯାହାକି କାମ ହାସଲରେ ସାହାଯ୍ୟ କରିବ। ଆଜିର ପ୍ରତ୍ୟୁଷ ଯାତ୍ରା ଓ ମାଙ୍ଗଳିକ କାମରୁ ଖୁସି ରହିବେ। ବ୍ୟବସାୟିକ ସ୍ଥିତି ସୁଦୃଢ଼ ରହିବ, କିନ୍ତୁ ରାଜନୈତିକ ସ୍ଥିତି ସରଗରମ ରହିବ।

**ସିଂହ**
ଅଧିକାଂଶ ସମୟ ଆର୍ଥିକ ଅନଟନ, ରୋଗ, ଋଣ ଓ ପରୋକ୍ଷ ଶତ୍ରୁତା ଯୋଗୁ ବ୍ୟସ୍ତ ରହିବେ। ପୁନଶ୍ଚ କର୍ମକ୍ଷେତ୍ରରେ ଏକାଧିକ କାମ ହାତକୁ ନେଇ ବ୍ୟସ୍ତ ବିବ୍ରତ ହୋଇପାରନ୍ତି। ସଭାସମିତିରେ ଉଚ୍ଚବର୍ଗର ବ୍ୟକ୍ତିବିଶେଷଙ୍କ ଦ୍ୱାରା ସହଯୋଗ ପାଇବେ। ଦୀର୍ଘ ସମୟ ଅତିକ୍ରାନ୍ତ ପରେ ଖୋଜୁଥିବା ଜିନିଷ ହଠାତ୍ ପାଇଯିବେ।

**କନ୍ୟା**
ମାନସିକ ସ୍ଥିତି ଭଲ ନ ଥିବା କାରଣରୁ ସବୁ ପ୍ରକାର ସୁବିଧା ଥାଇ ମଧ୍ୟ ଅଶାନ୍ତ ରହିବେ। ଅଧିକାଂଶ ସମୟରେ ଅପୂରଣୀୟ ଆଶା ମନରେ ନିରାଶା ଭାବ ସୃଷ୍ଟି କରିବ। ଅବଶ୍ୟ କେତେକ କ୍ଷେତ୍ରରେ ବନ୍ଧୁମାନଙ୍କ ସହଯୋଗରୁ ଉତ୍ସାହିତ ହେବେ। ଗୃହସଜ୍ଜାରେ ମନୋନିବେଶ କରିବେ ଓ ପଡ଼ୋଶୀଙ୍କ ନିକଟରୁ ସାହାଯ୍ୟ ମଧ୍ୟ ପାଇବେ।

**ତୁଳା**
ପାରିପାର୍ଶ୍ୱିକ ପରିସ୍ଥିତି ଭଲ ନ ଥିଲେ ମଧ୍ୟ ଦିନ ଗୋଟାଏ ପରେ ଏକପ୍ରକାର ସମାଧାନର ରାସ୍ତା ବାହାର କରିବାରେ ସମର୍ଥ ହେବେ। ପୂର୍ବରୁ କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ରୁହନ୍ତୁ, ନଚେତ୍ ଅସୁବିଧାର ସମ୍ମୁଖୀନ ହେବେ। ମାଲିମକଦ୍ଦମାରେ ଆପୋସ ଆଲୋଚନା ଦ୍ୱାରା ସମସ୍ୟାର ସରଳ ସମାଧାନ ହୋଇଯିବ।

**ବିଛା**
ବିଭିନ୍ନ ପ୍ରକାର ପାରିବାରିକ ସମସ୍ୟା ବିଷୟ ଚିନ୍ତାକରି ମନ ଭାରାକ୍ରାନ୍ତ ରହିବ। କର୍ମକ୍ଷେତ୍ରରେ ନୀଚ ସଂସର୍ଗରୁ ଦୂରେଇ ରହିବା ଭଲ, ଅନ୍ୟଥା କଳହର ସମ୍ଭାବନା ରହିଛି। ଆକସ୍ମିକ ଆବଶ୍ୟକତା ପୂରଣ କରିବା କ୍ଷେତ୍ରରେ ଧାର କରଜ କରି ଚଳାଇନେବେ। କ୍ରୀଡ଼ା, ପ୍ରତିଯୋଗିତା କ୍ଷେତ୍ରରେ ସଫଳତା ମିଳିପାରେ।

**ଧନୁ**
ଆଜି ଦିନଟିରେ ପ୍ରତିଟି କାର୍ଯ୍ୟ ସୁରୁଖୁରୁରେ ସମ୍ପନ୍ନ ହୋଇଯିବ। ସଭାସମିତି, ପାରିବାରିକ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। ଆଲୋଚନା ଅବକାଶରେ କଠୋର କଥା କିମ୍ବା ବ୍ୟବହାର ବନ୍ଧୁଙ୍କ ମନରେ ଆଘାତ ଦେଇପାରେ। ଅଫିସ୍ କାମରେ ସବୁ କଥାକୁ ହାଲୁକା ଭାବେ ଗ୍ରହଣକଲେ କ୍ଷତିରେ ପଡ଼ିବେ।

**ମକର**
ବିଭିନ୍ନ ସୂତ୍ରରୁ ରୋଜଗାର ବୃଦ୍ଧି ପାଇବ ଓ କୌଣସି କ୍ଷେତ୍ରରେ ତାହାକୁ ବିନିଯୋଗ କରିବା ପାଇଁ ଚେଷ୍ଟା କରି ଉପକୃତ ହେବେ। ଆନୁଷ୍ଠାନିକ କ୍ଷେତ୍ରରେ କିମ୍ବା ଗଠନମୂଳକ କାର୍ଯ୍ୟରୁ ପ୍ରଶଂସିତ ହେବେ। ହଠାତ୍ ବନ୍ଧୁମାନଙ୍କ ଅନୁରୋଧକ୍ରମେ ଦୂରଯାତ୍ରାର ସୁଯୋଗ ପାଇବେ। ଜମିଜମା ବିବାଦର ସମାଧାନ ହେବା ସମ୍ଭାବନା ରହିଛି।

**କୁମ୍ଭ**
ଆତ୍ମୀୟମାନଙ୍କ ସହଯୋଗରେ ସହଜ ଓ ସୁବିଧାରେ ଆଜିର କାମଗୁଡ଼ିକ ସମ୍ପନ୍ନ ହୋଇଯିବ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ। ଅନ୍ୟମାନଙ୍କର ପ୍ରତିବନ୍ଧକ ଯୁକ୍ତ କାମ ଆପଣଙ୍କ କୌଣସି କାମକୁ ଅଟକାଇ ପାରିବ ନାହିଁ। ପରିବାରରେ ପୁତ୍ରକନ୍ୟା ହେତୁକ କେତେକ ସମସ୍ୟାକୁ ନେଇ ଚିନ୍ତିତ ହେବେ।

**ମୀନ**
ଈର୍ଷାପରାୟଣ ନିଜ ଲୋକଙ୍କ କଦର୍ଯ୍ୟ ବ୍ୟବହାରରେ ଅସନ୍ତୁଷ୍ଟ ହୋଇପାରନ୍ତି। ନିର୍ମାଣ ଓ ପରିବହନରେ ସଫଳତା ହାସଲ କରିବେ ଓ ଜମା ଧନ ବୃଦ୍ଧି ପାଇବ। ଘରକୁ ଆସିଥିବା ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ରକରି ଝଗଡ଼ା ଲାଗିପାରେ। କେତେକ କ୍ଷେତ୍ରରେ ଜିଦ୍‌ଖୋର କାର୍ଯ୍ୟକଳାପ ଯୋଗୁ ହଇରାଣ ହୋଇପାରନ୍ତି।

ଆଜି ଭାଦ୍ରବ କୃଷ୍ଣ ଅଷ୍ଟମୀଯୁକ୍ତ ନବମୀ ଶନିବାର, ବୈଷ୍ଣବ ସମ୍ମତ ଜନ୍ମାଷ୍ଟମୀ, ଶ୍ରୀମନ୍ଦିରରେ ନନ୍ଦୋତ୍ସବ, ବିଜୁଳିକନ୍ୟା ପୂଜା, ଅଗଷ୍ଟ ୨୪ ତାରିଖ, ରାଶିନକ୍ଷତ୍ର-ରୋହିଣୀ/ବୃଷ, ବିଛା ରାଶିର ଘାତଚନ୍ଦ୍ର, ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ୧୧।୪୬ମି. ଗତେ ଘ୧।୨୭ମି. ମଧ୍ୟେ, ଘ୨।୫୯ମି. ଗତେ ଘ୪।୩୬ମି. ମଧ୍ୟେ ଅମୃତବେଳା। ସକାଳ ଘ୬।୫୧ମି. ଗତେ ଘ୮।୨୮ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ୮।୪୦ମି. ଗତେ ଘ୧୦।୧୫ମି. ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302




**SALE**

**4800 sft gharabari plot with house for sale at Pokharipur, Bhubaneswar. Contact Deepak: 9937329999.** D-66287

Own stithiban residential 1200 sqft. plot for sale. 9937816565, 9937568585. D-13942

**Bhubaneswar Sundarpada Xavier backside sqft.135/- Gangapada 1200sqft. 3,60,000/- spot possession. 9348232008, 9938841730.** D-66760

Booking 2BHK simplex 1500sqft. land 27,40,000/- Tankapani Road Sai Temple, Simplex BJEM-(2) 1200sqft. land 15,80,000/- 7735738102. D-13984

**2 Bedroom ready to move flat at Pokhariput, Bhubaneswar, genuine buyers directly contact Deepak: 9937329999.** D-66282

**2/3 BHK ready to move flats for sale at DHPL Pride, Ghatikia near DAV Kalinga Nagar, starting at Rs.32Lakhs Contact - 9937059891, 8908292617.** D-13932

**ଭୁବନେଶ୍ୱର Infocity-2 boundaryକୁ ଲାଗି mega plotting project sqft. 350/- ରେ (Sidhavihar Colony)ରେ plot କିଣନ୍ତୁ। 9114955347, 8658962508.** D-66764

**2/3BHK ready to move Premium Duplex and Flats at DHPL Sahoo Residency near Mancheswar Railway Station. Contact 9937059891, 8908292617.** D-13934

**ORERA registered 1BHK studio flats @ Narendrakona, Puri, construction in full-swing. Mobile: 9238356740, 9437030740.** D-67355

**A best residential plot with gharabari/compound wall 5600 sft. (or 2800 x 2 nos.) 11km. from Bhubaneswar, 18 km. from Cuttack and save at least 1.00 crore 1.5 crore with all facilities available at Bhubaneswar, Cuttack. 7809525452, 8249851363.** D-66944

**Flats for sale at DHPL Crystal Raghunathpur Contact 9937059891, 8908292617.** D-13933

4BHK duplex with Gated Community at Balianta (Land-1400 construction-2200 @ 55lakh and 2600 @ 65lakh) Contact Mplanets: 9938219397, 9861022055. D-13981

ଭୁବନେଶ୍ୱର Tamando Kendriyavihar ଠାରେ 30ft yellowzone plot କିଣନ୍ତୁ ଏବଂ ପିପିଲିରେ sqft-380/-ରେ plot କିଣନ୍ତୁ। 9348767829. D-66765

**Flat for sale of 3BHK flat at Patrapada (walkable distance from N.H), Bhubaneswar. Contact: 9861882233, 9437231479.** D-14004

Private plot sale near DN Regalia Mall, Patrapada, Bhubaneswar. 899/-sqft. 9437335686, 7008487006. D-14019

Corner plot (5,200 sqft. approx., stithiban status) with newly constructed three storied building with compound wall having two separate entry for vehicles on both sides. Suitable for Residence, Guest House, Holiday Home, Bank etc. Address: Jagannath Colony, near Railway Phatak, Puri-Konark Road, Puri- 752002 (Odisha) Approx. 2.5 km from Gundicha Mandir. Approx. roof area in Sqft.: 1st floor (1,500) + 2nd floor (1,500) + 3rd floor (500) + outhouse (540)= 4,040 Contact details: 9835532641, rajeshkrsarangi@gmail.com D-63781




Contact for interior design of ceiling, TV Unit, Wardrobe and modular kitchen from the experts call: 7008550473. D-13980

**Built your Residential & Commercial Project with best quality material @ 1349/- onwards with 20 years experienced Technical team. We provide Architecture, Structural & BDA Plan approval. SMPL Infratech - 9040008777.** D-14018

**PURCHASE**

Wanted A 10 or 15 HP Generator. Contact: 7809525452, 8249851363. D-66947




6000 sqft open commercial land for rent at Khandagiri. 9437100949. D-66946

2BHK for rent at Chintamaniswar on 2nd floor @ Rs. 9000/- Phone: 0674314256, 9337712909. D-13943

ଭୁବନେଶ୍ୱର ହଂସପାଳଛକ ୬୦୦୦ ବର୍ଗଫୁଟ ସିମ୍ଫୋନୀ ମଲ୍ ସାମ୍ନା **NH-5,** ଶୋ'ରୁମ୍ ଭଡ଼ାଦିଆଯିବ। ଆଗ୍ରହୀ ବ୍ୟକ୍ତି ଯୋଗାଯୋଗ କରନ୍ତୁ। **7008439019, 8895436651.** D-66763




Fully refreshed / relaxed body massage by expert therapist, Shastri Nagar. 7377984773. D-67333

Rejuvenate and ayurvedic full body massage by smart therapist. 9114402304. D-67334

Ayurvedic full body massage ladies & gents smart therapist. 9040900385. D-66945

Newly open Herbal full body massage lady & gents. 8018246332. D-66942

Herbal full body massage by smart / expert therapist. Contact: 8338067247. D-67356

Summer special mesmerizing offer expert therapeutic refreshing massage appointment. 9668374480. D-67357

Full body herbal massage with refreshment expert therapist. 7381239385, 06742540855. D-67358

Experience full body massage with us (expert). Call: 7377048581, 06742597822. D-67359

**AFFIDAVIT**

By virtue of an affidavit before the Court of The Executive Magistrate, Angul I do hereby declare that I, Om Prakash Nimbal 47 S/o- Sadhu Ram, Permanent Address: 130 Bhanpur, Kaithal, Haryana- 136027, Present Address: Qtr. No. CD-5/6 (2nd floor) D Type Jindal Nagar, Angul, Odisha- 759111 and Om Prakash is same person. My actual name is Om Prakash Nimbal in all purposes. D-14010

By virtue of affidavit before Executive Magistrate, Daringbadi, I changed my surname from Sethi to Pati. Henceforth, I will be known as Bijayalaxmi Pati for all purposes. D-14017

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ୍ ଟ୪୨୦/-ରେ (ଫଟୋ ସହ)। ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**PUBLIC NOTICE**

ମୁଁ ଲକ୍ଷ୍ମୀପ୍ରିୟା ଶତପଥୀ, ସ୍ୱାମୀ- ସ୍ୱର୍ଗତ ଶଙ୍କର୍ଷଣ ଶତପଥୀ, ପୁଅ- ସନ୍ତୋଷ କୁମାର ଶତପଥୀ, ଝିଅ- ସରିତା ଦାଶ, ସୁଜାତା ତ୍ରିପାଠୀ, ସୁନିତା ଶତପଥୀ। ନିମ୍ନଲିଖିତ ପ୍ଲଟଗୁଡିକ ମୋ ଶ୍ୱଶୁର ସ୍ୱର୍ଗତ ଜଗନ୍ନାଥ ଶତପଥୀଙ୍କ ନାମରେ ଅଛି। ଆମ୍ଭେମାନେ ସେସବୁ ପ୍ଲଟର ଅଂଶୀଦାର ଅଟୁ। କିନ୍ତୁ ଆମ୍ଭର ଅନ୍ୟ ଅଂଶୀଦାରମାନେ ଆମ୍ଭଙ୍କୁ ନ ଜଣାଇ ଚକ୍ରାନ୍ତ କରି ସେସବୁ ପ୍ଲଟକୁ ବିକ୍ରି କରିବାକୁ ବସିଛନ୍ତି। ଯଦି କୌଣସି ବ୍ୟକ୍ତି ବା ବିଲ୍‌ଡର୍ସ ସଂସ୍ଥା ଏହାକୁ ଖରିଦ୍ କରନ୍ତି, ଭବିଷ୍ୟତରେ ଆମ୍ଭେମାନେ ଦାୟୀ ରହିବୁ ନାହିଁ। ସ୍ୱର୍ଗତ ଜଗନ୍ନାଥ ଶତପଥୀ, ମୌଜା- ଗୌତମ ନଗର, ୟୁନିଟ୍-୨୮
ସାବକ ଖାତା ନଂ. ୨୨୧, ପ୍ଲଟ ନଂ.୨୩୬୫/୪୪୫୩
ସାବକ ଖାତା ନଂ. ୨୨୭, ପ୍ଲଟ ନଂ. ୨୩୬୫, ୨୩୬୮
ହାଲ୍ ଖାତା ନଂ. ୪୯, ପ୍ଲଟ ନଂ. ୨୨୩୬, ୨୨୪୫, ୨୨୩୫, ୨୨୪୭, ୨୨୪୧ ଧ-୧୪୦୨୧

**ପ୍ରଥମ ଜନ୍ମଦିନ ଶୁଭେଚ୍ଛା**



**ଦିବ୍ୟାଂଶୀ ପ୍ରିୟଦର୍ଶିନୀ**
**ଢୁବୁଢୁବା, ସାକ୍ଷୀଗୋପାଳ**
ତୁମର ପ୍ରଥମ ଜନ୍ମବାର୍ଷିକ ଅବସରରେ ଶୁଭେଚ୍ଛା ଓ ଶୁଭକାମନା।
**ଶୁଭେଚ୍ଛା ସହ**
ଜେଜେବାପା, ଜେଜେ ମା', ଦାଦା, ଖୁଡ଼ୀ, ବାପା, ବୋଉ, କୁଲିଆ ନାନୀ, ମାମୁଁ, ଅଜା, ଆଈ, ମାଉସୀ ଓ ପରିବାରବର୍ଗ। ଧ-୬୬୬୦୨


**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଅଧାରେ ଲଟକିଛି ମହାନଦୀ-ଗୋଦାବରୀ ସର୍ଭେ ରିପୋର୍ଟ

ଭୁବନେଶ୍ୱର, ୨୩।୮ (ବ୍ୟୁରୋ)

**ଛିଣ୍ଡୁନି ନଦୀ ସଂଯୋଗୀକରଣ ଅଙ୍କ**
- ନଦୀରୁ ସମୁଦ୍ରକୁ ବୋହିଯାଉଛି ୫୦ ହଜାର ନିୟୁତ ଘନମିଟର ଜଳ
- ନିର୍ମାଣ ହେବ ୧୪ ବ୍ୟାରେଜ

ନଦୀରୁ ସମୁଦ୍ରକୁ ବୋହିଯାଉଥିବା ଜଳକୁ ସଦୁପଯୋଗ କରିବା ଏବଂ ଶୁଖିଯାଉଥିବା ନଦୀକୁ ବଞ୍ଚାଇ ରଖିବାକୁ କେନ୍ଦ୍ରର ତତ୍କାଳୀନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ସରକାର ନଦୀ ସଂଯୋଗୀକରଣ ଯୋଜନା ଆରମ୍ଭ କରିଥିଲେ। ୨୦୦୪ରୁ କେନ୍ଦ୍ର ସରକାର ଏହି ଯୋଜନା କରିଥିଲେ ମଧ୍ୟ ଓଡ଼ିଶାରେ ଏହା ଆଗେଇପାରୁ ନାହିଁ। କେନ୍ଦ୍ର ଓ ରାଜ୍ୟ ଟଣାଓଟରାରେ ଏହି ଯୋଜନା ଫସି ରହିଛି। ବୈଠକ ପରେ ବୈଠକ ବସୁଥିଲେ ମଧ୍ୟ ଏହି ଯୋଜନାର ସମ୍ଭାବ୍ୟ ରିପୋର୍ଟ (ଫିଜିବିଲିଟି ରିପୋର୍ଟ) ପ୍ରସ୍ତୁତ ହୋଇପାରିନାହିଁ। ଜଳସମ୍ପଦ ବିଭାଗରୁ ମିଳିଥିବା ସୂଚନା ଅନୁଯାୟୀ କେନ୍ଦ୍ର ସରକାର ନଦୀ ସଂଯୋଗୀକରଣ ଯୋଜନାରେ ସୁବର୍ଣ୍ଣରେଖା ନଦୀକୁ ମହାନଦୀ ଏବଂ ମହାନଦୀକୁ ଗୋଦାବରୀ ନଦୀ ସହ ସଂଯୋଗ କରିବାକୁ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦେଇଛନ୍ତି। ସୁବର୍ଣ୍ଣରେଖା ସହିତ ମହାନଦୀର ସଂଯୋଗୀକରଣର ଫିଜିବିଲିଟି ଅଧ୍ୟୟନ କରାଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ସେ ରିପୋର୍ଟ ରାଷ୍ଟ୍ରୀୟ ଜଳ ବିକାଶ ସଂସ୍ଥା (ଏନ୍‌ଡବ୍ଲ୍ୟୁଡିଏ)ଠାରୁ ରାଜ୍ୟ ସରକାରଙ୍କୁ ମିଳିନାହିଁ। ତେବେ ଗୋଦାବରୀ ଓ ମହାନଦୀ ସଂଯୋଗୀକରଣକୁ ନେଇ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ଟଣାଓଟରା ଲାଗିରହିଛି। ଏହି ଦୁଇ ନଦୀ ସଂଯୋଗୀକରଣର ସମ୍ଭାବ୍ୟ ରିପୋର୍ଟ ୨୦୦୪ରେ ଏନ୍‌ଡବ୍ଲ୍ୟୁଡିଏ ପ୍ରସ୍ତୁତ କରିଥିଲା। ଏହି ରିପୋର୍ଟ ଅନୁଯାୟୀ ମହାନଦୀର ମଣିଭଦ୍ର ବନ୍ଧଠାରୁ ମହାନଦୀ-ଗୋଦାବରୀ ସଂଯୋଗ ହେବ। ତେବେ ୨ ବର୍ଷ ପରେ ଅର୍ଥାତ୍ ୨୦୦୬ରେ ଏନ୍‌ଡବ୍ଲ୍ୟୁଡିଏର ଏହି ରିପୋର୍ଟକୁ ରାଜ୍ୟ ସରକାର ବିରୋଧ କରିଥିଲେ। ଏହା ଦ୍ୱାରା ବିସ୍ତୀର୍ଣ୍ଣ ଜଙ୍ଗଲ ଜମି ଓ ବହୁ ଲୋକ ବିସ୍ଥାପିତ ହେବେ ବୋଲି ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କୁ ଜଣାଇ ଦେଇଥିଲେ। ୨୦୦୭ରେ ଏନ୍‌ଡବ୍ଲ୍ୟୁଡିଏ ବୈଠକରେ ବାରମ୍ବାର ରାଜ୍ୟ ସରକାର ଏହି ବିଷୟ ଉତ୍ଥାପନ କରିଥିଲେ। ୨୦୧୦ରେ ଏହାର ବିକଳ୍ପ ପ୍ରସ୍ତାବ ଦେବାକୁ ରାଷ୍ଟ୍ରୀୟ ଜଳ ବିକାଶ ସଂସ୍ଥାକୁ ରାଜ୍ୟ ସରକାର ଅନୁରୋଧ କରିଥିଲେ। ୨୦୧୧ରେ ମହାନଦୀରୁ ଗୋଦାବରୀକୁ ପାଣି ସ୍ଥାନାନ୍ତର ପାଇଁ ଏନ୍‌ଡବ୍ଲ୍ୟୁଡିଏର ୩୯ତମ ବୈଠକରେ ବିକଳ୍ପ ପ୍ରସ୍ତାବ ଦିଆଯାଇଥିଲା। ୨୦୧୧ରେ ମହାନଦୀ ଉପତ୍ୟକା ମଣିଭଦ୍ରା ଡ୍ୟାମଯାଏ ବଳକା ଜଳ ରହୁଥିବା ଦର୍ଶାଇ ଏହି ରିପୋର୍ଟକୁ ଗ୍ରହଣ କରିବାକୁ ଏନ୍‌ଡବ୍ଲ୍ୟୁଡିଏ ରାଜ୍ୟ ସରକାରଙ୍କ ନିକଟକୁ ପଠାଇଥିଲା। ମାତ୍ର ରାଜ୍ୟ ସରକାର ଏହି ରିପୋର୍ଟକୁ ଗ୍ରହଣ କରି ନ ଥିଲେ। ୨୦୧୭ ଜାନୁୟାରୀ, ୨୦୧୮ ଏପ୍ରିଲ ଏବଂ ୨୦୧୯ ଫେବୃୟାରୀରେ ଏନ୍‌ଡବ୍ଲ୍ୟୁଡିଏ ଆଉ ୩ଟି ବଳକା ଜଳ ଅଧ୍ୟୟନ ରିପୋର୍ଟ ପଠାଇଥିଲେ ମଧ୍ୟ ରାଜ୍ୟ ସରକାର ସେଗୁଡ଼ିକୁ ଗ୍ରହଣ କରିନାହାନ୍ତି। ଏ ନେଇ ଅନେକବାର ବୈଠକ ହୋଇଥିଲେ ସୁଦ୍ଧା ନଦୀ ସଂଯୋଗୀକରଣ ଝମେଲା ତୁଟି ପାରୁନି। ଫଳରେ ଦୀର୍ଘବର୍ଷ ପରେ ମଧ୍ୟ ନଦୀ ସଂଯୋଗୀକରଣ କାର୍ଯ୍ୟ ଓଡ଼ିଶାରେ ପାଦେ ମାତ୍ର ଆଗେଇପାରି ନାହିଁ।


ଅନ୍ୟପଟରେ ମହାନଦୀ ସମେତ ରାଜ୍ୟର ୧୧ଟି ପ୍ରମୁଖ ନଦୀର ଜଳ ଅଧାରୁ ଅଧିକ ସମୁଦ୍ରକୁ ବୋହିଯାଉଛି। ମିଳିଥିବା ସୂଚନା ଅନୁଯାୟୀ ରାଜ୍ୟର ନଦୀ ଅବବାହିକାରେ ଭୂପୃଷ୍ଠ ଜଳଧାରଣ କ୍ଷମତା ୯୫ ହଜାର ୫୪୦ ନିୟୁତ ଘନ ମିଟର। ସେଥିରୁ ୫୦ ହଜାର ୬୪୬ ନିୟୁତ ଘନ ମିଟର ଜଳ ସମୁଦ୍ରକୁ ଚାଲିଯାଉଛି। ମହାନଦୀରୁ ୨୫୯୪୦.୨୮ ନିୟୁତ ଘନ ମିଟର ଜଳ ସମୁଦ୍ରକୁ ବୋହି ଯାଉଥିବା ବେଳେ ବ୍ରାହ୍ମଣୀ ୭୮୧୯.୭୧, ବୈତରଣୀ ୨୨୧୫.୮୦, ଋଷିକୁଲ୍ୟା ୭୩୬.୭୨, ବଂଶଧାରା ୨୪୬୮.୪୭, ବୁଢ଼ାବଳଙ୍ଗ ଓ ଜମ୍ବୀରା ୧୬୬୮.୦୪, କୋଲାବ ୪୬୯୯.୮୧, ଇନ୍ଦ୍ରାବତୀ ୨୦୩୮.୬୭, ନାଗାବଳୀ ୧୬୧୪.୮୧ ଏବଂ ସୁବର୍ଣ୍ଣରେଖା ନଦୀରୁ ୧୪୫୧.୫୯ ନିୟୁତ ଘନ ମିଟର ପାଣି ସିଧା ସମୁଦ୍ରକୁ ଚାଲିଯାଉଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ବ୍ରାହ୍ମଣୀ ନଦୀର କେନ୍ଦୁଝର ଜିଲାର ଦୁବୁଲାପାଲ, ନୂଆଘର, ସନ୍ତେଇଭଞ୍ଜ ଏବଂ ସୁନ୍ଦରଗଡ ଜିଲାର ଦେଓ ଏବଂ କୋଏଲ ନଦୀରେ ଝାରବେଡାଠାରେ ୪ଟି ବ୍ୟାରେଜ ନିର୍ମାଣ କରିବାକୁ ସର୍ଭେ କରିଛନ୍ତି। ଏହାଛଡ଼ା ଅନୁଗୋଳ ଜିଲାର ସମାକୋଇ, ଦେବଗଡ ଜିଲାର କଳା, ଖଇରବନ୍ଧନ ନଦୀର ଖଇରବନ୍ଧନ, ବୈତରଣୀର ଭୀମକୁଣ୍ଡ, ବୁଢ଼ାବଳଙ୍ଗର ଜାମତା, କାତ୍ରାର ନିଟେଇ ଏବଂ ସୁବର୍ଣ୍ଣରେଖାର ଶିଖରପୁର, ଋଷିକୁଲ୍ୟାର ଗୁରୁଜମୁଣ୍ଡା ଏବଂ ତୁରିଗୁନ୍ତାତ ନଦୀର ଛତାହାଣ୍ଡି ଦେଉଳଠାରେ ବ୍ୟାରେଜ ନିର୍ମାଣ ଯୋଜନା କରାଯାଇଛି।

# ଅକ୍ଟୋବର ୨ରୁ ବିଜେଡିର ସଭ୍ୟ ସଂଗ୍ରହ ଅଭିଯାନ

ଭୁବନେଶ୍ୱର, ୨୩।୮ (ବ୍ୟୁରୋ)

- ତଦାରଖ କରିବ ୭ ଜଣିଆ କମିଟି
- ୩୦ ଜିଲା ପାଇଁ ନିଯୁକ୍ତ ହେଲେ ପର୍ଯ୍ୟବେକ୍ଷକ
- ସଞ୍ଜୟ, ଚନ୍ଦ୍ରସାରଥି, ନଳିନୀଙ୍କୁ ୨ ଜିଲାର ଦାୟିତ୍ୱ

ଆସନ୍ତା ଅକ୍ଟୋବର ୨ ତାରିଖରୁ ବିଜେଡି ସଭ୍ୟ ସଂଗ୍ରହ ଅଭିଯାନ ଆରମ୍ଭ କରିବାକୁ ଯାଉଛି। ଏହି କାର୍ଯ୍ୟକୁ ତଦାରଖ କରିବା ପାଇଁ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏକ ୭ ଜଣିଆ କମିଟି ଗଠନ କରିଛନ୍ତି। ଏହି କମିଟିର ସଦସ୍ୟମାନେ ହେଲେ ପ୍ରସନ୍ନ ଆଚାର୍ଯ୍ୟ, ଦେବୀ ପ୍ରସାଦ ମିଶ୍ର(ଆବାହକ), ପ୍ରମିଳା ମଲ୍ଲିକ, ସଞ୍ଜୟ କୁମାର ଦାସବର୍ମା, ପ୍ରତାପ କେଶରୀ ଦେବ, ପ୍ରଦୀପ ପାଣିଗ୍ରାହୀ ଏବଂ ପ୍ରଣବ ପ୍ରକାଶ ଦାଶ। ଏଥିସହିତ ଦଳର ସଭାପତି ବିଭିନ୍ନ ଜିଲାର ପର୍ଯ୍ୟବେକ୍ଷକ ନିଯୁକ୍ତ କରିଛନ୍ତି। ସଞ୍ଜୟ କୁମାର ଦାସବର୍ମାଙ୍କୁ ନବରଙ୍ଗପୁର ଓ ରାୟଗଡା ଜିଲା ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ଦିଆଯାଇଥିବା ବେଳେ ଚନ୍ଦ୍ର ସାରଥୀ ବେହେରା କୋରାପୁଟ ଓ ମାଲକାନଗିରି, ନବ କିଶୋର ଦାସ କଳାହାଣ୍ଡି, ପ୍ରଫୁଲ୍ଲ ମଲ୍ଲିକ ବରଗଡ, ସୁଶାନ୍ତ ସିଂ ବଲାଙ୍ଗୀର, ମହେଶ୍ୱର ମହାନ୍ତି ଗଞ୍ଜାମ, ପୂର୍ଣ୍ଣ ଚନ୍ଦ୍ର ସ୍ୱାଇଁ ଗଜପତି, ବିକ୍ରମ କେଶରୀ ଆରୁଖ କନ୍ଧମାଳ, ବିଜୟ ନାୟକ ଢେଙ୍କାନାଳ, କୃତ୍ତିବାସ ପାତ୍ର ବୌଦ୍ଧ, ନିରଞ୍ଜନ ପୂଜାରୀ ଅନୁଗୋଳ, ନଳିନୀକାନ୍ତ ପ୍ରଧାନ ସମ୍ବଲପୁର ଓ ଦେବଗଡ, ପ୍ରୀତିରଞ୍ଜନ ଘଡାଇ ସୁନ୍ଦରଗଡ, ଦିବ୍ୟ ଶଙ୍କର ମିଶ୍ର କେନ୍ଦୁଝର, ପ୍ରଣବ ପ୍ରକାଶ ଦାସ ମୟୂରଭଞ୍ଜ, ପ୍ରତାପ ଜେନା ବାଲେଶ୍ୱର, ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଭଦ୍ରକ, ପ୍ରମିଳା ମଲ୍ଲିକ କେନ୍ଦ୍ରାପଡା, ଦେବାଶିଷ ସାମନ୍ତରାୟ ଜଗତ୍‌ସିଂହପୁର, ପ୍ରଦୀପ ଅମାତ ପୁରୀ , ପ୍ରସନ୍ନ ଆଚାର୍ଯ୍ୟ ଖୋର୍ଦ୍ଧା, ସୌଭାଗ୍ୟ ନାୟକ ନୂଆପଡା, ଉଷା ଦେବୀ କଟକ, ଅଶୋକ ଚନ୍ଦ୍ର ପଣ୍ଡା ଯାଜପୁର, ଅମର ଶତପଥୀ ନୟାଗଡ, ପଦ୍ମନାଭ ବେହେରା ଝାରସୁଗୁଡା ଏବଂ ହାଜି ମହମ୍ମଦ ଆୟୁବ ଖାଁଙ୍କୁ ସୁବର୍ଣ୍ଣପୁର ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତ କରାଯାଇଛି।




# ୫-ଟି କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ

## ସେପ୍ଟେମ୍ବର ୧୫ ଡେଡ୍ ଲାଇନ ରଖିଲେ ମୁଖ୍ୟ ଶାସନ ସଚିବ

ଭୁବନେଶ୍ୱର, ୨୩।୮ (ବ୍ୟୁରୋ)

ରାଜ୍ୟବାସୀଙ୍କୁ ସ୍ୱଚ୍ଛ ଏବଂ ଉତ୍ତମ ଶାସନ ଦେବା ପାଇଁ ୫-ଟି(ଟ୍ରାନ୍ସପରେନ୍ସି, ଟିମ୍‌ୱାର୍କ, ଟେକ୍ନୋଲୋଜି, ଟାଇମ୍ ଆଣ୍ଡ ଟ୍ରାନ୍ସଫରମେଶନ)କୁ କଡାକଡି ଲାଗୁ କରିବାକୁ ସମସ୍ତ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ଆସନ୍ତା ସେପ୍ଟେମ୍ବର ୧୫ ସୁଦ୍ଧା ଏହାକୁ ପୂର୍ଣ୍ଣମାତ୍ରାରେ କାର୍ଯ୍ୟକାରୀ କରିବାକୁ ମୁଖ୍ୟ ଶାସନ ସଚିବ ଅସିତ୍ କୁମାର ତ୍ରିପାଠୀ ସମସ୍ତ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ପ୍ରମୁଖ ସଚିବ ଓ ସଚିବମାନଙ୍କୁ ଚିଠି ଲେଖି ଜଣାଇଛନ୍ତି। ୨୦୨୦ ଅଗଷ୍ଟ ୧୫ ସୁଦ୍ଧା ସମସ୍ତ ସରକାରୀ ସେବା ଅନ୍‌ଲାଇନ କିମ୍ବା ସାଧାରଣ ସେବା କେନ୍ଦ୍ର ଜରିଆରେ କରାଯିବ। ଏପରି କି କେତେକ ସେବା ଲୋକଙ୍କ ପାଖରେ ପହଞ୍ଚାଇ ଦିଆଯିବ। ଏଥିସହିତ କର୍ମଚାରୀମାନଙ୍କ କର୍ଯ୍ୟଦକ୍ଷତା ଆଧାରରେ ଜାନୁୟାରୀ ୧ ତାରିଖ ସୁଦ୍ଧା ପଦୋନ୍ନତି ବ୍ୟବସ୍ଥା କରାଯିବ। ୫-ଟି କାର୍ଯ୍ୟଦକ୍ଷତା ପାଇଁ ବିଭାଗଗୁଡ଼ିକୁ ୨୦ ପ୍ରତିଶତ ଅତିରିକ୍ତ ଯୋଗ୍ୟତା ଭାବେ ବିବେଚନା କରାଯିବ।

ମୁଖ୍ୟମନ୍ତ୍ରୀ ଇତିମଧ୍ୟରେ 'ମୋ ସରକାର' ଯୋଜନା ଘୋଷଣା କରିଛନ୍ତି। ଲୋକଙ୍କ ଦ୍ୱାରକୁ ସରକାରୀ ଯୋଜନା ନେବା ପାଇଁ ଏଥିରେ ଗୁରୁତ୍ୱ ଦିଆଯିବ। ଏ ଦିଗରେ କି ଅଗ୍ରଗତି ହୋଇଛି ସେ ନେଇ ଆସନ୍ତା ୩୧ ତାରିଖରେ ଖାରବେଳ ଭବନଠାରେ ସଚିବସ୍ତରୀୟ ବୈଠକ କରାଯିବ ବୋଲି ମୁଖ୍ୟ ଶାସନ ସଚିବ ଚିଠିରେ ଉଲ୍ଲେଖ କରିଛନ୍ତି।



**ଜିଲା ଚିଠି**
**ରାଉରକେଲା**

# ଅଚଳ ନ୍ୟାୟିକ ବ୍ୟବସ୍ଥା

ଜଣେ ଉପଖଣ୍ଡସ୍ତରୀୟ ବିଚାରପତି (ଏସ୍‌ଡିଜେଏମ୍)ଙ୍କ ବଦଳି ଦାବିରେ ରାଉରକେଲା ଓକିଲ ସଂଘର କାର୍ଯ୍ୟବନ୍ଦ ଆନ୍ଦୋଳନକୁ ମାସେ ପୂରିଲାଣି। ତଥାପି ସମାଧାନ ବାଟ ଫିଟୁନି। ନ୍ୟାୟମୂର୍ତ୍ତି ଭାବେ ସମ୍ମାନ ପ୍ରଦାନ କରାଯାଉଥିବା ସମ୍ପୃକ୍ତ ବିଚାରପତି ନିଜ ପଦମର୍ଯ୍ୟାଦା ଉଲ୍ଲଂଘନ କରିଥିବା ଓକିଲ ସଂଘ ଅଭିଯୋଗ କରୁଛି। ଜଣେ ଅସାଧୁ ବ୍ୟକ୍ତିଙ୍କୁ ସେ ଜାମିନ ପ୍ରଦାନ କରି ଆଇନ ବ୍ୟବସ୍ଥାକୁ ସାଧାରଣରେ ନିନ୍ଦିତ କରିଥିବା କୁହାଯାଇଛି। ଏହି ଘଟଣା ନେଇ ସଂଘ ହାଇକୋର୍ଟ ବିଚାରପତି, ରାଜ୍ୟ ଆଇନମନ୍ତ୍ରୀ, ସୁନ୍ଦରଗଡ଼ ଜିଲାପାଳ ଓ ରାଉରକେଲା ଅତିରିକ୍ତ ଜିଲାପାଳଙ୍କ ନିକଟରେ ଫେରାଦ ହୋଇଛି। ଏସ୍‌ଡିଜେଏମ୍‌ଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ସଂଘ ଅଡ଼ି ବସିଛି। ଏଣେ ବ୍ୟବସ୍ଥା କହୁଛି ବିଳମ୍ବିତ ନ୍ୟାୟ ବାସ୍ତବ ନ୍ୟାୟ ନୁହେଁ। ଆନ୍ଦୋଳନକୁ ମାସେ ପୂରିଲାଣି। ନ୍ୟାୟିକ ବ୍ୟବସ୍ଥାରୁ ସୁଫଳ ପାଇବାକୁ ଆଶାୟୀଙ୍କ ଧୈର୍ଯ୍ୟଚ୍ୟୁତି ଘଟିଲାଣି। ରାଉରକେଲା ସ୍ୱତନ୍ତ୍ର କାରାଗାରରେ ବିଚାରାଧୀନ କଏଦୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଜାମିନ ପାଇଁ ଅପେକ୍ଷାରେ ରହିଥିବା ବନ୍ଦୀଙ୍କ ଆଖିରୁ ନିଦ ହଜିଲାଣି। କେବେ ଖୋଲିବ ବିଚାରାଳୟ, ମିଳିବ ଜାମିନ ଓ ନ୍ୟାୟ ପାଇବେ ଶତାଧିକ ଜେଲ୍ ଅନ୍ତେବାସୀ। ଏମିତି ପ୍ରଶ୍ନ ସମସ୍ତଙ୍କ ମନରେ ଉଙ୍କି ମାରୁଛି। ଆଇନଜୀବୀଙ୍କ ଏଭଳି ଦୀର୍ଘ ଆନ୍ଦୋଳନ କେବଳ ଆମ ରାଜ୍ୟ ନୁହେଁ ବରଂ ଦେଶବାସୀଙ୍କ ପାଇଁ ଏକ ବିଲକ୍ଷଣ ବୋଲି କୁହାଯାଉଛି। ଏହି ଆନ୍ଦୋଳନ ଯୋଗୁ ପାନପୋଷ ଉପଖଣ୍ଡର ରାଉରକେଲା ସହର ସମେତ ଲାଠିକଟା, ବିଶ୍ରା, ନୂଆଗାଁ, କୁଆଁରମୁଣ୍ଡା ଓ ବୀରମିତ୍ରପୁର ଆଦି ଅଞ୍ଚଳବାସୀ ସମ୍ପୂର୍ଣ୍ଣ ପ୍ରଭାବିତ ହୋଇଛନ୍ତି। ସିଭିଲ, କ୍ରିମିନାଲ ଓ ଜମିଜମା ବିବାଦ ଆଦି ଯାବତୀୟ ସମସ୍ୟା ନେଇ ନ୍ୟାୟ ପାଇବା ଆଶାରେ ଲୋକେ ମାସାଧିକ ହେବ ଚାହିଁ ବସିଛନ୍ତି। ସରକାରଙ୍କ କୋଟି କୋଟି ଟଙ୍କା ରାଜସ୍ୱ ହାନି ମଧ୍ୟ ହେଉଛି। ହେଲେ କୋର୍ଟ ଦୁଆର ମାଡ଼ିବସି ବାଟ ଓଗାଳିଛନ୍ତି ଆଇନଜୀବୀ। ଏମାନଙ୍କ ଦାବି ନ୍ୟାୟ ପ୍ରଦାନରେ ସ୍ୱଚ୍ଛତା ରହୁ। ଆଇନ ଉପରୁ ଲୋକଙ୍କ ଆସ୍ଥା ନ ତୁଟୁ। ବେଆଇନ ଭାବେ ଜାମିନ ପ୍ରଦାନ କରିଥିବା ଏସ୍‌ଡିଜେଏମ୍ ବଦଳନ୍ତୁ। ତେବେ ଯାଇ ପରିସ୍ଥିତି ସ୍ୱାଭାବିକ ହେବ। ଏମିତି ଅବସ୍ଥାରେ ମଝିରେ ଘାଣ୍ଟି ହେଉଛନ୍ତି ନ୍ୟାୟ ପାଇବାକୁ ଅପେକ୍ଷାରତ ଅଭିଯୁକ୍ତ। ସରକାର କହୁଛନ୍ତି ପ୍ରତି କ୍ଷେତ୍ରରେ ଲୋକେ ତ୍ୱରିତ ନ୍ୟାୟ ପାଇବେ। ଆବଶ୍ୟକ ସ୍ଥଳେ ବିଭାଗୀୟ ଅଧିକାରୀ ସହର ଛାଡ଼ି ଗାଁରେ ପହଞ୍ଚିବେ। ଲୋକଙ୍କ ମୁହଁରୁ ସମସ୍ୟା ଶୁଣି ତତ୍କାଳ ସମାଧାନ କରିବେ। ହେଲେ ରାଉରକେଲା ଭଳି ସ୍ମାର୍ଟ ସିଟି, ମହାନଗର ଓ ଆଦିବାସୀ ବହୁଳ ଜିଲାବାସୀ ଦୀର୍ଘ ମାସେ ପରେ ବି ନ୍ୟାୟିକ ବ୍ୟବସ୍ଥାରୁ ବଞ୍ଚିତ ହୋଇଛନ୍ତି। ଜଣେ ଏସ୍‌ଡିଜେଏମ୍‌ଙ୍କ ପାଇଁ ସମ୍ପୂର୍ଣ୍ଣ ଆଇନ ବ୍ୟବସ୍ଥା ଅଚଳ ହୋଇ ପଡ଼ିଛି। ଆଇନଜୀବୀ ନା ସରକାର, କାହା ଜିଦ୍‌ରେ ନ୍ୟାୟ ଆଜି ବିଡ଼ମ୍ବିତ ସେ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସରକାର ଯଦି ଲୋକଙ୍କୁ ତତ୍କାଳ ସେବା ପ୍ରଦାନ କରିବାକୁ ଆନ୍ତରିକତା ସହ କାମ କରୁଥାନ୍ତେ ତେବେ ଏଭଳି ଏକ ସମ୍ବେଦନଶୀଳ ଘଟଣାକୁ ତୁଚ୍ଛ କରି ଆଖିବୁଜି ବସି ନ ଥାନ୍ତେ ବୋଲି ମତ ପ୍ରକାଶ ପାଉଛି।

– ବସନ୍ତ କୁମାର ଧଳ

# ଉଚ୍ଚଶିକ୍ଷା ମନ୍ତ୍ରୀଙ୍କୁ ଭେଟିଲା କଲେଜ ଶିକ୍ଷକ ସଂଘ

**ଭୁବନେଶ୍ୱର, ୨୩।୮ (ବ୍ୟୁରୋ):** ନିଖିଳ ଓଡ଼ିଶା ବେସରକାରୀ ରାଜ୍ୟ ଦରମାପ୍ରାପ୍ତ ଅଧ୍ୟାପକ ସଂଘର ଏକ ପ୍ରତିନିଧିମଣ୍ଡଳୀ ଶୁକ୍ରବାର ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ ସାହୁଙ୍କୁ ଭେଟି ପୂର୍ଣ୍ଣ ଅନୁଦାନପ୍ରାପ୍ତ ଅଧ୍ୟାପକ ଓ କର୍ମଚାରୀଙ୍କ ଦାବି ସମ୍ପର୍କରେ ଆଲୋଚନା କରିଥିଲେ। ଦାବିଗୁଡ଼ିକ ପୂରଣ କରିବା ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଯୋଗ୍ୟ ଅଧ୍ୟାପକଙ୍କୁ ୟୁଜିସି ଦରମା ପ୍ରଦାନ, ପ୍ଲେସ୍‌ମେଣ୍ଟ ରୁଲ୍ ୨୦୧୪ରେ ଥିବା ତ୍ରୁଟି ସଂଶୋଧନ କରି ୨୭ବର୍ଷ ବଦଳରେ ୧୮ବର୍ଷରେ ପ୍ରାଧ୍ୟାପକ ପଦକୁ ପଦୋନ୍ନତି, ଅବସର ବୟସସୀମା ୬୦ରୁ ୬୨ବର୍ଷକୁ ବୃଦ୍ଧି ଆଦି ବିଭିନ୍ନ ଦାବି ସମ୍ପର୍କରେ ଆଲୋଚନା କରିଥିଲେ। ଯୁକ୍ତିଯୁକ୍ତ ଦାବିଗୁଡ଼ିକ ପୂରଣ ଦିଗରେ ଉଚ୍ଚଶିକ୍ଷା ବିଭାଗ ଟାଳଟୁଳ ନୀତି ଅବଲମ୍ବନ କରୁଛି ବୋଲି ସଂଘ ପକ୍ଷରୁ ମନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରାଯାଇଥିଲା। ମନ୍ତ୍ରୀ ଦାବିଗୁଡ଼ିକ ଶୁଣିବା ସହିତ ସମାଧାନ ପାଇଁ କିଛିଦିନ ଅପେକ୍ଷା କରିବାକୁ ପରାମର୍ଶ ଦେଇଥିବା ସଂଘର ରାଜ୍ୟ ଆବାହକ ଡ. କମଳ ପ୍ରସାଦ ମହାନ୍ତି ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ଜଣାଇଛନ୍ତି।

## ବଜ୍ରପାତରେ ୨ ମୃତ

**କାମାକ୍ଷାନଗର, ୨୩।୮ (ଡି.ଏନ୍.ଏ.):** ଢେଙ୍କାନାଳ କାମାକ୍ଷାନଗର ଏବଂ କଙ୍କଡ଼ାହାଡ଼ ବ୍ଲକରେ ପୃଥକ୍ ସ୍ଥାନରେ ବଜ୍ରପାତ ଘଟି ୨ଜଣଙ୍କ ମୃତ୍ୟୁ ଘଟିଛି। ବାଲିପଡ଼ା ଗ୍ରାମର ବାବାଜୀ ମଲ୍ଲିକ ବିଲରେ କାମ କରୁଥିବାବେଳେ ବଜ୍ରପାତ ହେବାରୁ ତାଙ୍କର ମୃତ୍ୟୁ ଘଟିଛି। ସେହିପରି ଥାନା ମରୁଆବିଲି ଗୋଡ଼ିସାହିର ଦୁର୍ଯ୍ୟୋଧନ ନାଏକ ଗୋରୁ ବାନ୍ଧୁଥିବା ବେଳେ ବଜ୍ରପାତ ଘଟି ତାଙ୍କର ମୃତ୍ୟୁ ହୋଇଛି।



ଯେତେଦିନ ପର୍ଯ୍ୟନ୍ତ ଦୁଃସ୍ଥ ଓ ଦୁର୍ଗତମାନେ ତୁମ ଚାରିପଟେ ଅଛନ୍ତି ସେମାନଙ୍କୁ ସାହାଯ୍ୟ କର। କିନ୍ତୁ ବୁଝି ଦେଖ- ତୁମକୁ ଚେଷ୍ଟା କରିବାକୁ ହେବ- ଯାହା ଫଳରେ କି ତୁମ ଚାରିପଟେ ଯେପରି ଗୋଟିଏ ସୁଦ୍ଧା ଦୁଃସ୍ଥ ମଣିଷ ତୁମ ସାହାଯ୍ୟ ପାଇବାକୁ ନ ଥାଏ। -ଶ୍ରୀଅରବିନ୍ଦ

# ନିରୁତ୍ସାହିତ ବାବୁ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ଗତ ସପ୍ତାହରେ ରାଷ୍ଟ୍ରପତିଙ୍କ 'ଆଟ୍ ହୋମ୍' କାର୍ଯ୍ୟକ୍ରମରେ ସ୍ୱଳ୍ପ ଉପସ୍ଥିତିକୁ ଦେଖି ବାବୁମାନେ ନିରୁତ୍ସାହିତ ହୋଇ ପଡ଼ିଥିଲେ। ସାଧାରଣତଃ ଏ କାର୍ଯ୍ୟକ୍ରମରେ ହଜାର ହଜାର ଲୋକଙ୍କ ଗହଳି ହୁଏ। କିନ୍ତୁ ଏଥର ଏହା ଅତି ଛୋଟ ଥିଲା ଓ ଆଦୌ ଆଖିଦୃଶିଆ ନ ଥିଲା। କେତେକଙ୍କ କହିବା ଅନୁସାରେ, ଏହି କାର୍ଯ୍ୟକ୍ରମରେ ସାଧାରଣ ଲୋକ (ଅପ୍ରାସଙ୍ଗିକ ଦିଲ୍ଲୀବାବୁ ବୋଲି ବୁଝନ୍ତୁ) ଏବଂ ରାଷ୍ଟ୍ରପତିଙ୍କ ପୁରୁଣା ପାର୍ଷଦ ବା କର୍ମଚାରୀ ଓ ତୋଷାମଦିଆମାନଙ୍କୁ ଦେଖିବାକୁ ମିଳି ନ ଥିଲା। ରାଷ୍ଟ୍ରପତି କୋବିନ୍ଦ ଉଚିତ ଅନୁଚିତର ବିଚାର କରୁଥିବା ଜଣେ ଶୃଙ୍ଖଳିତ ବ୍ୟକ୍ତି ହୋଇଥିବାରୁ ସେ ଏପରି କି ଘନିଷ୍ଠ ପରିବାର ସଦସ୍ୟମାନଙ୍କୁ ମଧ୍ୟ ନିମନ୍ତ୍ରଣ ତାଲିକାରେ ଅନ୍ତର୍ଭୁକ୍ତ କରି ନ ଥିଲେ। ଅତୀତରେ ଏହା ଥିଲା ଲାଟେନ୍ସ ଦିଲ୍ଲୀ (ଦିଲ୍ଲୀର ଏକ ସ୍ଥାନ ଯାହା ଦିଲ୍ଲୀ ନଗରୀର ସ୍ଥପତି ଲାଟେନ୍ସଙ୍କ ନାମରେ ନାମିତ)ର ଏକ ବଡ଼ ଉତ୍ସବ। ଏଣୁ ଏହି ଉତ୍ସବକୁ ଲଘୁ କରିଦିଆଯିବା ଫଳରେ ଏଥିରୁ ଉପକୃତ ହେଉଥିବା ବ୍ୟକ୍ତିମାନଙ୍କ ଉପରେ ଏହାର ପ୍ରଭାବ ପଡ଼ିଛି। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଏଥିରେ ଯୋଗ ଦେଇଥିବା ବାବୁମାନଙ୍କ ସଂଖ୍ୟା ମଧ୍ୟ ବହୁତ କମ୍ ଥିଲା। ସବୁ ବର୍ଷ ବହୁ ସଂଖ୍ୟାରେ ସଚିବ, ଅତିରିକ୍ତ ଓ ଯୁଗ୍ମ ସଚିବ ସେମାନଙ୍କ ପତ୍ନୀମାନଙ୍କ ସହ ଏହି ଉତ୍ସବରେ ଯୋଗ ଦେଉଥିଲେ। ଏଥିରେ ଯୋଗ ଦେଉଥିବା ଦିଲ୍ଲୀର ବଡ଼ ବଡ଼ ବ୍ୟବସାୟୀ ଓ ବୁଦ୍ଧିଜୀବୀ ଗୋଷ୍ଠୀ ସେମାନଙ୍କ ସହ ସାମାଜିକ ଭାବେ ମିଳାମିଶା କରିବାର ସୁଯୋଗ ପାଉଥିଲେ। ସେମାନଙ୍କ ସଂଖ୍ୟା କମିଯିବା ଫଳରେ ସେ ସୁଯୋଗ ସଂକୁଚିତ ହୋଇଗଲା।

ସମ୍ପ୍ରତି ସଚିବ ଓ ଯୁଗ୍ମ ସଚିବ ପାହ୍ୟାରେ ଅଣ-ଆଇଏଏସ୍ ବାବୁଙ୍କ ସଂଖ୍ୟା ବୃଦ୍ଧି ପାଇବା ଫଳରେ ସେମାନଙ୍କ ସହ ସାମାଜିକ ଭାବେ ମିଳାମିଶା କରିବାର ଗୁରୁତ୍ୱ ଓ ଉତ୍ସାହ ହ୍ରାସ ପାଇଲା। ଗୁରୁତ୍ୱପୂର୍ଣ୍ଣ ବାବୁମାନଙ୍କର ଅନୁପସ୍ଥିତିର ଗୋଟିଏ କାରଣ ହେଉଛି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର ଲାଲ୍‌କିଲ୍ଲା ଅଭିଭାଷଣ ପରେ ଅର୍ଥନୀତି ଉପରେ ଏକ ସମୀକ୍ଷା ବୈଠକ କରିଥିଲେ। ଏହା ପ୍ରଧାନମନ୍ତ୍ରୀଙ୍କ ଏଜେଣ୍ଡାରେ ଅର୍ଥନୈତିକ ସଂକଟର ଗୁରୁତ୍ୱକୁ ସୂଚାଇବା ସହ ବାବୁମାନଙ୍କ ପାଇଁ ସ୍ୱାଧୀନତା ଦିବସ ଯେ ଏକ ଛୁଟିଦିନ ନୁହେଁ, ତାହା ସୂଚାଇଥିଲା। ସ୍ପଷ୍ଟତଃ ଏହା ଏପରି ଏକ ସରକାର ଯାହା ୨୪ ଘଣ୍ଟା କାମ କରେ ଏବଂ ଆପଣଙ୍କୁ ମଧ୍ୟ କାମ କରାଯାଏ। ଆପଣ ଯଦି ଏହାର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଆପଣ ସେହି ଧାରାରେ ପଡ଼ିବାକୁ ବାଧ୍ୟ। ବାବୁମାନେ ଏଥିରେ କ୍ଳାନ୍ତ ହୋଇପଡ଼ିବା ସହ ଅନେକେ ରାଷ୍ଟ୍ରପତିଙ୍କ କାର୍ଯ୍ୟକ୍ରମରେ ଯୋଗ ଦେଇପାରି ନ ଥିଲେ। ତା'ଛଡ଼ା ଏହାପରେ ଅନେକ ବାବୁଙ୍କର ବି କିଛି ସରକାରୀ କାମ ଘରେ କରିବାକୁ ବାକି ଥିବ। ଏହି କାର୍ଯ୍ୟକ୍ରମରେ ୟୁନିଫର୍ମ ପିନ୍ଧା ଲୋକଙ୍କ ସଂଖ୍ୟା ବୃଦ୍ଧି ପାଇବାକୁ ଦେଖି ଭାଜପା କର୍ମୀମାନେ ଆନନ୍ଦିତ ହୋଇଥିବେ। ଅତୀତରେ ଏକ ତାରକା ବିଶିଷ୍ଟ ସେନାଧିକାରୀ ମଧ୍ୟ ଉପସ୍ଥିତ ରହୁଥିଲେ ଯାହାଙ୍କୁ ରାଷ୍ଟ୍ରପତି ସ୍ୱାଗତ ଜଣାଉଥିଲେ। କିନ୍ତୁ ଏଥର ରାଷ୍ଟ୍ରପତି ଭବନରେ ଅଧିକ ସଂଖ୍ୟକ ସାହସିକତା ପୁରସ୍କାରପ୍ରାପ୍ତ ଅଧିକାରୀ ଓ ସେମାନଙ୍କ ପରିବାର ସଦସ୍ୟ ତଥା ବେସାମରିକ ଅଫିସର ଉପସ୍ଥିତ ଥିଲେ। ସେମାନେ ଓ ସେମାନଙ୍କ ପରିବାର ସଦସ୍ୟମାନେ ନିମନ୍ତ୍ରିତ ବ୍ୟକ୍ତିମାନଙ୍କ ମଧ୍ୟରେ ମୁଖ୍ୟ ଅଂଶ ଥିଲେ। ସଶସ୍ତ୍ର ସେନାର ତିନି ବାହିନୀ ମଧ୍ୟରେ ସମନ୍ୱୟ ରକ୍ଷା କରିବା ପାଇଁ ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ (ସିଡିଏସ୍) ନିଯୁକ୍ତି ସମ୍ପର୍କରେ ସକାଳେ ଲାଲ୍‌କିଲ୍ଲାରେ ପ୍ରଧାନମନ୍ତ୍ରୀଙ୍କ ଘୋଷଣା ପରେ ଏହି ଉତ୍ସବରେ ତିନି ବାହିନୀ ମୁଖ୍ୟଙ୍କ ଉପସ୍ଥିତି ଅଧିକ ଗୁଞ୍ଜରଣ ସୃଷ୍ଟି କରିଥିଲା। କେତେକ ଗୋଷ୍ଠୀର ବାବୁଙ୍କୁ ଛାଡ଼ିଦେଲେ ସମସ୍ତେ ଏହାକୁ ସ୍ୱାଗତ ଜଣାଇଥିଲେ। ତିନି ବାହିନୀର ମୁଖ୍ୟଙ୍କ ମଧ୍ୟରୁ କିଏ ଏହି ଗୁରୁତ୍ୱପୂର୍ଣ୍ଣ ନୂତନ ପଦବୀରେ ଅଧିଷ୍ଠିତ ହେବେ ତାକୁ ନେଇ ଅନେକଙ୍କ ମନରେ ପ୍ରଶ୍ନ ଉଙ୍କି ମାରିଥିଲା। କିନ୍ତୁ ଏପରି କି ହତାଶ ବାବୁମାନେ ବି ବିଭିନ୍ନ ସ୍କୁଲ ପରୀକ୍ଷାରେ ଟପ୍ପର ହୋଇଥିବା ଛାତ୍ରମାନଙ୍କୁ ରାଷ୍ଟ୍ରପତି ନିମନ୍ତ୍ରଣ କରିବାର ନୂତନ ଧାରାକୁ ସ୍ୱାଗତ କରିଥିଲେ। ଏହା ରାଷ୍ଟ୍ରପତି ଭବନରେ ନୂତନ ଧରଣର ସାଧାରଣ ଜନତାଙ୍କ ପହୁଞ୍ଚକୁ ସୁନିଶ୍ଚିତ କରିଥିଲା। କିନ୍ତୁ ଏସବୁ ଭିତରେ ରାଷ୍ଟ୍ରପତିଙ୍କ ସହ ଚା ପାନ କାର୍ଯ୍ୟକ୍ରମରେ ବାବୁମାନଙ୍କ କମ୍ ସଂଖ୍ୟାରେ ଉପସ୍ଥିତି ଅନେକ ବାବୁଙ୍କୁ ନିରୁତ୍ସାହିତ କରିଥିଲା।

Email: dilipcherian@gmail.com

## ଚିରନ୍ତନୀ

ତୈଳହୀନ ପ୍ରଦୀପର କ୍ଷୀଣ ରଶ୍ମିରେଖା
ନିମିଷେକ ଲାଗି ଦିଏ ଦେଖା
ନିମିଷେକ ପରେ ପୁଣି ନିବିଡ଼ ତମସା ଅନ୍ତରାଳେ
କାହିଁ ଯେ ଉଭେଇ ଯାଏ ଦେଖିଅଛି କିଏ କେଉଁ କାଳେ ?
(ସୃଜନ ବ୍ୟଥା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku | ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 8 | | | D | 4 | | | | 2 | A | | | | | |
| | | | 8 | | | B | | | | 6 | | | A | |
| | 5 | | 0 | 6 | 3 | | C | | | D | 9 | | | |
| 2 | 4 | | 7 | | | | | | | 0 | C | | B | |
| | | 0 | 9 | | | D | | | | | 7 | 6 | | |
| | | D | | | | | E | 8 | | | | C | 4 | 0 |
| | | 3 | | A | C | | | | | | | | | |
| 1 | | | | | | | | | | | | B | 9 | |
| | | | B | 1 | | | | C | | | 0 | E | | |
| 7 | 0 | 4 | | | 9 | | | | | 2 | E | | 6 | 3 |
| | | 7 | 6 | | B | | | | | | | 5 | | 1 |
| 9 | A | | 1 | | 7 | | | | E | | 5 | | | B |
| | | | | 0 | | 8 | D | | 1 | | | | | 4 |
| 6 | | 8 | | | | | | | | | 4 | | | |
| | 1 | 2 | A | 5 | | 9 | | | | | | | C | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| D | 3 | 7 | 1 | 9 | B | 5 | 6 | C | A | 8 | E | 2 | 4 | 0 |
| B | 6 | 5 | D | 3 | A | 9 | 0 | 4 | 2 | 7 | 1 | C | 8 | E |
| C | 8 | E | 2 | 5 | 4 | D | B | A | 9 | 3 | 0 | 6 | 7 | 1 |
| 9 | 0 | 2 | C | E | 7 | 1 | 8 | 3 | 4 | 6 | B | D | A | 5 |
| A | 1 | 4 | 8 | 0 | 6 | 7 | E | 2 | C | 5 | D | B | 3 | 9 |
| 5 | A | 0 | E | 6 | 8 | 4 | C | B | 3 | 1 | 2 | 9 | D | 7 |
| E | 2 | C | 5 | A | 9 | 8 | 7 | 1 | 0 | D | 4 | 3 | 6 | B |
| 6 | 9 | 3 | 0 | C | 1 | 2 | D | 5 | B | A | 7 | 8 | E | 4 |
| 7 | D | 1 | B | 4 | 3 | E | A | 0 | 8 | 9 | 6 | 5 | 2 | C |
| 4 | B | 8 | 7 | D | 2 | 3 | 9 | 6 | E | C | 5 | 1 | 0 | A |
| 8 | E | A | 6 | 1 | 0 | C | 4 | D | 5 | B | 3 | 7 | 9 | 2 |
| 3 | 4 | 6 | 9 | 2 | C | B | 1 | 8 | 7 | E | A | 0 | 5 | D |
| 0 | 7 | D | A | 8 | 5 | 6 | 2 | 9 | 1 | 4 | C | E | B | 3 |
| 2 | C | B | 3 | 7 | D | A | 5 | E | 6 | 0 | 9 | 4 | 1 | 8 |
| 1 | 5 | 9 | 4 | B | E | 0 | 3 | 7 | D | 2 | 8 | A | C | 6 |

ଗତକାଲିର ଉତ୍ତର

# ମୁଁ, ମୋ ବିଶ୍ୱ ଓ ଜଣେ ଫଟୋଗ୍ରାଫର



## ମନ-ମାନଚିତ୍ର

ଡ. ନରହରି ବେହେରା

'ମୁଁ' ଜଣେ ବ୍ୟକ୍ତି ନୁହେଁ ବରଂ ସକଳ ବିଶ୍ୱକୁ ଅବଲୋକନ କରୁଥିବା ମୋ ପରି ଅନେକ ବ୍ୟକ୍ତିଙ୍କର ସମନ୍ୱିତ ଏକ ବ୍ୟକ୍ତିସତ୍ତା। ଆଜି ସେଇ 'ମୁଁ' ଭାବୁଛି, ଯେତେବେଳେ ଶିଶୁଟିଏ ହୋଇ ମାଆ କୋଳରେ ଦିନ କାଟୁଥିଲି ସେତେବେଳେ ମୋ ମାଆର କୋଳକୁ ନିଶ୍ଚୟ ସମଗ୍ର ବିଶ୍ୱ ବୋଲି ବିବେଚନା କରୁଥିବି। ସେତେବେଳେ ଏ ବିଶ୍ୱରେ ମୋ ପାଇଁ ମୋ ମାଆ ହିଁ ଏକମାତ୍ର ପରିଚିତ ତଥା ବିଶ୍ୱାସର ମଣିଷ ଥିବ। ମୁଁ ବଡ଼ ହେଲି, ମୋ ଚେତନାର ଚୌହଦୀ ପ୍ରସାରିତ ହୋଇଗଲା। ମାଆ କୋଳ ଛାଡ଼ି ଘରେ ବୁଲିବାବେଳେ ମୁଁ ଭେଟିଲି ଘରର ଅନ୍ୟମାନଙ୍କୁ। ସେତେବେଳେ ନିଶ୍ଚୟ ମୋର ମନେହୋଇଥିବ ଏ ସଂସାରରେ ମୋ ମାଆ ବ୍ୟତୀତ ଆହୁରି ଅନେକ ଲୋକ ଅଛନ୍ତି। ସେମାନେ ମୋର ଆତ୍ମୀୟସ୍ୱଜନ, ଯେଉଁମାନଙ୍କ ପାଇଁ ଏ ବିଶ୍ୱ ମୋତେ ଆନନ୍ଦମୟ ଲାଗୁଛି। କିଛି ଦିନ ପରେ ମୁଁ ଆଉ ଟିକିଏ ବଡ଼ ହୋଇଗଲି। ଘର ଛାଡ଼ି ଦାଣ୍ଡରେ ପାଦ ଦେଲି। ସାଙ୍ଗସାଥୀ, ପଡ଼ୋଶୀଙ୍କୁ ଭେଟିଲି। ସେତେବେଳେ ମୋର ମନେହେଲା ଏ ବିଶ୍ୱ ଆହୁରି ବ୍ୟାପକ।

କାଳକ୍ରମେ ଗାଁ ଦାଣ୍ଡ ଛାଡ଼ି ଯେତେ ଆଗକୁ ବଢ଼ିଲି ଏ ବିଶ୍ୱର ବ୍ୟାପକତାକୁ ସେତେ ଅଧିକ ଅନୁଭବ କଲି। ବିଶ୍ୱ ତୁଳନାରେ ମୁଁ ନିଜକୁ ଅତି କ୍ଷୁଦ୍ର ମନେକଲି। ମାତ୍ର ମୁଁ ଜଣେ ଅଦ୍ଭୁତ ବ୍ୟକ୍ତିରେ ରୂପାନ୍ତରିତ ହୋଇଗଲି। ମୋର ସରଳ ହସ, ନିଷ୍ପାପ ମନ, ମନଖୋଲା କଥା ସବୁ କିଛି ବଦଳିଗଲା। ମାଆର କୋଳ, ଘରର ଅଗଣା, ଗାଁ ଦାଣ୍ଡ, ଭାଇବନ୍ଧୁ, ଆତ୍ମୀୟସ୍ୱଜନ ସବୁ କିଛି କେବଳ ସ୍ମୃତି ହୋଇ ରହିଗଲା ସିନା ମୋ ଚେତନାକୁ ଦୋହଲାଇ ଦେଇପାରିଲାନି। ମୁଁ ଏ ବିରାଟ ବିଶ୍ୱରେ ସ୍ୱତନ୍ତ୍ର ହେବାକୁ ଚାହିଁଲି। ସକଳ ବିଶ୍ୱରେ ମୁଁ ହିଁ କେବଳ ମୁଁ ହେବି- ଏହି ଭାବନା ମୋର ନିଷ୍ପାପ ସରଳ ମନକୁ କେବଳ ଚୋରି କରିନେଲା ନାହିଁ, ଅପରନ୍ତୁ ମୋର ସକଳ କୋମଳ ଚେତନାକୁ ପଥର କରିଦେଲା। ଏ ପୃଥିବୀ ମୋର, ଏ ମୋର ବଞ୍ଚିବା ପାଇଁ ସବୁ କିଛି ଯୋଗାଡ଼ କରି ରଖିଛି। ଜନ୍ମ ହେବାବେଳେ ଦି ଚାମଚ କ୍ଷୀରରେ ପେଟ ପୂରି ଯାଉଥିଲା, ଏବେ ମୁଁ କେତେ ଆନନ୍ଦରେ ଭୁରି ଭୋଜନ କରୁଛି- ଏସବୁ ତ ମୁଁ ପ୍ରସ୍ତୁତ କରି ନ ଥିଲି। ତେବେ ମୋ ପାଇଁ ଯେଉଁମାନେ ଏତେ ପ୍ରସ୍ତୁତି କଲେ, ତାଙ୍କ ପାଇଁ ମୁଁ କ'ଣ କଲି? ମୁଁ କାହିଁକି ଜଣେ ନିରନ୍ନ ଦୁଃଖୀ ମଣିଷର ଆଖି ଦେଖି ନ ପାରି କେବଳ ପଡ଼ିଶାଙ୍କ ଘର, ଗାଡ଼ି, ବ୍ୟାଙ୍କ ବାଲାନ୍ସ, ପଦପଦବୀ ପ୍ରଭୃତିକୁ ଦେଖିଲି? ମୁଁ ମାନବରୁ ଯନ୍ତ୍ରମାନବରେ ପରିଣତ ହୋଇଗଲି। ଜୀବନକୁ ସରଳ ସୁନ୍ଦର ଭାବରେ ନ ଗଢ଼ି ଗୋଟିଏ ହିସାବଖାତାରେ ପରିଣତ କରିଦେଲି। ମୁଁ ସମସ୍ତଙ୍କ ସହିତ ମୋ ବୁଦ୍ଧିର ଖେଳ ଆରମ୍ଭ କରିଦେଲି। କେଉଁଠି ବାବା ହୋଇ ଲୋକଙ୍କ ବିଶ୍ୱାସ ସହିତ ଖେଳିଲି ତ କେଉଁଠି ଶାସକ କି ପ୍ରଶାସକ ହୋଇ ଜନତାଙ୍କ ସହିତ ବିଶ୍ୱାସଘାତକତା କଲି।

ଏ ସୃଷ୍ଟିରେ ସବୁଠାରୁ ବିଚିତ୍ର ହେଉଛି ମଣିଷର ମନ ଓ ଚରିତ୍ର। ଚାଖଣ୍ଡେ ଭୂମିକୁ ନିଜର ବୋଲି ଦାବିକରି ଭାଇ ଭଗାରିଙ୍କ ସହିତ ଲଢ଼େଇ କରି ପ୍ରାଣ ହାରିଦେବାକୁ ପଛାଉ ନ ଥିବା ମଣିଷ ଏ ସମାଜ ଛାଡ଼ି ମଶାଣିରେ ଘର କରେ ନାହିଁ। ସେ ସେହି ମଣିଷଙ୍କ ଗହଣରେ ଘର କରି ହିଁ ରହିଥାଏ। ଏ ଜୀବନ ପ୍ରିୟ ପରିଜନଙ୍କ ବିନା ଶୁଷ୍କ ନୀରସ, ମାତ୍ର ମୁଁ କେଡ଼େ ସ୍ୱାର୍ଥପର ସତେ! ଏ ସୁନ୍ଦର ବିଶ୍ୱରେ ସମସ୍ତଙ୍କୁ ପାଇ ମଧ୍ୟ ମୁଁ ଏକାକୀ କ୍ଷମତାର ତୁଙ୍ଗ ଶିଖର ଆରୋହଣରେ ମନ ବଳାଇଛି!

ମୁଁ କେବେ ବି ଭାବିନାହିଁ, ସକଳ ସୁଖସ୍ୱାଚ୍ଛନ୍ଦ୍ୟକୁ ପରିହାର କରି କାହିଁକି ସିଦ୍ଧାର୍ଥ ନିଶାର୍ଦ୍ଧରେ ଗୃହ ତ୍ୟାଗ କଲେ? କାହିଁକି ବଢ଼ି ମରୁଡ଼ିରେ ନିଜର ରୋଗଗ୍ରସ୍ତ ପୁଅକୁ ଛାଡ଼ି ଗୋପବନ୍ଧୁ ପ୍ରପୀଡ଼ିତଙ୍କ ପାଖରେ ଠିଆ ହେଉଥିଲେ? କାହିଁକି ଏ ନିର୍ଜୀବ ଓଡ଼ିଆଙ୍କୁ ମୁଣ୍ଡ ଟେକି ଚାଲିବାକୁ ପ୍ରେରଣା ଦେବା ପାଇଁ ମଧୁବାବୁ ଦେବାଳିଆ ହୋଇଗଲେ? ସେମାନଙ୍କର କଥା ଶୁଣିଛି, ଗାଥା ଭଣିଛି, ତଥାପି କାହିଁକି ମୁଁ ମୋର ମୋର କହି ଅନ୍ତଃସତ୍ତାକୁ ହରାଇ ବସୁଛି? କାମନାର ସର୍ବଗ୍ରାସୀ ନିଆଁରୁ ନିଜକୁ ରକ୍ଷା କରିପାରୁନାହିଁ।

ଆଜି ସମଗ୍ର ବିଶ୍ୱକୁ ମୁଁ ଆପଣାର କରିନେବା ପାଇଁ ଚେଷ୍ଟା କରିଛି, ମାତ୍ର ବିଶ୍ୱର ମୁଁ ନିଜର ହୋଇପାରିଲିନି। ବାରମ୍ବାର କ୍ଷମତା ଏବଂ ଆଧିପତ୍ୟ ଦ୍ୱାହିରେ ଏ ବିଶ୍ୱକୁ ବିଦଳିତ କରିଦେବାକୁ ଚେଷ୍ଟା କରିଛି। ମୁଁ କେତେବେଳେ ନେପୋଲିଅନ୍ ହୋଇଛି ତ କେତେବେଳେ ଚେଙ୍ଗିଜ୍ ଖାଁରେ ରୂପାନ୍ତରିତ ହୋଇଯାଉଛି। ମାତ୍ର ବିଶ୍ୱକୁ କରାୟତ୍ତ କରିବାକୁ ଯାଇ ଆଲେକ୍‌ଜାଣ୍ଡର ଯେପରି ଶେଷ ମୁହୂର୍ତ୍ତରେ ନଶ୍ୱରତାକୁ ଅନୁଭବ କରି ପ୍ରାଣତ୍ୟାଗ କଲେ, ତାକୁ ମୁଁ ଅନୁଭବ କରିପାରୁନାହିଁ। ଯେଉଁ ବିଶ୍ୱ ମୁଁ ଜନ୍ମ ହେବା ପୂର୍ବରୁ ମୋ ପାଇଁ ସବୁକିଛି ସଜାଡ଼ି ରଖିଥିଲା, ଯେଉଁ ବିଶ୍ୱ ମୋର ପ୍ରତ୍ୟେକ ମୁହୂର୍ତ୍ତକୁ ସରସ ସୁନ୍ଦର କରିବା ପାଇଁ ଆତ୍ମୀୟସ୍ୱଜନଙ୍କୁ ମୋତେ ଉପହାର ଦେଇଛି ତା'ପାଇଁ କ'ଣ କରିଛି? ମୋ ଚେତନା ସବୁବେଳେ ଅଥୟ କରେ ଏ ବିଶ୍ୱର ଆପଣାର ହେବାକୁ, କିନ୍ତୁ ମୋ ମନ କର୍ତ୍ତବ୍ୟ ଏବଂ ଅକର୍ତ୍ତବ୍ୟ ବିବେଚନା କରିବାକୁ ଦେଉନାହିଁ। ମୁଁ ମନର ଦାସତ୍ୱ ସ୍ୱୀକାର କରିସାରିଛି। ମୁକୁଳି ପାରିବାର ଉପାୟ ଖୋଜିଲେ ବି ପାଇ ପାରୁନି। ସବୁ ଦେଖୁଥିଲେ ବି କର୍ତ୍ତବ୍ୟ ଅପେକ୍ଷା ନିଜ ପ୍ରତିଷ୍ଠା ଏବଂ ଖ୍ୟାତି ପଛରେ ଧାଉଁଛି, ଠିକ୍ ସେଦିନର ସେହି ବିଖ୍ୟାତ ଫଟୋଗ୍ରାଫର କେଭିନ୍ କାର୍ଟରଙ୍କ ପରି। ସେ ସୁଦାନର ଦାରୁଣ ଦୁର୍ଭିକ୍ଷ ସମୟରେ ଗୋଟିଏ ଅସ୍ଥିକଙ୍କାଳସାର ମୃତବତ୍ ଶିଶୁଟିକୁ ଖାଇବା ପାଇଁ ଧାଇଁ ଆସୁଥିବା ଶାଗୁଣାର ଫଟୋ ଉଠାଇଥିଲେ। ମୃତ୍ୟୁର ଏ କରୁଣ ଚିତ୍ର ତାଙ୍କୁ ଅନେକ ପ୍ରଶଂସା ଦେଇଥିଲା। ମାତ୍ର ତା' ସହିତ ଆଣିଥିଲା ବିଶ୍ୱର ପ୍ରତିଟି କୋଣରୁ ନିନ୍ଦା, ଅପବାଦ ଏବଂ ଅପଯଶ। କଥା ଉଠିଲା, କେଭିନ୍ ଶାଗୁଣା ମୁହଁରୁ ଶିଶୁଟିକୁ ରକ୍ଷା କରିଥିଲେ ହୁଏତ ଶିଶୁଟି ବଞ୍ଚି ଯାଇଥାନ୍ତା, ତାହା ନ କରି ସେ ଫଟୋ ଉଠାଇଲେ କେମିତି? ଏ ନିନ୍ଦା ଅପବାଦ ଜ୍ୱାଳାରେ ଛଟପଟ ହୋଇ ଶେଷରେ ସେ ଆତ୍ମହତ୍ୟା କଲେ।

ମୁଁ ସେହି କେଭିନ୍‌ଙ୍କ ପରି କେବଳ ଯଶଖ୍ୟାତି ପଛରେ ଧାଇଁଛି। ଖାଲି ଲୋକଦେଖାଣିଆ ନିଜକୁ ଜଣେ ସହୃଦୟ ମଣିଷର ପରିଚୟ ଦେବାକୁ ଚେଷ୍ଟା ଚଳାଇଛି। ମଣିଷପଣିଆ ଅପେକ୍ଷା ମିଥ୍ୟା ଯଶକୀର୍ତ୍ତିର ବାନା ଉଡ଼ାଇବା ପାଇଁ କଳକୌଶଳ ପ୍ରୟୋଗ କରୁଛି। ଏ ଭାରତବର୍ଷର ମୁନିଋଷିମାନେ ଉଦାତ୍ତ କଣ୍ଠରେ ଗାନ କରିଥିଲେ, 'ସର୍ବେ ଭବନ୍ତୁ ସୁଖିନଃ', କିନ୍ତୁ ମୁଁ କାହିଁକି ଏ ବିଶ୍ୱର କଲ୍ୟାଣ ଅପେକ୍ଷା ବ୍ୟକ୍ତିଗତ ଚିନ୍ତାଧାରାକୁ ପ୍ରାଧାନ୍ୟ ଦେଉଛି? ନିଜ ଦେଶର ସୀମାବୃଦ୍ଧି ନିଶାରେ କାହିଁକି ଯୁଦ୍ଧଂ ଦେହି ଡାକରା ଦେଉଛି? କାହିଁକି ନଗଡ଼ାର ଶିଶୁଟିଏ ପୁଷ୍ଟିହୀନତାରେ ଶଢ଼ୁଥିବାବେଳେ ମୋ ପିଲାଟି ସରଳବର୍ଣୀକୁ ଥୁ କରି ଦେଉଛି? କାହିଁକି ଅନାକାଙ୍କ୍ଷିତ ଆହବ, କ୍ଷୁଧା, ଅଶିକ୍ଷା, ଅନ୍ଧବିଶ୍ୱାସରେ ଏ ବିଶ୍ୱ ସର୍ବଦା ଥରହର ହେଉଥିବା ବେଳେ ମୁଁ ସମ୍ରାଟ୍ ନିରୋଙ୍କ ପରି ବେଧଡ଼କ? ଏଥିପାଇଁ ଦାୟୀ ମୋ ବ୍ୟତୀତ ଆଉ କିଏ ହୋଇପାରେ? ମୋ ବିଶ୍ୱ ପାଇଁ ମୁଁ ଏକ ଅବାଞ୍ଛିତ ଉପସ୍ଥିତି ନୁହେଁ କି?

ବାସୁଦେବବାସ୍ୟମ୍, ଜଗନ୍ନାଥବିହାର, ବାଇପାସ, ଭଦ୍ରକ, ମୋ: ୭୯୭୮୯୦୩୫୦୯

# କର୍ମ ନେଇ ଫଳ

ରମେଶ ଚନ୍ଦ୍ର ସାମଲ

ପିମ୍ପୁଡ଼ି ରୁଖା ଉପରକୁ ଉଠିଗଲେ ଭାବେ ତା' ମୁଣ୍ଡ ସ୍ୱର୍ଗରେ ଲାଗିଛି। ସମାଜର ପ୍ରତ୍ୟେକ ସ୍ତରରେ ଏହା ଦେଖିବାକୁ ମିଳୁଛି। ଯିଏ ସଫଳତାର କିଛି ପାହାଚ ଆଗେଇ ଗଲା ସେ ଭାବୁଛି ସେ ସବୁ ଜାଣିବାର, ସବୁ ପାରିବାର। ଦୁନିଆରେ ତା'ଠୁଁ ବଳି କେହି ନାହାନ୍ତି। ଅନ୍ୟମାନଙ୍କୁ ସେ ନୀଚ ଦୃଷ୍ଟିରେ ଦେଖୁଛି। ଛୋଟ ପିଲାଟି ଭଲ ପଢ଼ି ଭଲ ଟିକେ କହିବୋଲି କିମ୍ବା ଖେଳିପାରିଲେ, ସେ ଅନ୍ୟ ସାଙ୍ଗଙ୍କ ପାଖରେ ଖାତିରି ଦେଖେଇ ହେଉଛି। ମଣିଷ ମନରେ ଗର୍ବଆସେ ଯେତେବେଳେ ସେ ଅନୁଭବ କରେ ଆଖି ଆଗରେ ଥିବା ଅନ୍ୟ ଲୋକଙ୍କଠାରୁ ସେ ଭଲ ସ୍ଥିତିରେ ଅଛି। ସେତେବେଳେ ସେ ଭୁଲିଯାଏ ତା'ଠାରୁ ଅନ୍ୟ କେହି ବହୁ ଧନଜନଗୋପଲକ୍ଷ୍ମୀସମ୍ପନ୍ନ ଲୋକ ଦୁନିଆରେ ଅଛନ୍ତି ବା ଥାଇପାରନ୍ତି। ସ୍ୱର୍ଗର ନିର୍ଦ୍ଦିଷ୍ଟ ସୀମାରେଖା ନ ଥିବା ଭଳି ଏସବୁର ସୀମା କଳନା କରିବା ସମ୍ଭବ ନୁହେଁ।

ଧନଜନଗୋପଲକ୍ଷ୍ମୀ କ୍ଷଣିକ- ସ୍ୱପ୍ନବତ୍। ଲକ୍ଷ୍ମୀଙ୍କୁ କୁହାଯାଏ ଚଞ୍ଚଳା। ସେ କେତେବେଳେ କେଉଁଠିକି ଆସନ୍ତି ପୁଣି ଚାଲିଯାନ୍ତି ତାହା ଭାବନା ଶକ୍ତିର ବାହାରେ। ଆଜି ଧନରତ୍ନରେ ଫାଟି ପଡୁଥିବା ରାଜା ପରି ଲୋକ କାଲି ଦାଣ୍ଡର ଭିକାରି ହୋଇପାରେ। ରାଜା ହରିଶ୍ଚନ୍ଦ୍ର ଶ୍ମଶାନରକ୍ଷକ ହୋଇଥିଲେ ଓ ନଳରାଜା ଘୋଡା ପାଇଁ ଘାସ କାଟିଥିଲେ। ବୁଦ୍ଧିବିଦ୍ୟା କ୍ଷେତ୍ରରେ ମଧ୍ୟ ସେୟା। କେହି କ'ଣ ଛାତିରେ ହାତରଖି କହିପାରେ ସେ ଦୁନିଆରେ ସବୁଠୁଁ ବଳି ବୁଦ୍ଧିମାନ୍, ବିଦ୍ୟାବାନ୍? ଦୁନିଆରେ ବହୁ ଗୁଣୀ ଜ୍ଞାନୀ ବୈଜ୍ଞାନିକ ଥିଲେ- ଆଜି ମଧ୍ୟ ଅଛନ୍ତି। ଏମାନଙ୍କ ଦ୍ୱାରା ପ୍ରମାଣିତ କେତେକ ତଥ୍ୟ ମଧ୍ୟ ପରପିଢ଼ିରେ ଭୁଲ୍ କିମ୍ବା ତ୍ରୁଟିପୂର୍ଣ୍ଣ ବୋଲି ପ୍ରମାଣିତ ହୋଇପାରିଛି। ଆଗେ ବହୁ ଗୁଣୀ ଜ୍ଞାନୀ ଲୋକ କହିଥିଲେ, ପୃଥିବୀ ସ୍ଥିର ଓ ସୂର୍ଯ୍ୟ ଏହାର ଚାରିପଟେ ଘୂରୁଛି। କିନ୍ତୁ ଏବେ ଏହା ଭୁଲ୍ ପ୍ରମାଣିତ ହୋଇଛି। ଆମେ ସମସ୍ତେ ଜାଣୁଛୁ ସୂର୍ଯ୍ୟ ଚାରିପଟେ ପୃଥିବୀ ଆଦି ନବଗ୍ରହ ଘୂରୁଛନ୍ତି।

ଏଣୁ ଧନ, ଗୁଣ ଓ ଜ୍ଞାନକୁ ନେଇ କେହି ଗର୍ବ କରିବା ଉଚିତ ନୁହେଁ। ଏସବୁ ସତ୍ତ୍ୱେ ମଣିଷ ମଣିଷ ଓ ଦେଶ ଦେଶ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ଚାଲିଛି। ବୁଦ୍ଧିଜ୍ଞାନ ବଳରେ ଦିନେ ଭରପୂର ଥିବା ସୋଭିଏଟ୍ ରୁଷ୍ ଏବେ ଚାଇନା ଓ ଆମେରିକାଠାରୁ ପଛରେ ପଡ଼ିଯାଇଛି। ଆମେରିକା, ଚାଇନା ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ଚାଲିଛି, କିଏ କେତେ ନୂଆ ଉଦ୍ଭାବନ କରି ନିଜର ଶ୍ରେଷ୍ଠତ୍ୱ ପ୍ରତିପାଦନ କରିପାରିବ। ଏବେ ଭାରତ ମଧ୍ୟ ଗୋଟିଏ ନୂଆଶକ୍ତି ହୋଇ ଠିଆ ହେବାକୁ ଯାଉଛି। କବି, ଗାଳ୍ପିକ, ଔପନ୍ୟାସିକ ଓ ସଙ୍ଗୀତଜ୍ଞଙ୍କ କ୍ଷେତ୍ରରେ ମଧ୍ୟ ସମାନ ସ୍ଥିତି। କାହାକୁ ନ୍ୟୂନ କିମ୍ବା କାହାକୁ ଅଧିକ ବିଚାର କରିବା ଠିକ୍ ହେବନି। ଆଜି ଯାହା ଉନ୍ନତ ଓ ଶ୍ରେଷ୍ଠ ବୋଲି ଜନାଦୃତି ଲାଭ କରୁଛି କାଲି ତାହା ନିହାତି ମାମୁଲି ଓ ସାଧାରଣ ବିଚାର କରାଯାଇପାରେ, ଲୋକମାନଙ୍କ ରୁଚି ଆଧାରରେ ଏହାର ଭଲମନ୍ଦ ମୂଲ୍ୟାଙ୍କନରେ ପରିବର୍ତ୍ତନ ଘଟେ। ଦୁନିଆରେ ଏଭଳି ବହୁ ଉପନ୍ୟାସ ଅଛି ଯାହାକୁ ଦିନେ କେହି ଆଡ ଆଖିରେ ଚାହୁଁ ନ ଥିଲେ, ସମୟର ପରିବର୍ତ୍ତନ ଓ ଲୋକମାନଙ୍କ ରୁଚିକୁ ନେଇ ଆଜି ସେସବୁ ଖୁବ୍ ଜନାଦୃତ ହୋଇଛି। ସିନେମା, ଯାତ୍ରା ଜଗତରେ ଆଜି ଯାହା ବକ୍ସ ଅଫିସ ହିଟ୍ କରେ କାଲି ତାହା ସାଧାରଣ ହୋଇ ସେତେଟା ଜନାଦୃତ ହୋଇପାରେନା। କଥାରେ ଅଛି ''ନୂଆ ନୂଆ ଦିନା କେତେ ବହୁ ଆଦର, ନୂଆଟି ପୁରୁଣା ହେଲେ ତୁଠ ପଥର।'' ଏଣୁ ଏସବୁ କ୍ଷେତ୍ରରେ, ସାମୟିକ ସାଫଲ୍ୟ ପାଇଁ କେହି ଗର୍ବିତ ହେବା ଉଚିତ ନୁହେଁ କିମ୍ବା ଏହାର ନିମ୍ନ ମୂଲ୍ୟାୟନ ହେଲେ ହତୋତ୍ସାହ ହୋଇ ଭାଙ୍ଗିପଡିବା ଉଚିତ ନୁହେଁ। ଏସବୁ ଗତାନୁଗତିକ ବିଚାର କରିବା ବୁଦ୍ଧିମାନର କାମ।

ଆଗକାଳରେ ପୃଥିବୀରେ ଅଧିକାଂଶ ଦେଶରେ ରାଜରାଜୁଡ଼ା ଶାସନ ଥିଲା। ସମୟକ୍ରମେ ବହୁ ଗର୍ବୀ, ଉଦ୍ଧତ, ହିଂସ୍ର ରାଜା ଦୁନିଆକୁ ଆସିଛନ୍ତି। ନିଜ ଦେଶର ସୀମାବୃଦ୍ଧି ଓ ବ୍ୟକ୍ତିଗତ ସ୍ୱାର୍ଥ ପାଇଁ ସେମାନେ ବହୁ ଅନ୍ୟାୟ ଅତ୍ୟାଚାର କରିଯାଇଛନ୍ତି। ଲୋକେ ସେମାନଙ୍କର ନିନ୍ଦା ଅପବାଦ କରୁଛନ୍ତି। ଉତ୍ତମ ପରୋପକାରୀ ରାଜାମାନେ ସୁଚାରୁରୂପେ ରାଜ୍ୟ ଶାସନ କରି ଲୋକଙ୍କର ବହୁ ଶ୍ରଦ୍ଧା ଓ ପ୍ରିୟଭାଜନ ହୋଇଛନ୍ତି। ଏମାନଙ୍କ ଶାସନକୁ ଲୋକେ ରାମରାଜ୍ୟ କହି ଝୁରି ହେଉଛନ୍ତି। ସଙ୍ଗରେ କେହି କିଛି ନେଇ ଯାଇନାହାନ୍ତି। କାହାର ଗର୍ବ ଔଦ୍ଧତ୍ୟ ରହିନି। ଦିଗ୍‌ବିଜୟୀ ଆଲେକ୍‌ଜାଣ୍ଡର ମରିବା ପୂର୍ବରୁ କହିଥିଲେ, ସେ ମରିଗଲେ ତାଙ୍କ ଶବାଧାର ତଳକୁ ହାତ ଝୁଲାଇ ଦେଇ ଶବ ସତ୍କାର କରିବାକୁ। ଏହାଦ୍ୱାରା ସମସ୍ତେ ଜାଣିବେ ଯେଉଁ ହାତରେ ବହୁ ଦେଶ ଜୟ କରିପାରିଥିଲେ, ମରିଗଲା ପରେ ସେ ହାତ କେତେ ଅସହାୟ। ସେ ନିଜକୁ ମୃତ୍ୟୁମୁଖରୁ ରକ୍ଷା କରି ପାରୁନାହାନ୍ତି। ଜୟ କରିଥିବା କୌଣସି ରାଜ୍ୟ ବା ଧନସମ୍ପଦ ସେ ସାଙ୍ଗରେ ନେଇ ଯାଇପାରୁନାହାନ୍ତି। ରାଜା ଔରଙ୍ଗଜେବ୍ ମଧ୍ୟ ମଲା ପୂର୍ବରୁ କହିଥିଲେ, ମୁଁ ଖାଲି ହାତରେ ଆସିଥିଲି, ଖାଲି ହାତରେ ଚାଲିଯାଉଛି। ଏବେ ଦେଶରେ ଗଣତନ୍ତ୍ର ଶାସନ ଚାଲିଛି। ବିଭିନ୍ନ ମନ୍ତ୍ରୀ ବିଭିନ୍ନ ବିଭାଗର ଦାୟିତ୍ୱ ନେଉଛନ୍ତି। ଏମାନେ ଦେଶର କର୍ଣ୍ଣଧାର, ଶାସନ ଏମାନଙ୍କ ହାତରେ। ଭୋଟ ପୂର୍ବରୁ ଏମାନେ ଯାହା ପାଖକୁ ଭୋଟ ଭିକ୍ଷା ପାଇଁ ଯାଆନ୍ତି ତା'ର ଭଲମନ୍ଦ ପଚାରି ହାତ ଉଠେଇ ନମସ୍କାର କରନ୍ତି। ଲୋକଙ୍କ ଘରେ ଶାଗପଖାଳ ଖାଆନ୍ତି। ଲୋକଙ୍କୁ ବିଭିନ୍ନ ପ୍ରତିଶ୍ରୁତି ଦିଅନ୍ତି। ଭୋଟ ପରେ ନିର୍ବାଚିତ ହୋଇ ଥରେ ଗାଦି ମଣ୍ଡନ କରିସାରିବା ପରେ କଥା ବଦଳିଯାଏ। ଯେଉଁ ନେତା ଭୋଟ ପୂର୍ବରୁ ଏତେ ଖାତିରି କରି ଘରେ ଶାଗପଖାଳ ଖାଇଥିଲେ ତାଙ୍କୁ ଦେଖା କରିବାକୁ ଲୋକଙ୍କୁ ଲାଇନ୍ ଦେବାକୁ ପଡେ। ସେମାନଙ୍କ ଛାତିକି ଲଙ୍ଗଳ ଦଉଡ଼ି ପାଏନି। ପାଞ୍ଚ ବର୍ଷ ସରିଗଲା ପରେ ପୁଣି ଲୋକଙ୍କ ଦୁଆରକୁ ଆସି ଭୋଟ ଭିକ୍ଷା କରନ୍ତି। ଶାସନରେ ଥିବା ବେଳେ ଭୁଲିଯାନ୍ତି-'ଅଢ଼େଇ ଦିନକୁ ବଢ଼େଇ କାହିଁକି?'

ଭଗବାନ ସବୁ ସହନ୍ତି-ହେଲେ ସେ କାହାର ଗର୍ବ ସହନ୍ତିନି। ଆମେ ଭୁଲିଯାଉଛୁ ଯାହାଦ୍ୱାରା ଆମେ ଏତେ ଉଚ୍ଚାସୀନ ହୋଇପାରିଛେ, ସେ ଚାହିଁଲେ କ୍ଷଣକରେ ଆମର ସୁନାଲଙ୍କା ଚୂନା ହୋଇଯାଇପାରେ ଓ ଆମେ ପୁନର୍ମୂଷିକ ହୋଇଯାଇପାରୁ। ଏଣୁ ସାଧୁ ସାବଧାନ! 'ବୁଝି ବିଚାରି କାମ କଲେ ବିପଦ ନ ପଡ଼ଇ ଭଲେ'। ନିଜ ପଦ ମର୍ଯ୍ୟାଦାର ଅପବ୍ୟବହାର ନ କରି ଯାହା ସମସ୍ତଙ୍କ ପାଇଁ ମଙ୍ଗଳକର ତାହା କରନ୍ତୁ। କଥାରେ ଅଛି-କର୍ମ ନେଇ ଫଳ, ତୁଠ ନେଇ ଜଳ।

ରାମିଆଗଞ୍ଜ, ମାର୍ଶାଘାଇ, କେନ୍ଦ୍ରାପଡ଼ା,
ମୋ-୯୪୩୯୮୭୯୦୨୨

## ଏଇ ଭାରତରେ

ସହକର୍ମୀଙ୍କୁ କାନ୍ଧରେ ଶ୍ମଶାନ ପର୍ଯ୍ୟନ୍ତ ବୋହିନେଲେ ମହିଳା ଅଙ୍ଗନୱାଡ଼ି କର୍ମୀ। ମଧ୍ୟପ୍ରଦେଶର କଟ୍‌ନି ଜିଲାରେ ଦେଖିବାକୁ ମିଳିଛି ଏମିତି ଏକ ଦୃଶ୍ୟ ଯାହା ସମସ୍ତଙ୍କ ଆଖିରେ ଲୁହ ଆଣି ଦେଇଛି। ଜଣେ ମହିଳା ଅଙ୍ଗନୱାଡି କର୍ମୀଙ୍କୁ ଶେଷ ବିଦାୟ ଦେବାକୁ ଏକାଠି ହୋଇଥିଲେ ଆଖପାଖ ଅଞ୍ଚଳର ସମସ୍ତ ମହିଳା ଅଙ୍ଗନୱାଡି କର୍ମୀ। ସମାଜର ରୁଢ଼ିବାଦୀ ଚିନ୍ତାଧାରାକୁ ଏହି ମହିଳାମାନେ ବଦଳାଇ ଦେଇଛନ୍ତି। କଟ୍‌ନି ଜିଲାର ବିଜୟରାଘବଗଡ଼ ବ୍ଲକ ଅଧୀନରେ ଅଙ୍ଗନୱାଡି କର୍ମୀ ଭାବେ କାମ କରୁଥିଲେ ପ୍ରେମା କୋଲ। ବୁଧବାର ତାଙ୍କର ହଠାତ୍ ମୃତ୍ୟୁ ହୋଇଯାଇଥିଲା। ଏହି ଖବର ପାଇବା ପରେ ସେହି ବ୍ଲକ ଅଧୀନରେ ଥିବା ସମସ୍ତ ମହିଳା ଅଙ୍ଗନୱାଡି କର୍ମୀ ଏକାଠି ହୋଇଥିଲେ। ପ୍ରେମାଙ୍କ ସ୍ୱାମୀ ରୋଗଗ୍ରସ୍ତ ହୋଇଥିବା ବେଳେ ତାଙ୍କର ୧୦ ବର୍ଷର ପୁଅ ଓ ୧୫ ବର୍ଷର ଝିଅ ଅଛନ୍ତି। ତେବେ ପ୍ରେମା ପରିବାରର ଏକମାତ୍ର ରୋଜଗାରିଆ ସଦସ୍ୟ ଥିଲେ। ତାଙ୍କର ହଠାତ୍ ମୃତ୍ୟୁ ହୋଇଯିବା ଯେମିତି ପରିବାର ଉପରେ ଆକାଶ ଛିଡ଼ିପଡିବା ଭଳି ପରିସ୍ଥିତି ସୃଷ୍ଟି କରିଥିଲା। ପ୍ରେମାଙ୍କର ଅନ୍ତିମ ସଂସ୍କାର ପାଇଁ ପରିବାର ସଦସ୍ୟ କିଛି ଚିନ୍ତାକରି ପାରୁ ନ ଥିବା ବେଳେ ଏମାନଙ୍କୁ ସହଯୋଗର ହାତ ବଢ଼ାଇଥିଲେ ବିଜୟରାଘବଗଡ଼ ବ୍ଲକ ଅଧୀନରେ କାମ କରୁଥିବା ସମସ୍ତ ମହିଳାକର୍ମୀ। ଏଠାରେ ସାଧାରଣତଃ ପୁରୁଷମାନଙ୍କ ଦ୍ୱାରା ଅନ୍ତିମ ସଂସ୍କାର କରାଯାଉଥିବା ବେଳେ ପ୍ରେମାଙ୍କ ଅନ୍ତିମ ସଂସ୍କାରରେ ଦେଖାଦେଇଥିଲା ବ୍ୟତିକ୍ରମ। ମହିଳା ଅଙ୍ଗନୱାଡି କର୍ମୀମାନେ ପ୍ରେମାଙ୍କ ଅନ୍ତିମ ସଂସ୍କାର ପାଇଁ କିଛି କିଛି ଅର୍ଥ ଚାନ୍ଦା କରିବା ସହ ତାଙ୍କ ମୃତଦେହକୁ ଶ୍ମଶାନ ପର୍ଯ୍ୟନ୍ତ କାନ୍ଧେଇ ନେଇଯାଇଥିଲେ। ଏହି ସମୟରେ ସମସ୍ତଙ୍କ ଆଖିର ଲୁହ ସାରା ପରିବେଶକୁ ଶୋକାକୁଳ କରି ଦେଇଥିଲା।

## ୨୫ ବର୍ଷ ତଳର ଧରିତ୍ରୀ

୨୪ ଅଗଷ୍ଟ ୧୯୯୪

- ବାଣିଜ୍ୟ ବ୍ୟବସାୟରେ ଉନ୍ନତି ସାଧନ କରିବା ସକାଶେ ଭାରତ ଏବଂ ଦକ୍ଷିଣ ଆଫ୍ରିକା ଏକ ସ୍ୱତନ୍ତ୍ର ଚୁକ୍ତିରେ ସ୍ୱାକ୍ଷରିତ କରିଛନ୍ତି।
- ଚାଇନାର ଝେଜିଆଙ୍ଗ ପ୍ରଦେଶରେ ପ୍ରବଳ ଝଡ଼ବାତ୍ୟା ଯୋଗୁ ୫୦୦ ଜଣଙ୍କ ପ୍ରାଣହାନି।

# ପାଠକ ଶ୍ରେଷ୍ଠ ବିଚାରକ

### ସରକାର ଓ ଗଣଶିକ୍ଷା ବିଭାଗ ଦାୟୀ

ମହାଶୟ,

ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ ଆଦୌ ପାସ୍ କରି ନ ଥିବା ଓ ୫୦%ରୁ କମ୍ ପାସ୍ କରିଥିବା ବିଦ୍ୟାଳୟର ଶିକ୍ଷକମାନଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଗଣଶିକ୍ଷା ବିଭାଗ ତତ୍ପର ହେବା ସହିତ ଏଥିପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିବା ଜଣାପଡ଼ିଛି। ମାତ୍ର ଏଇଠି ପ୍ରଶ୍ନ ଉଠେ ଏ ପ୍ରକାର ଫଳାଫଳ ପାଇଁ କ'ଣ କେବଳ ଶିକ୍ଷକ ସମାଜ ଦାୟୀ? ରାଜ୍ୟର ଅଧିକାଂଶ ହାଇସ୍କୁଲରେ ପ୍ରଧାନଶିକ୍ଷକ ଓ ଆବଶ୍ୟକ ସଂଖ୍ୟାରେ ଶିକ୍ଷକ ନାହାନ୍ତି। ତେଣୁ ଶିକ୍ଷକ ନ ଥିବା ବିଦ୍ୟାଳୟରେ ସବୁ ବିଷୟ ପଢାଇବ କିଏ? ତା'ଛଡା ସରକାର ୮ମ ଶ୍ରେଣୀ ପର୍ଯ୍ୟନ୍ତ ଫେଲ୍ କରିବାର ଧାରାକୁ ବନ୍ଦ କରିବା ଦ୍ୱାରା ହାଇସ୍କୁଲକୁ ଆସୁଥିବା ପିଲାମାନେ ଅତ୍ୟନ୍ତ ଦୁର୍ବଳ ମେଧାଶକ୍ତି ନେଇ ନାମ ଲେଖାଉଛନ୍ତି। ସେଥିପାଇଁ ଦାୟୀ କିଏ? ସରକାର ମଧ୍ୟ ସାମୟିକ ଭାବେ ଦିଆଯାଉଥିବା ସାମାନ୍ୟ ଦଣ୍ଡ ବ୍ୟବସ୍ଥା ପାଇଁ କଟକଣା ଜାରି କଲେ, ଯାହାଦ୍ୱାରା ପିଲାମାନଙ୍କର ଶିକ୍ଷକଙ୍କ ପ୍ରତି ଭୟ ଓ ପାଠ ପ୍ରତି ନିଷ୍ଠା ରହିଲା ନାହିଁ। ତେଣୁ ଯେଉଁ ଖରାପ ଫଳ ମିଳିଛି, ସେଥିପାଇଁ ସରକାର ଓ ବିଭାଗ ଦାୟୀ, ଶିକ୍ଷକମାନେ ନୁହନ୍ତି। ଶିକ୍ଷକମାନଙ୍କ ପାଇଁ ଦଣ୍ଡ ବ୍ୟବସ୍ଥା ଅନ୍ୟାୟ ଓ ନିଜ ଦୋଷକୁ ଲୁଚାଇବା ପାଇଁ ସରକାରଙ୍କ ପ୍ରଚେଷ୍ଟା।

ଡକ୍ଟର ନିରଞ୍ଜନ ସାହୁ, ସାହୁପଡ଼ା, ବରୀ, ଯାଜପୁର

### ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ

ସାରା ରାଜ୍ୟରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡିଛି। ଦିନ ଦି ପହରରେ ଅସାମାଜିକଙ୍କ ଶିକାର ହେବାକୁ ପଡୁଛି। ଅପରାଧୀମାନେ ଚୋରି, ଲୁଟ୍, ବଳାତ୍କାର ପରି କୁକାର୍ଯ୍ୟରେ ଲିପ୍ତ ରହୁଛନ୍ତି। ନିରୀହ ଲୋକ ଠକାମିରେ ପଡୁଛି। ଆଇନ ରକ୍ଷକମାନେ ଆଇନଶୃଙ୍ଖଳା ରକ୍ଷା ପ୍ରତି ଦୃଷ୍ଟି ଦିଅନ୍ତୁ।

ରମେଶଚନ୍ଦ୍ର ବେହେରା, ଆୟଉପୁର, କିଶନନଗର, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ରାଜ୍ୟ କ୍ଷୁଦ୍ର ଶିଳ୍ପ ନିଗମ (ଓଏସ୍ଆଇସି)ର ଅଧ୍ୟକ୍ଷ ଭାବେ ଚିନ୍ମୟ ସାହୁ ଅଗଷ୍ଟ ୨୧ରେ ଦାୟିତ୍ୱ ଗ୍ରହଣ କରିବା ପରେ ଶୁକ୍ରବାର ଧରିତ୍ରୀ କାର୍ଯ୍ୟାଳୟକୁ ସୌଜନ୍ୟମୂଳକ ପରିଦର୍ଶନରେ ଆସି ସମ୍ପାଦକ ତଥାଗତ ସତପଥୀଙ୍କୁ ଭେଟିଛନ୍ତି।




## ଛାତ୍ର ସଂସଦ ନିର୍ବାଚନ ବାତିଲ ପ୍ରସଙ୍ଗ

# ନିଷ୍ପତ୍ତି ନ ବଦଳିଲେ ଆନ୍ଦୋଳନ: ଭାଜପା

**ଭୁବନେଶ୍ୱର,୨୩।୮(ବ୍ୟୁରୋ):** ଚଳିତବର୍ଷ ରାଜ୍ୟ ସରକାର ଛାତ୍ର ସଂସଦ ନିର୍ବାଚନ ବାତିଲ କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ । ଏକଛତ୍ରବାଦୀ ମନୋଭାବ ନେଇ ସମସ୍ତ ମହାବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟରେ ଛାତ୍ର ସଂସଦ ନିର୍ବାଚନକୁ ବାତିଲ କରି ସରକାର ଛାତ୍ରୀଛାତ୍ରମାନଙ୍କ ଅଧିକାରକୁ କ୍ଷୁଣ୍ଣ କରିଛନ୍ତି । ଏଭଳି ମନମୁଖି କାର୍ଯ୍ୟକଳାପକୁ ରାଜ୍ୟ ଭାଜପା ଯୁବମୋର୍ଚ୍ଚା ଘୋର ନିନ୍ଦା କରୁଛି ବୋଲି ରାଜ୍ୟ ଯୁବ ମୋର୍ଚ୍ଚାର ସଭାପତି ଟଙ୍କଧର ତ୍ରିପାଠୀ କହିଛନ୍ତି। ରାଜ୍ୟ କାର୍ଯ୍ୟାଳୟରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଟଙ୍କଧର କହିଛନ୍ତି, ଯେଉଁଠି ବିଦ୍ୟାଳୟ ଏବଂ ମହାବିଦ୍ୟାଳୟ ଛାତ୍ରୀଛାତ୍ରମାନେ ଗଣତନ୍ତ୍ରର ପ୍ରଥମ ଅନୁଭବ ନିଅନ୍ତି ସେହିଭଳି ଜାଗାରେ ସରକାର ଗଣତନ୍ତ୍ରର କଣ୍ଠରୋଧ କରିଛନ୍ତି। ଛାତ୍ର ସଂସଦ ନିର୍ବାଚନକୁ ଜାଣିଶୁଣି ବାତିଲ କରି ଯୁବ ଏବଂ ଛାତ୍ର ନେତୃତ୍ୱକୁ ରୋକିବା ପାଇଁ ରାଜ୍ୟ ସରକାର ଅପଚେଷ୍ଟା କରୁଛନ୍ତି। ଖୋଦ୍ ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ ସାହୁ ଛାତ୍ର ସଂସଦ ନିର୍ବାଚନରୁ ରାଜନୈତିକ ଜୀବନ ଆରମ୍ଭ କରିଛନ୍ତି । ଭାରତୀୟ ସମ୍ବିଧାନରେ ଛାତ୍ରୀଛାତ୍ରମାନଙ୍କ ଭୋଟ୍ ଦେବାର ଅଧିକାର ରହିଛି। ରାଜ୍ୟ ସରକାରଙ୍କ ଏଭଳି ନିଷ୍ପତ୍ତିକୁ ସାରା ଛାତ୍ର ଓ ଯୁବ ସମାଜ ନିନ୍ଦା କରିବା ସହ ଦୃଢ଼ ବିରୋଧ କରୁଛି । ଶିକ୍ଷାର ବିକାଶରେ ବାଧକ ସାଜିଥିବା ସରକାର ଏବଂ ବିଭିନ୍ନ ସମସ୍ୟା ବିରୋଧରେ ଛାତ୍ରୀଛାତ୍ର ଏବଂ ଯୁବକମାନେ ବହୁ ସମୟରେ ସାମାଜିକ ଗଣମାଧ୍ୟମରେ ବକ୍ତବ୍ୟ ରଖୁଛନ୍ତି। ରାଜ୍ୟରେ ଥିବା ସମସ୍ତ ମହାବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟ ଏବେ ସମସ୍ୟା ଘେରରେ। ଯଦି ସରକାର ତାଙ୍କ ନିଷ୍ପତ୍ତି ପ୍ରତ୍ୟାହାର ନ କରନ୍ତି ଆଗାମୀ ଦିନରେ ଛାତ୍ରସମାଜର ଅଧିକାର ଏବଂ ଗଣତନ୍ତ୍ରର ସୁରକ୍ଷା ପାଇଁ ରାଜ୍ୟର ହଜାର ହଜାର ଯୁବତୀ, ଯୁବକ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଟଙ୍କଧର ଚେତାବନୀ ଦେଇଛନ୍ତି ।

# ଆଇଆର୍‌ସିଟିସିକୁ ମିଳିଲା ସମ୍ପୂର୍ଣ୍ଣ ସଂରକ୍ଷିତ ଟ୍ରେନ୍ ଟିକଟ ବ୍ୟବସ୍ଥା

**ଭୁବନେଶ୍ୱର, ୨୩।୮(ବ୍ୟୁରୋ)**

ସଂରକ୍ଷିତ ଟ୍ରେନ୍ ଟିକଟ ବ୍ୟବସ୍ଥାକୁ ସହଜ କରିବା ଲାଗି ରେଲ୍‌ୱେ ପକ୍ଷରୁ ନୂଆ ନିଷ୍ପତ୍ତି ହୋଇଛି। ଇଣ୍ଡିଆନ ରେଲ୍‌ୱେ କ୍ୟାଟେରିଂ ଆଣ୍ଡ୍ ଟୁରିଜିମ୍ କର୍ପୋରେଶନ (ଆଇଆର୍‌ସିଟିସି)କୁ ସଂରକ୍ଷିତ ଟ୍ରେନ୍ ଟିକଟ ବ୍ୟବସ୍ଥାର ସମ୍ପୂର୍ଣ୍ଣ କ୍ଷମତା ମିଳିଛି। ଏଥିସହ ଏହି ବ୍ୟବସ୍ଥାକୁ ରେଲ୍‌ୱେ ଆଇଟି ଶାଖାରୁ ଅଲଗା କରାଯାଇଛି। ସେହିପରି ଆଇଆର୍‌ସିଟିସି କେତେକ ନିର୍ଦ୍ଦିଷ୍ଟ ରୁଟ୍‌ରେ ରେଳଭଡ଼ା ଧାର୍ଯ୍ୟ କରିପାରିବ। ମଙ୍ଗଳବାର ରେଲ୍‌ୱେ ବୋର୍ଡ ପକ୍ଷରୁ ଏନେଇ ଏକ ଅର୍ଡର ପାରିତ ହେବା ସହ ଏନେଇ ଆଇଟି ଶାଖା ପକ୍ଷରୁ ଆଇଆର୍‌ସିଟିସିକୁ ରିପୋର୍ଟ କରିବାକୁ କୁହାଯାଇଛି।

ପୂର୍ବରୁ ଆଇଆରସିଟିସିକୁ କେବଳ ଅନ୍‌ଲାଇନ ଟିକଟ ବ୍ୟବସ୍ଥା ଓ କ୍ୟାଟେରିଙ୍ଗ ପରିଚାଳନା ଦାୟିତ୍ୱ ଦିଆଯାଇଥିଲା। ଏବେ ଟିକଟ ସଂରକ୍ଷଣ ବ୍ୟବସ୍ଥା ମିଳିଥିବାବେଳେ ଏଥିପାଇଁ ୯୦ଦିନ ଭିତରେ ଯୋଜନା ପ୍ରସ୍ତୁତ କରିବା ଲାଗି ରେଲ୍‌ୱେ ଆଇଟି ଶାଖା 'ସେଣ୍ଟର ଅଫ୍ ରେଲୱେ ଇନଫରମେଶନ ସିଷ୍ଟମ'କୁ ବୋର୍ଡ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଏବେ ନୂଆ ଟିକଟ ସଫ୍ଟୱେରରେ କାମ କରିବାର ଆବଶ୍ୟକତା ରହିଛି। ବର୍ତ୍ତମାନ ଏକ ମିନିଟ୍‌ରେ ୨୪ ହଜାର ଟିକଟ କଟାଯାଇପାରୁଛି। ଏହାକୁ ଆହୁରି ବଢ଼ାଇବାର ଆବଶ୍ୟକତାକୁ ଦୃଷ୍ଟିରେ ରଖି ନୂଆ ନିଷ୍ପତ୍ତି ନିଆଯାଇଥିବା ଉକ୍ତ ଅର୍ଡରରେ ଉଲ୍ଲେଖ ରହିଛି। ଏଥିପାଇଁ ପରାମର୍ଶଦାତା ନିଯୁକ୍ତ କରି ବର୍ତ୍ତମାନ ଉପୁଜୁଥିବା ସମସ୍ୟାକୁ ବିଶ୍ଳେଷଣ କରିବାକୁ ଆଇଆର୍‌ସିଟିସିକୁ କୁହାଯାଇଛି। ତା'ସହ ସେମାନଙ୍କୁ ନୂଆ ଆଇଆର୍‌ସିଟିସି ପ୍ରଶାସନ ଅଧୀନରେ ନୂଆ ଯୋଜନା ପ୍ରସ୍ତୁତ କରି ବର୍ତ୍ତମାନର କୌଶଳ ବଦଳାଇବାକୁ ପରାମର୍ଶ ଦିଆଯାଇଛି। ସୂଚନାଯୋଗ୍ୟ, କିଛିଦିନ ପୂର୍ବରୁ ଆଇଆର୍‌ସିଟିସିକୁ ରେଲ୍‌ୱେ ପକ୍ଷରୁ ଦୁଇଟି ତେଜସ ଏକ୍ସପ୍ରେସର ପରିଚାଳନା ଦାୟିତ୍ୱ ଦେଇଛି। ଏହି ଦୁଇ ବିଳାସପୂର୍ଣ୍ଣ ଟ୍ରେନ ନୂଆଦିଲ୍ଲୀ-ଲକ୍ଷ୍ନୌ ଓ ମୁମ୍ବାଇ-ଅହମ୍ମଦାବାଦ ମଧ୍ୟରେ ପାଇଲଟ ପ୍ରୋଜେକ୍ଟ ଭାବେ ଚଳାଚଳ କରିବ। ଏବେ ଏହି ଦୁଇ ଟ୍ରେନର ଭଡ଼ା ଆଇଆର୍‌ସିଟିସି ଧାର୍ଯ୍ୟ କରିବ ବୋଲି ନିଷ୍ପତ୍ତି ହୋଇଛି।

> ୨ ତେଜସ ଏକ୍ସପ୍ରେସ ଭଡ଼ା ଧାର୍ଯ୍ୟ କ୍ଷମତା,
> ମିନିଟ ପିଛା ଟିକଟ ସଂଖ୍ୟା ବୃଦ୍ଧି ଲକ୍ଷ୍ୟ

■ କେନ୍ଦୁଝରରେ ୩ ହାତୀ ମୃତ୍ୟୁ ଘଟଣା

# ବନ ବିଭାଗକୁ ଚିଠି ଲେଖିଲା ଡବ୍ଲ୍ୟୁଏସ୍ଓ

**ଭୁବନେଶ୍ୱର, ୨୩।୮(ବ୍ୟୁରୋ)**

ବୁଧବାର ବିଳମ୍ବିତ ରାତିରେ କେନ୍ଦୁଝର ଜିଲା ଘଟଗାଁ ରେଞ୍ଜ ବାଲିଯୋଡି ନିକଟ ୨୦ନଂ. ଜାତୀୟ ରାଜପଥରେ ବସ୍ ଓ ଲୁହାପଥର ବୋଝେଇ ଟ୍ରକ୍ ଧକ୍କାରେ ୩ ହାତୀ ମୃତ୍ୟୁ ଘଟିଛି। ଏହାକୁ ନେଇ ବନ୍ୟପ୍ରାଣୀ ବିଶେଷଜ୍ଞମାନେ ବନ ବିଭାଗର କାର୍ଯ୍ୟକଳାପ ଉପରେ ପ୍ରଶ୍ନ ଉଠାଇଛନ୍ତି। ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ୱାଇଲ୍ଡ ଲାଇଫ୍ ସୋସାଇଟି ଅଫ୍ ଓଡ଼ିଶା (ଡବ୍ଲ୍ୟୁଏସ୍ଓ) ବନ ବିଭାଗକୁ ଚିଠି ଲେଖିଛି।

ଡବ୍ଲ୍ୟୁଏସ୍ଓ ଅଧ୍ୟକ୍ଷ ବିଶ୍ୱଜିତ ମହାନ୍ତି କୁହନ୍ତି, ଯେଉଁ ରାଜପଥରେ ଦୁର୍ଘଟଣା ଘଟିଛି ସେହି ବାଟଦେଇ ହାତୀମାନେ ଚଳପ୍ରଚଳ କରନ୍ତି। ନିୟୋଜିତ ଏଲିଫ୍ୟାଣ୍ଟ ଟ୍ରାକରମାନେ ୨୪ଘଣ୍ଟା ହାତୀର ଚଳ ପ୍ରଚଳ ଉପରେ ନଜର ରଖିବା କଥା । କିନ୍ତୁ ସେମାନେ ତାହା କରୁନାହାନ୍ତି। ବିଶେଷ କରି ରାତିରେ ଏମାନେ କାମ କରୁନାହାନ୍ତି। ତେଣୁ ସରକାରଙ୍କୁ ଆମେ ଚିଠି ଲେଖିଛୁ ଯେ, ବରିଷ୍ଠ ଅଧିକାରୀଙ୍କୁ ସେଠାକୁ ପଠାଇ ଘଟଣାର ତଦନ୍ତ କରାଯାଉ। ଟ୍ରାକରମାନେ ଠିକ୍ ଡ୍ୟୁଟି କରୁଛନ୍ତି କି ନାହିଁ ତାହା ତଦାରଖ କରାଯାଉ। ସେହିପରି କେନ୍ଦୁଝର ଓ ପାଲଲହଡ଼ା ରାଜପଥରେ ହାତୀ ଚଳପ୍ରଚଳ ହେଉଥିବା ରାସ୍ତା ବୋଲି ସାଇନ୍ ବୋର୍ଡ ଲଗାଯାଇଛି କି ନାହିଁ, ରାତିରେ ତାହା ଦେଖାଯାଉଛି କି ନାହିଁ, ତା'ର ମଧ୍ୟ ଅନୁଧ୍ୟାନ କରିବାକୁ ଡବ୍ଲ୍ୟୁଏସ୍ଓ ପକ୍ଷରୁ କୁହାଯାଇଛି। ସେହିପରି କେନ୍ଦୁଝର ଦେଇ ଦିନକୁ ପ୍ରାୟ ୧୦ହଜାର ଆଇରନ ବୋଝେଇ ଟ୍ରକ୍ ଯାଉଛି। ଦିନ ତମାମ ଟ୍ରକ୍ ଯିବା ଆସିବା କରୁଥିବାରୁ ସେଠାରେ ହାତୀଙ୍କ ଚଳ ପ୍ରଚଳରେ ବାଧା ସୃଷ୍ଟି ହେଉଛି। ତେଣୁ ରାତି ୯ଟାରୁ ସକାଳ ୬ଟା ପର୍ଯ୍ୟନ୍ତ ଏହି ଖଣିଜ ପଦାର୍ଥ ବୋଝେଇ ଟ୍ରକ୍‌ଗୁଡ଼ିକର ଯାତାୟାତ ବନ୍ଦ କରିବା ପାଇଁ ମଧ୍ୟ ଦାବି କରାଯାଇଛି। ଡବ୍ଲ୍ୟୁଏସ୍ଓ ଏ ସମ୍ପର୍କରେ ପିସିସିଏଫ୍ ଓ କେନ୍ଦ୍ର ସରକାରଙ୍କ ହାତୀ ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ଚିଠି ଲେଖିଛି।

# ଫସିଥିବା ଜାହାଜଠାରୁ ଖସିଚାଲିଛି କଣ୍ଟେନର



**କୃଷ୍ଣପ୍ରସାଦ,୨୩।୮(ଡି.ଏନ.ଏ.)**

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ରାଜହଂସ ବଙ୍ଗୋପସାଗର କୂଳରେ ଗତ ୯ ତାରିଖରୁ ଫସିରହିଛି ଏକ ବିରାଟ ପଣ୍ୟବାହୀ ଜାହାଜ। ମାଲେସିଆରୁ ଭାଇଜାଗ ଯାଉଥିବାବେଳେ ଯାନ୍ତ୍ରିକ ତ୍ରୁଟି ଯୋଗୁ ଜାହାଜଟି ଅଚଳ ହୋଇ ଏଠାରେ ଲାଗିଛି । ହେଲେ ଜାହାଜର କଣ୍ଟେନର (ଜିନ ହଓା ୪୨) ଜାହାଜଠାରୁ ଦେଢ କିଲୋମିଟର ଦୂରକୁ ଖସିଯାଇଛି। ଏହି ବିରାଟ କଣ୍ଟେନରକୁ ଅଟକାଇବା ପାଇଁ ଏକ ବଡ ଗଛରେ ଦଉଡି ସାହାଯ୍ୟରେ ବନ୍ଧାଯାଇଥିଲା । ହେଲେ କଣ୍ଟେନର ଟାଣିହୋଇ ବନ୍ଧାଯାଇଥିବା ଗଛ ଉପାଡି ନେଇଛି। ବର୍ତ୍ତମାନ ଏହା ଆୟତ୍ତ ବାହାରକୁ ଚାଲିଯାଇଥିବାରୁ କଣ୍ଟେନରଟି ଆଉ ୨କି.ମି. ଦୂର ମୁହାଣ ନିକଟକୁ ଯାଇ ଚିଲିକାକୁ ଅବରୋଧ କରିବା ଆଶଙ୍କା ଦେଖାଦେଇଛି। ତେଣେ ଜାହାଜରେ ଥିବା ତେଲ ବି ନିଷ୍କାସନ ହୋଇନାହିଁ। ଏ ନେଇ ଘଟଣାସ୍ଥଳରେ ସଜାଗ ଥିବା ପୋଲିସ ହାବିଲଦାର ସଫିକ ମହମ୍ମଦ କହନ୍ତି, ଆଉ ୨ଦିନ ମଧ୍ୟରେ ଜାହାଜରୁ ତେଲ ବାହାର କରାଯିବ ବୋଲି ଆମେ ଶୁଣିବାକୁ ପାଉଛୁ। ଖିରିସାହି ଗ୍ରାମ ତରଫରୁ ଜାହାଜକୁ ପ୍ରତିଦିନ ପାଳିକରି ୧୦ ଜଣ ଲେଖାଏ ୨୪ ଘଣ୍ଟା ଜଗିରହୁଛନ୍ତି। ଜଗିଥିବା ପୁନିଆ ବେହେରା କୁହନ୍ତି, ଆମେ ପ୍ରତିଦିନ ୧୦ ଜଣ ଜଗିରହିଛୁ। ଜାହାଜ ମାଲିକ କହିଛନ୍ତି ସେ ଜଣ ପ୍ରତି ଦିନକୁ ୫୦୦ ଟଙ୍କା ମଜୁରି ଦେବେ । ସେହିଭଳି ଫସିଥିବା ନାବିକମାନଙ୍କୁ ଖିରିସାହି ଗ୍ରାମବାସୀ ଆଶ୍ରୟ ଦେବା ସହ ଖାଇବା ବ୍ୟବସ୍ଥା କରୁଥିବା କହିଛନ୍ତି ମାଗୁଣି ବେହେରା, କାଳୁ ବେହେରା, ଗଣେଶ ବେହେରା, ମାୟାଧର ବେହେରା ପ୍ରମୁଖ ଗ୍ରାମବାସୀ। ଜାହାଜ ଦେଖିବାକୁ ପରିବାର ସହ ଆସିଥିବା ଗଞ୍ଜାମ ଜିଲା ଛତ୍ରପୁରର ପ୍ରଶାନ୍ତ କୁମାର ଚୌଧୁରୀ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି, ଜାହାଜର ବର୍ତ୍ତମାନ ସ୍ଥିତି ଯାହା କୂଳରୁ ଟାଣି ନ ନେଲେ ଓଲଟିପଡିବ। ଏହାଦ୍ୱାରା ଜାହାଜରେ ଥିବା ବ୍ୟାପକ ପରିମାଣ ତେଲମିଶି ଜୈବ ବିବିଧତା ନଷ୍ଟ ହେବ, ଚିଲିକା ର ବିଭିନ୍ନ ପ୍ରକାର ଗୁଳ୍ମ, ମାଛ ଆଦି ଜୀବ ପ୍ରତି ବିପଦ ସୃଷ୍ଟି କରିବ। ତେଣୁ ସରକାର ଏଥିପ୍ରତି ସଜାଗ ହେବା ଦରକାର।

> ମୁହାଣ ନିକଟକୁ ଯାଇ ଚିଲିକା ଅବରୋଧ କରିବା ଆଶଙ୍କା

DADLS-21

ରାଜ୍ୟସ୍ତରୀୟ
ଆତ୍ମୋତ୍ସର୍ଗ ଦିବସ
ତା. ୨୪.୦୮.୨୦୧୯ରିଖ

ସାଧାରଣ ସଭା
ସମୟ – ସଂଧ୍ୟା ୬ ଘଟିକା
ସ୍ଥାନ – ଜୟଦେବ ଭବନ

ମୁଖ୍ୟ ଅତିଥି – ଶ୍ରୀଯୁକ୍ତ ରଘୁନନ୍ଦନ ଦାସ,
ମାନ୍ୟବର ଜଳସଂପଦ, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ,
ଶ୍ରୀଯୁକ୍ତ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ,
ମାନ୍ୟବର ପର୍ଯ୍ୟଟନ ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ,
ସମ୍ମାନିତ ଅତିଥି – ଶ୍ରୀଯୁକ୍ତ ସପ୍ତଗିରି ଉଲ୍ଲାକା, ମାନ୍ୟବର ସାଂସଦ
ଶ୍ରୀଯୁକ୍ତ ତାରା ପ୍ରସାଦ ବାହିନୀପତି, ମାନ୍ୟବର ବିଧାୟକ
ଶ୍ରୀଯୁକ୍ତ ମନୋହର ରନ୍ଧାରୀ, ମାନ୍ୟବର ବିଧାୟକ
ଶ୍ରୀଯୁକ୍ତ ରଘୁରାମ ପୋଡାଲ, ମାନ୍ୟବର ବିଧାୟକ
ଶ୍ରୀଯୁକ୍ତ ପିତମ ପାଢ଼ୀ, ମାନ୍ୟବର ବିଧାୟକ
ଶ୍ରୀଯୁକ୍ତ ପ୍ରଭୁ ଜାନୀ, ମାନ୍ୟବର ବିଧାୟକ
ଶ୍ରୀଯୁକ୍ତ ପୂର୍ଣ୍ଣଚନ୍ଦ୍ର ବାକା, ମାନ୍ୟବର ବିଧାୟକ
ଶ୍ରୀଯୁକ୍ତ ଆଦିତ୍ୟ ମାଢ଼ି, ମାନ୍ୟବର ବିଧାୟକ
ଶ୍ରୀଯୁକ୍ତ ମୁନା ଖାନ୍, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗର ଉପଦେଷ୍ଟା
ମୁଖ୍ୟବକ୍ତା – ଶ୍ରୀଯୁକ୍ତ ଏ.ଭି ସ୍ୱାମୀ, ପୂର୍ବତନ ସାଂସଦ

ସଭା ପରେ କୁରଲି, ବିଷମ କଟକର ନିୟମଗିରି ଡଙ୍ଗରିଆ ଧାଙ୍ଗଡ଼ା ଧାଙ୍ଗଡି ଡ୍ୟାନ୍ସ ଗ୍ରୁପ୍ ଏବଂ କାକରିଗୁମାର ମୁଡିୟାଲୁମା ଢେମସା ଡ୍ୟାନ୍ସ ଗ୍ରୁପ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ ।

ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ଶବରୀ ସାଂସ୍କୃତିକ ସଂସଦର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ବିନମ୍ର ଅନୁରୋଧ ।

ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ

15001/13/0032/1920

## ସଂକ୍ଷେପରେ

### ଡିଜେଲ ବିକ୍ରି ଅଭିଯୋଗରେ ଜଣେ ଗିରଫ

**ଧର୍ମଶାଳା/ଜେନାପୁର,୨୩।୮(ଡି.ଏନ୍.ଏ.)**- ଧର୍ମଶାଳା ବ୍ଲକ ଜେନାପୁର ଥାନା ଅନ୍ତର୍ଗତ ଡଙ୍କାରୀ ପାହାଡ ପାଦଦେଶରେ ଥିବା ଏଆରଏସ୍ଏସ୍ କ୍ରଶର ନିକଟସ୍ଥ ଏକ କ୍ୟାବିନରେ ଗୁରୁବାର ଅପରାହ୍ନରେ ଚଢାଉ କରି ପୋଲିସ ଚୋରା ଡିଜେଲ ଜବତ କରିବା ସହିତ ଜଣେ ବ୍ୟବସାୟୀଙ୍କୁ ଗିରଫ କରିଛି। ବ୍ୟବସାୟୀ ଜଣଙ୍କ ପୁରୁଣା ବୋଉଳମାଲ ପଞ୍ଚାୟତ ଅଧୀନ ସାତମାଣ ଗ୍ରାମର ରମେଶ ବେହେରା (୪୪)। ଗିରଫ ବେଳେ ୧୮୦ ଲିଟର ଡିଜେଲ ପୋଲିସ ଜବତ କରିଥିଲା। ଏ ନେଇ ପୋଲିସ ଏକ ମାମଲା (ନଂ.୧୮୭/ ୧୯) ରୁଜୁକରି ଶୁକ୍ରବାର ତାଙ୍କୁ କୋର୍ଟ ଚାଲାଣ କରିଛି। ପ୍ରକାଶ ଯେ, ଡଙ୍କାରୀ ଅଞ୍ଚଳରେ ଉକ୍ତ କ୍ରଶର ନିକଟରେ ରମେଶ ଚୋରା ଡିଜେଲ ବିକ୍ରି କରୁଥିବା ଖବର ପାଇ ପୋଲିସ ତାଙ୍କୁ ଗିରଫ କରିଥିଲା।

### ବରୀରେ ଜନ୍ମାଷ୍ଟମୀ

ବରୀ, ୨୩।୮(ସ୍ୱ.ପ୍ର.)- ଶ୍ରୀକୃଷ୍ଣଙ୍କ ଜନ୍ମ ଦିବସ ପାଳନ ଅବସରରେ ଶୁକ୍ରବାର ସମଗ୍ର ବରୀ ଅଞ୍ଚଳରେ ଜନ୍ମାଷ୍ଟମୀ ପାଳିତ ହୋଇଯାଇଛି। ବରୀ, ବ୍ରହ୍ମବରଦା, ବନ୍ଧଡ଼ିହ, ବାଲିଆ, ନାଥପୁର, ରତ୍ନଗିରି, କଣ୍ଟଗଡ଼, କଳାମାଟିଆ, ଅଙ୍ଗାଳ, କିମ୍ବିରିଆପାଳ ଆଦି ଗ୍ରାମର ମନ୍ଦିରଗୁଡ଼ିକରେ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯିବା ସହିତ ଆଧାତ୍ମିକ ପ୍ରବଚନ ଅନୁଷ୍ଠିତ ହୋଇଯାଇଛି। ବରୀ ଶିଶୁ ମନ୍ଦିର, ଧାରପୁର ଶିଶୁ ମନ୍ଦିର, କଣ୍ଟଗଡ଼ ଶିଶୁ ମନ୍ଦିରଗୁଡ଼ିକରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ରାଧାକୃଷ୍ଣ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିବା ଦେଖିବାକୁ ମିଳିଛି।

### ଦ୍ୱାଦଶ ବାର୍ଷିକ ଜ୍ଞାନ ବିଜ୍ଞାନ ମେଳା

**ଯାଜପୁର ରୋଡ,୨୩।୮(ନି.ପ୍ର.)**- ମୁଣ୍ଡମାଳସ୍ଥିତ ସରସ୍ୱତି ଶିଶୁ ବିଦ୍ୟାମନ୍ଦିରରେ ଗୁରୁବାର ଦ୍ୱାଦଶ ବିଂଶ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏହାକୁ ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାଧାପକ ସନ୍ତୋଷ କୁମାର ରଥ ଉଦ୍‌ଘାଟନ କରିଥିଲେ। ଶିଶୁ ମନ୍ଦିରର ସଭାପତି ଦିଗନ୍ତ କୁମାର ରାଉତ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ଅଭିମନ୍ୟୁ ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ପାଦକ ଦିଲୀପ କୁମାର ଜେନା କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ପୂର୍ବତନ ସଭାପତି ଯୁଗଳ କିର୍ଷ୍ଣ ମିଶ୍ର, ସଦସ୍ୟା କବିତା ପଲାଇ, କାର୍ଣ୍ଣିମୟୀ ମାଣ୍ଡି ଉପସ୍ଥିତ ଥିଲେ। ଏହି ମେଳାରେ ୨୦୦ରୁ ଅଧିକ ପ୍ରକଳ୍ପ ପ୍ରଦର୍ଶିତ କରାଯାଇଥିଲା। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ନିଶିକାନ୍ତ ମହାପାତ୍ର ଓ ଦୀପକ କୁମାର ରାଉତ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ନରେନ୍ଦ୍ର କୁମାର ଦାସ, ରାଜକୃଷ୍ଣ ପାଲ, ନିର୍ମଳ ଚନ୍ଦ୍ର ମିଶ୍ର ପ୍ରମୁଖ ବହୁ ଶିକ୍ଷୟିତ୍ରୀ ଓ ଶିକ୍ଷକ ମେଳା ପରିଚାଳନା କରିଥିଲେ।

### ଗଡ଼ମଧୁପୁର ଶିଶୁ ବିଦ୍ୟାମନ୍ଦିରରେ ଜନ୍ମାଷ୍ଟମୀ

**ଚଢେଇଧରା,୨୩।୮(ଡି.ଏନ.ଏ)**- ଧର୍ମଶାଳା ବ୍ଲକ ଅନ୍ତର୍ଗତ ଗଡ଼ମଧୁପୁରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଶୁକ୍ରବାର ଜନ୍ମାଷ୍ଟମୀ ପାଳିତ ହୋଇଯାଇଛି। ଏହି ଅବସରରେ ଛାତ୍ରୀଛାତ୍ରମାନେ ରାଧାକୃଷ୍ଣ ବେଶରେ ସୁସଜ୍ଜିତ ହୋଇ ଗ୍ରାମ ପରିକ୍ରମା କରିଥିଲେ। ପ୍ରଧାନ ଆଚାର୍ଯ୍ୟ ସସ୍ମିତା ରାୟଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ କରାଯାଇଥିଲା। ଜୟନ୍ତୀ ସ୍ୱାଇଁ, ସ୍ୱର୍ଣ୍ଣଲତା ନାୟକ, ସ୍ମିତା ଶତପଥୀ, ସୁଭଦ୍ରା ଜେନା, ଲକ୍ଷ୍ମୀପ୍ରିୟା ଧଳସାମନ୍ତ, ରୂପଶୀ ବେହେରା, ସୁଶୋଭିତା ଦାସ ପ୍ରମୁଖ ସହାୟତା କରିଥିଲେ।

### କୃଷକଙ୍କ ସ୍ମୃତିରେ ମେଧାବୃତ୍ତି

**ବରୀ,୨୩।୮(ସ୍ୱ.ପ୍ର.)**- ବରୀ ବ୍ଲକ ଅଧୀନ ଅଲିଆବାଦ ଗ୍ରାମର ବରିଷ୍ଠ କୃଷକ ତଥା ନାଟ୍ୟକାର ସ୍ୱର୍ଗତ ସନାତନ ଦାସଙ୍କ ସ୍ମୃତି ଉଦ୍ଦେଶ୍ୟରେ ସନାତନ ସ୍ମୃତି ମେଧାବୃତ୍ତି ଟ୍ରଷ୍ଟ ଖୋଲା ଯାଇଛି। ପ୍ରତିବର୍ଷ ଭଳି ଚଳିତ ବର୍ଷ ବରୀ ବ୍ଲକର ମେଧାବୃତ୍ତି ପାଇଥିବା ଛାତ୍ରୀଛାତ୍ରଙ୍କୁ ଟ୍ରଷ୍ଟ ପକ୍ଷରୁ ସମ୍ବର୍ଦ୍ଧିତ କରିବା ସହିତ ବୃତ୍ତି ପ୍ରଦାନ କରାଯାଇଥାଏ। ଶୁକ୍ରବାର ଏକ ସଭା ଅଲିଆବାଦ ହାଇସ୍କୁଲ୍ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିଧାୟିକା ସୁନନ୍ଦା ଦାସ ଯୋଗଦେଇ କୃତୀ ଛାତ୍ରୀଛାତ୍ର ଦେବାଶିଷ ସାମଲ, ମୁକ୍ତି ପ୍ରସନ୍ନ ରଥ, ଅନନ୍ୟା ଯେନା, ଅଙ୍କିତା ସାହୁ, ସ୍ୱଦେଶ ମିଶ୍ରଙ୍କୁ ପ୍ରମାଣ ପତ୍ର ସହ ବୃତ୍ତି ପ୍ରଦାନ କରିଛନ୍ତି। ଲୋକନାଥ ଦାସ ସଭା ପରିଚାଳନା କରିଥିଲେ।

## ■ ଖଣିରେ ଫାଷ୍ଟ କମ୍ ଫାଷ୍ଟ ଲୋଡିଂ ବିବାଦ

# ଖଣିରୁ କ୍ରୋମାଇଟ ପରିବହନ ସମ୍ପୂର୍ଣ୍ଣ ବନ୍ଦ

**କାଳିଆପାଣି,୨୩।୮(ଡି.ଏନ୍.ଏ.)**

ଖଣି ଅଞ୍ଚଳରେ ଫାଷ୍ଟ କମ୍ ଫାଷ୍ଟ ଲୋଡିଂ ନିୟମ ୩ ଦିନ ମଧ୍ୟରେ ଲାଗୁ କରିବାରେ ଜିଲା ପ୍ରଶାସନ ଫେଲ ମାରିଛି। ଫଳରେ ଖଣି ଅଞ୍ଚଳରୁ ଏକ ମୁଠା କ୍ରୋମାଇଟ ମଧ୍ୟ ବାହାରକୁ ଚାଲାଣ ହୋଇପାରି ନ ଥିବା ଜଣାପଡ଼ିଛି। ସପକ୍ଷ ବିପକ୍ଷ ଟ୍ରକ୍ ମାଲିକ ସଂଘ ନିଜ ନିଜ ଜିଦରେ ଅଟଳ ରହିଥିବାରୁ କ୍ରୋମାଇଟ ପରିବହନ ସମ୍ପୂର୍ଣ୍ଣ ଠପ୍ ରହିଛି। ଯାହାର ପ୍ରଭାବ କଳିଙ୍ଗନଗର ଶିଳ୍ପାଞ୍ଚଳରେ ପଡିଥିବା ଦେଖିବାକୁ ମିଳିଛି। ପରିବହନକୁ ନେଇ ଉଭୟ ଗୋଷ୍ଠୀ ମଧ୍ୟରେ ଉପୁଜିଥିବା ବିବାଦ ହିଂସାରେ ପରିଣତ ହୋଇ ମାମଲା ଏବେ ଥାନାରେ ପହଞ୍ଚିଛି। ମଙ୍ଗଳବାର ବ୍ଲକ କାର୍ଯ୍ୟାଳୟରେ ଜିଲାପାଳ ରଞ୍ଜନ କୁମାର ଦାସ ୩ ଦିନ ମଧ୍ୟରେ ଖଣି ଅଞ୍ଚଳରେ ହାଇକୋର୍ଟଙ୍କ ଫାଷ୍ଟ କମ୍ ଫାଷ୍ଟ ଲୋଡିଂ ନିୟମ କଡ଼ାକଡି ଭାବେ ପାଳନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ହେଲେ ୩ ଦିନ ବିତିଯାଇଥିଲେ ମଧ୍ୟ ହାଇକୋର୍ଟଙ୍କ ନିର୍ଦ୍ଦେଶ ପାଳନ ହୋଇପାରି ନାହିଁ। ଅପରପକ୍ଷେ ଜିଲାପାଳଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀ ହୋଇ ନ ପାରିବା ଏବଂ ଏହାକୁ ନେଇ ଖଣି ଅଞ୍ଚଳରେ ଗଣ୍ଡଗୋଳ ସୃଷ୍ଟି ହେବା ପୋଲିସର ମୁଣ୍ଡବ୍ୟଥାର କାରଣ ପାଲଟିଛି। ଗୁରୁବାର ଖଣି ଅଞ୍ଚଳରେ ଟ୍ରକ୍ ଭଙ୍ଗା ଓ ଡ୍ରାଇଭରଙ୍କୁ ମାଡ଼ ଘଟଣାରେ ଯାଜପୁର ରୋଡ ଟ୍ରକ୍ ମାଲିକ ସଂଘ ପକ୍ଷରୁ ଖଣି ଅଞ୍ଚଳର କେତେଜଣ ଟ୍ରକ୍ ମାଲିକଙ୍କ ନାମରେ କାଳିଆପାଣି ଥାନାରେ ଅଭିଯୋଗ ହୋଇଛି। ସେହିପରି ଟ୍ରକ୍ ଛଡ଼ାଇ ଜୀବନରୁ ମାରିଦେବାକୁ ଧମକ ଦିଆଯାଉଥିବା ନେଇ କୁହିକା ଓ ଯାଜପୁର ରୋଡ୍ ଟ୍ରକ ମାଲିକଙ୍କ ନାମରେ ଖଣି ଅଞ୍ଚଳର କେତେଜଣ ଟ୍ରକ୍ ମାଲିକ ଥାନାରେ ପାଲଟା ଅଭିଯୋଗ କରିଥିବା ଜଣାପଡିଛି। ଏଭଳିସ୍ଥିତିରେ ୫ ଦିନ ହେବ ଖଣି ଅଞ୍ଚଳରୁ କ୍ରୋମାଇଟ ପରିବହନ ବନ୍ଦ ରହିଛି। ଫଳରେ ଟ୍ରକ୍ ମାଲିକମାନେ କ୍ଷତିର ସମ୍ମୁଖୀନ ହେଉଥିବା ବେଳେ ଲୋଡିଂ ଶ୍ରମିକମାନେ କାର୍ଯ୍ୟ ହରାଇ ଘରେ ବସିଛନ୍ତି। ଅପରପକ୍ଷେ କଳିଙ୍ଗନଗର ଶିଳ୍ପାଞ୍ଚଳରେ କଞ୍ଚା ମାଲ ଅଭାବରୁ କାରଖାନା ଉପରେ ଏହାର କୁପ୍ରଭାବ ପକାଇଥିବା ନେଇ ଶିଳ୍ପ ମହାସଂଘ ପକ୍ଷରୁ ମୁଖ୍ୟ ମନ୍ତ୍ରୀଙ୍କ ନିକଟରେ ଅଭିଯୋଗ ମଧ୍ୟ ହୋଇଛି। ପ୍ରଶାସନ ନିଷ୍ପତ୍ତିକୁ ଖୋଲାଖୋଲି ଚ୍ୟାଲେଞ୍ଜ ହୋଇଥିଲେ ମଧ୍ୟ ଜିଲାପ୍ରଶାସନ ନୀରବଦ୍ରଷ୍ଟା ସାଜିବା ସାଧାରଣରେ ଅନେକ ପ୍ରଶ୍ନବାଚୀ ସୃଷ୍ଟି କରିଛି।




(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚିଙ୍ଗୁଡ଼ି ମାଛକୁ ଟାକେରା ଆମ୍ବୁଲ**
**ତୋଡ଼ିମାଛ କାଞ୍ଜି ପାଣି**
**ମାଗୁର ମାଛରେ ସଜ ବସା ଦହି**
**ଭାତ ନେଇଯାଏ ଟାଣି ।**

ଖାଦ୍ୟ ସହ ରୁଚିର ସମ୍ପର୍କ ରହିଥାଏ। ଚିଙ୍ଗୁଡ଼ି ମାଛ ତରକାରିରେ ଆମ୍ବୁଲ ଟିକିଏ ପଡ଼ିଥିଲେ ତା'ର ସ୍ୱାଦ ବଢ଼ିଯାଇଥାଏ। ସେହିପରି ତୋଡ଼ି ମାଛ ସହ କାଞ୍ଜିପାଣି ଓ ମାଗୁର ମାଛରେ ସଜ ବସାଦହିର ମିଶ୍ରଣ ପାଟିକୁ ଖୁବ୍ ସୁସ୍ୱାଦ ଲାଗୁଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଚୂନ ସରସ ଗୁଆ ନିରସ**
**ଖଇର ସମାନ ମସଲା ଟାଣ**
**ତେବେ ସେ ଜାଣିବ ପାନର ଗୁଣ ।**

ପାନ ଖାଇବାରେ ଅଭ୍ୟସ୍ତ ଥିବା ବ୍ୟକ୍ତି ପାନ ପ୍ରସ୍ତୁତି ଉପରେ ଅଧିକ ଧ୍ୟାନ ଦେଇଥାନ୍ତି। ଯେମିତି ପାନରେ ଲାଗୁଥିବା ଚୂନ ଅଧିକ କଟୁଯୁକ୍ତ ହୋଇ ନ ଥିବ, ଗୁଆ କଷା ଲାଗୁ ନ ଥିବ, ଖଇର ସ୍ୱାଦ ଅନୁସାରେ ସଠିକ୍ ପରିମାଣର ପଡ଼ିଥିବ ତଥା ପାନରେ ପଡୁଥିବା ମସଲା ପାଟିକୁ ଟିକେ କଡ଼ା ଲାଗୁଥିବ। ଚାହିଦା ମୁତାବକ ଏପରି ପାନ ପ୍ରସ୍ତୁତି ହୋଇଥିଲେ ଖାଇବାର ମଜା ଦ୍ୱିଗୁଣିତ ହୋଇଯାଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
– ଫ୍ରେଣ୍ଡସ୍ ପବ୍ଲିଶର୍ସ

## ■ ନୀଳାଚଳ ଇସ୍ପାତ କାରଖାନା ଘରୋଇକରଣକୁ ବିରୋଧ

# ମୁଖ୍ୟ ଫାଟକ ସମ୍ମୁଖରେ ଧାରଣା

**ଡୁବୁରୀ,୨୩।୮(ଡି.ଏନ୍.ଏ.)**




ଘରୋଇକରଣକୁ ବିରୋଧ କରି କର୍ମଚାରୀ ଓ ଶ୍ରମିକମାନେ ଆନ୍ଦୋଳନ କରୁଛନ୍ତି।

କଳିଙ୍ଗନଗରସ୍ଥିତ ଏକ ମାତ୍ର ରାଷ୍ଟ୍ରାୟତ୍ତ ଉଦ୍ୟୋଗ ନୀଳାଚଳ ଇସ୍ପାତ କାରଖାନାକୁ ଘରୋଇକରଣ ଉଦ୍ୟମକୁ ନୀଳାଚଳ ବଞ୍ଚାଓ ସମିତି ବିରୋଧ କରିଛି। ଏହାର ପ୍ରତିବାଦରେ ଶୁକ୍ରବାର କାରଖାନାର କର୍ମଚାରୀ ଓ ଠିକା ଶ୍ରମିକମାନେ କାରଖାନା ମୁଖ୍ୟ ଫାଟକ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଧାରଣା ଦେଇଥିଲେ। ଏଥିରେ କାରଖାନାର ସମସ୍ତ ବିଭାଗର ଶତାଧିକ କର୍ମଚାରୀ ସାମିଲ ଥିଲେ। ବିକ୍ଷୋଭକାରୀମାନେ ବିଭିନ୍ନ ପ୍ଲାକାର୍ଡ ଧରି କାରଖାନା ଘରୋଇକରଣକୁ ବିରୋଧ କରିବା ସହ ସେଲ୍ (ଷ୍ଟିଲ ଅଥୋରିଟି ଅଫ ଇଣ୍ଡିଆ ଲିମିଟେଡ) ନୀଳାଚଳ କାରଖାନାକୁ ନେବା ପାଇଁ ଦାବି କରିଥିଲେ। ୨ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟଧରି କର୍ମଚାରୀମାନେ କାରଖାନା ମୁଖ୍ୟ ଫାଟକରେ ଧାରଣା ଦେବାରୁ କାରଖାନାରେ ଏକ ପ୍ରକାର ଅଚଳାବସ୍ଥା ସୃଷ୍ଟି ହୋଇଥିଲା। କାରଖାନାର ଉଚ୍ଚ ପଦାଧିକାରୀ ଘଟଣାସ୍ଥଳରେ ପହଞ୍ଚି ସମସ୍ତ କର୍ମଚାରୀଙ୍କୁ କାର୍ଯ୍ୟରେ ଯୋଗଦେବାକୁ ଅନୁରୋଧ କରିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। କିନ୍ତୁ ନୀଳାଚଳ କାରଖାନା ଘରୋଇକରଣ ସମ୍ପର୍କରେ ଉଚ୍ଚକର୍ତ୍ତୃପକ୍ଷ ଆଲୋଚନା କରି ନ ଥିବା ନୀଳାଚଳ ବଞ୍ଚାଓ ସମିତି ପକ୍ଷରୁ କୁହାଯାଇଛି। ପ୍ରକାଶ ଯେ, ନୀଳାଚଳ କାରଖାନାରୁ ଏମ୍ଏମ୍‌ଟିସି ତାର ଶେୟାର ବିକ୍ରି କରିଦେବାକୁ ନିଷ୍ପତ୍ତି ନେବାପରେ କାରଖାନା ସେଲ୍ ସହ ମିଶ୍ରଣ ହେବ କି କୌଣସି ଘରୋଇ କମ୍ପାନୀକୁ ହସ୍ତାନ୍ତର କରାଯିବ ସେ ନେଇ ଅଦ୍ୟାବଧି ସରକାରୀ ସ୍ତରରେ ନିଷ୍ପତ୍ତି ହୋଇନାହିଁ। ଏମ୍ଏମ୍‌ଟିସି କାରଖାନରୁ ନିଜ ଶେୟାର ବିକ୍ରି କରିବାକୁ ନିଷ୍ପତ୍ତି ପରେ ଗତ ଏକ ମାସ ହେଲା କାରଖାନରେ ଉତ୍ପାଦନ ବନ୍ଦ ରହିଛି। ଏଭଳି ସ୍ଥିତିରେ କାରଖାନା କର୍ମଚାରୀମାନେ ନାନା ଆଶା ଓ ଆଶଙ୍କାରେ ରହିଛନ୍ତି। କାରଖାନାକୁ ଘରୋଇକରଣ କରାଯିବାକୁ କୌଣସି ପରିସ୍ଥିତିରେଦଆଯିବ ନାହିଁ ବୋଲି ନୀଳାଚଳ ବଞ୍ଚାଓ ସମିତିର ମହିରାମ ପୂର୍ତ୍ତୀ, ଅଜୟ ମହାନ୍ତ, ଗଙ୍ଗାଧର ଗହନାୟକ, ବାଇଧର ପ୍ରଧାନ, ପ୍ରଭଞ୍ଜନ ସାମନ୍ତରାୟ, ଏମ୍ ଆର ଖିଲାର, ରାଜେଶ୍ୱର ମହାନ୍ତ, ବିଶ୍ୱଜିତ ସାମନ୍ତରାୟ, ଯଦୁମଣି ମହାନ୍ତ ପ୍ରମୁଖ କର୍ମଚାରୀ କହିଛନ୍ତି।

### ଭିସା କାରଖାନାରେ ଠିକା ଶ୍ରମିକ ଛଟେଇ ନୋଟିସ୍

**କଳିଙ୍ଗନଗର,୨୩।୮(ଡି.ଏନ.ଏ)**

କଳିଙ୍ଗନଗରସ୍ଥିତ ଭିସା କାରଖାରେ ଠିକା ଶ୍ରମିକଙ୍କୁ ଛଟେଇ ପାଇଁ ଶୁକ୍ରବାର କାରଖାନା କର୍ତ୍ତୃପକ୍ଷ କାରଖାନା ମୁଖ୍ୟ ଫାଟକରେ ନୋଟିସ କରିଛନ୍ତି। ଗତ ଦୁଇ ବର୍ଷ ହେବ କାରଖାନାର ରୋଲିଂ ମିଲ୍, ବ୍ଲାଷ୍ଟ ଫର୍ନେସ୍, ଏସ୍ଏମ୍ଏସ୍ ସାଇଡ୍ ବନ୍ଦ ଥିବାବେଳେ ଶୁକ୍ରବାର ଫେରୋକ୍ରମ ସାଇଟ୍ ବନ୍ଦ ରହିଛି। ଏଥିପାଇଁ କାରଖାନାର ୩୫୦ରୁ ଉର୍ଦ୍ଧ୍ୱ ଠିକା ଶ୍ରମିକଙ୍କୁ କାର୍ଯ୍ୟରୁ ଛଟେଇ କରାଯିବ ବୋଲି ନୋଟିସରେ ଉଲ୍ଲେଖ ରହିଛି। ଏ ନେଇ କାର୍ଯ୍ୟାରତ ଶ୍ରମିକଙ୍କ ମଧ୍ୟରେ ଅସାନ୍ତି ଦେଖାଦେଇଛି। ଏହାକୁ ନେଇ ଆଗାମୀ ଦିନରେ ଶ୍ରମିକମାନେ ଆନ୍ଦୋଳନ କରିବା ପାଇଁ ଯୋଜନା କରୁଥିବା କୁହାଯାଉଛି। ଗତ କିଛିଦିନ କ୍ରୋମାଇଟ ଖଣିରେ ହାଇକୋର୍ଟଙ୍କ ନିର୍ଦ୍ଦେଶ ଫାଷ୍ଟ କମ୍ ଫାଷ୍ଟ ଲୋଡିଂ ପରିବହନ ନିମନ୍ତେ କଡ଼ାକଡ଼ାଭାବେ ପାଳନ କାରିବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। କିନ୍ତୁ ଖଣିରେ ଶ୍ରମିକମାନେ ସହଯୋଗ କରୁି ନ ଥିବାରୁ କାରଖାନାକୁ କଞ୍ଚାମାଲ ଆସିପାରୁ ନ ଥିବା ଜଣାପଡିଛି।

# ଜରୀ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ




**ସିଂହପୁର,୨୩।୮(ଡି.ଏନ୍.ଏ.)**

ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଜରୀ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇଥିବା ଅଭିଯୋଗ ହୋଇଛି। ୧୯୮୩ରେ ପ୍ରତିଷ୍ଠିତ ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଜରୀ, ବାଙ୍ଗରା, ନାଉବାଙ୍କ, ସିଂହପୁର, ଛନ୍ଦାମୁଣ୍ଡ ସମେତ ୧୫ଟି ଗ୍ରାମବାସୀ ନିର୍ଭର କରନ୍ତି। ଏଠାରେ ଫାର୍ମାଶିଷ୍ଟ ଓ ଷ୍ଟାଫ ନର୍ସ ପଦବୀ ମଧ୍ୟ ଖାଲି ପଡିଛି। ଆୟୁଷ ଡାକ୍ତର ସମୟସୀମା ପୂର୍ବରୁ ପଳାଉଛନ୍ତି। ସେହିପରି ବର୍ତ୍ତମାନ ପର୍ଯ୍ୟନ୍ତ ଏମ୍‌ବିବିଏସ୍ ଡାକ୍ତର ନିଯୁକ୍ତି ହୋଇ ନ ଥିବାରୁ ଲୋକେ ଖର୍ଚ୍ଚାନ୍ତ ହୋଇ ବିଞ୍ଝାରପୁର କିମ୍ବା ଯାଜପୁର ଯିବାକୁ ବାଧ ହେଉଛନ୍ତି। ଅପରପକ୍ଷେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀ କଲ୍ୟାଣ ସମିତି ପାଣ୍ଠି ଠିକ୍ ଭାବେ ବିନିଯୋଗ ହେଉ ନ ଥିବାବେଳେ କମିଟି ଗଠନ ହୋଇ ନ ଥିବା ଅଭିଯୋଗ ହୋଇଛି। ତୁରନ୍ତ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଓ ଜିଲାପାଳ ଏଥିପ୍ରତି ଦୃଷ୍ଟି ଦେବାକୁ ସରପଞ୍ଚ ସ୍ୱପ୍ନାମଞ୍ଜରୀ ଲେଙ୍କା, ନନ୍ଦକିଶୋର ମଳିକ, ପ୍ରଦ୍ୟୁମ୍ନ ପାତ୍ର, ଉମେଶ ଚନ୍ଦ୍ର ଦାସ ଦାବି କରିଛନ୍ତି। ଏ ଦିଗରେ ପଦକ୍ଷେପ ଗ୍ରହଣ କରା ନ ଗଲେ ଆଗାମୀ ଦିନରେ ଜନଆନ୍ଦୋଳନ କରାଯିବା ନେଇ ଚେତାବନୀ ଦେଇଛନ୍ତି।


# CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

ASTROLOGY

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
- ସ୍ପେଶାଲିଷ୍ଟ -
ବଶୀକରଣ ଓ ମୁଠ୍‌କରଣ
ପ୍ରେମ ବିବାହ, ମନମୁତାବକ ପ୍ରେମ, ବଶୀକରଣ, ଯାଦୁ ଟୋନା, ମୁଠୀକରଣୀ, ବିଦେଶ ଯାତ୍ରା ଓ ବ୍ୟବସାୟରେ ପ୍ରତିବନ୍ଧକ, ବିବାହ-ପ୍ରେମରେ ବାଧା, କ୍ରୋଧି ଲୋକଙ୍କୁ ବଶୀଭୂତ କରିବା, ପୁରୁଣା ରୋଗରେ ଔଷଧ କାମ ନ କରିବା, ପତି-ପତ୍ନୀଙ୍କ ମଧ୍ୟରେ ମତାନ୍ତର, ଦୁଷ୍ଟ ଲୋକ ଏବଂ ଶତ୍ରୁଠାରୁ ମୁକ୍ତି।
ବି.ଦ୍ର : ଯଦି କାହାର ପତି ବା ପ୍ରେମୀ ଅନ୍ୟ ଦ୍ୱାରା ବଶୀଭୂତ ତେବେ ଆମକୁ ଯୋଗାଯୋଗ କରନ୍ତୁ
ବାବା ଆଲାମ ଖାନ
ମାଷ୍ଟର କ୍ୟାଣ୍ଟିନ୍, ରାମ ମନ୍ଦିର ପାଖ, ଭୁବନେଶ୍ୱର
9773820765

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

FINANCE

FINANCE
UNB ଋଣ ଲିମିଟେଡ୍ ଭରସାର ପ୍ରତିକ ସ୍ୱୀକୃତୀପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ବେରୋଜଗାର ଏବଂ ସମସ୍ତ ଋଣ ମାତ୍ର ୫ ଘଣ୍ଟାରେ ଘରେବସି ପାଆନ୍ତୁ। 2% ସୁଧ 45% ଛାଡ
No File Charge No Guarantor
Vasundhara Mall, West Boring Canal Rd, Rajapur, Patna, Bihar 800001
7298510688
7055901278

ଲୋନ! ଲୋନ! ଲୋନ
୧ ରୁ୫୦ ଲକ୍ଷ୍ୟ ଲୋନ
NRC FINANCE
ଗୃହରୁଣ, ମାର୍କସିଟ ପର୍ସନାଲ୍, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ରୁଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
99901-64008
99901-64236
nrcfinanceonline@gmail.com
Office no. 09 11th floor statesman House plot no. 48 Connaught Place N.D 110001

ନୂଆ ଯୋଜନା ଅଧୀନରେ ଭାରତର ନଂ.1 କମ୍ପାନୀ 1988ଠାରୁ ଆପଣଙ୍କ ସେବାରେ
Dhanalaxmi Finance
Regd. No.-U6519TNI98PLC00855
ମାର୍କଶିଟ, ପ୍ରପର୍ଟି ପର୍ସନାଲ, ପଶୁପାଳନ, ମାଛଚାଷ, ରାଶନ କାର୍ଡ, ଆଧାରକାର୍ଡ ଏବଂ ସବୁପ୍ରକାରର ଲୋନ୍ ଘରେ ବସି ପାଆନ୍ତୁ। ଦିନରେ,
2% ସୁଧ, 40% ଛାଡ଼
ମହିଳା ଏବଂ ବିଦ୍ୟାର୍ଥୀମାନଙ୍କ ପାଇଁ ବିଶେଷ ଛାଡ଼।
HELPLINE
8859690149

HEALTH CARE

AT PURI AT PURI AT PURI
ଗୁପ୍ତ ରୋଗର ସର୍ବୋତ୍ତମ ଆୟୁର୍ବେଦ ଚିକିତ୍ସା
Advise & Treatment by Specialized Ayurvedic Doctors only
ବୈବାହିକ ସମସ୍ୟା, ଶୀଘ୍ର ସ୍ଖଳନ, ପୁରୁଷ ସମସ୍ୟା, ମୂତ୍ରରେ ଧାତୁ ପଡିବା, ସ୍ତ୍ରୀ ରୋଗ – ଋତୁସ୍ରାବ ଅନିୟମିତତା, ଧଳାସ୍ରାବ, ସନ୍ତାନ ହୀନତା, ମୁଖବ୍ରଣ, ରୁପି ଏବଂ ସମସ୍ତ ଚର୍ମ ରୋଗର ଉତ୍ତମ ପରାମର୍ଶ ଏବଂ ଚିକିତ୍ସା।
SAMBHAV AYURVED
Bus Stand Outgate, Puri
Phone & Whats App - 7735921512 / 9439349129, Timing - 9 am to 8 pm

ଫ୍ରି ସେବା କୌଣସି ଫିସ୍ ନାହିଁ
ଭଲ କାମର ପରିଣତି ଭଲ ହୋଇଥାଏ
MY PROMISE
ଅଘୋରୀ ତାନ୍ତ୍ରିକ ବାବା ଓମପ୍ରକାଶ ଶାସ୍ତ୍ରୀ
ବଶୀକରଣ, ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ମନ ଚାହୁଁଥିବା ପ୍ରେମ, ଗୃହକ୍ଳେଶ, ଚାକିରି, ବ୍ୟବସାୟ, ସ୍ୱାମୀ, ସ୍ତ୍ରୀ ମନୋମାଳିନ୍ୟ, ସଉତୁଣୀ, ଶତ୍ରୁ ମୁକ୍ତି, ବିବାହରେ ବାଧା
3 ଘଣ୍ଟାରେ ଘରେ ବସି ସମାଧାନ।
81 26 92 24 05
ହରିଦ୍ୱାର

ଇଣ୍ଡସ୍ ଫାଇନାନ୍ସ ଲିଃ
କମ୍ପାନୀ ଋଣ ଉପଲବ୍ଧ କରାଉଛି ଏଥିରେ ଆପଣଙ୍କୁ ପର୍ସନାଲ ଋଣ, ବ୍ୟବସାୟ ଋଣ, ସାଲାରୀ ସ୍ଲିପ୍ ଋଣ ମାତ୍ର 2% ସୁଧରେ ମିଳିପାରିବ।
ମହିଳାଙ୍କ ପାଇଁ 50% ରିହାତି
9911417764
9911417461
BISWANATHPUR, BALARAMAPUR, BALESWAR, ODISHA - 756024

!! ଋଣ ଋଣ ଋଣ !!
1ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ୍, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନକାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ରିହାତି
!! ରିଦ୍ଧି ଫାଇନାନ୍ସ !!
E-mail : - ridhifinanceonlinem.p@gmail.com
7052572586
Add : - 41/14, Sec-1 Pushp Vihar, Delhi

BUSINESS

ପାଠକଙ୍କ ପାଇଁ ସୂଚନା:
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଋଣ ଧମାକା
ଆଧାର କାର୍ଡରେ ଋଣ ପାଆନ୍ତୁ
1 ଲକ୍ଷରୁ 25 ଲକ୍ଷ ପର୍ଯ୍ୟନ୍ତ
ସୁଧ 1% ପର୍ଯ୍ୟନ୍ତ, 50% ପର୍ଯ୍ୟନ୍ତ ଛାଡ଼
ସମୂହ ଋଣ, ପର୍ସନାଲ, କୁକୁଡ଼ା ପାଳନ ଋଣ
Contact No.
7491845997
7079574972
New Ashok Nagar, East Delhi, Delhi
www.toofanfinance.in

FINANCE
ବାଲାଜୀ ଋଣ ଭାରତର ସବୁଠୁ ବଡ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ମାତ୍ର ୨୪ ଘଣ୍ଟାରେ ଘରେବସି ପାଆନ୍ତୁ
3% ସୁଧ 25% ଛାଡ ୧୦ ବର୍ଷର ଏଗ୍ରୀମେଣ୍ଟ ସହିତ
କେବଳ ଆସାମ, ଓଡିଶା, ବିହାର, ଝାରଖଣ୍ଡ, ଗୁଜୁରାଟ ହାଇଦ୍ରାବାଦ, ହିମାଚଳ, ବେଙ୍ଗାଲୁରୁ, ମଧ୍ୟପ୍ରଦେଶ ରେ
balajifinancegroupchd@yahoo.com
Plot No 4542, Shahnajaf Rd, Chandigarh 226001
09454715754
09455705969

Hi-Tech Telecom Company Ltd.
ଖାଲିଥିବା ଜମି ଓ ଛାତ ସବୁ ସ୍ଥାନରେ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 60,000,00/-, ଭଡା 40,000/- ଟଙ୍କା ପାଆନ୍ତୁ। ଜଣକୁ ଚାକିରି ମିଳିବ। ଦରମା - 20,000/- ଓ ଅନ୍ୟାନ ସୁବିଧା ମାତ୍ର ୭୨ ଘଣ୍ଟାରେ ଜମି ଯାଞ୍ଚ ଓ ଉପକରଣ ସ୍ଥାପନ କରନ୍ତୁ
ଠକ ମାନ ଙ୍କୁ ସାବଧାନ !
345/4, Bhattarahalli, Old Madras Road, K.R. Puram, Bengaluru, Karnataka-560049
9430814236
6393626894

COLOR DISPLAY CLASSIFIED

| SIZE | 15 days | 8 days | 4 days | Single day | GST 5% will be added extra |
|---|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 | |

on every Tuesday & Friday

## ସଂକ୍ଷେପରେ

### କୁଏଟରେ ଫସିଛନ୍ତି ଓଡ଼ିଆ ଯୁବକ

କେନ୍ଦ୍ରାପଡା ଅଫିସ, ୨୩।୮: କେନ୍ଦ୍ରାପଡା ଜିଲା ରାଜନଗର ବ୍ଲକ କୁରୁଣ୍ଟି ପଞ୍ଚାୟତ ଅନ୍ତର୍ଗତ ଚକ୍ରଧରପୁର ଗ୍ରାମର ନଟବର ବେହେରାଙ୍କ ପୁଅ ଅଧର କୁଏଟରୁ ଫେରିପାରୁନାହାନ୍ତି। ଏସମ୍ପର୍କରେ ନଟବର ସାମାଜିକ ଗଣମାଧ୍ୟମ ଜରିଆରେ ସୂଚନା ଦେଇଛନ୍ତି। ତାଙ୍କ ସୂଚନା ଅନୁଯାୟୀ, ପୁଅ ବଢ଼େଇ କାମ ପାଇଁ କୁଏଟ ଯାଇଛନ୍ତି। ଏବେ ତାଙ୍କର ଯକୃତ ରୋଗ ହୋଇଛି। ତେବେ କାମ କରୁଥିବା କମ୍ପାନୀ ଚିକିତ୍ସା ପାଇଁ ଡାକ୍ତରଖାନା ନେଉ ନଥିବା ବେଳେ ଘରକୁ ମଧ୍ୟ ଛାଡୁନାହିଁ। ଫଳରେ ଅଧରଙ୍କ ଅବସ୍ଥା ଦିନକୁ ଦିନ ବିଗିଡି ଯାଉଛି। ଏନେଇ ସହାୟତା ଯୋଗାଇ ଦେବାକୁ ସେ ସାମାଜିକ ଗଣମାଧମରେ ନିବେଦନ କରିଛନ୍ତି।

### ଶ୍ରୀକୃଷ୍ଣ ଜନ୍ମୋତ୍ସବ

ମାର୍ଶାଘାଇ, ୨୩।୮ (ଡି.ଏନ୍.ଏ.): ମାର୍ଶାଘାଇ ଅଞ୍ଚଳର ବିଭିନ୍ନ ମଠ, ମନ୍ଦିରରେ ଶୁକ୍ରବାର ଶ୍ରୀକୃଷ୍ଣ ଜନ୍ମୋତ୍ସବ ବହୁ ଆଡମ୍ବରରେ ପାଳିତ ହୋଇଯାଇଛି। ମାର୍ଶାଘାଇ ବ୍ଲକର ସମସ୍ତ ଗ୍ରାମର ପୂଜାମଣ୍ଡପରେ ଶତାଧିକ ମହିଳା ଏକତ୍ରିତ ହୋଇ ଜନ୍ମାଷ୍ଟମୀ ପୂଜା କରିଥିଲେ। ସକାଳୁ ମହିଳାମାନେ ପୂଜାମଣ୍ଡପକୁ ଫୁଲରେ ସଜାଇ ଖଟୁଲି ଉପରେ ଆଣ୍ଠୁଆ ଗୋପାଳ ମୂର୍ତ୍ତି ସ୍ଥାପନ କରି ପୂଜା କରିବା ସହ ଶୋଭାଯାତ୍ରାରେ ଯାଇ ନଦୀଘାଟରୁ ପାଣି ଆଣି ପୂଜା ମଣ୍ଡପରେ ସ୍ଥାପନ କରିଥିଲେ। ଏଥିସହ କଦଳୀ, ନଡିଆ, ସେଓ ଆଦି ଫଳ ସମେତ ବିଭିନ୍ନ ମିଷ୍ଟାନ୍ନ ଭୋଗଲାଗି କରିଥିଲେ। ଏହି ଅବସରରେ ହରିବଂଶ ପୁରାଣ ପାଠ କରାଯାଇଥିଲା। ଏହି ପୁରାଣର ଦ୍ୱିତୀୟ ଖଣ୍ଡରେ ପ୍ରଭୁ ଶ୍ରୀକୃଷ୍ଣଙ୍କ ଜନ୍ମ ବୃତାନ୍ତ ପାଠ ପରେ ପୂର୍ଣ୍ଣାହୁତି ଦିଆଯାଇ ବିଳମ୍ବିତ ରାତିରେ ପୂଜା ଶେଷ ହୋଇଥିଲା।

## ଜିଲାରେ ଖୋଲୁଛି ବେଆଇନ କମ୍ପ୍ୟୁଟର ଶିକ୍ଷାକେନ୍ଦ୍ର

# କାମରେ ଲାଗୁନି ସାର୍ଟିଫିକେଟ୍

- ୨୦୦ରୁ ଊର୍ଦ୍ଧ୍ୱ କମ୍ପ୍ୟୁଟର ଶିକ୍ଷା କେନ୍ଦ୍ର ରହିଛି
- ଆକର୍ଷଣୀୟ ବିଜ୍ଞାପନ ଜରିଆରେ କରାଯାଉଛି ପ୍ରଚାର

କେନ୍ଦ୍ରାପଡା ଅଫିସ, ୨୩।୮

ଆଜିର ବିଜ୍ଞାନ ଓ ଯାନ୍ତ୍ରିକ ଯୁଗରେ ସବୁ କ୍ଷେତ୍ରରେ କମ୍ପ୍ୟୁଟର ବହୁଳ ବ୍ୟବହାର ହେଉଥିବା ବେଳେ ଏଥିପାଇଁ ଉପଯୁକ୍ତ ଶିକ୍ଷାର ଆବଶ୍ୟକତା ରହିଛି। କମ୍ପ୍ୟୁଟର ଶିକ୍ଷାରେ ନିଯୁକ୍ତି ସୁଯୋଗକୁ ଦୃଷ୍ଟିରେ ରଖି କିଶୋର, ଯୁବତୀ, ଯୁବକମାନେ ଏଥିପ୍ରତି ଆଗ୍ରହ ପ୍ରକାଶ କରୁଛନ୍ତି। ଏହାର ସୁଯୋଗ ନେଇ କିଛି ଜାଲି ସଂସ୍ଥା ତଥା ଅର୍ଥପିପାସୁ ବ୍ୟକ୍ତି ବେଆଇନ ଭାବେ ତାଲିମ କେନ୍ଦ୍ର ଖୋଲି ବୈଧତା ନଥିବା ସାର୍ଟିଫିକେଟ ପ୍ରଦାନ କରୁଛନ୍ତି। ଏସବୁ ଶିକ୍ଷାକେନ୍ଦ୍ରରୁ ଟଙ୍କା ଖର୍ଚ୍ଚ କରି ତାଲିମ ପାଇଥିବା ଚାକିରି ଆଶାୟୀ ଯୁବତୀ ଯୁବକଙ୍କ ସାର୍ଟିଫିକେଟ୍ କାମରେ ଲାଗୁନାହିଁ। ଏନେଇ ଯୁବବର୍ଗ ମନରେ ନୈରାଶ୍ୟ ଭାବ ସୃଷ୍ଟି କରୁଛି। ଗତ ୩ ବର୍ଷ ମଧ୍ୟରେ କେନ୍ଦ୍ରାପଡା ଜିଲାରେ ୨୦୦ରୁ କମ୍ପ୍ୟୁଟର ଶିକ୍ଷା କେନ୍ଦ୍ର ଖୋଲିଥିବା ବେଳେ ଏହାର ବୈଧତା ନେଇ ଜିଲା ପ୍ରଶାସନ ନିଘା ନାହିଁ। ଏନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

ଆଳି ବ୍ଲକ ସାନମଙ୍ଗ ଗ୍ରାମର ତ୍ରୈଲୋଚନ ଦାସ କେନ୍ଦ୍ରାପଡା ସହର ଏକ କମ୍ପ୍ୟୁଟର ଶିକ୍ଷାକେନ୍ଦ୍ରରୁ ପିଜିଡିସିଏ ପାଠ୍ୟକ୍ରମ ସାରିଥିଲେ। ଗତ ୧୦ ଦିନ ପୂର୍ବେ ହାଇଦ୍ରାବାଦକୁ କର୍ମନିଯୁକ୍ତି ପାଇଁ ସେ ଯାଇଥିବା ବେଳେ ସେଠାରେ ଏହି ପିଜିଡିସିଏ ସାର୍ଟିଫିକେଟ୍‌ର କୌଣସି ବୈଧତା ନଥିବା ଦର୍ଶାଇ ତାଙ୍କୁ ଫେରାଇ ଦିଆଯାଇଥିଲା। ଏସମ୍ପର୍କରେ ସେ କୁହନ୍ତି, କର୍ମ ନିଯୁକ୍ତି କ୍ଷେତ୍ରରେ କମ୍ପ୍ୟୁଟର ତାଲିମ ଏବେ ଅପରିହାର୍ଯ୍ୟ ହୋଇପଡିଛି। ଏହାକୁ ଦୃଷ୍ଟିରେ ରଖି ସେ କେନ୍ଦ୍ରାପଡା ସହରର ଏକ ଘରୋଇ କମ୍ପ୍ୟୁଟର ଶିକ୍ଷା କେନ୍ଦ୍ରରୁ କମ୍ପ୍ୟୁଟର ପିଜିଡିସିଏ କୋର୍ସର ତାଲିମ ନେଇଥିଲେ। ତେବେ ଏହି ଅନୁଷ୍ଠାନର ବୈଧତା ନେଇ ନିଯୁକ୍ତିଦାତା କମ୍ପାନୀର କର୍ତ୍ତୃପକ୍ଷ ପ୍ରଶ୍ନ ଉଠାଇଛନ୍ତି। ଏ ସମ୍ପର୍କରେ ସୂଚନା ଅଧିକାର ଅଭିଯାନ କର୍ମୀ ବାନାମ୍ବର ସାହୁ କୁହନ୍ତି, ୨୦୧୭ରେ ରାଜ୍ୟ ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗକୁ ଏନେଇ ଏକ ପ୍ରଶ୍ନ କରାଯାଇଥିଲା। ଏହି ପ୍ରଶ୍ନରେ ପିଜିଡିସିଏ କୋର୍ସ ପରିଚାଳନା ପାଇଁ ଅନୁମତି ପାଇଥିବା ସଂସ୍ଥା ଅଥବା ଶିକ୍ଷାନୁଷ୍ଠାନର ନାମ ପ୍ରକାଶ ପାଇଁ ନିବେଦନ କରାଯାଇଥିଲା। ଉକ୍ତ ବର୍ଷ ଅଗଷ୍ଟ ୧ରେ ଏହାର ଉତ୍ତର (ପତ୍ରସଂଖ୍ୟା ୨୮୭୨୨) ମିଳିଥିବା ବେଳେ ସାମ୍ପ୍ରତିକ ସମୟରେ ଛତୁ ଫୁଟିଲା ଭଳି କମ୍ପ୍ୟୁଟର ଶିକ୍ଷା କେନ୍ଦ୍ର ଖୋଲାଯାଉଛି। ମାତ୍ର ଏସବୁର ବୈଧତା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତଥ୍ୟ ଅନୁଯାୟୀ, ଏହି ପାଠ୍ୟକ୍ରମ ପାଇଁ ମାତ୍ର ୧୩ଟି ଶିକ୍ଷାନୁଷ୍ଠାନକୁ ରାଜ୍ୟ ସରକାର ଅନୁମୋଦନ ଦେଇଛନ୍ତି। ସାହୁଙ୍କ କହିବାନୁସାରେ, ଏହି ତଥ୍ୟକୁ ବିଚାରକୁ ନେଲେ ରାଜ୍ୟ ସରକାରଙ୍କ ନଜର ଆଢୁଆଳରେ ୧୦ରୁ ଊର୍ଦ୍ଧ୍ୱ ଜାଲି ସଂସ୍ଥା ରାଜ୍ୟସାରା ସେମାନଙ୍କ ଅନୁଷ୍ଠାନ ଖୋଲି ଯୁବତୀ ଯୁବକଙ୍କୁ ଠକିବାରେ ଲାଗିଛନ୍ତି।

ଏସମ୍ପର୍କରେ ବୁଦ୍ଧିଜୀବୀ ରାଧାକାନ୍ତ ମହାନ୍ତି କୁହନ୍ତି, ରାଜ୍ୟ ଓ କେନ୍ଦ୍ର ସରକାର ଦକ୍ଷତା ବୃଦ୍ଧିକୁ ପ୍ରାଧାନ୍ୟ ଦେଉଛନ୍ତି। ସ୍କିଲ ଇଣ୍ଡିଆ, ସ୍କିଲ ଓଡିଶାରେ ଯୁବବର୍ଗ ସାମିଲ ହୋଇ ଦେଶ ଓ ରାଜ୍ୟକୁ ଆଗକୁ ନେବା ପାଇଁ ପ୍ରଚାର ଚଳାଇଛନ୍ତି। ଦକ୍ଷତା ବିକାଶ ନାମରେ ବହୁ ଅନୁଦାନ ଅର୍ଥ ଖର୍ଚ୍ଚ ହେଉଛି। ତେବେ ଏହି ଯୋଜନାର କାର୍ଯ୍ୟକାରିତା ଓ ତନଖୀ ପାଇଁ ଉପଯୁକ୍ତ ଭିତ୍ତିଭୂମୀ ପ୍ରତିଷ୍ଠା କରିନାହାନ୍ତି। ଏହାର ସୁଯୋଗ ନେଇ କିଛି ସଂସ୍ଥା ଓ ବ୍ୟକ୍ତି ବିଭିନ୍ନ ଛକ ବଜାରରେ ନାମକୁ ମାତ୍ର ଶିକ୍ଷା କେନ୍ଦ୍ର ଖୋଲି ସାର୍ଟିଫିକେଟ ବିକ୍ରି କରୁଛନ୍ତି। ଏନେଇ ଜିଲା ପ୍ରଶାସନର ବାରମ୍ବାର ଦୃଷ୍ଟି ଆକର୍ଷଣ କରାଯାଉଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। ସେହିପରି ସାମାଜିକ କର୍ମୀ ମିଳନ କୁମାର ଧଳ କୁହନ୍ତିଯେ, ପୂର୍ବରୁ ଶିକ୍ଷାଦାନ ମହାପୂଣ୍ୟ ବୋଲି ବିବେଚିତ ହେଉଥିଲା। ଏବେ ଏହା ଏକ ବ୍ୟବସାୟରେ ପରିଣତ ହୋଇଯାଇଛି। ଆକର୍ଷଣୀୟ ବିଜ୍ଞାପନ ମାଧ୍ୟମରେ ଯୁବତୀ ଯୁବକଙ୍କ ଦୃଷ୍ଟି ଆକର୍ଷଣ କରାଯାଉଛି। ମାତ୍ର ଏସବୁ ବିଜ୍ଞାପନର ସମୀକ୍ଷା ନକରି ବହୁ ଅଭିଭାବକ ପିଲାମାନଙ୍କୁ ସେହି ଅନୁଷ୍ଠାନରେ ନାମ ଲେଖାଇଦେଉଛନ୍ତି। ପରବର୍ତ୍ତି ସମୟରେ ପିଲାମାନେ ବୈଧତା ନଥିବା ସାର୍ଟିଫିକେଟ ହାସଲ କରି ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି।

ଏ ସମ୍ପର୍କରେ ଉପଜିଲାପାଳ ଜ୍ୟୋତିରଞ୍ଜନ ମହାପାତ୍ର କୁହନ୍ତି ଯେ, ଜାଲି ଶିକ୍ଷାକେନ୍ଦ୍ର ସମ୍ପର୍କରେ କୌଣସି ଅଭିଯୋଗ ଆସିନାହିଁ। ତେବେ ଏଥିପ୍ରତି ଜିଲା ପ୍ରଶାସନର କଡା ଆଭିମୁଖ୍ୟ ରହିଛି।

## ଚାକିରି ଛଟେଇକୁ କ୍ରୀଡ଼ା, କଳା ପ୍ରାଥମିକ ଶିକ୍ଷକ ସଂଘର ବିରୋଧ

କେନ୍ଦ୍ରାପଡା ଅଫିସ, ୨୩।୮

କେନ୍ଦ୍ରାପଡା ସହରର କଜଳାସ୍ଥିତ ମହାଦେବ ମନ୍ଦିର ପରିସରରେ କେନ୍ଦ୍ରାପଡା ଜିଲା କ୍ରୀଡ଼ା ଓ କଳା ପ୍ରାଥମିକ ଶିକ୍ଷକ ସଂଘ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସମ୍ପାଦକ ଦିଲୀପ ମହାରଣାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ବିଭିନ୍ନ ସମସ୍ୟା ଓ ଏହାର ନିରାକରଣ ସମ୍ପର୍କରେ ଆଲୋଚନା ହୋଇଥିଲା। ଦୀର୍ଘ ୭ ବର୍ଷ ଧରି ସ୍ୱଳ୍ପ ଦରମାରେ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟ କରିବା ସତ୍ତ୍ୱେ ଏବେ ସେମାନଙ୍କ ଛଟେଇ ହେବ ବୋଲି ସୂଚନା ମିଳିଛି। ଏହାକୁ ସଂଘ ପକ୍ଷରୁ ବିରୋଧ କରାଯାଇଥିଲା। ଛଟେଇ ବଦଳରେ ବହୁ ସଂଖ୍ୟକ ଛାତ୍ରୀଛାତ୍ରଙ୍କ ବିଦ୍ୟାଳୟକୁ ବଦଳି କରିବାପାଇଁ ଦାବି କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିଲା। ଏଥିରେ ରିଜୁଆନ ବେଗ, ନିରାକାର ମହାରଣା, ଶ୍ରାବଣୀ ସ୍ୱାଇଁ, କଳ୍ପନା ଦାଶ ଓ ବନ୍ଦିତା ପ୍ରିୟଦର୍ଶନୀ ପ୍ରମୁଖ ଭାଗ ନେଇଥିଲେ।

## ବିଭିନ୍ନ ସ୍ଥାନରେ ଜନ୍ମାଷ୍ଟମୀ ଉତ୍ସବ



ସରସ୍ୱତୀ ଶିଶୁ ମନ୍ଦିରରେ ଆୟୋଜିତ ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରୀଛାତ୍ର।

କେନ୍ଦ୍ରାପଡା ଅଫିସ, ୨୩।୮

ପବିତ୍ର ଜନ୍ମାଷ୍ଟମୀ ଉତ୍ସବ ଶୁକ୍ରବାର କେନ୍ଦ୍ରାପଡା ସହର ଓ ଗ୍ରାମାଞ୍ଚଳର ବିଭିନ୍ନ ଶ୍ରୀକୃଷ୍ଣ ମନ୍ଦିରରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ସହରର ଇଚ୍ଛାପୁରସ୍ଥିତ ଶ୍ରୀ ବଳଦେବଜୀଉଙ୍କ ମନ୍ଦିର ଓ ମାଳଶାସନ କ୍ଷେତ୍ରାଧିପତି ଶ୍ରୀ ଦଧିବାମନଜୀଉଙ୍କ ମନ୍ଦିରରେ ଠାକୁରଙ୍କୁ କୃଷ୍ଣ ବେଶରେ ସଜ୍ଜିତ କରାଯାଇ ଏହି ଉତ୍ସବ ପାଳନ କରାଯାଇଛି। ଜନ୍ମାଷ୍ଟମୀ ଉପଲକ୍ଷେ ସହରର ଗରାପୁରସ୍ଥିତ ଗୋପାଳ ଜୀଉ ମନ୍ଦିରରେ ପ୍ରତ୍ୟୁଷରୁ ରୀତିନୀତି ଆରମ୍ଭ ହୋଇଥିଲା। ବାଲ୍ୟଧୂପ ପରେ ସକାଳ ୯ଟା ମଧ୍ୟରେ ଖେଚଡ଼ି ଧୂପ ଶେଷ ହୋଇଥିଲା। ରାତିରେ ଜନ୍ମୋତ୍ସବ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏହି ରୀତିନୀତିକୁ ଅରବିନ୍ଦ ପଣ୍ଡା, ପରିଚାଳକ ଶୁଭେନ୍ଦୁ ମହାନ୍ତି, ଲୋହିତ କୁମାର ମହାନ୍ତି, ନଳିନୀ ମହାନ୍ତି ଓ ଶୁଶାନ୍ତ ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ। ସେହିପରି ଚାଟରାପାଟଣାରେ ଗୋବିନ୍ଦଜୀଉଙ୍କ ଜନ୍ମୋତ୍ସବ ଆୟୋଜିତ ହୋଇଯାଇଛି। ଜନ୍ମାଷ୍ଟମୀ ଅବସରରେ ସ୍ଥାନୀୟ ଶିଶୁମନ୍ଦିରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଶ୍ରୀକୃଷ୍ଣଙ୍କ ଲୀଳା ସମ୍ବନ୍ଧୀୟ ବେଶ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା।

## ଜାତୀୟ ରାଜପଥରେ ମୋଟରଯାନ ଯାଞ୍ଚ

ମାର୍ଶାଘାଇ, ୨୩।୮ (ଡି.ଏନ୍.ଏ.)

୫ ନଂ.(କ) ଜାତୀୟ ରାଜପଥର ମାର୍ଶାଘାଇ କ୍ରସିଂଠାରେ ମାର୍ଶାଘାଇ ପୋଲିସ ଓ ଆର୍‌ଟିଓ ପକ୍ଷରୁ ଶୁକ୍ରବାର ଯାନବାହନ ଯାଞ୍ଚ କରାଯାଇଥିଲା। ଓଭର ଲୋଡିଂ, ଇନସୁରାନ ପେପର ଇତ୍ୟାଦି ତନଖି କରାଯାଇଥିଲା। ତେବେ ଏହି ଯାଞ୍ଚ ବେଳେ ୬,୪୩,୮୫୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ଏହି ଯାଞ୍ଚ ବେଳେ ଟ୍ରାଫିକ୍ ସବ୍‌ଇନ୍ସପେକ୍ଟର ଦେବାଶିଷ ନାୟକ, ମାର୍ଶାଘାଇ ଥାନା ଅଧିକାରୀ କାଳନ୍ଦୀ ବେହେରା, ଏସ୍‌ଆଇ ଦେବାଶିଷ ପଣ୍ଡା, ଉମାକାନ୍ତ ପଷାୟତଙ୍କ ସମେତ ଥାନାର ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ।

## କଳପଡା-ରଙ୍କାଳ ରାସ୍ତା ଶୋଚନୀୟ

# ସମାଧାନ ନ ହେଲେ ଅନଶନ ଚେତାବନୀ

- ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ
- ପହଞ୍ଚିପାରୁନି ଆମ୍ବୁଲାନ୍ସ, ଦମକଳ ସେବା

କେନ୍ଦ୍ରାପଡା ଅଫିସ, ୨୩।୮

ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନ କଳପଡା ରଙ୍କାଳ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡିଛି। ବର୍ଷା ସମୟରେ ଏହି ରାସ୍ତାଦେଇ ଯାତାୟାତ ସମ୍ଭବ ହୋଇପାରୁନାହିଁ। ଏନେଇ ଜିଲାପାଳଙ୍କ ନିକଟରେ ଗୁରୁବାର ଦାବିପତ୍ର ପ୍ରଦାନ କରାଯାଇଛି। ଏସମ୍ପର୍କରେ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉନାହିଁ ବୋଲି ଅଭିଯୋଗ ପତ୍ରରେ ଦର୍ଶାଯାଇଛି। ତୁରନ୍ତ ସମାଧାନ ନ ହେଲେ ଆନ୍ଦୋଳନ ଲାଗି ସ୍ଥାନୀୟ ଲୋକେ ଚେତାବନୀ ଦେଇଛନ୍ତି।

ସ୍ଥାନୀୟ ଅଞ୍ଚଳର ଶାରଳା ସ୍ପୋର୍ଟ୍ସ କ୍ଲବର ସଭାପତି ନିତ୍ୟାନନ୍ଦ ଜେନାଙ୍କ କହିବାନୁଯାୟୀ, ଏହି ରାସ୍ତା ଏବେ ଗ୍ରାମବାସୀଙ୍କ ପାଇଁ ମରଣଯନ୍ତା ସାଜିଛି। ସେ କହିଛନ୍ତି, ମାର୍ଶାଘାଇ ବ୍ଲକ ମେହେନ୍ଦୀନଗର ପଞ୍ଚାୟତସ୍ଥିତ ରଘୁନାଥପୁର ଓ କରାଣ୍ଡିଆ ପାଟଣା (ରଙ୍କାଳ)ରୁ ସହରକୁ ଯିବା ପାଇଁ କରାଣ୍ଡିଆ ନଦୀବନ୍ଧ ଓ କେନାଲବନ୍ଧ ରାସ୍ତାକୁ ବ୍ୟବହାର କରାଯାଏ। ଏହି ବାଟ ଦେଇ ଆଖାପାଖ ଗ୍ରାମର ବହୁ ଲୋକେ ଯାତାୟାତ କରିଥାନ୍ତି। ତେବେ ଏହି ରାସ୍ତା ରଙ୍କାଳଠାରୁ କଳପଡା ପୋଲ ପର୍ଯ୍ୟନ୍ତ ଏବେ ଶୋଚନୀୟ ହୋଇପଡିଛି। ମାଟି ବନ୍ଧ ଦେଇ ଯାତାୟାତ ହୋଇପାରୁ ନଥିବା ବେଳେ ଆମ୍ବୁଲାନ୍ସ ଓ ଦମକଳ ସେବା ପାଇବାରୁ ସ୍ଥାନୀୟ ଲୋକେ ବଞ୍ଚିତ ହେଉଛନ୍ତି। ୧୫ ଦିନ ମଧ୍ୟରେ ସମସ୍ୟାର ସମାଧାନ କରିବାକୁ ସେମାନେ ଦାବି କରିଛନ୍ତି। ନଚେତ୍ ଗ୍ରାମବାସୀଙ୍କ ପକ୍ଷରୁ ଅନଶନ କରାଯିବ ବୋଲି ସଭାପତି ଜେନା ଚେତାବନୀ ଦେଇଛନ୍ତି। ଜିଲାପାଳଙ୍କ ନିକଟରେ ଦାବିପତ୍ର ପ୍ରଦାନ ସମୟରେ ବାବାଜି ଚରଣ ମହାରଣା, ପ୍ରହଲ୍ଲାଦ ଚନ୍ଦ୍ର ପରିଡା, ନରେନ୍ଦ୍ର କୁମାର ପଣ୍ଡା, ଲକ୍ଷ୍ମୀଧର ସ୍ୱାଇଁ ଓ ସରୋଜ କୁମାର ପରିଡା ପ୍ରମୁଖ ଉପସ୍ଥିତ ଥିଲେ।

## ଧନ୍ୱନ୍ତରୀ ଗ୍ରାମୀଣ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ଚିକିତ୍ସା ଶିବିର

ରାଜକନିକା, ୨୩।୮ (ଡି.ଏନ୍.ଏ.): ରାଜକନିକା ବ୍ଲକ ଅନ୍ତର୍ଗତ ନମତରା ହାଇସ୍କୁଲ ପରିସରରେ ଶୁକ୍ରବାରଠାରୁ ଧନ୍ୱନ୍ତରୀ ଗ୍ରାମୀଣ ଭ୍ରାମ୍ୟମାଣ ଚିକିତ୍ସା ଶିବିର ଆରମ୍ଭ ହୋଇଛି। ବ୍ଲକର ଅବସରପ୍ରାପ୍ତ ଶିକ୍ଷକ କର୍ମଚାରୀ ସଂଘ ଓ ଭୁବନେଶ୍ୱରସ୍ଥିତ ଉତ୍କଳ ବିପନ୍ନ ସହାୟତା ସମିତର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ଶିବିର ୩ ଦିନ ଧରି ଚାଲିବ। ଏହି ଅବସରରେ ଉତ୍କଳ ବିପନ୍ନ ସମିତି ପକ୍ଷରୁ ଗରିବ ଓ ଅସହାୟ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହ ମାଗଣା ଔଷଧ ବଣ୍ଟନ କରାଯାଇଥିଲା। ପ୍ରଥମେ ଦିନରେ ବିଭିନ୍ନ ଅଞ୍ଚଳରୁ ୨୦୦ରୁ ଊର୍ଦ୍ଧ୍ୱ ରୋଗୀ ଆସି ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ସମିତିର ସଂଯୋଜକ ତୁଳାରାମ ମାଝି ଏହି ଶିବିରର ନେତୃତ୍ୱ ନେବା ସହ ପରିଚାଳନା କରୁଛନ୍ତି। ଏଥିରେ ରାଜକନିକା ବ୍ଲକ ଅବସରପ୍ରାପ୍ତ ଶିକ୍ଷକ କର୍ମଚାରୀ ସଂଘର ସମ୍ପାଦକ କାଳି ପ୍ରସାଦ ନାୟକଙ୍କ ସମେତ ଦୁର୍ଯୋଧନ ସାମଲ, ପଦ୍ମ ଚରଣ ମଲ୍ଲିକ, ଗଣେଶ ପ୍ରସାଦ ଲେଙ୍କା ଓ ଲକ୍ଷ୍ମୀଧର ରାଉତ ପ୍ରମୁଖ ଏଥିରେ ସହଯୋଗ କରିଥିଲେ।


**ପୂର୍ବ ତଟ ରେଳପଥ**

**ଖୋର୍ଦ୍ଧା ରୋଡ୍ ରେଳ ଷ୍ଟେସନ ଠାରେ ପାର୍କିଙ୍ଗ୍ ଷ୍ଟାଣ୍ଡ**

ଟେଣ୍ଡର ବିଜ୍ଞପ୍ତି ସଂ. G.274/KUR DIVN/Cycle/2Wheeler Stand/KUR/e-tender/19, ତା: 19.08.2019

**କାର୍ଯ୍ୟର ନାମ :** କାର୍ଯ୍ୟ ଆରମ୍ଭ ହେବା ତାରିଖ ଠାରୁ 03(ତିନି) ବର୍ଷ ଅବଧି ନିମନ୍ତେ **ଖୋର୍ଦ୍ଧା ରୋଡ୍ ରେଳ ଷ୍ଟେସନ** ଠାରେ ସାଇକେଲ / ଦୁଇ ଚକିଆ ପାର୍କିଙ୍ଗ୍ ଷ୍ଟାଣ୍ଡ ନିମନ୍ତେ ଚୁକ୍ତି।

**ତୃତୀୟ ବର୍ଷ ନିମନ୍ତେ ଆନୁମାନିକ ମୂଲ୍ୟ (ଟଙ୍କାରେ) :** 34,57,400/-, EMD (ଟଙ୍କାରେ) : 3,45,700/-, ଟେଣ୍ଡର ଫର୍ମର ମୂଲ୍ୟ (GST @ 18% ସହିତ)(ଟଙ୍କାରେ) : 3,540/-, ଶେଷ ହେବା ଅବଧି : 03(ତିନି) ବର୍ଷ।

**ଟେଣ୍ଡର ଖୋଲା ଯିବା ତାରିଖ ଓ ସମୟ :** ତା.25.09.2019 ରିଖ 1600 ଘଣ୍ଟିକାରେ।

ଏହି ଇ-ଟେଣ୍ଡର କ୍ଷେତ୍ରରେ ଡାକ/କୋରିଅର/ଫ୍ୟାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ Firm ର ଲେଟରହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫର ଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧରୂପେ ନାକଚ କରାଯିବ।

ଦ୍ରଷ୍ଟବ୍ୟ : ଏହି ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 ଦିନ ପୂର୍ବରୁ ୱେବ୍‌ସାଇଟ୍ କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ହେବ।

ମଣ୍ଡଳ ରେଳ ପ୍ରବନ୍ଧକ(ବାଣିଜ୍ୟ)/ ଖୋର୍ଦ୍ଧା ରୋଡ୍

PR-313/K/19-20



**GOVERNMENT OF ODISHA**
**FOOD SUPPLIES & CONSUMER WELFARE DEPARTMENT**
**ADVERTISEMENT**

In continuation of this Department's advertisement published on 10th July 2019 for appointment to the post of whole time Chairperson (one) and Members (two) in the **'Odisha State Food Commission'**, set up by Government of Odisha under the provisions of the **National Food Security Act (NFSA), 2013**, the last date of receipt of application from eligible candidates is **further extended up to 30th August 2019, by 1 PM.**

For complete information on qualifications, eligibility criteria, application form and other details, the applicants are requested to visit and download the same from the Department's website **www.foododisha.in** under '*Notification*' link.

**Joint Secretary**



**ଟ୍ରେନ୍ ନଂ 18437/18438 ଭୁବନେଶ୍ୱର-ଜୁନାଗଡ ରୋଡ୍-ଭୁବନେଶ୍ୱର ଏକ୍ସପ୍ରେସ୍ ସଂଶୋଧିତ ସମୟ ସାରଣୀ ସହିତ ଚଳାଚଳ କରିବ**

**18437/18438** ଭୁବନେଶ୍ୱର-ଜୁନାଗଡ ରୋଡ୍-ଭୁବନେଶ୍ୱର ଏକ୍ସପ୍ରେସ୍ ଉଭୟ ଦିଗରୁ **18447/18448** ଭୁବନେଶ୍ୱର-ଜଗଦଳପୁର-ଭୁବନେଶ୍ୱର ହୀରାଖଣ୍ଡ ଏକ୍ସପ୍ରେସ୍ ଠାରୁ ପୃଥକ ହୋଇ ନିମ୍ନଲିଖିତ ସଂଶୋଧିତ ସମୟ ସାରଣୀ ଅନୁସାରେ **ତା. 24.08.2019** ରୁ ଚଳାଚଳ ପାଇଁ ନିର୍ଣ୍ଣୟ ନିଆଯାଇଅଛି।

| ଟ୍ରେନ୍ ନଂ.18437 | | ↓ ଷ୍ଟେସନ ↑ | ଟ୍ରେନ୍ ନଂ. 18438 | |
|---|---|---|---|---|
| ଆଗମନ | ପ୍ରସ୍ଥାନ | | ଆଗମନ | ପ୍ରସ୍ଥାନ |
| - | 2235 | ଭୁବନେଶ୍ୱର | 0630 | - |
| 2300 | 2305 | ଖୋର୍ଦ୍ଧା ରୋଡ୍ | 0535 | 0540 |
| 0019 | 0020 | ବାଲୁଗାଁ | 0425 | 0426 |
| 0118 | 0119 | ଛତ୍ରପୁର | 0310 | 0311 |
| 0140 | 0145 | ବ୍ରହ୍ମପୁର | 0250 | 0255 |
| 0205 | 0206 | ଇଚ୍ଛାପୁରମ୍ | 0228 | 0229 |
| 0310 | 0312 | ପଲାସା | 0143 | 0145 |
| 0520 | 0545 | ବିଜୟନଗରମ୍ | 2220 | 2245 |
| 0750 | 0803 | ରାୟଗଡ଼ା | 1955 | 2005 |
| 0952 | 0954 | ଲାଞ୍ଜିଗଡ଼ ରୋଡ୍ | 1755 | 1757 |
| 1035 | 1040 | ଭବାନୀପାଟଣା | 1705 | 1710 |
| 1130 | – | ଜୁନାଗଡ଼ ରୋଡ୍ | -- | 1630 |

**ଅନ୍ୟ ବାଣିଜ୍ୟିକ ରହଣି :** ନୌପଡ଼ା, ଶ୍ରୀକାକୁଳମ୍ ରୋଡ୍, ବୋବିଲି, ପାର୍ବତୀପୁରମ୍, ଥେରୁବାଲି, ବିଷମକଟକ, ମୁନିଗୁଡ଼ା, ଆମ୍ଲୋଦଳା, ଜି ରାମଚନ୍ଦ୍ରପୁର, ଦେପୁର, କୁଟୁଖମାର।

**ଗଠନ:** ଉଭୟ ଏସି-୨ ଓ ଏସି-୩ ର ଯୌଥ କୋଚ୍-୦୧ଟି, ଏସି-୨ ଟାୟର-୦୧ଟି, ଏସି-୩ ଟାୟର-୦୨ଟି, ସ୍ଲିପର କ୍ଲାସ-୦୭ଟି, ସାଧାରଣ ୨ୟ ଶ୍ରେଣୀ-୦୫ଟି ଏବଂ ଗାର୍ଡ ତଥା ଲଗେଜ୍ ଭ୍ୟାନ୍-୦୨ଟି।

ଟ୍ରେନ୍ ନଂ ୧୮୪୩୭/୧୮୪୩୮ ଭୁବନେଶ୍ୱର-ଜୁନାଗଡ଼ ରୋଡ-ଭୁବନେଶ୍ୱର ଲିଙ୍କ ଏକ୍ସପ୍ରେସ ଏବଂ ୧୮୪୪୭/୧୮୪୪୮ ଭୁବନେଶ୍ୱର-ଜଗଦଳପୁର-ଭୁବନେଶ୍ୱର ହୀରାଖଣ୍ଡ ଏକ୍ସପ୍ରେସ ଟ୍ରେନ୍ ଗୁଡିକରେ ଅତିରିକ୍ତ କୋଚ ସଂଖ୍ୟା ବୃଦ୍ଧି ପାଇଁ ବହୁ ଦିନର ଦାବିକୁ ଦୃଷ୍ଟିରେ ରଖି ଏହି ଦୁଇଗୋଟି ଟ୍ରେନକୁ ପୃଥକ ଭାବରେ ଚଳାଚଳ କରିବାପାଇଁ ନିଷ୍ପତି ନିଆଯାଇଅଛି ଏବଂ ଆସନ୍ତା ୨୪.୦୮.୨୦୧୯ଠାରୁ ନିରାକାରପୁର, ଭୁଷଣ୍ଡପୁର, କାଳୁପଡ଼ାଘାଟ, କୁହୁଡ଼ି, ଚିଲିକା, ଖଲିକୋଟ, ଗଞ୍ଜାମ, ସୋମପେଟା, ଡିପୁରୁପଲ୍ଲୀ ଓ ପାର୍ବତୀପୁରମ ଟାଉନ ଷ୍ଟେସନରେ ରହଣୀକୁ ଅପସାରିତ କରାଯାଇଅଛି।

ଏହି ମାର୍ଗରେ ଟ୍ରେନ୍ ଦ୍ୱୟକୁ ପୃଥକ ଭାବେ ଚଳାଚଳ କରାଇବା ପାଇଁ ଉପରୋକ୍ତ ଷ୍ଟେସନ ଗୁଡ଼ିକରୁ ରହଣୀ ଅପସାରଣ ଅପରିହାର୍ଯ୍ୟ ଅଟେ। ୧୮୪୩୭/୧୮୪୩୮ ଭୁବନେଶ୍ୱର-ଜୁନାଗଡ଼ ରୋଡ଼-ଭୁବନେଶ୍ୱର ଏକ୍ସପ୍ରେସ ଠାରୁ ପୃଥକ ହେବା ପରେ ମଧ୍ୟ ୧୮୪୪୭/୧୮୪୪୮ ଭୁବନେଶ୍ୱର-ଜଗଦଳପୁର-ଭୁବନେଶ୍ୱର ହୀରାଖଣ୍ଡ ଏକ୍ସପ୍ରେସର ସମୟ ସାରଣୀ ଉଭୟ ଦିଗରୁ ଭୁବନେଶ୍ୱର ଓ ରାୟଗଡ଼ା ମଧ୍ୟରେ ଉପରୋକ୍ତ ଷ୍ଟେସନଗୁଡିକରେ ଅପରିବର୍ତ୍ତିତ ରହିବ। ଟ୍ରେନ୍ ଦ୍ୱୟର ପୃଥକ ଭାବେ ଚଳାଚଳ ପାଇଁ ଓ ଯାତ୍ରୀମାନଙ୍କ ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ଭୁବନେଶ୍ୱର-ଜୁନାଗଡ଼ ରୋଡ଼-ଭୁବନେଶ୍ୱର ଏକ୍ସପ୍ରେସ ଟ୍ରେନ୍‌ରେ ଉପରୋକ୍ତ ଷ୍ଟେସନଗୁଡ଼ିକ ପର୍ଯ୍ୟନ୍ତ /ଠାରୁ ଟିକେଟ କ୍ରୟ କରିଥିବା ବ୍ୟକ୍ତିମାନେ ସେମାନଙ୍କର ଟିକେଟ ବାତିଲ୍ କରିବାକୁ ରେଳବାଇ ପକ୍ଷରୁ ଅନୁରୋଧ କରାଯାଇଅଛି। ଏଥିପାଇଁ ସଂପୂର୍ଣ୍ଣ ଦେୟ ଫେରସ୍ତ ଦିଆଯିବ।

PR-316/K/19-20

**ପୂର୍ବ ତଟ ରେଳପଥ**



**Government of Odisha**
**Higher Education Department**
**e-Admission under SAMS**

**Vacant Seat Admission in Degree Colleges for the Session 2019-20**

No.34-N :- Applications are invited from the students for e-Admission (Phase-II) against the vacant seats in all Degree, Autonomous & Sastri Colleges including Self Financing Colleges of the State under project Student Academic Management System (SAMS) for the session 2019-20.

Procedure

1. An interested candidate can apply online through the website **www.samsodisha.gov.in / dheodisha.gov.in** against the vacant seat available in the subject.
2. At first, a candidate needs to check **College-Subject-Category wise vacancy seats.**
3. If candidate has already generated the username and password during Phase-I, then there is no need to create another username and password for Phase-II. The existing username & password can be used for applying the online application.
4. CAF and Admission fee will be completely collected through online. No offline payment option will be available. Application fee amount is Rs.275/- for General Category and Rs.175/- for SC&ST Category candidates during Phase-II (No fees from PwD & Transgender candidates).
5. The candidate has to pay the complete admission fee online once again during Phase-II admission. The final settlement will be done only after completion of total admission period of the session 2019-20.
6. Candidate's passed out examination details and bank information details must be same in Phase-I & Phase-II CAF to get back the differential amount. If there will be any deviation in this information, candidate shall not get back the differential amount i.e. Phase-I and Phase-II admission fees.
7. Merit list will be prepared centrally through SAMS Software & available in Website & College e-Space **www.dheodisha.gov.in / www.samsodisha.gov.in.**
8. All the points mentioned in Common Prospectus 2019 and letters issued for the session 2019- 20 will remain same except the above points.
**(NOTE: In the Common Prospectus (CP) for Degree Colleges in the point No-5: Reservation categories for Ex-Serviceman [ESM], Serving Defense Personnel [SDP], Children of Martyrs [CoM], "all stream" mentioned in the first line be read as "each Course". For details, refer College Prospectus available in the dhe website i.e.** www.dheodisha.gov.in / www.samsodisha.gov.in.

| Sl# | Items | Timeline |
|---|---|---|
| 1 | Availability of the Online Common Application Form (CAF) in the H.E. Department website **www.samsodisha.gov.in/ www.dheodisha.gov.in** | 26-Aug-2019 (11:00AM) |
| 2 | Last date for applying online CAF through **www.samsodisha.gov.in/ www.dheodisha.gov.in** | 31-Aug-2019 (11:59 PM) |
| 3 | Last date of submitting printout copy of online CAF at any SAMS Resource Center (SRC) College. | 04-Sep-2019 (05:00 PM) |
| 4 | Last date of Online CAF validation by SRCs in e-Space | 06-Sept-2019 (05:00 PM) |
| 5 | Publication of Phase-II merit list | 10-Sept-2019 (11:00 AM) |
| 6 | Online deposit of admission fees by login to SAMS [Student] account and admission | 10th & 12th Sept-2019 (05:00 PM) |
| 7 | Online admission updation of students selected in Phase-II | 13-Sept-2019 (05:00 PM) |

For more details please contact
e-Admission Helpdesk @ (Toll Free) Number 155335, 1800-345-6770

11001/11/0013/1920 — Sd./- Officer-in-Charge, PTC



**ପୂର୍ବ ତଟ ରେଳପଥ**

**ଇଂଜିନିୟରିଂ କାର୍ଯ୍ୟ**

ଫାଇଲ ନଂ. DRM/Engg/KUR/19-20/E-Tender/26, ତା: 19.08.2019

1) ଟେଣ୍ଡର ବିଜ୍ଞପ୍ତି ସଂ. e-Tender-EAST-KUR-163-2019, ତା: 08.08.2019
**ବିବରଣୀ :** ଖୋର୍ଦ୍ଧା ରୋଡ୍ ମଣ୍ଡଳର ବରିଷ୍ଠ ମଣ୍ଡଳ ଯନ୍ତ୍ରୀ(ପୂର୍ବ)ସେକ୍ସନ ପରିସୀମା ଅଧୀନସ୍ଥ ବିଭିନ୍ନ ୟାର୍ଡ଼ଗୁଡ଼ିକ ଠାରେ ଟ୍ରାନ୍ସଲାମେଟିକ୍ ରୋବୋଟିକ୍ ୱେଲ୍ଡର (Translamatic Robotic Welder)ବ୍ୟବହାର ଦ୍ୱାରା ମୌଳିକ ଅବସ୍ଥାରେ(In situ) CMS କ୍ରସିଙ୍ଗ୍‌ଗୁଡ଼ିକର ପ୍ରସ୍ତାବିତ ରିକଣ୍ଡିସନିଙ୍ଗ୍।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** ₹75.76 ଲକ୍ଷ, EMD(ଟଙ୍କାରେ):₹ 1,51,500/-, ଟେଣ୍ଡର ନଥିପତ୍ରର ମୂଲ୍ୟ(ଟଙ୍କାରେ) : ₹ 5,900/-, କାର୍ଯ୍ୟ ଶେଷ ହେବା ଅବଧି : 12 (ବାର) ମାସ।

2) ଟେଣ୍ଡର ବିଜ୍ଞପ୍ତି ସଂ. e-Tender-HQ-KUR-164-2019, ତା: 09.08.2019
**ବିବରଣୀ :** ପୁରୀ ଷ୍ଟେସନ ସ୍ଥିତ ପ୍ଲାଟଫର୍ମ ନଂ. 1 ଏବଂ 2 ଠାରେ 10 bays ପ୍ଲାଟଫର୍ମ ସେଲ୍ଟରଗୁଡ଼ିକର ନିର୍ମାଣ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** ₹ 124.85 ଲକ୍ଷ, EMD (ଟଙ୍କାରେ) : ₹ 2,12,400/-, ଟେଣ୍ଡର ନଥିପତ୍ରର ମୂଲ୍ୟ(ଟଙ୍କାରେ) : ₹ 5,900/-, କାର୍ଯ୍ୟ ଶେଷ ହେବା ଅବଧି : 06 (ଛଅ) ମାସ।

3) ଟେଣ୍ଡର ବିଜ୍ଞପ୍ତି ସଂ. e-Tender-EAST-KUR-165-2019, ତା: 09.08.2019
**ବିବରଣୀ :** ସହାୟକ ମଣ୍ଡଳ ଯନ୍ତ୍ରୀ-I/କଟକ ଅଧୀନସ୍ଥ ଜେନାପୁର (Ex) ଠାରୁ କଟକ (Ex), କପିଳାସ ରୋଡ୍ ଠାରୁ ଗୁରୁଡ଼ିଝାଟିଆ (Ex) ଏବଂ ନିର୍ଗୁଣ୍ଡି-ସାଳଗାଁ ସେକ୍ସନରେ 30.06.2020 ପର୍ଯ୍ୟନ୍ତ ଅବଧି ନିମନ୍ତେ ପ୍ରତ୍ୟେକ ଟ.5,00,000/- କିମ୍ବା ତା'ଠାରୁ କମ୍ ମୂଲ୍ୟର ନୂତନ କାର୍ଯ୍ୟ, ବର୍ତ୍ତମାନ ଥିବା ଷ୍ଟ୍ରକ୍‌ଚର ଗୁଡ଼ିକର ସଂଯୋଜନା ଏବଂ ପରିବର୍ତ୍ତନ (Addition & Alteration), ବିବିଧ ପ୍ରକୃତିର ସମସ୍ତ ଛୋଟ ମରାମତି ଏବଂ ରକ୍ଷଣାବେକ୍ଷଣ କାର୍ଯ୍ୟ ତଥା ଯୋଗାଣ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** ₹65.80 ଲକ୍ଷ, EMD(ଟଙ୍କାରେ):₹1,31,600/-, ଟେଣ୍ଡର ନଥିପତ୍ରର ମୂଲ୍ୟ(ଟଙ୍କାରେ) : ₹ 5,900/-, କାର୍ଯ୍ୟ ଶେଷ ହେବା ଅବଧି : 30.06.2020।

4) ଟେଣ୍ଡର ବିଜ୍ଞପ୍ତି ସଂ. e-Tender-EAST-KUR-166-2019, ତା: 09.08.2019
**ବିବରଣୀ :** ସିନିୟର ସେକ୍ସନ ଇଂଜିନିୟର(W) / ପାରାଦ୍ୱୀପ ଅଧୀନସ୍ଥ କଟକ(Ex) ଠାରୁ ପାରାଦ୍ୱୀପ ପର୍ଯ୍ୟନ୍ତ ସେକ୍ସନରେ 30.06.2020 ପର୍ଯ୍ୟନ୍ତ ଅବଧି ନିମନ୍ତେ ପ୍ରତ୍ୟେକ ଟ.5,00,000/- କିମ୍ବା ତା'ଠାରୁ କମ୍ ମୂଲ୍ୟର ନୂତନ କାର୍ଯ୍ୟ, ବର୍ତ୍ତମାନ ଥିବା ଷ୍ଟ୍ରକ୍‌ଚର ଗୁଡ଼ିକର ସଂଯୋଜନା ଏବଂ ପରିବର୍ତ୍ତନ (Addition & Alteration), ବିବିଧ ପ୍ରକୃତିର ସମସ୍ତ ଛୋଟ ମରାମତି ଏବଂ ରକ୍ଷଣାବେକ୍ଷଣ କାର୍ଯ୍ୟ ତଥା ଯୋଗାଣ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** ₹78.64 ଲକ୍ଷ, EMD(ଟଙ୍କାରେ):₹1,57,300/-, ଟେଣ୍ଡର ନଥିପତ୍ରର ମୂଲ୍ୟ(ଟଙ୍କାରେ) : ₹ 5,900/-, କାର୍ଯ୍ୟ ଶେଷ ହେବା ଅବଧି : 30.06.2020।

5) ଟେଣ୍ଡର ବିଜ୍ଞପ୍ତି ସଂ. e-Tender-EAST-KUR-167-2019, ତା: 09.08.2019
**ବିବରଣୀ :** ସହାୟକ ମଣ୍ଡଳ ଯନ୍ତ୍ରୀ-I/କଟକ ଅଧୀନସ୍ଥ କଟକ (In) ଠାରୁ ବାରଙ୍ଗ (Ex) ପର୍ଯ୍ୟନ୍ତ ସେକ୍ସନରେ 30.06.2020 ପର୍ଯ୍ୟନ୍ତ ଅବଧି ନିମନ୍ତେ ପ୍ରତ୍ୟେକ ଟ.5,00,000/- କିମ୍ବା ତା'ଠାରୁ କମ୍ ମୂଲ୍ୟର ନୂତନ କାର୍ଯ୍ୟ, ବର୍ତ୍ତମାନ ଥିବା ଷ୍ଟ୍ରକ୍‌ଚର ଗୁଡ଼ିକର ସଂଯୋଜନା ଏବଂ ପରିବର୍ତ୍ତନ (Addition & Alteration), ବିବିଧ ପ୍ରକୃତିର ସମସ୍ତ ଛୋଟ ମରାମତି ଏବଂ ରକ୍ଷଣାବେକ୍ଷଣ କାର୍ଯ୍ୟ ତଥା ଯୋଗାଣ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** ₹84.82 ଲକ୍ଷ, EMD(ଟଙ୍କାରେ):₹1,69,600/-, ଟେଣ୍ଡର ନଥିପତ୍ରର ମୂଲ୍ୟ(ଟଙ୍କାରେ) : ₹ 5,900/-, କାର୍ଯ୍ୟ ଶେଷ ହେବା ଅବଧି : 30.06.2020।

6) ଟେଣ୍ଡର ବିଜ୍ଞପ୍ତି ସଂ. e-Tender-NORTH-KUR-170-2019, ତା: 10.08.2019
**ବିବରଣୀ :** ସିନିୟର ସେକ୍ସନ ଇଂଜିନିୟର(କାର୍ଯ୍ୟ) / ଭଦ୍ରକ ଅଧୀନସ୍ଥ ରାନିତାଲ(Ex) କି.ମି.287.471 ଠାରୁ ଯାଜପୁର କେନ୍ଦୁଝର ରୋଡ୍ (Ex) ପର୍ଯ୍ୟନ୍ତ ସେକ୍ସନରେ 30.06.2020 ପର୍ଯ୍ୟନ୍ତ ଅବଧି ନିମନ୍ତେ ପ୍ରତ୍ୟେକ ଟ.5,00,000/- କିମ୍ବା ତା'ଠାରୁ କମ୍ ମୂଲ୍ୟର ନୂତନ କାର୍ଯ୍ୟ, ବର୍ତ୍ତମାନ ଥିବା ଷ୍ଟ୍ରକ୍‌ଚର ଗୁଡ଼ିକର ସଂଯୋଜନା ଏବଂ ପରିବର୍ତ୍ତନ (Addition & Alteration), ବିବିଧ ପ୍ରକୃତିର ସମସ୍ତ ଛୋଟ ମରାମତି ଏବଂ ରକ୍ଷଣାବେକ୍ଷଣ କାର୍ଯ୍ୟ ତଥା ଯୋଗାଣ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** ₹89.48 ଲକ୍ଷ, EMD(ଟଙ୍କାରେ):₹1,79,000/-, ଟେଣ୍ଡର ନଥିପତ୍ରର ମୂଲ୍ୟ(ଟଙ୍କାରେ) : ₹ 5,900/-, କାର୍ଯ୍ୟ ଶେଷ ହେବା ଅବଧି : 30.06.2020।

7) ଟେଣ୍ଡର ବିଜ୍ଞପ୍ତି ସଂ. e-Tender-NORTH-KUR-171-2019, ତା: 10.08.2019
**ବିବରଣୀ :** ସିନିୟର ସେକ୍ସନ ଇଂଜିନିୟର(କାର୍ଯ୍ୟ)/ ଭଦ୍ରକ ଅଧୀନସ୍ଥ ଯାଜପୁର କେନ୍ଦୁଝର ରୋଡ୍ (In) ଠାରୁ ଜେନାପୁର (In) ଏବଂ ଜଖପୁରା ଠାରୁ ଦୈତାରୀ ପର୍ଯ୍ୟନ୍ତ ସେକ୍ସନରେ 30.06.2020 ପର୍ଯ୍ୟନ୍ତ ଅବଧି ନିମନ୍ତେ ପ୍ରତ୍ୟେକ ଟ.5,00,000/- କିମ୍ବା ତା'ଠାରୁ କମ୍ ମୂଲ୍ୟର ନୂତନ କାର୍ଯ୍ୟ, ବର୍ତ୍ତମାନ ଥିବା ଷ୍ଟ୍ରକ୍‌ଚର ଗୁଡ଼ିକର ସଂଯୋଜନା ଏବଂ ପରିବର୍ତ୍ତନ (Addition & Alteration), ବିବିଧ ପ୍ରକୃତିର ସମସ୍ତ ଛୋଟ ମରାମତି ଏବଂ ରକ୍ଷଣାବେକ୍ଷଣ କାର୍ଯ୍ୟ ତଥା ଯୋଗାଣ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** ₹96.14 ଲକ୍ଷ, EMD(ଟଙ୍କାରେ):₹1,92,300/-, ଟେଣ୍ଡର ନଥିପତ୍ରର ମୂଲ୍ୟ(ଟଙ୍କାରେ) : ₹ 5,900/-, କାର୍ଯ୍ୟ ଶେଷ ହେବା ଅବଧି : 30.06.2020।

8) ଟେଣ୍ଡର ବିଜ୍ଞପ୍ତି ସଂ. e-Tender-NORTH-KUR-172-2019, ତା:10.08.2019
**ବିବରଣୀ :** ସହାୟକ ମଣ୍ଡଳ ଯନ୍ତ୍ରୀ/କେନ୍ଦୁଝରଗଡ଼ ଅଧୀନସ୍ଥ TKB ଲାଇନ୍‌ରେ ଟମକା (Ex) ଠାରୁ ଜାରୋଲି (In) ପର୍ଯ୍ୟନ୍ତ ସେକ୍ସନରେ 30.06.2020 ପର୍ଯ୍ୟନ୍ତ ଅବଧି ନିମନ୍ତେ ପ୍ରତ୍ୟେକ ଟ.5,00,000/- କିମ୍ବା ତା'ଠାରୁ କମ୍ ମୂଲ୍ୟର ନୂତନ କାର୍ଯ୍ୟ, ବର୍ତ୍ତମାନ ଥିବା ଷ୍ଟ୍ରକ୍‌ଚର ଗୁଡ଼ିକର ସଂଯୋଜନା ଏବଂ ପରିବର୍ତ୍ତନ (Addition & Alteration), ବିବିଧ ପ୍ରକୃତିର ସମସ୍ତ ଛୋଟ ମରାମତି ଏବଂ ରକ୍ଷଣାବେକ୍ଷଣ କାର୍ଯ୍ୟ ତଥା ଯୋଗାଣ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** ₹98.74 ଲକ୍ଷ, EMD(ଟଙ୍କାରେ):₹ 1,97,500/-, ଟେଣ୍ଡର ନଥିପତ୍ରର ମୂଲ୍ୟ(ଟଙ୍କାରେ) : ₹ 5,900/-, କାର୍ଯ୍ୟ ଶେଷ ହେବା ଅବଧି : 30.06.2020।

9) ଟେଣ୍ଡର ବିଜ୍ଞପ୍ତି ସଂ. e-Tender-SOUTH-KUR-173-2019, ତା: 11.08.2019
**ବିବରଣୀ :** ସିନିୟର ସେକ୍ସନ ଇଂଜିନିୟର(W)/ବାଲୁଗାଁ ଅଧୀନସ୍ଥ ଖୋର୍ଦ୍ଧା ରୋଡ଼(Ex) ଠାରୁ ବାଲୁଗାଁ(In) ପର୍ଯ୍ୟନ୍ତ ସେକ୍ସନରେ 30.06.2020 ପର୍ଯ୍ୟନ୍ତ ଅବଧି ନିମନ୍ତେ ପ୍ରତ୍ୟେକ ଟ.5,00,000/- କିମ୍ବା ତା'ଠାରୁ କମ୍ ମୂଲ୍ୟର ନୂତନ କାର୍ଯ୍ୟ, ବର୍ତ୍ତମାନ ଥିବା ଷ୍ଟ୍ରକ୍‌ଚର ଗୁଡ଼ିକର ସଂଯୋଜନା ଏବଂ ପରିବର୍ତ୍ତନ (Addition & Alteration), ବିବିଧ ପ୍ରକୃତିର ସମସ୍ତ ଛୋଟ ମରାମତି ଏବଂ ରକ୍ଷଣାବେକ୍ଷଣ କାର୍ଯ୍ୟ ତଥା ଯୋଗାଣ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** ₹ 115.61 ଲକ୍ଷ, EMD (ଟଙ୍କାରେ) : ₹ 2,07,800/-, ଟେଣ୍ଡର ନଥିପତ୍ରର ମୂଲ୍ୟ(ଟଙ୍କାରେ) : ₹ 5,900/-, କାର୍ଯ୍ୟ ଶେଷ ହେବା ଅବଧି : 30.06.2020।

10) ଟେଣ୍ଡର ବିଜ୍ଞପ୍ତି ସଂ. e-Tender-SOUTH-KUR-174-2019, ତା: 11.08.2019
**ବିବରଣୀ :** ସିନିୟର ସେକ୍ସନ ଇଂଜିନିୟର(W)/ ବ୍ରହ୍ମପୁର ଅଧୀନସ୍ଥ ବାଲୁଗାଁ(Ex) ଠାରୁ ଗଞ୍ଜାମ (In) ପର୍ଯ୍ୟନ୍ତ ସେକ୍ସନରେ 30.06.2020 ପର୍ଯ୍ୟନ୍ତ ଅବଧି ନିମନ୍ତେ ପ୍ରତ୍ୟେକ ଟ.5,00,000/- କିମ୍ବା ତା'ଠାରୁ କମ୍ ମୂଲ୍ୟର ନୂତନ କାର୍ଯ୍ୟ, ବର୍ତ୍ତମାନ ଥିବା ଷ୍ଟ୍ରକ୍‌ଚର ଗୁଡ଼ିକର ସଂଯୋଜନା ଏବଂ ପରିବର୍ତ୍ତନ (Addition & Alteration), ବିବିଧ ପ୍ରକୃତିର ସମସ୍ତ ଛୋଟ ମରାମତି ଏବଂ ରକ୍ଷଣାବେକ୍ଷଣ କାର୍ଯ୍ୟ ତଥା ଯୋଗାଣ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** ₹77.48 ଲକ୍ଷ, EMD(ଟଙ୍କାରେ):₹1,55,000/-, ଟେଣ୍ଡର ନଥିପତ୍ରର ମୂଲ୍ୟ(ଟଙ୍କାରେ) : ₹ 5,900/-, କାର୍ଯ୍ୟ ଶେଷ ହେବା ଅବଧି : 30.06.2020।

11) ଟେଣ୍ଡର ବିଜ୍ଞପ୍ତି ସଂ. e-Tender-SOUTH-KUR-175-2019, ତା: 11.08.2019
**ବିବରଣୀ :** ସିନିୟର ସେକ୍ସନ ଇଂଜିନିୟର(W)/ ବ୍ରହ୍ମପୁର ଅଧୀନସ୍ଥ ଗଞ୍ଜାମ(Ex) ଠାରୁ ବାଲୁଗାଁ(In) ପର୍ଯ୍ୟନ୍ତ ସେକ୍ସନରେ 30.06.2020 ପର୍ଯ୍ୟନ୍ତ ଅବଧି ନିମନ୍ତେ ପ୍ରତ୍ୟେକ ଟ.5,00,000/- କିମ୍ବା ତା'ଠାରୁ କମ୍ ମୂଲ୍ୟର ନୂତନ କାର୍ଯ୍ୟ, ବର୍ତ୍ତମାନ ଥିବା ଷ୍ଟ୍ରକ୍‌ଚର ଗୁଡ଼ିକର ସଂଯୋଜନା ଏବଂ ପରିବର୍ତ୍ତନ (Addition & Alteration), ବିବିଧ ପ୍ରକୃତିର ସମସ୍ତ ଛୋଟ ମରାମତି ଏବଂ ରକ୍ଷଣାବେକ୍ଷଣ କାର୍ଯ୍ୟ ତଥା ଯୋଗାଣ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** ₹ 112.14 ଲକ୍ଷ, EMD (ଟଙ୍କାରେ) : ₹ 2,06,100/-, ଟେଣ୍ଡର ନଥିପତ୍ରର ମୂଲ୍ୟ(ଟଙ୍କାରେ) : ₹ 5,900/-, କାର୍ଯ୍ୟ ଶେଷ ହେବା ଅବଧି : 30.06.2020।

12) ଟେଣ୍ଡର ବିଜ୍ଞପ୍ତି ସଂ. e-Tender-SOUTH-KUR-176-2019, ତା: 11.08.2019
**ବିବରଣୀ :** ସିନିୟର ସେକ୍ସନ ଇଂଜିନିୟର(W)/ପଲାସା ଅଧୀନସ୍ଥ ବାଲୁଗାଁ (Ex) ଠାରୁ ପଲାସା(Ex) ପର୍ଯ୍ୟନ୍ତ ସେକ୍ସନରେ 30.06.2020 ପର୍ଯ୍ୟନ୍ତ ଅବଧି ନିମନ୍ତେ ପ୍ରତ୍ୟେକ ଟ.5,00,000/- କିମ୍ବା ତା'ଠାରୁ କମ୍ ମୂଲ୍ୟର ନୂତନ କାର୍ଯ୍ୟ, ବର୍ତ୍ତମାନ ଥିବା ଷ୍ଟ୍ରକ୍‌ଚର ଗୁଡ଼ିକର ସଂଯୋଜନା ଏବଂ ପରିବର୍ତ୍ତନ (Addition & Alteration), ବିବିଧ ପ୍ରକୃତିର ସମସ୍ତ ଛୋଟ ମରାମତି ଏବଂ ରକ୍ଷଣାବେକ୍ଷଣ କାର୍ଯ୍ୟ ତଥା ଯୋଗାଣ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** ₹97.66 ଲକ୍ଷ, EMD(ଟଙ୍କାରେ):₹1,95,300/-, ଟେଣ୍ଡର ନଥିପତ୍ରର ମୂଲ୍ୟ(ଟଙ୍କାରେ) : ₹ 5,900/-, କାର୍ଯ୍ୟ ଶେଷ ହେବା ଅବଧି : 30.06.2020।

13) ଟେଣ୍ଡର ବିଜ୍ଞପ୍ତି ସଂ. e-Tender-SOUTH-KUR-177-2019, ତା: 11.08.2019
**ବିବରଣୀ :** ସିନିୟର ସେକ୍ସନ ଇଂଜିନିୟର(W)/ପଲାସା ଅଧୀନସ୍ଥ ପଲାସା ଠାରେ ଥିବା ସେକ୍ସନରେ 30.06.2020 ପର୍ଯ୍ୟନ୍ତ ଅବଧି ନିମନ୍ତେ ପ୍ରତ୍ୟେକ ଟ.5,00,000/- କିମ୍ବା ତା'ଠାରୁ କମ୍ ମୂଲ୍ୟର ନୂତନ କାର୍ଯ୍ୟ, ବର୍ତ୍ତମାନ ଥିବା ଷ୍ଟ୍ରକ୍‌ଚର ଗୁଡ଼ିକର ସଂଯୋଜନା ଏବଂ ପରିବର୍ତ୍ତନ (Addition & Alteration), ବିବିଧ ପ୍ରକୃତିର ସମସ୍ତ ଛୋଟ ମରାମତି ଏବଂ ରକ୍ଷଣାବେକ୍ଷଣ କାର୍ଯ୍ୟ ତଥା ଯୋଗାଣ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** ₹97.76 ଲକ୍ଷ, EMD(ଟଙ୍କାରେ):₹1,95,500/--, ଟେଣ୍ଡର ନଥିପତ୍ରର ମୂଲ୍ୟ(ଟଙ୍କାରେ) : ₹ 5,900/-, କାର୍ଯ୍ୟ ଶେଷ ହେବା ଅବଧି : 30.06.2020।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ (ସମସ୍ତ ଟେଣ୍ଡର ନିମନ୍ତେ) :** ତା.04.09.2019 ରିଖ 1500 ଘଣ୍ଟିକାରେ।

ଏହି ଇ-ଟେଣ୍ଡର କ୍ଷେତ୍ରରେ ଡାକ/କୋରିଅର/ଫ୍ୟାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ Firm ର ଲେଟରହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫର ଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧରୂପେ ନାକଚ କରାଯିବ।

ଦ୍ରଷ୍ଟବ୍ୟ : ଏହି ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 ଦିନ ପୂର୍ବରୁ ୱେବ୍‌ସାଇଟ୍ କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ହେବ।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ), ଖୋର୍ଦ୍ଧା ରୋଡ୍

PR-315/K/19-20



ମନୁଷ୍ୟତ୍ୱ ତିଆରି କରିବା ସମସ୍ତ ଶିକ୍ଷା ପ୍ରଣାଳୀର ଲକ୍ଷ୍ୟ ହେବା ଉଚିତ। -ସ୍ୱାମୀ ବିବେକାନନ୍ଦ

## ସଂକ୍ଷେପରେ

### ବଡଚଣାରେ ଜନ୍ମାଷ୍ଟମୀ ପାଳିତ

**ଚଣ୍ଡିଖୋଲ,୨୩।୮(ଡିଏନ୍ଏ):** ପବିତ୍ର ଜନ୍ମାଷ୍ଟମୀ ଉପଲକ୍ଷେ ଶ୍ରଦ୍ଧାଳୁମାନେ ଉପବାସ ରହି ବିଭିନ୍ନ ମନ୍ଦିରରେ ପୂଜାର୍ଚ୍ଚନା କରିଛନ୍ତି। ଶୁକ୍ରବାର ବିଭିନ୍ନ ମନ୍ଦିରରେ ପୂଜାର୍ଚ୍ଚନା ପାଇଁ ସକାଳୁ ଭିଡ଼ ଲାଗି ରହିଥିଲା। ବଡଚଣା ବ୍ଲକର ପୁରାଣ ପ୍ରସିଦ୍ଧ ବେଦିହୁଡା ପୀଠ, ଖଇରା ସତ୍ୟନାରାୟଣ ପୀଠ, ନୂଆଶାସନର ଜଗନ୍ନାଥ ମନ୍ଦିର, ରାହାସ ବିହାରୀ ପୀଠ, କୁଳହରିପୁର ଜଗନ୍ନାଥ ମନ୍ଦିର, ମଲିହାଶୁଣୀସ୍ଥିତ ରାମ ମନ୍ଦିର ଆଦି ମନ୍ଦିରରେ ଜନ୍ମାଷ୍ଟମୀ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ସନ୍ଧ୍ୟାରେ ବିଭିନ୍ନ ସ୍ଥାନରେ ଭଜନ ସଂକୀର୍ତ୍ତନ ସହ ସାଂସ୍କୃତିକ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହୋଇଯାଇଛି।

### ମଦ ଜବତ, ଜଣେ ଗିରଫ

**ଛତିଆ,୨୩।୮(ଡିଏନ୍ଏ):** ବୈରୀ ପୋଲିସ ଚୋରା ମଦ ଜବତ କରିବା ସହିତ ଜଣଙ୍କୁ ଗିରଫ କରିଛି। ପ୍ରକାଶ ଯେ, ବୈରୀ ଥାନା ସବ୍‌ଇନ୍ସପେକ୍ଟର ବିଶ୍ୱଜିତ ବିଶ୍ୱାଳ, ଏଏସ୍ଆଇ ଅଯୋଧ୍ୟା ନାୟକ, ଅନୀଲ ସାହୁ, ବ୍ରହ୍ମାନନ୍ଦ ସ୍ୱାଇଁ, ସୋମନାଥ ପଲ୍ଲେଇ, ସନ୍ଧ୍ୟାରେ ପାଟ୍ରୋଲିଂ କରୁଥିବା ସମୟରେ ବଗଡ ଗ୍ରାମରେ ଚୋରାମଦ ବିକ୍ରି ହେଉଥିବା ଖବର ପାଇ ଉକ୍ତ ଗ୍ରାମର ସହଦେବ ବଦରାଙ୍କ ଘରେ ଚଢାଉ କରିଥିଲେ। ସହଦେବଙ୍କ ପୁଅ ଦିଲୀପ ବଦରା (୩୨) ୪ ପେଟିରେ ଥିବା ୧୦୦ ବୋତଲ ମଦ ଜବତ କରିବା ସହିତ ଦିଲୀପଙ୍କୁ ଗିରଫ କରିଥିଲେ। ତାଙ୍କୁ ଶୁକ୍ରବାର କୋର୍ଟଚାଲାଣ କରାଯାଇଛି।

■ ଭିସା ଷ୍ଟିଲ କାରଖାନା ବର୍ଜ୍ୟଜଳ ଛାଡ଼ିବା ମାମଲା

# ଏନ୍‌ଜିଟି ନିର୍ଦ୍ଦେଶକୁ ମାନୁନି ଏସ୍‌ପିସିବି

**ଯାଜପୁର ଅଫିସ,୨୩।୮**

ଶିଳ୍ପ ପ୍ରଦୂଷଣ ରୋକିବାକୁ ଦୃଢ ପଦକ୍ଷେପ ନିଆଯାଉଥିବା ଓ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଏସପିସିବି) ଦାୟୀ ରହିବେ ବୋଲି ସରକାର ଘୋଷଣା କରିଛନ୍ତି। ହେଲେ ଯାଜପୁର ଜିଲା କଳିଙ୍ଗନଗର ଭିସା ଷ୍ଟିଲ କାରଖାନାରେ ଏହା ଲାଗୁ ହୋଇନାହିଁ। ଏପରିକି ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ (ଏନ୍‌ଜିଟି)ର ନିର୍ଦ୍ଦେଶକୁ ମଧ୍ୟ ଏସ୍‌ପିସିବି ମାନୁନାହିଁ। ଏଥିରୁ ଏସ୍‌ପିସିବି ଉପରେ ନ୍ୟସ୍ତ ଥିବା ଜଳ ଓ ବାୟୁ ପ୍ରଦୂଷଣ କିଭଳି ନିୟନ୍ତ୍ରଣ ହେଉଛି ତାହା ସହଜେ ଅନୁମେୟ। ବିଭିନ୍ନ ପ୍ରଦୂଷଣକାରୀ ଶିଳ୍ପ ସଂସ୍ଥା ସହ ଏସ୍‌ପିସିବି କର୍ତ୍ତୃପକ୍ଷ ହାତ ମିଳାଇଥିବା ଏଥିରୁ ସ୍ପଷ୍ଟ ହେଉଛି। ତେଣୁ କେନ୍ଦ୍ର ତଥା ରାଜ୍ୟ ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟ ଏହି ସମ୍ବେଦନଶୀଳ ଘଟଣା ଉପରେ ଦୃଷ୍ଟି ଦେବାର ଆବଶ୍ୟକତା ରହିଛି ବୋଲି ପରିବେଶବିତ୍ ମହଲରେ ଦାବି ହେଉଛି।

ଏନ୍‌ଜିଟି ସଭ୍ୟ ଜଷ୍ଟିସ ପି. ୱାଙ୍ଗଡି ଓ ବିଶେଷଜ୍ଞ ସଭ୍ୟ ଡ. ସତ୍ୟବାନ ସିଂ ଗାର୍ବ୍ୟାଲ ୯।୮।୨୦୧୯ରେ ଜଳ ପ୍ରଦୂଷଣ ଅଭିଯୋଗ ମାମଲା (୧୯/୧୯)ର ଶୁଣାଣି କରି ତୁରନ୍ତ ବିନା ଉପଚାରରେ (ଅନଟ୍ରିଟେଡ) ଭିସା ଷ୍ଟିଲ କାରଖାନା ଛାଡୁଥିବା ବର୍ଜ୍ୟଜଳ ବନ୍ଦ କରିବାକୁ ରାୟରେ ପ୍ରକାଶ କରିଥିଲେ । ନିର୍ଦ୍ଦେଶର ୮ ନମ୍ବର ପାରାରେ ଆହୁରି ଦର୍ଶାଯାଇଛି ଯେ, ଏହାର ପ୍ରତିକାର ପାଇଁ ଉପଯୁକ୍ତ ପଦକ୍ଷେପ ପୂର୍ବକ ନିମ୍ନତମ ବା ଲଘୁକରଣ ଉପାୟ କରିବାକୁ ଏନ୍‌ଜିଟି ପରାମର୍ଶ ଦେଇଛି । ହେଲେ ଏହି ରାୟ ପ୍ରକାଶ ପାଇବାର ଦୁଇ ସପ୍ତାହ ଅତିକ୍ରାନ୍ତ ହୋଇ ସାରିଥିଲେ ହେଁ ଭିସା ଷ୍ଟିଲ କାରଖାନାରୁ ପ୍ରବାହିତ ବର୍ଜ୍ୟଜଳ ବନ୍ଦ ହୋଇପାରି ନାହିଁ। ଶୁକ୍ରବାର ଅପରାହ୍ନରେ କାରଖାନାର ମୁଖ୍ୟଫାଟକଠାରୁ ପ୍ରାୟ ୩୦ ମିଟର ଦୂରରେ ଥିବା କଲଭର୍ଟ ନମ୍ବର-୧ ନିକଟ ପାଚେରିକୁ ଭାଙ୍ଗି କଳା ରଙ୍ଗର ବିଷାକ୍ତ ପାଣି ଛଡାଯାଇଛି। ଏଥିରେ ଆଖପାଖ ଚାଷ ଜମି ସମ୍ପୂର୍ଣ୍ଣ ଭାବେ ପ୍ରଭାବିତ ହେବାର ଆଶଙ୍କା କରାଯାଇଛି। ଏହାବାଦ ବ୍ୟାପକ ପରିମାଣରର ବିଷାକ୍ତ ପାଣି ଗଣ୍ଡନାଳା ଦେଇ ବ୍ରାହ୍ମଣୀରେ ମିଶିଛି। ଏନେଇ ଚାଷୀ ମହଲରେ ଉଦ୍‌ବେଗ ପ୍ରକାଶ ପାଇବା ସହିତ ସେମାନେ ଏସ୍‌ପିସିବିର କାର୍ଯ୍ୟ ସ୍ୱଚ୍ଛତା ନେଇ ଅଙ୍ଗୁଳି ନିର୍ଦ୍ଦେଶ କରିଛନ୍ତି । ଉଲ୍ଲେଖଯୋଗ୍ୟ ଯେ, ଏନ୍‌ଜିଟି ଭିସା ଷ୍ଟିଲର ବର୍ଜ୍ୟଜଳ ଛାଡିବା



ପାଇଁ ଏସ୍‌ପିସିବିକୁ ସମ୍ପୂର୍ଣ୍ଣ ଭାବେ ଦାୟୀ କରିଛି । ଶୁଣାଣିର ୨ମାସ ମଧ୍ୟରେ ଭିସା ଷ୍ଟିଲ କାରଖାନା ଉପରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରି ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହାବାଦ ସମାଜ ପାଇଁ କାରଖାନାର ଏହି କାର୍ଯ୍ୟ ଅପରାଧ ବୋଲି ଏନ୍‌ଜିଟି ଅଭିହିତ କରିଛି । ମାଟି,

■ପାଚେରି ଭାଙ୍ଗି ବିଷାକ୍ତ ପାଣି ଛାଡିଲା ଭିସା
■କଳା ପାଉଁଶ ପାଣିରେ ଚାଷ ନଷ୍ଟ
■ଅତିଷ୍ଠ ଚାଷୀ, କାରଖାନା ସମ୍ମୁଖରେ ଆତ୍ମାହୁତି ଚେତାବନୀ

ପାଣି ଆଦି ପରିବେଶଗତ କ୍ଷତିପୂରଣ ଅର୍ଥ ଆଦାୟ କରିବାକୁ ଏନ୍‌ଜିଟି ରାୟରେ ପ୍ରକାଶ କରିଛି। ଏଥିରେ ବିଫଳ ହେଲେ ଏସ୍‌ପିସିବିର ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ନିର୍ଦ୍ଦେଶରେ ଉଲ୍ଲେଖ ରହିଛି। ତଥାପି ଏସ୍‌ପିସିବି କାହା ସାହସରେ ଏନଜିଟିର ନିର୍ଦ୍ଦେଶକୁ ତିଳେମାତ୍ର ଭ୍ରୂକ୍ଷେପ କରିନାହିଁ ତାହା ଅଞ୍ଚଳବାସୀଙ୍କୁ ଆଚମ୍ବିତ କରିଛି। ଏସ୍‌ପିସିବି ଆବଶ୍ୟକ ପରୀକ୍ଷା କରି ଅଭିଯୋଗରେ ସତ୍ୟତା ରହିଛି ବୋଲି ଅନୁଭବ କରିଥିବା ସତ୍ତ୍ୱେ କେବଳ କାରଣ ଦର୍ଶାଅ ନୋଟିସରେ କାର୍ଯ୍ୟାନୁଷ୍ଠାନ ସୀମିତ ରଖିଛି। ଏପରିକି କୌଣସି ସମସ୍ୟାର ସମାଧାନ ନ କରି ପୁଣି କାରଖାନା ଚଳାଇବାକୁ ଅନୁମତି ଦେଇଥିବା ଏନ୍‌ଜିଟି ନିର୍ଦ୍ଦେଶର ୪ନମ୍ବର ପାରାରେ ଉଲ୍ଲେଖ ରହିଛି। ଗତ ୫ବର୍ଷ ହେବ ଭିସା ଷ୍ଟିଲ କାରଖାନା ବିଷାକ୍ତ ବର୍ଜ୍ୟଜଳ ବାହାରକୁ ଛାଡୁଥିବା ଅଞ୍ଚଳବାସୀ ଅଭିଯୋଗ କରି ଆସୁଛନ୍ତି। ଶେଷରେ ଏନ୍‌ଜିଟିର ଦ୍ୱାରସ୍ଥ ହୋଇ ବି ବିଫଳ ହେଉଥିବା ପରିଲକ୍ଷିତ ହେଉଛି। ଚାଷୀ ଶ୍ୟାମସୁନ୍ଦର ବେହେରା, ସୁଜିତ ବେହେରା ପ୍ରମୁଖ ଶୁକ୍ରବାର ଭିସା ଛାଡିଥିବା ବର୍ଜ୍ୟଜଳ ଯୋଗୁ ଧାନଗଛ ସବୁ ଉପାଡ଼ି ନେଇଛି । ଉର୍ବର ମାଟି ପ୍ରଦୂଷିତ ହୋଇଛି। ଏଥିଯୋଗୁ ଚଳିତ ବର୍ଷ ଉତ୍ପାଦନ ନିଶ୍ଚିତ ଭାବେ ହ୍ରାସ ପାଇବ। ତେଣୁ ଆଗକୁ ବର୍ଜ୍ୟଜଳ ବନ୍ଦ ନ କଲେ ସମ୍ପୃକ୍ତ ଚାଷୀ ଭିସା ଷ୍ଟିଲ କାରଖାନାର ଗେଟ ସମ୍ମୁଖରେ ଆତ୍ମାହୁତି ଦେବେ ବୋଲି ଚେତାବନୀ ଦେଇଛନ୍ତି। ତେବେ ଏ ସଂକ୍ରାନ୍ତରେ ଏସ୍‌ପିସିବି କଳିଙ୍ଗନଗର ଆଞ୍ଚଳିକ ଅଧିକାରୀ ପ୍ରମୋଦ କୁମାର ବେହେରା କହିଛନ୍ତି ଯେ, ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶ ଅନୁସାରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ। ଏଥିପାଇଁ ସେ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରି ସାରିଛନ୍ତି ବୋଲି କହିଛନ୍ତି। କିନ୍ତୁ ବିଡମ୍ବନା ଯେ, ଏନ୍‌ଜିଟି ନିର୍ଦ୍ଦେଶର ୨ ସପ୍ତାହ ସମୟ ଅତିବାହିତ ହୋଇସାରିଥିଲେ ହେଁ କେଉଁ ଉଦ୍ଦେଶ୍ୟରେ ଏସ୍‌ପିସିବି ନୀରବ ରହିଛି ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ବାଇକ୍ ଧକ୍କାରେ ଯୁବକ ମୃତ

**ଜଣେ ଗୁରୁତର**

**ରସୁଲପୁର,୨୩।୮(ଡିଏନଏ)**

ରସୁଲପୁର ବ୍ଲକ ଅତଲାପୁର ପଞ୍ଚାୟତର ମଜିଦ୍ ଛକରେ ଗୁରୁବାର ରାତିରେ ଜଣେ ବାଇକ ଚାଳକଙ୍କ ବେପରୁଆ ଗାଡ଼ି ଚାଳନା ଯୋଗୁ ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିବାବେଳେ ଆଉଜଣେ ଯୁବକ ଗୁରୁତର ହୋଇଛନ୍ତି। ପ୍ରକାଶ ଯେ, ଉଦ୍ଧବ ଦଳାଇ(୩୫) ଓ ବାବୁ ବେହେରା ଘରକୁ ଚାଲି ଚାଲି ଯାଉଥିବାବେଳେ ଜଣେ ଯୁବକ ଓଡି୦୪ଏମ୮୭୫ ନମ୍ବର ବିଶିଷ୍ଟ ଏକ ବାଇକ୍‌ରେ ଦ୍ରୁତ ଗତିରେ ଆସି ଉଭୟଙ୍କୁ ପଛପଟୁ ଧକ୍କା ଦେଇଥିଲେ। ଉଭୟ ଘଟଣାସ୍ଥଳରେ ଗୁରୁତର ହୋଇପଡିଥିଲେ। ଆହତଙ୍କୁ ଚିକିତ୍ସା ପାଇଁ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାକେନ୍ଦ୍ରକୁ ନିଆଯାଇଥିଲା । ସେଠାରେ ଉଦ୍ଧବଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଅନ୍ୟ ଆହତ ଯୁବକ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଦୁର୍ଘଟଣା ଘଟାଇଥିବା ଚାଳକ ଘଟଣାସ୍ଥଳରୁ ଖସି ପଳାଇ ଯାଇଥିଲେ। ପୋଲିସ ଦୁର୍ଘଟଣାଗ୍ରସ୍ତ ବାଇକ୍‌କୁ ଉଦ୍ଧାର କରିବା ସହ ଏନେଇ ଥାନାରେ ଏକ ମାମଲା (ନଂ. ୨୦୮/୧୯) ରୁଜୁ କରି ଘଟଣାର ତଦନ୍ତ କରୁଛି ।

### ଶିକ୍ଷୟିତ୍ରୀଙ୍କ ଘରୁ ଲକ୍ଷାଧିକ ଟଙ୍କାର ସୁନାଗହଣା ଚୋରି

**ରସୁଲପୁର,୨୩।୮(ଡିଏନଏ):** ରସୁଲପୁର ବ୍ଲକ ଅନ୍ତର୍ଗତ ବାରବାଟୀ ପଞ୍ଚାୟତ ଦୁର୍ଗାପୁର ଗାଁର ଶିକ୍ଷୟିତ୍ରୀ ରାଧାରାଣୀ ପଣ୍ଡାଙ୍କ ଘରୁ ଶୁକ୍ରବାର ଅପରାହ୍ନରେ ସୁନାଗହଣା ଓ ଟଙ୍କା ଚୋରି ହୋଇଯାଇଥିବା ଅଭିଯୋଗ ହୋଇଛି। ଗତ ସପ୍ତାହରେ ଶିକ୍ଷକ ରାମ ମଳିକଙ୍କ ଘରୁ ଚୋରି ହୋଇଥିବାବେଳେ ଏବେ ଶିକ୍ଷୟିତ୍ରୀ ପଣ୍ଡାଙ୍କ ଘରୁ ଚୋରି ହୋଇଛି। ଏ ସମ୍ପର୍କରେ ଶିକ୍ଷୟିତ୍ରୀ ଜଣକ ଧର୍ମଶାଳା ଥାନାରେ ଅଭିଯୋଗ କରିଛନ୍ତି। ପ୍ରକାଶ ଯେ, ଶିକ୍ଷୟିତ୍ରୀ ପଣ୍ଡା ଭଉଣୀ ଘରକୁ ଯାଇଥିଲେ। ସନ୍ଧ୍ୟାରେ ଫେରି ଦେଖିଲାବେଳକୁ ତାଙ୍କ ଘର କବାଟ ଓ ଗ୍ରିଲ ତାଲା ଭାଙ୍ଗି ଚୋରମାନେ ସୁନାଗହଣା ସହ ୨ହଜାର ଟଙ୍କା ଚୋରି କରିନେଇଥିବା ଜାଣିବାକୁ ପାଇଥିଲେ। ଏ ସମ୍ପର୍କରେ ଶିକ୍ଷୟିତ୍ରୀ ଥାନାକୁ ଫୋନ ଯୋଗେ ଜଣାଇଥିଲେ । ପୋଲିସ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ପରଖିଥିଲା। ଏ ନେଇ ପୋଲିସ ଏକ ମାମଲା (ନଂ. ୩୩୪/୧୯) ରୁଜୁ କରି ତଦନ୍ତ ଜାରି ରଖିଛି। ସୂଚନା ଥାଉକି, ଗତ ସପ୍ତାହରେ ଏହି ପଞ୍ଚାୟତର ବରଜପୁର ଗାଁର ରାମ ମଳିକଙ୍କ ଘରୁ ଚୋରି ହୋଇଥିଲା। ମାତ୍ର ଏହି ଘଟଣାରେ ପୋଲିସର ହାତ ଖାଲି ରହିଛି। ଉଭୟ ଶିକ୍ଷକଙ୍କ ଘର ୧୬ନଂ ଜାତୀୟ ରାଜପଥ ଉପରେ ଅବସ୍ଥିତ। ଏହା ସତ୍ତ୍ୱେ ଉଭୟଙ୍କ ଘରୁ ଚୋରି ହେବାରେ ସ୍ଥାନୀୟ ଲୋକଙ୍କ ହାତ ଥିବା ଚର୍ଚ୍ଚା ହେଉଛି।

## ଯାଜପୁରର ବିଭିନ୍ନ ବିଦ୍ୟାଳୟରେ ଜନ୍ମାଷ୍ଟମୀ ଉତ୍ସବ

**ଯାଜପୁର ଟାଉନ,୨୩।୮(ଡିଏନଏ)**

ଯାଜପୁରର ବିଭିନ୍ନ ବିଦ୍ୟାଳୟରେ ଜନ୍ମାଷ୍ଟମୀ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର କଲେଜ ଛକ ପରିସରରେ ପ୍ରଧାନାଚାର୍ଯ୍ୟ ଅଶୋକ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଗଣେଶ ସାମନ୍ତ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତାଭାବେ ସଞ୍ଜୀବ କୁମାର ପଣ୍ଡା ଜନ୍ମାଷ୍ଟମୀ ପାଳନର ଆଭିମୁଖ୍ୟ ଉପରେ ବକ୍ତବ୍ୟ ରଖିବା ସହିତ କୃଷ୍ଣ ଅବତାରର ଲୀଳା ଓ ଗୁଣଗାନ କରିଥିଲେ। ଗୁରୁଜୀ ପରମେଶ୍ୱର ବାରିକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ସାଂସ୍କୃତିକ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଭାଗବତ ଜେନା, ଗୁରୁମା ମୋନାଲିସା ମିଶ୍ର, ଧିରେନ୍ଦ୍ର କୁମାର ରାୟ ପ୍ରମୁଖ ଯୋଗ ଦେଇଥିଲେ। ବିଦ୍ୟାଳୟ ସଭାପତି ଗୟାଧର ପୁହାଣ, ସମ୍ପାଦକ ରବୀନ୍ଦ୍ର ସାହୁ, ଶିଶୁ ବାଟିକା ପ୍ରମୁଖ ଅଶୋକ କୁମାର ପଣ୍ଡା ଶିଶୁଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଯାଜପୁରସହର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜନ୍ମାଷ୍ଟମୀ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ଉକ୍ତ ଉତ୍ସବରେ ମୁଖ୍ୟ ଅତିଥିଭାବେ ପଣ୍ଡିତ କୃଷ୍ଣଚନ୍ଦ୍ର ମିଶ୍ର



ଜନ୍ମାଷ୍ଟମୀ ଅବସରରେ ରାଧାକୃଷ୍ଣ ବେଶରେ ଛାତ୍ରୀଛାତ୍ର।

ଯୋଗଦେଇ ଶ୍ରୀକୃଷ୍ଣଙ୍କ ଜନ୍ମ ସମ୍ବନ୍ଧୀୟ ଉପରେ ଆଲୋକପାତ କରିଥିଲେ। ଏହି ଉତ୍ସବରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ସତ୍ୟାନନ୍ଦ ପଣ୍ଡା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ କରିଥିଲେ। ଛାତ୍ରୀଛାତ୍ର କୃଷ୍ଣ ବେଶଧାରଣ କରି ନୃତ୍ୟ ସଂଗୀତ ପରିବେଷଣ କରିଥିବାବେଳେ ଉକ୍ତ ଉତ୍ସବରେ ଜଗଦୀଶ ଚନ୍ଦ୍ର ପତି, ଶୁଭେନ୍ଦୁ କୁମାର ପତି, ସରୋଜିନୀ ମିଶ୍ର ପ୍ରମୁଖ ପୁରସ୍କାର ପ୍ରଦାନ କରିଥିଲେ। ଶେଷରେ ସହପ୍ରଧାନାଚାର୍ଯ୍ୟ ଗିରିଧାରୀ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ଭେଙ୍କଟେଶ୍ୱର ପ୍ଲେ ସ୍କୁଲରେ ଜନ୍ମାଷ୍ଟମୀ ମହାସମାରୋହରେ ପାଳିତ ହୋଇଯାଇଛି । ବିଦ୍ୟାଳୟର ୮୦ଜଣ ଛାତ୍ରଛାତ୍ରୀ ରାଧାକୃଷ୍ଣ ବେଶ ହୋଇ ନୃତ୍ୟରେ ଯୋଗ ଦେଇଥିଲେ। ସେହିଭଳି ଗ୍ରୀନ ଅକ୍ସଫୋର୍ଡ଼ ମଡେଲ ସ୍କୁଲ, ଗୁରୁକୂଳ ଶିକ୍ଷାଶ୍ରମ, ସରସ୍ୱତୀ ଶିଶୁ ମନ୍ଦିର ନଗର, ଆପେକ୍ସ ଇଂଲିଶ୍ ମିଡ଼ିୟମ୍, ହାରୋ ପବ୍ଲିକ୍ ସ୍କୁଲ, ଇଟରା ଶିଶୁମନ୍ଦିରରେ ଜନ୍ମାଷ୍ଟମୀ ପାଳନ ଅବସରରେ କୃଷ୍ଣବେଶ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

### ଦୁର୍ଘଟଣାରେ ସ୍କୁଟି ଚାଳକ ମୃତ, ଜଣେ ଆହତ

**ରସୁଲପୁର,୨୩।୮(ଡିଏନଏ)**

ରସୁଲପୁର ବ୍ଲକ ୧୬ନଂ ଜାତୀୟ ରାଜପଥର ଗୋପାଳପୁର ଛକ ନିକଟରେ ଶୁକ୍ରବାର ସକାଳେ ଏକ ଅଜଣା ଗାଡ଼ି ଧକ୍କାରେ ସ୍କୁଟି ଚାଳକଙ୍କର ମୃତ୍ୟୁ ଘଟିଛି। ସ୍କୁଟିରେ ବସିଥିବା ଅନ୍ୟଜଣେ ଯୁବକ ଆହତ ହୋଇଥିବା ଜଣାପଡିଛି। ମୃତବ୍ୟକ୍ତି ଜଣକ ହେଲେ ମୟୂରଭଞ୍ଜ ଜିଲା ବାରିପଦା ଥାନା ସାନକେରକ ଗ୍ରାମର କୃପାସିନ୍ଧୁ ବେହେରାଙ୍କ ପୁଅ ଶଶିକାନ୍ତ(୨୮) ଓ ଆହତ ବ୍ୟକ୍ତି ସେହି ଗ୍ରାମର ଦେବାନନ୍ଦ ସାହୁ(୩୦)। ପ୍ରକାଶ ଯେ, କଟକରୁ ବାରିପଦାକୁ ସ୍କୁଟି ଯୋଗେ ୨ଜଣ ଯୁବକ ଯାଉଥିଲେ। ସେମାନଙ୍କୁ ପଛରୁ ଏକ ଅଜଣା ଗାଡ଼ି ଜୋରରେ ଧକ୍କା ଦେଇ ପଳାଇ ଯାଇଥିଲା। ଫଳରେ ଶଶିକାନ୍ତ ରାସ୍ତା ଉପରେ ଛିଟିକି ପଡିଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ୧୦୮ ଆମ୍ବୁଲାନ୍ସ ସହାୟତାରେ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟ ଜଣେ ଯୁବକ ଆହତ ହୋଇଥିଲେ। ତାଙ୍କୁ ପ୍ରାଥମିକ ଚିକିତ୍ସା କରାଯାଇ ଛାଡି ଦିଆଯାଇଥିଲା। କୁଆଖିଆ ପୋଲିସ ଦୁର୍ଘଟଣାଗ୍ରସ୍ତ ସ୍କୁଟିକୁ ଜବତ କରିବା ସହ ଯୁବକଙ୍କ ମୃତଦେହକୁ ଡାକ୍ତରଖାନାରୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁପଠାଇଥିଲା। ଏ ନେଇ ଏକ ମାମଲା (ନଂ-୨୦୯/୧୯) ରୁଜୁ ହୋଇଛି।

## ତ୍ରୁଟିପୂର୍ଣ୍ଣ ଚିକିତ୍ସା ଯୋଗୁ ଛାତ୍ରୀଙ୍କ ମୃତ୍ୟୁ ଅଭିଯୋଗ

**ଯାଜପୁର ଟାଉନ/ ରସୁଲପୁର,୨୩।୮(ଡିଏନଏ)**

ଯାଜପୁର ମୁଖ୍ୟଚିକିତ୍ସାଳୟରେ ବିଭିନ୍ନ ସମୟରେ ଚିକିତ୍ସା ଅବହେଳା ଅଭିଯୋଗ ହୋଇଆସୁଛି। ପୁଣିଥରେ ସେହିପରି ଏକ ଘଟଣା ଶୁକ୍ରବାର ମୁଖ୍ୟ ଚିକିତ୍ସାଳୟରେ ଘଟିଛି। ଜଣେ ନାବାଳିକା ଚିକିତ୍ସା ଅବହେଳାରୁ ମୃତ୍ୟୁବରଣ କରିଥିବା ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇଛି। ପ୍ରକାଶ ଯେ, ରସୁଲପୁର ବ୍ଲକ ହରିପୁର ଗ୍ରାମର ନୀଳମଣି ବରାଳଙ୍କ ଝିଅ ପୂଜାରାଣୀ (୧୧)ଙ୍କୁ ଶୁକ୍ରବାର ସକାଳୁ ବାତ ମାରିଥିଲା। ତାଙ୍କୁ ଚିକିତ୍ସା କରିବା ପାଇଁ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲା। ଡାକ୍ତରଖାନାରେ ପହଞ୍ଚିବା ବେଳକୁ ପୂଜାରାଣୀ ସୁସ୍ଥ ଭଳି କଥାବାର୍ତ୍ତା କରିପାରୁଥିଲେ। ଏହାପରେ ସେଠାରେ ତାଙ୍କୁ ତୁରନ୍ତ ଗୋଟିଏ ଇଞ୍ଜେକଶନ୍ ଦିଆଯାଇଥିଲା। ଇଞ୍ଜେକଶନ୍ ଦେବାପରେ ପୂଜାରାଣୀ ହଠାତ୍ ଅସୁସ୍ଥ ହୋଇ ପଡିଥିଲେ। ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ବୋଲି ପୂଜାରାଣୀଙ୍କ ବାପା ନୀଳମଣି ଯାଜପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୂଜାରଣୀଙ୍କୁ ଭୁଲ୍ ଇଞ୍ଜେକଶନ୍ ଦିଆଯିବାରୁ ତାଙ୍କର ମୃତ୍ୟୁ ଘଟିଲା ବୋଲି ଡାକ୍ତରଙ୍କୁ ନୀଳମଣି କହିବାରୁ ଡାକ୍ତର ଉତ୍କ୍ଷିପ୍ତ ହୋଇ ଗାଳିଗୁଲଜ କରିଥିଲେ। ପରେ ଡାକ୍ତରଖାନାର ୩/୪ ଜଣ କର୍ମଚାରୀଙ୍କୁ ଲଗାଇ ଏକ ଆମ୍ବୁଲାନ୍ସ ଯୋଗେ ପୂଜାରାଣୀଙ୍କ ମୃତଦେହକୁ ତାଙ୍କ ଗ୍ରାମକୁ ଜୋରଜବରଦସ୍ତ ପଠାଇ ଦେଇଥିଲେ ବୋଲି ଅଭିଯୋଗ ହୋଇଛି। ଗ୍ରାମରେ ପହଞ୍ଚିବା ପରେ ସମସ୍ତ ଘଟଣା ଶୁଣିବା ପରେ କେତେକ ଗ୍ରାମବାସୀଙ୍କ ସହ ନୀଳମଣି ତାଙ୍କ ମୃତ ଝିଅକୁ ପୁନର୍ବାର ଯାଜପୁର ଡାକ୍ତରଖାନାକୁ ଆଣି ମୃତ୍ୟୁର କାରଣ ଡାକ୍ତରଙ୍କୁ ପଚାରିଥିଲେ। ଏହି ସମୟରେ ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ତେଜନା ସତ୍ତ୍ୱେ ଡାକ୍ତରଖାନାରେ ଏଡିଏମ୍ଓ, ସିଡିଏମ୍ଓ କିମ୍ବା ଡାକ୍ତରଖାନା ମ୍ୟାନେଜର କେହି ଡାକ୍ତରଖାନାରେ ନ ଥିଲେ କିମ୍ବା ଘଟଣାସ୍ଥଳକୁ ଆସି ନ ଥିଲେ। ଖବର ପାଇ ଥାନାଧିକାରୀ ଆଶିଷ କୁମାର ସାହୁ ଘଟଣାସ୍ଥଳରେ ପହଞ୍ଚି ମୃତ ପୂଜାରାଣୀଙ୍କ ମୃତଦେହକୁ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏ ସମ୍ପର୍କରେ ଯାଜପୁର ଥାନାରେ ଏକ ମାମଲା (ନଂ.୨୬୩/୧୯) ରୁଜୁ କରି ପୋଲିସ ତଦନ୍ତ ଜାରି ରଖିଛି। ପୂଜାରାଣୀଙ୍କ ମୃତ୍ୟୁ ସମ୍ପର୍କରେ ଏଡିଏମ୍ଓ ଅନୁପନାଥ ଶର୍ମାଙ୍କୁ ପଚାରିବାରୁ, ସେ ଏହି ଘଟଣାକୁ ଖଣ୍ଡନ କରିବା ସହ ମୃତ ପୂଜାରାଣୀଙ୍କୁ କୌଣସି ତ୍ରୁଟିପୂର୍ଣ୍ଣ ଇଞ୍ଜେକଶନ୍ ଦିଆଯାଇ ନ ଥିବା କହିଛନ୍ତି।

■ ସାଇଡ୍ ମରାକୁ ନେଇ ଗୋଷ୍ଠୀ ସଂଘର୍ଷ

## ୯ ଆହତ, ଜଣେ ଗିରଫ

**ବିଞ୍ଝାରପୁର,୨୩।୮(ଡି.ଏନ.ଏ)**

ବିଞ୍ଝାରପୁର ଥାନା ଓଳେଇ ଚନ୍ଦନପୁର ପଞ୍ଚାୟତ ଚନ୍ଦନପୁର ଗ୍ରାମରେ ଗତ ବୁଧବାର ସ୍କୁଟିରେ ସାଇଡ୍ ମରାକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ରକ୍ତାକ୍ତ ସଂଘର୍ଷ ଘଟିଥିଲା। ଏଥିରେ ୯ଜଣ ଆହତ ହୋଇଥିଲେ। ଏହି ଘଟଣାରେ ବିଞ୍ଝାରପୁର ଥାନାରେ ୨ଟି ମାମଲା ରୁଜୁ ହୋଇଥିବାବେଳେ ପୋଲିସ ଜଣଙ୍କୁ ଗିରଫ କରିଥିବା ସୂଚନା ମିଳିଛି। ପ୍ରକାଶ ଯେ, ଚନ୍ଦନପୁର ଗ୍ରାମର ରତ୍ନାକର ଜେନାଙ୍କ ପୁଅ ମାଗୁଣି ବୁଧବାର ଅପରାହ୍ନରେ ଏକ ସ୍କୁଟି ନେଇ ଯାଉଥିବାବେଳେ ସେହି ଗ୍ରାମର ନବୀନ ଜେନାଙ୍କ ମାନସିକ ଅନଗ୍ରସର ପୁଅ ପ୍ରଶାନ୍ତଙ୍କୁ ସ୍କୁଟିରେ ସାଇଡ ମାରିଥିଲେ। ଏହି ସାଇଡ୍ ମରାକୁ କେନ୍ଦ୍ରକରି ପ୍ରଶାନ୍ତଙ୍କ ପରିବାର ମାଗୁଣିକୁ ପଚରାଉଚରା କରିବାରୁ ଉଭୟଙ୍କ ପରିବାର ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏହାକୁ କେନ୍ଦ୍ରକରି ପୁନର୍ବାର ଗୁରୁବାର ସନ୍ଧ୍ୟାରେ ଉଭୟ ପକ୍ଷଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ଫଳରେ ସେହି ଗ୍ରାମର ଗ୍ରାମରକ୍ଷୀଙ୍କୁ ଘଟଣା ସମ୍ପର୍କରେ ଖବର ଦେବାକୁ ଯାଇ ନବୀନ ଫେରୁଥିବାବେଳେ ମାଗୁଣି ଓ ତାଙ୍କ ପରିବାରର ରତ୍ନାକର, ଜଡେଇ, ନିଧିଆ, ଜଗା, ଅନୁସୂୟା, ପାର ପ୍ରମୁଖ ଅତର୍କିତ ଭାବେ ତାଙ୍କୁ ଆକ୍ରମଣ କରିଥିଲେ। ନବୀନଙ୍କୁ ଉଦ୍ଧାର କରିବାକୁ ତାଙ୍କ ପରିବାର ଘଟଣାସ୍ଥଳକୁ ଆସିଯିବାରୁ ଏହା ଗୋଷ୍ଠୀ ସଂଘର୍ଷରେ ପରିଣତ ହୋଇଥିଲା। ଏହି ସଂଘର୍ଷରେ ନବୀନଙ୍କ ମୁଣ୍ଡରେ କ୍ଷତ ହୋଇଥିବାବେଳେ ପୁଅ ହେମନ୍ତଙ୍କ ହାତରେ ଗଭୀର ଆଘାତ ଲାଗିଛି। ନବୀନଙ୍କ ସ୍ତ୍ରୀ ଓ ଝିଅ ମଧ୍ୟ ଆହତ ହୋଇଛନ୍ତି। ଅପରପକ୍ଷର ରତ୍ନାକର, ତାଙ୍କ ସ୍ତ୍ରୀ, ବୋହୂ, ପୁଅ, ଝିଅ ପ୍ରମୁଖ ଆହତ ହୋଇଛନ୍ତି। ଏହି ଘଟଣାକୁ ନେଇ ଉଭୟପକ୍ଷ ଥାନାରେ ଅଭିଯୋଗ କରିବା ପରେ ପୋଲିସ ପକ୍ଷରୁ ଆହତଙ୍କୁ ବିଞ୍ଝାରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ନବୀନଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ତାଙ୍କୁ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଏହି ଘଟଣାରେ ବିଞ୍ଝାରପୁର ପୋଲିସ ଦୁଇଟି ପୃଥକ୍ ମାମଲା (ନଂ. ୧୯୮/୧୯ ଓ ୧୯୯/୧୯) ରୁଜୁ କରିଥିବାବେଳେ ପୋଲିସ ରତ୍ନାକରଙ୍କୁ ଗିରଫ କରିଥିବା ଜଣାପଡିଛି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚାପା ଉତ୍ତେଜନା ଲାଗି ରହିଛି।

■ ହାଇକୋର୍ଟଙ୍କ ରହିତାଦେଶକୁ ଅଣଦେଖା

# ଗୋଚର ଜମିରେ ଚାଲିଛି ନିର୍ମାଣ କାର୍ଯ୍ୟ

**କୋରେଇ,୨୩।୮(ସ୍ୱ.ପ୍ର)**

କାହ୍ନୁଚରଣ ମହାବିଦ୍ୟାଳୟ ତରଫରୁ ଗୋଚର ଜମିରେ ନୂତନ ଶ୍ରେଣୀଗୃହ ନିର୍ମାଣ ପାଇଁ ମାଟି ପକାଯାଉଥିଲା। ଏହାକୁ କେନ୍ଦ୍ରକରି କେତେଜଣ ଚାଷୀ ତାଙ୍କ ଜମି ଓ ଚାଷ ନଷ୍ଟ ହେଉଥିବା ଦର୍ଶାଇ ୨୦୧୬ରେ ଏକ ଜନସ୍ୱାର୍ଥ ମାମଲା (ନଂ. ୩୨୫୮/୧୬ ଏବଂ ମିଶ୍ କେସ ନଂ ୩୦୮୦/୧୬) ହାଇକୋର୍ଟରେ ଦାୟର କରିଥିଲେ। ଏହାକୁ ହାଇକୋର୍ଟ ବିଚାରକୁ ନେଇ ଧନେଶ୍ୱର ମୌଜାର ରକ୍ଷିତ ଖାତା ନଂ ୫୬୦, ପ୍ଲଟ ନଂ. ୧୧୦ ଓ ପ୍ଲଟ ନଂ.୧୩୫ ଉପରେ ପୂର୍ବାବସ୍ଥା ବଜାୟ ରଖିବା ସହିତ କୌଣସି ନିର୍ମାଣ କାର୍ଯ୍ୟ ନ କରିବାକୁ ୧୮ ମାର୍ଚ୍ଚ ୨୦୧୬ ପର୍ଯ୍ୟନ୍ତ ରହିତାଦେଶ ଜାରି କରିଥିଲେ। ଏହି ରହିତାଦେଶ ବର୍ତ୍ତମାନ ପର୍ଯ୍ୟନ୍ତ ବଳବତ୍ତର ରହିଥିବା ଜନସ୍ୱାର୍ଥ ମାମଲା ଦାୟର କରିଥିବା ଆଇନଜୀବୀ ଅଶୋକ ଷଡ଼ଙ୍ଗୀ କହିଛନ୍ତି। କିନ୍ତୁ ଏହି ଆଦେଶକୁ ଖାତିର ନ କରି କାହ୍ନୁଚରଣ ମହାବିଦ୍ୟାଳୟ କର୍ତ୍ତୃପକ୍ଷ ବିଭିନ୍ନ ନିର୍ମାଣ କାର୍ଯ୍ୟ କରୁଥିବା ଦେଖିବାକୁ ମିଳିଛି। ଏଥିପାଇଁ ପ୍ରଶାସନ ଅର୍ଥ ମଧ୍ୟ ଯୋଗାଇ ଦେଉଥିବା ମଧ୍ୟ ଅଭିଯୋଗ ହୋଇଛି। କାହ୍ନୁଚରଣ ମହାବିଦ୍ୟାଳୟ ୧୯୮୭ରେ ଏକ ଗୋଚର ଜମିରେ ପ୍ରତିଷ୍ଠା ହୋଇଥିଲା। ସରକାରଙ୍କ ନିୟମାନୁସାରେ, ଗୋଚର ଜମିରେ କୌଣସି ଉନ୍ନୟନମୂଳକ କାର୍ଯ୍ୟ ହୋଇପାରିବ ନାହିଁ। କିନ୍ତୁ ଏହି ମହାବିଦ୍ୟାଳୟ ଗୋଚର ଜମିରେ ନିର୍ମାଣ ପାଇଁ ସରକାର କିପରି ଅନୁମତି ଓ ଅନୁଦାନ ଯୋଗାଇ ଦେଲେ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଫଳରେ ଦୀର୍ଘ ୩୨ ବର୍ଷ ଧରି ଏହି ମହାବିଦ୍ୟାଳୟଟି ଗୋଚର ଜମିରେ ଠିଆ ହୋଇଛି। ଜଣେ ବ୍ୟକ୍ତି ଆରଟିଆଇ ବଳରେ ମହାବିଦ୍ୟାଳୟର ଜମି ସମ୍ବନ୍ଧରେ ତଥ୍ୟ ମାଗିଥିବାବେଳେ ମହାବିଦ୍ୟାଳୟ କର୍ତ୍ତୃପକ୍ଷ ତଥ୍ୟ ପ୍ରଦାନ କରିଥିଲେ। ଯେଉଁଥିରେ ଉଲ୍ଲେଖ ରହିଥିଲା ଯେ, ସେତେବେଳର ସୁକିନ୍ଦା ତହସିଲଦାର ୨୮।୧୧।୨୦୦୫ରେ ଚିଠି ନଂ. ୩୬୧୨ ମାଧ୍ୟମରେ ମହାବିଦ୍ୟାଳୟ ସମ୍ପାଦକଙ୍କୁ ଜଣାଇଥିଲେ ଯେ, କାହ୍ନୁଚରଣ ମହାବିଦ୍ୟାଳୟ ପାଇଁ ଲିଜ ସୂତ୍ରରେ ଜାଗା ଯୋଗାଇ ଦିଆଗଲା। ଏହା ଓପିଏଲଇ ମାମଲା ସଂଖ୍ୟା ୯୦/୯୮-୯୯ ମାଧ୍ୟମରେ ସମୁଦାୟ ଏ୧୦.୧୩ଡି କିସମ ଗୋଚର ଜମି ଯୋଗାଇ ଦିଆଗଲା। କିନ୍ତୁ ଏହି ମାମଲା ୯୦/୯୮-୯୯ ସମ୍ବନ୍ଧରେ ବ୍ୟାସନଗର ତହସିଲକୁ ସୂଚନା ଆଇନ ବଳରେ ତଥ୍ୟ ମଗାଯାଇଥିଲା। ଯାହାର ଉତ୍ତରରେ ବ୍ୟାସନଗର ତହସିଲ ଆରଟିଆଇ ନଂ.୪୩/୪।୩।୨୦୧୬ ମାଧ୍ୟମରେ ଜଣାଇଥିଲେ ଯେ, ଏହି ମାମଲା ସମ୍ପର୍କିତ କୌଣସି କାଗଜପତ୍ର ତହସିଲ କାର୍ଯ୍ୟାଳୟରେ ଉପଲବ୍ଧ ନାହିଁ। ଏହା ବର୍ତ୍ତମାନ ଖୋଜିଲେ ବି ମିଳୁନାହିଁ। ଅନ୍ୟପକ୍ଷରେ ଦେଖିବାକୁ ଗଲେ ମହାବିଦ୍ୟାଳୟ ନିର୍ମିତ ହୋଇଥିବା ଜମି ସରକାରଙ୍କ ରେକର୍ଡ ଅନୁସାରେ ଗୋଚର କିସମ ଅଟେ। କିନ୍ତୁ ଏହି ଜମି ଉପରେ ବ୍ଲକ ପ୍ରସାଶନଠାରୁ ଆରମ୍ଭ କରି ଜିଲା ପ୍ରସାଶନ ତଥା ସରକାର ବିଭିନ୍ନ ନିର୍ମାଣ କାର୍ଯ୍ୟ ପାଇଁ କିପରି ଅନୁଦାନ ଯୋଗାଇ ଦେଉଛନ୍ତି ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ସେହିପରି ଏହି ଗୋଚର ଜମି ଉପରେ ହାଇକୋର୍ଟଙ୍କ ପକ୍ଷରୁ ରହିତାଦେଶ ଜାରି ହୋଇଥିଲେ ବି ଜିଲା ପ୍ରସାଶନ ଏଥିପ୍ରତି ଅଣଦେଖା କରୁଥିବା ନେଇ ସନ୍ଦେହ ସୃଷ୍ଟି ହୋଇଛି। ଏ ବିଷୟରେ ବ୍ୟାସନଗର ତହସିଲଦାର ନିରଞ୍ଜନ ବେହେରାଙ୍କୁ ପଚାରିବାରୁ, ତାଙ୍କ ପାଖରେ ଏ ବିଷୟରେ କୌଣସି ସୂଚନା ନାହିଁ, ମାତ୍ର ସେ ଏହା ଉପରେ ତଦନ୍ତ କରିବେ ବୋଲି କହିଥିଲେ। ଏ ନେଇ କାହ୍ନୁଚରଣ ମହାବିଦ୍ୟାଳୟ ଅଧ୍ୟକ୍ଷ ମୋହନ ଖୁଣ୍ଟିଆଙ୍କୁ ପଚାରିବାରୁ, ହାଇକୋର୍ଟରେ ରହିତାଦେଶ ଜାରି ହୋଇଥିବା ବିଷୟରେ ସେ ଅବଗତ ନ ଥିଲେ। ତେବେ ଜମିର କିସମ ପରିବର୍ତ୍ତନ ପାଇଁ ତହସିଲଦାରଙ୍କ ନିକଟରେ ଆବେଦନ କରାଯାଇଛି ବୋଲି କହିଥିଲେ।

**କାହ୍ନୁଚରଣ ମହାବିଦ୍ୟାଳୟ**




■ନିର୍ମାଣ ହେଉଛି ମହାବିଦ୍ୟାଳୟର ଶ୍ରେଣୀଗୃହ
■ଜମି ଓ ଚାଷ ନଷ୍ଟ ହେଉଥିବା ଅଭିଯୋଗ କରିଥିଲେ ଚାଷୀ
■ଗୋଚର ଜମିରେ ଦୀର୍ଘ ୩୨ ବର୍ଷ ଧରି ଠିଆ ହୋଇଛି ଏହି କଲେଜ



ସହାନୁଭୂତି ପୂର୍ଣ୍ଣ ସାହାଯ୍ୟ କିମ୍ବା ଉପକାର ଯେତେ ଅଳ୍ପ ହେଲେ ମଧ କେବେହେଲେ ବ୍ୟର୍ଥ ହୁଏ ନାହିଁ।
-ଈଶ୍ୱରଚନ୍ଦ୍ର ବିଦ୍ୟାସାଗର

## ସଂକ୍ଷେପରେ

### କୋରେଇରେ ଡେଙ୍ଗୁ ରୋଗୀ ଚିହ୍ନଟ

**କୋରେଇ,୨୩।୮(ସ୍ୱ.ପ୍ର.):** ଚଳିତ ବର୍ଷ କୋରେଇରେ ପ୍ରଥମ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଛି। ହଳଦୀଗଡିଆ ପଞ୍ଚାୟତର ବ୍ରହ୍ମଣଦା ଗ୍ରାମର ମନୋରଞ୍ଜନ ଦାସଙ୍କ ସ୍ତ୍ରୀ ଅନ୍ନପୂର୍ଣ୍ଣାଙ୍କୁ ଜ୍ୱର ହୋଇଥିଲା। ୧୫ ଦିନ ଔଷଧ ଖାଇ ପରେ ମଧ ଜ୍ୱର ନ କମିବାରୁ କଟକସ୍ଥିତ ଏକ ଘରୋଇ ଚିକିତ୍ସାଳୟରେ ରକ୍ତ ନମୁନା ପରୀକ୍ଷା କରିବା ପରେ ତାଙ୍କୁ ଡେଙ୍ଗୁ ହୋଇଥିବା ଜାଣିବାକୁ ପାଇଥିଲେ। ବର୍ତ୍ତମାନ ସେ କଟକ ମେଡିକାଲରେ ଚିକିତ୍ସିତ ଅଛନ୍ତି। ଅନ୍ନପୂର୍ଣ୍ଣାଙ୍କୁ ଡେଙ୍ଗୁ ହୋଇଥିବା ଜଣାପଡିବା ପରେ ସ୍ଥାନୀୟ ଅଞ୍ଚଳରେ ଡେଙ୍ଗୁ ଆତଙ୍କ ସୃଷ୍ଟି ହୋଇଛି।

### ପଞ୍ଚାୟତର ବିଭିନ୍ନ ସମସ୍ୟା ସୁଧାରିବାକୁ ଦାବି କଲେ ସରପଞ୍ଚ

**ଛତିଆ,୨୩।୮(ଡିଏନ୍ଏ):** ସୋଲର ସରପଞ୍ଚ ନୀଳମଣି ରାଉତ୍ ଶୁକ୍ରବାର ସୋଲର ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟଠାରେ ଏକ ସାମ୍ବାଦିକ ସମ୍ମିଳନୀ କରି ପଞ୍ଚାୟତର ବିଭିନ୍ନ ସମସ୍ୟାକୁ ଉତ୍ଥାପନ କରିଥିଲେ। ଛତିଆ ନିଉ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପରିଣତ କରିବା ପାଇଁ ବଡଚଣା ବିଧାୟକଙ୍କ ନିକଟରେ ଦାବି ଜଣାଇଛନ୍ତି। ଏହାସହିତ ହାଇଲେବଲ କେନାଲରୁ ବୈରୀଠାରୁ ବାହାରିଥିବା ୬ନଂ ଶାଖା କେନାଲ ବନ୍ଧରେ ବିଦ୍ୟୁତ୍ ବିଭାଗ ତରଫରୁ ୧୧ କେ.ଭି. ଲାଇନ୍ ଖୁଣ୍ଟ ପକାଇ ଲାଇନ୍ ଟାଣିବା ବ୍ୟବସ୍ଥା କରାଯାଉଛି। ଯାହାଦ୍ୱାରା ଚାଷ ଜମିକୁ ଯାଉଥିବା ଟ୍ରାକ୍ଟର, ପାୱାର ଟେଲର ଉକ୍ତ କେନାଲ ରାସ୍ତାରେ ଯିବା ଆସିବାବେଳେ ବହୁ ସମସ୍ୟା ସୃଷ୍ଟି ହେଉଛି। ତୁରନ୍ତ କେନାଲ ରାସ୍ତା ମଝିରେ ପଡିଥିବା ବିଦ୍ୟୁତ ଖୁଣ୍ଟକୁ ହଟାଇ କେନାଲ ରାସ୍ତା ପାର୍ଶ୍ୱରେ ପକାଇବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ଜଣାଇଛନ୍ତି। ମୂଳିଝରଠାରେ ଥିବା ମିନି ଅଙ୍ଗନୱାଡିକୁ ପୂର୍ଣ୍ଣାଙ୍ଗ ଅଙ୍ଗନୱାଡି କରାଯିବା ପାଇଁ ଦାବି କରିବା ସହିତ ଖରାଦିନେ ହାଇଲେଭଲ କେନାଲରେ ଜଳ ଯୋଗାଇବା ବନ୍ଦ ରହିଛି। ଯାହାଦ୍ୱାରା ଉକ୍ତ ଅଞ୍ଚଳରେ ମୁଗ ବିରି ଓ ଖରାଦିନେ କରାଯାଉଥିବା ଟାଇଚୁନ୍ ଧାନ ଦୀର୍ଘ ଚାରି ପାଞ୍ଚ ବର୍ଷ ହେବ ହୋଇପାରୁ ନାହିଁ। ଯାହାଦ୍ୱାରା ଚାଷୀମାନେ ବହୁତ କ୍ଷତି ସହୁଛନ୍ତି। ଗତ ୫ବର୍ଷରେ ସୋଲର ପଞ୍ଚାୟତକୁ କୌଣସି ଏମ୍ପି ହାତପାଣ୍ଠି ଅନୁଦାନ ମିଳି ନ ଥିବାରୁ ନୂତନ ଭାବେ ନିର୍ବାଚିତ ଏମ୍ପି ଶର୍ମିଷ୍ଠା ସେଠୀଙ୍କୁ ତାଙ୍କ ହାତପାଣ୍ଠି ଅର୍ଥ ସୋଲର ପଞ୍ଚାୟତକୁ ଦେବାପାଇଁ ଅନୁରୋଧ କରିଛନ୍ତି। ସୋଲର ଉଚ୍ଚବିଦ୍ୟାଳୟର ସ୍ଥାୟୀ ପ୍ରଧାନ ଶିକ୍ଷକ ଓ ପିଅନ ନିଯୁକ୍ତ କରିବା ପାଇଁ ଦାବି ଜଣାଇଛନ୍ତି। ତତ୍‌ସହିତ ପଞ୍ଚାୟତର ନିଜସ୍ୱ ଆୟ ଦୁଇଗୁଣରୁ ଅଧିକ କରିଥିବାରୁ ପଞ୍ଚାୟତକୁ ରାଜ୍ୟ ସରକାରଙ୍କ ତରଫରୁ ୭ଲକ୍ଷ ୮୪ହଜାର ଟଙ୍କାର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ପାଇଁ ପ୍ରୋତ୍ସାହନ ରାଶି ଯୋଗାଇ ଦିଆଯାଉଛି। ତୁରନ୍ତ ଉକ୍ତ ସମସ୍ୟାର ସମାଧାନ ପାଇଁ ସୋଲର ସରପଞ୍ଚ ନୀଳମଣି ରାଉତ୍ ଜିଲା ପ୍ରଶାସନ ନିକଟରେ ଦାବି ଜଣାଇଛନ୍ତି। ସମ୍ମିଳନୀରେ ସମିତି ସଭ୍ୟ କ୍ଷେତ୍ରବାସୀ ବାରିକ୍, ନାଏବ ସରପଞ୍ଚ ବସନ୍ତ ବେହେରା, ଶ୍ରୀନିବାସ ପ୍ରହରାଜ ପ୍ରମୁଖ ଉପସ୍ଥିତ ଥିଲେ।

### ସରସ୍ୱତୀ ଶିଶୁ ମନ୍ଦିରରେ ଜନ୍ମାଷ୍ଟମୀ ପାଳିତ

**କୋରେଇ,୨୩।୮(ସ୍ୱ.ପ୍ର.):** କୋରେଇ ବ୍ଲକର ବିଭିନ୍ନ ଶିଶୁ ମନ୍ଦିରରେ ଶୁକ୍ରବାର ଜନ୍ମାଷ୍ଟମୀ ପାଳିତ ହୋଇଥିବାବେଳେ ମୂଳାପାଳ ଲିଙ୍ଗେଶ୍ୱର ବିହାରସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରରେ ଜନ୍ମାଷ୍ଟମୀ ପାଳିତ ହୋଇଯାଇଛି। ବିଦ୍ୟାଳୟରେ ୪ଟି ବିଭାଗ କରାଯାଇ ରାଧା/କୃଷ୍ଣବେଶ ପ୍ରତିଯୋଗିତା କରାଯାଇଥିଲା। ମୋଟ ୭୬ ଜଣ ଭାଇ ଭଉଣୀ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାକୁ ବରିଷ୍ଠ ଗୁରୁମା ଜ୍ୟୋତିର୍ମୟୀ ଦ୍ୱିବେଦୀ ପରିଚାଳନା କରିଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯିବା ସହ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। ଆଚାର୍ଯ୍ୟ ଅକ୍ଷୟ କୁମାର ପଣ୍ଡା କୃଷ୍ଣ ଜନ୍ମର ମାହାତ୍ମ୍ୟ ସମ୍ପର୍କରେ କହିଥିଲେ। ପ୍ରଧାନ ଆଚାର୍ଯ୍ୟ ଗୋବିନ୍ଦ ଚନ୍ଦ୍ର ପ୍ରଧାନ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପାଣିକୋଇଲି, ଶଙ୍ଖଚିଲା, ଅମୃତିଆ ଆଦି ଶିଶୁ ମନ୍ଦିର ସହ ସମସ୍ତ ଶିଶୁମନ୍ଦିରରେ ଜନ୍ମାଷ୍ଟମୀ ପାଳିତ ହୋଇଛି।

# ସରକାରୀ ଆବାସ ନିର୍ମାଣ ନିରୁତ୍ସାହଜନକ

**ରସୁଲପୁର,୨୩।୮(ଡିଏନ୍ଏ)**

ଗାଁ ଗଣ୍ଡାରେ କଚ୍ଚାଘର ରହିବ ନାହିଁ। ସବୁ ଗରିବ ପରିବାରକୁ ପକ୍କାଘର ମିଳିବ ବୋଲି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ପ୍ରତିଶ୍ରୁତି ଦେଇଥିବାବେଳେ ଏ ନେଇ କୋଟିକୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ବ୍ଲକକୁ ପ୍ରତ୍ୟେକ ବର୍ଷ ନିର୍ଦ୍ଦିଷ୍ଟ ସଂଖ୍ୟକ ପ୍ରଧାନମନ୍ତ୍ରୀ ଆବାସ ଓ ବିଜୁ ପକ୍କାଘର ନାଁରେ ସରକାରୀ ଆବାସ ପାଇଁ ଅନୁଦାନ ଆସୁଛି। ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ଘର ନିର୍ମାଣ କାର୍ଯ୍ୟ ସାରିଲେ ହିତାଧିକାରୀଙ୍କୁ ପ୍ରୋତ୍ସାହନ ରାଶି ବି ଯୋଗାଇ ଦିଆଯାଉଛି। ସରକାରଙ୍କ ତରଫରୁ ଏତେସବୁ ଲୋଭନୀୟ ଉପହାର ସତ୍ତ୍ୱେ ଧାର୍ଯ୍ୟ ଲକ୍ଷ୍ୟ ହାସଲ ହୋଇପାରୁ ନାହିଁ। ଏହିକ୍ରମରେ ଯାଜପୁର ଜିଲା ରସୁଲପୁର ବ୍ଲକରେ ସରକାରୀ ଆବାସ ନିର୍ମାଣ ସଫଳତା ନିରୁତ୍ସାହଜନକ ରହିଛି। ବ୍ଲକ ଅଧୀନ ୨୮ ପଞ୍ଚାୟତରେ ଗତ ୩ବର୍ଷରେ ଗୃହ ନିର୍ମାଣ ହାର ବିଚାରକୁ ନେଲେ ଏହା ସ୍ପଷ୍ଟ ଦେଖାଯାଉଛି। ୨୦୧୬ରୁ ୨୦୧୯ ଆର୍ଥିକ ବର୍ଷରେ କାର୍ଯ୍ୟାଦେଶ ପାଇଥିବା ହିତାଧିକାରୀଙ୍କ ମଧ୍ୟରୁ ମାତ୍ର ୬୫ ଭାଗ ହିତାଧିକାରୀ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଗୃହ ନିର୍ମାଣ କାର୍ଯ୍ୟ ଶେଷ କରି ପ୍ରୋତ୍ସାହନ ରାଶି ହାତେଇବାରେ ବିଫଳ ହୋଇଛନ୍ତି। ଏହାଛଡା ଆବାସ ନିର୍ମାଣରେ ସାମଗ୍ରିକ ଭାବେ ବ୍ଲକକୁ ଶତପ୍ରତିଶତ ସଫଳତା ମିଳିପାରି ନାହିଁ। ଏହି ୩ବର୍ଷରେ ବ୍ଲକର ସଫଳତା ହାର ୭୫ ପ୍ରତିଶତ ରହିଥିବା ଜଣାପଡିଛି।

୨୦୧୬-୧୭ ଆର୍ଥିକ ବର୍ଷରେ ବ୍ଲକକୁ ଆସିଥିବା ୧୪୦୮ଜଣ ହିତାଧିକାରୀଙ୍କୁ ସରକାରୀ ଆବାସ ଯୋଗାଇ ଦିଆଯାଇଥିଲା। ସେଥିରୁ କେନ୍ଦ୍ର ସରକାରଙ୍କ ଅନୁଦାନରେ ୧୧୭୩ଟି ପ୍ରଧାନମନ୍ତ୍ରୀ ଆବାସ ଓ ରାଜ୍ୟ ସରକାରଙ୍କ ପକ୍ଷରୁ ୨୫୩ଟି ବିଜୁ ପକ୍କାଘର ପ୍ରଦାନ କରାଯାଇଥିଲା। ୨୦୧୭-୧୮ ଆର୍ଥିକ ବର୍ଷରେ ମୋଟ ୧୦୩୯ଟି ସରକାରୀ ଆବାସ ମଧ୍ୟରୁ ୯୮୪ଟି ପ୍ରଧାନମନ୍ତ୍ରୀ ଆବାସ, ୫୫ଟି ବିଜୁ ପକ୍କାଘର, ୨୦୧୮-୧୯ରେ ୯୫୩ଟି ମଧ୍ୟରୁ ୮୩୯ଟି ପ୍ରଧାନମନ୍ତ୍ରୀ ଓ ୧୧୪ଟି ବିଜୁ ପକ୍କାଘର ପାଇଁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି। ଏହିଭଳି ଭାବେ ୩ ବର୍ଷରେ ସାମଗ୍ରିକ ଭାବରେ ୨୯୯୬ଟି ପ୍ରଧାନମନ୍ତ୍ରୀ ଆବାସ ଓ ୪୦୪ଟି ବିଜୁପକ୍କାଘର ପ୍ରଦାନ କରାଯାଇଛି। ଉଭୟ ଯୋଜନା ବାବଦରେ ଜଣେ ହିତାଧିକାରୀକୁ ଘର ତିଆରି ବାବଦକୁ ଅନ୍ୟୁନ ୧ଲକ୍ଷ ୬୦ହଜାର ଟଙ୍କା ଆର୍ଥିକ ସହାୟତା ମିଳୁଛି। ଏହାବାଦ୍ ଯେଉଁ ହିତାଧିକାରୀ ନିର୍ଦ୍ଧାରିତ ସମୟସୀମା ୪ମାସ, ୬ମାସ ମଧ୍ୟରେ ଗୃହ ନିର୍ମାଣ କାର୍ଯ୍ୟ ସାରିବା ସହ ଉକ୍ତ ଘରେ ବସବାସ କରୁଛନ୍ତି ବୋଲି ଜଣାଯିବ



ସେହି ପରିବାରକୁ ଯଥାକ୍ରମେ ୨୦ ଓ ୧୦ ହଜାର ଲେଖାଏଁ ଆର୍ଥିକ ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବାର ବିଧି ରହିଛି। ଏ ସବୁ ପରେ ଯଦି କୌଣସି ବ୍ୟକ୍ତି ଖତଗାଡିଆ ନିର୍ମାଣ (ଇଚ୍ଛାଧିନ) କରିପାରିବ ତାକୁ ୧୪ହଜାର ଟଙ୍କା ଅନୁଦାନ ରାଶି ମିଳି ପାରିବା ଭଳି ଲୋଭନୀୟ ଯୋଜନା ମଧ ରଖାଯାଇଛି। ଏହି ୩ବର୍ଷରେ ମୋଟ ୩୪୦୦ ହିତାଧିକାରୀଙ୍କ ମଧ୍ୟରୁ ୪ମାସରେ ଘର ନିର୍ମାଣ କାର୍ଯ୍ୟ ଶେଷ କରି ୬୯୦ ଓ ୬ମାସରେ ଘର ଶେଷକରି ୫୩୯ ଜଣ ହିତାଧିକାରୀ ଘର ନିର୍ମାଣ ସାରି ପ୍ରୋତ୍ସାହନ ରାଶି ହାତେଇଛନ୍ତି। ଯାହାକି ମୋଟ ସଂଖ୍ୟା ହାରଠାରୁ ନଗଣ୍ୟ ବୋଲି ଜଣାପଡିଛି। ଏହାଛଡା ସମଗ୍ର ଆର୍ଥିକ ବର୍ଷରେ ହାରାହାରି ୮୦ ପ୍ରତିଶତ ସଫଳତା ମିଳୁଥିବାବେଳେ ପ୍ରତିବର୍ଷ ଧାର୍ଯ୍ୟ କୋଟାରୁ ହାରାହାରି ୨୦ ପ୍ରତିଶତ ଘର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ନ ହୋଇ ରହିଯାଉଛି। ହେଲେ ଗ୍ରାମୀଣ ଆବାସକୁ ନେଇ ଶତପ୍ରତିଶତ ସଫଳତା ପାଇଁ ଜିଲାପାଳ ତାଗିଦ୍ କରିଆସୁଥିବାବେଳେ ବ୍ଲକ କ୍ଷେତ୍ରରେ ତାହା ସମ୍ଭବପର ହୋଇପାରୁ ନାହିଁ। ଚଳିତ ଆର୍ଥିକ ୨୦୧୯-୨୦ବର୍ଷର ସୂଚକାଙ୍କ ଦେଖିଲେ ଏହି ବ୍ଲକକୁ ଆସିଥିବା ୧୧୬୧ଟି ପ୍ରଧାନମନ୍ତ୍ରୀ ଆବାସରୁ ୪ମାସ ପରେ ୪୭୫ଟି ଆବାସ ପାଇଁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି। ଅନୁସୂଚିତ ଜାତି ଓ ଜନଜାତି ବର୍ଗ ପାଇଁ ଉଦ୍ଦିଷ୍ଟ ୪୦୩ଟି ଆବାସ ଫେରି ଯାଇଛି। ଏହି ବର୍ଗର ଯୋଗ୍ୟ ହିତାଧିକାରୀ ଚିହ୍ନଟ କରାଯାଇ ନ ପାରିବାରୁ ବ୍ଲକ ପ୍ରଶାସନ କୋଟାକୁ ଫେରାଇବାକୁ ବାଧ୍ୟ ହୋଇଛି। ଏହାଛଡା ସାଧାରଣ ବର୍ଗରୁ ଏବେ ବି ୨୮୩ଟି ଗୃହ ପାଇଁ ହିତାଧିକାରୀ ଚୟନ ହୋଇପାରି ନାହିଁ। ଏ ଦିଗରେ ପ୍ରକ୍ରିୟା ଜାରି ରହିଛି ଓ ଖୁବ୍‌ଶୀଘ୍ର ଏହି କାର୍ଯ୍ୟ ଶେଷ କରାଯିବ ବୋଲି ବ୍ଲକ ପକ୍ଷରୁ ସୂଚନା ମିଳିଛି। ଶତପ୍ରତିଶତ ଗୃହ ନିର୍ମାଣ ପାଇଁ ଜିଲା କାର୍ଯ୍ୟାଳୟ ପକ୍ଷରୁ ବାରମ୍ବାର ତାଗିଦ୍ କରାଯାଉଛି। ହେଲେ ସଫଳତା ହାର ଆଶାଜନକ ହୋଇପାରୁ ନାହିଁ। ଏ ସମ୍ପର୍କରେ ରସୁଲପୁର ବିଡିଓ ଉମାକାନ୍ତ ପରିଡାଙ୍କୁ ପଚାରିବାରେ, ଶତପ୍ରତିଶତ ଗୃହ ନିର୍ମାଣ ନ କରିବା ପଛର କାରଣଗୁଡିକ ହେଲା ହିତାଧିକାରୀଙ୍କ ଦୁର୍ବଳ ଆର୍ଥିକ ସ୍ଥିତି, ଆକଳନଠାରୁ ବଡ ଗୃହ ନିର୍ମାଣ, ଜମିଜମା ସମ୍ପର୍କିତ ଦ୍ୱନ୍ଦ୍ୱ, ଗୃହକର୍ତ୍ତାଙ୍କ ନିର୍ମାଣ ଦିଗରେ ଆନ୍ତରିକତାର ଅଭାବ ଆଦି କାରଣ ଶତପ୍ରତିଶତ ସଫଳତା ପାଇବାରେ ବାଧକ ସାଜିଛି ବୋଲି ପ୍ରକାଶ କରିଛନ୍ତି।

**ରସୁଲପୁର ବ୍ଲକ**
- ୬୫ ଭାଗ ହିତାଧିକାରୀ ପ୍ରୋତ୍ସାହନ ରାଶି ପାଇବାରେ ବିଫଳ
- ୩ବର୍ଷରେ ବ୍ଲକର ସଫଳତା ହାର ୭୫ ପ୍ରତିଶତ

### ଚତୁର୍ଦ୍ଦଶ ଅର୍ଥ କମିଶନ ଅର୍ଥରୁ ଟଙ୍କା ଉଠାଣକୁ ନେଇ ବିବାଦ

**କୋରେଇ,୨୩।୮(ସ୍ୱ.ପ୍ର.):** କୋରେଇ ବ୍ଲକ ଅନ୍ତର୍ଗତ ସାଦକପୁର ପଞ୍ଚାୟତର ଚତୁର୍ଦ୍ଦଶ ଅର୍ଥ କମିଶନ ଅର୍ଥରୁ ଟଙ୍କା ଉଠାଣକୁ ନେଇ ସରପଞ୍ଚ ଓ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ମଧ୍ୟରେ ବିବାଦ ଦେଖାଦେଇଛି। ଏମିତିକି ସରପଞ୍ଚଙ୍କ ବିରୋଧରେ କାର୍ଯ୍ୟନିର୍ବାହୀ ସତ୍ୟଭାମା ସାହୁ ବିଡିଓଙ୍କ ନିକଟରେ ଅଭିଯୋଗ କରିଥିବାବେଳେ ତାଙ୍କ ବିରୋଧରେ ସରପଞ୍ଚ ରଶ୍ମିରେଖା ଗାହାଣ କୋରାଇ ଥାନାରେ ପାଲଟା ଅଭିଯୋଗ କରିଛନ୍ତି। ପଞ୍ଚାୟତର ଚତୁର୍ଦ୍ଦଶ ଅର୍ଥ କମିଶନ ଅର୍ଥରୁ ଟଙ୍କା ଉଠାଣକୁ ନେଇ ଉଭୟେ ଉଭୟଙ୍କ ଦସ୍ତଖତ ଜାଲ ବୋଲି କହିଛନ୍ତି। ପଞ୍ଚାୟତର ଲାଇଟ କିଣା ଦୁର୍ନୀତିରେ ପିଇଓ ସତ୍ୟଭାମା ସାହୁଙ୍କୁ ଜିଲାପାଳ ନିଲମ୍ବିତ କରିଥିବାବେଳେ ସେ ଟଙ୍କା କିପରି ଉଠାଇଲେ ବୋଲି ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅପରପକ୍ଷେ ସରପଞ୍ଚ ପଞ୍ଚାୟତକୁ ଆସିଥିବା ନୂତନ ପିଇଓଙ୍କୁ ପୁରୁଣା ପିଇଓ ସାହୁ ଜାଲ ଦସ୍ତଖତରେ ଅର୍ଥ ଉଠାଣ ସହ ଦାୟିତ୍ୱ ହସ୍ତାନ୍ତର ନ କରିବାରୁ ପଞ୍ଚାୟତ ଉନ୍ନୟନ କାର୍ଯ୍ୟ ବାଧାପ୍ରାପ୍ତ ହେଉଥିବା ଅଭିଯୋଗରେ ଦର୍ଶାଇଛନ୍ତି। ଚତୁର୍ଦ୍ଦଶ ଅର୍ଥ କମିଶନ ଅର୍ଥରୁ ୧.୫୦ଲକ୍ଷ ଟଙ୍କା ଦୁଇଜଣଙ୍କ ଆକାଉଣ୍ଟକୁ ଟ୍ରାନ୍ସଫର ହୋଇଥିବା ଜଣାପଡିଛି। ତେବେ ଟଙ୍କା କିପରି ବ୍ୟାଙ୍କର ପଞ୍ଚାୟତ ଆକାଉଣ୍ଟରୁ ସେମାନଙ୍କ ଆକାଉଣ୍ଟକୁ ଗଲା ତାହା ଚର୍ଚ୍ଚାର ବିଷୟ ପାଲଟିଛି।

# ବର୍ଷାରେ ଭୁଶୁଡ଼ିଲା ଘର, ବାସହୀନ ମା’ ପୁଅ

**ବିଞ୍ଝାରପୁର,୨୩।୮(ଡି.ଏନ.ଏ)**

ପ୍ରବଳ ବର୍ଷା ଯୋଗୁ ବିଞ୍ଝାରପୁର ବ୍ଲକ ମାଁସଡା ପଞ୍ଚାୟତ ଦଧିବାମନପୁର ଗ୍ରାମର ଗରିବ ବିଧବା ମହିଳା ପାର୍ବତୀ ସାହୁଙ୍କ ବାସଗୃହ ସମ୍ପୂର୍ଣ୍ଣ ଭୁଶୁଡି ପଡିଛି। ଖବର ମୁତାବକ ଶୁକ୍ରବାର ପ୍ରବଳ ବର୍ଷା ହେଉଥିବାବେଳେ ଏହି ସମୟରେ ପାର୍ବତୀ ଘରେ ରୋଷେଇ କରୁଥିଲେ। ହଠାତ ତାଙ୍କ ଛପର ଘର କାନ୍ଥ ଭୁଶୁଡ଼ି ପଡିଥିଲା। ପାର୍ବତୀ ଜୀବନ ବିକଳରେ ବାହାରକୁ ପଳାଇ ଆସିଥିଲେ। ଏହି ସମୟରେ ଘରଟି ସମ୍ପୂର୍ଣ୍ଣ ଭାବେ ଭୁଶୁଡ଼ି ପଡିଥିଲା। ପାର୍ବତୀଙ୍କ ସ୍ୱାମୀ ହରେକୃଷ୍ଣଙ୍କ ଦେହାନ୍ତ ଦୀର୍ଘ ୨୦ବର୍ଷ ପୂର୍ବରୁ ହୋଇଥିବାବେଳେ ପାର୍ବତୀ ଓ ତାଙ୍କ ୨୨ବର୍ଷିୟ ପୁଅ ପ୍ରଭାତ ଏହି ଘରେ ରହିଆସୁଥିଲେ। ପ୍ରଭାତ ପର ଦୋକାନରେ ମୂଲ ଲାଗି ପରିବାର ପ୍ରତିପୋଷଣ କରୁଥିଲାବେଳେ ଏବେ ଘର ଭାଙ୍ଗିଯିବାରୁ ଏହି ଗରିବ ବିଧବା ପରିବାର ସ୍ୱର୍ବସ୍ୱାନ୍ତ ହୋଇପଡିଛି। ଏପରିକ ପାର୍ବତୀ ଓ ତାଙ୍କ ପୁଅ ପ୍ରଭାତ ପଡୋଶୀଙ୍କ ଘରେ ମୁଣ୍ଡ ଗୁଞ୍ଜିଛନ୍ତି। ଏହି ପରିବାରକୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି।




ଭଙ୍ଗା ଘର ଆଗରେ ମା’ପୁଅ।

### ମୃତ ଷଣ୍ଢର ସତ୍କାର, ଚାରାରୋପଣ

**କୋରେଇ,୨୩।୮(ସ୍ୱ.ପ୍ର.)**

୧୬ ନମ୍ବର ଜାତୀୟ ରାଜପଥର ଶର୍ମା ପେଟ୍ରୋଲ ପମ୍ପ ନିକଟରେ ଟ୍ରକ୍ ଧକ୍କାରେ ଗୁରୁତର ହୋଇଥିବା ଷଣ୍ଢର ଗୁରୁବାର ମୃତ୍ୟୁ ଘଟିଛି। ଖବର ପାଇ ଆମେ ବିପଦରେ ସାଥୀ ଓ ବରିଷ୍ଠ ନାଗରିକ ମଞ୍ଚର ସଦସ୍ୟ ଶୁକ୍ରବାର ଉକ୍ତ ଷଣ୍ଢର ସତ୍କାର କରିବା ସହ ଚାରାରୋପଣ କରିଥିଲେ। ନୃସିଂହ ଚରଣ ଦଳାଇ, ସୁରେନ୍ଦ୍ର ରାୟ, ଗୋକୁଳାନନ୍ଦ ମହାରଣା, ରାମଚନ୍ଦ୍ର ମଲ୍ଲିକ, ସୁରେନ୍ଦ୍ରନାଥ ସେଠୀ ଓ ଅଶୋକ କୁମାର ବେହେରା, ସୌଭାଗ୍ୟ ସାହୁ, ସତ୍ୟବ୍ରତ ପଣ୍ଡା, ଗୋଲକ ବିହାରୀ ପରିଡ଼ା, ରାକେଶ ରଞ୍ଜନ ପଣ୍ଡା ଏବଂ ପୋଲିସ କର୍ମଚାରୀ ମନମୋହନ ବାରିକ, ସୀତାରାମ ବେହେରା, ପ୍ରାଣୀଧନ ନିରୀକ୍ଷକ ମନୋଜ କୁମାର ସାହୁ, ବିଜୟ କୁମାର ବେହେରା, ଚିନ୍ତାମଣି ସାହୁ ପ୍ରମୁଖ ଯୋଗଦେଇଥିଲେ।

# ଟାଟା ଷ୍ଟିଲର ଭ୍ରାମ୍ୟମାଣ ମେଡିକାଲ ୟୁନିଟ କ୍ରିୟାଶୀଳ




ଟାଟା ଷ୍ଟିଲ ଭ୍ରାମ୍ୟମାଣ ମେଡିକାଲରେ ବିଭିନ୍ନ ରୋଗୀଙ୍କୁ ଚିକିତ୍ସା କରାଯାଉଛି।

**ଢୁବୁରୀ,୨୩।୮(ଡି.ଏନ୍.ଏ.)**

ସୁକିନ୍ଦା ଓ ଦାନଗଦୀ ବ୍ଲକ ଆଦିବାସୀ ତଥା ଦୁର୍ଗମ ଅଞ୍ଚଳର ଲୋକଙ୍କୁ ଉପଯୁକ୍ତ ସ୍ୱାସ୍ଥ୍ୟସେବା ପ୍ରଦାନ ଲକ୍ଷ୍ୟରେ ଟାଟାଷ୍ଟିଲ୍ କଳିଙ୍ଗନଗର ପକ୍ଷରୁ ୨୦୧୩ରୁ ଆରମ୍ଭ କରାଯାଇଥିବା ଭ୍ରାମ୍ୟମାଣ ମେଡିକାଲ ୟୁନିଟକୁ ଅଧିକ କ୍ରିୟାଶୀଳ କରାଯାଇଛି। ଫଳରେ ୭ଟି ମେଡିକାଲ ଟିମ୍ ୭ଟି ଭ୍ରାମ୍ୟମାଣ ଗାଡିରେ ସେବା ପ୍ରଦାନ କରାଯାଉଛି। ପ୍ରତି ମେଡିକାଲ ଗାଡି ଦିନକୁ ୨ଟି ଗ୍ରାମରେ ସେବା ଯୋଗାଇଦେବାର ବ୍ୟବସ୍ଥା କରାଯାଇଛି। ଏହି କ୍ରମରେ ଶୁକ୍ରବାର ସୁକିନ୍ଦା ବ୍ଲକର ସଂସାଇଲୋ ଓ ଗୋବରଘାଟି ପଞ୍ଚାୟତରେ ଭ୍ରାମ୍ୟମାଣ୍ୟ ରୋଗୀସେବା କରାଯାଇଛି। ଏଥିରେ ମାଗଣାରେ ରକ୍ତନମୁନା ଓ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ମାଗଣାରେ ରୋଗୀଙ୍କୁ ଚିକିତ୍ସାର ବ୍ୟବସ୍ଥା ଯୋଗାଇ ଦିଆଯାଇଛି। ଇତି ମଧ୍ୟରେ ପ୍ରାୟ ୩୦ ହଜାର ବିଭିନ୍ନ ପ୍ରକାର ରୋଗୀଙ୍କୁ ଉପଯୁକ୍ତ ଚିକିତ୍ସା ସେବା ଯୋଗାଇ ଦିଆଯାଇପାରିଥିବା କମ୍ପାନୀ ପକ୍ଷରୁ କୁହାଯାଇଛି। ନିୟମିତ ବ୍ୟବଧାନରେ, ଡେଙ୍ଗୁ ଜ୍ୱର ଓ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ସଚେତନତା ଶିବିର ମଧ୍ୟ କରାଯାଉଥିବାରୁ ଅଧିକରୁ ଅଧିକ ରୋଗୀ ଏଥିରୁ ସଫଳତା ପାଉଥିବା ଢୁବୁରୀ ସରପଞ୍ଚ ଦଶରଥ ବେହେରା ଓ ଧୂଳିଗଡ ସରପଞ୍ଚ ଚିତ୍ତରଞ୍ଜନ ବେହେରା କହିଛନ୍ତି। ଏହି ସେବା ଦ୍ୱାରା ଶ୍ୱସନଳୀରେ ସଂକ୍ରମଣ, ଥଣ୍ଡା ଓ ବିଭିନ୍ନ ପ୍ରକାର ଜ୍ୱରର ଆଶୁ ଚିକିତ୍ସା କରାଯାଉଛି। ଆବଶ୍ୟକସ୍ଥଳେ ରେଫରାଲ ମାମଲାରେ ରୋଗୀଙ୍କ ପାଇଁ ପରିବହନର ସମସ୍ତ ବ୍ୟବସ୍ଥା କରାଯାଉଥିବା ଟିଏସ୍‌ଆରଡିଏସ୍‌ର ଡାକ୍ତର ସୁବାସ ଚନ୍ଦ୍ର ଗରାଇ କହିଛନ୍ତି।

# ବିଦ୍ୟୁତ୍ ବିଭାଗର ମନମୁଖି କାର୍ଯ୍ୟକୁ ବିରୋଧ: କୋର୍ଟରେ ଆବେଦନ

**ଧର୍ମଶାଳା,୨୩।୮(ଡି.ଏନ୍.ଏ.)**

ଧର୍ମଶାଳା ବ୍ଲକ ନରସିଂହପୁରଠାରେ ନିର୍ମାଣାଧୀନ ବିଦ୍ୟୁତ୍ ଷ୍ଟ୍ରକଚର ନିମନ୍ତେ ଜାତୀୟ ରାଜପଥର ରଥିଆଠାରୁ ୧୪ ନମ୍ବର ଶାଖା କେନାଲ ଦେଇ ବିଦ୍ୟୁତ୍ ଖୁଣ୍ଟ ପୋତାଯାଉଛି। କେନାଲ ବନ୍ଧ ପାର୍ଶ୍ୱରେ ଖୁଣ୍ଟ ପୋତା ଯାଇଥିବାରୁ ବିଦ୍ୟୁତ୍ ତାର ମାଟିଠାରୁ ଅଳ୍ପ ଉଚ୍ଚତାରେ ରହୁଛି। ଏଥିରେ ବିଦ୍ୟୁତ୍ ସଂଯୋଗ ହେଲେ ନିକଟସ୍ଥ ଚାଷୀ ଏବଂ ଲୋକଙ୍କ ପାଇଁ ସମସ୍ୟା ସୃଷ୍ଟି କରବା ଆଶଙ୍କାରେ ବଡ଼ମଙ୍ଗଳପୁର ଗ୍ରାମର ସାମାଜିକ କର୍ମୀ ମିହିର କୁମାର ଖୁଣ୍ଟିଆ ୨୦୧୬ରେ ହାଇକୋର୍ଟରେ ମାମଲା ରୁଜୁ କରିଥିଲେ। ଉକ୍ତ ମାମଲାକୁ ତୁରନ୍ତ ଫଇସଲା କରିବା ପାଇଁ ହାଇକୋର୍ଟ ଯାଜପୁର ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ଜିଲାପାଳ ସମସ୍ୟାର ସମାଧାନ ପାଇଁ ବିଦ୍ୟୁତ୍ ବିଭାଗର ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ବିଦ୍ୟୁତ୍ ବିଭାଗ ଜିଲାପାଳଙ୍କ ନିର୍ଦ୍ଦେଶକୁ ଭ୍ରୁକ୍ଷେପ ନ କରି ନିଜ ଇଚ୍ଛାରେ ପୂର୍ବପରି କାମ କରୁଛନ୍ତି। ଖୁଣ୍ଟଗୁଡିକୁ ଉପଯୁକ୍ତ ସ୍ଥାନକୁ ନ ଉଠାଇ ସେହି ପୁରୁଣା ଖୁଣ୍ଟରେ ବିଦ୍ୟୁତ୍ ସଂଯୋଗ କରୁଛନ୍ତି। କେନାଲ ପାର୍ଶ୍ୱବର୍ତ୍ତୀ ଗ୍ରାମ ଲୋକଙ୍କ ଚାଷ ଜମି ଥିବାରୁ ସେମାନେ ଏଠାରେ ଯାତାୟାତ କରିଥାନ୍ତି। ତେଣୁ ବିଦ୍ୟୁତ୍ ବିଭାଗର ମନଇଚ୍ଛା କାମକୁ ବିରୋଧ କରି ସାମାଜିକ କର୍ମୀ ଖୁଣ୍ଟିଆ ପୁନର୍ବାର ହାଇକୋର୍ଟରେ ଏକ ମାମଲା (ଡବ୍ଲ୍ୟୁପିସି-୧୪୪୫୭/୨୦୧୯) ରୁଜୁ କରିଛନ୍ତି। ଏଥିପ୍ରତି ବିଭାଗ ଦୃଷ୍ଟି ନ ଦେଲେ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବେ ବୋଲି କହିଛନ୍ତି। ଏ ନେଇ ଧର୍ମଶାଳା ବିଦ୍ୟୁତ୍ ବିଭାଗର ସହକାରୀ ଯନ୍ତ୍ରୀ ସୁମନ୍ତ କୁମାର ଦାସଙ୍କୁ ପଚାରିବାରୁ, ସର୍ବସାଧାରଣଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି କାର୍ଯ୍ୟ କରାଯାଇଛି। କୋର୍ଟଙ୍କ ନିର୍ଦ୍ଦେଶ ହସ୍ତଗତ ହୋଇ ନାହିଁ। ନିର୍ଦ୍ଦେଶ ପାଇଲେ ପଦକ୍ଷେପ ଗ୍ରହଣ କରିବେ ବୋଲି କହିଛନ୍ତି।

### ଇସ୍କନ ପକ୍ଷରୁ ଶ୍ରୀକୃଷ୍ଣଙ୍କ ଜନ୍ମୋତ୍ସବ

# ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରତିଯୋଗିତା

**ଯାଜପୁର ଟାଉନ,୨୩।୮(ଡିଏନଏ)**

ଅନ୍ତଃରାଷ୍ଟ୍ରୀୟ କୃଷ୍ଣ ଚେତନା ସଂଘ ଇସ୍କନ୍ ପକ୍ଷରୁ ଲାଖବିନ୍ଧା ପଡ଼ିଆ ମନ୍ଦିରରେ ଭଗବାନ ଶ୍ରୀକୃଷ୍ଣଙ୍କର ପବିତ୍ର ଜନ୍ମୋତ୍ସବ ପାରମ୍ପରିକ ରୀତିନୀତି ଅନୁସାରେ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ରାଧାକୃଷ୍ଣ ବେଶରେ ସଂଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ୧୨ଟି ସ୍କୁଲର ୧୫୦ ଶହରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ଶନିବାର ଏକ ସାଂସ୍କୃତିକ ସମାରୋହରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯିବ। ଶୁକ୍ରବାର ପ୍ରତ୍ୟୁଷରେ ମଙ୍ଗଳ ଆଳତୀ, ପରେ ଦର୍ଶନ ଆଳତୀ ଓ ନାମ ସଂକୀର୍ତ୍ତନ ଆରମ୍ଭ ହୋଇଥିଲା। ଏହା ସହିତ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରତିଯୋଗିତା ଅପରାହ୍ନ ୬ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଛି। ପରେ ଭଗବାନ ଶ୍ରୀକୃଷ୍ଣଙ୍କ ଗୁଣ କୀର୍ତ୍ତନ ପ୍ରବଚନ ମାଧ୍ୟମରେ ହରିଭୂଷଣ ଦାସ ମହାରାଜ ପ୍ରଦାନ କରିଥିଲେ। ସନ୍ଧ୍ୟା ଆଳତୀ ପରେ ମହାଭିଷେକ ଓ ମହାପ୍ରସାଦ ସେବନ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମହାରାଜ ହରିଭୂଷଣ ଦାସଙ୍କ ସମେତ ସଞ୍ଜୟ କୁମାର ଦାସ, ରବିନାରାୟଣ ଦାସ ଓ ଶ୍ରୀଧର ଦାସ ପରିଚାଳନା କରିଥିଲେ।



ଅନ୍ତଃରାଷ୍ଟ୍ରୀୟ କୃଷ୍ଣ ଚେତନା ସଂଘ ଇସ୍କନ୍ ପକ୍ଷରୁ ଜନ୍ମାଷ୍ଟମୀ ପାଳନ କରାଯାଉଛି।

### ବରୀ ବ୍ଲକ ଅଧକ୍ଷା ଉପନିର୍ବାଚନ ପରେ ବଦଳିଲା ଦୃଶ୍ୟପଟ

# ଅଧକ୍ଷା ପଦର ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ

**ବରୀ,୨୩।୮(ସ୍ୱ.ପ୍ର.)**

ଯାଜପୁର ଜିଲା ବରୀ ବ୍ଲକ ଅଧକ୍ଷା ଉପନିର୍ବାଚନ ପରେ ରାଜନୈତିକ ପାଣିପାଗ ପୁଣି ଓଲଟପାଲଟ ହୋଇଯାଇଛି। ଏହି ନିର୍ବାଚନର ଗୋଟିଏ ଦିନ ପରେ ପୁଣି ରାଜନୀତିରେ ଉଷ୍ମତା ଦେଖାଦେଇଛି। ଭାଜପା ସମର୍ଥିତ ପ୍ରାର୍ଥୀ ସୁଭାସିନୀ ନାଥଶର୍ମା ନିର୍ଦ୍ଦ୍ୱନ୍ଦ୍ୱରେ ବରୀ ବ୍ଲକ ଅଧକ୍ଷା ନିର୍ବାଚିତ ହେବା ପରେ ଭାଜପାରେ ସାଂଗଠନିକ ସ୍ଥିତି ନେଇ ସଙ୍କଟ ଦେଖାଦେଇଛି। ଭାଜପା ଛାଡ଼ି ଦୁଇ ଜଣ ଅସନ୍ତୁଷ୍ଟ ସମିତି ସଭ୍ୟା ଓ ଜଣେ ପୂର୍ବତନ ସରପଞ୍ଚ ବିଜେଡ଼ିରେ ଯୋଗଦାନ କରିବା ଘଟଣା ରାଜନୈତିକ ମୋଡ଼ ବଦଳାଇ ଦେଇଛି। ଏଥିରୁ ଭାଜପା ସମର୍ଥନରେ ଥିବା ମ୍ୟାଜିକ ନମ୍ବର ଖସି ଯାଇଥିବାରୁ ଆଗକୁ ଅଧକ୍ଷା ପଦବୀ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏଥିସହ ବରୀ ବ୍ଲକର ବିକାଶ କାର୍ଯ୍ୟ ମଧ ପ୍ରଭାବିତ ହେବ ବୋଲି ରାଜନୈତିକ ମହଲରେ ମତପ୍ରକାଶ ପାଇଛି।

ଗତ ସାଧାରଣ ନିର୍ବାଚନରେ ବିଜେଡିର ସୁନନ୍ଦା ଦାସ ପ୍ରାୟ ୪ହଜାର ଭୋଟ ବ୍ୟବଧାନରେ ଭାଜପାର ବିଶ୍ୱରଞ୍ଜନ ମଲ୍ଲିକଙ୍କୁ ପରାସ୍ତ କରି ବିଧାୟିକାଭାବେ ନିର୍ବାଚିତ ହୋଇଥିଲେ। ଏହି ନିର୍ବାଚନରେ ବିଜେଡି ଓ ଭାଜପା ମଧ୍ୟରେ କଡା ଟକ୍କର ହୋଇଥିଲା। ତେବେ ବ୍ଲକ ଅଧକ୍ଷା ପଦ ପାଇଁ ବିଜେଡି ଆଉ ଆଗ୍ରହ ଦେଖାଇ ନ ଥିଲା। ଫଳରେ ଭାଜପା ସମର୍ଥିତ ଅଧକ୍ଷା ପ୍ରାର୍ଥୀ ନିର୍ଦ୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ।

ଏହାପରେ ଅଧକ୍ଷା ପଦବୀ ପାଇଁ ଆଶାୟୀ ଥିବା ଭାଜପା ସମିତି ସଭ୍ୟାଙ୍କ ମଧ୍ୟରେ ଅସନ୍ତୁଷ୍ଟ ପ୍ରକାଶ ପାଇଥିଲା। ଏଥିଯୋଗୁ ଆଗକୁ ଆହୁରି ୭ରୁ ୮ଜଣ ସମିତି ସଭ୍ୟାସଭ୍ୟ ଖୁବ୍‌ଶୀଘ୍ର ଭାଜପା ଛାଡ଼ି ବିଜେଡିରେ ଯୋଗଦାନ କରିବେ ବୋଲି ଚର୍ଚ୍ଚା ଜୋର ଧରିଛି। ଏହିକ୍ରମରେ ଯଦି ଭାଜପା ଭାଡ଼ି ଖାଲି ହୋଇଯାଏ ତେବେ ଅଧକ୍ଷା ପଦବୀର ସ୍ଥାୟୀତ୍ୱ ସଙ୍କଟରେ ପଡିବା ନିଶ୍ଚିତ। ପୂର୍ବରୁ ଏହି ଅଧକ୍ଷା ପଦବୀ ଭାଜପା ହାତରେ ରହିଥିଲାବେଳେ

- ଭାଜପା ସମର୍ଥିତ ୨ ସମିତି ସଭ୍ୟା ବିଜେଡିରେ
- ଆଗକୁ ଆହୁରି ଅନେକ ସମିତି ସଭ୍ୟାସଭ୍ୟ ଦଳ ଛାଡ଼ିବା ଚର୍ଚ୍ଚା

ପୁନର୍ବାର ତାହା ଭାଜପା ହାତକୁ ଯାଇଛି। ଏହି ଉପନିର୍ବାଚନରେ ବିଜେଡ଼ି ମୁଣ୍ଡ ପୁରାଇବ ନାହିଁ ବୋଲି ଗଣମାଧ୍ୟମକୁ ସୂଚନା ଦେଇଥିଲା। ଉପନିର୍ବାଚନ ଶେଷ ହେବାର ଗୋଟିଏ ଦିନ ପରେ ଅଟିରା ସମିତି ସଭ୍ୟା ଅନ୍ନପୂର୍ଣ୍ଣା ମହାନ୍ତି, ଉଦୟନାଥପୁର ସମିତି ସଭ୍ୟା ନିର୍ଝରଣୀ ସାମଲ, ଉଦୟନାଥପୁର ପୂର୍ବତନ ସରପଞ୍ଚ ଆର୍ତ୍ତବନ୍ଧୁ ସାମଲ ବିଜେଡ଼ିରେ ଯୋଗଦାନ କରିଛନ୍ତି। ଏ ନେଇ ବରୀ ଭାଜପାକୁ ଏକ ଶକ୍ତ ଧକ୍କା ଲାଗିଛି। ଅନ୍ନପୂର୍ଣ୍ଣା ଓ ନିର୍ଝରଣୀ ଏ ଦୁହେଁ ବରୀ ବ୍ଲକ ଅଧକ୍ଷା ପଦବୀ ପାଇଁ ଆଶୀୟୀ ଥିଲାବେଳେ ତାହା ଧୂଳିସାତ୍ ହୋଇଯାଇଥିବାରୁ ସେମାନେ ନିରାଶ ହୋଇ ବିଜେଡିରେ ମିଶିଥିବା କୁହାଯାଉଛି। ଏ ଦୁଇ ନେତ୍ରୀ ନିଜ ପଞ୍ଚାୟତରେ ରାଜନୈତିକ ପତିଆରା ବିସ୍ତାର କରିଥିବାବେଳେ ଭାଜପା ତାଙ୍କୁ ଅଣଦେଖା କରିଥିଲା। ଏହିଭଳି ଆଉ କେତେକ ପଞ୍ଚାୟତର ସମିତି ସଭ୍ୟାସଭ୍ୟ ବିଭିନ୍ନ କାରଣ ଦର୍ଶାଇ ଅଶାନ୍ତିରେ ରହିଥିବା ମଧ ଆଲୋଚନା ହେଉଛି। ସେମାନେ ବି ଖୁବଶୀଘ୍ର ଦଳ ଛାଡ଼ିବେ ବୋଲି ସ୍ଥିର କରି ସାରିଥିବା ବିଶେଷସୂତ୍ରରୁ ଖବର ମିଳିଛି। ଏ ନେଇ ବରୀ ରାଜନୀତିର ମୋଡ଼ କେଉଁ ଆଡ଼କୁ ଯିବ ତାହା ସମୟ ହିଁ କହିବ। ବିଧାୟିକା ସୁନନ୍ଦା ଦାସଙ୍କୁ ପଚାରିବାରୁ, ଭାଜପା ଛାଡ଼ି ୨ଜଣ ସମିତି ସଭ୍ୟା ଓ ଜଣେ ପୂର୍ବତନ ସରପଞ୍ଚ ବିଜେଡିରେ ଯୋଗଦାନ କରିଛନ୍ତି। ବରୀ ବିକାଶରେ ସାମିଲ ହୋଇ କାମ କରିବେ ବୋଲି ସେମାନେ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଭାଜପା ନେତା ବିଶ୍ୱରଞ୍ଜନ ମଲ୍ଲିକଙ୍କୁ ପଚାରିବାରୁ, ଦଳ ଛାଡ଼ି କିଏ ଗଲେ ଆସିଲେ କିଛି କହିବାର ନାହିଁ। ଭାଜପା ତା ବାଟରେ ରହିଛି ବୋଲି କହିଛନ୍ତି।

**ସଂକ୍ଷେପରେ**

## ଏସ୍‌ପି ଭାବେ ଦାୟିତ୍ୱ ଗ୍ରହଣ କଲେ ପ୍ରକାଶ ଆର୍



**ଜଗତ୍‌ସିଂହପୁର ଅଫିସ, ୨୩।୮:** ଶୁକ୍ରବାର ଜଗତ୍‌ସିଂହପୁର ଏସ୍‌ପି ଭାବେ ପ୍ରକାଶ ରଙ୍ଗରାଜ ଦାୟିତ୍ୱ ଭାର ଗ୍ରହଣ କରିଛନ୍ତି। ଅତିରିକ୍ତ ଏସ୍‌ପି ବିଶ୍ୱନାଥ ମିଶ୍ରଙ୍କଠାରୁ ସେ ଏହି ଦାୟିତ୍ୱ ଗ୍ରହଣ କରିଥିଲେ। ନୂଆ କାର୍ଯ୍ୟଭାର ଗ୍ରହଣ କଲା ପରେ ଏସ୍‌ପି ପ୍ରଥମେ ଗଣମାଧ୍ୟମ ପ୍ରତିନିଧି ଓ ପରେ ବିଭାଗୀୟ ବରିଷ୍ଠ ଅଧିକାରୀ, ଆଇଆଇସିମାନଙ୍କ ସହ ଆଲୋଚନା କରିଥିଲେ। ଆଗାମୀ ଦିନରେ ଆଇନଶୃଙ୍ଖଳା ରକ୍ଷା ସହ ଲୋକଙ୍କ ନିକଟତର ହେବାକୁ ସେ ପରାମର୍ଶ ଦେଇଥିଲେ। ସୂଚନାଯୋଗ୍ୟ ଯେ, ଏସ୍‌ପି ରଙ୍ଗରାଜ ପୂର୍ବରୁ ଅର୍ଥାତ୍ ୭।୪।୧୮ରେ ଜଗତ୍‌ସିଂହପୁର ଏସ୍‌ପି ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ । ୨୨।୨।୧୯ରେ ତାଙ୍କର ଭୁବନେଶ୍ୱର ଭିଜିଲାନ୍ସ ଏସ୍‌ପି ଭାବେ ବଦଳି ହୋଇ ଯାଇଥିଲା।

## ଦେବୀ ନଦୀରୁ ଯୁବକଙ୍କ ମୃତଦେହ ଉଦ୍ଧାର

**ନାଉଗାଁ,୨୩।୮(ସ୍ୱ.ପ୍ର.):** ନାଉଗାଁ ବ୍ଲକ ଓଷକଣା ପଞ୍ଚାୟତର ନୟାସିଙ୍ଗଡ଼ାଠାରେ ଦେବୀ ନଦୀରୁ ଜଣେ ଅଜଣା ଯୁବକଙ୍କ ମୃତଦେହ ଉଦ୍ଧାର କରାଯାଇଛି। ସନ୍ଧ୍ୟାରେ ନଦୀକୁ ମାଛ ଧରିବାକୁ ଯାଇଥିବା କେତେଜଣ ଲୋକ ମୃତଦେହ ଭାସୁଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ଥାନା ଅଧିକାରୀ ପ୍ରଜ୍ଞା ରିତାମ୍ବର କର, ଏସ୍‌ଆଇ ପ୍ରତାପ ଦାସ ଓ ଅନ୍ୟ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚିଥିଲେ। ଅଗ୍ନିଶମ ସେବା ସଂସ୍ଥା କର୍ମଚାରୀଙ୍କ ସହଯୋଗରେ ମୃତଦେହ ଉଦ୍ଧାର କରାଯାଇଥିଲା। ମୃତ ଯୁବକଙ୍କ ବୟସ ଆନୁମାନିକ ୩୫ ବର୍ଷ ହେବ ବୋଲି ଜଣାଯାଇଛି। ସେ ଏକ ନୀଳ ରଙ୍ଗର ଶାର୍ଟ ଓ ହାଫ୍ ପ୍ୟାଣ୍ଟ ପିନ୍ଧିଛନ୍ତି। ମୃତଦେହରୁ ଦୁର୍ଗନ୍ଧ ବାହାରୁଥିବାବେଳେ ମୁହଁଟି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ତେଣୁ ଯୁବକଙ୍କୁ ଚିହ୍ନିବା ସହଜ ହେଉନାହିଁ। ଏହା ହତ୍ୟା କି ଆତ୍ମହତ୍ୟା ତାହା ମଧ୍ୟ ସ୍ପଷ୍ଟ ହୋଇପାରୁନାହିଁ।

# ଅକଥନୀୟ ଅତ୍ୟାଚାରର ସାକ୍ଷୀ ବ୍ରିଟିଶ୍ କୋଠି

■ଏଠାରେ ରହି ଲବଣ ସତ୍ୟାଗ୍ରହକୁ ଦମନ କରିଥିଲେ ବ୍ରିଟିଶ ସିପାହି

■ଭାଙ୍ଗିରୁଜି ଗଲାଣି କୋଠା, ପୁନରୁଦ୍ଧାର ଦାବି

**ଏରସମା,୨୩।୮(ସ୍ୱ.ପ୍ର.)**

ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗ ଦ୍ୱାରା ଲକ୍ଷାଧିକ ଟଙ୍କା ବ୍ୟୟ କରାଯାଇ ବିଭିନ୍ନ ସ୍ଥାନରେ ଥିବା ଐତିହାସିକ ସ୍ମୃତିସ୍ତମ୍ଭ, ପୀଠସ୍ଥଳୀ ଓ ରାଜପ୍ରାସାଦ ଆଦିର ପୁନରୁଦ୍ଧାର କରାଯାଉଛି। ମାତ୍ର ଜଗତ୍‌ସିଂହପୁର ଜିଲା ଏରସମା ବ୍ଲକରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ଏହି ବ୍ଲକରେ ବ୍ରିଟିଶ ସରକାରଙ୍କ ଅକଥନୀୟ ନିର୍ଯାତନା ତଥା ସ୍ୱାଧୀନତା ସଂଗ୍ରାମୀଙ୍କ ବଳିଦାନର ମୂକସାକ୍ଷୀ ହୋଇ ରହିଥିବା ବ୍ରିଟିଶ କୋଠି ସଂସ୍କୃତି ବିଭାଗର ଦୃଷ୍ଟି ଆଢୁଆଳରେ ରହିଯାଇଛି। ବ୍ରିଟିଶ ସରକାର ଆମ ଦେଶକୁ ଶାସନ କରିବାବେଳେ ଏରସମା ମାଟିର ଅନେକ ଦେଶ ପ୍ରେମୀ ସ୍ୱାଧୀନତା ସଂଗ୍ରାମୀଙ୍କୁ ଏହି କୋଠିରେ ନିର୍ଯାତନା ଦେଇଥିଲେ। ରକ୍ଷଣାବେକ୍ଷଣ ଅଭାବରୁ ଏହି ଐତିହାସିକ କୋଠି ଏବେ ଭୂତକୋଠି ପାଲଟିଲାଣି।

ଅଳକା ନଦୀପଠାରେ ଥିବା ଏହି ଅଟ୍ଟାଳିକାରେ ୭ଟି କୋଠରୀ ରହିଛି। ଏଥିସହ ପ୍ରଶସ୍ତ ବାରଣ୍ଡା ଓ ବାୟୁ ଚଳାଚଳ ପାଇଁ ବିଶାଳ ଝରକା କରାଯାଇଛି। ଏବେ ୨ଟି ବଡ଼ କୋଠରୀର ଛାତ ଭାଙ୍ଗିଗଲାଣି। ଝରକା ଓ ପ୍ରବେଶ ପଥର ଦରଜା ମାଟିରେ ମିଶିଗଲାଣି। ଏବେ ମଧ୍ୟ ୫ କୋଠରୀର ଛାତ ବୃହତ



ଏରସମାରେ ଥିବା ବ୍ରିଟିଶ କୋଠି।

କାଠବୀମ ଉପରେ ରହିଛି। ଅନେକ ସ୍ଥାନରେ ପ୍ଲାଷ୍ଟର ଖସି ୧୦ ଇଞ୍ଚିଆ ପ୍ରସ୍ଥ ବିଶିଷ୍ଟ ଇଟା ଦେଖାଯାଉଛି। ଛାତ ଓ କାନ୍ଥରେ ଗଛ ଉଠିବା ଦ୍ୱାରା ଅନେକ ସ୍ଥାନ ଫାଟିଗଲାଣି। ଏ ସମ୍ପର୍କରେ ସାହାଡ଼ା ହାଇସ୍କୁଲର ପୂର୍ବତନ ପ୍ରଧାନ ଶିକ୍ଷକ ବସନ୍ତ କୁମାର ଦାସ କୁହନ୍ତି, ଏହି ବ୍ଲକର ଗୋଡ଼ା, ଜାନକାଦେଇପୁର ଥିଲା ଲୁଣ ଉତ୍ପାଦନର କେନ୍ଦ୍ରସ୍ଥଳ। ମାତ୍ର ଇଂରେଜ ସରକାର ଲୁଣ ମାରିବାକୁ ବେଆଇନ ଘୋଷଣା କରିଥିଲେ। ଏହାର ପ୍ରତିବାଦରେ ଲବଣ ସତ୍ୟାଗ୍ରହ ହୋଇଥିଲା। ଏହାକୁ ଦମନ କରିବା ପାଇଁ ଇଂରେଜମାନେ ଏରସମାର ବଣ ଜଙ୍ଗଲ ଘେରା ଅପନ୍ତରା ଅଞ୍ଚଳକୁ ଜଳପଥରେ ଆସି ଅଳକା ନଦୀ କୂଳରେ ଥିବା ବ୍ରିଟିଶ ଡାକବଙ୍ଗଳାରେ ରହି ଯୋଜନା କରିଥିଲେ। ବଳପୂର୍ବକ ଲବଣ ସତ୍ୟାଗ୍ରହ ଦମନ ପାଇଁ ସଂଗ୍ରାମୀମାନଙ୍କୁ ଲାଠି ପ୍ରହାର କରିବା ସହ ସେମାନଙ୍କ ଛାତି ଉପରେ ଘୋଡ଼ା ଚଢାଇ ଦେଇଥିଲେ। ନରସିଂହପୁରର ଦାସ ମଳିକ ସେତେବେଳେ ଗ୍ରାମରକ୍ଷୀ ଥିଲେ। ସଂଗ୍ରାମୀମାନଙ୍କ ଡାକରାରେ ଅନୁପ୍ରାଣିତ ହୋଇ ସେ ନିଜ ପୋଷାକକୁ ମାଟିରେ ପୋତି ଦେଇ ସ୍ୱାଧୀନତା ଆନ୍ଦୋଳନରେ ସାମିଲ ହୋଇଥିଲେ। ସାହାଡ଼ାର ମାନ ସାମଲ, ବଳରାମ ବିଶ୍ୱାଳ, ଗଡେଶ୍ୱରପୁରର ଜୁଳି ଦେଈ, ବିଳାସୀ ଦେଈ, ବଳରାମପୁରର ମଦନ ଜେନା ପ୍ରମୁଖଙ୍କୁ ବ୍ରିଟିଶ ସେନା ଏହି କୋଠିରେ ବନ୍ଦୀ କରି ବାଡେଇ ବାଡେଇ ଲହୁ ଲୁହାଣ କରିଦେଇଥିଲା। ଏହି କୋଠି ସ୍ୱାଧୀନତା ସଂଗ୍ରାମୀଙ୍କ ରକ୍ତ ରଞ୍ଜିତ ସ୍ମୃତିପୀଠ। ସଂସ୍କୃତି ବିଭାଗ ଏହାର ପୁନରୁଦ୍ଧାର କରିବା ଆବଶ୍ୟକ। ସ୍ୱାଧୀନତା ସଂଗ୍ରାମରେ ଏରସମାର ପୃଷ୍ଠଭୂମି ସମ୍ପର୍କରେ ଆକାଶବାଣୀର ବରିଷ୍ଠ ଗୀତିକାର ସ୍ୱର୍ଗତ ଶୁଭନାରାୟଣ ସ୍ୱାଇଁଙ୍କ ରଚିତ ସଂଗ୍ରାମୀ ସ୍ମରଣେ ଉପନ୍ୟାସରେ ଉଲ୍ଲେଖ ଅଛି ଯେ, ଏହି କୋଠିରେ ୩୦ରୁ ଊର୍ଦ୍ଧ୍ୱ ବ୍ରିଟିଶ ସୈନିକ ରହୁଥିଲେ। ୧୦ରୁ ୧୫ଟି ଘୋଡ଼ା ରଖାଯାଇଥିଲା। ଅଳକା ନଦୀର ଲୁଣା ପାଣିରୁ ଲୁଣ ମାରିବାକୁ ଉଦ୍ୟମ କଲେ ଗୋରା ସିପାହୀ ମାଡ଼ ମାରିବା ସହ ଘୋଷାରି ଘୋଷାରି ନେଇ ଏହି କୋଠିରେ ନିର୍ଯାତନା ଦେଉଥିଲେ। ଏହା ଏକ ଐତିହାସିକ ସ୍ମୃତିପୀଠ ହୋଇଥିବାରୁ ଏହାର ପୁନରୁଦ୍ଧାର କରିବା ଆବଶ୍ୟକ ବୋଲି ସାଧାରଣରେ ମତପ୍ରକାଶ ପାଇଛି।

## ଗଡେଶ୍ୱର ଯୁବ ପରିଷଦ ବୈଠକ

**ତିର୍ତ୍ତୋଲ,୨୩।୮(ଡି.ଏନ.ଏ.)**

ତିର୍ତ୍ତୋଲ ଅଞ୍ଚଳର ସାଂସ୍କୃତିକ ଓ ସାମାଜିକ ସଙ୍ଗଠନ ଗଡେଶ୍ୱର ଯୁବପରିଷଦ ପକ୍ଷରୁ ମୁଖପତ୍ର 'ପ୍ରୀତି ପୌର୍ଣ୍ଣମାସୀ' ପ୍ରକାଶନ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ପରିଷଦର ଖନ୍ଦୋଳ ଗ୍ରାମସ୍ଥିତ କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି ବୈଠକରେ କୈଳାସ ଚନ୍ଦ୍ର ସାହୁ ସଭାପତିତ୍ୱ କରିଥିଲେ। ପ୍ରକାଶିତ ହେବାକୁ ଥିବା ମୁଖପତ୍ର ସମ୍ପର୍କରେ ଆଲୋଚନା କରାଯାଇ ଏହାର ସମ୍ପାଦନା ମଣ୍ଡଳୀ ଗଠନ କରାଯାଇଥିଲା। ସଭାପତି ଭାବେ ନାଟ୍ୟକାର କୈଳାସ ଚନ୍ଦ୍ର ସାହୁ, ଉପସଭାପତି ସରୋଜ କୁମାର ବାରିକ, ରବୀନ୍ଦ୍ର କୁମାର ଦାଶ, କାର୍ଯ୍ୟକାରୀ ସଭାପତି ବସନ୍ତ ମଞ୍ଜରୀ ଦାସ, ସମ୍ପାଦକ ସଂଗ୍ରାମ କେଶରୀ ସ୍ୱାଇଁ, ସହ ସମ୍ପାଦକ ନିହାର ରଞ୍ଜନ ସାହୁ ଓ ଅମରଜିତ ସାହୁ, କାର୍ଯ୍ୟକାରୀ ସମ୍ପାଦକ ନୀଳମଣୀ ମଲ୍ଲିକ, ସଙ୍ଗଠନ ସମ୍ପାଦକ ଶ୍ୟାମସୁନ୍ଦର ବେହେରା, ଅତିଥି ସମ୍ପାଦକ ରୁଦ୍ରପ୍ରସନ୍ନ ରଥ, ନୀଳିମା ନିବେଦିତା ଓ ପ୍ରଶାନ୍ତ କୁମାର ଦଳାଇ, ସୌଜନ୍ୟ ସମ୍ପାଦକ ଧ୍ରୁବଚରଣ ସାହୁ, କୋଷାଧ୍ୟକ୍ଷ ବିଭୁପ୍ରସାଦ ଦାସ, ପରାମର୍ଶଦାତା ଭାବେ ବୀରନାରାୟଣ ପାତ୍ର, ବରିଷ୍ଠ ଆଇନଜୀବୀ ବୈଷ୍ଣବ ଚରଣ ଦାସ ଓ ସୁଧୀର କୁମାର ଖୁଣ୍ଟିଆଙ୍କୁ ଚୟନ କରାଯାଇଛି। ଉପଦେଷ୍ଟା ମଣ୍ଡଳୀରେ ହେମନ୍ତ କୁମାର ନାୟକ, ପ୍ରେମଚରଣ ରାଉତ, ସୁଧାଂଶୁ ଶେଖର ବେହେରା, ରଞ୍ଜିତ କର୍ମୀ, ଅରୁଣ ପ୍ରସାଦ ସାହୁ, ସୁଚିତ୍ରା ଗୁପ୍ତା, ଆର ଜେ ନିଲ୍, ଶିବପ୍ରସାଦ ବାହିନୀ ପତି, ଗୌରାଙ୍ଗ ଚରଣ ସ୍ୱାଇଁ, ସୁଶୀଲ ମହାନ୍ତି, ଶ୍ରୀକାନ୍ତ ଦାଶ ରହିଛନ୍ତି। ସମ୍ପାଦନା ମଣ୍ଡଳୀରେ ସନ୍ତୋଷ ସାହୁ, ଉତ୍ତମ ନାୟକ, ସୁବାଷିସ ସାହୁ, ପ୍ରମୁଖ ରହିଛନ୍ତି। ଆସନ୍ତା ନଭେମ୍ବର ମାସରେ ହେବାକୁ ଥିବା ଗଡେଶ୍ୱର ଯୁବ ପରିଷଦର ବାର୍ଷିକ ଉତ୍ସବରେ ଏହି ମୁଖପତ୍ର ଉନ୍ମୋଚନ କରାଯିବ। ପରିଷଦର ସଭାପତି ସଂଗ୍ରାମ କେଶରୀ ସ୍ୱାଇଁ ଧନ୍ୟବାଦ ଦେଇଥିଲେ।



ବୈଠକରେ ଉପସ୍ଥିତ ପରିଷଦର କର୍ମକର୍ତ୍ତା।



ପାରାଦୀପରେ ପ୍ରସିଦ୍ଧ ବିଶ୍ୱକର୍ମା ପୂଜା ନିମନ୍ତେ ତୋରଣ ନିର୍ମାଣ କରାଯାଉଛି।

## ସିଦ୍ଧ ହର ଦାସଙ୍କ ଜୟନ୍ତୀ

**ଏରସମା,୨୩।୮(ସ୍ୱ.ପ୍ର.)**

ଏରସମା ବ୍ଲକ ଜିରାଇଲୋ ପଞ୍ଚାୟତ ନାଉବେଲରୀ ଗ୍ରାମର ସିଦ୍ଧ ପ୍ରଶିକ୍ଷଣ କେନ୍ଦ୍ର ପରିସରରେ ସିଦ୍ଧ ହର ଦାସଙ୍କ ଜୟନ୍ତୀ ପାଳିତ ହୋଇଛି। କଳସ ସ୍ଥାପନ, ସିଦ୍ଧ ମନ୍ତ୍ର ଉଚ୍ଚାରଣ ପରେ ଅଭିଷେକ କରାଯାଇଥିଲା। ପୂର୍ବାହ୍ନରେରେ ସ୍ୱୟଂସିଦ୍ଧ ଅଗ୍ନିହୋତ୍ର ଯଜ୍ଞ (ଘୃତବିନା ବିଭୂତ ଆହୁତ ଯଜ୍ଞ)ହୋଇଥିଲା। ଏହି ଅବସରରେ ଆୟୋଜିତ ସଭାରେ ସିଦ୍ଧ ସୁରେନ୍ଦ୍ର ଦାଶ ସଭାପତିତ୍ୱ କରି ମାନବ ଜୀବନର ଅରୋଗ୍ୟ, ଶାନ୍ତି ଓ ମୈତ୍ରୀ ପାଇଁ ସିଦ୍ଧ ହର ଦାସଙ୍କ କଠୋର ସାଧନା ଓ ଜୀବନ ଦର୍ଶନ ଉପରେ ବକ୍ତବ୍ୟ ଦେଇଥିଲେ। ଧର୍ମାନନ୍ଦ ସାହୁ, ଧନେଶ୍ୱର ମାନ୍ନା, ଭାନୁ ମାନ୍ନା, ନିର୍ମଳ ଡାକୁଆ, ରାଜରତନ ଦାଶ, ପାରୁଲ ନସ୍କର ପ୍ରମୁଖ ଯୋଗଦେଇ ସିଦ୍ଧ ହର ଦାସଙ୍କ ମାନବ ସମାଜକୁ ଅବଦାନ ଉପରେ ଆଲୋକପାତ କରିଥିଲେ। ପରେଦକ୍ଷିଣେଶ୍ୱର ମହାଦେବଙ୍କ ପୀଠ ପରିସରରେ ଚାରାରୋପଣ କରାଯାଇଥିଲା। ଏଥିସହିତ କରାଯାଇଥିବା ବିଦ୍ୟାଳୟସ୍ତରୀୟ ସଙ୍ଗୀତ, ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ସ୍ମୃତିପ୍ରଜ୍ଞା ଶତପଥୀ, ତାପସୀ ମାନ୍ନା, ଅରବିନ୍ଦ ମାନ୍ନା, ସୋନାଲୀ ମାନ୍ନ ପ୍ରମୁଖ ୧୨ ଜଣଙ୍କୁ ପୁରସ୍କୃତ କରାଯାଇଥିଲା।

## ବରିଷ୍ଠ ନାଗରିକଙ୍କୁ ତରିକୁନ୍ଦ ଶାନ୍ତି କମିଟିର ସମ୍ବର୍ଦ୍ଧନା

**ରଘୁନାଥପୁର, ୨୩।୮ (ଡି.ଏନ.ଏ.)**

ରଘୁନାଥପୁର ବ୍ଲକ ତରିକୁନ୍ଦ ଶାନ୍ତି କମିଟି ପକ୍ଷରୁ ବୁଧବାର ଅଞ୍ଚଳର ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଉପଲକ୍ଷେ ଆୟୋଜିତ ସଭାରେ ଜଗତ୍‌ସିଂହପୁର ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆଜିର ଯୁବପିଢି ବରିଷ୍ଠ ନାଗରିକମାନଙ୍କ ପ୍ରତି ଯତ୍ନବାନ ହେବା ସହ ସେମାନଙ୍କୁ ସର୍ବଦା ସମ୍ମାନ ଦେଇ ଶିଖିବା ଉଚିତ ବୋଲି ପରାମର୍ଶ ରଖିଥିଲେ। ସେହିପରି ଅଧ୍ୟାପକ ହିମାଂଶୁ ଶେଖର ଆଚାର୍ଯ୍ୟ ମୁଖ୍ୟବକ୍ତା ଭାବେ ସମାଜରେ ବରିଷ୍ଠ ନାଗରିକଙ୍କ ପ୍ରତି ଥିବା ଦାୟିତ୍ୱ ଓ କର୍ତ୍ତବ୍ୟ ସମ୍ବନ୍ଧରେ ଆଲୋକପାତ କରିଥିଲେ। ସରପଞ୍ଚ ପୁଷ୍ପଲତା ଦାସ, ଜଇଶୋଳ ସରପଞ୍ଚ ଅଭିମନ୍ୟୁ ନାୟକ, ପୂର୍ବତନ ଶିକ୍ଷକ ରଘୁନାଥ ପତି, ବୀରକିଶୋର ରାଉତରାୟ ଓ ପ୍ରଭାତ କିଶୋର ମହାନ୍ତି ସମ୍ମାନୀତ ଅତିଥି ଭାବେ ଉପସ୍ଥିତଥିଲେ। ଚିତ୍ତରଞ୍ଜନ ତ୍ରିପାଠୀ ସଭାପତିତ୍ୱ କରିଥିବାବେଳେ ସୁକାନ୍ତ ରାଉତରାୟ ଅତିଥି ପରିଚୟ ଓ ସମ୍ପାଦକ କେଲୁଚରଣ ଦାସ ବିବରଣୀ ପାଠ କରିଥିଲେ। ଜିଲାପାଳ ମାହାପାତ୍ର ଦୁଇ ଜଣ ଭିନ୍ନକ୍ଷମ ଦିବାକର ବେହେରା ଓ ଏକ୍ରାମ ରସୁଲ ଖାଁଙ୍କୁ ରେଡକ୍ରସ ପକ୍ଷରୁ ୨୫ ହଜାର ଟଙ୍କା ଓ ଶାନ୍ତି କମିଟି ପରିଚାଳନା ପାଇଁ ଅନୁଦାନ ଯୋଗାଇ ଦେବେ ବୋଲି ପ୍ରକାଶ କରିଥିଲେ।ଆଲ୍ଲାଉଦ୍ଦିନ ଖାଁ ଧନ୍ୟବାଦ ଓ ମହମ୍ମଦ ଇଲିଆଶ ଖାଁ, କଲିମ ଉଦ୍ଦିନ ଖାଁ, ହକିମ ଖାଁ, ସୁବାସ ମହାରଣା, ବାଙ୍କ ବିହାରୀ ପ୍ରଧାନ, ସୁବାସ ସାହାଣୀ, ବଳରାମ ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ଜନ୍ମାଷ୍ଟମୀରେ ଛାତ୍ରୀଛାତ୍ରଙ୍କ ରାଧାକୃଷ୍ଣ ବେଶ

**ନାଉଗାଁ,୨୩।୮(ସ୍ୱ.ପ୍ର.)**

ନାଉଗାଁ ବ୍ଲକର ବିଭିନ୍ନ ସ୍ଥାନରେ ପବିତ୍ର ଜନ୍ମାଷ୍ଟମୀ ପାଳିତ ହୋଇଛି। ଏହି ଅବସରରେ ଦେବାଳୟଗୁଡିକରେ ଶ୍ରଦ୍ଧାଳୁମାନେ ପୂଜାର୍ଚ୍ଚନା କରିଥିଲେ। ସେହିପରି ବିଦ୍ୟାଳୟରେ ଶିଶୁମାନେ ରାଧାକୃଷ୍ଣ ବେଶରେ ସୁସଜ୍ଜିତ ହୋଇଥିଲେ। ତିହିଡାସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରର ପିଲାମାନେ ରାଧାକୃଷ୍ଣ ବେଶ ହୋଇ ଜାଗୁଳାଇ ମନ୍ଦିରକୁ ଯାଇଥିଲେ। ସେଠାରେ ଗୁରୁକୃପା କୁଟୀରର ବାବା ସତ୍ୟାନନ୍ଦ ଦାସଙ୍କ ସଭାପତିତ୍ୱରେ ଏକ ଆଧାତ୍ମିକ ସଭା ହୋଇଥିଲା। ଏଥିରେ ବାବା ମହାପ୍ରଭୁ ଶ୍ରୀକୃଷ୍ଣଙ୍କ ବିଭିନ୍ନ ଲୀଳା ବିଷୟରେ ପିଲାମାନଙ୍କୁ ଅବଗତ କରାଇଥିଲେ। ଶାଳଜଙ୍ଗାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜନ୍ମାଷ୍ଟମୀ ପାଳିତ ହୋଇଛି। ଛାତ୍ରୀଛାତ୍ର ରାଧାକୃଷ୍ଣ ବେଶ ହୋଇ ନୃତ୍ୟ ପରିବେଷଣ କରିଥିଲେ। ଏହି ଅବସରରେ ଆୟୋଜିତ ସଭାରେ ସାମାଜିକ କର୍ମୀ ବିଚିତ୍ର କୁମାର ପଣ୍ଡା ଯୋଗଦେଇ ପିଲାମାନଙ୍କୁ ରାଧାକୃଷ୍ଣଙ୍କ ସମ୍ପର୍କରେ କହିଥିଲେ।

**ବାଲିଆ :** ବିରିଡ଼ି ବ୍ଲକ କୁଳକଇଜଙ୍ଗା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜନ୍ମାଷ୍ଟମୀ ପାଳିତ ହୋଇଛି। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ରାଧାକୃଷ୍ଣ ବେଶ ପ୍ରତିଯୋଗିତା ହୋଇଥିଲା। ପ୍ରାରମ୍ଭରେ ପ୍ରଧାନ ଆଚାର୍ଯ୍ୟ ଶ୍ରୀନିବାସ କୁଣ୍ଡୁଙ୍କ ଅଧ୍ୟକ୍ଷତାରେ ଜନ୍ମାଷ୍ଟମୀ ଉତ୍ସବ ପାଳିତ ହୋଇଥିଲା। ଏହା ପରେ ସାମାଜିକ କର୍ମୀ ତଥା ସାହିତ୍ୟିକ କଲ୍ୟାଣ କୁମାର ମହାନ୍ତି ଯୋଗଦେଇ ଜନ୍ମାଷ୍ଟମୀ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ କହିଥିଲେ। ପରେ ୧୦ମ ଶ୍ରେଣୀର ଛାତ୍ର ଚିନ୍ମୟ ସାହୁଙ୍କ ତତ୍ତ୍ୱାବଧାନରେ ଶୁଭସ୍ମିତା ରଥ, ଚାରୁସ୍ମିତା ସୁବୁଦ୍ଧି, ସ୍ନିଗ୍ଧା ସାଗରିକା ବେହେରା, ମଧୁସ୍ମିତା କର, ସାଗରିକା ସିଂ, ବିଶ୍ୱବନ୍ଦିତା ସ୍ୱାଇଁ, ପ୍ରିୟଙ୍କା ରାଉତ, ମମତା ଦାସ, ନିହାର ରଞ୍ଜନ ମହାନ୍ତି, ନାରାୟଣ ବାରିକ, ଦିବ୍ୟଜ୍ୟୋତି ରାଉତରାୟଙ୍କ ପରିଚାଳନାରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରତିଯୋଗିତା ହୋଇଥିଲା। ଏଥିରେ ଆରାଧ୍ୟା ପ୍ରଧାନ ୧ମ, ଶୁଶ୍ରୀ ସଙ୍ଗୀତା ଓ ଅଙ୍କିତା ରାଉତ ୨ୟ, କ୍ରିଷ୍ଣା ସାଗରିକ ସ୍ୱାଇଁ ୩ୟ ହୋଇଥିଲେ। ଶେଷରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ହରପ୍ରିୟା ପୃଷ୍ଟି ଅତିଥି





ନାଉଗାଁରେ ବିଭିନ୍ନ ସରସ୍ୱତୀ ଶିଶୁମନ୍ଦିରର ଛାତ୍ରୀଛାତ୍ରଙ୍କ ରାଧାକୃଷ୍ଣ ବେଶ।

ପରିଚୟ ପ୍ରଦାନ ଓ ରଞ୍ଜିତା ନାୟକ ଧନ୍ୟବାଦ ଦେଇଥିଲେ।

**ବାଲିକୁଦା,(ସ୍ୱ.ପ୍ର.):** କୃଷ୍ଣଦାସପୁର ପଞ୍ଚାୟତସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପକ୍ଷରୁ ଜନ୍ମାଷ୍ଟମୀ ପାଳିତ ହୋଇଛି। ଏହି ଅବସରରେ ପ୍ରବନ୍ଧ, କୁଇଜ ଓ ରାଧାକୃଷ୍ଣ ବେଶ ପ୍ରତିଯୋଗିତା କରାଯାଇଥିଲା। ପିଲାମାନେ ଏକ ଶୋଭାଯାତ୍ରାରେ ତଣ୍ଡିକୁଳ ପଞ୍ଚାୟତ ସାରଣା କଚେରି ପଡିଆଠାରୁ ବାହାରି ଅସାରଣା ଗ୍ରାମର କ୍ଷେତ୍ରପାଳଙ୍କ ନିକଟରେ ପହଞ୍ଚିଥିଲେ। ସେଠାରେ ବିଦ୍ୟା ମନ୍ଦିର ସଭାପତି ହାଡିବନ୍ଧୁ ଦଲାଇଙ୍କ ଅଧ୍ୟକ୍ଷତାରେ ଏକ ସଭା କରାଯାଇଥିଲା। ଏଥିରେ ମୂଳୁଗାଁ ସରପଞ୍ଚଙ୍କ ପ୍ରତିନିଧି ଅଚ୍ୟୁତାନନ୍ଦ ପରିଡା ମୁଖ୍ୟଅତିଥି, ଶିକ୍ଷାବିତ୍ କେଶବ ସ୍ୱାଇଁ ମୁଖ୍ୟବକ୍ତା, ଗଙ୍ଗାଧର ଖଟୁଆ, କାଳନ୍ଦୀ ପରିଡା, ବିଦ୍ୟାମନ୍ଦିର ସମ୍ପାଦକ ନିରଞ୍ଜନ ପଣ୍ଡା, ବିଦ୍ୟାଳୟ ମୁଖ୍ୟ ସତ୍ୟବ୍ରତ ରଥ, କୋଷାଧ୍ୟକ୍ଷ ପଦ୍ମନାଭ ସ୍ୱାଇଁ, ଯୁଗ୍ମ ସମ୍ପାଦକ ସୁବାସ ନନ୍ଦ, ଉପସଭାପତି ଶିବ ପ୍ରସାଦ ରାଉତରାୟ, ପ୍ରଧାନ ଆଚାର୍ଯ୍ୟ ଦିଲୀପ ପରିଡା, ଗୁରୁମା ପୁଷ୍ପିତା ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପ୍ରବନ୍ଧ ବିଭାଗରେ ବିଶ୍ୱରୂପା ସ୍ୱାଇଁ, ଅମିତ୍ କୁମାର ଦାସ, ପ୍ରଭୁପ୍ରସାଦ ସ୍ୱାଇଁ, ଆୟୁଷ୍ମାନ ନନ୍ଦ, କୁଇଜ୍‌ରେ ସୁଗନ୍ଧା ପଣ୍ଡା, ପ୍ରତୀକ୍ଷା ତ୍ରିପାଠୀ, ସନ୍ଦିପା ପାତ୍ର, ଅନନ୍ୟା ପ୍ରିୟଦର୍ଶିନୀ ମହାନ୍ତି, ଆଶୁତୋଷ ସ୍ୱାଇଁ କୃତୀତ୍ୱ ଅର୍ଜନ କରି ଅତିଥିଙ୍କ ଦ୍ୱାରା ପୁରସ୍କୃତ ହୋଇଥିଲେ।

**କୁଜଙ୍ଗ,(ସ୍ୱ.ପ୍ର.):** କୁଜଙ୍ଗ ବ୍ଲକ୍‌ର ବିଭିନ୍ନ ମନ୍ଦିର, ମଠ ତଥା ଧର୍ମୀୟ ପୀଠରେ ଜନ୍ମାଷ୍ଟମୀ ପାଳିତ ହୋଇଛି। ଏହି ଉପଲକ୍ଷେ ସନ୍ଧ୍ୟାରେ ସ୍ୱତନ୍ତ୍ର ପୂଜା, ହୋମଯଜ୍ଞ କରାଯାଇଥିଲା। ସେହିପରି ପଙ୍କପାଳ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ପ୍ରଧାନ ଆଚାର୍ଯ୍ୟ ପ୍ରମୋଦ କୁମାର ସ୍ୱାଇଁଙ୍କ ପୌରୋହିତ୍ୟରେ ଛାତ୍ରୀଛାତ୍ରମାନେ କୃଷ୍ଣ ବେଶରେ ସୁସଜ୍ଜିତ ହୋଇ ଗୋପୀନାଥଙ୍କ ପୀଠରେ ସମେବେତ ହୋଇଥିଲେ। ଗୁରୁମା ଶ୍ରାବଣୀ ସର୍ବରୀଙ୍କ ପକ୍ଷରୁ ବାଳକୃଷ୍ଣଙ୍କୁ ବ୍ୟଞ୍ଜନ ଅର୍ପଣ କରାଯାଇଥିଲା। ସେହିପରି କୁଜଙ୍ଗ, ବାଲିତୁଠ ଆଦି ଶିଶୁମନ୍ଦିରରେ ରାଧାକୃଷ୍ଣ ବେଶ ପ୍ରତିଯୋଗିତା ହୋଇଥିଲା।

**ପାରାଦୀପ,(ସ୍ୱ.ପ୍ର):** ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପକ୍ଷରୁ ଜନ୍ମାଷ୍ଟମୀ ପାଳିତ ହୋଇଛି। ଏହି ଅବସରରେ ଶିକ୍ଷାନୁଷ୍ଠାନ ପକ୍ଷରୁ କୃଷ୍ଣବେଶ ପ୍ରତିଯୋଗିତା ଓ ଦଧିହାଣ୍ଡି ଭଙ୍ଗା କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ଦିଲୀ ପବ୍ଲିକ ସ୍କୁଲ ଅଧ୍ୟକ୍ଷ ଧନଞ୍ଜୟ ପାନ୍ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଧାନଶିକ୍ଷକ ମନୋଜ ରଞ୍ଜନ ସେଠୀ, ଦେବଦତ୍ତ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପୂର୍ବରୁ ଶିଶୁମାନେ କୃଷ୍ଣ ବେଶରେ ସୁସଜ୍ଜିତ ହୋଇ ସହର ପରିକ୍ରମା କରିଥିଲେ।







ଜନ୍ମାଷ୍ଟମୀ ଉପଲକ୍ଷେ ବାଲିଆ, କୁଜଙ୍ଗ ଓ ପାରାଦୀପର ବିଭିନ୍ନ ଶିକ୍ଷାନୁଷ୍ଠାନ ପକ୍ଷରୁ ଛାତ୍ରୀଛାତ୍ରଙ୍କ ମଧ୍ୟରେ ରାଧାକୃଷ୍ଣ ବେଶ ଓ ଅନ୍ୟାନ୍ୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ପ୍ରତିଯୋଗୀ।

**ସଂକ୍ଷେପରେ**

## ଡାକଘର ଖୋଲିବାକୁ କେନ୍ଦ୍ରମନ୍ତ୍ରୀଙ୍କୁ ନିବେଦନ

କୁଜଙ୍ଗ,୨୩।୮(ସ୍ୱ.ପ୍ର.): କୁଜଙ୍ଗ ଅଞ୍ଚଳର ୨ଟି ପଞ୍ଚାୟତ କୋଠି ଓ ବିଶାଳରେ ଡାକସେବା ଗୁରୁତର ଭାବେ ପ୍ରଭାବିତ ହେଉଛି। ଏହି ସମ୍ପର୍କରେ ଅଞ୍ଚଳବାସୀ ବହୁ ପୂର୍ବରୁ ଡିପିଓ କଟକଙ୍କୁ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଏହି ଅଞ୍ଚଳଠାରୁ ତିମାଣି ଡାକଘର ଦୂର ହୋଇଥିବାରୁ ଲୋକେ ଠିକ୍ ଭାବେ ଡାକ ସେବା ପାଇପାରୁନାହାନ୍ତି। ଜେଟିସିଡି ଜାତୀୟକରଣ ପ୍ରକଳ୍ପ ପାରାଦୀପ ଆଇଓସିଏଲ୍ ଏହି ଅଞ୍ଚଳରେ ଆସୁଥିବାରୁ ପ୍ରାୟ ୧୨ ହଜାର ଲୋକ ଡାକସେବା ଉପରେ ବିଶେଷ ଭାବେ ନିର୍ଭରଶୀଳ। ତେଣୁ ଏଠାରେ ଡାକଘର ଖୋଲିବା ଆବଶ୍ୟକ ହୋଇପଡ଼ିଛି। ଏ ସମ୍ପର୍କରେ କୋଠିର ସମିତି ସଭ୍ୟ ଅରକ୍ଷିତ ଦାସ, କୁଜଙ୍ଗ ବ୍ଲକ୍ ଅଧ୍ୟକ୍ଷ ସ୍ମିତରଞ୍ଜନ ବେହେରା, ଭୂତମୁଣ୍ଡାଇ ସରପଞ୍ଚ ଜ୍ୟୋତିର୍ମୟୀ ସ୍ୱାଇଁ, ୪ନଂ ଜିଲାପରିଷଦ ସଭ୍ୟ ରଶ୍ମିରଞ୍ଜନ ଚୌଧୁରୀ, କୋଠି ସରପଞ୍ଚ ରୂପମା ସ୍ୱାଇଁ, ନୂଆଗଡ଼ ସମିତିସଭ୍ୟ ସସ୍ମିତା ସେଠୀ ପ୍ରମୁଖ କେନ୍ଦ୍ର ଦୂରସଞ୍ଚାର ମନ୍ତ୍ରୀ ରବିଶଙ୍କର ପ୍ରସାଦଙ୍କୁ ଏକ ପତ୍ର ଲେଖି ତ୍ୱରିତ ପଦକ୍ଷେପ ଗ୍ରହଣ କରିବାକୁ ନିବେଦନ କରିଛନ୍ତି।

## ଏସ୍‌ପିଏମ୍‌ରେ ଜାହାଜ ଲାଗିବାକୁ ନେଇ ଉତ୍ସବ

ପାରାଦୀପ, ୨୩।୮ (ସ୍ୱ.ପ୍ର.):ପାରାଦୀପ ବନ୍ଦରର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବର୍ଥ ତଥା ଅଧିକ ରାଜସ୍ୱର ଉତ୍ସ ଏସ୍‌ପିଏମ୍ (ସିଙ୍ଗଲ୍ ପଏଣ୍ଟ ମୋରିଂ ସିଷ୍ଟମ୍)ରେ ୧୦୦୦ତମ ଜାହାଜ ବର୍ଥିଂ କରିଛି। ଏହି ଅବସରରେ ଶୁକ୍ରବାରଠାରୁ ପାରାଦୀପ ବନ୍ଦର ଓ ଇଣ୍ଡିଆନ ଅଏଲ ପାଇପଲାଇନ ପକ୍ଷରୁ ଉତ୍ସବ ପାଳନ ଆରମ୍ଭ ହୋଇଛି। ଏହା ଆସନ୍ତା ମାସ ୧ ତାରିଖ ପର୍ଯ୍ୟନ୍ତ ଚାଲିବ। ସ୍ଥାନୀୟ ଜୟଦେବ ସଦନଠାରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଓ ଭୋଜିଭାତ ଆସର ହୋଇଛି। ସୂଚନାଯୋଗ୍ୟ, ଏସ୍‌ପିଏମ୍ ବର୍ଥରେ ଭିଏଲ୍‌ସିସି (ଭେରି ଲାର୍ଜ କ୍ରୁଡ୍ କ୍ୟାରିଅର) ଜାହାଜ ଯୋଗେ ଅଶୋଧିତ ତୈଳ ଆସିଥାଏ। ସେହି ୨୦ କିମି ସମୁଦ୍ର ଭିତରୁ ପାଇପ ଯୋଗେ ପାରାଦୀପ ପାଇପ ଲାଇନ ପ୍ରକଳ୍ପକୁ ଆସିଥାଏ। ଏହି ଅଶୋଧିତ ତେଲ ଉଦ୍ଧବନଗର, ହଳଦିଆ ଓ ବୋଇଣେଇ ପାଇପ ଲାଇନ୍ ଯୋଗେ ଯାଇଥାଏ।

## ତାରିଣୀ ଦେବୀଙ୍କ ଜନ୍ମବାର୍ଷିକ ପାଳିତ

ବାଙ୍କୀ,୨୩।୮(ସ୍ୱ.ପ୍ର.): ବାଙ୍କୀ ଥାନା ରୋଡ଼ରେ ଥିବା ତାରିଣୀ ଦେବୀଙ୍କ ଜନ୍ମବାର୍ଷିକ ଉତ୍ସବ ଶୁକ୍ରବାର ପାଳିତ ହୋଇଯାଇଛି। ଏହି ଅବସରରେ ଶ୍ରଦ୍ଧାଳୁ ସ୍ଥାନୀୟ ମହାନଦୀ ଘାଟରୁ କଳସ ଯାତ୍ରାକରି ମନ୍ଦିରରେ ସ୍ଥାପନ କରିବା ପରେ ପରମ୍ପରା ଅନୁଯାଇ ପୂଜାର୍ଚ୍ଚନା କରାଯାଇଥିଲା। ମନ୍ଦିର ପରିସରରେ ହୋମଯଜ୍ଞ ଓ କୀର୍ତ୍ତନ ଆଦିରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ସନ୍ଧ୍ୟାରେ ପୂଜାକମିଟି ପକ୍ଷରୁ ଭକ୍ତଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା।

■ ସାରଳା ମନ୍ଦିର ବଡ଼ପଣ୍ଡା ବିବାଦ

# ଜିଲାପାଳଙ୍କ ଉପସ୍ଥିତିରେ ହେଲା ଜନ୍ମାଷ୍ଟମୀ

- ତଦାରଖ କଲେ ଏସ୍‌ଡିପିଓ, ମନ୍ଦିର ନିର୍ବାହୀ ଅଧିକାରୀ
- ଶୃଙ୍ଖଳା ରକ୍ଷା ପାଇଁ ୨ ପ୍ଲାଟୁନ୍ ଫୋର୍ସ ମୁତୟନ

ଜଗତ୍‌ସିଂହପୁର ଅଫିସ, ୨୩।୮: ସାରଳା ମନ୍ଦିର ବଡ଼ପଣ୍ଡା ବିବାଦ ଉପରେ ହାଇକୋର୍ଟ ଦେଇଥିବା ରାୟ କାର୍ଯ୍ୟକାରୀ କରିବା ପାଇଁ ଜିଲାପାଳ ଗୁରୁଦାୟିତ୍ୱ ଆରୋପ କରିଛନ୍ତି। ରାୟ ଅନୁଯାୟୀ, ରଞ୍ଜନ କୁମାର ପଣ୍ଡା ଓ ପ୍ରଜ୍ଞାଦୀପ୍ତ ପଣ୍ଡାଙ୍କୁ ବଡ଼ପଣ୍ଡା ହିସାବରେ ଗ୍ରହଣ କରାଯିବ। ସେମାନେ ବର୍ଷରେ ପାଳନ ହେଉଥିବା ୨୪ଟି ସ୍ୱତନ୍ତ୍ର ସେବାପୂଜାକୁ ପାଳି କରି ସମ୍ପାଦନ କରିବେ। ଓଡ଼ିଆ କ୍ୟାଲେଣ୍ଡର ଅନୁଯାୟୀ ଉଭୟଙ୍କୁ ୧୨ଟି ଲେଖାଏଁ ସ୍ୱତନ୍ତ୍ର ସେବାପୂଜାର ସୁଯୋଗ ମିଳିବ। କେଉଁ ସ୍ୱତନ୍ତ୍ର ସେବାପୂଜାରେ କିଏ ବଡ଼ ପଣ୍ଡା ରହିବେ ତାହା ଦ୍ରୁତତର ହୋଇଛି। ଜନ୍ମାଷ୍ଟମୀରୁ ହାଇକୋର୍ଟଙ୍କ ରାୟ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଥିଲା। ତେଣୁ ଶୁକ୍ରବାର ଜନ୍ମାଷ୍ଟମୀରେ ରଞ୍ଜନ ପଣ୍ଡା ଓ ତାଙ୍କ ନାତି କୈଳାସ ପଣ୍ଡାଙ୍କୁ ବଡ଼ପଣ୍ଡା ହିସାବରେ ଗ୍ରହଣ କରାଯାଇଥିଲା। ଶେଷରେ ଜିଲାପାଳଙ୍କ ଉପସ୍ଥିତିରେ ଶୃଙ୍ଖଳାର ସହ ପୂଜା ଅନୁଷ୍ଠିତ ହୋଇଥିଲା। ଏହି ପର୍ବରେ ପ୍ରଜ୍ଞାଦୀପ୍ତ ଓ ତାଙ୍କ ସମର୍ଥକମାନେ ବିଶୃଙ୍ଖଳା କରିବାର ଆଶଙ୍କା ଥିବାରୁ ଜିଲାପାଳ ତଥା ମନ୍ଦିର ଟ୍ରଷ୍ଟି ସଂଗ୍ରାମ କେଶରୀ ମହାପାତ୍ରଙ୍କ ନିର୍ଦ୍ଦେଶରେ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଥିଲା। ମନ୍ଦିରରେ ଉପଜିଲାପାଳ ମହେନ୍ଦ୍ର ପ୍ରସାଦ ମହାନ୍ତି, ତିର୍ତ୍ତୋଲ ଏସ୍‌ଡିପିଓ ଦୀପକ କୁମାର ଜେନା, ମନ୍ଦିର ନିର୍ବାହୀ ଅଧିକାରୀ ସଂଗ୍ରାମ କେଶରୀ ଧଳ, ଦେବୋତ୍ତର ବିଭାଗର ଜଣେ ଇନ୍‌ସପେକ୍ଟରଙ୍କ ସମେତ ତିର୍ତ୍ତୋଲ ଓ ଏରସମା ଆଇଆଇସି ଉପସ୍ଥିତ ଥିଲେ। ୨ ପ୍ଲାଟୁନ୍ ଫୋର୍ସ ମୁତୟନ କରାଯାଇଥିଲା। ରାତି ପାଖାପାଖି ୮.୧୦ରେ ମନ୍ଦିରରେ ରଞ୍ଜନ ପଣ୍ଡା ବଡ଼ପଣ୍ଡା ହିସାବରେ ସ୍ୱତନ୍ତ୍ର ସେବାପୂଜା ସାରିଥିଲେ। କୌଣସି ପ୍ରକାର ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇ ନ ଥିବା ଜଣାଯାଇଛି। କେବଳ ହାତଗଣତି କେତେଜଣ ବଡ଼ପଣ୍ଡା ପଦବୀ ଉଚ୍ଛେଦ କରି ପାଳିଆ ପଣ୍ଡାଙ୍କୁ ସେବାପୂଜା ପାଇଁ ଅନୁମତି ଦିଆଯାଉ ବୋଲି ଦାବି କରିଥିଲେ। କିନ୍ତୁ ସେମାନଙ୍କ ଦାବିକୁ ଗ୍ରହଣ କରାଯାଇ ନ ଥିଲା। ଆସନ୍ତା ସପ୍ତପୁରୀ ଅମାବାସ୍ୟାରେ ବଡ଼ପଣ୍ଡା ରହିବେ ପ୍ରଜ୍ଞାଦୀପ୍ତ ଓ ତାଙ୍କ ନାତି ଜଗନ୍ନାଥ। ତା'ପର ସ୍ୱତନ୍ତ୍ର ପର୍ବ ଗଣେଶ ପୂଜାରେ ରଞ୍ଜନ ଓ ତାଙ୍କ ନାତି କୈଳାସ ବଡ଼ପଣ୍ଡା ରହିବେ। ଏହିଭଳି ପାଳିକରି ଉଭୟ ସ୍ୱତନ୍ତ୍ର ସେବାପୂଜା କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ମୋଟାମୋଟି ଭାବେ କହିବାକୁ ଗଲେ ଦୀର୍ଘ ଦିନ ମନ୍ଦିର ପରିସରରେ ସ୍ୱତନ୍ତ୍ର ସେବାପୂଜାରେ ଯେଉଁ ବିଭ୍ରାଟ ସୃଷ୍ଟି ହେଉଥିଲା ତାର ଯବନିକା ପଡ଼ିଛି। ତଥାପି ଆଗକୁ ଦେଖିବାର କଥା ମନ୍ଦିରରେ ଶାନ୍ତି ଫେରି ଆସୁଛି କି ନାହିଁ। ସୂଚନା ଅନୁଯାୟୀ, ରାତି ପାଖାପାଖି ୮ଟାରେ ସ୍ୱତନ୍ତ୍ର ସେବାପୂଜା ଥିବାରୁ ଏହା ପୂର୍ବରୁ ଉତ୍ତେଜନା ପ୍ରକାଶ ପାଇବାର ଆଭାସ ମିଳିଥିଲା। କିନ୍ତୁ ବରିଷ୍ଠ ଅଧିକାରୀ ଓ ଫୋର୍ସ ମୁତୟନ ହୋଇଥିବାରୁ ସେଭଳି କିଛି ହୋଇ ନ ଥିଲା।

## ଅବକାରୀ ଚଢ଼ାଉ, ୪୮୦ଲିଟର ମଦ ଜବତ

ଆଠଗଡ଼,୨୩।୮(ସ୍ୱ.ପ୍ର.): ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ଡାଙ୍ଗୁଆ ଗ୍ରାମର ଜଙ୍ଗଲଆସ୍ଥାନରେ ଦେଶୀମଦ ପ୍ରସ୍ତୁତ ହେଉଥିବା ଖବର ପାଇ ଶୁକ୍ରବାର ଆଠଗଡ଼ ଅବକାରୀ ବିଭାଗ ଓ କଟକ ଅବକାରୀ ଭ୍ରାମ୍ୟମାଣ ଦଳ ପକ୍ଷରୁ ଚଢ଼ାଉ କରାଯାଇଥିଲା। ଏହି ସମୟରେ ମଦ ପ୍ରସ୍ତୁତ ପାଇଁ ଗଚ୍ଛିତ ଥିବା ୭୭୪ଲିଟର ଗୁଡ ମହୁଲ ମିଶା ପୋଚ ନଷ୍ଟ କରାଯିବା ସହ ପ୍ରସ୍ତୁତ ହୋଇ ରହିଥିବା ୪୮୦ଲିଟର ରନ୍ଧା ଦେଶୀମଦ ଜବତ କରାଯାଇଥିଲା। ଅବକାରୀ ବିଭାଗ କର୍ମଚାରୀ ଜଙ୍ଗଲ ଭିତରେ ଅସାଧୁ ବ୍ୟବସାୟୀ ମଦ ରାନ୍ଧୁଥିବା ଦେଖି ପାଇ ଚଢ଼ାଉ କରିଥିଲେ। ମଦ ପ୍ରସ୍ତୁତକାରୀ ଶଙ୍କ ଶୁଣି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଅବକାରୀ ଅଧୀକ୍ଷକ ଅଶୋକ ଶତପଥୀଙ୍କ ନିର୍ଦ୍ଦେଶମତେ ଏହି ଚଢ଼ାଉ କରାଯାଇଥିଲା। ନିରୀକ୍ଷକ ସଞ୍ଜିତ୍ ବାଲାଙ୍କ ନେତୃତ୍ୱରେ ପ୍ରବୀର ସାମଲ, ବେଣୁଧର ସାମଲଙ୍କ ସମେତ ବହୁ କର୍ମଚାରୀ ସାମିଲ ହୋଇଥିଲେ।

# ଆଇଓସିଏଲ ଶିଳାନ୍ୟାସ ସ୍ମୃତି ସଂରକ୍ଷଣ କରାଯାଉ

କୁଜଙ୍ଗ,୨୩।୮(ସ୍ୱ.ପ୍ର.): ୨୦୦୦ ମେ ୨୪ ତାରିଖରେ ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳ ବିହାରୀ ବାଜପେୟୀ ପାରାଦୀପ ଆଇଓସିଏଲ ପ୍ରକଳ୍ପ ପାଇଁ ଶିଳାନ୍ୟାସ କରିଥିଲେ। ବର୍ତ୍ତମାନର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗତ ୨୦୧୬ ଫେବୃୟାରୀ ୭ରେ ଉକ୍ତ ମେଗା ପ୍ରକଳ୍ପକୁ ଦେଶ ଉଦ୍ଦେଶ୍ୟରେ ଲୋକାର୍ପିତ କରିଥିଲେ। ୨୦୦୦ରେ ଏହି ଯୁଗାନ୍ତକାରୀ ପ୍ରକଳ୍ପ ପାଇଁ ଶିଳାନ୍ୟାସବେଳେ ବାଜପେୟୀ ଦେଇଥିବା ବକ୍ତବ୍ୟକୁ ବର୍ତ୍ତମାନର ପ୍ରଧାନମନ୍ତ୍ରୀ ମୋଦି ଦୋହରାଇଥିଲେ। ସେ କହିଥିଲେ ଯେ, ଏହି ପ୍ରକଳ୍ପ ପାଇଁ ପାରାଦୀପ କେବଳ ଓଡ଼ିଶା ନୁହେଁ, ବରଂ ଦେଶର ପୂର୍ବ ଉପକୂଳର ବିକାଶର ଦ୍ୱାରଦେଶ ହେବ। ଏହି ଶିଳାନ୍ୟାସ ପ୍ରସ୍ତର ଖଣ୍ଡକ ଅନେକ ସ୍ମୃତି ବହନ କରୁଛି। ବାଜପେୟୀଙ୍କ ସ୍ମୃତି ସହ ଜଡ଼ିତ ଏହି ଶିଳାନ୍ୟାସ ସ୍ଥଳକୁ ସୁରକ୍ଷିତ ରଖିବା ସହ ଏହାର ସୌନ୍ଦର୍ଯ୍ୟକରଣ କରିବା ଆବଶ୍ୟକ। କିନ୍ତୁ କମ୍ପାନୀ କର୍ତ୍ତୃପକ୍ଷ ଏନେଇ କୌଣସି ପଦକ୍ଷେପ ଗ୍ରହଣ କରୁନ



ଆଇଓସିଏଲ ପ୍ରକଳ୍ପ ଶିଳାନ୍ୟାସ ସ୍ଥାନ।

ଥିବାରୁ ପ୍ରଧାନମନ୍ତ୍ରୀ ଏଥିପ୍ରତି ଦୃଷ୍ଟି ଦେବାକୁ ବରିଷ୍ଠ କୃଷକ ନେତା ଗୌରମୋହନ ସାହୁ ଓ ଶ୍ରମିକ ନେତା ସୁଧାକର ମହାନ୍ତି ନିବେଦନ କରିଛନ୍ତି। ଏ ସମ୍ପର୍କରେ ସେମାନେ ପ୍ରଧାନମନ୍ତ୍ରୀଙ୍କ ନିକଟକୁ ପତ୍ର ଲେଖି ଜଣାଇଛନ୍ତି। ଏହି ଐତିହାସିକ ସ୍ଥାନଟି ଏବେ ଘାସ, ବଣବୁଦାରେ ଭର୍ତ୍ତି ହୋଇଛି। ଏପରି କି ଶିଳାନ୍ୟାସ ସ୍ଥଳ ସମ୍ପୂର୍ଣ୍ଣ ଭାବେ ନିଶ୍ଚିହ୍ନ ହୋଇଯିବାର ଆଶଙ୍କା ରହିଛି। ଏ ସମ୍ପର୍କରେ କୋଠିର ସମିତି ସଭ୍ୟ ଅରକ୍ଷିତ ଦାସ କହିଛନ୍ତି ଯେ, ଏହାକୁ ପାରାଦୀପ ତୈଳ ଶୋଧନାଗାର କର୍ତ୍ତୃପକ୍ଷ ସଂରକ୍ଷିତ କରିବା ଉଚିତ। ଗତ ୧୮ ତାରିଖରେ ବାଜପେୟୀଙ୍କୁ ସଭିଏଁ ମନେପକାଇ ଶ୍ରଦ୍ଧାଞ୍ଜଳି ଦେଇଥିଲେ। କିନ୍ତୁ ତାଙ୍କ ଦ୍ୱାରା ହୋଇଥିବା ଶିଳାନ୍ୟାସସ୍ଥଳକୁ ସଂରକ୍ଷିତ କରା ନଯିବା ତାଙ୍କ ପାଇଁ ଅପମାନ ସଦୃଶ ବୋଧ ହେଉଛି।

## ଫନୀ ପରବର୍ତ୍ତୀ ପୁନରୁଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ଦାବି

ବାଲିଆ,୨୩।୮: ଫନୀ ବାତ୍ୟାରେ ବିରିଡ଼ି ବ୍ଲକ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ହୋଇଥିଲା। ତେବେ ବାତ୍ୟା ପରେ ପୁନରୁଦ୍ଧାର କାର୍ଯ୍ୟ ଆଶାଜନକ ଭାବେ ହୋଇପାରୁନାହିଁ। ଏହାକୁ ନେଇ ତିର୍ତ୍ତୋଲ ନିର୍ବାଚନମଣ୍ଡଳୀ ଭାଜପା ନେତା ରମାକାନ୍ତ ଭୋଇ ଅସନ୍ତୋଷ ପ୍ରକାଶ କରିବା ସହ ବିଡିଓଙ୍କୁ ଭେଟି ଆଲୋଚନା କରିଛନ୍ତି। ସେ କହିଛନ୍ତି ଯେ, ବାତ୍ୟା ପରବର୍ତ୍ତୀ ପୁନରୁଦ୍ଧାର କାର୍ଯ୍ୟ ଦଳୀୟ ଭିତ୍ତିରେ କରାଯାଉଛି। ବିଶେଷ କରି ଶାସକ ଦଳର କର୍ମୀମାନଙ୍କୁ ସନ୍ତୁଷ୍ଟ କରିବାକୁ ବିରିଡ଼ି ବ୍ଲକ ପ୍ରଶାସନ ଉଦ୍ୟମ କରୁଛି। ପ୍ରଶାସନ ଏଥିରୁ କ୍ଷାନ୍ତ ନ ହେଲେ ଆଗକୁ ଲଢ଼େଇ ସହ ଭାଜପା ଆନ୍ଦୋଳନକୁ ଓହ୍ଲାଇବ। ଗୁରୁବାର ସେ ବିରିଡ଼ି ବ୍ଲକ କାର୍ଯ୍ୟାଳୟକୁ ଯାଇ ଏ ସମ୍ପର୍କରେ ବିଡିଓ ଗିରିଜା ପ୍ରସାଦ ବାରିକଙ୍କ ସହ ଆଲୋଚନା କରିଥିଲେ। ପୁନରୁଦ୍ଧାର କାର୍ଯ୍ୟ ପାଇଁ ଆସିଥିବା ଅର୍ଥକୁ ତୁରନ୍ତ ଖର୍ଚ୍ଚ କରି କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ସେ ଦାବି କରିଥିଲେ। ଏଥିସହିତ ପ୍ରଧାନମନ୍ତ୍ରୀ ଆବାସ, ରାସ୍ତାଘାଟ ଓ ବିଭିନ୍ନ ସମସ୍ୟା ସମ୍ପର୍କରେ ମଧ୍ୟ ଭୋଇ ଆଲୋଚନା କରିଥିବା କହିଛନ୍ତି।

■ ଏଫ୍‌ଏଟିଏଫ୍ ଏସିଆ-ପାସିଫିକ୍ ଗ୍ରୁପ୍‌ର ବଡ଼ କାର୍ଯ୍ୟାନୁଷ୍ଠାନ

# ପାକିସ୍ତାନ କଳାତାଲିକାଭୁକ୍ତ

**ଆତଙ୍କବାଦ ପାଇଁ ପାଣ୍ଠି ଯୋଗାଣ ରୋକିବାରେ ବିଫଳ ହୋଇଛି ଇସ୍‌ଲାମାବାଦ**

ନୂଆଦିଲ୍ଲୀ,୨୩।୮: ଆତଙ୍କବାଦ ଲାଗି ପାଣ୍ଠି ଯୋଗାଣକୁ ଲଗାମ ଲଗାଇବାରେ ବିଫଳ ହୋଇଥିବା ପାକିସ୍ତାନର ଅର୍ଥନୈତିକ ଭାଗ୍ୟାକାଶରେ ଘନକଳା ବାଦଲ ଘୋଟିଆସିଛି। ବିଶ୍ୱସ୍ତରୀୟ ଅର୍ଥନୈତିକ ନିରାପତ୍ତାକାରୀ ସଂସ୍ଥା ଫାଇନାନ୍‌ସିଆଲ ଆକ୍ସନ ଟାସ୍କ ଫୋର୍ସ (ଏଫ୍‌ଏଟିଏଫ୍)ର ଏସିଆ ପାସିଫିକ୍ ଡିଭିଜନ୍ ଶୁକ୍ରବାର ପାକିସ୍ତାନକୁ କଳାତାଲିକାଭୁକ୍ତ କରିଛି। ଅକ୍ଟୋବର ସୁଦ୍ଧା ଆତଙ୍କବାଦ ପାଇଁ ପାଣ୍ଠି ଯୋଗାଣ ରୋକିବା ପାଇଁ ଏଫ୍‌ଏଟିଏଫ୍ ଇସ୍‌ଲାମାବାଦକୁ ଚେତାବନୀ ଦେଇଛି। ଫଳରେ ଇସ୍‌ଲାମାବାଦ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି ହୋଇଛି। ୨୦୧୮ ଜୁନରୁ ଏଫ୍‌ଏଟିଏଫ୍‌ର ଧୂସର ତାଲିକା (ଗ୍ରେ ଲିଷ୍ଟ)ରେ ରହିଆସିଥିବା ପାକିସ୍ତାନକୁ ଆତଙ୍କବାଦ ପାଇଁ ପାଣ୍ଠି ଯୋଗାଣ ଓ ମନିଲଣ୍ଡରିଂ ରୋକିବା ଲାଗି ୧୫ ମାସିଆ ମହଲତ ଦିଆଯାଇଥିଲା। ଏଥିରେ ୨୭ଟି ବିନ୍ଦୁ ଉପରେ ପଦକ୍ଷେପ ନେବାକୁ ଏଫ୍‌ଏଟିଏଫ୍ ପକ୍ଷରୁ କାର୍ଯ୍ୟସୂଚୀ ପ୍ରସ୍ତୁତ କରାଯାଇଥିଲା। ପଦକ୍ଷେପ ନ ନେଲେ ପରିଣାମ ଭୋଗିବ ବୋଲି ପାକିସ୍ତାନକୁ ଚେତାବନୀ ମଧ୍ୟ ଦିଆଯାଇଥିଲା। ହେଲେ ଏହି କ୍ଷେତ୍ରରେ ୪୦ ମାପଦଣ୍ଡ ମଧ୍ୟରୁ ୩୨ଟିରେ ପାକିସ୍ତାନ ବିଫଳ ହୋଇଛି। ଫଳରେ ଏହି ସଂସ୍ଥାର ଏସିଆ-ପାସିଫିକ୍ ଗ୍ରୁପ୍ କଳାତାଲିକା (ଏନ୍‌ହାନ୍ସଡ୍ ଫଲୋ ଅପ୍ ଲିଷ୍ଟ)ରେ ସ୍ଥାନିତ କରିଛି। ଅଷ୍ଟ୍ରେଲିଆ ରାଜଧାନୀ କାନ୍‌ବେରାରେ ୨ ଦିନ ଧରି ଚାଲିଥିବା ବୈଠକରେ ସାଧାରଣ ବୈଠକରେ ଏନେଇ ୭ ଘଣ୍ଟା ଧରି ଆଲୋଚନା ହୋଇଥିଲା। ପାକିସ୍ତାନର ସେଣ୍ଟ୍ରାଲ ବ୍ୟାଙ୍କ ମୁଖ୍ୟଙ୍କ ନେତୃତ୍ୱରେ ୧୦ ସଦସ୍ୟ ବିଶିଷ୍ଟ ପ୍ରତିନିଧି ଦଳ ଏଥିରୁ ବର୍ତ୍ତିଯିବା ପାଇଁ ଅନେକ ଉଦ୍ୟମ କରିଥିଲେ। ହେଲେ ଜାତିସଂଘ ପକ୍ଷରୁ ଘୋଷିତ ଆତଙ୍କବାଦୀଙ୍କ ବିରୋଧରେ ଇସ୍‌ଲାମାବାଦ କ'ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି ସେନେଇ ସେମାନେ ୪୧ ସଦସ୍ୟ ବିଶିଷ୍ଟ ବିଶ୍ୱସ୍ତ ବୈଠକରେ କୌଣସି ପ୍ରକାରେ ବୁଝାଇ ପାରି ନ ଥିଲେ। ଏହି ବଡ଼ କାର୍ଯ୍ୟାନୁଷ୍ଠାନ ପରେ ଅକ୍ଟୋବରରେ ଫ୍ରାନ୍ସର ରାଜଧାନୀ ପ୍ୟାରିସ୍‌ରେ ହେବାକୁ ଥିବା ଏଫ୍‌ଏଟିଏଫ୍ ବିଶ୍ୱସ୍ତ ବୈଠକରେ କଳାତାଲିକାଭୁକ୍ତ ହେବା ଚ୍ୟାଲେଞ୍ଜରୁ ମୁକୁଳିବା ପାକିସ୍ତାନ ପାଇଁ ଏବେ ସବୁଠୁ ବଡ଼ ଆହ୍ୱାନ ପାଲଟିଛି। ପାକିସ୍ତାନକୁ କଳାତାଲିକାଭୁକ୍ତ କରିବା ପାଇଁ ଭାରତ ପକ୍ଷରୁ ପୂର୍ବରୁ ଏଫ୍‌ଏଟିଏଫ୍‌କୁ ଅନୁରୋଧ କରାଯାଇଥିବାରୁ ସଦ୍ୟ ପଦକ୍ଷେପକୁ ନୂଆଦିଲ୍ଲୀର କୂଟନୈତିକ ବିଜୟ ବୋଲି କୁହାଯାଉଛି।



ପାରାଦୀପ ନାଗରିକ ମଞ୍ଚ ପକ୍ଷରୁ ଶୁକ୍ରବାର ଚାରାରୋପଣ କରାଯାଇଛି।

# ଉପକୂଳ, ଦକ୍ଷିଣ ଓଡ଼ିଶାରେ ପ୍ରବଳ ବର୍ଷା ସମ୍ଭାବନା

- ୨୭ ଯାଏ ହାଲୁକା ବର୍ଷା
- ୨୮ରେ ଲଘୁଚାପ
- ଦୁଇଘଣ୍ଟାରେ ରାଜଧାନୀ ଜଳାର୍ଣ୍ଣବ
- ସ୍ୱାଭାବିକ ରହିଛି ମୌସୁମୀ ବର୍ଷା

ଭୁବନେଶ୍ୱର,୨୩।୮(ବ୍ୟୁରୋ): ରାଜ୍ୟରେ ଦକ୍ଷିଣ ପଶ୍ଚିମ ମୌସୁମୀ ସକ୍ରିୟ ରହିଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ କେନ୍ଦୁଝର, ଢେଙ୍କାନାଳ, ଯାଜପୁର, କଟକ, ଜଗତ୍‌ସିଂହପୁର, ପୁରୀ, ସୁନ୍ଦରଗଡ ଏବଂ ସମ୍ବଲପୁର ଜିଲାର ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ଓ କେନ୍ଦ୍ରାପଡ଼ା, ମୟୂରଭଞ୍ଜ, ବାଲେଶ୍ୱର, ଅନୁଗୋଳ, ଖୋର୍ଦ୍ଧା, ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ, ମାଲକାନଗିରି, ଝାରସୁଗୁଡ଼ା ଏବଂ ଦେବଗଡ଼ ଜିଲାର କେତେକ ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଆସନ୍ତା ୨୭ ତାରିଖ ଯାଏ ଘୂର୍ଣ୍ଣିବଳୟ ଯୋଗୁ ଟାଁ ଟାଁ ବର୍ଷା ଲାଗିରହିବ। ତେବେ ଆସନ୍ତା ୨୮ ତାରିଖ ବେଳକୁ ଓଡ଼ିଶା ଉପକୂଳରେ ଆଉ ଏକ ଲଘୁଚାପ ହେବାର ସମ୍ଭାବନା ରହିଛି। ଗତ ୪୮ ଘଣ୍ଟା ମଧ୍ୟରେ ରାଜ୍ୟର କେତେକ ସ୍ଥାନରେ ବର୍ଷା ହୋଇଯାଇଛି। ଚାନ୍ଦବାଲିରେ ସର୍ବାଧିକ ୫୭.୨ ପ୍ରତିଶତ ବର୍ଷା ରେକର୍ଡ କରାଯାଇଥିବା ବେଳେ ଭୁବନେଶ୍ୱର ୫୪,ସମ୍ବଲପୁର ୪୭, ଝାରସୁଗୁଡ଼ା ୨୪, ପୁରୀ ୧୭, ଗୋପାଳପୁର ୧୬.୩, ବାରିପଦା ୧୯, କେନ୍ଦୁଝର ୧୪.୫ ଏବଂ ତାଳଚେରରେ ୧୫ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ଶୁକ୍ରବାର ରାଜଧାନୀ ଭୁବନେଶ୍ୱରରେ ସକାଳ ୯ଟାରୁ ୧୨ଟା ଯାଏ ପ୍ରବଳ ବର୍ଷା ହୋଇଥିଲା। ଏହିଯୋଗୁ ସହରର ବିଭିନ୍ନ ଅଞ୍ଚଳରେ ପାଣି ଲହଡ଼ି ମାରିଥିଲା। ଜଳ ନିଷ୍କାସନ ଡ୍ରେନଗୁଡ଼ିକୁ ଅବରୋଧ କରାଯିବାରୁ ସହରରେ କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିଲା। ନୂଆପଲ୍ଲୀ ଇସ୍କନ ମନ୍ଦିର ନିକଟରେ ବର୍ଷା ଜଳ ନିଷ୍କାସନ ହୋଇ ନ ପାରିବାରୁ ଦୀର୍ଘ ସମୟ ଧରି ପାଣି ଜମା ହୋଇରହିଥିଲା। ଫଳରେ ଯିବା ଆସିବାରେ ସମସ୍ୟା ସୃଷ୍ଟି ହୋଇଥିଲା। ସେହିପରି ବେହେରାସାହି, ଶାସ୍ତ୍ରୀ ନଗର, ଆଚାର୍ଯ୍ୟ ବିହାର, ସତ୍ୟବିହାର, ମଞ୍ଚେଶ୍ୱର, ସଦେଇ ଗାଡ଼ିଆ, କଟକ-ପୁରୀ ରୋଡ ଓ ଅନ୍ୟାନ୍ୟ ଖାଲୁଆ ଅଞ୍ଚଳରେ ପାଣି ଜମି ରହିଥିଲା। ରାଜ୍ୟରେ ଜୁନ ପହିଲାରୁ ଅଗଷ୍ଟ ୨୩ ତାରିଖ ମଧ୍ୟରେ ମୌସୁମୀ ବର୍ଷା ସ୍ୱାଭାବିକ ରହିଛି। ପାଣିପାଗ ବିଭାଗ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ରାଜ୍ୟରେ ଏହି ସମୟରେ ୮୪୭.୩ ମିଲିମିଟର ବର୍ଷା ହେବା ସ୍ଥଳେ ହୋଇଛି ୮୧୨ ମିଲିମିଟର। ଏହା ସହିତ ଦେବଗଡ଼ ଜିଲାରେ ୩୩ ପ୍ରତିଶତ କମ୍ ବର୍ଷା ହୋଇଥିବା ବେଳେ ଅନୁଗୋଳ ୨୫, ବାଲେଶ୍ୱର ୩୨ ଏବଂ ଗଜପତିରେ ୨୯ ପ୍ରତିଶତ କମ୍ ବର୍ଷା ହୋଇଛି।

■ ବିଦ୍ୟୁତ୍ କାଟକୁ ନେଇ ତେଜୁଛି ଅସନ୍ତୋଷ

## ଓକିଲ ସଂଘର ଆନ୍ଦୋଳନ ଚେତାବନୀ

କୁଜଙ୍ଗ,୨୩।୮(ସ୍ୱ.ପ୍ର.): କୁଜଙ୍ଗରେ ଦୀର୍ଘଦିନ ହେଲା ଘନ ଘନ ବିଦ୍ୟୁତ କାଟ ହେଉଛି। ଦିନକୁ ପ୍ରାୟ ୧୪ରୁ ୧୬ ଘଣ୍ଟା ବିଦ୍ୟୁତ ସେବା ବନ୍ଦ ରହୁଥିବାରୁ ସାଧାରଣରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। କୁଜଙ୍ଗରେ ଅତିରିକ୍ତ ଜିଲା ଦୌରାଜଙ୍କ କୋର୍ଟ, ୧୦ରୁ ଊର୍ଦ୍ଧ୍ୱ ବଡ଼ ବଡ଼ ବ୍ୟାଙ୍କ, ସବ୍ ରେଜିଷ୍ଟ୍ରାର କାର୍ଯ୍ୟାଳୟ, ଟ୍ରେଜେରୀ, ଥାନା, ତହସିଲ, ଜଳସେଚନ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ସବ୍‌ଡିଭିଜନାଲ କାର୍ଯ୍ୟାଳୟ ଥିବାବେଳେ ବିଦ୍ୟୁତ୍ କାଟ୍ ଯୋଗୁ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ବିଦ୍ୟୁତ୍ କାଟ ଯୋଗୁ ଲୋକେ ଇଣ୍ଟରନେଟ୍ ସୁବିଧାରୁ ମଧ୍ୟ ବଞ୍ଚିତ ହେଉଛନ୍ତି। ଏପରି କି ଗତବର୍ଷ ମଧ୍ୟ ଏଭଳି ବାରମ୍ବାର ବିଦ୍ୟୁତ କାଟ ହେଉଥିବାରୁ କୁଜଙ୍ଗ ଓକିଲ ସଂଘ ପକ୍ଷରୁ ଆନ୍ଦୋଳନ ଡାକରା ଦିଆଯାଇଥିଲା। ସେତେବେଳେ ବିଦ୍ୟୁତ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କ ସମେତ ଜିଲାସ୍ତରୀୟ ଅଧିକାରୀମାନେ କୁଜଙ୍ଗ ତହସିଲଦାରଙ୍କ କାର୍ଯ୍ୟାଳୟରେ ଆଲୋଚନା କରି ତୁରନ୍ତ ସମସ୍ୟା ସମାଧାନ କରିବାକୁ ଓକିଲ ସଂଘକୁ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ସମସ୍ୟାରେ ସୁଧାର ନ ଆସିବାରୁ ଓକିଲ ସଂଘ ପକ୍ଷରୁ ପୁଣି ଥରେ ଆନ୍ଦୋଳନ ଚେତାବନୀ ଦିଆଯାଇଛି। ସଂଘର ସଭାପତି ରମେଶ ଚନ୍ଦ୍ର ଦାସ, ପୂର୍ବତନ ସଭାପତି ଏ.ଏନ୍.ଡି. ଯାଦବ, ବରିଷ୍ଠ ଆଇନଜୀବୀ ସୁଶାନ୍ତ କୁମାର ପଟ୍ଟନାୟକ, ସତ୍ୟାନନ୍ଦ ବିଶ୍ୱାଳ, ଭାରତ ଭୂଷଣ ଦାସ, ଅମୃତ ଦାସ, କୁଜଙ୍ଗ ପ୍ରେସ୍ କ୍ଲବ୍ ସଭାପତି ରଘୁନାଥ ସାହୁ, ଗୋପବନ୍ଧୁ ବଜାର କମିଟି ସଭାପତି ସଞ୍ଜୀବ କୁମାର ପଟ୍ଟନାୟକ, ଆଇଡ଼ିଆଲ ସଙ୍ଗଠନର ଜୀବନାନନ୍ଦ ଅଧିକାରୀ, ଅବକାଘର ପକ୍ଷରୁ ଡ. ଗିରିଧାରୀ ସାହୁ, ଆଥଲେଟିକ୍ କ୍ଲବ୍ ପକ୍ଷରୁ ସଭାପତି ରଞ୍ଜନ କୁମାର ଦାସ, ବଣିକ ସଂଘ ସଭାପତି ନିରଞ୍ଜନ ବିଶ୍ୱାଳ ପ୍ରମୁଖ ତୁରନ୍ତ ପ୍ରତିକାର ବ୍ୟବସ୍ଥା କରିବାକୁ ଦାବି କରିଛନ୍ତି। ବିଦ୍ୟୁତ୍ କାଟ ସମସ୍ୟାର ସ୍ଥାୟୀ ପ୍ରତିକାର କରା ନ ଗଲେ କଟକ-ପାରାଦୀପ ରାଜ୍ୟ ରାଜପଥକୁ ଭୁତମୁଣ୍ଡାଇଠାରେ ଅବରୋଧ କରିବେ ବୋଲି ଚେତାବନୀ ଦିଆଯାଇଛି।

# ମାଛ ମାଫିଆଙ୍କ ହାତରେ ସ୍ଲୁଇସ ଗେଟ୍

- ଗେଟ୍ ଭାଙ୍ଗିଯାଇଥିବାରୁ ସଂରକ୍ଷିତ ହୋଇପାରୁନି ଜଳ
- କ୍ଷତିଗ୍ରସ୍ତ ହେଉଛନ୍ତି ଚାଷୀ

ନାଉଗାଁ,୨୩।୮(ସ୍ୱ.ପ୍ର.): ନାଉଗାଁ ବ୍ଲକ କୋରୁଆ ପଞ୍ଚାୟତର ଗାରୋଇଛିଡ଼ ଦେବୀନଦୀ ଓ ଗୋବରୀ ନଦୀର ସଂଯୋଗସ୍ଥଳରେ ଗାରୋଇଠାରେ ନିର୍ମାଣ କରାଯାଇଛି ସ୍ଲୁଇସ ଗେଟ। ଚାଷଜମିରୁ ଉଦ୍‌ବୃତ୍ତ ବର୍ଷାଜଳ ନିଷ୍କାସନ କରିବା ଓ ଗୋବରୀ ନଦୀରେ ଜଳ ସଂରକ୍ଷଣ କରି ଚାଷ ସମୟରେ ଜମିକୁ ଜଳ ଯୋଗାଇବା ଲକ୍ଷ୍ୟରେ ଏହାର ନିର୍ମାଣ ହୋଇଛି। ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱ ଜଳସମ୍ପଦ ବିଭାଗ ହାତରେ ରହିଛି। ସ୍ଲୁଇସ ଗେଟ କେଉଁ ସମୟରେ ଖୋଲାଯିବ ଓ କେଉଁ ସମୟରେ ବନ୍ଦ ରହିବ ତାହା ନିର୍ଦ୍ଧାରଣ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି। କିନ୍ତୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନେ ଏହି ସ୍ଲୁଇସ ଗେଟକୁ ମାଛ ମାଫିଆଙ୍କ ହାତରେ ଟେକି ଦେଇଛନ୍ତି। ଫଳରେ ଚାଷୀମାନେ ଏହାର ସୁଫଳ ପାଇପାରୁନାହାନ୍ତି। ମାଛ ମାଫିଆମାନେ ମନଇଚ୍ଛା ମାଛ ଧରିବା ପାଇଁ ସ୍ଲୁଇସ ଗେଟ୍ ବ୍ୟବହାର କରୁଛନ୍ତି। ପ୍ରକାଶ ଯେ, ଏହି ସ୍ଲୁଇସ ଗେଟ୍ ଉପରେ ନାଉଗାଁ ବ୍ଲକର ୬ ପଞ୍ଚାୟତର ଚାଷୀ ନିର୍ଭରଶୀଳ। କିନ୍ତୁ ପ୍ରଶାସନର ଅବହେଳା ଏବଂ ନିମ୍ନମାନର କାର୍ଯ୍ୟ ଯୋଗୁ ଦୀର୍ଘବର୍ଷ ହେଲା ଏହି ସ୍ଲୁଇସ ଗେଟ୍‌ରେ ଜଳ ସଂରକ୍ଷଣ ହୋଇପାରୁନାହିଁ। ଫଳରେ ଚାଷୀମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ଏହାକୁ ଦୃଷ୍ଟିରେ ରଖି ଚଳିତବର୍ଷ ଜଳ ସମ୍ପଦ ବିଭାଗ ପକ୍ଷରୁ ଏହି ସ୍ଲୁଇସ ଗେଟ୍‌ରେ ଥିବା ୫ କବାଟ ମଧ୍ୟରୁ ୩ଟି ମରାମତି କରାଯାଇ କାର୍ଯ୍ୟକ୍ଷମ କରାଯାଇଥିଲା। କିନ୍ତୁ ଏହି ମରାମତି କାର୍ଯ୍ୟ ନିମ୍ନମାନର ହେଉଥିବାରୁ ସ୍ଥାନୀୟ ଜନସାଧାରଣ ପ୍ରତିବାଦ କରି ଗତ ଜୁଲାଇ ୯ରେ କାର୍ଯ୍ୟ ବନ୍ଦ କରିଦେଇଥିଲେ। ବିଭାଗ ପକ୍ଷରୁ ଠିକ୍ ଭାବେ କାର୍ଯ୍ୟ କରିବାକୁ ପ୍ରତିଶ୍ରୁତି ଦିଆଯିବା ପରେ କାମ ହୋଇଥିଲା। ଚଳିତବର୍ଷ ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ଗୋବରୀ ନଦୀରେ ଜଳ ସଂରକ୍ଷଣ କରିବାର ଆବଶ୍ୟକତା ଥିଲା। ତେଣୁ ବିଭାଗ ପକ୍ଷରୁ ସମସ୍ତ ୫ ଗେଟ୍ ବନ୍ଦ କରିଦିଆଯାଇଥିଲା। ନଦୀରେ ବନ୍ୟା ଆସିବା ପରେ ଜଳସ୍ତର ବୃଦ୍ଧି ପାଇବାରୁ ୧୯ ଅଗଷ୍ଟରେ ବିଭାଗ ପକ୍ଷରୁ ୨ଟି ଗେଟ ଖୋଲାଯାଇଥିଲା। ଗୋବରୀରୁ କିଛି ଜଳ ଦେବୀ ନଦୀକୁ ଛାଡ଼ିଦିଆଯାଇଥିଲା। କିନ୍ତୁ ଅବଶିଷ୍ଟ ୩ଟି ଗେଟ ଭାଙ୍ଗିଯିବାରୁ ତାହା ଆଉ ବନ୍ଦ କରାଯାଇପାରି ନ ଥିଲା। ଫଳରେ ଗୋବରୀ ନଦୀରୁ ସବୁ ଜଳ ଦେବୀ ନଦୀକୁ ନିଷ୍କାସିତ ହୋଇଯାଉଥିବା ସ୍ଥାନୀୟ ଚାଷୀ ଅଭିଯୋଗ କରିଛନ୍ତି। ଗୁରୁତ୍ୱପୂର୍ଣ୍ଣ କଥା ହେଲା ଚଳିତବର୍ଷ ବର୍ଷା ପରିମାଣ କମ୍ ଥିବାରୁ ଅଞ୍ଚଳରେ ଚଳିତ ପଞ୍ଚାୟତର ଚାଷୀମାନେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଥିଲେ। କିଛିଦିନ ତଳେ ବୃଷ୍ଟିପାତ ହେବାରୁ ସ୍ଥାନୀୟ ଚାଷୀମାନେ ଚାଷ କାର୍ଯ୍ୟ ଆରମ୍ଭ କରିଛନ୍ତି। କିନ୍ତୁ ଚଳିତବର୍ଷ ଏହି ବ୍ଲକରେ ନିଅଣ୍ଟିଆ ବୃଷ୍ଟିପାତ ହୋଇଛି। ଏହି ସ୍ଲୁଇସ ଗେଟ୍ ଉପରେ ନିର୍ଭର କରି ଚାଷୀ ଆବଶ୍ୟକ ଜଳ ପାଇବା ଆଶା ରଖି ଚାଷ କାର୍ଯ୍ୟ ଆରମ୍ଭ କରିଥିଲେ। ବିଭାଗ ପକ୍ଷରୁ ଲୋକଦେଖାଣିଆ ଭାବେ ସକାଳେ ସ୍ଲୁଇସ ଗେଟ୍ ବନ୍ଦ ରଖାଯାଉଥିବାବେଳେ ସନ୍ଧ୍ୟାରୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ଗେଟ୍ ଖୋଲାଯାଇ ମାଛ ଧରାଯାଉଥିବା ସ୍ଥାନୀୟ ଜନସାଧାରଣ ଅଭିଯୋଗ କରିଛନ୍ତି। ଚାଷୀଙ୍କ କହିବା ଅନୁଯାୟୀ, ଦୀର୍ଘବର୍ଷ ହେଲା ବନ୍ୟାଜଳ ଚାଷଜମିକୁ ପ୍ରବେଶ କରୁ ନ ଥିବାରୁ ଜମିର ଉର୍ବରତା ନଷ୍ଟ ହୋଇଗଲାଣି। ତେଣୁ ଅର୍ଥକରି ଫସଲ ଚିନା, ଚିନାବାଦାମ ଆଦି ଚାଷ ବୁଡ଼ିବାକୁ ବସିଲାଣି। ବନ୍ୟାଜଳ ଜମିରେ ମାଡିଲେ ପଟୁ ପଡ଼ିଥାଏ। ଫଳରେ ଜମିର ଉର୍ବରତା ବଢ଼ିବା ସହ ଭଲ ଫସଲ ହୋଇଥାଏ। ଏ ବିଷୟରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଅନିଲ ରାଉତ କହିଛନ୍ତି ଯେ, ସ୍ଲୁଇସ ଗେଟ୍‌ର କ୍ଷମତା ଅନୁଯାୟୀ ଜଳ ସଂରକ୍ଷଣ ଓ ନିଷ୍କାସନ କରାଯାଉଛି। କିନ୍ତୁ ନଦୀରେ ଜଳସ୍ତର ଅଧିକ ଥିବାରୁ ୨ ଦିନ ତଳେ ଜଳ ନିଷ୍କାସନ କରାଯାଇଥିଲା। କିନ୍ତୁ ପୁନର୍ବାର ଗେଟ୍ ବନ୍ଦ କରାଯିବାବେଳେ ତାହା ବନ୍ଦ ହୋଇ ନ ଥିଲା। ତେଣୁ ଉକ୍ତ ଗେଟ୍ ମରାମତି ପାଇଁ ଉପର ବିଭାଗକୁ ଜଣାଇଛୁ।



କଶ୍ମୀର ଏକ ଦ୍ୱିପାକ୍ଷିକ ପ୍ରସଙ୍ଗ। ଭାରତ-ପାକିସ୍ତାନ ଦ୍ୱିପାକ୍ଷିକ ଆଲୋଚନା ଜରିଆରେ ଏହାର ସମାଧାନ କରିବା ଆବଶ୍ୟକ। ଏଥିରେ ତୃତୀୟ ପକ୍ଷ ହସ୍ତକ୍ଷେପ କରି ସମ୍ପୃକ୍ତ ଅଞ୍ଚଳରେ ହିଂସାକୁ ଉସୁକାଇବା ଅନୁଚିତ।

-ଇମାନ୍ୱେଲ ମାକ୍ରଁ, ଫ୍ରାନ୍ସ ରାଷ୍ଟ୍ରପତି

## ସଂକ୍ଷେପରେ

### ପାକ୍ ସେନା ଗୁଳିରେ ଯବାନ ଶହୀଦ



ରାଜୀବ ଥାପ୍ପା

**ଜମ୍ମୁ,୨୩।୮(ପି.ଟି.):** ଜମ୍ମୁ-କଶ୍ମୀରର ନିୟନ୍ତ୍ରଣ ରେଖା ନିକଟ ରାଜୌରୀ ଜିଲାରେ ଜଣେ ଭାରତୀୟ ଯବାନ ପାକିସ୍ତାନୀ ସେନା ଗୁଳିମାଡ଼ରେ ଶୁକ୍ରବାର ଶହୀଦ ହୋଇଛନ୍ତି। ଗତ ସପ୍ତାହକ ମଧ୍ୟରେ ସୀମାରେ ୩ ଯବାନଙ୍କୁ ମିଶାଇ ୪ ଜଣ ପାକ୍ ସେନା ଗୁଳିରେ ପ୍ରାଣ ହରାଇଥିବା ଜଣାପଡ଼ିଛି। ଶୁକ୍ରବାର ଶହୀଦ ହୋଇଥିବା ଯବାନ ରାଜୀବ ଥାପ୍ପା(୩୪) ଜଣେ ସାହସୀ ଯୋଦ୍ଧା ଥିଲେ ବୋଲି ପ୍ରତିରକ୍ଷା ବିଭାଗର ମୁଖପାତ୍ର ଲ୍ୟୁଟନାଣ୍ଟ କଲୋନେଲ୍ ଦେବେନ୍ଦ୍ର ଆନନ୍ଦ ପ୍ରକାଶ କରିଛନ୍ତି। ପଶ୍ଚିମବଙ୍ଗର ଜଲପାଇଗୁଡ଼ିସ୍ଥିତ ମେଚ୍‌ପାରା ଗ୍ରାମରେ ତାଙ୍କ ଘର। ପାକିସ୍ତାନୀ ସେନା ନିୟନ୍ତ୍ରଣ ରେଖା ନିକଟରେ ଅସ୍ତ୍ରବିରତି ଉଲ୍ଲଂଘନ ଜାରି ରଖିଥିବାବେଳେ ନୌସେରା ସେକ୍ଟରରେ ଭାରତୀୟ ସେନା ଏହାର କଡ଼ା ଜବାବ୍ ଦେଇଛି।

### ଶପଥ ନେଲେ ମନମୋହନ ସିଂ



**ନୂଆଦିଲ୍ଲୀ,୨୩।୮(ପି.ଟି.):** ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂ ଷଷ୍ଠଥର ଲାଗି ଶୁକ୍ରବାର ରାଜ୍ୟ ସଭା ସଦସ୍ୟ ଭାବେ ଶପଥ ଗ୍ରହଣ କରିଛନ୍ତି। ରାଜ୍ୟ ସଭା ଅଧ୍ୟକ୍ଷ ଏମ୍. ଭେଙ୍କାୟା ନାଇଡୁ ତାଙ୍କୁ ଶପଥପାଠ କରାଇଛନ୍ତି। ଏହି ଅବସରରେ କଂଗ୍ରେସ ଅନ୍ତରୀଣ ଅଧ୍ୟକ୍ଷା ସୋନିଆ ଗାନ୍ଧୀ, ରାହୁଲ ଗାନ୍ଧୀ, ଗୃହର ନେତା ଥାୱର ଚାନ୍ଦ ଗେହଲଟ୍, ବିରୋଧୀ ଦଳ ନେତା ଗୁଲାମ ନବୀ ଆଜାଦ,ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ ଓ ଉପ ମୁଖ୍ୟମନ୍ତ୍ରୀ ସଚିନ ପାଇଲଟ ଉପସ୍ଥିତ ଥିଲେ। ତାଙ୍କ ବିରୋଧରେ ଭାଜପା ପ୍ରାର୍ଥୀ ନ ଦେବାରୁ ନିର୍ଦ୍ୱନ୍ଦ୍ୱରେ ମନମୋହନ ରାଜ୍ୟ ସଭାକୁ ନିର୍ବାଚିତ ହୋଇଛନ୍ତି।

### ପାକ୍ ରେଳମନ୍ତ୍ରୀଙ୍କୁ ଲଣ୍ଡନରେ ଅଣ୍ଡାମାଡ଼



**ଇସ୍‌ଲାମାବାଦ,୨୩।୮(ଆଇଏଏନ୍‌ଏସ୍):** ପାକିସ୍ତାନ ରେଳମନ୍ତ୍ରୀ ତଥା ଆୱାମୀ ମୁସ୍‌ଲିମ୍ ଲିଗ୍ (ଏଏମ୍‌ଏଲ୍) ଅଧ୍ୟକ୍ଷ ଶେଖ୍ ରଶିଦ୍ ଅହମ୍ମଦଙ୍କୁ ମଙ୍ଗଳବାର ଲଣ୍ଡନରେ ଅଣ୍ଡାମାଡ଼ ହୋଇଛି। ପାକିସ୍ତାନ ପିପୁଲ୍ସ ପାର୍ଟି (ପିପିପି)ର ଦୁଇଜଣ ନେତା ତାଙ୍କୁ ଅଣ୍ଡାମାଡ଼ କରିବା ସହ ମୁଥ ମାରିଥିଲେ। ପିପିପି ନେତା ବିଲାୱଲ ଭୁଟ୍ଟୋ ଜର୍ଦ୍ଦାରୀଙ୍କ ବିରୋଧରେ ଅଶାଳୀନ ଭାଷା ବ୍ୟବହାର କରିବା ପ୍ରତିବାଦରେ ସେମାନେ ଏପରି କରିଥିବା କୁହାଯାଉଛି।

# ପଶିଛନ୍ତି ୬ ଲଶ୍କର ଆତଙ୍କବାଦୀ

## ତାମିଲନାଡ୍ରୁ, କେରଳରେ ହାଇଆଲର୍ଟ ଜାରି

ଚେନ୍ନାଇ/ଥିରୁଭାନନ୍ତପୁରମ, ୨୩।୮(ପି.ଟି./ଆଇଏଏନ୍‌ଏସ୍)

ପାକିସ୍ତାନର ଆତଙ୍କବାଦୀ ସଙ୍ଗଠନ ଲଶ୍କର-ଇ-ତୋଇବା (ଏଲ୍‌ଇଟି) ଟାର୍ଗେଟରେ ଭାରତ। ୬ ଲଶ୍କର ଆତଙ୍କବାଦୀ ଦେଶର ବିଭିନ୍ନ ସ୍ଥାନରେ ଆକ୍ରମଣ କରିବା ପାଇଁ ସମୁଦ୍ରପଥରେ ଅନୁପ୍ରବେଶ କରିସାରିଛନ୍ତି। ସେମାନେ ଶ୍ରୀଲଙ୍କା ଦେଇ ତାମିଲନାଡୁରେ ପଶିଛନ୍ତି। ଏପରି କି ସେମାନେ କେରଳରେ ମଧ୍ୟ ଥାଇପାରନ୍ତି ବୋଲି ଗୋଇନ୍ଦା ସୂଚନା ମିଳିବା ପରେ ଦୁଇ ରାଜ୍ୟରେ ହାଇଆଲର୍ଟ ଜାରି କରାଯାଇଛି।

ମିଳିଥିବା ସୂଚନାନୁସାରେ ୬ ଆତଙ୍କବାଦୀଙ୍କ ମଧ୍ୟରୁ ଜଣେ ପାକିସ୍ତାନୀ ଓ ଅନ୍ୟ ୫ ଜଣ ଶ୍ରୀଲଙ୍କାର ତାମିଲ ମୁସ୍‌ଲିମ୍। ପାକିସ୍ତାନୀ ଆତଙ୍କବାଦୀଙ୍କ ନାମ ଇଲିୟାସ୍ ଅନ୍‌ୱର । ଏହି ୬ ଜଣ ଶ୍ରୀଲଙ୍କାରୁ ଜଳପଥରେ ତାମିଲନାଡୁକୁ ଆସିଛନ୍ତି। ସେମାନେ କପାଳରେ ତିଳକ ମାରି ହିନ୍ଦୁ ବେଶ ଧରିଛନ୍ତି। ଏହି ବିଷୟ ଜଣାପଡ଼ିବା ପରେ ତାମିଲନାଡୁ ଓ କେରଳର ବସ୍‌ଷ୍ଟାଣ୍ଡ, ରେଳଷ୍ଟେଶନ, ବିମାନବନ୍ଦର, ଶପିଙ୍ଗ୍ ମଲ୍, ମନ୍ଦିର ଓ ଅନ୍ୟ ସମସ୍ତ ସର୍ବସାଧାରଣ ତଥା ଜନଗହଳପୂର୍ଣ୍ଣ ସ୍ଥାନରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ଦୁଇ ରାଜ୍ୟର ସୀମାକୁ ସିଲ୍ କରିଦିଆଯାଇଛି। ଯାନବାହନଗୁଡ଼ିକ ଯାଞ୍ଚ କରାଯାଉଛି। ଉପକୂଳବର୍ତ୍ତୀ ଜିଲାଗୁଡ଼ିକରେ ସର୍ବାଧିକ ସତର୍କତା ଅବଲମ୍ବନ କରାଯାଉଛି। ଆକ୍ରମଣ ଏଡ଼ାଇବା ପାଇଁ 'ଷ୍ଟର୍ମ ଅପରେଶନ୍' ଜାରି ରହିଛି ବୋଲି ଚେନ୍ନାଇ ପୋଲିସ କମିଶନର ଏ.କେ. ବିଶ୍ୱନାଥନ୍ ସୂଚନା ଦେଇଛନ୍ତି। ସେହିପରି କୋଏମ୍ବାଟୁରରେ ୧୦ଟି କୁଇକ୍ ରେସ୍‌ପନ୍ସ ଟିମ୍ ଗଠନ କରାଯାଇଥିବା ସହରର ପୋଲିସ କମିଶନର ସୁମିତ ଶରନ୍ କହିଛନ୍ତି। କେରଳ ପୋଲିସ ମହାନିର୍ଦ୍ଦେଶକ ଲୋକନାଥ ବେହେରା ସତର୍କ ରହିବା ପାଇଁ ସମସ୍ତ ଜିଲାକୁ ନିର୍ଦ୍ଦେଶ ଦେଇଛନ୍ତି। କୌଣସି ପ୍ରକାର ସନ୍ଦିଗ୍ଧ ଗତିବିଧି ପରିଲକ୍ଷିତ ହେଲେ ପୋଲିସ କଣ୍ଟ୍ରୋଲ ରୁମ୍‌କୁ ସୂଚନା ଦେବା ପାଇଁ ୧୧୨ କିମ୍ବା ୦୪୭୧୨୭୨୨୫୦୦ ନମ୍ବରକୁ ଫୋନ୍ କରିବା ପାଇଁ ସେ କହିଛନ୍ତି। ଏହାସହ ସେନା, ନୌସେନା ଓ ବାୟୁସେନାକୁ ମଧ୍ୟ ଆଲର୍ଟ କରାଯାଇଛି। ପ୍ରକାଶ ଯେ, ଗତ ଏପ୍ରିଲରେ ଶ୍ରୀଲଙ୍କାରେ ଇଷ୍ଟର ସଣ୍ଡେ ଆକ୍ରମଣରେ ୨୫୯ ନିହତ ହୋଇଥିବାବେଳେ ବହୁସଂଖ୍ୟକ ଲୋକ ଆହତ ହୋଇଥିଲେ। ୧୯୯୮ରେ ବରିଷ୍ଠ ଭାଜପା ନେତା ଲାଲକୃଷ୍ଣ ଆଡ୍‌ଭାନୀ କୋଏମ୍ବାଟୁର ଗସ୍ତ କରିଥିବାବେଳେ ସିରିଏଲ୍ ବ୍ଲାଷ୍ଟରେ ସହର ଥରିଉଠିଥିଲା। ଏହି ଆକ୍ରମଣରେ ୫୮ ନିହତ ଓ ୨୦୦ରୁ ଊର୍ଦ୍ଧ୍ୱ ଆହତ ହୋଇଥିଲେ।



କୋଏମ୍ବାଟୁରରେ ପୋଲିସ ପକ୍ଷରୁ ଗାଡ଼ି ଯାଞ୍ଚ କରାଯାଉଛି।

**ଗୋଇନ୍ଦା ସୂଚନା**

- ଶ୍ରୀଲଙ୍କାରୁ ସମୁଦ୍ର ପଥରେ ପ୍ରବେଶ କରିଛନ୍ତି
- ୬ ଆତଙ୍କବାଦୀଙ୍କ ମଧ୍ୟରୁ ଜଣେ ପାକିସ୍ତାନୀ
- ତାମିଲନାଡୁ ଓ କେରଳ ସୀମା ସିଲ୍
- ତିନି ସେନାକୁ ସତର୍କ କରାଯାଇଛି

# ଦଳାଚକଟାରେ ୫ ମୃତ

## ୨୭ ଆହତ



କୋଲକାତା,୨୩।୮(ପି.ଟି.)

ପଶ୍ଚିମବଙ୍ଗର ୨୪ ଉତ୍ତର ପ୍ରଗଣାସ୍ଥିତ କାଚୁଆ ଅଞ୍ଚଳରେ ଥିବା ଲୋକନାଥ ମନ୍ଦିରରେ ଦଳାଚକଟା ଘଟିବାରୁ ୫ ଭକ୍ତଙ୍କ ପ୍ରାଣହାନି ଘଟିଥିବାବେଳେ ୨୭ ଆହତ ହୋଇଥିବା ଜଣାପଡ଼ିଛି। ଶୁକ୍ରବାର ଜନ୍ମାଷ୍ଟମୀ ଥିବାରୁ ସେଠାରେ ପ୍ରବଳ ଭକ୍ତ ସମାଗମ ହୋଇଥିଲା। ପ୍ରବଳ ବର୍ଷାରୁ ମନ୍ଦିରର ଏକ ପାଚେରି ଭାଙ୍ଗିଯିବା ଫଳରେ ଆତଙ୍କିତ ହୋଇ ଭକ୍ତମାନେ ଏଣେତେଣେ ଦୌଡ଼ିବା ଆରମ୍ଭ କରିଥିଲେ। ଫଳରେ ଦଳାଚକଟା ଘଟି ଭକ୍ତମାନେ ମୃତାହତ ହୋଇଥିଲେ।

ଘଟଣାଟି ଅପରାହ୍ନ ୨ଟା ୧୫ରେ ଘଟିଥିଲା। ପ୍ରତିବର୍ଷ ଭଳି ଏଠାରେ ଲକ୍ଷାଧିକ ଭକ୍ତଙ୍କ ସମାବେଶ ଦେଖିବାକୁ ମିଳିଥିଲା। ଅଷ୍ଟାଦଶ ଶତାବ୍ଦୀର ବେଙ୍ଗଲୀ ସନ୍ଥ ବାବା ଲୋକନାଥ ବ୍ରହ୍ମଚାରୀଙ୍କ ଜୟନ୍ତୀ ଅବସରରେ ପଶ୍ଚିମବଙ୍ଗ ଓ ବାଂଲାଦେଶରୁ ଏଠାକୁ ବହୁ ଭକ୍ତଙ୍କ ସୁଅ ଛୁଟିଥାଏ। ଏଭଳି ଅଘଟଣା ଘଟିବା ପରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ନ୍ୟାଶନାଲ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲକୁ ଯାଇ ଚିକିତ୍ସିତ ହେଉଥିବା ଶ୍ରଦ୍ଧାଳୁଙ୍କୁ ଭେଟିଥିଲେ। ବରସାତ୍ ହସ୍ପିଟାଲ, ଆର୍.ଜି. କର ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ଶ୍ରଦ୍ଧାଳୁଙ୍କୁ ଭେଟିବା ଲାଗି ବରିଷ୍ଠ ମନ୍ତ୍ରୀମାନେ ଯାଇଥିବା ଜଣାପଡ଼ିଛି। ଗୁରୁତର ଥିବା ୧୦ ଜଣଙ୍କୁ କୋଲକାତା ନିଆଯାଇଥିବା ପ୍ରକାଶ। ମୃତକଙ୍କ ନିକଟ ସମ୍ପର୍କୀୟଙ୍କୁ ୫ ଲକ୍ଷ ଟଙ୍କା, ଗୁରୁତରଙ୍କ ଚିକିତ୍ସା ଲାଗି ୧ ଲକ୍ଷ ଟଙ୍କା ଓ ସାମାନ୍ୟ ଆହତଙ୍କ ଲାଗି ୫୦ ହଜାର ଟଙ୍କାର ଅନୁକମ୍ପାମୂଳକ ସହାୟତା ପ୍ରଦାନ କରିବା ଲାଗି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ବରିଷ୍ଠ ପୋଲିସ ଅଧିକାରୀମାନେ ଦୁର୍ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବାବେଳେ ପରିସ୍ଥିତି ନିୟନ୍ତ୍ରଣାଧୀନ ଥିବା ଜଣାପଡ଼ିଛି। ପ୍ରଦେଶ ଭାଜପା ମୁଖ୍ୟ ଦିଲୀପ ଘୋଷ ଏନେଇ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଛନ୍ତି। ଏତେ ମାତ୍ରାରେ ତୀର୍ଥଯାତ୍ରୀଙ୍କ ସମାଗମ ହେଉଥିବାବେଳେ ସେମାନଙ୍କ ଲାଗି ରାଜ୍ୟ ସରକାର ଭିତ୍ତିଭୂମି ଓ ସୁରକ୍ଷା ବ୍ୟବସ୍ଥା ନକରିବା ଦୁଃଖଦାୟକ ବୋଲି ସେ ପ୍ରକାଶ କରିଛନ୍ତି।


■ କଶ୍ମୀରକୁ ନେଇ କ୍ଷେତ୍ରୀୟ ଉତ୍ତେଜନା ହ୍ରାସ ପାଇଁ ଯୋଜନା

# ମୋଦିଙ୍କ ମୁହଁରୁ ଶୁଣିବାକୁ ଚାହାନ୍ତି ଟ୍ରମ୍ପ୍

ନ୍ୟୁୟର୍କ,୨୩।୮

କେନ୍ଦ୍ର ସରକାରଙ୍କ ଜମ୍ମୁ-କଶ୍ମୀର ସମ୍ପର୍କିତ ନିଷ୍ପତ୍ତି ପରେ ଭାରତ-ପାକିସ୍ତାନ ମଧ୍ୟରେ ସୃଷ୍ଟି ହୋଇଥିବା ଉତ୍ତେଜନା ହ୍ରାସ କରିବା ପାଇଁ କ'ଣ ସବୁ ପଦକ୍ଷେପ ନିଆଯାଇଛି। ସେହିପରି ଆଗକୁ କ'ଣ ଯୋଜନା ରହିଛି ସେନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମୁହଁରୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଶୁଣିବାକୁ ଚାହାନ୍ତି। ଏନେଇ ଶୁକ୍ରବାର ହ୍ୱାଇଟ୍ ହାଉସ୍ ପକ୍ଷରୁ ସୂଚନା ଦିଆଯାଇଛି।

ଜମ୍ମୁ-କଶ୍ମୀରକୁ ସ୍ୱତନ୍ତ୍ର ପାହ୍ୟା ପ୍ରଦାନକାରୀ ଅନୁଚ୍ଛେଦ ୩୭୦ ହଟାଇ ରାଜ୍ୟକୁ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ପରିଣତ କରିବା ପରେ ବିସ୍ଫୋରକ ସ୍ଥିତି ସୃଷ୍ଟି ହୋଇଥିବା ନିକଟରେ ଟ୍ରମ୍ପ୍ କହିଥିଲେ। ଏହା ସହ ସେ କଶ୍ମୀର ପ୍ରସଙ୍ଗରେ ମଧ୍ୟସ୍ଥତା କରିବା ପାଇଁ ମଧ୍ୟ ଏକାଧିକ ଥର ପ୍ରସ୍ତାବ ଦେଇସାରିଲେଣି। ଫ୍ରାନ୍ସରେ ହେବାକୁ ଥିବା ଜି୭ ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ମୋଦି ଓ ରାଷ୍ଟ୍ରପତି ଟ୍ରମ୍ପ୍ ପରସ୍ପରକୁ ଭେଟିବେ। ଏହି ଅବସରରେ କ୍ଷେତ୍ରୀୟ ଉତ୍ତେଜନା ହ୍ରାସ ଦିଗରେ ଭାରତର ପଦକ୍ଷେପ ଓ ଯୋଜନା ସମ୍ପର୍କରେ ମୋଦିଙ୍କଠାରୁ ରାଷ୍ଟ୍ରପତି ଶୁଣିବା ଲାଗି ଆଗ୍ରହୀ ବୋଲି ଟ୍ରମ୍ପ୍ ପ୍ରଶାସନର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। କଶ୍ମୀର ସ୍ଥିତି ଉପରେ ଟ୍ରମ୍ପ୍ କଡ଼ା ନଜର ରଖିଥିବା ସେ କହିଛନ୍ତି।



## ଚାଇନା, ପାକିସ୍ତାନକୁ ଜାତିସଂଘର ଭର୍ତ୍ସନା

ଜାତିସଂଘ,୨୩।୮(ପି.ଟି.)

ଚାଇନା ଓ ପାକିସ୍ତାନକୁ ଜାତିସଂଘ ପକ୍ଷରୁ ପୁଣି ଏକ ଶକ୍ତ ଝଟ୍‌କା ଲାଗିଛି। ଏହି ଦୁଇ ପରମ ମିତ୍ର ରାଷ୍ଟ୍ରରେ ସଂଖ୍ୟାଲଘୁମାନଙ୍କ ଉପରେ ଅତ୍ୟାଚାର ବଢ଼ିବାରେ ଲାଗିଥିବାରୁ ଜାତିସଂଘ ସୁରକ୍ଷା ପରିଷଦ (ୟୁଏନ୍‌ଏସ୍‌ସି) ବୈଠକରେ କଡ଼ା ଭର୍ତ୍ସନା କରାଯାଇଛି। ୟୁଏନ୍‌ଏସ୍‌ସିର ଅଗଷ୍ଟ ମାସ ପାଇଁ ଅଧ୍ୟକ୍ଷ ଥିବା ପୋଲାଣ୍ଡ ପକ୍ଷରୁ ଅରିଆ-ଫର୍ମୁଲା ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଥିଲା। ଏଥିରେ 'ସଶସ୍ତ୍ର ସଂଘର୍ଷରେ ଧାର୍ମିକ ସଂଖ୍ୟାଲଘୁ ବ୍ୟକ୍ତିଙ୍କ ସୁରକ୍ଷା ଓ ନିରାପତ୍ତାକୁ ସୁଦୃଢ଼ କରିବା' ନେଇ ବିସ୍ତୃତ ଆଲୋଚନା ହୋଇଥିଲା।

# ତିନି ତଲାକ୍ ଆଇନର ବୈଧତା ପରଖିବେ ସୁପ୍ରିମକୋର୍ଟ

## କେନ୍ଦ୍ରକୁ ନୋଟିସ

ନୂଆଦିଲ୍ଲୀ,୨୩।୮(ପି.ଟି.)

ନୂଆ ତିନି ତଲାକ୍ ଆଇନର ବୈଧତା ଯାଞ୍ଚ କରିବା ପାଇଁ ସୁପ୍ରିମକୋର୍ଟ ଶୁକ୍ରବାର ରାଜି ହୋଇଛନ୍ତି। ମୁସଲମାନ ମହିଳା ବିବାହ ସୁରକ୍ଷା ଆଇନ, ୨୦୧୯ରେ ତତ୍କାଳ ତିନି ତଲାକ୍‌କୁ ବେଆଇନ କରାଯିବା ସହ ଏଥିପାଇଁ ୩ ବର୍ଷ ଜେଲଦଣ୍ଡ ବ୍ୟବସ୍ଥା କରାଯାଇଛି। ଜଷ୍ଟିସ୍ ଏନ୍.ଭି. ରମାନା, ଅଜୟ ରସ୍ତୋଗୀଙ୍କ ଖଣ୍ଡପୀଠ ଏନେଇ କେନ୍ଦ୍ର ସରକାରଙ୍କୁ ନୋଟିସ ଜାରି କରିଛନ୍ତି। ଉକ୍ତ ଆଇନକୁ ଅସାମ୍ବିଧାନିକ ଘୋଷଣା କରିବା ଲାଗି ବିଭିନ୍ନ ସଂଗଠନ ଓ ବ୍ୟକ୍ତିବିଶେଷଙ୍କ ପକ୍ଷରୁ ସୁପ୍ରିମକୋର୍ଟରେ ଏକାଧିକ ପିଟିଶନ ଦାଏର ହୋଇଥିଲା। ଖଣ୍ଡପୀଠ ଏହାର ଅନୁଧ୍ୟାନ କରିବେ ବୋଲି ବରିଷ୍ଠ ଆଇନଜୀବୀ ସଲମାନ ଖୁର୍ସିଦଙ୍କୁ ଜଣାଇଛନ୍ତି। ଆବେଦନକାରୀଙ୍କ ପକ୍ଷରୁ କୋର୍ଟରେ ହାଜର ହୋଇ ଖୁର୍ସିଦ କହିଥିଲେ, ତିନି ତଲାକ୍‌କୁ ଦଣ୍ଡନୀୟ ଅପରାଧ କରିବା ସହ ୩ ବର୍ଷ ଜେଲ୍‌ଦଣ୍ଡ ବ୍ୟବସ୍ଥା କରାଯିବାର ବିଭିନ୍ନ ଦିଗକୁ ଅନୁଧ୍ୟାନ କରାଯିବା ଆବଶ୍ୟକ।

# ଜଳୁଛି ଆମାଜନ ଜଙ୍ଗଲ

ହୁମାଇଟା,୨୩।୮

ବିଶ୍ୱର ଫୁସ୍‌ଫୁସ୍ କୁହାଯାଉଥିବା ସର୍ବବୃହତ ବିଷୁବ ମଣ୍ଡଳୀୟ ଜଙ୍ଗଲ ଆମାଜନର ବହୁ ଅଞ୍ଚଳ ହୁ ହୁ ହୋଇ ଜଳୁଛି। ପୃଥିବୀକୁ ୨୦ ପ୍ରତିଶତ ଅମ୍ଳଜାନ ଯୋଗାଉଥିବା ଏହି ଚିରହରିତ ଜଙ୍ଗଲର ସୁରକ୍ଷା ଅପରିହାର୍ଯ୍ୟ ହୋଇପଡିଛି। ଏହା ଉପରେ ଜରୁରୀ ଆଲୋଚନା ପାଇଁ ବିଶ୍ୱର ବିଶିଷ୍ଟ ନେତାମାନେ ଆହ୍ୱାନ ଦେଇଛନ୍ତି। ସେହିପରି ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରେସ୍ ଚିନ୍ତାବ୍ୟକ୍ତ କରିଛନ୍ତି।

୫୫ ଲକ୍ଷ ବର୍ଗ କିଲୋମିଟର ବ୍ୟାପୀ ଏହି ଜଙ୍ଗଲରେ ଚଳିତ ବର୍ଷ ୭୨,୮୪୩ଟି ସ୍ଥାନରେ ନିଆଁ ଲାଗିଛି, ଯାହା କି ସମ୍ପୂର୍ଣ୍ଣ ଜଙ୍ଗଲର ଅର୍ଦ୍ଧାଧିକ ଅଞ୍ଚଳ। ଜାତୀୟ ମହାକାଶ ଗବେଷଣା ଅନୁଷ୍ଠାନର ଉପଗ୍ରହ ତଥ୍ୟ ଅନୁଯାୟୀ ପୂର୍ବବର୍ଷ ତୁଳନାରେ ଏହି ଅଗ୍ନିକାଣ୍ଡ ୮୫ ପ୍ରତିଶତ ଅଧିକ। ଜଳବାୟୁ ପରିବର୍ତ୍ତନ ବିରୋଧରେ ସାରା ବିଶ୍ୱ ସଂଘର୍ଷ କରୁଥିବାବେଳେ ଆମାଜନ ନିଆଁ ଏହାକୁ ବଡ଼ ଝଟକା ଦେଇଥିବା ବୈଜ୍ଞାନିକମାନେ ସତର୍କ କରାଇଦେଇଛନ୍ତି।

ବ୍ରାଜିଲର ଆମାଜନ ଜଙ୍ଗଲରେ ନିଆଁ ଏକ ଅନ୍ତର୍ଜାତୀୟ ସମସ୍ୟା। ଚଳିତ ସପ୍ତାହରେ ଫ୍ରାନ୍ସରେ ଅନୁଷ୍ଠିତ ହେବାକୁଥିବା ଜି୭ ସମିଟ୍‌ରେ ଏହା ଉପରେ ଆଲୋଚନା କରିବାକୁ ଜର୍ମାନ ଚାନ୍‌ସେଲର ଆଞ୍ଜେଲା ମର୍କେଲ ଏବଂ ଫ୍ରାନ୍ସ ରାଷ୍ଟ୍ରପତି ଇମାନ୍ୱେଲ ମାକ୍ରଁ ଆହ୍ୱାନ ଦେଇଛନ୍ତି। 'ଆମ ଘର ଜଳୁଛି' ବୋଲି ଫ୍ରାନ୍ସ ରାଷ୍ଟ୍ରପତି ଟୁଇଟ୍ କରିଛନ୍ତି। ଏହା ବ୍ରାଜିଲ୍ ରାଷ୍ଟ୍ରପତି ଜୈର୍ ବୋଲସୋନାରୋଙ୍କ ନୀତିର ଅଂଶବିଶେଷ ବୋଲି ପରିବେଶ ସଂଗଠନଗୁଡ଼ିକ ଅଭିଯୋଗ କରିଛନ୍ତି। ଆତ୍ମହତ୍ୟା ପଥରେ ଥିବା ବ୍ରାଜିଲକୁ ରକ୍ଷା କରିବା ଜରୁରୀ ବୋଲି ସେମାନେ ମତ ଦେଇଛନ୍ତି। ବିଶ୍ୱର ବୃହତ କାର୍ବନ ଭଣ୍ଡାର ଆମାଜନ ବିଶ୍ୱ ତାପ ହ୍ରାସ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଥାଏ। ଏଥିରେ ୩ ନିୟୁତ ପ୍ରକାରର ଉଦ୍ଭିଦ ଓ ପ୍ରାଣୀଙ୍କ ସମେତ ୧୦ ଲକ୍ଷ ଆଦିମ ଅଧିବାସୀ ବସବାସ କରୁଛନ୍ତି। ନିଆଁ ଲିଭାଇବା ଦିଗରେ ତୁରନ୍ତ ପଦକ୍ଷେପ ନେବା ଦାବିରେ ବ୍ରାଜିଲର ବିଭିନ୍ନ ସହରରେ ପରିବେଶ ସୁରକ୍ଷା ସଂଗଠନ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି।

ଚାଷବାସ ପାଇଁ ଜମି ପ୍ରସ୍ତୁତ କରିବା ନିମନ୍ତେ ବେଆଇନ ଭାବେ ଜଙ୍ଗଲରେ ନିଆଁ ଲଗାଇଦିଆଯାଉଥିବା କୁହାଯାଉଛି। ସମ୍ପତ୍ତି ଆହରଣ ଲାଗି କେତେକ ଜଙ୍ଗଲରେ ନିଆଁ ଲଗାଉଥିବା କହୁଥିବାବେଳେ ମାଂସ ଶିଳ୍ପ ଅଗ୍ନିକାଣ୍ଡର ଅନ୍ୟତମ କାରଣ ବୋଲି କେତେକ ଅଭିଯୋଗ କରିଛନ୍ତି।



- ଜରୁରୀ ବିତର୍କ ଲାଗି ଜି୭କୁ ମର୍କେଲ, ମାକ୍ରଁଙ୍କ ଆହ୍ୱାନ
- ଚିନ୍ତାବ୍ୟକ୍ତ କଲେ ଜାତିସଂଘ ମହାସଚିବ
- ପୃଥିବୀକୁ ୨୦ ପ୍ରତିଶତ ଅମ୍ଳଜାନ ଯୋଗାଏ ଏହି ଚିରହରିତ ଜଙ୍ଗଲ

# 'ନୂଆ ଭାରତରେ ଦୁର୍ନୀତିର ସ୍ଥାନ ନାହିଁ'

**ପ୍ୟାରିସ୍,୨୩।୮:** ନୂଆ ଭାରତରେ ଦୁର୍ନୀତି, ବଂଶବାଦ, ସରକାରୀ ଅର୍ଥ ହରିଲୁଟ୍ ଏବଂ ଆତଙ୍କବାଦକୁ ଯେଉଁଭଳି ଦମନ କରାଯାଇଛି, ପୂର୍ବରୁ ସେଭଳି କେବେ ହୋଇ ନ ଥିଲା ବୋଲି ଫ୍ରାନ୍ସରେ ପ୍ରବାସୀ ଭାରତୀୟମାନଙ୍କୁ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି। ନୂଆ ଭାରତ ଗଠନ ପାଇଁ ଦେଶବାସୀ ତାଙ୍କୁ ଦ୍ୱିତୀୟ ଥର ସରକାର ଗଢ଼ିବା ନିମନ୍ତେ ବିପୁଳ ଭୋଟରେ ନିର୍ବାଚିତ କରାଇଛନ୍ତି। ଜୀବନଧାରଣକୁ ସହଜ କରିବା ସହ ବ୍ୟବସାୟର ସରଳୀକରଣ ଉପରେ ତାଙ୍କ ସରକାର ସର୍ବାଧିକ ଧ୍ୟାନ ଦେଉଥିବା ମୋଦି ସୂଚନା ଦେଇଛନ୍ତି।

ପ୍ୟାରିସସ୍ଥିତ ୟୁନେସ୍କୋ ମୁଖ୍ୟାଳୟରେ ଉଦ୍‌ବୋଧନ ଦେଇ ମୋଦି କହିଥିଲେ, ତାଙ୍କ ପାଇଁ ଦେଶ ଆଗକୁ ବଢୁନାହିଁ, ଦେଶବାସୀ ଭୋଟ ମାଧ୍ୟମରେ ଦେଇଥିବା ସ୍ୱୀକୃତି ହିଁ ଏହାକୁ ଆଗକୁ ବଢ଼ାଇବାରେ ସକ୍ଷମ ହୋଇଛି। ସ୍ପଷ୍ଟ ନୀତି ଓ ଠିକ୍ ମାର୍ଗଦର୍ଶନରେ ଅନୁପ୍ରାଣିତ ହୋଇ ଦ୍ୱିତୀୟ ପାଳିର ସରକାର ୭୩ ଦିନ ମଧ୍ୟରେ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛି। ଜମ୍ମୁ-କଶ୍ମୀରକୁ ସ୍ୱତନ୍ତ୍ର ମାନ୍ୟତା ଦେଉଥିବା ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀ କହିଥିଲେ, ଭାରତରେ ଅସ୍ଥାୟୀର ସ୍ଥାନ ନାହିଁ। ଏକ ଅସ୍ଥାୟୀ ବ୍ୟବସ୍ଥା ଉଚ୍ଛେଦ କରିବାକୁ ୭୦ ବର୍ଷ ଲାଗିଗଲା। ଯେତେଶୀଘ୍ର ସମ୍ଭବ ଲକ୍ଷ୍ୟ ପୂରଣ ଦିଗରେ ସରକାର ଆଗେଇ ଚାଲିବେ।



ପ୍ୟାରିସ୍‌ର ୟୁନେସ୍କୋ ମୁଖ୍ୟାଳୟରେ ଉଦ୍‌ବୋଧନ ଦେଉଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି।

## ୫ ରାଷ୍ଟ୍ରକୁ ଚିଦାମ୍ବରମଙ୍କ କମ୍ପାନୀର ବିବରଣୀ ମାଗିଲା ସିବିଆଇ


ନୂଆଦିଲ୍ଲୀ,୨୩।୮

ପୂର୍ବତନ ଅର୍ଥମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ପି. ଚିଦାମ୍ବରମ୍ ଓ ତାଙ୍କ ପୁଅ କାର୍ତ୍ତି ଚିଦାମ୍ବରମ୍ ମାଲିକାନାରେ ଥିବା ବିଭିନ୍ନ ସେଲ୍ କମ୍ପାନୀ ଓ ବ୍ୟାଙ୍କ ଆକାଉଣ୍ଟ ସମ୍ପର୍କିତ ବିବରଣୀ ଦେବାକୁ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ୫ଟି ଦେଶକୁ ଅନୁରୋଧ କରିଛି। ସିବିଆଇ ଏଥିପାଇଁ ବ୍ରିଟେନ, ସ୍ୱିଜରଲାଣ୍ଡ, ବରମୁଡା, ମରିସସ୍ ଏବଂ ସିଙ୍ଗାପୁରକୁ ପତ୍ର ଲେଖିଥିବା ଜଣାପଡିଛି। ଆଇଏନ୍‌ଏକ୍ସ ମିଡିଆରେ ୩୦୫ କୋଟି ଟଙ୍କା ବିଦେଶୀ ପୁଞ୍ଜିନିବେଶକୁ ମଞ୍ଜୁରୀ ଦେବାରେ ଅନିୟମିତତାକୁ ନେଇ ତତ୍କାଳୀନ ଅର୍ଥମନ୍ତ୍ରୀ ଚିଦାମ୍ବରମଙ୍କୁ ବୁଧବାର ରାତିରେ ସିବିଆଇ ଗିରଫ କରିଥିଲା। ଏହି ମାମଲାରେ ମନିଲଣ୍ଡରିଂକୁ ନେଇ ତାଙ୍କ ବିରୋଧରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ମଧ୍ୟ ତଦନ୍ତ ଜାରି ରଖିଛି।

## ଏୟାରସେଲ୍-ମାକ୍ସିସ ମାମଲାରେ ୩ ଯାଏ ଆଶ୍ୱସ୍ତି

ନୂଆଦିଲ୍ଲୀ,୨୩।୮(ପି.ଟି.)

ଏୟାରସେଲ୍-ମାକ୍ସିସ୍ ମାମଲାରେ ଦିଲ୍ଲୀର ଏକ ଅଦାଲତ ପୂର୍ବତନ ଅର୍ଥମନ୍ତ୍ରୀ ପି. ଚିଦାମ୍ବରମ ଓ ତାଙ୍କ ପୁଅ କାର୍ତ୍ତିଙ୍କୁ ସେପ୍ଟେମ୍ବର ୩ ପର୍ଯ୍ୟନ୍ତ ଗିରଫଦାରିରୁ ସୁରକ୍ଷା ଦେଇଛନ୍ତି। ସିବିଆଇ ଏବଂ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପକ୍ଷରୁ ଏହି ମାମଲା ଦାଏର ହୋଇଥିଲା। ସେମାନଙ୍କ ଆଗୁଆ ଜାମିନ ଆବେଦନ ଉପରେ ଅଦାଲତ ସେପ୍ଟେମ୍ବର ୩ ପର୍ଯ୍ୟନ୍ତ ରାୟ ସଂରକ୍ଷିତ ରଖିଛନ୍ତି। ତେବେ ଆଇଏନ୍‌ଏକ୍ସ ମିଡିଆ ମାମଲାରେ ଉଭୟ ବାପ-ପୁଅଙ୍କ ବିରୋଧରେ ସୁପ୍ରିମକୋର୍ଟରେ ମାମଲାର ବିଚାର ଚାଲିଥିବାରୁ ଏୟାରସେଲ୍-ମାକ୍ସିସ ମାମଲା ସ୍ଥଗିତ ରଖିବା ଲାଗି ସିବିଆଇ ଏବଂ ଇଡି ପକ୍ଷରୁ ଆବେଦନ କରାଯାଇଥିଲେ ହେଁ ଅଦାଲତ ତାହାକୁ ଅଗ୍ରାହ୍ୟ କରିଦେଇଛନ୍ତି। ବାରମ୍ବାର ମାମଲାକୁ ସ୍ଥଗିତ ରଖିବା ଲାଗି ତଦନ୍ତକାରୀ ସଂସ୍ଥା ଅନୁରୋଧ କରୁଥିବାରୁ ସ୍ୱତନ୍ତ୍ର ବିଚାରପତି ଓ.ପି. ସାଇନି ଏହାକୁ ଦୃଢ଼ ବିରୋଧ କରିଥିଲେ। ପରେ ସ୍ୱତନ୍ତ୍ର ଅଦାଲତ ଚିଦାମ୍ବରମଙ୍କ ଜାମିନ ଆବେଦନ ଉପରେ ରାୟକୁ ସେପ୍ଟେମ୍ବର ୩ ପର୍ଯ୍ୟନ୍ତ ସ୍ଥଗିତ ରଖିଥିଲେ।



# ୨୬ ପର୍ଯ୍ୟନ୍ତ ଚିଦାମ୍ବରମଙ୍କୁ ଗିରଫ କରିପାରିବନି ଇଡି

## ଆଇଏନ୍‌ଏକ୍ସ ମିଡିଆ ମାମଲା

ନୂଆଦିଲ୍ଲୀ,୨୩।୮(ପି.ଟି.)

ଆଇଏନ୍‌ଏକ୍ସ ମିଡିଆ ଦୁର୍ନୀତି ମନିଲଣ୍ଡରିଂ ମାମଲାରେ ସୁପ୍ରିମକୋର୍ଟ ପୂର୍ବତନ କେନ୍ଦ୍ର ଅର୍ଥମନ୍ତ୍ରୀ ପି.ଚିଦାମ୍ବରମଙ୍କୁ ଗିରଫରୁ ସୁରକ୍ଷା ଦେଇଛନ୍ତି। ୨୬ ତାରିଖରେ ମାମଲାର ଶୁଣାଣି ଥିବାରୁ ସେ ପର୍ଯ୍ୟନ୍ତ ତାଙ୍କୁ ଇଡି ଗିରଫ କରିପାରିବ ନାହିଁ ବୋଲି ସର୍ବୋଚ୍ଚ ଅଦାଲତ ଶୁକ୍ରବାର କହିଛନ୍ତି। ତେବେ ସେ ସିବିଆଇ ହେପାଜତରେ ରହିବେ। କାରଣ ତାଙ୍କୁ ଜେରା ପାଇଁ ସୋମବାର ପର୍ଯ୍ୟନ୍ତ ସିବିଆଇ ହାଜତକୁ ପଠାଇ ଦିଆଯାଇଥିବାବେଳେ, ଏହା ଉପରେ ସର୍ବୋଚ୍ଚ ଅଦାଲତ ହସ୍ତକ୍ଷେପ କରିନାହାନ୍ତି। ଉଭୟ ଇଡି ଓ ସିବିଆଇ ଦାଖଲ କରିଥିବା ମାମଲାର ଶୁଣାଣି ୨୬ରେ ହେବ ବୋଲି ଜଷ୍ଟିସ୍ ଆର୍. ଭାନୁମତୀ ଏବଂ ଏ.ଏସ୍. ବୋପାନ୍ନାଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି।

ଆଇଏନ୍‌ଏକ୍ସ ମିଡିଆ ମାମଲାରେ ମଙ୍ଗଳବାର ଦିଲ୍ଲୀ ହାଇକୋର୍ଟ ଚିଦାମ୍ବରମଙ୍କୁ ଆଗୁଆ ଜାମିନ ଦେବାକୁ ମନା କରିଦେବା ପରେ ତାଙ୍କୁ ସିବିଆଇ ଓ ଇଡି ଗିରଫ କରିବାକୁ ଉଦ୍ୟମ କରିଥିଲେ ହେଁ ସେ ଫେରାର ହୋଇଯାଇଥିଲେ। ବୁଧବାର ରାତିରେ ସେ ଏଆଇସିସି କାର୍ଯ୍ୟାଳୟରେ ଆବିର୍ଭାବ ହୋଇ ଏକ ଖବରଦାତା ସମ୍ମିଳନୀରେ ନିଜକୁ ନିର୍ଦ୍ଦୋଷ କହିବା ପରେ ସିବିଆଇ ଟିମ୍ ତାଙ୍କ ବାସଭବନକୁ ଯାଇ ତାଙ୍କୁ ଗିରଫ କରିଥିଲା। ଗୁରୁବାର ତାଙ୍କୁ ସ୍ୱତନ୍ତ୍ର ଅଦାଲତରେ ହାଜର କରାଯିବା ପରେ ସିବିଆଇ ୪ ଦିନିଆ ରିମାଣ୍ଡରେ ନେଇ ପଚରାଉଚରା କରୁଛି।



## ସଂକ୍ଷେପରେ

### ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ

**ରାଜନଗର, ୨୩।୮ (ଡି.ଏନ୍.ଏ.):** ରାଜନଗର ଥାନା ଅଞ୍ଚଳର ଜନୈକା ନାବାଳିକା(୫ବର୍ଷ)ଙ୍କୁ ବଳାତ୍କାର କରାଯାଇଥିବା ଗୁରୁବାର ଅଭିଯୋଗ ହୋଇଛି। ସ୍ଥାନୀୟ ଅଞ୍ଚଳର ଜନୈକ ନାବାଳକ ତାଙ୍କୁ ଚକୋଲେଟ୍ ଦେବା ବାହାନାରେ ଡାକି ନେଇ ବଳାତ୍କାର କରିଥିବା ପୀଡ଼ିତାଙ୍କ ମା' ଅଭିଯୋଗପତ୍ରରେ ଦର୍ଶାଇଛନ୍ତି। ପୀଡ଼ିତା ନାବାଳିକାଙ୍କୁ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଅଭିଯୋଗ ଆଧାରରେ ପୋଲିସ ୧୫୮/୧୯ ନଂ.ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

### ଶିଶୁ ମନ୍ଦିରରେ ଜ୍ଞାନବିଜ୍ଞାନ ମେଳା

**କେନ୍ଦ୍ରାପଡା ଅଫିସ, ୨୩।୮:** କେନ୍ଦ୍ରପଡ଼ା ବ୍ଲକ ତ୍ରିଲୋଚନପୁରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଜ୍ଞାନବିଜ୍ଞାନ ମେଳା ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ମେଳାରେ ଶିଶୁ ବର୍ଗ, ବାଲ ବର୍ଗ ଓ କିଶୋର ବର୍ଗରୁ ୧୦୧ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଏଥିରେ ଭାଗ ନେଇଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୧୪୮ଜଣ ପ୍ରତିଯୋଗୀ ପୁରସ୍କାର ପାଇଁ ମନୋନୀତ ହୋଇଥିଲେ। ଏହି ଉପଲକ୍ଷେ ପ୍ରଧାନ ଆଚାର୍ଯ୍ୟା ଭାରତୀ ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଶିକ୍ଷାବିତ୍ ଅଜୟ୍ କୁମାର ସ୍ୱାଇଁ, ରତ୍ନାକର ବରାଳ, ବିଜୟ୍ କୁମାର ସାମଲ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ ସାମ୍ପ୍ରତିକ ସମୟରେ ବିଜ୍ଞାନର ଆବଶ୍ୟକତା ସମ୍ପର୍କରେ ଆଲେକପାତ କରିଥିଲେ। ସହ ସମ୍ପାଦକ ପ୍ରସନ୍ନ କୁମାର ପ୍ରଧାନ, ବରିଷ୍ଠ ଆଚାର୍ଯ୍ୟା ମିନତୀ ବେହେରା ସଭାକାର୍ଯ୍ୟ ପରିଚାଳନା କରିଥିଲେ। ବିଜ୍ଞାନ ମେଳା କାର୍ଯ୍ୟକ୍ରମକୁ ବିଜ୍ଞାନ ପ୍ରମୁଖ ସସ୍ମିତା ପ୍ରଧାନ, ନୀରଜା ବଳ, ଶ୍ରୀଧର ନାୟକ, ନିବେଦିତା ଦାଶ, ଦୀପା ବରାଳ ପ୍ରମୁଖ ପରିଚାଳନା କରିଥିଲେ।

### ଓଡ଼ିଆ ସମ୍ମାନ ବିଭାଗ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା

**ଡେରାବିଶ, ୨୩।୮ (ସ୍ୱ.ପ୍ର.):** ଡେରାବିଶ ବ୍ଲକ ଅଧୀନ ହୃଦୟାନନ୍ଦ ନାୟକ ସ୍ମାରକୀ ମହାବିଦ୍ୟାଳୟର ଓଡ଼ିଆ ସମ୍ମାନ ବିଭାଗର ପ୍ରଥମ ବର୍ଷ ଛାତ୍ରୀଛାତ୍ରଙ୍କ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପାଠଚକ୍ର ଅନୁଷ୍ଠିତ ହୋଇଥିଲା। ଏହି ଉପଲକ୍ଷେ ଆୟୋଜିତ ସଭାରେ ଅଧକ୍ଷ ମଦନ ମୋହନ ଜେନା ସଭାପତିତ୍ୱ କରିଥିଲେ। ଏଥିରେ ବରିଷ୍ଠ ସାହିତ୍ୟିକ ଡା. ପ୍ରକାଶ କୁମାର ପରିଡ଼ା ମୁଖ୍ୟଅତିଥି, ଅଚ୍ୟୁତାନନ୍ଦ ମହାବିଦ୍ୟାଳୟର ଓଡ଼ିଆ ପ୍ରାଧାପକ ଚନ୍ଦ୍ରମଣି ଦାସ ମୁଖ୍ୟବକ୍ତା ଓ ଅବସରପ୍ରାପ୍ତ ଓଡ଼ିଆ ପ୍ରାଧାପକ ସଞ୍ଜୟ୍ କୁମାର ବରାଳ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଓଡ଼ିଆ ବିଭାଗର ମୁଖ୍ୟ ଡା. ଲକ୍ଷ୍ମଣ କୁମାର ଦାଶ ସ୍ୱାଗତ ଭାଷଣ ଦେବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧାପିକା ଶ୍ରୀମତୀ ଦାସ ବେଦପାଠ କରିଥିଲେ। ନର୍ମଦା ପ୍ରଧାନ ଦେଶାତ୍ମବୋଧକ ସଂଗୀତ ଗାନ କରିଥିବା ବେଳେ ଛାତ୍ରୀ ରାଜଲକ୍ଷ୍ମୀ ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ବିଭାଗୀୟ ଉପଦେଷ୍ଟା ଅଧାପକ ବିଶ୍ୱରଞ୍ଜନ ମିଶ୍ର ନବାଗତ ଛାତ୍ରୀଛାତ୍ରଙ୍କୁ ଉପହାର ପ୍ରଦାନ କରିବା ସହ ସ୍ୱାଗତ କରିଥିଲେ। ଏହି ଅବସରରେ 'ଲୋକସାହିତ୍ୟ' ଶୀର୍ଷକ ଏକ ପାଠଚକ୍ର ଆୟୋଜିତ ହୋଇଥିଲା। ଛାତ୍ରୀ ସୁଷମା ସାମଲ, ଶୁଭସ୍ୱପ୍ନା ବାରିକ, ନର୍ମଦା ପ୍ରଧାନ,ବିଦ୍ୟୁତ୍‌ଲତା ରାଉଳ, ସୁଚିସ୍ମିତା ବଳ, ପ୍ରମୋଦିନୀ ହୋତା, ରାଜଲକ୍ଷ୍ମୀ ସାହୁ ପ୍ରମୁଖ ପ୍ରବନ୍ଧ ପାଠ କରିଥିଲେ। ଏହାପରେ ଲୋକସାହିତ୍ୟ ସମ୍ପର୍କରେ ଅତିଥିମାନେ ଆଲୋଚନା କରିଥିଲେ।

■ ନିଖୋଜ ମହିଳାଙ୍କ ମୃତଦେହ ଉଦ୍ଧାର ଘଟଣା

# ସମ୍ପତ୍ତି ଲୋଭରେ ମା'କୁ ହତ୍ୟା

**ଡେରାବିଶ ୨୩।୮(ସ୍ୱ.ପ୍ର.)**



ଖବରଦାତା ସମ୍ମିଳନୀରେ ଗିରଫ ଅଭିଯୁକ୍ତଙ୍କ ସହ ଏସ୍‌ପି ନୀତିଶେଖର ଓ ଅନ୍ୟମାନେ ।

■ ଷଡ଼ଯନ୍ତ୍ର ରଚିଥିଲେ ସାବତ ପୁଅ, ବୋହୂ
■ ପୁଅ, ବୋହୂଙ୍କ ସହ ୩ ଗିରଫ, ଜଣେ ଫେରାର

ସଦର ଥାନା ଅଧୀନ ଡେରାବିଶ ବ୍ଲକ ଇନ୍ଦାଲୋ ପଞ୍ଚାୟତ ଛକନା ଗ୍ରାମର ସସ୍ମିତା ବିଶ୍ୱାଳ(୩୯)ଙ୍କ ହତ୍ୟା ଘଟଣାର ପର୍ଦ୍ଦାଫାଶ୍ କରିଛି ପୋଲିସ୍। ସମ୍ପତ୍ତି ଓ ବୀମା ଟଙ୍କା ଲୋଭରେ ସାବତ ପୁଅ ସନ୍ତୋଷ ଓ ବୋହୂ ଦେବସ୍ମିତା ୨ ସହଯୋଗୀଙ୍କ ସହ ସସ୍ମିତାଙ୍କୁ ହତ୍ୟା କରିଛନ୍ତି। ପୋଲିସ ସନ୍ତୋଷ, ଦେବସ୍ମିତାଙ୍କ ସମେତ ଜଣେ ସହଯୋଗୀ ତଥା ଛକନା ଗ୍ରାମର ଦୁଃଖୀଶ୍ୟାମ ନାୟକଙ୍କୁ ଗିରଫ କରିଥିବା ବେଳେ ଅନ୍ୟ ଜଣେ ସହଯୋଗୀ ପ୍ରଦୀପ୍ତ ରାଉତ ଫେରାର ଥିବା ଶୁକ୍ରବାର ଖବରଦାତା ସମ୍ମିଳନୀରେ ଏସ୍‌ପି ନୀତିଶେଖର ସୂଚନା ଦେଇଛନ୍ତି। ହତ୍ୟାକାଣ୍ଡରେ ବ୍ୟବହୃତ ଶାଢ଼ୀ, ଘର ଚାବି, ଅଭିଯୁକ୍ତଙ୍କ ୩ଟି ମୋବାଇଲ୍ ଏବଂ ବସପୁର ପୋଲ ପର୍ଯ୍ୟନ୍ତ ଶବ ନେବା ପାଇଁ ବ୍ୟବହାର କରାଯାଇଥିବା ବାଇକ୍‌କୁ ମଧ୍ୟ ପୋଲିସ୍ ଜବତ କରିଛି। ଫେରାର ଅଭିଯୁକ୍ତ ପ୍ରଦୀପ୍ତଙ୍କୁ ଖୁବ୍ ଶୀଘ୍ର ଗିରଫ କରାଯିବ ବୋଲି ଏସ୍‌ପି ସୂଚନା ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ଏଏସ୍‌ପି ବି. ଗାଗାରିନ୍ ମହାନ୍ତି, କେନ୍ଦ୍ରାପଡ଼ା ସଦର ଥାନା ଅଧିକାରୀ ମହେଶ୍ୱର ସେଠୀ, ସ୍ପେଶାଲ ସ୍କ୍ୱାଡ ଅଧିକାରୀ ପ୍ରଦୀପ୍ତ କୁମାର କାନୁନ୍‌ଗୋ ଓ ଏଏସ୍‌ଆଇ ସୁଶାନ୍ତ ସାହୁ ଓ ଚାନ୍ଦୋଳ ଫାଣ୍ଡି ଅଧିକାରୀ ସୁଦର୍ଶନ ସାହୁ, ଏଏସ୍‌ଆଇ ଭାଗବତ ମାହାଲି ପ୍ରମୁଖ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ଗତ ୧୦ ତାରିଖରେ ସସ୍ମିତାଙ୍କ ନିଖୋଜ ହେବା ନେଇ ତାଙ୍କ ବାପା ଭ୍ରମରବର ବରାଳ ଥାନାରେ ରିପୋର୍ଟ ଲେଖାଇଥିଲେ। ହେଲେ ସସ୍ମିତାଙ୍କୁ ସାବତ ପୁଅ ସନ୍ତୋଷ ଓ ତାଙ୍କ ସ୍ତ୍ରୀ ଦେବସ୍ମିତା ହତ୍ୟା କରିଥିବା ସନ୍ଦେହ ଉପୁଜିଥିଲ। ପୋଲିସ୍ ସନ୍ତୋଷଙ୍କୁ ଡାକି ପଚରା ଉଚୁରା କରି ଛାଡି ଦେଇଥିବା ବେଳେ ୧୭ ତାରିଖରେ ସସ୍ମିତାଙ୍କ ମୃତଦେହ ମାର୍ଶାଘାଇ ଥାନା ଅନ୍ତର୍ଗତ ବିଲବଳରାମପୁର ଠାରେ ଲୁଣାନଦୀ ପଠାରୁ ମିଳିଥିଲା। ଏହାପରେ ସନ୍ତୋଷ ଓ ଦେବସ୍ମିତା ତାଙ୍କୁ ହତ୍ୟା କରିଥିବା ନେଇ ସନ୍ଦେହ ଦୃଢ଼ୀଭୂତ ହୋଇଥିଲା। ପୋଲିସ୍ ସେମାନଙ୍କୁ ଅଟକ ରଖି ପଚରାଉଚୁରା କରିବା ପରେ ସମସ୍ତ ଘଟଣା ପଦାକୁ ଆସିଥିଲା। ସମ୍ପତ୍ତି ଓ ବୀମା ଟଙ୍କା ପାଇଁ ସସ୍ମିତାଙ୍କୁ ପୂର୍ବରୁ ଏକାଧିକ ବାର ମାରିବାକୁ ଚେଷ୍ଟା କରି ବିଫଳ ହୋଇଥିବା ସନ୍ତୋଷ ପୋଲିସକୁ କହିଥିଲେ। ଏଥିସହ ହତ୍ୟାକାଣ୍ଡ ଦିନ ସସ୍ମିତା ପଡିଶା ଘରୁ ଫେରି ଶୋଇବା ଘର ତାଲା ଖୋଲୁଥିବା ବେଳେ ସନ୍ତୋଷ, ଦେବସ୍ମିତା, ପ୍ରଦୀପ୍ତ ଓ ଦୁଃଖୀଶ୍ୟାମ ତାଙ୍କ ତଣ୍ଟି ଚିପି ହତ୍ୟା କରିଥିଲେ। ଏହାପରେ ମୃତଦେହ ଗାଏବ କରିବା ପାଇଁ ଏକ ବେଡଶିଟ୍‌ରେ ଗୁଡ଼ାଇ ବାଇକରେ ନେଇ ବସୁପୁରଠାରେ ଲୁଣାନଦୀରେ ଫୋପାଡ଼ି ଦେଇଥିଲେ ବୋଲି ସନ୍ତୋଷ ପୋଲିସକୁ କହିଛନ୍ତି। ଏ ନେଇ ୨୩୧/୧୯ ନଂ.ରେ ଏକ ମାମଲା ରୁଜୁ ହୋଇଛି।

## ମୋ ପଞ୍ଚାୟତ କାର୍ଯ୍ୟକ୍ରମ


ଭରତପୁର ପଞ୍ଚାୟତରେ ଆୟୋଜିତ ମୋ ପଞ୍ଚାୟତ କାର୍ଯ୍ୟକ୍ରମରେ ମହିଳାମାନେ।

**କେନ୍ଦ୍ରାପଡା ଅଫିସ, ୨୩।୮**

ରାଜ୍ୟ ସରକାରଙ୍କ ମୋ ପଞ୍ଚାୟତ କାର୍ଯ୍ୟକ୍ରମ କେନ୍ଦ୍ରାପଡା ବ୍ଲକର ସମସ୍ତ ପଞ୍ଚାୟତରେ ଗୁରୁବାରଠାରୁ ଆରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତର ଉନ୍ନୟନ ସମ୍ପର୍କରେ ସମୀକ୍ଷା ସହ ଜଳ ଶକ୍ତି ଅଭିଯାନ, ବର୍ଜ୍ୟ ବସ୍ତୁ ପରିଚାଳନା ଓ ନୂତନ ପ୍ରକଳ୍ପ ନିର୍ମାଣକୁ ଗୁରୁତ୍ୱ ଦିଆଯାଇଥିଲା। ଗାଙ୍ଗପଡ଼ା ପଞ୍ଚାୟତର ଏହି କାର୍ଯ୍ୟକ୍ରମରେ ଅଧକ୍ଷ ଅନାମବନ୍ଧୁ ଧଳ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ଲାଷ୍ଟିକ ବର୍ଜନ କରିବା, ଏମଜିଏନଆରଇଜିଏସ୍‌ରେ ବୃକ୍ଷରୋପଣ ଓ ବର୍ଷା ଜଳ ସଂରକ୍ଷଣ ସମ୍ପର୍କରେ ଆଲୋକପାତ କରିଥିଲେ। ସରପଞ୍ଚ ଲକ୍ଷ୍ମୀପ୍ରିୟା ରାଉତଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ନୋଡାଲ ଅଫିସର ଅରବିନ୍ଦ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସେହିପରି ଭରପୁର ସରପଞ୍ଚ ଜୀନତ ପ୍ରିୟଦର୍ଶିନୀ ରାଉତଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ନୋଡାଲ ଅଫିସର ସସ୍ମିତା ନାୟକ, ସମିତିସଭ୍ୟ ଅନନ୍ତ କୁମାର ବିଶ୍ୱାଳ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଯଦୁମଣୀ ପ୍ରଧାନ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।

## ରାସ୍ତା ମରାମତି କଲେ ଯୁବକ ସଂଘ ସଦସ୍ୟ


ଯୁବକ ସଂଘ ସଦସ୍ୟମାନେ ରାସ୍ତା ମରାମତି କରୁଛନ୍ତି।

**ଡେରାବିଶ, ୨୩।୮ (ସ୍ୱ.ପ୍ର.)**

୫ ନଂ. (କ) ଜାତୀୟ ରାଜପଥର ଡେରାବିଶ ବ୍ଲକ ଅଧୀନ ପଞ୍ଚୁପାଣ୍ଡବ ଛକଠାରୁ ତିଲଙ୍ଗ ପର୍ଯ୍ୟନ୍ତ ରାସ୍ତା ମରଣଯନ୍ତା ପାଲଟିଛି। କେନ୍ଦ୍ରାପଡ଼ା ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଥିବା ଏହି ରାସ୍ତା ମରାମତି ଲାଗି ସ୍ଥାନୀୟ ଲୋକେ ଦୀର୍ଘଦିନ ଧରି ଦାବି କରି ଆସୁଥିବା ବେଳେ ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଉନାହାନ୍ତି। ଫଳରେ ଲୋକମାନେ ନାନା ଅସୁବିଧା ଭୋଗୁ ଥିବା ବେଳେ ଏହି ରାସ୍ତାଦେଇ ସ୍କୁଲ କଲେଜ ଯାଉଥିବା ଛାତ୍ରୀଛାତ୍ରମାନେ ମଧ୍ୟ ଦୁର୍ଘଟଣାର ଶିକାର ହେଉଥିବା ନଜିର ରହିଛି। ଏହି ରାସ୍ତାଟି ବ୍ଲକ ଅଞ୍ଚଳର ମୁଖ୍ୟ ରାସ୍ତା ହୋଇଥିବା ବେଳେ ଏହାର ମରାମତି ପ୍ରତି ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେଉ ନ ଥିବା ବେଳେ ରାସ୍ତା ମରାମତି କରିଛନ୍ତି ଏଣ୍ଡର ପଞ୍ଚାୟତ ନୀଳକଣ୍ଠପୁର ଗ୍ରାମର ଶୃଙ୍ଗାରେଶ୍ୱର ଯୁବକ ସଂଘ ସଦସ୍ୟ। ଗୁରୁବାର ଯୁବକ ସଂଘର ସଦସ୍ୟମାନେ ନୀଳକଣ୍ଠପୁରଠାରୁ ଏଣ୍ଡର ଯାଏଁ ୧ କି.ମି. ରାସ୍ତା ମରାମତି କରିଛନ୍ତି। ଯୁବକ ସଂଘ କର୍ମକର୍ତ୍ତା ମୁକେଶ କୁମାର ଧଳଙ୍କ ନେତୃତ୍ୱରେ ମନୋରଞ୍ଜନ ମହାପାତ୍ର, ତ୍ରିଲୋଚନ ବେହେରା, ବଟକୃଷ୍ଣ ପାଢ଼ୀ, ଦୀପ୍ତିରଞ୍ଜନ ମହାପାତ୍ର, ଭକ୍ତିପ୍ରସାଦ ଧଳ, ସୌମ୍ୟରଞ୍ଜନ ନାୟକ, ଲକ୍ଷ୍ମୀକାନ୍ତ ଜେନାଙ୍କ ସମେତ ୩୦ରୁ ଉର୍ଦ୍ଧ୍ୱ ସଦସ୍ୟ ଏଥିରେ ସାମିଲ ହୋଇଥିଲେ।

## ଛତୁଆ ତିଆରି କେନ୍ଦ୍ର ପରିଦର୍ଶନ କଲେ ଜିଲାପାଳ

**ରାଜନଗର, ୨୩।୮ (ଡି.ଏନ୍.ଏ.)**

ସମନ୍ୱିତ ଶିଶୁ ବିକାଶ ବିଭାଗ ପକ୍ଷରୁ ପ୍ରିସ୍କୁଲ ଛାତ୍ରୀଛାତ୍ର, ଗର୍ଭବତୀ, ପ୍ରସୂତି ଓ ଶିଶୁମାନଙ୍କୁ ଯୋଗାଇ ଦିଆଯାଉଥିବା ଛତୁଆ, ସୁଜି ଓ ଲଡୁ ଆଦି ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ପ୍ରସ୍ତୁତ କରାଯାଉଛି। ତେବେ ଅଙ୍ଗନୱାଡି କେନ୍ଦ୍ରଗୁଡ଼ିକରେ ନିମ୍ନମାନର ଛତୁଆ ଦିଆଯାଉଥିବା ଅଭିଯୋଗ ହେଉଥିବା ବେଳେ ଶୁକ୍ରବାର କେନ୍ଦ୍ରାପଡା ଜିଲାପାଳ ସମର୍ଥ ବର୍ମା ରାଜନଗର ବ୍ଲକର ମଲିଆବୁଦାସ୍ଥିତ ଛତୁଆ ପ୍ରସ୍ତୁତ କେନ୍ଦ୍ର ପରିଦର୍ଶନ କରିଛନ୍ତି। ମା'ବିଶାଳକ୍ଷ୍ମୀ ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ଏଠାରେ ଛତୁଆ ପ୍ରସ୍ତୁତ ହେଉଥିବା ବେଳେ ଜିଲାପାଳ ଗହମ, ସୋଲା, ବାଦାମ ଭଜା ଯାଉଥିବା ମେସିନ, ଗ୍ରାଇଣ୍ଡିଂ ମେସିନ, ମିକ୍ସିଂ ମେସିନ, ପ୍ୟାକିଂ ମେସିନ ଆଦି ଦେଖିଥିଲେ। ଜିଲାପାଳଙ୍କ ସହିତ ରାଜନଗର ସିଡିପିଓ ପୁଷ୍ପଲତା ଦାସ, ୩ ଜଣ ସୁପରଭାଇଜର, ରାଜନଗର ବିଡିଓ ମନ୍ଦରଧର ମହାଲିକ, କନିଷ୍ଠ ଯନ୍ତ୍ରୀ ଦେବରଞ୍ଜନ ବେହେରା ସାମିଲ ଥିଲେ। ଏହାପରେ ଜିଲାପାଳ ଭିତରକନିକାର ଡାଙ୍ଗମାଳଠାରେ ପହଞ୍ଚି ଭିତରକନିକାକୁ ଆସୁଥିବା ପର୍ଯ୍ୟଟକଙ୍କ ପାଇଁ କିଭଳି ସୁବିଧା ଯୋଗାଇ ଦିଆଯାଇପାରିବ ସେ ନେଇ ଏସିଏଫ ସୁବ୍ରତ କୁମାର ପାତ୍ରଙ୍କ ସହ ଆଲୋଚନା କରିଥିଲେ।

## ନରେନ୍ଦ୍ରପୁର ମୁଖ୍ୟରାସ୍ତା ମରଣଯନ୍ତା

**ଆଳି, ୨୩।୮ (ଡି.ଏନ୍.ଏ.)**


ନରେନ୍ଦ୍ରପୁର ପଞ୍ଚାୟତ ରାସ୍ତାରୁ ପିଚୁ ଉଠିଯାଇଛି।

■ ରାସ୍ତା ମରାମତି ପାଇଁ ଦୃଷ୍ଟି ଦେଉନାହାନ୍ତି ବିଭାଗୀୟ କର୍ତ୍ତୃପକ୍ଷ
■ ଦୈନିକ ଏକାଧିକ ଦୁର୍ଘଟଣା ଘଟିବା ସହ ଧନଜୀବନ ହାନି ଘଟୁଛି
■ ତୁରନ୍ତ ମରାମତି କରା ନଗଲେ ଅଞ୍ଚଳବାସୀଙ୍କ ଆନ୍ଦୋଳନ ଚେତାବନୀ

ସହରାଞ୍ଚଳଠାରୁ ଆରମ୍ଭ କରି ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ଗମନାଗମନର ସୁବିଧା ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ ହେଉଛି। ହେଲେ ବିଭିନ୍ନ ସ୍ଥାନରେ ରାସ୍ତା ନିର୍ମାଣ ବା ଜରାଜୀର୍ଣ୍ଣ ରାସ୍ତା ମରାମତି ଦିଗରେ ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେଉ ନଥିବା ଯୋଗୁ ଦିନକୁ ଦିନ ଦୁର୍ଘଟଣା ଓ ଦୁର୍ଘଟଣାଜନିତ ମୃତକଙ୍କ ସଂଖ୍ୟା ବଢୁଛି। ଆଳି ବ୍ଲକ ଅଧୀନ ନରେନ୍ଦ୍ରପୁର ପଞ୍ଚାୟତ ସହ ବାହ୍ୟ ଅଞ୍ଚଳ ସଂଯୋଗ ପାଇଁ ନରେନ୍ଦ୍ରପୁର ପନ୍ଦରଶୀଳା ହାଇସ୍କୁଲଠାରୁ କଟକ-ଚାନ୍ଦବାଲିକୁ ସଂଯୋଗ କରୁଥିବା ରାସ୍ତା ହେଉଛି ମୁଖ୍ୟ ମାଧ୍ୟମ।

୨୦୦୦ ମସିହାରେ ନିର୍ମାଣ କରାଯାଇଥିବା ଏହି ରାସ୍ତା ଅଦ୍ୟାବଧି ଥରୁଟିଏ ମରାମତି କରାଯାଇନାହିଁ। ଫଳରେ ଏହି ରାସ୍ତା ଏବେ ମରଣଯନ୍ତା ପାଲଟିଛି। ବିଭିନ୍ନ ସ୍ଥାନରେ ପିଚୁ ଉଠି ମୋରମ ବାହାରି ଯାଇଥିବା ବେଳେ ବଡ଼ ବଡ଼ ଖାଲ ସୃଷ୍ଟି ହୋଇଛି। ଏହି ରାସ୍ତାରେ ଦୈନିକ ଏକାଧିକ ଛୋଟ ବଡ଼ ଦୁର୍ଘଟଣା ଘଟୁଥିବା ବେଳେ ଏବେ ଏହା ଅଞ୍ଚଳବାସୀଙ୍କ ପାଇଁ ବିପଦ ପାଲଟିଛି। ଏହି ରାସ୍ତା ଦେଇ ବାଇକ୍ ଓ ଚାରିଚକିଆ ଯାନ ଚଳାଚଳରେ ବ୍ୟାଘାତ ସୃଷ୍ଟି ହେଉଛି। ବିଭିନ୍ନ ସମୟରେ ଲୋକମାନେ ସାଇକେଲ ବା ଗାଡ଼ିରୁ ପଡ଼ି ଖଣ୍ଡିଆ ଖାବରା ହେଉଥିବା ମଧ୍ୟ ନଜିର ରହିଛି। ନରେନ୍ଦ୍ରପୁର ପଞ୍ଚାୟତବାସୀଙ୍କ ପାଇଁ ଅନ୍ୟ କୌଣସି ବିକଳ୍ପ ନ ଥିବାରୁ ପ୍ରତିଦିନ ସେମାନେ ଏହି ରାସ୍ତାଦେଇ ଯିବାଆସିବା କରୁଛନ୍ତି। ଦୈନିକ ଶହ ଶହ ଲୋକ ବ୍ଲକ, ତହସିଲ, ଥାନା, ଡାକ୍ତରଖାନା ଆଦି ସ୍ଥାନକୁ ଯିବା ଲାଗି ଏହି ରାସ୍ତା ଉପରେ ନିର୍ଭର କରନ୍ତି। ହେଲେ ଏହି ଗୁରୁତ୍ୱପୂର୍ଣ୍ଣ ରାସ୍ତାର ମରାମତି ଦିଗରେ ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେଉ ନ ଥିବାରୁ ପଞ୍ଚାୟତବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ତୁରନ୍ତ ଏହାର ମରାମତି କରା ନଗଲେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି। ତେବେ ଏ ଦିଗରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ପଦକ୍ଷେପ ନେବାକୁ ଗ୍ରାମର ବଂଶୀଧର ସ୍ୱାଇଁ, ଭିକାରୀ ସେଠୀ, ସତ୍ୟଜିତ ସାହୁ, ବିଜୟ ମହାନ୍ତି, ଫକୀରମୋହନ ସ୍ୱାଇଁ, ନିରଞ୍ଜନ ସ୍ୱାଇଁ, ଅଖିଳ ରାଉତଙ୍କ ସମେତ ନରେନ୍ଦ୍ରପୁରର ସଂଘଶ୍ରୀ କ୍ଲବ ସଦସ୍ୟମାନେ ଦାବି କରିଛନ୍ତି। ଏ ନେଇ ପତ୍ରପୁର ଗ୍ରାମ୍ୟ ଉନ୍ନୟନ ବିଭାଗ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ମଧୁସ୍ମିତା ଜେନାଙ୍କୁ ଯୋଗାଯୋଗ କରିବା ଲାଗି ଚେଷ୍ଟା କରାଯାଇଥିଲେ ବି ଏହା ସମ୍ଭବ ହୋଇପାରିନାହିଁ।

## ଜନ୍ମାଷ୍ଟମୀ ପାଇଁ ପୁରପଲ୍ଲୀ ଉତ୍ସବମୁଖର

**ପଟ୍ଟାମୁଣ୍ଡାଇ, ୨୩।୮ (ସ୍ୱ.ପ୍ର)**

ଶ୍ରୀକୃଷ୍ଣ ଜନ୍ମୋତ୍ସବ ପାଳନ ଉପଲକ୍ଷେ ଉତ୍ସବମୁଖର ହୋଇପଡ଼ିଛି ପୁରପଲ୍ଲୀ। ଏହି ଉତ୍ସବ ପାଳନ ଉପଲକ୍ଷେ କେତେକ ସ୍କୁଲରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା। ପଟ୍ଟାମୁଣ୍ଡାଇ ସରସ୍ୱତୀ ଶିଶୁ ଶିକ୍ଷା ମନ୍ଦିରରେ ଶୁକ୍ରବାର ଶତାଧିକ କୁନିକୁନି ଛାତ୍ରୀଛାତ୍ର ରାଧାକୃଷ୍ଣ ବେଶରେ ସ୍କୁଲକୁ ଆସିଥିଲେ। ଏହି ଅବସରରେ ଆୟୋଜିତ ଉତ୍ସବକୁ ସାତଭଉଣୀ ହାଇସ୍କୁଲର ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ ବିରଞ୍ଚି ନାରାୟଣ ଦାଶ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଉଦ୍‌ଘଟନ କରିଥିଲେ। ଏଥିସହ ଶ୍ରୀକୃଷ୍ଣ ଜନ୍ମର ତାତ୍ତ୍ୱିକ ଦିଗ ଉପରେ ମୁଖ୍ୟଅତିଥି ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ଚିତ୍ରଗୁରୁ ରମେଶ କୁମାର ଦେ ଯୋଗଦେଇ କୃଷ୍ଣ ଚେତନା ଉପରେ ବର୍ଣ୍ଣନା କରି ପିଲାମାନଙ୍କ ସହିତ ଉପସ୍ଥିତ ଅଭିଭାବକ ଓ ଜନସାଧାରଣଙ୍କ ମଧ୍ୟରେ ଧର୍ମୀୟ ଭାବନା ସୃଷ୍ଟି କରିଥିଲେ। ପ୍ରଧାନ ଆଚାର୍ଯ୍ୟ ଭାରତୀୟ ସଂସ୍କୃତିରେ ଉତ୍ସବ ପାଳନର ମହତ୍ତ୍ୱ ସମ୍ବନ୍ଧରେ ଆଲୋକପାତ କରିଥିଲେ। ପ୍ରଦୀପ କୁମାର ସାହୁ ଧନ୍ୟବାଦ ଦେଇଥିଲେ। ଗୁରୁମାନିରୁପମା ଷଡ଼ଙ୍ଗୀ, ରାଜମହେନ୍ଦ୍ରୀ ବାୟୀ, ଅମର କୁମାର ସେଠୀ, ବିଦ୍ୟୁତପ୍ରଭା ଦାସ, ମିନତି ସେଠୀ, କୈଳାସ ଚନ୍ଦ୍ର ଗେରୁ ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ। ରାଧାକୃଷ୍ଣ ବେଶରେ ଆସିଥିବା ସମସ୍ତ ପିଲାମାନଙ୍କୁ ବିଦ୍ୟାଳୟର ସମ୍ପାଦକ ଶ୍ରୀଧର କୁମାର ରାଉତ ପୁରସ୍କୃତ କରିଥିଲେ।

## ବିଦ୍ୟାଳୟରେ ରାଧାକୃଷ୍ଣ ପ୍ରତିଯୋଗିତା

**ଆଳି, ୨୩।୮ (ଡି.ଏନ୍.ଏ.)**

ଆଳି ବ୍ଲକ ଚଣ୍ଡିଆଗଡିସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଓ ଆଳି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଶୁକ୍ରବାର ଜନ୍ମାଷ୍ଟମୀ ଉତ୍ସବ ପାଳିତ ହୋଇଥିଲା। ଚଣ୍ଡିଆଗଡି ଶିଶୁ ମନ୍ଦିରର ଛାତ୍ରୀଛାତ୍ରମାନେ ରାଧାକୃଷ୍ଣ ବେଶରେ ସଜ୍ଜିତ ହୋଇ ବିଦ୍ୟାଳୟକୁ ଆସିଥିଲେ। ଗୁରୁମାମାନେ ସେମାନଙ୍କ ପାଦ ଧୋଇଦେବା ସହ ବନ୍ଦାପନା ଓ ଆଳତୀ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା କମିଟି ଉପ ସଭାପତି ବିଜୟାଲକ୍ଷ୍ମୀ କର ମୁଖ୍ୟଅତିଥି, ଅନସୁୟା ପାତ୍ର ସମ୍ମାନିତ ଅତିଥି ଓ ଅଧାପିକା ଅଞ୍ଜଳି ଦାଶ ମୁଖ୍ୟବକ୍ତା ଭାବେ ଯୋଗଦେଇ ପିଲାମାନଙ୍କୁ ଶ୍ରୀକୃଷ୍ଣଙ୍କ ଜନ୍ମ କାହାଣୀ ସମ୍ପର୍କରେ କହିଥିଲେ। ପ୍ରଧାନଆଚାର୍ଯ୍ୟ ମନୋଜ କୁମାର ସାହୁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସୁଶାନ୍ତ ଗୁରୁଜି ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ଆଳି ସରସ୍ୱତୀ ଶିଶୁ ମନ୍ଦିରରେ ପ୍ରଧାନ ଆଚାର୍ଯ୍ୟ ସୁଶ୍ରୀ ଜାନକୀ ଦାସଙ୍କ ଅଧକ୍ଷତାରେ ଜନ୍ମାଷ୍ଟମୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ବିଦ୍ୟାମନ୍ଦିରର ସମସ୍ତ ଆଚାର୍ଯ୍ୟାଆଚାର୍ଯ୍ୟ ଉତ୍ସବ ପରିଚାଳନା କରିଥିଲେ।

**ରାଜନଗର, (ଡି.ଏନ୍.ଏ):** ପବିତ୍ର ଜନ୍ମାଷ୍ଟମୀ ଅବସରରେ ରାଜନଗର ବ୍ଲକର ବିଭିନ୍ନ ବେସରକାରୀ ବିଦ୍ୟାଳୟରେ ଶୁକ୍ରବାର ରାଧାକୃଷ୍ଣ ବେଶ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ମଦନପୁରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜନ୍ମାଷ୍ଟମୀ ପାଳନ ଅବସରରେ କୁନିକୁନି ଛାତ୍ରୀଛାତ୍ରମାନେ ରାଧାକୃଷ୍ଣ ବେଶରେ ସଜ୍ଜିତ ହୋଇ ସ୍କୁଲକୁ ଆସିଥିଲେ। ସେମାନଙ୍କ ମଧ୍ୟରୁ ଶ୍ରେଷ୍ଠ ରାଧାକୃଷ୍ଣଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟା ପ୍ରତିମା ପାତ୍ର, କଳାକାର ଦାସ, ଅଭୟ ପରିଡ଼ା, ଦୁଷ୍ମନ୍ତ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପରେ ରାଧାକୃଷ୍ଣ ବେଶରେ ସଜ୍ଜିତ ହୋଇଥିବା ପିଲାମାନେ ମଦନପୁର ଓ ଆଖପାଖ ଗ୍ରାମ ପରିକ୍ରମା କରିଥିଲେ। ସେହିପରି ତିଅରସ୍ଥିତ ସରସ୍ୱତୀ ଶିଶୁ ମନ୍ଦିର, ରାଜନଗରସ୍ଥିତ ଜାଭିୟର ସ୍କୁଲ, ସାନବଡ ଗୋପାଳପୁରସ୍ଥିତ ଶିବାନନ୍ଦ ବିଦ୍ୟାମନ୍ଦିରରେ ଛାତ୍ରୀଛାତ୍ରଙ୍କ ରାଧାକୃଷ୍ଣ ବେଶ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

## ଶ୍ରୀକୃଷ୍ଣ ଜନ୍ମୋତ୍ସବ

**ଆଳି, ୨୩।୮ (ଡି.ଏନ୍.ଏ.)**

ଆଳି ବ୍ଲକ ଅଧୀନ ବିଭିନ୍ନ ରାଧାକୃଷ୍ଣ ମନ୍ଦିରରେ ଶୁକ୍ରବାର ଶ୍ରୀକୃଷ୍ଣଙ୍କ ଜନ୍ମୋତ୍ସବ ପାଳନ କରାଯାଇଥିଲା। ଏହି ଉପଲକ୍ଷେ ବିଭିନ୍ନ ମନ୍ଦିରକୁ ରଙ୍ଗବେରଙ୍ଗର ଆଲୋକମାଳାରେ ସଜାଯିବା ସହ କେତେକ ସ୍ଥାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି ଉତ୍ସବ ଦୁଇଦିନ ଧରି ପାଳିତ ହେବାକୁ ଥିବା ବେଳେ ପ୍ରଥମ ଦିବସରେ ଠାକୁରଙ୍କର ଜନ୍ମନୀତି ପାଳନ କରାଯାଇଛି। ଏହି ଉପଲକ୍ଷେ ମେଣ୍ଟପୁର ପଞ୍ଚାୟତର ଗୋପସ୍ଥିତ ନନ୍ଦନନ୍ଦନ ଜୀଉ ମନ୍ଦିରରେ ବ୍ୟାପକ ଆୟୋଜନ କରାଯାଇଛି। ଠାକୁରଙ୍କର ନୀତିକାନ୍ତି ଶେଷହେବା ପରେ ସନ୍ଧ୍ୟାରେ ଶ୍ରୀଜୀଉଙ୍କୁ ଆଣ୍ଠୁଆ ଗୋପାଳ ବେଶ କରାଯାଇଥିଲା। ଶନିବାର ଦିନ ନନ୍ଦୋତ୍ସବ ପାଳନ କରାଯିବ।


ଆଳି ବ୍ଲକ ଶିଶୁମନ୍ଦିରରେ ଆୟୋଜିତ ରାଧାକୃଷ୍ଣ ପ୍ରତିଯୋଗିତାରେ ଛାତ୍ରୀଛାତ୍ରମାନେ।


ପଟ୍ଟାମୁଣ୍ଡାଇ ଶିଶୁ ମନ୍ଦିରରେ କୁନି କୁନି ଛାତ୍ରମାନେ କୃଷ୍ଣ ବେଶରେ ସଜ ହୋଇଛନ୍ତି।


ରାଜନଗରସ୍ଥିତ ଜାଭିୟର ସ୍କୁଲ ଛାତ୍ରୀଛାତ୍ରଙ୍କ ରାଧାକୃଷ୍ଣ ବେଶ।

## ବେଦାନ୍ତରେ ପୋଡାଜଳା, ଲାଠିଚାର୍ଜ ମାମଲା

# ବିଚାରାଧୀନ କଏଦୀ ମୃତ

**ଭବାନୀପାଟଣା/ଲାଞ୍ଜିଗଡ଼, ୨୩।୮ (ଡି.ଏନ୍.ଏ.):** ମାର୍ଚ୍ଚ ୧୮ରେ ଲାଞ୍ଜିଗଡ଼ସ୍ଥିତ ବେଦାନ୍ତ କମ୍ପାନୀ ମୁଖ୍ୟ ଫାଟକ ନିକଟରେ ସ୍ଥାନୀୟ ଲୋକ ଏବଂ ବେଦାନ୍ତ ସୁରକ୍ଷା କର୍ମୀଙ୍କ ମଧ୍ୟରେ ଗଣ୍ଡଗୋଳ ପରିସ୍ଥିତ ସୃଷ୍ଟି ହୋଇଥିଲା। ଏହା ଉଗ୍ରରୂପ ଧାରଣ କରିଥିଲା । କମ୍ପାନୀ ପୋଡାଜଳା ହେବା ସହ ପୋଲିସକୁ ଲାଠି ଚାର୍ଜ କରିବାକୁ ପଡିଥିଲା । ଏଥିରେ ଜଣେ ବେଦାନ୍ତ ସୁରକ୍ଷା କର୍ମୀଙ୍କ ମୃତ୍ୟୁ ଘଟିଥିବା ବେଳେ ଛତ୍ରପୁର ଗ୍ରାମର ଶ୍ରମିକ ଦାନି ବାତ୍ରାଙ୍କ ମୃତ୍ୟୁ ହେଇଥିଲା। ପୋଲିସ ତଦନ୍ତ ପରେ ସିସିଟିଭି ଫୁଟେଜ ଆଧାରରେ ୨୯ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଶୁକ୍ରବାର ଗିରଫ ୨୯ ଜଣକଙ୍କ ମଧ୍ୟରୁ ଜଣେ ବିଚାରାଧୀନ କଏଦୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ରେଙ୍ଗୋପାଲି ଗ୍ରାମର ପଞ୍ଚନାୟକ ହରିଜନ (୪୫)। ୩ ଦିନ ତଳେ ପଞ୍ଚନାୟକ ଜେଲରେ ଅସୁସ୍ଥ ହୋଇପଡିଥିଲେ। ଜେଲ କର୍ମଚାରୀ ତାଙ୍କୁ ଭବାନୀପାଟଣା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ୨ ଦିନ ଚିକିତ୍ସା ପରେ ତାଙ୍କ ଅବସ୍ଥା ସଙ୍କଟାପନ୍ନ ହୋଇପଡିଥିଲା। ଏନେଇ ତାଙ୍କୁ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ଶୁକ୍ରବାର ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ଏହି ଖବର ଜଣାପଡିବା ପରେ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ଦେଖାଦେଇଛି। ସୁରକ୍ଷାକୁ ଦୃଷ୍ଟିରେ ରଖି ପୋଲିସ କମ୍ପାନୀର ୨ କି.ମି. ପରିସୀମା ମଧ୍ୟରେ ୧୪୪ ଧାରା ଜାରି କରିଛି। ପଞ୍ଚନାୟକଙ୍କ ପରିବାର ଲୋକଙ୍କ କହିବା ମୁତାବକ, ଘଟଣାଦିନ ସେ କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇ ଭୁବନେଶ୍ୱରସ୍ଥିତ ଏମ୍ସ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ । ହେଲେ ପୋଲିସ କୌଣସି ଗୁହାରି ନ ଶୁଣି ତାଙ୍କୁ ଗିରଫ କରିଥିଲା।

## ଯୋଡ଼ାରେ ନାବାଳିକାଙ୍କୁ ଗଣବଳାତ୍କାର ମାମଲା

# ଜିଲାପାଳ, ଏସ୍‌ପିଙ୍କୁ ରିପୋର୍ଟ ମାଗିଲେ ଏନ୍‌ଏଚ୍‌ଆରସି

ଭୁବନେଶ୍ୱର,୨୩।୮ (ବ୍ୟୁରୋ)

### କ୍ଷତିପୂରଣ ସହ କ'ଣ କାର୍ଯ୍ୟାନୁଷ୍ଠାନ ନିଆଯାଇଛି ଜଣାଅ

କେନ୍ଦୁଝର ଜିଲା ଯୋଡ଼ା ସହରରେ ଜୁନ୍ ୨୪ ରାତିରେ ଜଣେ ନାବାଳିକାଙ୍କୁ ଗଣବଳାତ୍କାର କରାଯାଇଥିଲା। ଏହି ଘଟଣାକୁ ନେଇ ସାରା ରାଜ୍ୟରେ ଅସନ୍ତୋଷ ପ୍ରକାଶ ପାଇବା ପରେ ପୋଲିସ ମାମଲାକୁ ଗୁରୁତର ସହ ନେଇ ତଦନ୍ତ କରିଥିଲା। ଏହା ସହ ନାବାଳିକାଙ୍କ ପୁରୁଷ ବନ୍ଧୁ ସମେତ ଅନ୍ୟ ୫ ଜଣଙ୍କୁ ଗିରଫ କରିଥିଲା। ଏହି ଘଟଣାକୁ ନେଇ ମାନବାଧିକାର କର୍ମୀ ହିମାଂଶୁ ଶେଖର ନାୟକ ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି)ଙ୍କ ନିକଟରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ଫାଇଲ୍ ନଂ. ୨୫୬୧/୧୯ରେ ଏକ ମାମଲା ପଞ୍ଜୀକୃତ କରାଯାଇଥିଲା। ଏହି ଘଟଣାରେ ଶୁକ୍ରବାର ଏନ୍‌ଏଚ୍‌ଆର୍‌ସିଙ୍କ କାର୍ଯ୍ୟାଳୟ ପକ୍ଷରୁ କେନ୍ଦୁଝର ଜିଲାପାଳ ଓ ଏସ୍‌ପିଙ୍କୁ ରିପୋର୍ଟ ତଲବ କରାଯାଇଛି। ଏହି ଘଟଣାରେ କେଉଁଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି, ପୀଡିତାଙ୍କୁ କ୍ଷତିପୂରଣ ଦିଆଯାଇଛି କି ନାହିଁ ସେନେଇ ୩୦ ଦିନ ମଧ୍ୟରେ ରିପୋର୍ଟ ଦେବାକୁ କୁହାଯାଇଛି। ମାନବାଧିକାର କର୍ମୀ ହିମାଂଶୁ ଶେଖର ତାଙ୍କ ପିଟିଶନ୍‌ରେ ଅଭିଯୋଗ କରିଥିଲେ କି, ପୀଡିତାଙ୍କୁ ୪ ସପ୍ତାହ ମଧ୍ୟରେ ୧୫ ଲକ୍ଷ ଟଙ୍କା କ୍ଷତିପୂରଣ ଦେବା ସହ ଅଭିଯୁକ୍ତଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ କମିଶନଙ୍କୁ ନିବେଦନ କରିଥିଲେ।

ସୂଚନାଯୋଗ୍ୟ, ନାବାଳିକା ସ୍ଥାନୀୟ ଲକ୍ଷ୍ମୀପଡିଆରେ ରାସ୍ତାକଡରେ ଛିଡା ହୋଇ ତାଙ୍କର ଜଣେ ପୁରୁଷ ବନ୍ଧୁଙ୍କ ସହ କଥା ହେଉଥିଲେ। ୬ ଜଣ ଯୁବକ ସେମାନଙ୍କୁ ପ୍ରେମୀ ଯୁଗଳ ବୋଲି ସନ୍ଦେହ କରି ପୁରୁଷ ବନ୍ଧୁଙ୍କୁ ଏକ ଗଛରେ ବାନ୍ଧି ପଚରାଉଚରା କରିବା ସହ ମାଡ ମାରିଥିଲେ। ପରେ ପରିବାର ଲୋକଙ୍କୁ ଡାକି ଆଣିବାକୁ କହି ବିଦା କରିଦେଇଥିଲେ। ପୁରୁଷ ବନ୍ଧୁ ଜଣକ ନାବାଳିକା ମାମୁଙ୍କୁ ଡାକିବାକୁ ଯାଇ ଫେରି ନ ଥିଲେ। ଶେଷରେ ଅଭିଯୁକ୍ତମାନେ ନାବାଳିକାଙ୍କୁ ଲକ୍ଷ୍ମୀପଡିଆ ନିକଟସ୍ଥ ଏକ ନିଛାଟିଆ ସ୍ଥାନକୁ ଟେକି ନେଇ ଗଣବଳାତ୍କାର କରିଥିଲେ। ନାବାଳିକା ଚେତା ହରାଇବା ପରେ ଅଭିଯୁକ୍ତମାନେ ତାଙ୍କୁ ସେଠାରେ ଛାଡି ଫେରାର ହୋଇ ଯାଇଥିଲେ। ନାବାଳିକାଙ୍କ ପରିବାର ଲୋକେ ଖୋଜାଖୋଜି କରିବା ପରେ ତାଙ୍କୁ ପାଇ ନ ଥିଲେ। ବିଳମ୍ବିତ ରାତିରେ ଲୋକେ ପଡିଆର ଏକ ନିଛାଟିଆ ସ୍ଥାନରେ ନାବାଳିକାଙ୍କୁ ଚେତାଶୂନ୍ୟ ଅବସ୍ଥାରେ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଏ ସଂକ୍ରାନ୍ତରେ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ କରିଥିଲା। ତଦନ୍ତ ପରେ ଜଣାପଡିଥିଲା ଯେ, ଏହି ଗଣବଳାତ୍କାର ପଛରେ ନାବାଳିକାଙ୍କ ପୁରୁଷ ବନ୍ଧୁ ହିଁ ମାଷ୍ଟରମାଇଣ୍ଡ। ନାବାଳିକାଙ୍କ ପୁରୁଷ ବନ୍ଧୁ ପୋଲିସ ଆଗରେ ଯେଉଁ ମିଛ ବୟାନ ଦେଇଥିଲେ ତାହା ପ୍ରଘଟ ହୋଇଛି। ପୁରୁଷ ବନ୍ଧୁଙ୍କ ସମେତ ୬ଜଣଙ୍କୁ ପୋଲିସ ଗିରଫ କରିଥିଲା।

# ଅସୁସ୍ଥ କେଜିବିବି ଛାତ୍ରୀଙ୍କ ମୃତ୍ୟୁ

ଝରିଗାଁ,୨୩।୮ (ସ୍ୱ.ପ୍ର)

### ଆଉ ୨ ଛାତ୍ରୀଛାତ୍ର ଚିକିତ୍ସାଧୀନ

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ କରମରୀସ୍ଥିତ କସ୍ତୁରବା ଗାନ୍ଧି ବାଳିକା ବିଦ୍ୟାଳୟର ୧୦ମ ଶ୍ରେଣୀ ଛାତ୍ରୀ ଶକୁନ୍ତଳା ମାଝୀ(୧୬)ଙ୍କ ଗୁରୁବାର ମୃତ୍ୟୁ ହୋଇଛି। ତାଙ୍କୁ ଜ୍ୱର ହୋଇଥିବା ସନ୍ଦେହ କରାଯାଉଛି। ସୂଚନା ପ୍ରକାରେ, ଗୋରାମ୍ବା ଗ୍ରାମର ଲଳିତ ମାଝୀଙ୍କ ଝିଅ ଶକୁନ୍ତଳା କସ୍ତୁରବା ଗାନ୍ଧି ବାଳିକା ବିଦ୍ୟାଳୟର ବାଳିକା ହଷ୍ଟେଲରେ ରହି ପଢୁଥିଲେ। ଗୁରୁବାର ସନ୍ଧ୍ୟା ୭ଟାରେ ସେ ସାଙ୍ଗମାନଙ୍କ ସହ ମିଶି ପାଠ ପଢ଼ିବା ସମୟରେ ହଠାତ୍ ମୁଣ୍ଡବ୍ୟଥା ସହ ପରେ ଅସୁସ୍ଥ ହୋଇପଡ଼ିଥିଲେ। ରାତି ୧୦ଟାରେ ତାଙ୍କୁ ଆମ୍ବୁଲାନ୍ସ ସହାୟତାରେ ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ତେବେ ସେତେବେଳକୁ ତାଙ୍କ ଅବସ୍ଥା ଗୁରୁତର ହୋଇପଡ଼ିଥିବାରୁ ପ୍ରାଥମିକ ଚିକିତ୍ସାପରେ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଉଲ୍ଲେଖନୀୟ ବିଷୟ ଏହି କି ଯେ, ଶୁକ୍ରବାର ଉକ୍ତ ବିଦ୍ୟାଳୟ ହଷ୍ଟେଲର ୮ମ ଶ୍ରେଣୀ ଛାତ୍ରୀ ରଶ୍ମିତା ଗଣ୍ଡ(୧୩) ଏବଂ ଏହି ବିଦ୍ୟାଳୟ ପରିସରରେ ଥିବା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୧ମ ଶ୍ରେଣୀ ଛାତ୍ର କାର୍ତ୍ତିକ ଗଣ୍ଡ(୬)ମଧ୍ୟ ଜ୍ୱର ଓ ମୁଣ୍ଡବ୍ୟଥା ଯୋଗୁ ଅସୁସ୍ଥ ହୋଇ ଝରିଗାଁ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ଉଭୟଙ୍କ ରକ୍ତ ନମୁନା ସଂଗ୍ରହ କରି ଚିକିତ୍ସା କରାଯାଉଥିବା ଜଣାପଡ଼ିଛି। ଘଟଣାପରେ ବିଇଓ ସୁରେଶ ଚନ୍ଦ୍ର ନାଏକ, ଡବ୍ଲ୍ୟୁଇଓ ପ୍ରଫୁଲ୍ଲ ସେଠୀ ବିଦ୍ୟାଳୟକୁ ଯାଇ ପରିସ୍ଥିତି ଅନୁଧ୍ୟାନ କରିଛନ୍ତି।

## କେନ୍ଦ୍ରମନ୍ତ୍ରୀଙ୍କ ଦ୍ୱାରା ପାଇପ ଯୋଗେ ପ୍ରାକୃତିକ ଗ୍ୟାସ୍ ଯୋଗାଣର ଶୁଭାରମ୍ଭ

# ଝାଡ଼ଖଣ୍ଡବାସୀଙ୍କ ଗ୍ୟାସ୍ ପାଇବା ସ୍ୱପ୍ନ ପୂରଣ: ଧର୍ମେନ୍ଦ୍ର

ଭୁବନେଶ୍ୱର,୨୩।୮ (ବ୍ୟୁରୋ)

ଝାଡଖଣ୍ଡରେ ପିଏନ୍‌ଜି ଏବଂ ସିଏନ୍‌ଜି ଗ୍ୟାସ ପାଇବାକୁ ଥିବା ଲୋକଙ୍କ ସ୍ୱପ୍ନ ପୂରଣ ହୋଇଛି। ଝାଡଖଣ୍ଡର ରାଞ୍ଚିଠାରେ ଶୁକ୍ରବାର ଅନୁଷ୍ଠିତ ପିଏମ୍ ଉର୍ଜା ଗଙ୍ଗା ପ୍ରକଳ୍ପ ଅଧୀନରେ ପାଇପ ଯୋଗେ ପ୍ରାକୃତିକ ଗ୍ୟାସ୍ ଯୋଗାଣର ଶୁଭାରମ୍ଭ କରିବା ଅବସରରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହା କହିଛନ୍ତି। ଏହି ଅବସରରେ ଧର୍ମେନ୍ଦ୍ର କହିଛନ୍ତି ଯେ, ସ୍ୱଚ୍ଛ ଇନ୍ଧନ ଯୋଗାଇବାରେ ଏହି ପାଇପ ଲାଇନ୍ ମହତ୍ତ୍ୱପୂର୍ଣ୍ଣ ଭୂମିକା ନେବ ଏବଂ ପୂର୍ବ ଭାରତର ବିକାଶରେ ସହାୟକ ହେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୃଷ୍ଟିକୋଣରେ ପୂର୍ବ ଭାରତ ବିକାଶ ବିନା ଭାରତର ବିକାଶ ଅସମ୍ଭବ। ଏହା ସୁନିଶ୍ଚିତ କରୁଛି ବୋଲି ସେ କହିଛନ୍ତି।

ଧର୍ମେନ୍ଦ୍ର ଆହୁରି କହିଛନ୍ତି ଯେ, ରାଞ୍ଚିରେ ୩ ହଜାର ଘରକୁ ପାଇପ ଜରିଆରେ ଗ୍ୟାସ୍ ପହଞ୍ଚୁଛି ଏବଂ ଖୁବଶୀଘ୍ର ଅଧିକରୁ ଅଧିକ ଘରକୁ ପାଇପଲାଇନ ଜରିଆରେ ଗ୍ୟାସ୍ ପହଞ୍ଚାଯିବ। ଆଗାମୀ ଦିନରେ ୪ ହଜାର ୫୦୦ କୋଟି ଟଙ୍କା ବ୍ୟୟରେ ଝାଡଖଣ୍ଡର ୧୩ ଜିଲାରେ ପାଇପଲାଇନ ଜରିଆରେ ଗ୍ୟାସ ପହଞ୍ଚିବ। ସେହିଭଳି ଝାଡଖଣ୍ଡରେ ୨୫୦ ସିଏନ୍‌ଜି ଷ୍ଟେସନ୍ ଆରମ୍ଭ ହେବ ବୋଲି ଧର୍ମେନ୍ଦ୍ର ସୂଚନା ଦେଇଛନ୍ତି। ଦେଶରେ ୧୬ ହଜାର ୫୦୦ କିମିରୁ ଅଧିକ ଗ୍ୟାସ୍ ପାଇପଲାଇନ ନେଟୱର୍କ ରହିଛି। ଉର୍ଜା ଗଙ୍ଗାର ବିସ୍ତାର ପୂର୍ବ ଭାରତର ବିହାର, ଝାଡଖଣ୍ଡ, ଉତ୍ତରପ୍ରଦେଶ, ଓଡିଶା ଏବଂ ପଶ୍ଚିମବଙ୍ଗ ଭଳି ରାଜ୍ୟ ପର୍ଯ୍ୟନ୍ତ ହେବ। ୧୩ ହଜାର କୋଟି ଟଙ୍କା ପୁଞ୍ଜି ନିବେଶ କରି ୨୬୫୦ କିମିର ଗ୍ୟାସ୍ ଗ୍ରୀଡ୍ ନେଟୱର୍କ ପ୍ରସ୍ତୁତ କରାଯିବ। ସେଥିରୁ ୫୭୦ କିମିର ନେଟୱର୍କ ଝାଡଖଣ୍ଡର ଭିନ୍ନ ଭିନ୍ନ ଜିଲାକୁ ଗତି କରିବ। ପ୍ରାକୃତିକ ପାଇପ୍ ଲାଇନ ଗ୍ୟାସ ମାଧ୍ୟମରେ ସ୍ୱଚ୍ଛ ଇନ୍ଧନ ଯୋଗାଣ ଫଳରେ ଝାଡଖଣ୍ଡବାସୀ ଲାଭବାନ ହୋଇପାରିବେ। ଏହି ପରିବେଶ ସହଯୋଗୀ ଇନ୍ଧନ ରାଞ୍ଚିରେ ଗ୍ୟାସ ଆଧାରିତ ଉଦ୍ୟୋଗ ସମୂହ ନିର୍ମାଣ କରିବାରେ ସାହାଯ୍ୟ କରିବା ସହ ଯୁବକଙ୍କୁ ରୋଜଗାର ମିଳିବ ଏବଂ ପରିବେଶ ପ୍ରଦୂଷଣକୁ ହ୍ରାସ କରିବ। ପ୍ରଧାନମନ୍ତ୍ରୀଙ୍କ ମାର୍ଗଦର୍ଶନ ଏବଂ ମୁଖ୍ୟମନ୍ତ୍ରୀ ରଘୁବର ଦାସଙ୍କ ନେତୃତ୍ୱରେ ଝାଡଖଣ୍ଡର ବିକାଶରେ ଏକ ନୂଆ ସକାଳର ଆରମ୍ଭ ହେବ। ଦେଶର ଶିଳ୍ପ ଏବଂ ଅର୍ଥନୈତିକ ବିକାଶ କ୍ଷେତ୍ରରେ ରାଜ୍ୟକୁ ଇଞ୍ଜିନଭାବେ ପ୍ରତିଷ୍ଠା କରିବା ନେଇ କେନ୍ଦ୍ର ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ଧର୍ମେନ୍ଦ୍ର କହିଛନ୍ତି। ଏଭଳି କାର୍ଯ୍ୟକ୍ରମ ପାଇଁ ଝାଡଖଣ୍ଡ ଏବଂ ରାଞ୍ଚିର ଲୋକଙ୍କୁ ଅଭିନନ୍ଦନ ଜଣାଇବା ସହ ଆଗାମୀ ଦିନରେ ସିଜିଡି ନେଟୱର୍କର ପ୍ରସାର ଲୋକଙ୍କ ଜୀବନଶୈଳୀରେ ଅଭୂତପୂର୍ବ ପରିବର୍ତ୍ତନ କରିବ ବୋଲି ଧର୍ମେନ୍ଦ୍ର କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଝାଡଖଣ୍ଡର ମୁଖ୍ୟମନ୍ତ୍ରୀ ରଘୁବର ଦାସ ଏବଂ କେନ୍ଦ୍ରମନ୍ତ୍ରୀ ଅର୍ଜ୍ଜୁନ ମୁଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।



ଝାଡ଼ଖଣ୍ଡରେ ଲୋକଙ୍କୁ ପାଇପ୍ ଯୋଗେ ସିଏନ୍‌ଜି ଏବଂ ପିଏନ୍‌ଜି ଯୋଗାଇବା ପ୍ରକଳ୍ପର ଶିଳାନ୍ୟାସ କରୁଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

# ବ୍ରହ୍ମପୁର-ସମ୍ବଲପୁର ପାଇଁ ନୂଆ ରେଳପଥ ନିର୍ମାଣ ହେବ

ବ୍ରହ୍ମପୁର ଅଫିସ,୨୩।୮

- ରେଲୱେ ବୋର୍ଡର ଅନୁମୋଦନ
- ଏମ୍‌ପି ଚନ୍ଦ୍ରଶେଖର ସାହୁଙ୍କ ସୂଚନା
- ଜଗନ୍ନାଥପୁରରୁ ରେଢ଼ାଖୋଲ ୨୪୦ କି.ମି.ଦୈର୍ଘ୍ୟ

ବହୁ ପ୍ରତୀକ୍ଷିତ ବ୍ରହ୍ମପୁର-ସମ୍ବଲପୁର ନୂଆ ରେଳପଥ ନିର୍ମାଣ ପାଇଁ ଭାରତୀୟ ରେଲୱେ ବୋର୍ଡ ମଞ୍ଜୁର କରିଛନ୍ତି। ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ ଶୁକ୍ରବାର ଧରିତ୍ରୀକୁ ଏହି ସୂଚନା ଦେଇଛନ୍ତି। ଏଥିପାଇଁ ଭଞ୍ଜନଗର ଓକିଲ ସଂଘର ନିରନ୍ତର ପ୍ରୟାସକୁ ସାହୁ ଉଚ୍ଚ ପ୍ରଶଂସା କରିଛନ୍ତି। ଏହାର ସର୍ଭେ ବହୁ ବର୍ଷ ତଳୁ ହୋଇଥିଲେ ମଧ୍ୟ ସଂଶୋଧନ ପାଇଁ କେତେକ ଅଞ୍ଚଳରେ ପୁଣି ସର୍ଭେ କରାଯିବ ଏବଂ ନିର୍ମାଣ ସୁନିଶ୍ଚିତ ହୋଇଥିବା ସେ ଦର୍ଶାଇଛନ୍ତି।

ସୂଚନାଯୋଗ୍ୟ, ୧୯୭୭ ଲୋକ ସଭା ନିର୍ବାଚନରେ ତତ୍କାଳୀନ ଜାତୀୟ ଯୁବ କଂଗ୍ରେସ ସଭାପତି ରାମଚନ୍ଦ୍ର ରଥ ଗଞ୍ଜାମ ଜିଲା ଆସିକା ଆସନରୁ ନିର୍ବାଚିତ ହୋଇଥିଲେ। ନୂଆ ରେଳପଥ ନିମନ୍ତେ ସେ ଉଦ୍ୟମ କରି ଏହାର ସର୍ଭେ କାର୍ଯ୍ୟ ପାଇଁ ପଦକ୍ଷେପ ନେଇଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ରଥ ୧୯୮୦ ଓ ୧୯୯୧ ନିର୍ବାଚନରେ ମଧ୍ୟ ଆସିକା ଏମ୍‌ପି ହୋଇଥିଲେ। ଦୀର୍ଘ ୪୦ ବର୍ଷ ପରେ ବି ଏହି ରେଳପଥ କେବଳ ସର୍ଭେରେ ଅଟକି ଯାଇଥିଲା। ଭଞ୍ଜନଗର ଓକିଲ ସଂଘ ଏହି ପ୍ରସଙ୍ଗ ଉତ୍ଥାନ କରି ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ତୀବ୍ର ସ୍ୱର ଉଠାଇ ଥିଲା। ବିଭିନ୍ନ ସ୍ଥାନର ଓକିଲ ସଂଘକୁ ଏକାଠି କରାଇ ଦାବି ହାସଲର ପଦକ୍ଷେପ ନେଇଥିଲା। ସଂଘ ପକ୍ଷରୁ ବ୍ରହ୍ମପୁର, ଆସିକା ଓ ଫୁଲବାଣୀ ଏମ୍‌ପିଙ୍କୁ ମଧ୍ୟ ଅନୁରୋଧ କରାଯାଇଥିଲା। ଫଳରେ ଏହି ଯୋଜନା ସାକାର ହେବାକୁ ଯାଉଛି। ବ୍ରହ୍ମପୁର-ସମ୍ବଲପୁର ସମେତ ସର୍ଭେ କାର୍ଯ୍ୟ ସରିଥିବା ଗୋପାଳପୁର-ରାୟଗଡ଼ା ନୂଆ ରେଳପଥ ନିର୍ମାଣ ଲାଗି ରେଳମନ୍ତ୍ରୀଙ୍କୁ ଦାବି କରାଯାଇଥିବା ଚନ୍ଦ୍ରଶେଖର ସୂଚନା ଦେଇଛନ୍ତି।

ମିଳିଥିବା ସୂଚନାନୁସାରେ, ବ୍ରହ୍ମପୁର ନିକଟ ଜଗନ୍ନାଥପୁରଠାରୁ ସମ୍ବଲପୁର ନିକଟ ରେଢ଼ାଖୋଲ ପର୍ଯ୍ୟନ୍ତ ୨୪୦ କି.ମି. ଦୈର୍ଘ୍ୟ ଏହି ରେଳ ଲାଇନ ପାଇଁ ୭୩୪.୯୨ ହେକ୍ଟର ଚାଷଜମି ଏବଂ ୩୨୪.୬୩ ହେକ୍ଟର ଜଙ୍ଗଲ ଜମି ଆବଶ୍ୟକ। ଅପରପକ୍ଷରେ ୨୦୦୯ରେ ବ୍ୟୟ ଅଟକଳ ୨୯୫୬.୪୫ କୋଟି ଟଙ୍କା ହିସାବ କରାଯାଇଥିଲା। ତେବେ ଆଗାମୀ ଦିନରେ ସଂଶୋଧିତ ଅଟକଳ ଯଥେଷ୍ଟ ବଢ଼ିବାର ସମ୍ଭାବନା ରହିଛି। ନିର୍ମାଣ କାର୍ଯ୍ୟ ଜଗନ୍ନାଥପୁରରୁ ଆରମ୍ଭ ହୋଇ କୁକୁଡ଼ାଖଣ୍ଡି, ହିଞ୍ଜିଳିକାଟୁ, ଆସିକା, ଭଞ୍ଜନଗର ଓ ମୁଜାଗଡ଼ ଦେଇ ଫୁଲବାଣୀ ଓ ସେଠାରୁ ବୌଦ୍ଧ ଦେଇ ରେଢ଼ାଖୋଲ ପର୍ଯ୍ୟନ୍ତ ହେବ। ଫଳରେ ରେଳପଥ ନ ଥିବା ଉପରୋକ୍ତ ଅଞ୍ଚଳବାସୀ ଉପକୃତ ହେବେ ଏବଂ ଅନେକ ଆଦିବାସୀ ଅଧ୍ୟୁଷିତ ବାସିନ୍ଦା ରେଳ ସୁବିଧା ପାଇବେ। ଜମି ଅଧିଗ୍ରହଣରେ ରାଜ୍ୟ ସରକାରଙ୍କ ସକ୍ରିୟ ସହଯୋଗ ଆବଶ୍ୟକ।

# ୨୫ରେ ଭାଜପାର ରାଜ୍ୟ ସ୍ତରୀୟ କର୍ମଶାଳା

**ଭୁବନେଶ୍ୱର,୨୩।୮(ବ୍ୟୁରୋ):** ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଆସନ୍ତା ୨୫ରେ ଦଳର ସାଙ୍ଗଠନିକ ନିର୍ବାଚନ ପାଇଁ ରାଜ୍ୟସ୍ତରୀୟ କର୍ମଶାଳା ଅନୁଷ୍ଠିତ ହେବ। ଏହି କର୍ମଶାଳାରେ ଭାଜପାର ସମସ୍ତ ରାଜ୍ୟ ପଦାଧିକାରୀ, ରାଜ୍ୟରୁ ପ୍ରତିନିଧିତ୍ୱ କରୁଥିବା ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ, ଜିଲା ସଭାପତି, ବିଧାୟକ ଓ ଏମ୍‌ପି, ଜିଲା ପରିଷଦ ଅଧ୍ୟକ୍ଷ ଓ ଉପାଧ୍ୟକ୍ଷ, ନିବନିଯୁକ୍ତ ଜିଲା ନିର୍ବାଚନ ଅଧିକାରୀ ଓ ସହ ଅଧିକାରୀମାନେ ଯୋଗଦେବେ ବୋଲି ରାଜ୍ୟ ନିର୍ବାଚନ ସହ ଅଧିକାରୀ ସୁଦୀପ୍ତ ରାୟ ସୂଚନା ଦେଇଛନ୍ତି। ସୁଦୀପ୍ତ କହିଛନ୍ତି ଯେ, ଦଳର ବିଭିନ୍ନସ୍ତରରେ ଅନୁଷ୍ଠିତ ହେବାକୁ ଥିବା ଏହି ସାଙ୍ଗଠନିକ ନିର୍ବାଚନକୁ ସୁପରିଚାଳନା କରିବା ପାଇଁ ୩ ଶହରୁ ଉର୍ଦ୍ଧ୍ୱ ନେତୃବୃନ୍ଦଙ୍କୁ ଦାୟିତ୍ୱ ବଣ୍ଟନ କରାଯାଇଛି। ସମାଜର ବିଭିନ୍ନ ବର୍ଗ, ତଥା – ଯୁବ , ମହିଳା, ସଂଖ୍ୟାଲଘୁ, ଅନୁସୂଚିତ ଜାତି, ଜନଜାତି ଏବଂ ପଛୁଆ ବର୍ଗର ନେତୃବୃନ୍ଦଙ୍କୁ ମଧ୍ୟ ବିଭିନ୍ନ ଦାୟିତ୍ୱ ଦିଆଯାଇଛି। ଏହି ଅବସରରେ ରାଜ୍ୟ ଭାଜପା ନିର୍ବାଚନ ଅଧିକାରୀ ରଞ୍ଜନ ପଟେଲ ୩୬ଟି ସାଙ୍ଗଠନିକ ଜିଲା ପାଇଁ ଜିଲା ନିର୍ବାଚନ ଅଧିକାରୀ ଓ ସହ ନିର୍ବାଚନ ଅଧିକାରୀ ମନୋନୀତ କରିଛନ୍ତି। ଏହି କର୍ମଶାଳାରେ କେନ୍ଦ୍ରୀୟ ସହ ନିର୍ବାଚନ ଅଧିକାରୀ ବିନୋଦ ସୋନକାର, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ପ୍ରତାପ ଷଡଙ୍ଗୀ, ରାଜ୍ୟ ସଭାପତି ବସନ୍ତ ପଣ୍ଡା ପ୍ରମୁଖ ଯୋଗଦେଇ ବିଭିନ୍ନ ପ୍ରସଙ୍ଗରେ ଆଲୋକପାତ କରିବେ ବୋଲି ସୁଦୀପ୍ତ କହିଛନ୍ତି।


ଧରିତ୍ରୀ DHARITRI
CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385, 7894447169
Email : advt@dharitri.com

**SANTANU ENGLISH MEDIUM SCHOOL**
Affiliated to CBSE, Delhi
Chintamaniswar, BBSR-6,Ph. : 0674-2972080, Mail : semsbbsr@gmail.com
URGENTLY REQUIRES : Teachers in Maths, Science, S. Science, Computer, English & Hindi. Apply on or before 5.9.2019.

**Appointment**
Need the following person for our manufacturing unit at Gangapada, Bhatkuri, Khurda. We are leading manufacturer of Plastic Furnitures/ Cooler/Stabilizer and LED products.
**Shift Engineer :** Candidate having minimum 2-3 years of experience in Plastic Moulding products, Maintenance & Other moulding activities will be preferable.
**Machine Operator :** Candidates having experience with 1-2 years in any Injection Moulding Machine, as operator in any moulding unit will be prefered. Freshers also can apply.
**Worker :** Under Matric or unqualified candidate should only apply. He should ability to do Hardwork.
Salary will not be a constraint for right candidate. Please send your Bio-data, Aadhar and along with Passport size Photo to the address given below :
PATRIOT
FUTURE TECHNOLOGIES
SCR-14, Surya Nagar, Near Governor House, LIC Office, Bhubaneswar-751003
Mob. : 9337724585, E-mail : hrd@rajpathgroup.in

**APPOINTMENT**
**BINAYAK HOSPITAL**
(A MULTI FACILITY 100 BEDDED HOSPITAL)
MAIN ROAD, CHANDBALI, BHADRAK, ODISHA-756133
E-MAIL - binayakhospital.chandbali@yahoo.com
Mob - 9437531150, 7077464040
(1) FULL TIME DOCTORS - Specialist in O & G, Paediatrics, Surgery Anesthesiology, Pathology, Radiology, Medicine, Senior resident & Junior resident.
(2) PART TIME DOCTORS - Specialist in ENT, Ortho, Neurology, Cardiology, Gastro, Ophthalmology, Skin, Chest & Pulmonary Medicine.
(3) PARAMEDICALSTAFF - D.pharma, DMLT, DMRT, GNM, OT Assistance, Ambulance Driver,
(4) SPECIALOFFICIALREQUIREMENT - HR.Administration, HR. Marketing, Accounts Officer - MBA finance.
(5) SECURITYPERSONNELWITHOTHERS - Watchman, Computer Technician, Data Entry Operator, Canteen Supervisor, House Keeping & Hospital Manager.
*N.B : Experienced & retired person may also apply.*
SALARY WITH OTHER FACILITY : Negotiable
The complete application with biodata & educational certificates may be sent to our office- within 3 weeks from date of publication of advertisement.
Address - Director, Binayak Hospital, Main Road Chandbali, Dist.- Bhadrak, Odisha-756133

ନୋଟିସ: ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

ଚେନ୍ନାଇରେ ଚାକିରି। ହିନ୍ଦୀ କହିପାରୁଥିବା ଜରୁରୀ। ବେତନ ୧୫୦୦୦ - ୨୦୦୦୦ । ଅଫିସ ଆସିଷ୍ଟାଣ୍ଟ । ପର୍ସନାଲ ଆସିଷ୍ଟାଣ୍ଟ । କେୟାରଟେକର୍ । ପିଅନ / କୁକ୍ । ହାଉସକିପିଂ ବଏ । ଯୋଗାଯୋଗ: ଅଗରୱାଲ, ଏଫ୍‌ଏଫ୍‌ଏଫ୍ ଲିଃ 9884761210

**REQUIRED**
Advocate/Sr. Advocate for a Law Firm at Mumbai, Parcticing in court, handle the matter independently. *Accommodation Available.*
Cont : 9561812182

ଏକ ଅଗ୍ରଣୀ ଅଟୋ ଯନ୍ତ୍ରାଂଶ ନିର୍ମାତା କମ୍ପାନୀ ଓଡ଼ିଶା ପାଇଁ ମାର୍କେଟିଂ ଏକ୍‌ଜିକ୍ୟୁଟିଭ୍ ଆବଶ୍ୟକ କରୁଛି, ଯେଉଁମାନଙ୍କର ଭାରି ବ୍ୟବସାୟିକ ଯାନବାହନ ଆଫ୍ଟରମାର୍କେଟ୍ ଯନ୍ତ୍ରାଂଶ ବ୍ୟବସାୟରେ ଅନ୍ୟୁନ ୨-୩ ବର୍ଷର ଅଭିଜ୍ଞତା ରହିଥିବ।
ଇମେଲ୍- nitin_rk@hotmail.com
(ମୋ.) 7009665804

**WANTED**
A Lady Office Assistant. Good Career. Send Biodata with photograph in own hand writing.
Phulnakhara, Cuttack. Free Accomodation with 10,000+ other Bonus.
7809525452
8249851363

କେରଳରେ ଏକ Furniture Factory ରେ WOOD POLISHING ପାଇଁ Worker ଆବଶ୍ୟକ
STAYING + FOODING FACILITIES AVAILABLE
CONTACT 9938210691 9388169004

**ଆବଶ୍ୟକ**
ଭୁବନେଶ୍ୱର, କଟକ, ବ୍ରହ୍ମପୁର ଏବଂ ରାଉରକେଲା ପାଇଁ Office Staff ଆବଶ୍ୟକ। ଯୋଗ୍ୟତା: 10th/ above. Monthly Salary upto Rs.27,000/-. (Part Time/Full Time)
Contact: 9938676412

**M/s JAIMATADI TELESERVICES**
Urgent Required Airtel Dth Channel Partner, DSE / FOS /Technician / Tele caller / MIS / Account Executive / Computer Operator / Office Boy. For DSE / FOS & Technician Service Location Balkati / Balianta / Balipatana & Other all Post in Bhubaneswar.
Office ADD: Flat No:402, 4th Floor, Srikrishna Heights,Chintamaniswar Area, BBSR
Contact Number :0674-2974470/9238317466/8079788888 from 10 AM to 6.00 PM

**OFFICIALLY JOB**
ଯୋଗ୍ୟତା: ଦଶମ ପାସ୍/ଫେଲ୍, ବୟସ: (18-40) yrs., ମାସିକ ଦରମା upto Rs.25,000/-.
Contact Immediately Mob: 8763257042

**APPOINTMENT**
DISPLAY LINE
a Bhubaneswar based leading Advertising Agency dealing in Print, Electronic & outdoor Media requires
DESIGNER
Having Knowledge in PAGE MAKER (Typing in English, Hindi, Oriya) & basic knowledge in PHOTO SHOP, COREL DRAW
BUSINESS EXECUTIVE (M/F)
Qualification: Graduate, Post Graduate having own two wheeler with good communication skill, pleasant personality
COPY WRITER CUM PROOF READER
Minimum 2 years experience in the similar field
ସାଇନେଜ୍ ଫିଟର
ଗ୍ଲୋସାଇନ୍ / ଏଲ୍‌ଇଡି ପ୍ରଭୃତି ଜାଣିଥିବା ଏବଂ ଅନ୍ୟୁନ ୨ ବର୍ଷର ଅଭିଜ୍ଞତା ଥିବା ଆବଶ୍ୟକ।
Interested candidates may submit their detail resumes, copies of testimonials immediately at:
Display Line
Plot No.: A/149, Saheed Nagar
Near Sparsh Hospital, Bhubaneswar-751007
Mob.: 9861028006

**APPOINTMENT**
Telecaller Required for a Real Estate office, Khandagiri.
Contact : 9861433014 9938569014

We are authorized Dealer for reputed branded pumps, valves and coupling for Odisha.
We requires professionals for the following positions:
**Require Sale Engineer** having two years' experience in Industrial and Domestic (Pump) Sales. Preferable valves, Pumps and Coupling Sales experience.
**Qualification:** Diploma (Mech.)/ B.E. (Mech.) with good Customer repo/ communication skill with good knowledge in computer (MS Word, Excel, Power Point) will be added advantage.
Interested candidate may post their Resume within a week to:
hydraulics1967@gmail.com

| Dollar | Sensex | Nifty | Gold | Silver |
|---|---|---|---|---|
| 71.66 (15) | 36,701.16 (228.23) | 10,829.35 (88) | 38,995.00 (₹25) | 45,100.00 (₹0) |

> ଚାଉଳର ସୁରକ୍ଷା ପାଇଁ ସାରା ଦେଶରେ ଏକ ପାଇଲଟ ପ୍ରକଳ୍ପ ଆରମ୍ଭ ହୋଇଛି। ରାଜ୍ୟ ସରକାରଗୁଡ଼ିକ ସହ ଆଲୋଚନା କରିବା ପରେ ଏ ସଂକ୍ରାନ୍ତରେ ଏକ ରୋଡମ୍ୟାପ୍ ପ୍ରସ୍ତୁତ କରାଯିବ।
> – ରାମବିଳାସ ପାଶ୍ୱାନ, କେନ୍ଦ୍ର ଖାଉଟି ଏବଂ ଖାଦ୍ୟ ବ୍ୟାପାର ମନ୍ତ୍ରୀ



> ଆପୋଲୋ ମ୍ୟୁନିକ ହେଲ୍‌ଥର ୫୧.୨% ଅଂଶଧନ କିଣିବାକୁ କମ୍ପିଟିଶନ କମିଶନ ଅଫ୍ ଇଣ୍ଡିଆ ଅନୁମତି ପ୍ରଦାନ କରିଛନ୍ତି। ଏହି ପ୍ରକ୍ରିୟାକୁ ଦୁଇଟି ପର୍ଯ୍ୟାୟରେ ଶେଷ କରାଯିବ।
> – ଦୀପକ ପାରେଖ, ଏଚ୍‌ଡିଏଫ୍‌ସି ଅଧ୍ୟକ୍ଷ



## ସଂକ୍ଷେପରେ

### ନରେଶ ଗୋୟଲଙ୍କ ଘରେ ଇଡି ଚଢ଼ାଉ

ନୂଆଦିଲ୍ଲୀ,୨୩-୮: ବିଦେଶୀ ବିନିମୟ ଆଇନ(ଫେମା) ଉଲ୍ଲଂଘନ ଅଭିଯୋଗରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ଶୁକ୍ରବାର ଜେଟ୍ ଏୟାରୱେଜ ପ୍ରତିଷ୍ଠାତା ନରେଶ ଗୋୟଲଙ୍କ ବାସଭବନ ସମେତ ଏକାଧିକ ସ୍ଥାନରେ ଚଢ଼ାଉ କରିଛି। ଜଣେ ଅଧିକାରୀଙ୍କ କହିବାନୁଯାୟୀ, ଫେମା ଆଇନ ଅଧୀନରେ ଗୋୟଲଙ୍କ ମୁମ୍ବାଇ ଓ ଦିଲ୍ଲୀସ୍ଥିତ ଘର ଓ ଅଫିସ ଆଦିରେ ଖାନତଲାସି କରାଯାଇଥିଲା। ଆଇନ ଉଲ୍ଲଂଘନ ନେଇ ଅଧିକ ପ୍ରମାଣ ଯୋଗାଡ କରିବା ଏହାର ଉଦ୍ଦେଶ୍ୟ ଥିଲା। ସୂଚନାଥାଉ କି, ଜେଟ୍ ଏୟାରୱେଜରେ ନଗଦ ସଙ୍କଟ ଦେଖାଦେବା ପରେ ଗୋୟଲ କମ୍ପାନୀରୁ ବାହାରି ଯାଇଛନ୍ତି। ଜେଟ୍‌ରେ ନିବେଶ କରିଥିବା ଏୟାରଲାଇନ୍ କମ୍ପାନୀ ଏତିହାଦ ଏୟାରୱେଜ ସହ କମ୍ପାନୀର ନିବେଶ ସଂକ୍ରାନ୍ତରେ ଫେମା ଆଇନ ଉଲ୍ଲଂଘନ ହୋଇଥିବା କର୍ପୋରେଟ ବ୍ୟାପାର ମନ୍ତ୍ରଣାଳୟ ପ୍ରମାଣ ପାଇଛି।

### ଏଫଡି ସୁଧ ହାର କମାଇଲା ଏସ୍‌ବିଆଇ

ନୂଆଦିଲ୍ଲୀ,୨୩-୮: ଦେଶର ସର୍ବବୃହତ୍ ବ୍ୟାଙ୍କ ଏସ୍‌ବିଆଇ ଏଫଡି ଉପରେ ସୁଧ ହାର ହ୍ରାସ ଘୋଷଣା କରିଛି। ଏଣିକି ସମସ୍ତ ପ୍ରକାର ଏଫଡି ଉପରେ ସୁଧ ହାର କମିବ। ଏହା ଉଭୟ ବଲ୍କ ଓ ରିଟେଲ ଜମା ଉପରେ ଆସନ୍ତା ୨୬ରୁ ଲାଗୁ ହେବ। ବଲ୍କ ଜମା ଉପରେ ସୁଧ ହାର ୦.୩ରୁ ୦.୭% ଏବଂ ରିଟେଲ ଜମା ଉପରେ ୦.୧ରୁ ୦.୫% ହ୍ରାସ ପାଇବ ବୋଲି କୁହାଯାଇଛି। ତେବେ ସଞ୍ଚୟ ଜମା ଉପରେ ସୁଧ ହାର ଅପରିବର୍ତ୍ତିତ ରଖାଯାଇଛି। ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜମା ଉପରେ ସୁଧ ହାର ୩% ଏବଂ ତହିଁରୁ ଉର୍ଦ୍ଧ୍ୱ ହେଲେ ୩.୫% ସୁଧ ମିଳିବା ଜାରି ରହିବ। ମେ' ପହିଲାରୁ ୧ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ସଞ୍ଚୟ ଜମା ଉପରେ ସୁଧହାରକୁ ରେପୋ ରେଟ ସହ ଯୋଡି ଦିଆଯିବ ବୋଲି ବ୍ୟାଙ୍କ ପୂର୍ବରୁ ଘୋଷଣା କରିସାରିଥିଲା। ଆର୍‌ବିଆଇ ପକ୍ଷରୁ ରେପୋ ରେଟ ହ୍ରାସ କରାଯିବା ପରେ ଏସ୍‌ବିଆଇ ସଞ୍ଚୟ ଖାତାରେ ୨.୭୫% ସୁଧ ମିଳିଥା'ନ୍ତା, କିନ୍ତୁ ବ୍ୟାଙ୍କ ଏବେ ମଧ୍ୟ ଅଧିକ ସୁଧ ଦେଉଛି।

### ଓରିଏଣ୍ଟାଲ ବ୍ୟାଙ୍କ ଅଫ୍ କମର୍ସର ଗ୍ରାହକ ସମ୍ମିଳନୀ

ଭୁବନେଶ୍ୱର, ୨୩-୮: ଓରିଏଣ୍ଟାଲ ବ୍ୟାଙ୍କ ଅଫ୍ କମର୍ସ ଭୁବନେଶ୍ୱର ମଣ୍ଡଳ କାର୍ଯ୍ୟାଳୟ ପକ୍ଷରୁ ଗ୍ରାହକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବ୍ୟାଙ୍କ ପକ୍ଷରୁ ପ୍ରଦାନ କରାଯାଉଥିବା ବିଭିନ୍ନ ସୁବିଧା ସୁଯୋଗ ଉପରେ ମଣ୍ଡଳମୁଖ୍ୟ ତୌଫିକ ଆଲାମ ଏଥିରେ ଗୁରୁତ୍ୱାରୋପ କରିଥିଲେ। ବ୍ୟାଙ୍କର ଅଭିବୃଦ୍ଧି ନେଇ ସେ ଗ୍ରାହକଙ୍କୁ ଅବଗତ କରାଇଥିଲେ। ଗ୍ରାହକଙ୍କ ସହ ପ୍ରତ୍ୟକ୍ଷ ବାର୍ତ୍ତାଳାପ କରିବା ସହ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ। ସହାୟକ ମହାପ୍ରବନ୍ଧକ ଦିଲ୍ଲୀପ ପଟ୍ଟନାୟକ ଶୃଙ୍ଖଳିତ ଆର୍ଥିକ କାରବାର ଉପରେ ସୂଚନା ଦେଇଥିଲେ। ଏଥିରେ ସହାୟକ ମହାପ୍ରବନ୍ଧକ କେ.ଏସ୍. ରାମକ୍ରିଷ୍ଣା, ମୁଖ୍ୟ ପ୍ରବନ୍ଧକ ସୁଭାଷ ଶତପଥୀ ଏବଂ ବିଭିନ୍ନ ଶାଖାର ଗ୍ରାହକ ଯୋଗ ଦେଇଥିଲେ।

## ଶସ୍ତା ହେବ ଅଟୋ, ଗୃହ ଋଣ

# ବ୍ୟାଙ୍କଗୁଡ଼ିକୁ ମିଳିବ ୭୦ ହଜାର କୋଟି

ନୂଆଦିଲ୍ଲୀ,୨୩-୮

କେନ୍ଦ୍ର ସରକାର ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକୁ ୭୦ ହଜାର କୋଟି ଟଙ୍କା ପ୍ରଦାନ କରିବେ। ବ୍ୟାଙ୍କର ପୁଞ୍ଜି ଉପଲବ୍ଧତା ବୃଦ୍ଧି ସହ ଋଣ ପ୍ରଦାନ କ୍ଷମତାକୁ ବଢ଼ାଇବା ଉଦ୍ଦେଶ୍ୟରେ ସରକାର ଏହି ପଦକ୍ଷେପ ନେବାକୁ ଯାଉଛନ୍ତି। ସରକାରଙ୍କ ଏହି ପଦକ୍ଷେପ ଯୋଗୁ ବ୍ୟାଙ୍କଗୁଡ଼ିକ ଅଧିକ ମାତ୍ରାରେ ଋଣ ପ୍ରଦାନ କରିପାରିବେ। ଏହାଦ୍ୱାରା ବ୍ୟାଙ୍କିଙ୍ଗ ଫାଇାନାନ୍ସିଆଲ ସିଷ୍ଟମରେ ୫ ଲକ୍ଷ କୋଟି ଟଙ୍କା ପ୍ରବେଶ କରିବ ବୋଲି କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଶୁକ୍ରବାର ଅର୍ଥନୀତିକୁ ପ୍ରୋତ୍ସାହିତ କରିବା ଲାଗି ବିଭିନ୍ନ ପଦକ୍ଷେପ ଘୋଷଣା କରି କହିଛନ୍ତି।

ସେ କହିଛନ୍ତି ଯେ, ଆଗାମୀ ଦିନରେ ସମସ୍ତ ପ୍ରକାର ଋଣ ଶସ୍ତା ହୋଇଯିବ। ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଶୁକ୍ରବାର ଏ ସମ୍ପର୍କରେ ଘୋଷଣା କରିଛନ୍ତି। ସମସ୍ତ ବ୍ୟାଙ୍କ ଏଣିକି ଆର୍‌ବିଆଇର ରେପୋ ରେଟ ସହ ନିଜର ସୁଧ ହାରକୁ ଯୋଡିବେ। ଫଳରେ ଆଜି ଯାଏ ଚାଲିଆସୁଥିବା ମାର୍ଜିନାଲ କଷ୍ଟ ଅଫ୍ ଲେଣ୍ଡିଂ ରେଟ୍ (ଏମ୍‌ସିଏଲ୍ଆର୍) ବ୍ୟବସ୍ଥା ସମ୍ପୂର୍ଣ୍ଣ ପ୍ରତ୍ୟାହାର ହୋଇଯିବ। ଏହାଦ୍ୱାରା ଅଟୋ ଓ ଗୃହ ଋଣ ସମେତ ସମସ୍ତ ପ୍ରକାର ଋଣ ଉପରେ ଇଏମ୍ଆଇ (ଇକ୍ୟୁଏଟେଡ ମନ୍ଥଲୀ ଇନ୍‌ଷ୍ଟଲମେଣ୍ଟ) କମିଯିବ। ଏଠାରେ ଖବରଦାତା ସମ୍ମିଳନୀରେ ଯୋଗ ଦେଇ ସୀତାରାମନ୍ କହିଛନ୍ତି ଯେ, ଆଜିଯାଏ ଏମ୍‌ସିଏଲ୍ଆର୍ ଭିତ୍ତିରେ ବ୍ୟାଙ୍କଗୁଡ଼ିକ ଋଣ ଉପରେ ସୁଧ ହାର ସ୍ଥିର କରୁଥିଲେ। ଆର୍‌ବିଆଇ ଦ୍ୱାରା ରେପୋ ରେଟ ହ୍ରାସର



ଫାଇଦା ଗ୍ରାହକଙ୍କୁ ମିଳୁନ ଥିଲା। ଏହାକୁ ନେଇ ବ୍ୟାଙ୍କମୁଖ୍ୟମାନଙ୍କ ସହ ଅର୍ଥ ମନ୍ତ୍ରଣାଳୟର ବୈଠକ ହୋଇଥିଲା। ସେମାନେ ସମସ୍ତ ପ୍ରକାର ଋଣକୁ ରେପୋ ରେଟ ସହ ଯୋଡିବାକୁ ରାଜି ହୋଇଯାଇଥିଲେ। ଆଗାମୀ ଦିନରେ ସମସ୍ତ ବ୍ୟାଙ୍କ ରେପୋ ରେଟ୍ ସହ ସୁଧ ହାରକୁ ଯୋଡି ଦେବେ ବୋଲି ସେ କହିଛନ୍ତି।

### ୧୫ ଦିନରେ କ୍ଲୋଜର ରିପୋର୍ଟ

ଅର୍ଥମନ୍ତ୍ରୀ କହିଛନ୍ତି ଯେ, ବ୍ୟାଙ୍କଗୁଡ଼ିକ ଋଣ ଦେୟ ପ୍ରଦାନ ବନ୍ଦ ହେବାର ୧୫ ଦିନ ମଧ୍ୟରେ କ୍ଲୋଜର ରିପୋର୍ଟ ଦେବାକୁ ହେବ। ଏହାଦ୍ୱାରା ଗ୍ରାହକଙ୍କୁ ଅସୁବିଧାରୁ ମୁକ୍ତି ମିଳିବ। ଏଣିକି ବ୍ୟାଙ୍କ ଏବଂ ଏନ୍‌ବିଏଫ୍‌ସିକୁ ଋଣ ପାଇବା ଲାଗି ଆବେଦନ କରିଥିବା ଗ୍ରାହକ ନିଜ ଆବେଦନକୁ ଅନ୍‌ଲାଇନରେ ଟ୍ରାକ୍ କରିପାରିବେ ବୋଲି ସେ କହିଛନ୍ତି।

### କ୍ରେଡିଟ ଲିମିଟ ବଢ଼ାଯିବ

ଚାହିଦା ବୃଦ୍ଧି ଲାଗି ଅର୍ଥମନ୍ତ୍ରୀ ସୀତାରାମନ୍ ଘର, ଗାଡ଼ି ଓ ଘରୋଇ ସାମଗ୍ରୀ କିଣିବା ଲାଗି ଫାଇନାନ୍ସ କମ୍ପାନୀଙ୍କୁ କ୍ରେଡିଟ ଲିମିଟ ବଢ଼ାଇବାକୁ ନେଇ ଘୋଷଣା କରିଛନ୍ତି। ଏଥିସହିତ ସେ ହାଉସିଂ ଫାଇନାନ୍ସ କର୍ପୋରେଶନ୍ସକୁ ୩୦ ହଜାର କୋଟି ଟଙ୍କା ପୁଞ୍ଜି ଦେବାକୁ ଘୋଷଣା କରିଛନ୍ତି।

### ସିଏସ୍ଆର ଉଲ୍ଲଂଘନ ଆପରାଧିକ ହେବନି

ଅର୍ଥମନ୍ତ୍ରୀ ସୀତାରାମନ୍ କହିଛନ୍ତି ଯେ, କର୍ପୋରେଟ ସାମାଜିକ ଦାୟିତ୍ୱ(ସିଏସ୍ଆର୍) ଉଲ୍ଲଂଘନ ହେବା କ୍ଷେତ୍ରରେ ଆପରାଧିକ ମକଦ୍ଦମା କରାଯିବ ନାହିଁ। ସେ କହିଛନ୍ତି ଯେ, ଏଣିକି ଏହାକୁ ଆପରାଧିକ ଭାବେ ଗ୍ରହଣ କରାଯିବ ନାହିଁ। ବଜେଟରେ ଏ ସମ୍ପର୍କରେ ଘୋଷଣା କରାଯିବା ପରେ ଉଦ୍ୟୋଗ ଜଗତ ଏହା ଉପରେ ଚିନ୍ତାବ୍ୟକ୍ତ କରିଥିଲେ ଏବଂ ଏହାକୁ ପ୍ରତ୍ୟାହାର କରିବା ଲାଗି ଅର୍ଥମନ୍ତ୍ରୀଙ୍କ ନିକଟରେ ଦାବି ଜଣାଇଥିଲେ।

## ବଜାରରେ ଉପସ୍ଥିତି ଦୃଢ଼ କରୁଛି ଡୁରିଆନ

ମୁମ୍ବାଇ, ୨୩-୮

- ୨ ନୂଆ ଷ୍ଟୋର ଯୋଡିଲା
- ଅଫିସ, ହୋମ ଫର୍ନିଚରରେ ନୂଆ ଅଫରିଂ

ହୋମ ଏବଂ ଅଫିସ ଫର୍ନିଚର ବର୍ଗରେ ପ୍ରଡକ୍ଟ ଯୋଗାଣ କରୁଥିବା ପ୍ରମୁଖ ବ୍ରାଣ୍ଡ ଡୁରିଆନ ଘରୋଇ ବଜାରରେ ଏହାର ଉପସ୍ଥିତିକୁ ଦୃଢ କରୁଛି। ଆଗକୁ ପାର୍ବଣ ଆସୁଥିବା ବେଳେ କମ୍ପାନୀ ଏହାର ରିଟେଲ ଶୃଙ୍ଖଳାକୁ ବଢାଇବା ନେଇ ବିଭିନ୍ନ ପଦକ୍ଷେପ ନେଉଛି। କମ୍ପାନୀ ବାଙ୍ଗାଲୋରରେ ନୂଆ ରିଟେଲ ଷ୍ଟୋର ଡୁରିଆନ ହାଉସ ଖୋଲିଥିବା ବେଳେ ଫରିଦାବାଦରେ ନୂଆ ଷ୍ଟୋର ଖୋଲିଛି। ଗ୍ରାହକଙ୍କୁ ବିଶ୍ୱସ୍ତରୀୟ କ୍ରୟ ଅଭିଜ୍ଞତା ପ୍ରଦାନ ଦିଗରେ କମ୍ପାନୀ ଏହାର ଉଦ୍ୟମ ଜାରି ରଖିଥିବା କହିଛି। ବାଙ୍ଗାଲୋରର ଜେପି ନଗରଠାରେ ସ୍ଥାପନ ହୋଇଥିବା ୩ ମହଲା ବିଶିଷ୍ଟ ଷ୍ଟୋରରେ ଗ୍ରାହକ କମ୍ପାନୀର ବିସ୍ତୃତ ରେଞ୍ଜର ପ୍ରଡକ୍ଟ ଲାଭ କରିପାରିବେ। ଏଠାରେ କମ୍ପାନୀର ବେଷ୍ଟ ସେଲିଂ ସୋଫା, ଉଡେନ ବେଡ, ରିକ୍ଲିନର, ଲଙ୍ଗର ଚେୟାର, ଟେବୁଲ ଏବଂ ଡାଇନିଂ ରହିଛି। ଏହାବାଦ ନୂଆ ଅଫିସ ଏବଂ ହୋମ ଫର୍ନିଚର ମଧ୍ୟ ସଂଯୋଗ କରାଯାଉଛି। ୨ ନୂଆ ଷ୍ଟୋର ଦ୍ୱାରା କମ୍ପାନୀର ମୋଟ ଷ୍ଟୋର ସଂଖ୍ୟା ୩୯ ଛୁଇଁଛି।

## ବ୍ୟାଙ୍କ ଅଫ୍ ବରୋଦାର ପରାମର୍ଶ ବୈଠକ




ଭୁବନେଶ୍ୱର, ୨୩-୮

ବ୍ୟାଙ୍କ ଅଫ୍ ବରୋଦା ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ପରାମର୍ଶ ବୈଠକ ଅନୁଷ୍ଠିତ ହୋଇଯାଇଛି। ଶାଖାଗୁଡିକର ଦକ୍ଷତା ସମୀକ୍ଷା କରାଯିବା ସହ ଆଗାମୀ ଦିନର କୌଶଳ ସମ୍ପର୍କରେ ଏଥିରେ ମତାମତ ଗ୍ରହଣ କରାଯାଇଛି। ଅର୍ଥନୀତିକୁ ଗତିଶୀଳ କରାଇବା ଦିଗରେ ବ୍ୟାଙ୍କଗୁଡିକର ଭୂମିକା ନେଇ ମତ ପ୍ରକାଶ ପାଇଛି। ବୈଠକକୁ ବ୍ୟାଙ୍କର ଉପମହାପ୍ରବନ୍ଧକ ତଥା କ୍ଷେତ୍ରୀୟ ମୁଖ୍ୟ ଏସ୍. ନନ୍ଦ ଉଦଘାଟନ କରିଥିଲେ। ଉପକ୍ଷେତ୍ରୀୟ ମୁଖ୍ୟ ଭାରତ ଭୂଷଣ, ହରିଶ ସିହ୍ନା ଏବଂ କୋଲକାତା ଆଞ୍ଚଳିକ କାର୍ଯ୍ୟାଳୟ ପ୍ରବନ୍ଧକ ଉମେଶ ଚନ୍ଦ୍ର ମହାପାତ୍ର ଉପସ୍ଥିତ ଥିଲେ।

# ତେଲ କମ୍ପାନୀଙ୍କ ୫ ହଜାର କୋଟି ବାକି ରଖିଛି ଏୟାର ଇଣ୍ଡିଆ

ନୂଆଦିଲ୍ଲୀ, ୨୩-୮

- ୬ ବିମାନ ବନ୍ଦରରେ ଇନ୍ଧନ ଯୋଗାଣ ବନ୍ଦ କଲେ କମ୍ପାନୀ
- ଆଠମାସ ଧରି ତେଲ ବକେୟା ପୈଠ କରିନି



ଏୟାର ଇଣ୍ଡିଆ ଉପରେ ୩ ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀଗୁଡିକର ୫ ହଜାର କୋଟି ଟଙ୍କା ବାକି ରହିଛି। ଗତ ଆଠ ମାସ ଧରି ଏହି ବିମାନ କମ୍ପାନୀ ଇନ୍ଧନ ବିଲ୍ ପ୍ରଦାନ କରି ନାହିଁ ବୋଲି ଇଣ୍ଡିଆନ ଅଏଲ କର୍ପୋରେଶନ(ଆଇଓସି) ପକ୍ଷରୁ ଶୁକ୍ରବାର ସୂଚନା ଦିଆଯାଇଛି। ଏଭଳି ପ୍ରସଙ୍ଗକୁ ଧ୍ୟାନରେ ରଖି ଆଇଓସି, ଭାରତ ପେଟ୍ରୋଲିୟମ ଏବଂ ହିନ୍ଦୁସ୍ତାନ ପେଟ୍ରୋଲିୟମ ଭଳି କମ୍ପାନୀ ଗୁରୁବାର ଅପରାହ୍ନରୁ ଏୟାର ଇଣ୍ଡିଆକୁ ବିମାନ ଇନ୍ଧନ(ଏଟିଏଫ୍) ଯୋଗାଣ ବନ୍ଦ କରିଛନ୍ତି। ଦେଶର କୋଚି, ପୁଣେ, ପାଟନା, ରାଞ୍ଚି ଏବଂ ଭାଇଜାଗ ଭଳି ଏୟାରପୋର୍ଟରେ କମ୍ପାନୀଗୁଡିକ ଏୟାର ଇଣ୍ଡିଆକୁ ଏଟିଏଫ ଯୋଗାଣରୁ ବିରତ ରହିଛନ୍ତି। ଉକ୍ତ ବିମାନ କମ୍ପାନୀ ଉପରେ ବୃହତ୍ ପରିମାଣର ଅର୍ଥ ବାକି ରହିବା ଯୋଗୁ ବାଧହୋଇ ମିଳିତ ଭାବେ ଏଭଳି ନିଷ୍ପତ୍ତି ନିଆଯାଇଥିବା କମ୍ପାନୀଗୁଡିକ ପକ୍ଷରୁ କୁହାଯାଇଛି। ବକେୟା ଅର୍ଥ ପୈଠ ନ ହେଲେ ଅଗଷ୍ଟ ୨୨ଠାରୁ ଇନ୍ଧନ ଯୋଗାଣ ବନ୍ଦ କରାଯିବାକୁ ନିଷ୍ପତ୍ତି ହୋଇଥିବା ଏକ ଚିଠି ଯୋଗେ ଏୟାର ଇଣ୍ଡିଆ ପରିଚାଳନା ବୋର୍ଡକୁ ଜଣାଇ ଦିଆଯାଇଛି। ଏହି ୬ ବିମାନ ବନ୍ଦରରେ ଦୈନିକ ଭିତ୍ତିରେ ଏୟାର ଇଣ୍ଡିଆକୁ ୨୫୦ କିଲୋ ଲିଟର ଏଟିଏଫ୍ ଆବଶ୍ୟକତା ହୋଇଥାଏ। ପୂର୍ବରୁ ବକେୟା ଲାଗି ତୈଳ କମ୍ପାନୀଗୁଡିକ ବିଭିନ୍ନ ସମୟରେ ଏୟାର ଇଣ୍ଡିଆକୁ ନୋଟିସ ଜାରି କରିଛନ୍ତି। ଅର୍ଥ ପୈଠ ହୋଇଯାଉଥିବାରୁ ଇନ୍ଧନ ଯୋଗାଣ ବାଧାପ୍ରାପ୍ତ ହୋଇ ନ ଥିବା ବେଳେ ଚଳିତ ଥର ବାରମ୍ବାର କମ୍ପାନୀକୁ ଏ ନେଇ ଜଣାଇବା ପରେ କୌଣସି ସମାଧାନ ଧାରା ବାହାରି ନ ଥିଲା। ବିମାନ ମାତ୍ର ୬୦ କୋଟି ଟଙ୍କା ଦେବ ବୋଲି କହିଥିଲା ଯାହା ସମୁଦ୍ରକୁ ଶଙ୍ଖେ ସଦୃଶ। ଫଳରେ ତେଲ କମ୍ପାନୀମାନେ ଏଭଳି ନିଷ୍ପତ୍ତି ନେଇଛନ୍ତି। ଯେଉଁ ବିମାନ ବନ୍ଦରଗୁଡିକରେ ଇନ୍ଧନ ଯୋଗାଣ ହେଉ ନାହିଁ ଅନ୍ୟ ବିମାନ ବନ୍ଦରରୁ ତେଲ ଭରାଯାଉଥିବା ଏୟାର ଇଣ୍ଡିଆ ପକ୍ଷରୁ କୁହାଯାଇଛି।

## ଅଭିବୃଦ୍ଧି ଅନୁମାନ କମାଇଲା ମୁଡିଜ୍

ନୂଆଦିଲ୍ଲୀ,୨୩-୮

ବିଶ୍ୱ ରେଟିଂ ଏଜେନ୍ସି ମୁଡିଜ୍ ମାନ୍ଦାବସ୍ଥା ଭିତରେ ଦେଶର ଆର୍ଥିକ ବିକାଶ ହାର ଅନୁମାନକୁ ହ୍ରାସ କରିଛି। ଏଜେନ୍ସି ପକ୍ଷରୁ ଆର୍ଥିକ ବର୍ଷ ୨୦୧୯-୨୦ ଲାଗି ଜିଡିପି ଅନୁମାନରେ ଭାରି ହ୍ରାସ ଦର୍ଶାଇଛି। ୨୦୧୯ ଆର୍ଥିକ ବର୍ଷରେ ଭାରତ ଜିଡିପି ହାର ୬.୮%ରୁ ୬.୨%କୁ କମାଇଛି। ସେହିପରି ଆର୍ଥିକ ବର୍ଷ ୨୦୨୦ରେ ଜିଡିପି ହାର ୭.୩% ରହିବ ବୋଲି ପୂର୍ବରୁ ଅନୁମାନ କରିଥିବା ବେଳେ ଏବେ ଏହାକୁ ୬.୭%କୁ କମାଇ ଦେଇଛି। ଏଜେନ୍ସି ପକ୍ଷରୁ କୁହାଯାଇଛି, ବିଶ୍ୱରେ ଏବେ ମାନ୍ଦାବସ୍ଥାର ପରିବେଶ ଯୋଗୁ ଏସିଆର ଦେଶଗୁଡ଼ିକରେ ପ୍ରଭାବ ପଡୁଛି। ଏହାଦ୍ୱାରା ନିବେଶ ବାତାବରଣ ମଧ୍ୟ ପ୍ରଭାବିତ ହୋଇଛି। ମାନ୍ଦାବସ୍ଥା ପ୍ରଭାବରେ ଭାରତ ଅର୍ଥନୀତି ବର୍ତ୍ତମାନ ୫ମରୁ ୭ମକୁ ଖସିଯାଇଥିବା ବିଶ୍ୱବ୍ୟାଙ୍କ ରିପୋର୍ଟରେ ପ୍ରକାଶ ପାଇଛି। ମାନ୍ଦାବସ୍ଥା କାରଣରୁ ଦେଶରେ ଏବେ ଅଟୋମୋବାଇଲ ପରେ ଏକାଧିକ ସେକ୍ଟର ପ୍ରଭାବିତ ହୋଇଛି। ବହୁ ସଂଖ୍ୟାରେ କର୍ମଚାରୀ ଛଟେଇ ହେବାରେ ଲାଗିଛି। ଅନେକ ଅଟୋମୋବାଇଲ କମ୍ପାନୀ ଅସ୍ଥାୟୀ ଭାବେ ଉତ୍ପାଦନ ମଧ୍ୟ ବନ୍ଦ କରିସାରିଲେଣି।

## ହିରୋ ଇଲେକ୍ଟ୍ରିକର ୨ ନୂଆ ଇ-ସ୍କୁଟର

ନୂଆଦିଲ୍ଲୀ, ୨୩ -୮

ହିରୋ ଇଲେକ୍ଟ୍ରିକ ପକ୍ଷରୁ ୨ ନୂଆ ଇ- ସ୍କୁଟର ଅପ୍ଟିମା ଇଆର୍ ଏବଂ ନିକ୍ସ ଇଆର୍ ବଜାରକୁ ଆସିଛି। ଏହି ଯାନ କ୍ରୟ ଉପରେ ସରକାରଙ୍କ ଫେମ୍ ୨ ଅନ୍ତର୍ଗତ ବିଭିନ୍ନ ସୁବିଧା ସୁଯୋଗ ମିଳିବ। କମ୍ପାନୀ ଏହାର ନେଟୱର୍କକୁ ବଢାଇବା ଲାଗି ବାଙ୍ଗାଲୋରରେ ନୂଆ କରି ଏକ କାର୍ଯ୍ୟାଳୟ ସ୍ଥାପନ କରିଛି। ୨୦୨୦ ସୁଦ୍ଧା ୧୦୦୦ ଟଚ୍ ପଏଣ୍ଟରେ ଏହାର ପ୍ରଡକ୍ଟ ଉପଲବ୍ଧ କରାଇବାକୁ କମ୍ପାନୀ ଯୋଜନା ରଖିଛି।

OFFICE OF THE NOTIFIED AREA COUNCIL, BALLIGUDA, KANDHAMAL
E-mail Id: eonacballiguda@yahoo.in
No. 1398 Date: 22.08.19
TENDER CALL NOTICE
Sealed tenders are invited from the registered firms/ Entrepreneurs/ Authorized Dealers/ Authorized Distributors/ Private Companies in two bid systems towards **"Supply & Installation of 2 Nos. of Overhead Sinage (Gantry/Welcome Board) at NAC, Balliguda"** as per specification given in DTCN to the Office of the NAC, Balliguda, so as to reach before the undersigned by 5.00 PM on dated 10.09.2019 through Speed Post/ Regd. Post/ Courier/ By Hand, which will be opened at 11.00 AM on dt. 11.09.2019 in the office of the NAC, Balliguda in the presence of available bidders or their authorized representatives. Detailed Tender Call Notice is available at NAC office from 10 AM of 22.08.2019 till 4.00 PM on dated 10.09.2019 in Govt. working days.
The authority reserves the right to cancel any or all tenders without assigning any reason thereof.
Sd./- Executive Officer, NAC, Balliguda

# ମାରୁତି ସୁଜୁକି ଆଣିଲା ନୂଆ ଏକ୍ସଏଲ୍୬

ଭୁବନେଶ୍ୱର, ୨୩-୮(ବ୍ୟୁରୋ)

ମାରୁତି ସୁଜୁକି ପକ୍ଷରୁ ନୂଆ ଏକ୍ସଏଲ୍୬ ମଡେଲ ଓଡ଼ିଶା ବଜାରରେ ପ୍ରବେଶ କରିଛି। ସ୍ଥାନୀୟ ରାଜଭବନ ରୋଡ ସ୍ଥିତ ନେକ୍ସା ଶୋ'ରୁମରେ ଏହାର ବଜାର ପ୍ରବେଶ ହୋଇଛି। ନାରାୟଣୀ ମୋଟର୍ସ ଏମ୍‌ଡି ପୁରୁଷୋତ୍ତମ ବୁଧରାଜା, ଡାଇରେକ୍ଟର ମନୀଷା ବୁଧରାଜା, ନେକ୍ସାର ଆଞ୍ଚଳିକ ପ୍ରବନ୍ଧକ ବିକ୍ରମ ଶତପଥୀ, ଶୋ'ରୁମର ଜିଏମ୍ ଶ୍ରୀଧର ପେଡି ଏବଂ ଓଡ଼ିଆ ଅଭିନେତ୍ରୀ ସିନେମା ଅର୍ଚ୍ଚିତା ସାହୁ ଏହାର ଉନ୍ମୋଚନ କରିଥିଲେ। ସେହିଭଳି ସ୍ଥାନୀୟ ପାହାଲସ୍ଥିତ ଟ୍ୱିନସିଟି ନେକ୍ସା ଶୋ'ରୁମ୍‌ରେ ଯାନଟିକୁ ସ୍କାଏ ଅଟୋମୋବାଇଲ ସିଇଓ ଅଭିନାଶ ସିଂଘାଣିଆ, ବିଏମ୍ ଅମିତ ଶର୍ମା ଏବଂ କ୍ୱାଲିଟି ମ୍ୟାନେଜର ଧରିତ୍ରୀ ସାମଲ ପ୍ରମୁଖ ବଜାର ପ୍ରବେଶ କରାଇଥିଲେ। ମଡେଲଟିରେ ଲକ୍‌ଜ୍ୟୁରୀ, ଲେଦର କ୍ୟାପଟେନ ସିଟ୍, ଅଲ୍ ବ୍ଲାକ ଇଣ୍ଟେରିୟର ରହିଛି। ସେହିଭଳି ଏଥିରେ ଏକ୍ସକ୍ଲୁସିଭ ୬ ସିଟ୍, ବିଏସ୍-୬ ଅନୁପାଳନ ଯୁକ୍ତ କେ-୧୫ ପେଟ୍ରୋଲ ଇଞ୍ଜିନ, ମାରୁତି ସୁଜୁକିର ପ୍ରୋଗ୍ରେସିଭ ସ୍ମାର୍ଟ ହାଇବ୍ରିଡ ଟେକ୍ନୋଲୋଜିକୁ ସ୍ଥାନିତ କରାଯାଇଛି।




ନେକ୍ସା ରାଜଭବନ ରୋଡ୍ (ନାରାୟଣୀ ମୋଟର୍ସ)ଠାରେ ମାରୁତି ସୁଜୁକିର ନୂଆ ମଡେଲ୍ ଏକ୍ସଏଲ୍୬ର ଉନ୍ମୋଚନ।

### ଯାନର ପ୍ରମୁଖ ବୈଶିଷ୍ଟ୍ୟ

- ବିଏସ୍-୬ ଅନୁପାଳକ ଇଞ୍ଜିନ, ଏକ୍ସକ୍ଲୁସିଭ ୬ ସିଟ
- କେ-୧୫ ପେଟ୍ରୋଲ ଇଞ୍ଜିନ
- ପ୍ରୋଗ୍ରେସିଭ ସ୍ମାର୍ଟ ହାଇବ୍ରିଡ ଟେକ୍ନୋଲୋଜି
- ସ୍ପୋର୍ଟି ଫିଚର
- ଆକର୍ଷଣୀୟ ଇଣ୍ଟେରିୟର

ସ୍ପୋର୍ଟି ଫିଚର ଚାହୁଁଥିବା ଗ୍ରାହକଙ୍କୁ ଧ୍ୟାନରେ ରଖି ନୂଆ ଯାନଟିକୁ ପ୍ରସ୍ତୁତ କରାଯାଇଛି। ଏହାବାଦ ଲାଇଫଷ୍ଟାଇଲ, ଉଚ୍ଚତମ କମ୍ଫର୍ଟ, ସ୍ପେଶ ଏବଂ ପରଫରମାନ୍ସ , ଅଲ୍ ହ୍ୱାଇଟ କ୍ୱାର୍ଡ ଏଲ୍ଇଡି ହେଡ ଲ୍ୟାମ୍ପ ଏହାର ଶୋଭା ବଢାଉଥିବା କମ୍ପାନୀ ପକ୍ଷରୁ ସୂଚନା ରହିଛି। ଆକର୍ଷଣୀୟ ଇଣ୍ଟେରିୟର, ସ୍ମାର୍ଟ ପ୍ଲେ ଷ୍ଟୁଡିଓ, ସ୍ମାର୍ଟଫୋନ କନେକ୍ଟିଭିଟି, କ୍ରୁଜ କଣ୍ଟ୍ରୋଲ ଭଳି ବୈଶିଷ୍ଟ୍ୟ ରହିଛି। ପେଟ୍ରୋଲ ଇଞ୍ଜିନରେ ଏହା ଆସୁଥିବା ବେଳେ ବଜାର ଦର ୯.୮୦ ଲକ୍ଷ ଟଙ୍କାରୁ ଆରମ୍ଭ ହେଉଛି। ମାଇଲେଜ ଏବଂ ଲକ୍‌ଜ୍ୟୁରି ଦୃଷ୍ଟିକୋଣରୁ ଏହା ଗ୍ରାହକଙ୍କ ଦ୍ୱାରା ଆଦୃତି ଲାଭ କରିବ ବୋଲି ନେକ୍ସା ଆର୍‌ଏମ୍ ଶତପଥୀ କହିଛନ୍ତି। ନୂଆ ଯାନଟିର ଉନ୍ନତ ବିକ୍ରି ନେଇ ଆଶାବାଦୀ ଥିବା ନାରାୟଣୀ ମୋଟର୍ସ ଏମ୍‌ଡି ପୁରୋଷତ୍ତମ ବୁଧରାଜା କହିଛନ୍ତି।



ଟ୍ୱିନ୍‌ସିଟି ନେକ୍ସା ଶୋରୁମ୍‌ରେ ନୂଆ ଯାନକୁ ବଜାର ପ୍ରବେଶ କରାଯାଉଛି।

ପାରାଦ୍ୱୀପ ପୌରପରିଷଦ, ପାରାଦ୍ୱୀପ
ଏତଦ୍ୱାରା ପାରାଦ୍ୱୀପ ପୌରପରିଷଦ ଅଧୀନରେ ବସବାସ କରୁଥିବା ହିତାଧିକାରୀମାନଙ୍କୁ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ତା.୨୪।୦୮।୨୦୧୯ ରିଖରେ ପାରାଦ୍ୱୀପ "ବାହ୍ୟ ଶୌଚମୁକ୍ତ ଅଞ୍ଚଳ (+) (ODF+) ରୂପେ ଘୋଷଣା କରାଯିବା ପାଇଁ ସ୍ଥିରୀକୃତ କରାଯାଇଅଛି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କର ସ୍ୱଚ୍ଛ ଭାରତ ମିଶନ (SBM) ଯୋଜନାରେ ସହରାଞ୍ଚଳର ପରିବେଶକୁ ସ୍ୱଚ୍ଛ ଓ ନିର୍ମଳ ରଖିବା ନିମନ୍ତେ ଚଳିତ ୨୦୧୪ ଠାରୁ ୨୦୧୯ ଆଜି ପର୍ଯ୍ୟନ୍ତ ପାରାଦ୍ୱୀପ ପୌରପରିଷଦ ବିଭିନ୍ନ ସଚେତନ ମୂଳକ କାର୍ଯ୍ୟକ୍ରମ କରିଅଛି ଓ ପ୍ରତି ଅଞ୍ଚଳରେ ନିର୍ମାଣ ହୋଇଥିବା ଗୋଷ୍ଠୀ ଶୌଚାଳୟ ଓ ସର୍ବସାଧାରଣ ଶୌଚାଳୟକୁ ସ୍ୱୟଂ ସହାୟକ ଗୋଷ୍ଠୀଦ୍ୱାରା ପରିଚାଳିତ ଓ ରକ୍ଷଣା ବେକ୍ଷଣ କରୁଅଛି। ଏହି ବାବଦରେ ପରିଷ୍କାର ପରିଚ୍ଛନ୍ନତା ଓ "ବାହ୍ୟ ଶୌଚ ମୁକ୍ତ ଅଞ୍ଚଳ (+)" (ODF+) ଘୋଷଣା ବାବଦରେ ଯଦି କିଛି ଆପତ୍ତି ଓ ଅଭିଯୋଗ ଥାଏ, ଆସନ୍ତା ତା.୨୦।୦୮।୨୦୧୯ମଧ୍ୟରେ ପାରାଦ୍ୱୀପ ପୌରପରିଷଦର SBM Cell ରେ ଲିଖିତ ଭାବରେ ଜଣାଇବେ।
ସ୍ୱା./- କାର୍ଯ୍ୟନିର୍ବାହୀ ଅଧିକାରୀ
ପାରାଦ୍ୱୀପ ପୌରପରିଷଦ

GOVERNMENT COLLEGE OF ENGINEERING, KEONJHAR
(A Constituent College of BPUT, Odisha)
At : Jamunalia, P.O. : Old Town, Dist : Keonjhar, Pin : 758002(Odisha)
Tel.: 06766-213180 (O), Website : www.gcekjr.ac.in, Mail Id : principal@gcekjr.ac.in
No.1264 Date : 23.08.2019
NOTICE INVITING TENDER
Sealed Tenders are hereby invited in two bid system (i.e. Technical & Financial) for the work of "Tender for Comprehensive work for Cleaning & Disposal of Garbage at GCE, Keonjhar Campus (BLOCK-I, II, III & IV, Workshop and surroundings of all Blocks") at GCE, Keonjhar from contractors working in Institutes, Govt. Depts., Semi-Govt. Organizations, Private organizations, Institutional Campuses having successfully carried out the above mentioned works in a single contract during last 2 years need to apply with proof of fulfilling the above conditions. The tenderers are required to produce proof of fulfilling these conditions along with the copy of valid licence under the contract labour Act (Regulation & Abolition) 1970, service tax, PAN No. / TIN No., GST No. (Registered under Govt Department) EPF, ESI etc.
For details refer college website **www.gcekjr.ac.in** Sd/- Principal

ଧରିତ୍ରୀ
DHARITRI
ଶନିବାର, ଅଗଷ୍ଟ ୨୪, ୨୦୧୯



ଚଳିତ ବିଶ୍ୱଚାମ୍ପିୟନଶିପ୍‌ର ମିଆ ବ୍ଲିଚ୍‌ଫିଲ୍ଡ ବିପକ୍ଷ କ୍ୱାର୍ଟରଫାଇନାଲରେ ଅମ୍ପାୟରଙ୍କ ତ୍ରୁଟି ଯୋଗୁ ମୋତେ ଦୁଇଟି ମ୍ୟାଚ ପଏଣ୍ଟ ହରାଇବାକୁ ପଡ଼ିଛି ।

–ସାଇନା ନେହ୍ୱାଲ, ବ୍ୟାଡ୍‌ମିଣ୍ଟନ ଖେଳାଳି



ଟୋକିଓରେ ଅନୁଷ୍ଠିତ ଅଲିମ୍ପିକ ଟେଷ୍ଟ ଇଭେଣ୍ଟରେ ମୋ ନେତୃତ୍ୱରେ ଭାରତୀୟ ହକି ଦଳର ସଫଳତାକୁ ନେଇ ମୁଁ ଗର୍ବ ଅନୁଭବ କରୁଛି ।

–ହରମନପ୍ରୀତ ସିଂ, ଡ୍ରାଗ୍ ଫ୍ଲିକର

# ଭାରତକୁ ୨୯୭ରେ ପହଞ୍ଚାଇଲେ ଜାଡେଜା

**ନର୍ଥ ସାଉଣ୍ଡ(ଆଣ୍ଟିଗୁଆ), ୨୩।୮**

ସାର୍ ଭିଭିଆନ ରିଚାର୍ଡ୍ସ ଷ୍ଟାଡିୟମରେ ଚାଲିଥିବା ପ୍ରଥମ କ୍ରିକେଟ ଟେଷ୍ଟରେ ଧୈର୍ଯ୍ୟପୂର୍ଣ୍ଣ ବ୍ୟାଟିଂର ନମୁନା ଦେଖାଇ ରବୀନ୍ଦ୍ର ଜାଡେଜା ଭାରତକୁ ଏକ ସମ୍ମାନଜନକ ସ୍କୋରରେ ପହଞ୍ଚାଇଛନ୍ତି। ଶେଷ ଭାଗରେ ଛୋଟ ଛୋଟ ପାର୍ଟନରଶିପ୍ ଗଢ଼ି ଏହି ବାମହାତୀ ବ୍ୟାଟ୍ସମ୍ୟାନ ୱେଷ୍ଟଇଣ୍ଡିଜ ବୋଲରଙ୍କୁ ନିରାଶ କରିଛନ୍ତି। ଜାଡେଜାଙ୍କ ଅର୍ଦ୍ଧଶତକ ବଳରେ ଭାରତ ପ୍ରଥମ ଇନିଂସରେ ୨୯୭ ରନ କରିବାକୁ ସକ୍ଷମ ହୋଇଛି।

ପ୍ରଥମ ଦିବସର ଅସମାପ୍ତ ସ୍କୋର ୨୦୩/୬ରୁ ଭାରତ ଦ୍ୱିତୀୟ ଦିବସ ଖେଳ ଆରମ୍ଭ କରିଥିଲା। ପୂର୍ବ ଦିନର ସ୍କୋରରେ ଆଉ ମାତ୍ର ୪ ରନ ଯୋଗକରି ରିଷଭ ପନ୍ତ ଆଉଟ ହୋଇ ଯାଇଥିଲେ ହେଁ ଜାଡେଜା ଓ ଈଶାନ୍ତ ଶର୍ମା ଧିମା ବ୍ୟାଟିଂ କରି ଘରୋଇ ବୋଲରଙ୍କ ଧୈର୍ଯ୍ୟର ପରୀକ୍ଷା ନେଇଥିଲେ। ରିଷଭ(୨୪ ରନ)ଙ୍କୁ ଆଉଟ କରି କେମର ରୋଚ୍ ଭାରତ ଇନିଂସକୁ ଶୀଘ୍ର ସାରିଦେବା ଯୋଜନାରେ ଥିଲେ। ମାତ୍ର ୮ମ ଉଇକେଟରେ ଜାଡେଜା ଓ ଈଶାନ୍ତଙ୍କ ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ୬୦ ରନର ଭାଗୀଦାରି ସବୁ ଆକଳନକୁ ବିଗାଡ଼ି ଦେଇଥିଲା। ଏହି ଅବସରରେ ଭାରତୀୟ ସ୍କୋର ୨୫୦ ମଧ୍ୟ ଅତିକ୍ରମ କରିଥିଲା। ୬୨ଟି ବଲ୍‌ର ସମ୍ମୁଖୀନ ହୋଇଥିବା ଈଶାନ୍ତ ୧ ଚୌକା ସହାୟତାରେ ୧୯ ରନ କରିଥିବାବେଳେ ଶାନନ ଗାବ୍ରିଏଲଙ୍କ ବଲ୍‌ରେ କ୍ଲିନ୍ ବୋଲ୍ଡ ହୋଇ ଯାଇଥିଲେ। ୨୬୭ ରନରେ ଭାରତର ୮ମ ଉଇକେଟର ପତନ ଘଟିଥିଲା। ମହମ୍ମଦ ସାମି ଖାତା ଖୋଲିବା ପୂର୍ବରୁ ରଷ୍ଟନ ଚେଜ୍‌ଙ୍କ ବଲ୍‌ରେ କଟ୍ ଆଣ୍ଡ ବୋଲ୍ଡ ହୋଇ ଯାଇଥିଲେ। ମାତ୍ର ପରିସ୍ଥିତିକୁ ଦୃଷ୍ଟିରେ ରଖି ଜାଡେଜା ବ୍ୟାଟିଂ ଷ୍ଟାଇଲରେ ପରିବର୍ତ୍ତନ କରି ଦ୍ରୁତ ଖେଳିଥିଲେ। ଯଶପ୍ରୀତ ବୁମ୍‌ରା ୧୫ ବଲ୍‌ରୁ ମାତ୍ର ୪ ରନ କରି ଅପରାଜିତ ରହିଥିଲେ ହେଁ ଜାଡେଜା ଶେଷ ଉଇକେଟ ଯୋଡ଼ିରେ ତାଙ୍କ ସହ ୨୯ ରନ ଯୋଗକରି ଭାରତ ସ୍କୋରକୁ ୩୦୦ର ନିକଟତର କରାଇଥିଲେ। ବଡ଼ ଶଟ୍ ଖେଳିବା ଚକ୍କରରେ ଥିବା ଜାଡେଜା ୧୧୨ ବଲ୍‌ରୁ ୬ ଚୌକା ଓ ୧ ଛକା ସହାୟତାରେ ୫୮ ରନ କରିଥିବାବେଳେ ଅଧିନାୟକ ଜାସନ ହୋଲ୍ଡରଙ୍କ ବଲ୍‌ରେ ଶାଇ ହୋପ୍‌ଙ୍କୁ କ୍ୟାଚ ଦେଇ ପ୍ୟାଭିଲିୟନ ଫେରିଥିଲେ। ଏହାଥିଲା ଜାଡେଜାଙ୍କ କ୍ୟାରିୟରର ୧୧ତମ ଟେଷ୍ଟ ଅର୍ଦ୍ଧଶତକ। ୱେଷ୍ଟଇଣ୍ଡିଜ ବୋଲରଙ୍କ ମଧ୍ୟରେ କେମର ରୋଚ୍ ୪, ଶାନନ ଗାବ୍ରିଏଲ ୩,ରଷ୍ଟନ ଚେଜ୍ ୨ ଓ ଜାସନ ହୋଲ୍ଡର ଗୋଟିଏ ଉଇକେଟ ନେଇଥିଲେ। ଏହି ମ୍ୟାଚରେ ୱେଷ୍ଟଇଣ୍ଡିଜ ଉଇକେଟ କିପର ଶାଇ ହୋପ୍ ୫ଟି ଡିସମିଶାଲ କରିଥିଲେ। ଭାରତ ବିପକ୍ଷରେ ୪ର୍ଥ ୱେଷ୍ଟଇଣ୍ଡିଜ ଉଇକେଟ କିପରଭାବେ ସେ ଏହି ସଫଳତା ପାଇଥିଲେ। ପୂର୍ବରୁ ୧୯୭୮–୭୯ରେ ଡେଭିଡ ମୁରେ ନୂଆଦିଲ୍ଲୀରେ, ୧୯୮୨–୮୩ରେ ଜେଫ୍ ଦୁଜନ କିଙ୍ଗଷ୍ଟନରେ ଏବଂ ୨୦୦୨–୦୩ରେ ରିଡ୍‌ଲେ ଜ୍ୟାକବ୍ସ ମୁମ୍ବାଇଠାରେ ଏହି ସଫଳତା ପାଇଥିଲେ।

**ସଂକ୍ଷିପ୍ତ ସ୍କୋର**


ଭାରତ ପ୍ରଥମ ଇନିଂସ: ୨୯୭/ଅଲଆଉଟ (ଅଜିଙ୍କ୍ୟ ରାହାନେ–୮୧, ରବୀନ୍ଦ୍ର ଜାଡେଜା–୫୮, ଲୋକେଶ ରାହୁଲ–୪୪, ହନୁମା ବିହାରୀ–୩୨, ରିଷଭ ପନ୍ତ–୨୪, ଈଶାନ୍ତ ଶର୍ମା–୧୯, କେମର ରୋଚ୍–୪/୬୬, ଶାନନ ଗାବ୍ରିଏଲ–୩/୭୧,ରଷ୍ଟନ ଚେଜ୍–୨/୫୮, ଜାସନ ହୋଲ୍ଡର–୧/୩୬)।



ଅର୍ଦ୍ଧଶତକୀୟ ଇନିଂସ ଅବସରରେ ରବୀନ୍ଦ୍ର ଜାଡେଜା।

## ସଂକ୍ଷେପରେ

### ଟ୍ରମ୍ପ୍‌ଙ୍କୁ ଭେଟିଲେ ଗାଭାସ୍କର



ନୂଆଦିଲ୍ଲୀ,୨୩।୮(ପିଟି): କିମ୍ବଦନ୍ତୀ ଭାରତୀୟ ବ୍ୟାଟ୍ସମ୍ୟାନ ସୁନୀଲ ଗାଭାସ୍କର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କୁ ଭେଟିଛନ୍ତି। ଗାଭାସ୍କର ଏକ ଚ୍ୟାରିଟି ଫାଉଣ୍ଡେଶନ ପାଇଁ ଅର୍ଥ ଯୋଗାଡ଼ କରିବା ଲାଗି ନ୍ୟୁୟର୍କ ଗସ୍ତ କରିଥିଲେ। ପୂର୍ବତନ ଭାରତୀୟ ଅଧିନାୟକ ନ୍ୟୁ ୟର୍କସ୍ଥିତ ବେଡମିନଷ୍ଟର ଗଲ୍ଫ କୋର୍ସଠାରେ ଟ୍ରମ୍ପ୍‌ଙ୍କୁ ଭେଟିଛନ୍ତି। ୱେଷ୍ଟଇଣ୍ଡିଜ ଓ ଭାରତ ମଧ୍ୟରେ ଦିନିକିଆ ସିରିଜ୍ ଶେଷ ହେବା ପରେ ଏବଂ ଟେଷ୍ଟ ସିରିଜ୍ ପୂର୍ବରୁ ସମୟ ବାହାର କରି ଆମେରିକା ଗସ୍ତ କରିଥିଲେ। ସେଠାରେ ହାର୍ଟ ଟୁ ହାର୍ଟ ଫାଉଣ୍ଡେଶନ (ଏଚ୍‌୨ଏଚ୍) ପ୍ରତି ସଚେତନତା ସୃଷ୍ଟି କରିବା ଲାଗି ଉଦ୍ୟମ କରିଥିଲେ। ନବି ମୁମ୍ବାଇସ୍ଥିତ ସତ୍ୟସାଇ ସଞ୍ଜିବନୀ ମେଡିକାଲ ଜନ୍ମଜାତ ହୃଦୟ ସମସ୍ୟାର ମାଗଣା ଅସ୍ତ୍ରୋପଚାର କରୁଛି। ଆଇକନିକ ବ୍ୟାଟ୍ସମ୍ୟାନ ନ୍ୟୁ ଜର୍ସି ଓ ଆଟଲାଣ୍ଟାଠାରେ ବହୁ ଇଭେଣ୍ଟରେ ଯୋଗଦେଇଥିଲେ। ଗାଭାସ୍କର ଚଳିତ ଟେଷ୍ଟ ସିରିଜ୍‌ରେ କମେଣ୍ଟ୍ରି କରୁଛନ୍ତି। ସିରିଜ୍‌ର ଦ୍ୱିତୀୟ ତଥା ଅନ୍ତିମ ଟେଷ୍ଟ ପରେ ସେ ଆମେରିକା ଫେରି ସିଲିକନ ଭ୍ୟାଲି, ସିଟଲ, ଲୌସଭିଲେଠାରେ ଆଉ କିଛି ଇଭେଣ୍ଟରେ ଯୋଗଦେବେ। ଏହାପରେ ଦକ୍ଷିଣ ଆଫ୍ରିକା ବିପକ୍ଷ ଟି୨୦ ସିରିଜ୍‌ରେ କମେଣ୍ଟ୍ରି ପାଇଁ ସେ ସ୍ୱଦେଶ ଫେରିବେ। ଉଲ୍ଲେଖଥାଉ କି, ଲୌସଭିଲେଠାରେ ଗାଭାସ୍କରଙ୍କ ନାମରେ କ୍ରିକେଟ ଷ୍ଟାଡିୟମ ରହିଛି।

### ୟୁଏସ୍ ଓପନ କ୍ୱାଲିଫାୟର୍ସ ଫାଇନାଲ ରାଉଣ୍ଡରେ ନାଗାଲ

ନ୍ୟୁୟର୍କ,୨୩।୮(ପିଟି): ଭାରତୀୟ ଟେନିସ ଖେଳାଳି ସୁମିତ ନାଗାଲ କ୍ୟାରିୟରର ପ୍ରଥମ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ଖେଳିବାର ନିକଟତର ହୋଇଛନ୍ତି। ୟୁଏସ୍ ଓପନ ଟୁର୍ନାମେଣ୍ଟର କ୍ୱାଲିଫାୟର୍ସରେ ନାଗାଲ ଦ୍ୱିତୀୟ ବାଧା ଅତିକ୍ରମ କରିବାରେ ସଫଳ ହୋଇଛନ୍ତି। ବିଶ୍ୱ ର୍‍ୟାଙ୍କିଙ୍ଗ୍‌ର ୧୯୦ ତମ ସ୍ଥାନରେ ଥିବା ଭାରତୀୟ ଖେଳାଳି ୭-୫, ୭-୬(୭/୦) ସେଟ୍‌ରେ କାନାଡାର ପିଟର ପୋଲାନ୍ସକିଙ୍କୁ ହରାଇ ଦେଇଛନ୍ତି। ବିଜୟ ଲାଗି ତାଙ୍କୁ ୨ ଘଣ୍ଟା ୮ ମିନିଟ୍ ଧରି ସଂଘର୍ଷ କରିବାକୁ ପଡ଼ିଥିଲା। ୨୨ ବର୍ଷୀୟ ହରିୟାଣା ଖେଳାଳି ଫାଇନାଲ କ୍ୱାଲିଫାଇଂ ରାଉଣ୍ଡରେ ୨୧୨ ର୍‍ୟାଙ୍କ ବ୍ରାଜିଲର ଜୋଆ ମେନେଜେସଙ୍କ ସହ ମୁକାବିଲା କରିବେ। ଗତ ବର୍ଷ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ଅଷ୍ଟ୍ରେଲିଆନ ଓପନ, ଫ୍ରେଞ୍ଚ ଓପନ ଓ ୱିମ୍ବେଲଡନ ଓପନର ଯୋଗ୍ୟତା ପର୍ଯ୍ୟାୟରେ ଖେଳିଥିଲେ। ହେଲେ କୌଣସି ଥର ପ୍ରଥମ ମୁକାବିଲାକୁ ଜିତିବାକୁ ସକ୍ଷମ ହୋଇ ନ ଥିଲେ। ଏହା ବ୍ୟତୀତ ଦେଶର ଏକମାତ୍ର ସିଙ୍ଗଲ୍ସ ଖେଳାଳି ଭାବେ ପ୍ରଜନେଶ ଗୁଣେଶ୍ୱରନ ସିଧାସଳଖ ୟୁଏସ୍ ଓପନ ମୁଖ୍ୟ ପର୍ଯ୍ୟାୟରେ ଖେଳିବାକୁ ଯାଉଛନ୍ତି। ସେ ପ୍ରଥମ ରାଉଣ୍ଡରେ ୫ମ ସିଡ୍ ଡାନିଏଲ ମେଡଭେଡେଭଙ୍କ ସହ ମୁକାବିଲା କରିବେ।

# ନ୍ୟାଶନାଲ ଡୋପ୍ ଟେଷ୍ଟିଂ ଲାବରେଟୋରିକୁ ସସ୍‌ପେଣ୍ଡ କଲା ୱାଡା

**ନୂଆଦିଲ୍ଲୀ, ୨୩।୮ (ପି.ଟି.)**

ୱାର୍ଲ୍ଡ ଆଣ୍ଟି ଡୋପିଂ ଏଜେନ୍ସି (ୱାଡା) ଭାରତର ନ୍ୟାଶନାଲ ଡୋପ୍ ଟେଷ୍ଟିଂ ଲାବରେଟୋରି (ଏନ୍‌ଡିଟିଏଲ୍)କୁ ୬ ମାସ ପାଇଁ ସସ୍‌ପେଣ୍ଡ କରିଛି। ଫଳରେ ଦେଶର ଆଣ୍ଟି ଡୋପିଂ ପ୍ରୋଗ୍ରାମ୍‌କୁ ଶକ୍ତ ଧକ୍କା ଲାଗିଛି। କ୍ରୀଡ଼ା ମନ୍ତ୍ରଣାଳୟ ଏଥିରେ ଆଶ୍ଚର୍ଯ୍ୟ ପ୍ରକାଶ କରିବା ସହ ଅପିଲ କରିବା ଲାଗି ସ୍ଥିର କରିଛି। ଏନ୍‌ଡିଟିଏଲ୍ ୨୦୦୮ରେ ୱାଡା ସ୍ୱୀକୃତି ଲାଭ କରିଥିଲା। ସସ୍‌ପେଣ୍ଡ ଆଦେଶ ଅଗଷ୍ଟ ୨୦ରୁ ଲାଗୁ ହୋଇଛି। ସସ୍‌ପେଣ୍ଡ ଆଦେଶ ନ ଉଠିବା ପର୍ଯ୍ୟନ୍ତ ନ୍ୟାଶନାଲ ଡୋପ୍ ଟେଷ୍ଟିଂ ଲାବରେଟୋରିରେ ଡୋପ୍ ଟେଷ୍ଟ ପାଇଁ ସଂଗ୍ରହ କରାଯାଇଥିବା କୌଣସି ସାମ୍ପଲ ପରୀକ୍ଷା ହୋଇପାରିବ ନାହିଁ। ଟୋକିଓ ଅଲିମ୍ପିକ୍ସ ଆଉ ମାତ୍ର ଏକ ବର୍ଷ ଥିବାବେଳେ ୱାଡାର ଏହି ନିଷ୍ପତ୍ତି ଶକ୍ତ ଧକ୍କା ଦେଇଛି। ୱାଡାର ଏକ ପ୍ରତିନିଧି ଦଳ ନିକଟରେ ନ୍ୟାଶନାଲ ଡୋପ୍ ଟେଷ୍ଟିଂ ଲାବରେଟୋରି ପରିଦର୍ଶନରେ ଆସିଥିଲେ। ଏହା ଇଣ୍ଟରନ୍ୟାଶନାଲ ଷ୍ଟାଣ୍ଡାର୍ଡ ଫର୍ ଲାବରେଟୋରି (ଆଇଏସ୍ଏଲ) ମାନଦଣ୍ଡ ବାହାରେ ବୋଲି ସେମାନେ ରିପୋର୍ଟ ଦେଇଥିଲେ। ଏନ୍‌ଡିଟିଏଲ୍ ଚାହିଁଲେ ୨୧ଦିନ ମଧ୍ୟରେ ୱାଡାର ଏହି ନିଷ୍ପତ୍ତି ବିରୋଧରେ ଅପିଲ କରିପାରିବ। ବ୍ୟବସାୟିକ ସ୍ୱାର୍ଥ ଦୃଷ୍ଟିରୁ ଏହା କରାଯାଇଥାଇପାରେ ବୋଲି ୱାଡା ନିଷ୍ପତ୍ତିରେ ଆଶ୍ଚର୍ଯ୍ୟ ପ୍ରକାଶ କରିଥିବା କ୍ରୀଡ଼ା ସଚିବ ରାଧେଶ୍ୟାମ ଜୁଲାନିୟା କହିଛନ୍ତି। କାରଣ ଆମ ଲାବରେଟୋରିରେ ସାମ୍ପଲ ଟେଷ୍ଟ କରିବାର ଖର୍ଚ୍ଚ ଅନ୍ୟ ଦେଶର ଲାବରେଟୋରିଗୁଡ଼ିକ ତୁଳନାରେ ଶସ୍ତା। ନ୍ୟାଶନାଲ ଆଣ୍ଟି ଡୋପିଂ ଏଜେନ୍ସି (ନାଡା)ଠାରୁ ଏନ୍‌ଡିଟିଏଲ୍ ବିଚ୍ଛିନ୍ନ ହେବା ଦ୍ୱାରା ଭାରତରେ ଆଣ୍ଟି–ଡୋପିଂ ପ୍ରୋଗ୍ରାମ୍‌ରେ ବାଧା ସୃଷ୍ଟି ହେବ। ସସ୍‌ପେଣ୍ଡ ସମୟରେ କେବଳ ସାମ୍ପଲ ସଂଗ୍ରହ କରିପାରିବ ବୋଲି ନାଡା ମହାନିର୍ଦ୍ଦେଶକ ନବୀନ ଅଗ୍ରୱାଲ ପ୍ରକାଶ କରିଛନ୍ତି। ଭାରତୀୟ ଅଲିମ୍ପିକ ଆସୋସିଏଶନ (ଆଇଓଏ) କହିଛି ଅନ୍ୟ ଦେଶରେ ସାମ୍ପୁଲର ପରୀକ୍ଷା ପାଇଁ ଆମକୁ ଅତିରିକ୍ତ ବ୍ୟୟଭାର ସମ୍ଭାଳିବାକୁ ପଡ଼ିବ, ଯାହାକି କଷ୍ଟସାଧ୍ୟ। ଯଥାସମ୍ଭବ ଆମକୁ ଥାଇଲାଣ୍ଡର ବ୍ୟାଙ୍କକ୍‌ଠାରେ ଥିବା ୱାଡା ସ୍ୱୀକୃତିପ୍ରାପ୍ତ ଲାବରେଟୋରି ଉପରେ ଆମକୁ ନିର୍ଭର କରିବାକୁ ପଡ଼ିବ। ଭାରତୀୟ ଅଲିମ୍ପିକ ଆସୋସିଏଶନ (ଆଇଓଏ) ସଭାପତି ନରିନ୍ଦର ବାତ୍ରା କହିଛନ୍ତି, ଟୋକିଓ ଗେମ୍ସ ଆଉ ମାତ୍ର ୧୧ ମାସ ରହିଥିବାବେଳେ ୱାଡାର ନିଷ୍ପତ୍ତି ଭାରତରେ ଅଲିମ୍ପିକ ଆନ୍ଦୋଳନକୁ ଶକ୍ତ ଧକ୍କା ଦେଇଛି। ଭାରତର ଜାତୀୟ କ୍ରୀଡ଼ା ମହାସଂଘଗୁଡ଼ିକ ଅତିରିକ୍ତ ବ୍ୟୟଭାର ବହନ କରିବା ସ୍ଥିତିରେ ନାହାନ୍ତି।




ଭୁବନେଶ୍ୱର: ରେଲୱେ ଇନ୍‌ଡୋର ଷ୍ଟାଡିୟମରେ ଶୁକ୍ରବାର ଆରମ୍ଭ ହୋଇଥିବା ୧୦ମ ସର୍ବଭାରତୀୟ ଓପନ କରାଟେ ଚାମ୍ପିୟନଶିପ୍ ପ୍ରଥମ ଦିବସର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ ଅବସରରେ କୃଷି ଓ ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ କୁମାର ସାହୁ। ନିକଟରେ ଅଛନ୍ତି ଉତ୍କଳ କରାଟେ ସ୍କୁଲ ମୁଖ୍ୟ ଡ. ହରିପ୍ରସାଦ ପଟ୍ଟନାୟକ।

# ଆମେରିକାରେ ପ୍ରଶିକ୍ଷଣ ନେବେ ଜିନ୍‌ସନ ଜନ୍‌ସନ

**ଚେନ୍ନାଇ,୨୩।୮(ପି.ଟି.)**

ଭାରତୀୟ ମିଡଲ ଡିଷ୍ଟାନ୍ସ ରନର ଜିନସନ ଜନସନ ଶୁକ୍ରବାର ଆମେରିକାରେ ପ୍ରଶିକ୍ଷଣ ନେବେ ବୋଲି କହିଛନ୍ତି। ଆସନ୍ତାବର୍ଷ ଟୋକିଓରେ ଆୟୋଜନ ହେବାକୁଥିବା ଟୋକିଓ ଅଲିମ୍ପିକ୍ସରେ ଯୋଗ୍ୟତା ହାସଲ କରିବା ପାଇଁ ସେ ଲକ୍ଷ୍ୟ ରଖିଛନ୍ତି। ଫଳରେ ଟାଇମିଂରେ ଉନ୍ନତି ଆଣିବାକୁ ଆମେରିକାରେ ସେ କୋଚ୍ ସ୍କଟ୍ ସିମନ୍ସଙ୍କ ତତ୍ତ୍ୱାବଧାନରେ ପ୍ରଶିକ୍ଷଣ ନେବାକୁ ନିଷ୍ପତ୍ତି ନେଇଛନ୍ତି। ଜାତୀୟ ଓ ଏସୀୟ ସ୍ତରରେ ମୋ ଟାଇମିଂ ଠିକ୍ ରହିଛି। ତେବେ ବିଶ୍ୱସ୍ତରୀୟ ଇଭେଣ୍ଟଗୁଡିକରେ ଟାଇମିଂରେ ଉନ୍ନତି ଆଣିବାକୁ ପ୍ରୟାସ କରୁଛି। ଅଲିମ୍ପିକ କ୍ୱାଲିଫାଏ କରିବା ପାଇଁ ସେ ୧,୫୦୦ ମିଟର ଦୌଡରେ ସେ ନିଜର ଜାତୀୟ ରେକର୍ଡ ୩:୩୭.୬୨କୁ ଭାଙ୍ଗିବାର ଜରୁରୀ ହୋଇପଡିଛି। ସେପ୍ଟେମ୍ବର ୧ ତାରିଖରେ ସେ ଜର୍ମାନୀରେ ଏକ ଆମନ୍ତ୍ରଣୀୟ ଇଭେଣ୍ଟରେ ଅଂଶଗ୍ରହଣ କରିବେ। ଏହାପରେ ସେ ଆମେରିକା ଯାତ୍ରା କରିବେ।

୧, ୫୦୦ମି. ଦୌଡ଼ ପାଇଁ ଟୋକିଓ ଅଲିମ୍ପିକ୍ସର କ୍ୱାଲିଫିକେଶନ ମାର୍କ ୩:୩୫.୦୦ ରହିଛି। କଲରୋଡାରେ ପ୍ରଶିକ୍ଷଣ ପରେ ପ୍ରଦର୍ଶନରେ ଉନ୍ନତି ଆସିବ ବୋଲି କୋଝିକୋଡର ଏହି ୨୮ ବର୍ଷୀୟ ଆଥଲେଟ୍ ଜନସନ କହିଛନ୍ତି। ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନରୁ ମୋତେ ୨.୫ ସେକେଣ୍ଡ ଟାଇମ୍ କଟ୍ କରିବାକୁ ପଡିବ। ଅଲିମ୍ପିକ୍ କ୍ୱାଲିଫାଏ କରିବା ନେଇ ମୋର ଆତ୍ମବିଶ୍ୱାସ ରହିଛି। ଗତ ଏସିଆନ ଗେମ୍ସରେ ଜନସନ୍ ୧,୫୦୦ ମିଟର ରେସ୍‌ରେ ୩:୪୪.୭୨ ଟାଇମିଂରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ।

ଇତିମଧ୍ୟରେ ମାରାଥନ ରନର ଗୋପୀ ଥୋନାକାଲ ଦୋହା ବିଶ୍ୱ ଚାମ୍ପିୟନଶିପ୍ ପାଇଁ ଯୋଗ୍ୟତା ହାସଲ କରିଛନ୍ତି। ଥରେ ଟୋକିଓ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ହାସଲ କରିପାରିଲେ ପରବର୍ତ୍ତୀ ଯୋଜନା ସ୍ଥିର କରିବି ବୋଲି ଗୋପୀ କହିଛନ୍ତି। ଟୋକିଓ ଅଲିମ୍ପିକ୍ସ ଯୋଗ୍ୟତା ହାସଲ କରିବାକୁ ହେଲେ ତାଙ୍କୁ ଶିବନାଥ ସିଂଙ୍କ ଦୀର୍ଘଦିନର ରେକର୍ଡ (୨: ୧୨:୦୦ ସେକେଣ୍ଡ)କୁ ଅତିକ୍ରମ କରିବାକୁ ପଡିବ ଓ ସେ ମଧ୍ୟ ଏ ନେଇ ଅବଗତ ଅଛନ୍ତି।

# ଦୁଲୀପ ଟ୍ରଫି: ନାୟାରଙ୍କ ଲଢୁଆ ବ୍ୟାଟିଂ

**ବେଙ୍ଗାଲୁରୁ, ୨୩।୮(ପି.ଟି.)**

ସ୍ଥାନୀୟ କର୍ଣ୍ଣାଟକ ଷ୍ଟେଟ କ୍ରିକେଟ ଆସୋସିଏଶନ (କେଏସ୍‌ସିଏ) ଗ୍ରାଉଣ୍ଡରେ ଶୁକ୍ରବାରଠାରୁ ଦୁଲୀପ ଟ୍ରଫି ମ୍ୟାଚ୍ ଆରମ୍ଭ ହୋଇଛି। ଏହି ୪ ଦିନିଆ ମ୍ୟାଚ୍‌ରେ ପ୍ରିୟଙ୍କ ପଞ୍ଚାଲଙ୍କ ନେତୃତ୍ୱାଧୀନ ଇଣ୍ଡିଆ ରେଡ୍ ଓ ଶୁବମନ ଗିଲଙ୍କ ଇଣ୍ଡିଆ ବ୍ଲୁ ମୁହାଁମୁହିଁ ହୋଇଛନ୍ତି। ଇଣ୍ଡିଆ ବ୍ଲୁ ଟସ୍ ଜିତି ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା। ବ୍ୟାଟିଂ କରିବାକୁ ଆମନ୍ତ୍ରଣ ପାଇଥିବା ରେଡ୍ ୧ମ ଇନିଂସ ଆରମ୍ଭ କରି ପ୍ରଥମ ଦିବସ ଖେଳ ଶେଷ ସୁଦ୍ଧା ୬୮ ଓଭରରେ ୨ ଉଇକେଟ ହରାଇ ୧୬୩ ରନ ସଂଗ୍ରହ କରିଛି। ବର୍ଷା ଯୋଗୁ ପ୍ରଥମ ଦିନର ଖେଳ ବାଧାପ୍ରାପ୍ତ ହୋଇଥିଲା। ୪୩ ରନରେ ଦୁଇ ଓପନରଙ୍କୁ ହରାଇ ରେଡ୍ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ବେଙ୍ଗଲ୍ ଓପନର ଅଭିମନ୍ୟୁ ଈଶ୍ୱରନ ଖାତା ଖୋଲିବା ପୂର୍ବରୁ ରାଜସ୍ଥାନ ବାମହାତୀ ଦ୍ରୁତ ବୋଲର ଅନିକେତ ଚୌଧୁରୀଙ୍କ ବଲ୍‌ରେ ଏଲ୍‌ବିଡବ୍ଲ୍ୟୁ ହୋଇ ପ୍ରଥମେ ପ୍ୟାଭିଲିୟନ ଫେରିଥିଲେ। ଏହାପରେ ବରୋଦା ଷ୍ଟାର ବ୍ୟାଟ୍ସମ୍ୟାନ ତଥା ଅଧିନାୟକ ପଞ୍ଚାଲ ୪୯ଟି ବଲର ସମ୍ମୁଖୀନ ହୋଇ ୨ ଚୌକା ସହ ୧୫ ରନ କରିଥିବାବେଳେ ଦିୱେଶ୍ ପଠାନିଆଙ୍କ ବଲ୍‌ରେ ଉଇକେଟକିପର ସ୍ନେଲ ପଟେଲଙ୍କୁ କ୍ୟାଚ୍ ଦେଇ ଆଉଟ ହୋଇଥିଲେ।

ତେବେ ତୃତୀୟ ଉଇକେଟରେ କରୁନ ନାୟାର ଓ ଅଙ୍କିତ୍ କଲସୀ ଲଢୁଆ ବ୍ୟାଟିଂ କରି ଅପରାଜିତ ୧୨୦ ରନର ଭାଗୀଦାରି ସ୍ଥାପନ କରି ସ୍ଥିତି ସମ୍ଭାଳିଥିଲେ। ୨୦୧୭ ଅଷ୍ଟ୍ରେଲିଆ ବିପକ୍ଷ ଟେଷ୍ଟ ସିରିଜ ପରେ ନାୟାର ଜାତୀୟ ଦଳରୁ ବାଦ୍ ପଡିଥିଲେ। ତେବେ ଏହି ମ୍ୟାଚ୍‌ରେ ସେ ଦମ୍‌ଦାର ପ୍ରଦର୍ଶନ କରିଥିଲେ। ବର୍ଷା ଓ ଖରାପ ଆଲୋକ ଯୋଗୁ ପ୍ରଥମ ଦିନର ସମ୍ପୂର୍ଣ୍ଣ ଖେଳ ସମ୍ଭବପର ହୋଇପାରି ନ ଥିଲା। ଷ୍ଟମ୍ପ ଅପସାରଣ ବେଳକୁ ନାୟାର ୯୨ ଓ କଲସୀ ୪୮ ରନ କରି ଅପରାଜିତ ରହିଛନ୍ତି। ଅପରାଜିତ ଅର୍ଦ୍ଧଶତକୀୟ ଇନିଂସ ଅବସରରେ ନାୟାର ୧୮୯ଟି ବଲ୍‌ର ସମ୍ମୁଖୀନ ହୋଇ ୯ଟି ଚୌକା ମାରିଥିଲେ। ସେହିପରି ୧୭୧ଟି ବଲର ସମ୍ମୁଖୀନ ହୋଇ ୪ ଚୌକା ସହ କଲସୀ ୪୮ ରନ କରି ଅପରାଜିତ ରହିଥିଲେ। ନାୟାର ଏକାଧିକ ଆକର୍ଷଣୀୟ ଶଟ୍ ଖେଳିଥିଲେ। ବୋଲିଂରେ ଚୌଧୁରୀ ଓ ପଠାନିଆ ଗୋଟିଏ ଲେଖାଏ ଉଇକେଟ ହାସଲ କରିଥିଲେ। ଉଲ୍ଲେଖଥାଉ କି, ଦୁଲୀପ ଟ୍ରଫିର ପ୍ରଥମ ମ୍ୟାଚ୍‌ରେ ଇଣ୍ଡିଆ ବ୍ଲୁ ଓ ଇଣ୍ଡିଆ ଗ୍ରୀନ ପରସ୍ପରକୁ ଭେଟିଥିଲେ। ତେବେ ବର୍ଷା ଯୋଗୁ ଦ୍ୱିତୀୟ, ତୃତୀୟ ଓ ଚତୁର୍ଥ ଦିନର ଖେଳ ଧୋଇଯାଇଥିଲା। ପ୍ରଥମ ଦିନର ଖେଳ ବାଧାପ୍ରାପ୍ତ ହୋଇଥିଲେ ମଧ୍ୟ କିଛି ଓଭର ଖେଳ ସମ୍ଭବପର ହୋଇଥିଲା।

**ସଂକ୍ଷିପ୍ତ ସ୍କୋର**

ଇଣ୍ଡିଆ ରେଡ୍ ପ୍ରଥମ ଇନିଂସ: ୬୮ ଓଭରରେ ୧୬୩/୨ (ନାୟାର–୯୨*, କଲସୀ–୪୮*, ପଞ୍ଚାଲ– ୧୫, ଚୌଧୁରୀ– ୧/୨୯, ପଠାନିଆ– ୧/୨୭)।

# କମଳେଶଙ୍କୁ ସିଙ୍ଗଲ୍ସ ଟାଇଟଲ

**ଭୁବନେଶ୍ୱର, ୨୩।୮(କ୍ରୀଡ଼ା ପ୍ରତିନିଧି)**

ହରିୟାଣାର କର୍ନାଲଠାରେ ଅନୁଷ୍ଠିତ ଚମୁଣ୍ଡା–ଏଆଇଟିଏ ଚାମ୍ପିୟନଶିପ୍ ସିରିଜ(ସିଏସ୭)ରେ ଓଡ଼ିଶା ଟେନିସ ପ୍ରତିଭା କମଳେଶ ରଥ ୧୨ ବର୍ଷରୁ କମ୍ ବିଭାଗରେ ସିଙ୍ଗଲ୍ସ ଟାଇଟଲ ହାସଲ କରିଛନ୍ତି। ଫାଇନାଲରେ କମଳେଶ ଚଣ୍ଡିଗଡ଼ର ଦିବ୍ୟାଂଶ ଶର୍ମାଙ୍କୁ ୭–୫, ୬–୦ ସେଟ୍‌ରେ ପରାସ୍ତ କରିଥିଲେ। ପୂର୍ବରୁ ୧୪ ବର୍ଷରୁ କମ୍ ବାଳକ ଡବଲ୍ସରେ କମଳେଶ ରନର୍ସଅପ୍ ହୋଇଥିଲେ। ପଞ୍ଜାବର ଗୁନ୍‌ଜିତଙ୍କୁ ସାଥିକରି ଡବଲ୍ସ ଖେଳିଥିବା କମଳେଶ ଫାଇନାଲରେ ଉତ୍ତରପ୍ରଦେଶ ଯୋଡ଼ି ସମର୍ଥ ଶର୍ମା ଓ କାର୍ତ୍ତିକେୟ ତ୍ୟାଗିଙ୍କଠାରୁ ୩–୬, ୩–୬ ସେଟ୍‌ରେ ହାରି ଯାଇଥିଲେ। ସିଙ୍ଗଲ୍ସରେ ଟାଇଟଲ ଲାଭ କରି ସେ ୨୫ ଏଆଇଟିଏ ର୍‍ୟାଙ୍କିଙ୍ଗ ପଏଣ୍ଟ ହାସଲ କରିଛନ୍ତି।



କମଳେଶ ରଥ ପୁରସ୍କାର ସହ।

# କ୍ଲବ ଏନ୍ କ୍ଲବ, ଜୟଦୁର୍ଗା ବିଜୟୀ

**କଟକ ଅଫିସ,୨୩।୮**

କଟକରେ ଚାଲିଥିବା ଫାଓ ପ୍ରଥମ ଡିଭିଜନ ଲିଗର ଶୁକ୍ରବାର ଅନୁଷ୍ଠିତ ଦୁଇଟି ମ୍ୟାଚରେ କ୍ଲବ ଏନ କ୍ଲବ ଓ ଜୟଦୁର୍ଗା କ୍ଲବ ବିଜୟୀ ହୋଇଛନ୍ତି। ପ୍ରଥମ ମ୍ୟାଚ୍‌ରେ କ୍ଲବ ଏନ କ୍ଲବ ୨–୧ ଗୋଲରେ ରୟାଲ କ୍ଲବକୁ ପରାସ୍ତ କରିଥିଲା। ବିଜୟୀ ଦଳ ପକ୍ଷରୁ ସଞ୍ଜୟ ଖାଡ଼ିଆ, ରାଜୀବ ଦାସ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିବା ବେଳେ ରୟାଲ ଦଳର ପ୍ରଣବ ବାରିକ ଗୋଟିଏ ଗୋଲ ଦେଇଥିଲେ। ଦ୍ୱିତୀୟ ମ୍ୟାଚ୍‌ରେ ଜୟଦୁର୍ଗା ୨–୧ ଗୋଲରେ ସ୍ପୋର୍ଟ୍ସ ହଷ୍ଟେଲକୁ ହରାଇଥିଲା। ଜୟଦୁର୍ଗା ପକ୍ଷରୁ ସେଖ ଜୁବେର, ରାଜ କୁମାର ଦାସ, ସ୍ପୋର୍ଟ୍ସ ହଷ୍ଟେଲ ପକ୍ଷରୁ ମନଜିତ କିଷାନ ଗୋଟିଏ ଲେଖାଏ ଗୋଲ ଦେଇଛନ୍ତି।

# ବବଲୁ ମୁଣ୍ଡାଙ୍କୁ ରୌପ୍ୟ ପଦକ

**ଏସିଆନ୍ ଉଷୁ ଚାମ୍ପିୟନଶିପ୍**

**ଯୋଡ଼ା/କେନ୍ଦୁଝର, ୨୩।୮(ଡି.ଏନ.ଏ.)**

ବ୍ରୁନେଇଠାରେ ଅନୁଷ୍ଠିତ ୧୦ମ ଜୁନିୟର ଉଷୁ ଚାମ୍ପିୟନଶିପ୍‌ରେ କେନ୍ଦୁଝର ଜିଲା ଯୋଡା ବ୍ଲକ ଅନ୍ତର୍ଗତ ସିଆଳିଯୋଡା ଗ୍ରାମର ବବଲୁ ମୁଣ୍ଡା ରୌପ୍ୟ ପଦକ ଜିତି ରାଜ୍ୟ ତଥା ଦେଶ ପାଇଁ ଗୌରବ ଆଣିଛନ୍ତି। ଗତ ୧୬ରୁ ୨୪ ପର୍ଯ୍ୟନ୍ତ ଆୟୋଜିତ ଏହି ଅନ୍ତର୍ଜାତୀୟ ପ୍ରତିଯୋଗିତାର ୪୫ କେଜି ବର୍ଗରେ ସେ ଏହି ପଦକ ହାସଲ କରିଛନ୍ତି।

ସେମିଫାଇନାଲରେ ବବଲୁ ଭିଏତନାମ୍ ପ୍ରତିଯୋଗୀଙ୍କ ସହିତ କଡା ମୁକାବିଲା କରି ଫାଇନାଲରେ ପ୍ରବେଶ କରିଥିଲେ। ଫାଇନାଲ୍‌ରେ ଉଚ୍ଚକୋଟୀର କୌଶଳ ପ୍ରଦର୍ଶନ ସତ୍ତ୍ୱେ ବବଲୁ ଇରାନ୍ ପ୍ରତିଯୋଗୀଙ୍କଠାରୁ ହାରିଯାଇଥିଲେ। ବବଲୁ ୨ୟ ସ୍ଥାନରେ ରହି ହାସଲ କରିଥିବା ରୌପ୍ୟ ତାଙ୍କର ଦ୍ୱିତୀୟ ଆନ୍ତର୍ଜାତିକ ପଦକ। ଏଥିପୂର୍ବରୁ ୨୦୧୮ ଜୁଲାଇରେ ବ୍ରାଜିଲଠାରେ ଅନୁଷ୍ଠିତ ୭ମ ବିଶ୍ୱ ଉଷୁ ପ୍ରତିଯୋଗିତାରେ ସେ ରୌପ୍ୟ ପଦକ ହାସଲ କରିଥିଲେ।

ବ୍ରୁନେଇଠାରେ ଅନୁଷ୍ଠିତ ଉଷୁ ଚାମ୍ପିୟନଶିପ୍‌ରେ ୧୬ ଦେଶରୁ ୩୧୮ ପ୍ରତିଯୋଗୀ ଭାଗ ନେଇଥିଲେ। ଏକମାତ୍ର ଓଡିଆ ଭାବେ ବବଲୁ ୨୨ ଜଣିଆ ଭାରତୀୟ ଦଳରେ ସାମିଲ ହୋଇଥିଲେ। ବବଲୁଙ୍କର ଏହି ସଫଳତା ପାଇଁ ତାଙ୍କ ପ୍ରଶିକ୍ଷକ ପଙ୍କଜ ମହାନ୍ତ, ଓଡିଶା ଉଷୁ ଆସୋସିଏଶନ, ଭାରତୀୟ ଉଷୁ ଆସୋସିଏଶନ, କେନ୍ଦୁଝର ଜିଲା ଉଷୁ ଆସୋସିଏସଶନ ଓ ଜିଲା ପ୍ରଶାସନ ପକ୍ଷରୁ ତାଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି। ଏଥିସହିତ ଜେଏସପିଏଲ ଫାଉଣ୍ଡେଶନର ସହ ଅଧ୍ୟକ୍ଷା ଶାଲୁ ଜିନ୍ଦଲ ବବଲୁଙ୍କୁ ଶୁଭେଚ୍ଛା ଜଣାଇ ଗ୍ରାମୀଣ ଅଞ୍ଚଳରେ ଥିବା ଏଭଳି ପ୍ରତିଭା ଖେଳାଳିଙ୍କୁ ଆଗକୁ ନେଇ ବିଶ୍ୱସ୍ତରରେ ପହଞ୍ଚାଇବା ଲାଗି ଜେଏସପିଏଲ ଫାଉଣ୍ଡେଶନ ସବୁପ୍ରକାର ସହଯୋଗ ଓ ସୁବିଧା ଯୋଗାଇଦେବ ବୋଲି କହିଛନ୍ତି।



ରୌପ୍ୟ ପଦକ ବିଜେତା ବବଲୁ ମୁଣ୍ଡା(ମଝି)।



“ସ୍ୱାର୍ଥ ନିହିତ ନିୟମ ବ୍ୟବହାରିକ ହେବା ଉଚିତ। ଉଦାହରଣ ସ୍ୱରୂପ ରିକି ପଣ୍ଟିଂ ଏକସଙ୍ଗେ ଅଷ୍ଟ୍ରେଲିଆ କ୍ରିକେଟ ଏବଂ ଆଇପିଏଲର ଦାୟିତ୍ୱ ତୁଲାଇପାରୁଛନ୍ତି।

**–ସୌରଭ ଗାଙ୍ଗୁଲି, ପୂର୍ବତନ ଭାରତୀୟ ଅଧିନାୟକ**



“ଓଲ୍‌ଭ୍ସ ବିପକ୍ଷ ମ୍ୟାଚରେ ସ୍ପଟ୍ କିକ୍‌ରେ ଅସଫଳ ରହିଥିଲେ ମଧ୍ୟ ପଲ୍ ପୋଗ୍‌ବାଙ୍କୁ ପେନାଲ୍‌ଟି ଶଟ ମାରିବାରୁ ବଞ୍ଚିତ କରାଯିବ ନାହିଁ।

**–ଓଲେ ଗନାର ସୋଲ୍‌କଜେର୍, ମାଞ୍ଚେଷ୍ଟର ୟୁନାଇଟେଡ୍ ମ୍ୟାନେଜର**

## ସଂକ୍ଷେପରେ

### କାଟିଚ୍ ଆରସିବି ଦଳର ମୁଖ୍ୟ କୋଚ୍



ନୂଆଦିଲ୍ଲୀ,୨୩।୮ (ପିଟି): ଆଇପିଏଲ ଫ୍ରାଞ୍ଚାଇଜ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆରସିବି) ଅଷ୍ଟ୍ରେଲିଆର ସାଇମନ କାଟିଚ୍‌ଙ୍କୁ ଦଳର ମୁଖ୍ୟକୋଚ୍ ଭାବେ ନିଯୁକ୍ତ କରିଛି। ପୂର୍ବତନ ନ୍ୟୁଜିଲାଣ୍ଡ କୋଚ୍ ମାଇକ ହେସନଙ୍କୁ କ୍ରିକେଟ ଅପରେଶନ୍ସ ନିର୍ଦ୍ଦେଶକ ଦାୟିତ୍ୱ ଦେଇଛି। ମୋଟ ଉପରେ ଆରସିବିର ସମସ୍ତ କ୍ରିକେଟ ଅପରେଶନ ତାଙ୍କ ତତ୍ତ୍ୱାବଧାନରେ ହେବ। ଷ୍ଟ୍ରାଟେଜି ପ୍ରସ୍ତୁତ, ପ୍ରୋଗ୍ରାମ୍ସ, ରକ୍ଷଣାବେକ୍ଷଣ, ଖେଳାଳିଙ୍କ ପ୍ରଦର୍ଶନ ଉପରେ ନଜର ରଖିବା ସହ ଜଥେଷ୍ଟ ପ୍ରାକ୍ଟିସ ଯୋଗାଇବା ଭଳି କାର୍ଯ୍ୟ ରହିଛି। ସେ ପ୍ରତ୍ୟେକ ଖେଳାଳି ଓ କୋଚିଂ ଷ୍ଟାଫଙ୍କ ସହ କାର୍ଯ୍ୟ କରିବେ। ହେସନଙ୍କ ଅଭିଜ୍ଞତା ବଳରେ ଆରସିବି ଏକ ଶକ୍ତିଶାଳୀ ଦଳ ହୋଇପାରିବ। ଏଥିସହିତ କାଟିଚ୍ ଦଳରେ ବିଜୟୀ ପରମ୍ପରା ଆଣି ପାରିବେ ବୋଲି ବିଶ୍ୱାସ ରଖିଛନ୍ତି ଆରସିବି ଚେୟାରମ୍ୟାନ ସଞ୍ଜୀବ ଚୁରିୱାଲା। ଏହି ନୂଆ ନିଯୁକ୍ତି ଯୋଗୁ ଗ୍ୟାରି କର୍ଷ୍ଟର୍ନ ଓ ଆଶିଷ ନେହେରାଙ୍କ ସହ ଫ୍ରାଞ୍ଚାଇଜ ସମ୍ପର୍କ ଛିନ୍ନ କରିଛି। ଉଲ୍ଲେଖଥାଉ କି, ଭାରତୀୟ ଦଳର ମୁଖ୍ୟ କୋଚ୍ ପଦ ଲାଗି ନିଯୁକ୍ତି ପ୍ରକ୍ରିୟାରେ ହେସନ ଅଳ୍ପକେ ରବି ଶାସ୍ତ୍ରୀଙ୍କ ପଛରେ ପଡ଼ିଯାଇଥିଲେ।

# ଇଂଲଣ୍ଡ ୬୭ରେ ଅଲ୍‌ଆଉଟ୍

## ଆଶେସ ତୃତୀୟ ଟେଷ୍ଟ

ଲିଡ୍ସ,୨୩।୮

ଇଂଲଣ୍ଡ ଓ ଭ୍ରମଣକାରୀ ଅଷ୍ଟ୍ରେଲିଆ ମଧ୍ୟରେ ଏଠାରେ ଚାଲିଥିବା ତୃତୀୟ ଆଶେସ ଟେଷ୍ଟ ମ୍ୟାଚ୍ ମାତ୍ର ଦ୍ୱିତୀୟ ଦିନରେ ରୋମାଞ୍ଚକ ମୋଡ଼ରେ ପହଞ୍ଚିଛି। ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ଅଷ୍ଟ୍ରେଲିଆ ପ୍ରଥମ ଦିବସରେ ନିୟମିତ ବ୍ୟବଧାନରେ ଉଇକେଟ ହରାଇ ୫୨.୧ ଓଭରରେ ୧୭୯ ରନ କରି ଅଲଆଉଟ ହୋଇଥିଲା। ଜବାବରେ ଦ୍ୱିତୀୟ ଦିନରେ ଇଂଲଣ୍ଡ ତା'ର ପ୍ରଥମ ଇନିଂସ ଆରମ୍ଭ କରି ସାଂଘାତିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ୨୭.୫ ଓଭରରେ ଦଳ ମାତ୍ର ୬୭ ରନ କରି ଅଲଆଉଟ ହୋଇଛି। ଫଳରେ ଇଂଲଣ୍ଡ ପ୍ରଥମ ଇନିଂସରେ ବୃହତ୍ ୧୧୨ ରନ୍ ପଛରେ ପଡିଛି। ଜବାବରେ ଦ୍ୱିତୀୟ ଇନିଂସ ଆରମ୍ଭ କରି ଅଷ୍ଟ୍ରେଲିଆ ଦ୍ୱିତୀୟ ଦିନ ଚା'ପାନ ବିରତି ସୁଦ୍ଧା ୨୫ ଓଭରରେ ୩ ଉଇକେଟ ହରାଇ ୮୨ ରନ ସଂଗ୍ରହ କରି ୧୯୪ ରନର ଅଗ୍ରଣୀ ହାସଲ କରି ତା'ର ସ୍ଥିତି ଦୃଢ଼ କରିଛି। ଅଭିଜ୍ଞ ଓପନର ଡେଭିଡ ୱାର୍ନର ଖାତା ଖୋଲିବା ପୂର୍ବରୁ ଆଉଟ ହୋଇଛନ୍ତି। ସେହିପରି ମାର୍କସ ହାରିସ ୧୯ ଓ ଉସ୍‌ମାନ ଖ୍ୱାଜା ୨୩ ରନ କରି ପ୍ୟାଭିଲିୟନ ଫେରିଛନ୍ତି। ଜ୍ୟାକ ଲିଚ୍, କ୍ରିସ ବ୍ରଡ ଓ କ୍ରିସ୍ ୱୋକ୍ସ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଛନ୍ତି। ମାର୍ନସ ଲାବୁସେନ ୧୩ ଓ ଟ୍ରାଭିସ୍ ହେଡ ୧୭ ରନ କରି ଅପରାଜିତ ରହିଛନ୍ତି।

ଶୁକ୍ରବାର ସକାଳୁ ଇଂଲଣ୍ଡ ପ୍ରଥମ ଇନିଂସ ଆରମ୍ଭ କରିଥିଲା। ଅଷ୍ଟ୍ରେଲୀୟ ବୋଲରଙ୍କ ସମ୍ମୁଖୀନ ହୋଇ ନ ପାରି ଇଂଲଣ୍ଡ ସ୍ୱଳ୍ପ ରନରେ ଅଲଆଉଟ ହୋଇଥିଲା। ଘରୋଇ ମାଟିରେ ଏହା ଇଂଲଣ୍ଡର ଚତୁର୍ଥ ସର୍ବନିମ୍ନ ସ୍କୋର ସାବ୍ୟସ୍ତ ହୋଇଛି। ମିଡଲ ଅର୍ଡର ବ୍ୟାଟ୍ସମ୍ୟାନ ଜୋ ଡେନଲି ମାତ୍ର ୧୨ ରନ କରି ଆଉଟ ହୋଇଥିବା ବେଳେ ଇଂଲଣ୍ଡର ବାକି ୧୦ଜଣ ବ୍ୟାଟ୍ସମ୍ୟାନ ଦୁଇଅଙ୍କ ଛୁଇଁପାରି ନାହାନ୍ତି। ଅଧିନାୟକ ଜୋ ରୁଟ ଖାତା ଖୋଲିବା ପୂର୍ବରୁ ଆଉଟ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓପନର ରୋରି ବର୍ନ୍ସ ୯, ଜାସନ ରୟ ୯, ବେନ୍ ଷ୍ଟୋକ୍ସ ୮, ଉଇକେଟକିପର ବ୍ୟାଟ୍ସମ୍ୟାନ ଜନି ବେୟାରଷ୍ଟୋ ୪, ଜୋସ ବଟଲର ୫, କ୍ରିସ୍ ୱୋକ୍ସ ୫, ଜୋଫ୍ରା ଆର୍ଚର ୭, ଜ୍ୟାକ ଲିଚ୍ ୧ ରନ କରି ଆଉଟ ହୋଇଥିଲେ। କ୍ରିସ୍ ବ୍ରଡ ୪ ରନ କରି ଅପରାଜିତ ରହିଥିଲେ। ବୋଲିଂରେ ଅଷ୍ଟ୍ରେଲିଆ ତରଫରୁ ଜୋଶ ହାଜେଲଉଡ୍ ୫, ପ୍ୟାଟ କୁମିନ୍ସ ୩, ଜେମ୍ସ ପାଟିନସନ ୨ଟି ଉଇକେଟ ଅକ୍ତିଆର କରିଥିଲେ।



ପ୍ୟାଟ କୁମିନ୍ସ

**ସଂକ୍ଷିପ୍ତ ସ୍କୋର:**

ଅଷ୍ଟ୍ରେଲିଆ ପ୍ରଥମ ଇନିଂସ– ୫୨.୧ ଓଭରରେ ୧୭୯ ରନରେ ଅଲଆଉଟ୍।

ଇଂଲଣ୍ଡ ପ୍ରଥମ ଇନିଂସ– ୨୭.୫ ଓଭରରେ ୬୭ ଅଲଆଉଟ୍ (ଡେନ୍‌ଲି– ୧୨, ହାଜଲେଉଡ– ୫/୩୦, କୁମିନ୍ସ–୩/୨୩, ପାଟିନସନ– ୨/ ୯)



ଲିଡ୍ସଠାରେ ଚାଲିଥିବା ତୃତୀୟ ଆଶେସ୍ ଟେଷ୍ଟରେ ଇଂଲଣ୍ଡ ପ୍ରଥମ ଇନିଂସରେ ୫ ଉଇକେଟ ହାସଲ କରିଥିବା ଅଷ୍ଟ୍ରେଲିଆର ଜୋସ୍ ହାଜେଲଉଡ୍।

## କ୍ଲୁଜନର ଦକ୍ଷିଣ ଆଫ୍ରିକା ଦଳର ବ୍ୟାଟିଂ କୋଚ୍

ଜୋହାନ୍ସବର୍ଗ,୨୩।୮ (ପିଟି)

ପୂର୍ବତନ ଦକ୍ଷିଣ ଆଫ୍ରିକୀୟ ଅଲରାଉଣ୍ଡର ଲାନ୍ସ କ୍ଲୁଜନର ଶୁକ୍ରବାର ଜାତୀୟ ଦଳର ବ୍ୟାଟିଂ କୋଚ୍ ନିଯୁକ୍ତ ହୋଇଛନ୍ତି। ତେବେ ତାଙ୍କୁ କେବଳ ଭାରତ ବିପକ୍ଷରେ ଖେଳାଯିବାକୁ ଥିବା ୩ ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜ୍ ଲାଗି ଦାୟିତ୍ୱ ଦିଆଯାଇଛି। କ୍ରିକେଟ ଦକ୍ଷିଣ ଆଫ୍ରିକା (ସିଏସ୍‌ଏ) ପୂର୍ବତନ ପେସର ଭିନସେଣ୍ଟ ବର୍ନସଙ୍କୁ ବୋଲିଂ କୋଚ୍ ପଦରେ ନିଯୁକ୍ତ କରିଛି। ଫିଲ୍ଡିଂ କୋଚ୍ ଜଷ୍ଟିନ ଅନଟଙ୍ଗ ତାଙ୍କ ସ୍ଥାନ ବଜାୟ ରଖିଛନ୍ତି। ନୂଆ ନିୟମ ଅନୁଯାୟୀ ଟିମ୍ ଡିରେକ୍ଟର ତାଙ୍କର ୩ ସହାୟକ କୋଚ୍ ନିଯୁକ୍ତ କରିଛନ୍ତି ବୋଲି ସିଏସ୍‌ଏ କାର୍ଯ୍ୟକାରୀ ନର୍ଦ୍ଦେଶକ କୋରି ଭାନ ଜିଲ କହିଛନ୍ତି। କ୍ଲୁଜନର କେବଳ ଭାରତ ବିପକ୍ଷ ଟି୨୦ ସିରିଜ୍‌ରେ ବ୍ୟାଟିଂ କୋଚ୍ ସମ୍ଭାଳିବେ। ସେ ସମସ୍ତ ଫର୍ମାଟ ପାଇଁ ବର୍ତ୍ତମାନ ଉପଲବ୍ଧ ନାହାନ୍ତି। ହ୍ୱାଇଟ୍ ବଲ କ୍ରିକେଟରେ ତାଙ୍କ ରେକର୍ଡ ବହୁତ ଭଲ ରହିଛି, ଯାହା ଜାତୀୟ ଦଳର ଖେଳାଳିଙ୍କୁ ସହାୟକ ହେବ ବୋଲି ଭାନ ଜିଲ କହିଛନ୍ତି। କ୍ଲୁଜନର ଟେଷ୍ଟରେ ୧୯୦୬ ରନ୍ କରିବା ସହ ୮୦ ଉଇକେଟ ନେଇଥିଲେ। ସେହିଭଳି ଦିନିକିଆ ଫର୍ମାଟରେ ୩୫୭୬ ରନ୍ ଓ ୧୯୨ ଉଇକେଟ ଅକ୍ତିଆର କରିଥିଲେ। ଦକ୍ଷିଣ ଆଫ୍ରିକା ଦଳ ସେପ୍ଟେମ୍ବର ୧୫ ତାରିଖରେ ଟି୨୦ ସିରିଜ୍ ଲାଗି ଭାରତ ଗସ୍ତ କରିବ। ଏହାପରେ ଦୁଇ ଦଳ ମଧ୍ୟରେ ୩ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ଖେଳାଯିବ।

# ସିନ୍ଧୁ, ପ୍ରଣୀଥ୍ ସେମିଫାଇନାଲରେ

ବାସେଲ,୨୩।୮ (ପି.ଟି.)

ବ୍ୟାଡ୍‌ମିଣ୍ଟନ ୱାର୍ଲ୍ଡ ଫେଡେରେଶନ (ବିଡବ୍ଲ୍ୟୁଏଫ୍) ୱାର୍ଲ୍ଡ ଚାମ୍ପିୟନଶିପ୍‌ରେ ଭାରତର ପି.ଭି. ସିନ୍ଧୁ ଏବଂ ବି. ସାଇ ପ୍ରଣୀଥ୍ ସେମାନଙ୍କ ପଦକ ପକ୍କା କରିଛନ୍ତି। ଶୁକ୍ରବାର ସେ ଏକ ମହିଳା ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲ ମ୍ୟାଚରେ ଚାଇନିଜ ତାଇପେର ଏସିଆନ ଗେମ୍ସ ସ୍ୱର୍ଣ୍ଣ ବିଜୟିନୀ ତାଇ ତିଜୁ ୟିଙ୍ଗ୍‌ଙ୍କୁ ୧୨–୨୧, ୨୩–୨୧, ୨୧–୧୯ରେ ହରାଇ ଦେଇଛନ୍ତି। ୨୪ ବର୍ଷୀୟା ଭାରତୀୟ ଖେଳାଳି ଶନିବାର ସେମିଫାଇନାଲରେ ଚାଇନାର ଚେନ୍ ୟୁ ଫେଇ ଏବଂ ଡେନମାର୍କର ମିଆ ବ୍ଲିଚଫିଲ୍ଡଙ୍କ ମଧ୍ୟରେ ଖେଳାଯିବାକୁଥିବା ମ୍ୟାଚର ବିଜେତାଙ୍କୁ ଭେଟିବେ। ଏହି ସମ୍ମାନଜନକ ଟୁର୍ନାମେଣ୍ଟ ଗତ ଦୁଇଟି ସଂସ୍କରଣରେ ସିନ୍ଧୁ ରୌପ୍ୟ ଜିତି ଆସିଛନ୍ତି। ଏହାଛଡ଼ା ପୂର୍ବରୁ ସେ ଦୁଇଟି ବ୍ରୋଞ୍ଜ ପଦକ ମଧ୍ୟ ହାସଲ କରି ସାରିଛନ୍ତି। ଅନ୍ୟପକ୍ଷରେ ପ୍ରଣୀଥ୍ ୩୬ ବର୍ଷରେ ପ୍ରଥମ ଭାରତୀୟ ପୁରୁଷ ଖେଳାଳି ଭାବେ ଏହି ସମ୍ମାନଜନକ ଟୁର୍ନାମେଣ୍ଟରେ ପଦକ ହାସଲ କରିବାକୁ ଯାଉଛନ୍ତି। ବିଶ୍ୱର ୧୯ନମ୍ବର ର୍‍ୟାଙ୍କିଙ୍ଗପ୍ରାପ୍ତ ଏହି ଖେଳାଳି କ୍ୱାର୍ଟର ଫାଇନାଲରେ ବିଶ୍ୱର ୪ ନମ୍ବର ମାନ୍ୟତାପ୍ରାପ୍ତ ତଥା ଇଣ୍ଡୋନେସିଆର ଜୋନାଥନ କ୍ରିଷ୍ଟିଙ୍କୁ ୨୪–୨୨, ୨୧–୧୪ରେ ପରାସ୍ତ କରିଛନ୍ତି। ବ୍ୟାଡମିଣ୍ଟନ କିମ୍ବଦନ୍ତୀ ପ୍ରକାଶ ପାଦୁକୋନ୍ ପ୍ରଥମ ଭାରତୀୟ ଖେଳାଳି ଭାବେ ୧୯୮୩ ବିଶ୍ୱ ଚାମ୍ପିୟନଶିପ୍ ପୁରୁଷ ସିଙ୍ଗଲ୍ସରେ ଏକ ବ୍ରୋଞ୍ଜ ପଦକ ଜିତିଥିଲେ। ସୂଚନାଯୋଗ୍ୟ, ପ୍ରଣୀଥ୍ ୨୦୧୭ରେ ସିଙ୍ଗାପୁର ଓପନ ଜିତିଥିବାବେଳେ ଚଳିତବର୍ଷ ପ୍ରାରମ୍ଭରେ ସୁଇସ୍ ଓପନ୍‌ରେ ରନର୍ସଅପ୍ ହୋଇଛନ୍ତି।

### ସାଇନାଙ୍କ ଅଭିଯାନ ଶେଷ

ଅଲିମ୍ପିକ୍ ବ୍ରୋଞ୍ଜ ପଦକଧାରୀ ସାଇନା ନେହ୍ୱାଲଙ୍କ ଅଭିଯାନ ପ୍ରି–କ୍ୱାର୍ଟର ଫାଇନାଲରୁ ଶେଷ ହୋଇଛି। ୩ ଗେମ୍ ବିଶିଷ୍ଟ ମ୍ୟାଚ୍‌ରେ ସାଇନାଙ୍କୁ ୧୨ତମ ସିଡ୍ ମିଆ ବ୍ଲିଚ୍‌ଫିଲ୍ଡ ପରାସ୍ତ କରିଛନ୍ତି। ୮ମ ସିଡ୍ ଭାରତୀୟ ଶଟଲର ୨୧–୧୫, ୨୫–୨୭, ୧୨–୨୧ ଗେମ୍‌ରେ ମ୍ୟାଚ୍ ହାରିଛନ୍ତି। ଏହି ମାରାଥନ ମ୍ୟାଚ୍ ଏକ ଘଣ୍ଟା ୧୨ ମିନିଟ ଧରି ଚାଲିଥିଲା। ପୂର୍ବରୁ ସାଇନା ଏହି ସମ୍ମାନଜନକ ଟୁର୍ନାମେଣ୍ଟରେ ଗୋଟିଏ ଲେଖାଏ ରୌପ୍ୟ ଓ ବ୍ରୋଞ୍ଜ ପଦକ ହାସଲ କରିଥିଲେ।



ପି.ଭି. ସିନ୍ଧୁ



ବି. ସାଇ ପ୍ରଣୀଥ

## ପୁଣି ଆସିଲା ବୟସ ଜାଲିଆତି ଅଭିଯୋଗ

କଟକ ଅଫିସ,୨୩।୮

ପୁଣି ଥରେ ବୟସ ଜାଲିଆତିର ଅଭିଯୋଗ ଓଡ଼ିଶା କ୍ରିକେଟ ଖେଳାଳିଙ୍କ ଉପରେ ଉଠିଛି। ସିନିୟର ବର୍ଗରୁ ପ୍ରତିନିଧିତ୍ୱ କରି ଗତ ରଣଜୀ ସିଜନରେ ଚମତ୍କାର ପ୍ରଦର୍ଶନ କରିଥିବା ଡାହାଣହାତୀ ପେସ ବୋଲର ରାଜେଶ ମହାନ୍ତି ଭିନ୍ନ ଭିନ୍ନ ବୟସ ପ୍ରମାଣ ପତ୍ର ଦାଖଲ କରିଛନ୍ତି ବୋଲି ଅଭିଯୋଗ ହୋଇଛି। ଅଖିଳ ଭାରତ ଭ୍ରଷ୍ଟାଚାର ବିରୋଧୀ ସଙ୍ଗଠନ ପକ୍ଷରୁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର କାର୍ଯ୍ୟନିର୍ବାହୀ ଅଧିକାରୀ ଓ ବିଚାରପତି ଡି.କେ. ଜୈନଙ୍କ ନିକଟରେ ଏ ସଂକ୍ରାନ୍ତୀୟ ଅଭିଯୋଗ ପତ୍ର ଦାଖଲ କରାଯାଇଛି ବୋଲି ସଙ୍ଗଠନର ଆବାହକ ଆଇନଜୀବୀ ସୁବ୍ରତ କୁମାର ନନ୍ଦ ସୂଚନା ଦେଇଛନ୍ତି। ରାଜେଶ ୨୦୧୫ ମସିହାରେ ଦାଖଲ କରିଥିବା ବୟସ ପ୍ରମାଣପତ୍ର ଓ ବର୍ତ୍ତମାନର ବୟସ ପ୍ରମାଣପତ୍ର ମଧ୍ୟରେ ତାରତମ୍ୟ ରହିଛି। ଏପରିକି ସେ ସତ୍ୟପାଠରେ ଦାଖଲ କରିଥିବା ବୟସ ପ୍ରମାଣପତ୍ର ମଧ୍ୟ ଜାଲ ବୋଲି ଅଭିଯୋଗରେ ଦର୍ଶାଯାଇଛି। ଓସିଏର କାର୍ଯ୍ୟକଳାପ ଉପରେ ସିବିଆଇ ତଦନ୍ତ ହେଉ ବୋଲି ଆବାହକ ନନ୍ଦ ଦାବି କରିଛନ୍ତି।

# ଦ୍ୱିତୀୟ ଟେଷ୍ଟ: ଶ୍ରୀଲଙ୍କା ୧୪୪/୬

କଲମ୍ବୋ, ୨୩।୮ (ଏଏଫ୍‌ପି)

ସ୍ଥାନୀୟ ପି. ସାର ଓଭାଲ ଗ୍ରାଉଣ୍ଡରେ ଶ୍ରୀଲଙ୍କା ଓ ଭ୍ରମଣକାରୀ ନ୍ୟୁଜିଲାଣ୍ଡ ମଧ୍ୟରେ ଚାଲିଥିବା ଦ୍ୱିତୀୟ ଟେଷ୍ଟ ମ୍ୟାଚ୍‌ର ଦ୍ୱିତୀୟ ଦିନ ପ୍ରଥମ ଦିବସ ଭଳି ବର୍ଷା ଯୋଗୁ ବାଧାପ୍ରାପ୍ତ ହୋଇଛି। ଦ୍ୱିତୀୟ ଦିନ ଖେଳ ଶେଷ ସୁଦ୍ଧା ଶ୍ରୀଲଙ୍କା ୬୬ ଓଭରରେ ୬ ଉଇକେଟ ହରାଇ ୧୬୬ ରନ ସଂଗ୍ରହ କରିଛି। ଷ୍ଟମ୍ପ ଅପସାରଣ ବେଳକୁ ଧନଞ୍ଜୟ ଡିସିଲଭା ୩୨ ଓ ଦିଲରୁୱାନ ପେରେରା ୫ ରନ କରି ଅପରାଜିତ ରହିଛନ୍ତି। ବର୍ଷା କାରଣରୁ ପ୍ରଥମ ଦିନରେ ୩୬.୩ ଓଭର ଖେଳ ସମ୍ଭବପର ହୋଇଥିଲା। ସେହିପରି ଶୁକ୍ରବାର ଦ୍ୱିତୀୟ ଦିନରେ ୩୫.୩ ଓଭର ଖେଳ ସମ୍ଭବ ହୋଇଥିଲା।

ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୮୫/୨ରୁ ଶ୍ରୀଲଙ୍କା ଖେଳ ଆରମ୍ଭ କରିଥିଲା। ଓଭରନାଇଟ ବ୍ୟାଟ୍ସମ୍ୟାନ ତଥା ଓପନର ଦିମୁଥ କରୁଣାରତ୍ନେ ୪୯ରୁ ଖେଳ ଆରମ୍ଭ କରି ୬୫ ରନର ଅର୍ଦ୍ଧଶତକୀୟ ପାଳି ଖେଳି ଆଉଟ ହୋଇଥିଲେ। ସେହିପରି ଅଲରାଉଣ୍ଡର ଆଞ୍ଜେଲୋ ମାଥ୍ୟୁସ ବିନା ସ୍କୋରରୁ ଖେଳ ଆରମ୍ଭ କରି ମାତ୍ର ୨ ରନ କରି ପ୍ୟାଭିଲିୟନ ଫେରିଥିଲେ। ଉଇକେଟକିପର ବ୍ୟାଟ୍ସମ୍ୟାନ କୁଶଲ ପେରେରା ଖାତା ଖୋଲିବା ପୂର୍ବରୁ ଆଉଟ ହୋଇଥିଲେ। ଏହାପରେ ନିରୋଶାନ ଡିକ୍‌ୱାଲେ ମଧ୍ୟ କୌଣସି ରନ ନ କରି ପ୍ୟାଭିଲିୟନ ଫେରିଥିଲେ। ବୋଲିଂରେ ନ୍ୟୁଜିଲାଣ୍ଡ ତରଫରୁ ଟ୍ରେଣ୍ଟ ବୋଲ୍ଟ ଓ ଟିମ୍ ସୌଦି ୨ଟି ଲେଖାଏ ଏବଂ କଲିନ ଡି ଗ୍ରାଣ୍ଡହୋମ ଓ ୱିଲିୟମ ସମରଭିଲେ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ଗୁରୁବାର ପ୍ରଥମ ଦିନରେ ଓପନର ଲାହିରୁ ଥିରିମାନେ ୨ ଓ କୁଶଲ ମେଣ୍ଡିସ୍ ୩୨ ରନ କରି ପ୍ୟାଭିଲିୟନ ଫେରିଥିଲେ। ଦୁଇ ମ୍ୟାଚ୍‌ବିଶିଷ୍ଟ ଏହି ଟେଷ୍ଟ ସିରିଜର ପ୍ରଥମ ମୁକାବିଲାରେ ଶ୍ରୀଲଙ୍କା ୬ ଉଇକେଟରେ ବିଜୟୀ ହୋଇଥିଲା ଓ ୧–୦ରେ ଅଗ୍ରଣୀ ହାସଲ କରିଥିଲା।

**ସଂକ୍ଷିପ୍ତ ସ୍କୋର:**

ଶ୍ରୀଲଙ୍କା ପ୍ରଥମ ଇନିଂସ– ୬୬ ଓଭରରେ ୧୪୪/୬ (କରୁଣାରତ୍ନେ– ୬୫, ମେଣ୍ଡିସ– ୩୨, ଡିସିଲଭା– ୩୨*, ପେରେରା– ୫*, ବୋଲ୍ଟ– ୨/୩୩, ସୌଦି– ୨/୪୦, ଗ୍ରାଣ୍ଡହୋମ– ୧/୩୫, ସମରଭିଲେ– ୧/୨୦)।

## ନେତା ଲୁକ୍‌ରେ ଧୋନୀ

ନୂଆଦିଲ୍ଲୀ,୨୩।୮ (ପିଟି)

ପୂର୍ବତନ ଭାରତୀୟ ଅଧିନାୟକ ମହେନ୍ଦ୍ର ସିଂ ଧୋନୀଙ୍କୁ ଯବାନଙ୍କ ସହ ଟ୍ରେନିଂରୁ ଫେରିବା ପରେ ଏକ ନୂଆ ଲୁକ୍‌ରେ ଦେଖିବାକୁ ମିଳିଛି। ଏକ ବିଜ୍ଞାପନରେ ଧୋନୀ ନେତା ଭୂମିକାରେ ଅବତୀର୍ଣ୍ଣ ହୋଇଛନ୍ତି। ଏଥିରେ ସେ କୁର୍ତ୍ତା ଓ ଗାନ୍ଧୀଙ୍କ ଟୋପି ପିନ୍ଧିଛନ୍ତି। କେବଳ ଏତିକି ନୁହେଁ, ସେ ରାଜନେତାଙ୍କ ଭଳି ଦୁଇ ହାତ ଉପରକୁ ଟେକି ନମସ୍କାର କରିଛନ୍ତି। ଧୋନୀଙ୍କ ଏହି ଲୁକ୍ ସୋସିଆଲ ମିଡିଆରେ ଭାଇରାଲ ହୋଇଯାଇଛି। ଉକ୍ତ ଫଟୋର କ୍ୟାପ୍‌ଶନରେ ଲେଖାଯାଇଛି, ଯେଉଁଠାରେ ଜନତା ସେଠାରେ ଆମେ। ଉଲ୍ଲେଖଥାଉ କି, ଆଇସିସି ବିଶ୍ୱକପ୍ ସେମିଫାଇନାଲରୁ ଭାରତ ପରାସ୍ତ ହୋଇ ଫେରିବା ପରେ ଧୋନୀଙ୍କ ଅବସର ନେଇ ଅନିଶ୍ଚିତତା ଜାରିରହିଛି। ଦକ୍ଷିଣ ଆଫ୍ରିକା ବିପକ୍ଷ ଟି୨୦ ସିରିଜ୍ ପୂର୍ବରୁ ସେ ଖୁବ୍‌ଶୀଘ୍ର ଦଳ ସହ ଯୋଡ଼ି ହେବେ ବୋଲି ଆଶା କରାଯାଉଛି।

# କ୍ୱାର୍ଟର ଫାଇନାଲରେ ପ୍ରମୋଦ

## ବିଶ୍ୱ ପାରାବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍

ଭୁବନେଶ୍ୱର, ୨୩।୮ (କ୍ରୀଡ଼ା ପ୍ରତିନିଧି)

ସୁଇଜରଲାଣ୍ଡର ବାସେଲଠାରେ ଚାଲିଥିବା ବିଶ୍ୱ ପାରାବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍‌ର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି ଓଡ଼ିଶାର ପ୍ରମୋଦ ଭଗତ। ବ୍ୟାଡ୍‌ମିଣ୍ଟନ ୱାର୍ଲ୍ଡ ଫେଡେରେଶନ (ବିଡବଲ୍ୟୁଏଫ) ଆନୁକୂଲ୍ୟରେ ଆୟୋଜିତ ହେଉଥିବା ଏହି ପ୍ରତିଯୋଗିତାର ସିଙ୍ଗଲ୍ସ ପ୍ରି–କ୍ୱାର୍ଟରରେ ପ୍ରମୋଦ ଚାଇନାର ଚେନ୍ ସୈ ସୈଆଉଙ୍କୁ ୨୧–୧୫, ୨୧–୧୨ ପଏଣ୍ଟରେ ପରାସ୍ତ କରିଛନ୍ତି। କ୍ୱାର୍ଟର ଫାଇନାଲରେ ସେ ଭାରତର ଅନ୍ୟତମ ଖେଳାଳି ବିକ୍ରମ କୁମାରଙ୍କୁ ଭେଟିବେ। ପ୍ରତିଦ୍ୱନ୍ଦ୍ୱୀ କେନିୟା ଖେଳାଳି ଓହରି ଯିବାରୁ ସିଙ୍ଗଲ୍ସର ପ୍ରଥମ ମ୍ୟାଚରେ ୱାକଓଭର ପାଇ ପ୍ରମୋଦ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଥିଲେ। ଦ୍ୱିତୀୟ ମ୍ୟାଚରେ ସେ ଥାଇଲାଣ୍ଡର ମଙ୍ଗ୍‌ନ୍ ଭୁସୁନଙ୍କୁ ୨୬–୨୪, ୨୧–୧୭ରେ ହରାଇ ପ୍ରି–କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲେ। ସିଙ୍ଗଲ୍ସ ପରି ଡବଲ୍ସରେ ମଧ୍ୟ ପ୍ରମୋଦ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ମନୋଜ ସରକାରଙ୍କୁ ସାଥିକରି ଖେଳିଥିବା ପ୍ରମୋଦ ଇଂଲଣ୍ଡ–ସ୍କଟଲାଣ୍ଡ ଯୋଡ଼ି ଆଣ୍ଟୋନୀ ଫରେଷ୍ଟର ଓ କଲିନ ଲେସ୍କିଙ୍କୁ ପରାସ୍ତ କରିଛନ୍ତି। କ୍ୱାର୍ଟର ଫାଇନାଲରେ ଭାରତୀୟ ଯୋଡ଼ି ଜର୍ମାନୀର ନିକୋଲସ ପୋଟ୍ ଓ ପାସଲ ୱୋଲଟରଙ୍କୁ ଭେଟିବେ। ପ୍ରକାଶ ଯୋଗ୍ୟ ଯେ, ଚଳିତବର୍ଷ ବ୍ୟାଡ୍‌ମିଣ୍ଟନ ଓ ପାରାବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍‌କୁ ଏକସଙ୍ଗେ ଗୋଟିଏ ସ୍ଥାନରେ ଆୟୋଜନ କରାଯାଇଛି। ଏଥିରେ ଭାରତ ପକ୍ଷରୁ ୨୨ ବ୍ୟାଡ୍‌ମିଣ୍ଟନ ଓ ୨୪ ପାରାବ୍ୟାଡ୍‌ମିଣ୍ଟନ ଖେଳାଳି ଭାଗ ନେଇଛନ୍ତି। ଓଡ଼ିଶାର ଏକମାତ୍ର ଖେଳାଳିଭାବେ ପ୍ରମୋଦ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରୁଛନ୍ତି। ପ୍ରତି ୨ ବର୍ଷରେ ହେଉଥିବା ପାରାବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍‌ର ୨୦୧୭ ସଂସ୍କରଣରେ ପ୍ରମୋଦ ସେମିଫାଇନାଲରେ ପରାଜିତ ହୋଇ ବ୍ରୋଞ୍ଜ ପଦକରେ ସନ୍ତୁଷ୍ଟ ହୋଇଥିଲେ। ଏଥର ଯଦି ସେ ଚାମ୍ପିୟନ ହୁଅନ୍ତି ତେବେ ୨୦୨୦ ଅଲିମ୍ପିକ୍ସ ପାଇଁ ଦାବିଦାରି ଦୃଢ଼ ହୋଇଯିବ।



ପ୍ରମୋଦ ଭଗତ


## ମନେ ପଡ଼ନ୍ତି

### ଦଶାହ ଅବସରରେ



**ସ୍ୱର୍ଗତ କୈଳାସ ନାଥ ରଥ**

ଜେନାରୀ ଗଛ ଛକ, ଦୋଳମଣ୍ଡପ ସାହି, ପୁରୀ
ଆବିର୍ଭାବ: ୧୦।୧୦।୧୯୪୭
ତିରୋଧାନ: ୧୫।୦୮।୨୦୧୯
(ପବିତ୍ର ରାକ୍ଷୀ ପୂର୍ଣ୍ଣିମା)


ଆଜି ଦଶାହ ଅବସରରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣରେ ବିନମ୍ର ପ୍ରାର୍ଥନା କରୁଛୁ। ଆପଣଙ୍କ ସ୍ନେହ, ଶ୍ରଦ୍ଧା ଓ ପରୋପକାରିତା ଆମ୍ଭମାନଙ୍କ ପାଇଁ ଦିଗ୍‌ଦର୍ଶନ ହୋଇ ରହିବ।

**ହତଭାଗ୍ୟ ଶୋକସନ୍ତପ୍ତ:**

ପୁତ୍ର– ସବ୍ୟସାଚୀ ରଥ, ବୋହୂ– ଆରତୀ ଆଚାର୍ଯ୍ୟ, କନ୍ୟା– ସସ୍ମିତା ରଥ, ଜ୍ୱାଇଁ– ଦିବ୍ୟସିଂହ ମିଶ୍ର, ନାତୁଣୀ– ଅଦିତି ରଥ, ଆଦିଶା ମିଶ୍ର ଓ ପରିବାରବର୍ଗ

ଧ–୬୩୮୩

### ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ କୁଞ୍ଜବିହାରୀ ତ୍ରିପାଠୀ**

ଭୁବନେଶ୍ୱର, ଆଚାର୍ଯ୍ୟ ବିହାର, M5/23
ଆବିର୍ଭାବ: ୦୯।୦୫।୧୯୩୬
ତିରୋଧାନ: ୨୪।୦୮।୨୦୧୫


ବାପା, ତୁମର ପବିତ୍ର ଆତ୍ମାର ଶାନ୍ତି ଓ ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ପ୍ରାର୍ଥନା। ତୁମର ଶୂନ୍ୟତା ଆମ ପାଇଁ ଅପୂରଣୀୟ। ତୁମର ସ୍ମୃତି ଚିର ସ୍ମରଣୀୟ।

**ଶ୍ରଦ୍ଧାଞ୍ଜଳି ସହ:**

ଝିଅ, ଜ୍ୱାଇଁ– କୁକୁ ଓ ଟୁଟୁ, ନିତୁ ଓ ରାମ
ପୁଅ, ବୋହୂ– ବାବୁନା ଓ ମାମୁନୀ
ନାତି– କୁଟୁ, ଡୁକି ଓ ଫୁକି
ନାତୁଣୀ– ପ୍ରାଚୀ, ଶୈବୀ, ନୈଶା
ବନ୍ଧୁ ଓ ପରିବାରବର୍ଗ

ଧ–୧୪୦୨୦

### ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ଲୋକନାଥ ସେନାପତି**

କଣ୍ଟାପଡା, କଟକ
ଆବିର୍ଭାବ: ୦୮।୦୧।୧୯୫୫
ତିରୋଧାନ: ୧୧।୦୮।୨୦୧୯

ଆପଣଙ୍କର ଅମରାତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।

**ଶୋକସନ୍ତପ୍ତ:**

ସ୍ତ୍ରୀ, ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତିନାତୁଣୀ, ବନ୍ଧୁ ଓ ପରିବାରବର୍ଗ।

ଧ–୧୩୯୬୯

### ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ଷୋଳତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



**√ ଜ୍ୟୋସ୍ନା ରାଣୀ ପତି**

ଆବିର୍ଭାବ– ୦୮.୦୮.୧୯୭୮ (ରାକ୍ଷୀ ପୂର୍ଣ୍ଣିମା)
ତିରୋଧାନ– ୨୦.୦୮.୨୦୦୩ (ଜନ୍ମାଷ୍ଟମୀ)

ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା

**ଶୋକ ସନ୍ତପ୍ତ**

ତୁମର– ଚନ୍ଦ୍ରଶେଖର,ଫୁଟୁ,ପାପୁଲା,ଝୁନୁ,ମିତା, ଚିଭ, ତିତୁନା,ପ୍ରୀତ୍ମ,ରିମୁନ,ସାହେବ,ନାନ୍‌ସୀ,ଆର୍ଚି ଓମ୍,ନବାବ୍,ସମ୍ରାଟ,ଅଞ୍ଜେଲ ଓ ପତି ପରିବାର

ଧ–୧୪୦୧୬

# ମହିଳା କର୍ମଚାରୀଙ୍କଠାରୁ ୯୨ ହଜାର ଟଙ୍କା ଲୁଟ୍

ପାଟଣା,୨୩।୮(ସ୍ୱ.ପ୍ର.)

କେନ୍ଦୁଝର ଜିଲା ପାଟଣା ବ୍ଲକ ତୁରୁମୁଙ୍ଗା ଦେଇ ଯାଇଥିବା ୪୯ ନମ୍ବର ଜାତୀୟ ରାଜପଥର ଡାବରଚୁଆ ନିକଟରେ ଶୁକ୍ରବାର ଅପରାହ୍ନ ଭାରତ ଫାଇନାନ୍ସ କମ୍ପାନୀର ଜଣେ ମହିଳା କର୍ମଚାରୀଙ୍କଠାରୁ ୨ଜଣ ଦୁର୍ବୃତ୍ତ ୯୨ ହଜାର ଟଙ୍କା ଲୁଟି ନେଇଛନ୍ତି। ସେମାନେ ପିସ୍ତଲ ଦେଖାଇ ଏହି ଟଙ୍କା ଲୁଟ୍ କରିଥିବା ନେଇ ତୁରୁମୁଙ୍ଗା ଥାନାରେ ଅଭିଯୋଗ ହୋଇଛି। ଥାନା ଅଧିକାରୀ ଅମିତାଭ ଦାଶ ଏକ ମାମଲା(ନଂ. ୮୪/୧୯) ରୁଜୁ କରି ତଦନ୍ତ ଜାରି ରଖିଛନ୍ତି। ଦୁର୍ବୃତ୍ତମାନେ ଟଙ୍କା ଲୁଟି କେନ୍ଦୁଝର ଆଡ଼କୁ ଚାଲି ଯାଇଥିବା କୁହାଯାଉଛି। ତୁରୁମୁଙ୍ଗା ପୋଲିସ ସମସ୍ତ ଥାନାକୁ ଖବର କରି ବିଭିନ୍ନ ରାସ୍ତା ଅବରୋଧ କରି ତଦନ୍ତ କରୁଥିଲେ ମଧ୍ୟ ଲୁଟେରାଙ୍କ କୌଣସି ଟେର୍ ପାଇ ନାହିଁ। ଅଭିଯୋଗ ଅନୁଯାୟୀ କେନ୍ଦୁଝରସ୍ଥିତ ଭାରତ ଫାଇନାନ୍ସ କମ୍ପାନୀର କର୍ମଚାରୀ ପୁଷ୍ପଲତା ନାଏକ ହୀରାପଶି ଗାଁରୁ ଗ୍ରାହକଙ୍କଠାରୁ ୯୨ ହଜାର ଟଙ୍କା ଆଦାୟ କରି ନିଜ ସ୍କୁଟିରେ କେନ୍ଦୁଝର ଅଭିମୁଖେ ଯାଉଥିଲେ। ଖିରେଇ ଟାଙ୍ଗିରି ପାର୍ଶ୍ୱରୁ ଏକ ବାଇକ୍‌ରେ ଦୁଇ ଜଣ ହେଲମେଟ ପିନ୍ଧିଥିବା ଦୁର୍ବୃତ୍ତ ଆସି ଡ଼ାବରଚୁଆ ନିକଟରେ ପୁଷ୍ପଲତାଙ୍କୁ ଅଟକାଇ ପିସ୍ତଲ ଦେଖାଇବା ସହ ତାଙ୍କୁ ମାଡ଼ ମାରି ଟଙ୍କା ଲୁଟି ନେଇଥିଲେ। ଏହ ଅଞ୍ଚଳରେ ଲୁଟେରାଙ୍କ ଉପଦ୍ରବ ବୃଦ୍ଧି ପୋଲିସର ନିଦ ହଜାଇଛି।

# ପୋଖରୀରୁ ମିଳିଲା ନିଖୋଜ ଯୁବକଙ୍କ ମୃତଦେହ

ତିହିଡ଼ି, ୨୩।୮ (ଡି.ଏନ.ଏ.)

ଭଦ୍ରକ ଜିଲା ତିହିଡ଼ି ଥାନା ଅନ୍ତର୍ଗତ ଦୋଳସାହି ପଞ୍ଚାୟତ ରାଢ଼ଙ୍ଗ ଗ୍ରାମର ଜଣେ ନିଖୋଜ ଯୁବକଙ୍କ ମୃତଦେହ ଶୁକ୍ରବାର ପୋଲିସ ଗ୍ରାମ ନିକଟସ୍ଥ ଏକ ପୋଖରୀରୁ ଉଦ୍ଧାର କରିଛି। ମୃତ ଯୁବକଙ୍କ ନାଁ ସଞ୍ଜୀବ ନାୟକ(୨୪)। ପୋଲିସ ଏହି ଘଟଣାରେ ଏକ ଅପମୃତ୍ୟୁ ମାମଲା (ନଂ. ୩୮/୧୯) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି। ଉଲ୍ଲେଖନୀୟ ଯେ, ଗତ ୨୧ ତାରିଖରୁ ସଞ୍ଜୀବ କେଉଁଆଡ଼େ ନିଖୋଜ ହୋଇଯାଇଥିଲେ। ପରିବାର ଲୋକ ବହୁ ଖୋଜାଖୋଜି କରିବା ପରେ ମଧ୍ୟ ତାଙ୍କର ସନ୍ଧାନ ପାଇ ନ ଥିଲେ। ଶୁକ୍ରବାର ସକାଳେ ପୋଖରୀରେ ତାଙ୍କ ମୃତଦେହ ଭାସୁଥିବା ଦେଖି ଗ୍ରାମବାସୀ ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅଗ୍ନିଶମ କର୍ମଚାରୀଙ୍କ ସହାୟତାରେ ପୋଖରୀରୁ ମୃତଦେହ ଉଦ୍ଧାର କରିଥିଲା। ତେବେ ସଞ୍ଜୀବଙ୍କର କିପରି ମୃତ୍ୟୁ ଘଟିଲା ସେ ନେଇ ପୋଲିସ ତଦନ୍ତ ଚଳାଇଛି।

# ମାଙ୍ଗାନିଜ ବୋଝେଇ ମାର୍ଶାଲ ଗାଡ଼ି ଜବତ

ବଡବିଲ,୨୩।୮ (ସ୍ୱ.ପ୍ର.)

କେନ୍ଦୁଝର ଜିଲା ରୁଗୁଡି ଥାନା ପୋଲିସ ବୁଧବାର ବିଳମ୍ବିତ ରାତିରେ ଏକ ମାଙ୍ଗାନିଜ ବୋଝେଇ ମାର୍ଶାଲ ଗାଡିକୁ ଜବତ କରିଛି। ଏହି ଘଟଣାରେ ପୋଲିସ ରୋଇଡା ଅଞ୍ଚଳର ଦିଲୀପ ମୁଣ୍ଡାଙ୍କୁ ଗିରଫ କରି ଅଧିକ ତଦନ୍ତ କରୁଛି। ରୁଗୁଡି ଥାନା ଅନ୍ତର୍ଗତ ସିଦ୍ଧମଠ ସଂରକ୍ଷିତ ଜଙ୍ଗଲରୁ ମାଙ୍ଗାନିଜ ଚୋରାଚାଲାଣ ହେଉଥିବା ଖବର ପାଇ ପୋଲିସ ଚଢାଉ କରିଥିଲା। ଘଟଣାସ୍ଥଳରୁ ମାଙ୍ଗାନିଜ ବୋଝେଇ ମାର୍ଶାଲ ଗାଡିକୁ ଜବତ କରାଯିବା ବେଳେ ଜଣଙ୍କୁ ଧରାଯାଇଥିଲା। ଅନ୍ୟଅଭିଯୁକ୍ତମାନେ ଖସି ପଳାଇ ଯାଇଥିଲେ।













3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ-ତଥାଗତ ସତପଥୀ






ରାଧାକୃଷ୍ଣ, ଗୋପାଳ, ଗୋପାଳୁଣୀ ବେଶରେ ନୟାଗଡ଼, ଗଣିଆ, ରଣପୁର ଓ ଖଣ୍ଡପଡ଼ା ଅଞ୍ଚଳର ଛାତ୍ରୀଛାତ୍ରମାନେ ।

# ରାଧାକୃଷ୍ଣ ବେଶରେ ସାହି ବୁଲିଲେ ଛାତ୍ରୀଛାତ୍ର

**ନୟାଗଡ଼ ଅଫିସ, ୨୩।୮**

ନୟାଗଡ଼ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପକ୍ଷରୁ ଶୁକ୍ରବାର ସହରସ୍ଥିତ ଜଗନ୍ନାଥ ମନ୍ଦିର ପରିସରରେ ଜନ୍ମାଷ୍ଟମୀ ପାଳିତ ହୋଇଯାଇଛି। ବିଶ୍ୱ ହିନ୍ଦୁ ପରିଷଦ ସଭାପତି ଭଗବାନ ସାହୁ ଯୋଗଦେଇ ଜନ୍ମାଷ୍ଟମୀର ମହତ୍ତ୍ୱ ବିଷୟରେ ବୁଝାଇଥିଲେ। କୃଷ୍ଣ, ବଳରାମ, ରାଧା, କଂସ, ସୁଦାମା, ସୁବଳ, ନନ୍ଦ, ଯଶୋଦା ବେଶରେ ଆସିଥିବା ଶିଶୁ ଭଉଣୀ ଭାଇମାନଙ୍କୁ ଅଭିଭାବକ ମା'ମାନେ ବନ୍ଦାପନା କରିଥିଲେ। ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରୁ ବେଶଧାରୀ ଛାତ୍ରୀଛାତ୍ରଙ୍କ ସହ ଏକ ସଂକୀର୍ତ୍ତନମଣ୍ଡଳୀ ବାହାରି ଦକ୍ଷିଣକାଳୀ ମନ୍ଦିର ପର୍ଯ୍ୟନ୍ତ ଯାଇଥିଲେ। ବିଦ୍ୟାଳୟର ପ୍ରଧାନା ଆଚାର୍ଯ୍ୟ ଅମ୍ବିକା ପ୍ରସାଦ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ପରିଚାଳନା ସମିତି ସଦସ୍ୟମାନେ ସହଯୋଗ କରିଥିଲେ।

**ଗଣିଆ, (ଡି.ଏନ.ଏ.)**

ପ୍ରତିବର୍ଷ ଭଳି ଚଳିତ ବର୍ଷ ଗଣିଆ ସରସ୍ୱତୀ ଶିଶୁ ମନ୍ଦିର ପରିସରରେ ଶୁକ୍ରବାର ଭଗବାନ ଶ୍ରୀକୃଷ୍ଣଙ୍କର ଜନ୍ମୋତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ଶିଶୁ ମନ୍ଦିରର କୁନି କୁନି ଛାତ୍ରୀଛାତ୍ରଙ୍କୁ ରାଧାକୃଷ୍ଣ ଓ ଗୋପୀଗୋପାଳ ବେଶରେ ସୁସଜ୍ଜିତ କରାଯାଇ ସକାଳୁ ଗଣିଆ ଗ୍ରାମ ଓ ବଜାର ପରିକ୍ରମା କରାଯାଇଥିଲା । ବେଶଧାରୀ ପିଲାମାନେ ଶ୍ରୀ ଶ୍ରୀ ରଘୁନାଥଜୀଉ ମନ୍ଦିରକୁ ଯାଇ ଠାକୁରଙ୍କ ଦର୍ଶନ କରିଥିଲେ । ପରେ ଶିଶୁମନ୍ଦିର ପରିସରରେ ଶିଶୁପ୍ରତିଭାମାନଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ ଗଣିଆ ପୋଷ୍ଟମାଷ୍ଟର ସନ୍ତୋଷ କୁମାର ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଶିଶୁ ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ନିରଞ୍ଜନ ମହାପାତ୍ର, ସମ୍ପାଦକ ଦାଶରଥୀ ସାହୁ, ଆଚାର୍ଯ୍ୟ ପ୍ରତିନିଧି ପ୍ରତାପ କୁମାର ବେହେରା, ଶିଶୁ ମନ୍ଦିରର ପୂର୍ବତନ ସଭାପତି ଗିରିଶ କୁମାର ମିଶ୍ର, ପରିଚାଳନା କମିଟିର ସଦସ୍ୟ ବୃନ୍ଦ ଓ ସମସ୍ତ ଗୁରୁଜୀ ଗୁରୁମା ଉପସ୍ଥିତ ଥିଲେ । ସେହିପରି ଜନ୍ମାଷ୍ଟମୀ ଉପଲକ୍ଷେ ଗଣିଆ ଅଞ୍ଚଳର ଗଣିଆ, ମାଳତିପୁଟ, କୁମ୍ଭିରଖଣୀ, ରାସଙ୍ଗ, କାଦୁଆ, ଛାମୁଣ୍ଡିଆ ଓ ହରିପୁରଠାରେ ଥିବା ଶ୍ରୀରାଧାକୃଷ୍ଣ ମନ୍ଦିରରେ ଠାକୁରଙ୍କ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।

**ରଣପୁର, (ସ୍ୱ.ପ୍ର.)**

ଭାଦ୍ରବ କୃଷ୍ଣପକ୍ଷ ଅଷ୍ଟମୀ ତିଥି । ଏହି ଦିନରେ ଧରା ପୃଷ୍ଠରେ ଜନ୍ମ ନେଇଥିଲେ ପ୍ରଭୁ ଶ୍ରୀକୃଷ୍ଣ । ଶୁକ୍ରବାର ଜନ୍ମାଷ୍ଟମୀ ଉପଲକ୍ଷେ ଗାଁ ଠାରୁ ସହର ଉତ୍ସବ ମୁଖର ହୋଇ ଉଠିଛି । ରଣପୁର ଜଗନ୍ନାଥ ମନ୍ଦିରରେ ଭକ୍ତିମୟ ପରିବେଶ ଦେଖିବାକୁ ମିଳିଥିଲା । ଶ୍ରଦ୍ଧାଳୁମାନେ କୃଷ୍ଣ, ବଳରାମଙ୍କୁ ଦର୍ଶନ କରି ପୂଜାର୍ଚ୍ଚନା କରିଥିଲେ। ଏହି ଅବସରରେ ରଣପୁର ପଞ୍ଚୁଦୋଳ ପଡିଆର ରାମ ମନ୍ଦିରରେ ରାଧାକୃଷ୍ଣ ଦର୍ଶନ ପାଇଁ ଭକ୍ତଙ୍କ ଭିଡ ଜମିଥିଲା । ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଜନ୍ମାଷ୍ଟମୀ ପାଳିତ ହୋଇଯାଇଛି। ଛାତ୍ରୀଛାତ୍ରମାନେ ଆକର୍ଷଣୀୟ ରାଧା, କୃଷ୍ଣ, ନନ୍ଦ, ଗୋପାଳ ଇତ୍ୟାଦି ବେଶରେ ସୁସଜ୍ଜିତ ହୋଇ ନଗର ପରିକ୍ରମା କରି ଜଗନ୍ନାଥ ମନ୍ଦିରରେ ପହଞ୍ଚିଥିଲେ । ବିଦ୍ୟାଳୟର ପ୍ରଧାନ ଗୁରୁଜୀ ଚିତ୍ତରଞ୍ଜନ ରଥ, ସାଂସ୍କୃତିକ ପ୍ରମୁଖ ଶ୍ରୀକାନ୍ତ କୁମାର ଦାଶ, ବରିଷ୍ଠ ଆଚାର୍ଯ୍ୟା ସୁଶ୍ରୀ ସଙ୍ଗିତା ତ୍ରିପାଠୀ ଓ ସମସ୍ତ ଗୁରୁଜୀ ଗୁରୁମା ଶ୍ରୀକୃଷ୍ଣଙ୍କ ଜନ୍ମ ଲୀଳା ବିଷୟରେ ଆଲୋଚନା କରିଥିଲେ । ସେହିପରି ଚାରିଅଟ ପବ୍ଲିକ ସ୍କୁଲରେ ଛାତ୍ରୀଛାତ୍ରମାନେ ରାଧା, କୃଷ୍ଣ, ନନ୍ଦ, ଗୋପି ପ୍ରଭୃତି ବେଶ ଧାରଣ କରି ସାଂସ୍କୃତିକ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଏଥିରେ ସ୍କୁଲର ଚେୟାରମ୍ୟାନ ପ୍ରଭାତ କୁମାର ପ୍ରଧାନ, ପ୍ରଧାନ ଶିକ୍ଷୟିତ୍ରୀ ସୁଜାତା ପ୍ରଧାନ ଉପସ୍ଥିତ ଥିଲେ ।

**ଖଣ୍ଡପଡା, (ସ୍ୱ.ପ୍ର.)**

ଶୁକ୍ରବାର ଜନ୍ମାଷ୍ଟମୀ ଅବସରରେ ଖଣ୍ଡପଡାସ୍ଥିତ ସରସ୍ୱତୀ ଶିଶୁ ମନ୍ଦିର ଓ ଖଳିସାହି ସରସ୍ୱତୀ ଶିଶୁ ମନ୍ଦିର ଛାତ୍ରୀଛାତ୍ରମାନେ ରାଧାକୃଷ୍ଣ ବେଶରେ ସଜ୍ଜିତ ହୋଇ ନଗର ପରିକ୍ରମା କରିଥିଲେ। ଅନୁଷ୍ଠାନର ସହକାରୀ ଶିକ୍ଷକ ପ୍ରଦୀପ୍ତ କୁମାର କୋଠାଳ, ସୁମନ୍ତ କୁମାର ରାଉତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ରମାନେ ଜଗନ୍ନାଥ ମନ୍ଦିରକୁ ଯାଇ ପୂଜାର୍ଚ୍ଚନା କରିବା ପରେ ଶିକ୍ଷାନୁଷ୍ଠାନ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ସେହିପରି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ନୀଳମାଧବ ବିହାର କଣ୍ଟିଲୋ ଓ ସରସ୍ୱତୀ ଶିଶୁ ମନ୍ଦିରର ପିଲାମାନେ ରାଧାକୃଷ୍ଣ ବେଶରେ ସଜ୍ଜିତ ହୋଇ ଗ୍ରାମ ପରିକ୍ରମା କରି ସ୍ଥାନୀୟ ରଘୁନାଥ ମନ୍ଦିରକୁ ଆସି ପୂଜାର୍ଚ୍ଚନା କରିଥିଲେ। ପରେ ରାଧାକୃଷ୍ଣଙ୍କ ଉପରେ ଆଧାରିତ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପ୍ରଧାନ ଗୁରୁଜୀ କାଶୀନାଥ ମହାରଣା ଓ ସଭାପତି ପ୍ରଦୀପ କୁମାର କର, ସଭ୍ୟ ପବିତ୍ର କୁମାର ମହାରଣା ଏବଂ ଗୁରୁମା ଓ ଗୁରୁଜୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ପରେ ଛାତ୍ରୀଛାତ୍ରମାନେ ରାଧାକୃଷ୍ଣ ବେଶରେ କଣ୍ଟିଲୋ, ବାଣପୁର ଓ କୁମୁଣ୍ଡି ଗ୍ରାମ ପରିକ୍ରମା କରିଥିଲେ ।

## ନୀଳମାଧବ ପୀଠରେ ଜନ୍ମାଷ୍ଟମୀ

**ଖଣ୍ଡପଡା,(ସ୍ୱ.ପ୍ର.)**

ଖଣ୍ଡପଡା ବ୍ଲକ ଅଞ୍ଚଳର ପୁରପଲ୍ଲୀରେ ଜନ୍ମାଷ୍ଟମୀ ଉତ୍ସବ ଆନନ୍ଦ ଉଲ୍ଲାସର ସହ ପାଳିତ ହୋଇଯାଇଛି । ଜଗନ୍ନାଥ ସଂସ୍କୃତିର ଆଦିପୀଠ କଣ୍ଟିଲୋ ନୀଳମାଧବ ପୀଠ ଏବଂ ରାଧାମୋହନ ଜୀଉ ମଠରେ ଶୁକ୍ରବାର ଭାଦ୍ରବ କୃଷ୍ଣପକ୍ଷ ଅଷ୍ଟମୀ ତିଥିରେ ଜନ୍ମାଷ୍ଟମୀ ଉତ୍ସବ ପାରମ୍ପରିକ ରୀତିରେ ପାଳିତ ହୋଇଯାଇଛି । ନୀଳମାଧବ ଜୀଉଙ୍କ ମନ୍ଦିରରେ ବିଜେ ଶ୍ରୀକୃଷ୍ଣଙ୍କ ବିଗ୍ରହ ଗୁରୁଣ୍ଡି ଗୋପାଳ ଜୀଉଙ୍କୁ ଆଜ୍ଞାମାଳ ଦେଇ ଜନ୍ମ ଚକଡାରେ ବିଜେ କରାଯାଇଥିଲା । ପରେ ଦିଅଁ ଘରେ ଦେବକୀଙ୍କ ଗର୍ଭ ଯନ୍ତ୍ରଣାଠାରୁ ଆରମ୍ଭ କରି ଶ୍ରୀକୃଷ୍ଣଙ୍କ ଭୂମିଷ୍ଠ ହେବା ପର୍ଯ୍ୟନ୍ତ ସମସ୍ତ ବିଧି ବ୍ୟବସ୍ଥା କରାଯାଇଥିଲା। ପୁରୋଧା ଭୂମିକାରେ ବାସୁଦେବ ମିଶ୍ର ହୋମ କର୍ମ କରିଥିଲେ । ରୀତିନୀତି ଅନୁଯାୟୀ ନାଭିକଟା କାର୍ଯ୍ୟ ହୋଇଥିଲା। ଅନ୍ଧାର ରାତିରେ ବସୁଦେବ ଭୂମିକାରେ ଥିବା ଲକ୍ଷ୍ମଣ ମିଶ୍ର କୃଷ୍ଣଙ୍କୁ ମୁଣ୍ଡରେ ଧରି ସିଂହଦ୍ୱାର ଦେଇ ଗୋପପୁର ଭାବେ ଉଦ୍ଦିଷ୍ଟ ଅରୁଣସ୍ତମ୍ଭ ନିକଟକୁ ଆସିଥିଲେ । ବାଟରେ ଉଗ୍ରସେନ ଭୂମିକାରେ ଅବତୀର୍ଣ୍ଣ ହୋଇଥିବା ସଞ୍ଜୀବ ମିଶ୍ର ବାଟ ଓଗାଳିବାରେ ପ୍ରଭୁ ଉଗ୍ରସେନଙ୍କୁ ଦର୍ଶନ ଦେଇଥିଲେ। ବାଇଶି ପାହାଚରେ ପାଣି ଢଳାଯାଇ ଯମୁନା ନଦୀର ଆଖ୍ୟା ଦିଆଯାଇ ବସୁଦେବ କୃଷ୍ଣଙ୍କୁ ଧରି ଯମୁନା ନଦୀ ପାରହୋଇ ଗୋପରେ ପହଞ୍ଚିଥିଲେ । ଏହା ପରେ ପୂଜାର୍ଚ୍ଚନା କରାଯାଇ ପାଟପଟୁଆରରେ ଛତ୍ରୀ ଧରି ମଶାଲ ଲଗାଯାଇ ଶ୍ରୀକୃଷ୍ଣ ମନ୍ଦିରରେ ବିଜେ ହୋଇଥିଲେ। ପରେ ରାତି ପ୍ରାୟ ୧୦ଟାରେ ବଡସିଙ୍ଗାର ପରେ ଡମ୍ବରୁ ବିଜେ ହୋଇ ଠାକୁରଙ୍କ ପହଡ ପଡ଼ିଥିଲା।

ସେହିପରି ଖଣ୍ଡପଡା ସହରର ଜଗନ୍ନାଥ ମନ୍ଦିର, ଗୋପୀନାଥ ଜୀଉଙ୍କ ମନ୍ଦିର, ଖଳିସାହିସ୍ଥିତ ଜଗନ୍ନାଥ ମନ୍ଦିର, ରାଧାକୃଷ୍ଣ ମନ୍ଦିର, ଖଳିସାହି ଇସ୍କନ ମଠ, ମର୍ଦ୍ଦରାଜପୁର ମୁଣ୍ଡିଆ ହନୁମାନ ପୀଠ, ସିଧାମୂଳାସ୍ଥ ମଣିକର୍ଣ୍ଣିକା ପାହାଡ ନିକଟ ଗୋକୁଳାନନ୍ଦଜୀଉ ପୀଠ, ମହୁଲପଡ଼ା ବାତରା ମଠରେ ଜନ୍ମାଷ୍ଟମୀ ଉପଲକ୍ଷେ ମଙ୍ଗଳ ଆଳତି ପରେ ଷୋଡଶ ଉପଚାରରେ ଠାକୁରଙ୍କ ପୂଜାର୍ଚ୍ଚନା ହୋଇଥିଲା ।

**ସଂକ୍ଷେପରେ**

## ବେଳାଭୂମିରୁ ଜବରଦଖଲ ଉଚ୍ଛେଦ

**ପୁରୀ ଅଫିସ, ୨୩।୮: ପୁରୀ** ବେଳାଭୂମିରେ ହୋଇଥିବା ଜବରଦଖଲକୁ ଶୁକ୍ରବାର ପ୍ରଶାସନ ଉଚ୍ଛେଦ କରିଛି। ରାଜଭବନ ପଛପାର୍ଶ୍ୱ ଏବଂ ମେ ଫେୟାର ପଛ ପାର୍ଶ୍ୱରେ ଥିବା ୨ଟି ମନ୍ଦିର ଉଚ୍ଛେଦ କରାଯାଇଛି। ବ୍ଲୁ ଫ୍ଲାଗ ବେଳାଭୂମି ଅଞ୍ଚଳରେ ଏହି ଦୁଇଟି ମନ୍ଦିର ରହିଥିବା ବେଳେ ପ୍ରଶାସନ ଏଭଳି ନିଷ୍ପତ୍ତି ନେଇଥିବା ଜଣାପଡିଛି। ପୋଲିସ ଏବଂ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଏହି ଉଚ୍ଛେଦ କରାଯାଇଛି। କେବେଳ ଏହି ଦୁଇଟି ଜାଗାରେ ନୁହେଁ, ବେଳାଭୂମିର ବିଭିନ୍ନ ସ୍ଥାନକୁ ଜବରଦଖଲ କରାଯାଇଛି। କେଉଁଠି ମନ୍ଦିର କରାଯାଇଛି ତ ଆଉ କେଉଁଠି ଜବରଦଖଲ କରାଯାଇ ନିର୍ମାଣ ହୋଇଛି। ତେଣୁ ସବୁ ଜବରଦଖଲକୁ ଉଚ୍ଛଦ କରିବା ଦରକାର ବୋଲି ଦାବି ହେଉଛି।

# ଜୀବେଦୟାର ପ୍ରତୀକ ଦୃଷ୍ଟିହୀନ ଦ୍ରୌପଦୀ

**ଖଣ୍ଡପଡା,୨୩।୮(ସ୍ୱ.ପ୍ର)**



ଦ୍ରୌପଦୀ ଏକ ମାଙ୍କଡ଼କୁ ଖାଦ୍ୟ ଦେଉଛନ୍ତି।

ପରିବେଶ ସୁରକ୍ଷା ଦିଗରେ ବିଭିନ୍ନ ସରକାରୀ ଓ ବେସରକାରୀ ସ୍ତରରେ ଗତାନୁଗତିକ ଭାବରେ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ସଚେତନତା ସୃଷ୍ଟି କରାଯାଉଛି । ମାତ୍ର ସେଭଳି ଆଖି ଦୃଶିଆ ସଫଳତା ମିଳୁନାହିଁ । ଗ୍ରାମାଞ୍ଚଳରେ ରହୁଥିବା ପରିବେଶବିତ୍ ତଥା ଗଛସାର୍ ଭାବରେ ପରିଚିତ ଅନ୍ତର୍ଯ୍ୟାମୀ ସାହୁ ନିଜସ୍ୱ ପ୍ରଚେଷ୍ଟାରେ ପରିବେଶ ସୁରକ୍ଷା ପାଇଁ ନୂତନ ଜଙ୍ଗଲ ସୃଷ୍ଟି କରୁଛନ୍ତି। ଏଥିସହିତ ବିଭିନ୍ନ ଶିକ୍ଷାନୁଷ୍ଠାନକୁ ଯାଇ ପିଲାମାନଙ୍କ ଦ୍ୱାରା ବୃକ୍ଷରୋପଣ କାର୍ଯ୍ୟକ୍ରମ କରିବା ସହ ଜୀବେଦୟା ଉପରେ ସଚେତନତା ସୃଷ୍ଟି କରୁଛନ୍ତି। ସେହିପରି ଦ୍ରୌପଦୀ ସାହୁ(୮୭)ନାମ୍ନୀ ତାଙ୍କର ଜଣେ ଦୃଷ୍ଟିହୀନ ଭଉଣୀ ଯିଏକି ଅବିବାହିତା ଅଛନ୍ତି ସିଏ ଭାଇଙ୍କ ପରି ଜୀବେଦୟା ଉପରେ ଯତ୍ନବାନ ଅଛନ୍ତି । ଅନ୍ୟପ୍ରତି ଦୟାଭାବ ଦେଖାଇବା ତଥା ଗୋରୁ ଓ ମାଙ୍କଡ ଏବଂ କାଉ ଆଦି ଜୀବମାନଙ୍କୁ ଖାଦ୍ୟ ପ୍ରଦାନ କରୁଥିବା ଯେ କେହି ଦେଖିଲେ ଆଶ୍ଚର୍ଯ୍ୟ ହୋଇଯିବ । ସେ ଜନ୍ମରୁ ଦୃଷ୍ଟିହୀନ ହୋଇଥିଲେ ମଧ୍ୟ ତାହା ତାଙ୍କର ଜୀବନ ଧାରାରେ ବାଧକ ସୃଷ୍ଟି କରି ନାହିଁ। ସେ ପରିବେଶ ସୁରକ୍ଷା ପ୍ରତି ସଜାଗ ଥିବା ବେଳେ ଜୀବେଦୟା ଯେପରି ତାଙ୍କର ଅନ୍ୟ ଏକ ଚରିତ୍ର। ଦୀର୍ଘ ୫୦ ବର୍ଷରୁ ଉର୍ଦ୍ଧ୍ୱ ହେବ ସେ ଘରେ ଥିବା ଗୋରୁଙ୍କୁ ପରିଷ୍କାର ପରିଚ୍ଛନ୍ନ ରଖିବା ସହ ସେମାନଙ୍କର ଖାଇବା ପିଇବାର ଯତ୍ନ ନେଇ ଆସୁଛନ୍ତି । ବିଶେଷ କରି ଗତ ୧୦ ବର୍ଷ ଧରି ଗ୍ରାମରେ ଥିବା ଛେଳି, ମେଣ୍ଢା, କୁକୁର ଓ ବୁଲା ଷଣ୍ଢ ମାନଙ୍କ ଖରାଦିନରେ ତୃଷା ମେଣ୍ଟାଇ ଥାଆନ୍ତି। ସେ ଘର ନିକଟରେ ଥିବା ଏକ କୂଅରୁ ନିଜେ ପାଣି କାଢି କୁଣ୍ଡରେ ରଖି ସେଥିରେ ପେଜ ତୋରାଣି, ପରିବା ଚୋପା, କୁଣ୍ଡା ଆଦି ମିଶାଇ ସେମାନଙ୍କୁ ଖାଇବାକୁ ଦେଇଥାନ୍ତି । ସେହିପରି ସେ କିଛି ଖାଦ୍ୟ ଧରି ଡାକିଲେ ତାଙ୍କ ଡାକ ଶୁଣି ପାଖକୁ କାଉ, ପାରା, ବିଲେଇ, ମାଙ୍କଡମାନେ ଆସି ତାଙ୍କ ହାତରୁ ଖାଦ୍ୟ ଖାଇଥାନ୍ତି । ୮୭ ବର୍ଷର ଜଣେ ବୃଦ୍ଧା ଦୃଷ୍ଟିହୀନ ମହିଳା କୂଅରୁ ମାଠିଆରେ ପାଣି କାଢି ଗାଈଗୋରୁଙ୍କୁ ଦେବା ଏବଂ ଅନ୍ୟାନ୍ୟ ଜୀବମାନଙ୍କ ଖାଦ୍ୟ ପ୍ରଦାନ କରୁଥିବା ଦୃଶ୍ୟ ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ପାଲଟିଛି। ଏପରି ଜଣେ ଦିବ୍ୟାଙ୍ଗ ମହିଳାଙ୍କ ପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେଉ ନଥିବା ତାଙ୍କ ଭାଇ ପରିବେଶବିତ ସାହୁ ଅଭିଯୋଗ କରିଛନ୍ତି।



ସହରରେ ବାଇକ୍ ଶୋଭାଯାତ୍ରା କରାଯାଉଛି।

## ବଳିଦାନ ଦିବସ ଉପଲକ୍ଷେ ବାଇକ୍ ଶୋଭାଯାତ୍ରା

**ନୟାଗଡ଼ ଅଫିସ, ୨୩।୮**

ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ଶୁକ୍ରବାର ବଳିଦାନ ଦିବସ ଉପଲକ୍ଷେ ଏକ ବାଇକ୍ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମଧ୍ୟାହ୍ନ ୧୨ଟା ସମୟରେ ରାମମନ୍ଦିରଠାରୁ ଏହି ଶୋଭାଯାତ୍ରା ବାହାରି ନୟାଗଡ଼ ସହର ପରିକ୍ରମା କରିଥିଲା। ଏହି ଅବସରରେ ବଳିଦାନ ଦିବସକୁ ସମସ୍ତେ ସ୍ମରଣ କରିଥିଲେ। ପରିଷଦର ଜିଲା ସଭାପତି ଭଗବାନ ସାହୁ, ସମ୍ପାଦକ ଜଗନ୍ନାଥ ପ୍ରସାଦ ଦାସ, ସତ୍‌ସଙ୍ଗ ପ୍ରମୁଖ ସର୍ବେଶ୍ୱର ପଟ୍ଟନାୟକ, ସନ୍ତୋଷ କୁମାର ପ୍ରଧାନ, ଶ୍ରୀକାନ୍ତ ଖଟେଇ, ସନ୍ତୋଷ ସାହୁ, ହରେକୃଷ୍ଣ ମୁଦୁଲି ପ୍ରମୁଖ ଉପସ୍ଥିତ ଥିଲେ। ୨୦୦ରୁ ଅଧିକ ବାଇକ୍ ଏହି ଶୋଭାଯାତ୍ରାରେ ସାମିଲ ହୋଇଥିଲା।

■ ପୁରୀରେ ମୋ ବିଚ୍ କାର୍ଯ୍ୟକ୍ରମ

# ବଢୁଛି ଆଗ୍ରହ, ବଦଳୁଛି ମାନସିକତା

**ପୁରୀ ଅଫିସ, ୨୩।୮:**




ଭାରତ ସ୍କାଉଟ ଆଣ୍ଡ ଗାଇଡ ଛାତ୍ରୀଛାତ୍ରମାନେ ବେଳାଭୂମି ସଫେଇ କରୁଛନ୍ତି।

ପୁରୀ ବେଳାଭୂମିର ସ୍ୱଚ୍ଛତା ଓ ପରିଚ୍ଛନ୍ନତା ପ୍ରତି ସ୍ଥାନୀୟ ଲୋକଙ୍କ ମଧ୍ୟରେ ଆଗ୍ରହ ସୃଷ୍ଟି ଉଦ୍ଦେଶ୍ୟରେ ଜିଲା ପ୍ରଶାସନ ପକ୍ଷରୁ ଜୁନ ମାସରୁ ଆରମ୍ଭ ହୋଇଛି ମୋ ବିଚ୍ କାର୍ଯ୍ୟକ୍ରମ। ଗତ ଦୁଇ ମାସ ମଧ୍ୟରେ ବେଳାଭୂମି ସ୍ୱଚ୍ଛତା ପ୍ରତି ଜନମାନସରେ ଆଗ୍ରହ ବୃଦ୍ଧି ପାଇଛି। ପୁରୀ ବେଳାଭୂମି ସମେତ ଜିଲାରେ ଅନ୍ୟ ବ୍ଲକ ଅଞ୍ଚଳରେ ରହିଥିବା ସମୁଦ୍ର ତଟବର୍ତ୍ତୀ ଅଞ୍ଚଳରେ ମଧ୍ୟ ଏହି କାର୍ଯ୍ୟକ୍ରମ ଜାରି ରହିଛି। ଧୀରେ ଧୀରେ ସ୍ୱଚ୍ଛତା ପ୍ରତି ଲୋକଙ୍କ ମାନସିକତାରେ ପରିବର୍ତ୍ତନ ଆସିଛି। ଏନେଇ ପୌର ନିର୍ବାହୀ ଅଧିକାରୀ ବିଜୟ ଦାଶ କୁହନ୍ତି, ବେଳାଭୂମିର ସଫେଇ ଦାୟିତ୍ୱ ଏକ ସଂସ୍ଥାକୁ ଦାୟିତ୍ୱ ଦିଆଯାଇଛି। ଏହି ସଂସ୍ଥା ବେଳାଭୂମି ସଫେଇ ଉପରେ ଗୁରୁତ୍ୱ ଦେଉଛି। ଏହାର ଲକ୍ଷ୍ୟ ବେଳାଭୂମିରେ ବେପାର କରୁଥିବା ଉଠାଦୋକାନୀ, ପର୍ଯ୍ୟଟକ, ସ୍ଥାନୀୟ ଯୁବ ସମାଜଙ୍କ ମଧ୍ୟରେ ସ୍ୱଚ୍ଛତା ପ୍ରତି ଆଗ୍ରହ ବୃଦ୍ଧି କରିବା। ପ୍ରଥମେ ପ୍ରଥମେ ଏହି କାର୍ଯ୍ୟକୁ ସ୍ଥାନୀୟ ଉଠାଦୋକାନୀ, ଜନତା ବିରୋଧ କରୁଥିଲେ। ପରବର୍ତ୍ତୀ ସମୟରେ ବହୁ ଜନସାଧାରଣ ଏଥିରେ ସାମିଲ ହେବାରେ ଲାଗିଛନ୍ତି।

ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ଠାରୁ ଷ୍ଟର୍ଲିଙ୍ଗ ପର୍ଯ୍ୟନ୍ତ ପୁରୀ ବେଳାଭୂମି ୮କିମି ବ୍ୟାପ୍ତ ହୋଇ ରହିଛି। ସ୍ୱଚ୍ଛତା ଅଭିଯାନ ଦୃଷ୍ଟିରୁ ଏହାକୁ ତିନୋଟି ସେକ୍ଟରରେ ବିଭକ୍ତ କରାଯାଇଛି। ଦିଗବାରେଣୀ ଠାରୁ ଲାଇଟ ହାଉସ, ଲାଇଟ ହାଉସ ଠାରୁ ଷ୍ଟର୍ଲିଙ୍ଗ, ଦିଗବାରେଣୀ ଠାରୁ ପେଣ୍ଠାକଟା ପର୍ଯ୍ୟନ୍ତ ଅଞ୍ଚଳକୁ ବିଭକ୍ତ କରାଯାଇ ସଫେଇ ଅଭିଯାନ କରାଯାଉଛି। ପର୍ଯ୍ୟଟକ ମାନେ ମଧ୍ୟ ସ୍ୱତଃ ଭାବେ ଅଂଶଗ୍ରହଣ କରୁଛନ୍ତି। ମହାରାଷ୍ଟ୍ରରୁ ଆସିଥିବା ଏକ ପରିବାର ଏହି ଅଭିଯାନରେ ସାମିଲ ହୋଇ ଅନ୍ୟମାନଙ୍କ ପ୍ରେରଣା ସାଜିଛନ୍ତି। ସମ୍ପୂର୍ଣ୍ଣ ବେଳାଭୂମିକୁ ମଳମୁତ୍ର ମୁକ୍ତ ଏବଂ ସ୍ୱଚ୍ଛତା ବଜାଏ ରଖିବା ଲାଗି ପ୍ରୟାସ ଜାରି ରହିବ। ପେଣ୍ଠକଟା ଅଞ୍ଚଳରେ ରହୁଥିବା ମତ୍ସ୍ୟଜୀବୀ ମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ସେଠାରେ ରହୁଥିବା ମତ୍ସ୍ୟଜୀବୀଙ୍କୁ ବେଳାଭୂମି ସ୍ୱଚ୍ଛତା ଅଭିଯାନରେ ସାମିଲ କରାଯାଇଛି। ପୂର୍ବତନ କାଉନସିଲର ବାବୁଲା ପ୍ରସାଦ କୁହନ୍ତି, ପୂର୍ବରୁ ପେଣ୍ଠକଟା ବିଚ୍‌ରେ ପାହଡ ସଦୃଶ ଅଳିଆ ଗଦା ହୋଇ ରହୁଥିଲା। ବେଳାଭୂମିକୁ ଯିବା ଲାଗି ଇଚ୍ଛା ହେଉ ନ ଥିଲା। ସଫେଇ ଅଭିଯାନ ଆରମ୍ଭ ହେବା ପରେ ଲୋକଙ୍କ ମଧ୍ୟରେ ମାନସିକ ସ୍ତରରେ ପରିବର୍ତ୍ତନ ଆସିଛି। ବେଳାଭୂମିରେ କେହି ଅଳିଆ ନ ପକାଇବା ଲାଗି ନିଷ୍ପତ୍ତି ନେଇଛନ୍ତି। ପୌର ସଂସ୍ଥା ପକ୍ଷରୁ ଡଷ୍ଟବିନ ଯୋଗାଇ ଦିଆଯିବ। ଘରର ସମସ୍ତ ଅଳିଆ ବେଳାଭୂମିରେ ନ ପକାଇ ଡଷ୍ଟବିନରେ ପକାଇବେ। ସେହିପରି କେହି ବି ବେଳାଭୂମିରେ ମଳତ୍ୟାଗ କରିବେ ନାହିଁ। ଏନେଇ କାହାର ପାଇଖାନା ଅଛି, କାହାର ନାହିଁ। ଖୁବ୍‌ଶୀଘ୍ର ଏହାର ଏକ ତାଲିକା ପ୍ରସ୍ତୁତ କରାଯାଇ ପ୍ରଶାସନକୁ ଦିଆଯିବ। ପ୍ରଶାସନ ପକ୍ଷରୁ ପାଇଖାନା ବ୍ୟବସ୍ଥା କରାଯିବ ବୋଲି ପ୍ରତିଶ୍ରୁତି ମିଳିଛି ବୋଲି ସେ କହିଛନ୍ତି।

## ଲଜ୍ ମାଲିକଙ୍କୁ ମରଣାନ୍ତକ ଆକ୍ରମଣ

**ପୁରୀ ଅଫିସ, ୨୩।୮**

ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଜଣେ ଲଜ୍ ମାଲିକଙ୍କୁ ଶୁକ୍ରବାର ରାତିରେ ୩ଜଣ ଦୁର୍ବୃତ୍ତ ମାରଣାସ୍ତ୍ରରେ ମରଣାନ୍ତକ ଆକ୍ରମଣ କରିଛନ୍ତି। ଆହତ ଜଣକ ହେଲେ ଆରସାଦ୍ ହୁସେନ୍(୫୩)। ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। କୁମ୍ଭାରପଡା ଥାନା ଅଧୀନ ନରେନ୍ଦ୍ରକୋଣ ଅଞ୍ଚଳରେ ଘଟଣା ଘଟିଛି। ଘଟଣା ପରେ ଦୁର୍ବୃତ୍ତ ମାନେ ଫେରାର ହୋଇଯାଇଛନ୍ତି। ପୋଲିସ ଲଜ୍‌ରେ ଲାଗିଥିବା ସିସିଟିଭିକୁ ଯାଞ୍ଚ କରୁଛି ବୋଲି ଥାନା ଅଧିକାରୀ କୁଳମଣି ସେଠୀ କହିଛନ୍ତି।

ନରେନ୍ଦ୍ରକୋଣ ଛକରେ ଆରସାଦ୍‌ଙ୍କ ଏକ ଲଜ୍ ରହିଛି। ଶୁକ୍ରବାର ରାତି ସାଢେ ୭ଟା ସମୟରେ ସେ ଲଜ୍‌ରେ ଉପସ୍ଥିତ ଥିଲେ। ଏହି ସମୟରେ ଦୁଇଟି ବାଇକରେ ୩ଜଣ ଦୁର୍ବୃତ୍ତ ପହଞ୍ଚିଥିଲେ। କୌଣସି କାରଣକୁ ନେଇ ଉଭୟଙ୍କ ମଧ୍ୟରେ ଉଚ୍ଚବାଚ ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ଦୁର୍ବୃତ୍ତମାନେ ହାତରେ ଧରିଥିବା ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ସେମାନେ ତାଙ୍କ ପିଠିକୁ ଚୋଟ ମାରି ଘଟଣା ସ୍ଥଳରୁ ଫେରାର ହୋଇଯାଇଥିଲେ। ଲଜ୍ କର୍ମଚାରୀ ତାଙ୍କୁ ମେଡିକାଲରେ ଭର୍ତ୍ତି କରିଥିଲେ। କୁମ୍ଭାରପଡା ପୋଲିସ ମେଡିକାଲରେ ପହଞ୍ଚି ଆରସାଦ୍‌ଙ୍କ ସହ ଆଲୋଚନା କରିଥିଲେ।

## ବିକାଶ ଭିଡିଓରେ ଶ୍ରୀମନ୍ଦିର ଭିତର ବେଢାର ଦୃଶ୍ୟ

**ପୁରୀ ଅଫିସ, ୨୩।୮**

ପୁରୀର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ୫୦୦ କୋଟି ଟଙ୍କା ଘୋଷଣା କରିଛନ୍ତି। ତେବେ ଏ ସମ୍ପର୍କୀତ ଏକ ଭିଡିଓ ପ୍ରସ୍ତୁତ କରାଯାଇଛି। ଯେଉଁଥିରେ ମୁଖ୍ୟମନ୍ତ୍ରୀ ଓଡ଼ିଆ ଜାତିର ତ୍ୟାଗ ଏବଂ ବଳିଦାନଠୁ ଆରମ୍ଭ କରି ମହାପ୍ରଭୁଙ୍କ ପାତାଳି କଥା ମଧ କହୁଛନ୍ତି। ସେହିପରି ଶ୍ରୀମନ୍ଦିରର ସୁରକ୍ଷା ପାଇଁ ହେବାକୁ ଥିବା ଉଚ୍ଛେଦ ଏବଂ ଏଥିପାଇଁ କେତେଜଣଙ୍କୁ ତ୍ୟାଗ କରିବାକୁ ଆହ୍ୱାନ ଦେଇଛନ୍ତି ମୁଖ୍ୟମନ୍ତ୍ରୀ। ତେବେ ପୁରୀର ବିକାଶ ସମ୍ପର୍କୀତ ଏହି ଭିଡିଓରେ ଶ୍ରୀମନ୍ଦିର ଭିତର ବେଢାର କିଛି ଦୃଶ୍ୟ ରହିଛି। ଏହାକୁ ନେଇ କ୍ଷୋଭ ପ୍ରକାଶ କରିଛନ୍ତି ଭକ୍ତ। ଶ୍ରୀମନ୍ଦିର ଭିତରେ ଫଟୋ ଉଠାଇବା ଏବଂ ଭିଡିଓ ରେକର୍ଡିଂ କରିବା ଉପରେ କଟକଣା ଥିଲେ ବି ଏହି ଭିଡିଓରେ ଭିତର ବେଢାର ଦୃଶ୍ୟ କେମିତି ରହିଲା ବୋଲି ପ୍ରଶ୍ନ ଉଠାଇଛନ୍ତି।

■ କୁସୁମୀ ବଦଳରେ ମହାନଦୀ ଜଳ ପାଇଁ ଦାବି

# ସମସ୍ୟା ସମାଧାନ ନ ହେଲେ ଆନ୍ଦୋଳନ

**ଖଣ୍ଡପଡା,୨୩।୮(ସ୍ୱ.ପ୍ର.)**

ମହାନଦୀ ଜଳକୁ ବିଶୋଧନ କରାଯାଇ ନୟାଗଡ ଅଞ୍ଚଳକୁ ଯୋଗାଣ ହେଉଥିବା ବେଳେ ଖଣ୍ଡପଡାବାସୀଙ୍କୁ କୁସୁମୀ ନଦୀର ଗୋଳିଆ ଦୂଷିତପାଣି ଯୋଗାଯାଉଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି । କୁସୁମୀ ବଦଳରେ ମହାନଦୀ ଜଳକୁ ବିଶୋଧନ କରାଯାଇ ଯୋଗାଣ ପାଇଁ ଦାବି ହେଉଛି। ଆଗାମୀ ୭ ଦିନ ମଧ୍ୟରେ ସମସ୍ୟାର ସମାଧାନ ନ ହେଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଖଣ୍ଡପଡା ଦୁର୍ନୀତି ନିବାରଣ ସଂଘର ସଦସ୍ୟମାନେ ଚେତାବନୀ ଦେଇଛନ୍ତି ।

ପ୍ରକାଶ ଯେ, ଖଣ୍ଡପଡା ଜନସ୍ୱାସ୍ଥ୍ୟ ବିଭାଗ କର୍ତ୍ତୃପକ୍ଷ ଖଣ୍ଡପଡା ସହରବାସୀଙ୍କ ନିମନ୍ତେ କୁସୁମୀ ନଦୀର ପ୍ରଦୂଷିତ ଗୋଳିଆ ପାଣିକୁ ଯୋଗାଉଛନ୍ତି । ଅପରପକ୍ଷେ କଣ୍ଟିଲୋ ମହାନଦୀ ଘାଟରୁ ପାଇପ ଲାଇନ ଯୋଗେ ଜଳ ସଂଗ୍ରହ କରାଯାଇ ନୟାଗଡ ସହରାଞ୍ଚଳକୁ ଖଣ୍ଡପଡାଠାରେ ବିଶୋଧନ କରାଯାଇ ବିଶୁଦ୍ଧ ପାଣି ଯୋଗାଯାଉଛି। ମାତ୍ର ଏ ସୁବିଧାରୁ ଖଣ୍ଡପଡାବାସୀ ବଞ୍ଚିତ ରହୁଛନ୍ତି। ଫଳରେ ଖଣ୍ଡପଡା ସହରବାସୀ ଜଳ ବଦଳରେ ଜହର ପିଉଥିବା ଅଭିଯୋଗ ହେଉଛି। ଏ ନେଇ ସହରବାସୀ ଅସନ୍ତୋଷ ପ୍ରକାଶ କରିବା ସହ ଏହାର ପ୍ରତିକାର ନିମନ୍ତେ ଦାବି କରି ଆସୁଥିଲେ ହେଁ ବିଭାଗୀୟ କର୍ତ୍ତୃପକ୍ଷ ସେମାନଙ୍କ ଦାବିକୁ ଅଣଦେଖା କରୁଥିବା ଅଭିଯୋଗ ହେଉଛି। ଖଣ୍ଡପଡା ଦୁର୍ନୀତି ନିବାରଣ ସଂଘର ସଦସ୍ୟମାନେ ଏ ସମ୍ପର୍କରେ ଜନସ୍ୱାସ୍ଥ୍ୟ ବିଭାଗ କର୍ତ୍ତୃପକ୍ଷ, ନୟାଗଡ ଜିଲାପାଳଙ୍କ ସମେତ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ଏପରିକି ଆସନ୍ତା ୭ ଦିନ ମଧ୍ୟରେ ପାଇପ ଲାଇନ ଯୋଗେ ମହାନଦୀର ଜଳ ଖଣ୍ଡପଡା ସହରବାସୀଙ୍କୁ ପ୍ରଦାନ କରା ନ ଗଲେ ଆଗାମୀ ଦିନରେ ଦୁର୍ନୀତି ନିବାରଣ ସଂଘର ସଦସ୍ୟମାନେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ଜନସ୍ୱାସ୍ଥ୍ୟ ବିଭାଗ ସହକାରୀ ଯନ୍ତ୍ରୀ ତ୍ରିଲୋଚନ ବେହେରାଙ୍କୁ ପଚାରିବାରୁ ଖଣ୍ଡପଡା ସହରବାସୀଙ୍କ ପାନୀୟ ଜଳ ଯୋଗାଣ ବ୍ୟବସ୍ଥାରେ ଅବ୍ୟବସ୍ଥା ଦେଖା ଦେଇଛି ବୋଲି ସେ ସ୍ୱୀକାର କରିଥିଲେ । ତେବେ ଖୁବ ଶୀଘ୍ର ସମସ୍ୟାର ସମାଧାନ ଦିଗରେ ଦୃଷ୍ଟି ଦିଆଯିବ ବୋଲି ସେ ସୂଚନା ଦେଇଛନ୍ତି ।

## ସଂକ୍ଷେପରେ



### ମାଙ୍କଡ଼ା ପଥର ବୋଝେଇ ଗାଡ଼ି ଓଲଟିଲା

ବେଗୁନିଆ, ୨୩।୮ (ଡି.ଏନ.ଏ.)- ବେଆଇନ ଭାବେ ପଥର ଖଣିରୁ ଗୁରୁବାର ବିଳମ୍ବିତ ରାତିରେ ମାଙ୍କଡା ପଥର ବୋଝେଇ କରି ପଳାଇ ଯାଉଥିବା ଏକ ମିନି ଟ୍ରକ୍ ଭାରସାମ୍ୟ ହରାଇ ଓଲଟି ପଡିଥିବା ଜଣାପଡିଛି। ତେବେ ଚାଳକ ଜଣକ ଅଳ୍ପକେ ବର୍ତ୍ତି ଯାଇଥିବା ବେଳେ ଶ୍ରମିକମାନେ ଉକ୍ତ ଗାଡିରେ ନ ଥିଲେ। ରାତିରେ ମିନିଟ୍ରକ ମାଲିକ ଗାଡିକୁ ଓଲଟି ଥିବା ସ୍ଥାନରୁ କେଉଁ ଆଡେ ଉଠାଇ ନେଇ ଯାଇଥିଲେ। ସକାଳୁ ଖବର ପାଇ ପୋଲିସ ଓ ତହସିଲଦାର ଘଟଣାସ୍ଥଳକୁ ଲୋକ ଦେଖାଣିଆ ଯାଇ ଖାଲି ହାତରେ କାର୍ଯ୍ୟାଳୟକୁ ଫେରି ଆସିଛନ୍ତି। ତେବେ ତହସିଲ ପକ୍ଷରୁ କେଉଁ ଭଳି ଭାବେ ବେଆଇନ ଖଣି ମାଫିଆଙ୍କୁ ଅଙ୍କୁଶ ଲଗାଉଛନ୍ତି ଏଥିରୁ ସ୍ପଷ୍ଟ ଭାବେ ବାରି ହୋଇପଡୁଛି। ସୂଚନା ମୁତାବକ, ବେଗୁନିଆ ତହସିଲ ଅଧୀନ ଡାଳତୋଳା ପଥର ଖଣିରୁ ମାଙ୍କଡା ପଥର ବୋଝେଇ କରି ମିନି ଟ୍ରକ୍ ନଂ. ଓଆର ୦୨ ବିଇ ୯୮୨୭ ଯୋଗେ କଳାପଥର ଅଭିମୁଖେ ଯାଉଥିଲା। ରାତିରେ ବାଘମାରୀ ଛକ ପଟୁ ତହସିଲଦାର ଏବଂ ପୋଲିସ ଉକ୍ତ ବୋଝେଇ ଗାଡିକୁ ପିଛା କରୁଥିବାର ଖବରପାଇ ଚାଳକ ଜଣକ ଦ୍ରୁତଗତିରେ ଯାଉଥିବା ବେଳେ ସିମୋର ବଜାର ଛକରେ ଭାରସାମ୍ୟ ହରାଇ ଓଲଟି ପଡିଥିଲା। ଏ ସମ୍ପର୍କରେ ତହସିଲଦାର ବିବେକାନନ୍ଦ ପରିଡା କୁହନ୍ତି, ଜିଲାପାଳଙ୍କ ନିର୍ଦ୍ଦେଶ ମୁତାବକ ଖଣି ମାଫିଆଙ୍କୁ ଅଙ୍କୁଶ ଲଗାଇବା ପାଇଁ ରାତ୍ରି କାଳୀନ ପାଟ୍ରୋଲିଂ ଚାଲିଛି। ମାଙ୍କଡା ପଥର ବୋଝେଇ ମିନି ଟ୍ରକ ଓଲଟି ପଡିବା ଖବର ପାଇ ଘଟଣାସ୍ଥଳକୁ ଯାଇଥିଲୁ ମାତ୍ର ଗାଡିକୁ ଉଠାଇ ନିଆଯାଇଥିବାବେଳେ ସେଠାରେ ପଥର କେବଳ ପଡି ରହିଥିଲା।

### ଜଟଣୀ ମ୍ୟୁନିସିପାଲିଟି ବିଭିନ୍ନ ଦାବି ନେଇ ସଫେଇ କର୍ମଚାରୀଙ୍କ ଆନ୍ଦୋଳନ

ଜଟଣୀ, ୨୩।୮ (ଡି.ଏନ.ଏ.): ନିୟମିତ ବେତନ ପ୍ରଦାନ, ସୁରକ୍ଷା ଉପକରଣ ଯୋଗାଣ ଆଦି ବିଭିନ୍ନ ଦାବି ନେଇ ଜଟଣୀ ମ୍ୟୁନିସିପାଲିଟିରେ କାର୍ଯ୍ୟ କରୁଥିବା ସଫେଇ କର୍ମଚାରୀ ଶୁକ୍ରବାର ଧାରଣା ଦେବା ସହ ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ। ପ୍ରତିମାସର ୧ ରୁ ୫ ତାରିଖ ମଧ୍ୟରେ ବେତନ ପ୍ରଦାନ ପାଇଁ ସ୍ଥିର ହୋଇଥିଲେ ମଧ ୨୩ ତାରିଖ ହୋଇଥିଲେ ବେତନ ଏ ପର୍ଯ୍ୟନ୍ତ ସେମାନଙ୍କୁ ମିଳିନାହିଁ। ଏଥିସହ ନିୟମ ଅନୁଯାୟୀ, କୌଣସି ସୁରକ୍ଷା ଉପକରଣ ସେମାନଙ୍କୁ ଦିଆଯାଉ ନ ଥିବା ଆନ୍ଦୋଳନର ନେତୃତ୍ୱ ନେଉଥିବା ଶାନ୍ତିଲତା ସେଠୀ କହିଛନ୍ତି। ସେମାନଙ୍କ ଦାବି ପୂରଣ ନ ହେଲା ପର୍ଯ୍ୟନ୍ତ ଆନ୍ଦୋଳନ ଚାଲୁ ରହିବ ବୋଲି ସେ କହିଛନ୍ତି।

■ ରାଜପଥରେ ଅନିୟନ୍ତ୍ରିତ ବାଇକ୍ ଚାଳନା

# ସୁରକ୍ଷିତ ମଣୁନାହାନ୍ତି ଯାତ୍ରୀ

■ ୧୦୦ରୁ ୧୨୦ ସ୍ପିଡ୍‌ରେ ଚଲାଉଛନ୍ତି

■ ପୋଲିସ, ଆର୍‌ଟିଓ ବିଭାଗର ନିଘା ନାହିଁ

ନୟାଗଡ଼ ଅଫିସ, ୨୩।୮

ନୟାଗଡ଼ ସହର ଦେଇ ଯାଇଛି ୨୧ନଂ. ରାଜ୍ୟ ରାଜପଥ। ଏହି ରାଜପଥରେ କେତେକ ଯୁବକ ଅନିୟନ୍ତ୍ରିତ ଭାବେ ବାଇକ୍ ଚାଳନା କରୁଛନ୍ତି। ଥରେ ଅଧେ ନୁହେଁ ବରଂ ଦୈନିକ ଓଡ଼ଗାଁ ଛକଠାରୁ କୋଏନା ହୋଟେଲ ଯାଏ ରାସ୍ତାରେ ଏଭଳି ଘଟଣା ଦେଖିବାକୁ ମିଳୁଛି। ପୂର୍ବାହ୍ନରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଏମାନଙ୍କ ବାଇକ୍ ଚାଳନାରେ ଯାତ୍ରୀମାନେ ନିଜକୁ ଅସୁରକ୍ଷିତ ମନେ କରୁଛନ୍ତି। ଉକ୍ତ ରାସ୍ତାରେ ସମ୍ପୃକ୍ତ ଯୁବକଙ୍କ ପ୍ରାଦୁର୍ଭାବ ଦିନକୁ ଦିନ ବୃଦ୍ଧି ପାଉଥିଲେ ମଧ ପୋଲିସ କିମ୍ବା ଆର୍‌ଟିଓ ବିଭାଗର ଏ ଦିଗରେ ନିଘା ନାହିଁ। ଫଳରେ ପ୍ରତିଦିନ କଲେଜ ଯାଉଥିବା ଛାତ୍ରୀଛାତ୍ରଙ୍କଠାରୁ ଆରମ୍ଭ କରି ସାଧାରଣ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାକୁ ନେଇ ଅନେକ ସମୟରେ ସାଧାରଣ ବାଇକ୍ ଚାଳକଙ୍କଠାରୁ ଆରମ୍ଭ କରି ପଦଚାରୀମାନେ ଭୁଲ



ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟ ସମ୍ମୁଖ ରାସ୍ତା।

ନ କରି ମଧ ସେମାନଙ୍କ ଆକ୍ରୋଶର ଶିକାର ହେଉଛନ୍ତି। କେବଳ ଯେ ଏମାନେ ୧୦୦ରୁ ୧୨୦ ସ୍ପିଡ୍‌ରେ ବାଇକ୍ ଚଳାଉଛନ୍ତି ତା' ନୁହେଁ, ବାଇକ୍‌ର କାନଫଟା ହର୍ନରେ ଲୋକମାନେ ଅତିଷ୍ଠ ହୋଇ ପଡ଼ିଲେଣି। ପ୍ରତିଦିନ କଳା ପଲସରଠାରୁ ଆରମ୍ଭ କରି ଆପାଚି ଗାଡ଼ି ସ୍ପିଡ଼ରେ ଯିବା ଯୋଗୁ ଛୋଟମୋଟ ଦୁର୍ଘଟଣା ଘଟୁଥିବା ମଧ ନଜିର ରହିଛି। ତିନିଦିନ ତଳେ କଲେଜ ରୋଡ଼ର ଜଣେ ବାଇକ୍ ଚାଳକ ରାସ୍ତା ପାର ହେଉଥିବା ବେଳେ ବିପରୀତ ଦିଗରୁ ଜଣେ ଯୁବକ କଳା ପଲସରରେ ଦ୍ରୁତ ଗତିରେ ଆସୁଥିଲେ। ଏହି ସମୟରେ ବାଇକ୍ ଚଳାଉଥିବା ବ୍ୟକ୍ତି ଜଣକ ଅଟକିଯିବାରୁ ପଲସର ଗାଡ଼ି ଚଲାଉଥିବା ଯୁବକ ଡିସ୍ ବ୍ରେକ୍ ମାରିଥିଲେ। ଫଳରେ ସେ କଚାଡ଼ି ହୋଇ ତଳେ ପଡ଼ି ଯାଇଥିଲେ। ତଥାପି ତାଙ୍କର ବୁଦ୍ଧି ଉଦୟ ହୋଇ ନ ଥିଲା। ତରବରିଆ ଭାବେ ଉଠିପଡ଼ି ବ୍ୟକ୍ତି ଜଣଙ୍କୁ ତୋଡ଼ ଦେଖାଇବା ସହ ଟଙ୍କା ମାଗିଥିଲେ। ବ୍ୟକ୍ତି ଜଣକ କିଛି ନ କହି ଚାଲିଯାଉଥିବା ବେଳେ ଯୁବକ ଜଣକ ତାଙ୍କ ପିଛା କରିଥିଲେ। ସେହିଭଳି କିଛିଦିନ ପୂର୍ବେ ଉକ୍ତ ରାସ୍ତାରେ ଜଣେ ହାଇସ୍କୁଲ ଛାତ୍ର ସ୍ପିଡ୍‌ରେ ବାଇକ୍ ଚଳାଇ ଯାଉଥିବା ବେଳେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ନାବାଳକଙ୍କଠାରୁ ଆରମ୍ଭ କରି ଯୁବକମାନେ ପ୍ରତିଦିନ ଏହିଭଳି ସ୍ପିଡ୍ ବାଇକ୍ ଚଲାଉଥିବା ଦେଖିବାକୁ ମିଳୁଛି। ପୋଲିସ ଓ ଆରଟିଓ ବିଭାଗ ଏ ଦିଗରେ ଚଢ଼ାଉ କରି ସମ୍ପୃକ୍ତ ଯୁବକମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସାଧାରଣରେ ଦାବି ହେଉଛି। ଏ ନେଇ ଟାଉନ ଥାନା ଅଧିକାରୀ ଜୟଦୀପ ମହାନ୍ତିଙ୍କୁ ପଚାରିବାରୁ ସେ କହିଥିଲେ, ଆଗାମୀ ଦିନରେ ଉକ୍ତ ରାସ୍ତାରେ ଏମ୍‌ଭିଆଇ ଚଢ଼ାଉ କରାଯାଇ ସ୍ପିଡ୍ ବାଇକ୍ ଚଳାଉଥିବା ଯୁବକମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବ।

■ ଉଠିଗଲା ସୁପର ମାର୍କେଟ

## ଅଳିଆ ସଫା କଥା ଭୁଲିଗଲା ପୌରପରିଷଦ



ଦୁର୍ଗାମଣ୍ଡପଠାରେ ଅଳିଆ ପଡ଼ିରହିଛି।

ନୟାଗଡ଼ ଅଫିସ, ୨୩।୮

ନୟାଗଡ଼ ସହରର ଦୁର୍ଗାମଣ୍ଡପଠାରେ ଦୁଇମାସ ହେଲା ସୁପର ମାର୍କେଟ ପଡ଼ିଥିଲା ବେଳେ ଏହା ୩ଦିନ ହେଲା ଉଠିସାରିଲାଣି। ହେଲେ ଉକ୍ତ ସ୍ଥାନରେ ବର୍ତ୍ତମାନ କୁଢ଼ କୁଢ଼ ଅଳିଆ ଗଦା ହୋଇଥିବା ଦେଖିବାକୁ ମିଳୁଛି। ନୟାଗଡ଼ ପୌର ପରିଷଦ ଏହାକୁ ସଫା କରିବା କଥା ସମ୍ପୂର୍ଣ୍ଣ ଭୁଲିଯାଇଛି। ଅଳିଆ ଜମା ହୋଇଥିବାରୁ ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି ହେଉଛି। ପୌରପାଳିକା ପକ୍ଷରୁ ବିଭିନ୍ନ ସ୍ଥାନରେ ହୋର୍ଡିଂ ଲଗାଯାଇ ସ୍ୱଚ୍ଛତା ବାର୍ତ୍ତା ଦିଆଯାଉଛି। ହେଲେ ଏହି ଅଳିଆକୁ ଦେଖି ଲୋକମାନେ ପୌରପାଳିକାର ସ୍ୱଚ୍ଛତା କ'ଣ ଏହିଭଳି ବୋଲି ପ୍ରଶ୍ନ କରୁଛନ୍ତି। ପୌର ପରିଷଦ ପକ୍ଷରୁ ତୁରନ୍ତ ଏହାକୁ ସଫା କରିବାକୁ ସହରବାସୀଙ୍କ ପକ୍ଷରୁ ଦାବି ହେଉଛି।

## ମଦ ନିଗମ ସମ୍ମୁଖରେ ଶ୍ରମିକଙ୍କ ଧାରଣା

ଖୋର୍ଦ୍ଧା ଅଫିସ, ୨୩।୮

ଛଟେଇ ବନ୍ଦ କରିବା, ଲୋଡିଂ ଅନଲୋଡିଂ ଗୋଟିଏ ପେଟି ପ୍ରତି ୧ ଟଙ୍କା କରାଇବା ଓ ଦାୟିତ୍ୱ ନ ପାଇ ସବୁ କାମରେ ହସ୍ତକ୍ଷେପ କରୁଥିବା ଜଣେ ବ୍ୟକ୍ତିଙ୍କୁ ହଟାଇବା ଦାବି ନେଇ ଶୁକ୍ରବାର ପୂର୍ବାହ୍ନ ୯ଟାରୁ ଖୋର୍ଦ୍ଧା ମଦ ନିଗମ ସମ୍ମୁଖରେ ଶ୍ରମିକମାନେ ଧାରଣା ଦେଇଥିଲେ। ଘଟଣାସ୍ଥଳକୁ ମଦ ନିଗମର ଜି.ଏମ. ଟେକ୍ନିକାଲ ପ୍ରଭାତ ବେହେରା ଆସି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ ମଧ ଧାରଣା ହଟିନାହିଁ। ଦାବି ପୂରଣ ନ ହେଲେ ଆନ୍ଦୋଳନ ପ୍ରତ୍ୟାହୃତ ହେବ ନାହିଁ ବୋଲି ଆନ୍ଦୋଳନରତ ଶ୍ରମିକମାନେ କହିଛନ୍ତି। ଅଭିଯୋଗ ଅନୁସାରେ, ରିଟେଲର ଓ କମ୍ପାନୀ ଗାଡିରେ ମଦ ଲୋଡିଂ ଅନଲୋଡିଂ ପାଇଁ ଶ୍ରମିକମାନଙ୍କୁ ପୂର୍ବରୁ ପେଟି ପିଛା ୪୦ ପଇସା ଦିଆ ଯାଉଥିଲା। ଆନ୍ଦୋଳନ ପରେ ୬୦ ପଇସାକୁ ବୃଦ୍ଧି କରାଯାଇଥିଲା। ଶ୍ରମିକଙ୍କ ଯୁକ୍ତି ପେଟି ପିଛା ଦେଢ଼ ଟଙ୍କା ଆସୁଥିବାବେଳେ ୧ ଟଙ୍କା ୧୦ ପଇସା ଓ ୯୦ ପଇସା କୁଆଡେ ଯାଉଛି। ଏହାର ତଦନ୍ତ କରାଯିବାର ଆବଶ୍ୟକତା ଥିବାବେଳେ କରାଯାଉନାହିଁ। ମଜୁରି ଦେବାରେ ଉପେକ୍ଷା କରାଯିବା ପରେ ଜିଲା ଶ୍ରମ ଅଧିକାରୀଙ୍କ ପାଖରେ ଅଭିଯୋଗ କରାଯାଇ ମକଦ୍ଦମା କରାଯାଇଛି। ଏଭଳିସ୍ଥଳେ ଖୋର୍ଦ୍ଧା ମଦ ନିଗମରେ କାର୍ଯ୍ୟରତ ଶ୍ରମିକମାନେ ୧୫ ବର୍ଷ ହେଲା କାର୍ଯ୍ୟ କରି ଆସୁଥିଲେ ମଧ ସେମାନଙ୍କୁ ଛଟେଇ କରାଯାଇ ନୂଆ ନିଯୁକ୍ତି ଦେବା ପରେ ଆନ୍ଦୋଳନ କରାଯାଇଥିବା ସମ୍ପାଦକ ପ୍ରକାଶ ନାୟକ କହିଛନ୍ତି। ଆନ୍ଦୋଳନ ପୂର୍ବରୁ ଜିଲାପାଳ, ଏସ୍‌ପି, ଜିଲା ଶ୍ରମ ଅଧିକାରୀ, ଏମ୍‌ଡି ମଦ ନିଗମକୁ ଅବଗତ କରାଯାଇଥିଲା।

## ଗୋଠବଣ ଡକାୟତି ମାମଲାର ପର୍ଦ୍ଦାଫାଶ, ୨ ଗିରଫ

ଓଡ଼ଗାଁ, ୨୩।୮ (ସ୍ୱ.ପ୍ର.)

ଓଡ଼ଗାଁ ଥାନା ଗୋଠବଣ ଗ୍ରାମରେ ଗତ ୧୨ ତାରିଖ ମଧ ରାତ୍ରରେ ହୋଇଥିବା ଡକାୟତି ମାମଲାର ପର୍ଦ୍ଦାଫାଶ ହୋଇଛି। ସେହି ରାତିରେ ୫ ଜଣ ଡକାୟତ ଭଗବାନ ଷଡଙ୍ଗୀଙ୍କ ଘରେ ପଶି ସୁନା ଅଳଙ୍କାର, ନଗଦ ଟଙ୍କା, ଦୁଇଟି ବାଇକ୍, ଅନ୍ୟାନ୍ୟ ସାମଗ୍ରୀ ଲୁଟି ନେଇଥିଲେ । ଏ ନେଇ ଅଭିଯୋଗ ପରେ ପୋଲିସ ନଂ.୧୨୪/୧୯ ରେ ଏକ ମାମଲା ରୁଜୁ କରି ତଦନ୍ତ କରୁଥିଲା। ଏହି ମାମଲାରେ ସମ୍ପୃକ୍ତ ୨ ଅଭିଯୁକ୍ତଙ୍କୁ ପୋଲିସ ଶୁକ୍ରବାର ବନ୍ଧସାହିରୁ ଗିରଫ କରିଛି। ସେମାନେ ହେଲେ ନନ୍ଦିଘୋର ପଞ୍ଚାୟତ ଗୋଠବଣ ନିକଟ ବନ୍ଧସାହିର ସଞ୍ଜୟ କୁମାର ନାୟକ(୨୧) ଓ ତାଙ୍କ ସମ୍ପର୍କୀୟ ଢେଙ୍କାନାଳ ଜିଲାର କବିନ୍ଦ୍ର ନାୟକ(୨୪)। ଏ ନେଇ ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଆଇଆଇସି ଜ୍ୟୋତିପ୍ରକାଶ ପଣ୍ଡା ଓ ତଦନ୍ତକାରୀ ଅଧିକାରୀ ସଞ୍ଜୟ କୁମାର ପରିଡା ସୂଚନା ଦେଇଛନ୍ତି। ଉଭୟ ଅଭିଯୁକ୍ତଙ୍କ ସୂଚନା ଅନୁସାରେ ପୋଲିସ ଭଗବାନଙ୍କ ଚୋରି ଯାଇଥିବା ଦୁଇଟି ବାଇକ ଓଆର୨୫ ୫୪୮୪ ଓ ଓଆର୨୫ସି ୫୨୭୭ ନୟାଗଡ ଥାନା ଗମେଇ ଗ୍ରାମର ଏକ ପୋଖରୀରୁ ଉଦ୍ଧାର କରିଛି। ଏହା ସହିତ ପୋଲିସ



ଜବତ ବାଇକ୍ ଓ ଗିରଫ ଅଭିଯୁକ୍ତ।

ଚୋରି ହୋଇଥିବା ଅମୁଲ ପ୍ୟାକେଟ, ଫ୍ରିଡମ ତେଲ, ଦୁର୍ଗା ଘିଅ ପ୍ୟାକେଟ ଓ ଗୋଟିଏ ମୋବାଇଲ ଜବତ କରିଛି । ହେଲେ ଚୋରି ଯାଇଥିବା ସୁନା ଅଳଙ୍କାର, ନଗଦ ଟଙ୍କା ଓ ଅନ୍ୟ ସରଞ୍ଜାମ ଏହି ମାମଲାର ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ଗ୍ୟାଙ୍ଗ ଲିଡର ଦୀନବନ୍ଧୁ ମହାରଣା ଓରଫ ଦଣ୍ଡୁଆଙ୍କ ପାଖରେ ରହିଥିବା ଉଭୟେ ପ୍ରକାଶ କରିଛନ୍ତି। ହେଲେ ଦଣ୍ଡୁଆ ଚୋରି ସୁନା ଅଳଙ୍କାର ବିକ୍ରି କରି ସେମାନଙ୍କୁ ୪/୫ ହଜାର ଟଙ୍କା ଲେଖାଏ ଦେଇଥିବା ପୋଲିସକୁ କହିଛନ୍ତି । ଗିରଫ ସଞ୍ଜୟ ଦଣ୍ଡୁଆଙ୍କ ସଂସ୍ପର୍ଶରେ ଆସିବା ପରେ ଭଗବାନଙ୍କ ଘରୁ ଡକାୟତି ନିମନ୍ତେ ଦଣ୍ଡୁଆ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରିଥିଲେ। ଦଣ୍ଡୁଆ ଓ ତାଙ୍କ ସହଯୋଗୀମାନେ ଏକ କାରରେ ପ୍ରଥମେ ନନ୍ଦିଘୋର ପର୍ଯ୍ୟନ୍ତ ଆସିଥିଲେ । ସେଠାରୁ ଚାଲି ଚାଲି ଗୋଠବଣ ପର୍ଯ୍ୟନ୍ତ ଯିବାପରେ ଡକାୟତି କରିଥିବା ପ୍ରକାଶ କରିଛନ୍ତି । ଦୁଇ ଅଭିଯୁକ୍ତଙ୍କ ବୟାନ ଅନୁସାରେ ଦଣ୍ଡୁଆଙ୍କ ଅନ୍ୟ ଦୁଇ ଭାଇ ଏଯାବତ୍ ଫେରାର ରହିଛନ୍ତି । ଗୋଠବଣ ମାମଲାର ମୁଖ୍ୟ ଅଭିଯୁକ୍ତ ଦଣ୍ଡୁଆ ରଣପୁର ପୋଲିସ ଦ୍ୱାରା ଗିରଫ ହୋଇ ଜେଲ ହାଜତରେ ଥିବା ବେଳେ ସ୍ଥାନୀୟ ପୋଲିସ ତାଙ୍କୁ ରିମାଣ୍ଡରେ ଆଣିବ ବୋଲି ସୂଚନା ଦେଇଛି। ଦଣ୍ଡୁଆଙ୍କୁ ଓଡ଼ଗାଁ ପୋଲିସ ରଣପୁର ପୋଲିସ ସହାୟତାରେ ଗିରଫ କରିଥିଲା । କିନ୍ତୁ ରଣପୁର ପୋଲିସ ସ୍ଥାନୀୟ ପୋଲିସକୁ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ହସ୍ତାନ୍ତର କରିବା ବଦଳରେ ନିଜେ କେତେକ ମାମଲାରେ ଗିରଫ କରିଥିବା କହି ବାହାବା ନେଉଛି ବୋଲି ଆଲୋଚନା ହେଉଛି। ପୋଲିସ ଗିରଫ ଦୁଇ ଅଭିଯୁକ୍ତ ସଞ୍ଜୟ ଓ କବିନ୍ଦ୍ରଙ୍କୁ ଶନିବାର କୋର୍ଟ ଚାଲାଣ କରିବ ବୋଲି ଖବରଦାତା ସମ୍ମିଳନୀରେ କୁହାଯାଇଛି ।

## ପ୍ରତିଷ୍ଠା ଦିବସ

ଖୋର୍ଦ୍ଧା ଅଫିସ, ୨୩।୮

ବିଶ୍ୱ ହିନ୍ଦୁ ପରିଷଦର ପ୍ରତିଷ୍ଠା ଦିବସ ଓ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କର ବଳିଦାନ ଦିବସ ଖୋର୍ଦ୍ଧା ସହରର ଗୁରୁଜଙ୍ଗ ସରସ୍ୱତୀ ଶିଶୁ ମନ୍ଦିରରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସମ୍ପାଦକ ରାମଚନ୍ଦ୍ର ଖୁଣ୍ଟିଆ ଓ ସନ୍ଥ ବିଶେଷ ସ୍ୱାମୀ ଚୈତନ୍ୟ ଆଶ୍ରୀ ବଚନ ସ୍ୱାମିଜୀଙ୍କ ଜୀବନ ଦର୍ଶନ ଓ ବିଶ୍ୱ ହିନ୍ଦୁ ପରିଷଦର ବିଭିନ୍ନ କାର୍ଯ୍ୟାବଳୀ ଉପରେ ଆଲୋକପାତ କରିଥିଲେ। ସମରେନ୍ଦ୍ର ଶତପଥୀ, ସୁବାସ ସାହୁ, ନରେନ୍ଦ୍ର ସାହୁ, ଜୟପ୍ରକାଶ ମହାପାତ୍ର ସହଯୋଗ କରିଥିଲେ।

■ ଚୋରି ଦୋଷ ଦିଆଯିବାରୁ ଡ୍ରାଇଭରଙ୍କ ଆତ୍ମହତ୍ୟା

## ଗାଡି ମାଲିକଙ୍କୁ ଗିରଫ ଦାବିରେ ମୃତଦେହ ରଖି ବିକ୍ଷୋଭ

ରଣପୁର, ୨୩।୮ (ସ୍ୱ.ପ୍ର.)

ମାଲିକ ଗାଡି ଚୋରିର ଦୋଷ ଡ୍ରାଇଭରଙ୍କ ଉପରେ ଲଦିବାରୁ ଡ୍ରାଇଭର ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ସମ୍ପୃକ୍ତ ମାଲିକଙ୍କୁ ଗିରଫ ଦାବିରେ ଶୁକ୍ରବାର ରଣପୁର ଥାନା ରାଜସୁନାଖଳା ଫାଣ୍ଡି ସମ୍ମୁଖରେ ଡ୍ରାଇଭରଙ୍କ ମୃତଦେହ ରଖି ସମ୍ପର୍କୀୟ ଓ ଗ୍ରାମବାସୀ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଅପରାହ୍ନ ୧ଟାରୁ ବିକ୍ଷୋଭ ଆରମ୍ଭ ହୋଇଥିଲା। ସନ୍ଧ୍ୟାରେ ରଣପୁର ଆଇଆଇସି ବୈଦ୍ୟନାଥ ଭୋଇ ଘଟଣାସ୍ଥଳରେ ପହଞ୍ଚି ଗାଡିମାଲିକଙ୍କୁ ଗିରଫ କରିବାର ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା । ପ୍ରକାଶ ଯେ, ରାଜସୁନାଖଳା ବଢ଼େଇ ସାହିର ପ୍ରଭାତ ମଲ୍ଲିକଙ୍କ ପୁଅ ତୁଷାର (୨୨) ସେହି ସାହିର ଅଜୟ କୁମାର ସାହୁଙ୍କ ଟାଟା ଏସିଇ ଗାଡି ଚଳାଉଥିଲେ।



ମୃତଦେହ ରଖି ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ଗତ କିଛିଦିନ ତଳେ ଅଜୟଙ୍କ ଗାଡି ଚୋରି ହୋଇ ଯାଇଥିଲା । ଅଜୟ ଚୋରି ପାଇଁ ଡ୍ରାଇଭର ତୁଷାରଙ୍କୁ ଦାୟୀ କରିଥିଲେ । ତୁଷାର ନିର୍ଦ୍ଦୋଷ ବୋଲି ବାରମ୍ବାର କହିଥିଲେ ମଧ୍ୟ ଅଜୟ ନିଜ କଥାରୁ ହଟି ନ ଥିଲେ । ଏପରିସ୍ଥଳେ ତୁଷାର ଗତ ୧୯ ତାରିଖରୁ ନିଖୋଜ ହୋଇଯାଇଥିଲେ । ପରିବାର ଲୋକମାନେ ବହୁ ଖୋଜାଖୋଜି କରିଥିଲେ ମଧ ତାଙ୍କର ଟେର ପାଇ ନ ଥିଲେ। ତେବେ ପୁରୀ ରେଳ ଷ୍ଟେଶନରେ ସେ ବିଷ ପିଇ ଆତ୍ମହତ୍ୟା କରିଥିବା ଜଣାପଡିଥିଲା। ପୁରୀରୁ ମୃତଦେହ ବ୍ୟବଚ୍ଛେଦ ହୋଇ ଆସିବା ପରେ ସୁନାଖଳା ଫାଣ୍ଡି ସମ୍ମୁଖରେ ପରିବାର ସଦସ୍ୟ, ସମ୍ପର୍କୀୟ ଘେରାଉ କରିଥିଲେ । ମୃତକଙ୍କ ମା ପ୍ରତିମା ଫାଣ୍ଡିରେ ଅଭିଯୋଗ କରିବା ପରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି ।

## କଂସାରି ସମାଜର ପ୍ରଥମ ବୈଠକ ୨୫ରେ

ଖଣ୍ଡପଡା, ୨୩।୮ (ସ୍ୱ.ପ୍ର.)

ନିଖିଳ ଉତ୍କଳ କଂସାରି ସମାଜ ଓଡ଼ିଶାର ପ୍ରଥମ କାର୍ଯ୍ୟକାରିଣୀ ବୈଠକ ଆସନ୍ତା ୨୫ ତାରିଖ ଭୁବନେଶ୍ୱରସ୍ଥିତ ସିଆରପି ଛକ ନିକଟ ହନୁମାନ ମନ୍ଦିର ପରିସରରେ ପୂର୍ବାହ୍ନ ୧୦ଟାରେ ଅନୁଷ୍ଠିତ ହେବ । ପୁରୀ ରାଜ୍ୟ ସ୍ତରୀୟ ସମ୍ମିଳନୀରେ ସ୍ଥିରୀକୃତ ସମସ୍ତ କାର୍ଯ୍ୟକାରିଣୀ କମିଟି ସଦସ୍ୟ ବୃନ୍ଦ ଓଡ଼ିଶାର ବିଭିନ୍ନ ଆଞ୍ଚଳିକ ସଙ୍ଗଠନର କର୍ମକର୍ତ୍ତା ଉକ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିବେ ବୋଲି ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ଅଖିଳ କୁମାର ମହାରଣା ଓ ସମ୍ପାଦକ ମହେନ୍ଦ୍ର କୁମାର ମହାରଣା ଜଣାଇଛନ୍ତି।

■ କାର୍ଯ୍ୟକ୍ଷମ ହେଉନାହିଁ ଓଭରହେଡ୍ ପାଣିଟାଙ୍କି

## ତଦନ୍ତ କରି ଫେରିଲେ ନିର୍ବାହୀଯନ୍ତ୍ରୀ

ଭାପୁର, ୨୩।୮ (ଡି.ଏନ୍.ଏ.)

ଭାପୁର ବଜାର ନିକଟ ପ୍ରାଣୀ ଚିକିତ୍ସାଳୟ ପରିସରରେ ନିର୍ମିତ ହୋଇଥିବା ବ୍ଲକର ସର୍ବବୃହତ୍ ଓଭରହେଡ ପାଣିଟାଙ୍କି କାର୍ଯ୍ୟକ୍ଷମ ହୋଇ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଏ ନେଇ ପଞ୍ଚାୟତ ଲୋକ ପ୍ରତିନିଧିମାନେ ବିଭାଗୀୟ ନିର୍ବାହୀଯନ୍ତ୍ରୀଙ୍କୁ ଫେରାଦ୍ ହେବା ପରେ ସେ ଶୁକ୍ରବାର ନିର୍ମାଣସ୍ଥଳକୁ ଆସି ତଦନ୍ତ କରି ଫେରିଛନ୍ତି। ୨ଲକ୍ଷ ଲିଟର କ୍ଷମତା ବିଶିଷ୍ଟ ଏହି ଓଭରହେଡ୍ ପାଣିଟାଙ୍କିର ଭିତ୍ତିପ୍ରସ୍ତର ସ୍ଥାପନ ପୂର୍ବତନ ବିଧାୟକ ଅନୁଭବ ପଟ୍ଟନାୟକଙ୍କ ଦ୍ୱାରା୨୦୧୮ ମେ' ମାସରେ ହୋଇଥିଲା। ୩୪ଲକ୍ଷ ଟଙ୍କା ବ୍ୟୟ କରାଯାଇ ଏହାର ନିର୍ମାଣ କାର୍ଯ୍ୟ କରାଯାଇଥିଲା। ଇତିମଧ୍ୟରେ ଦୀର୍ଘ ୨ମାସ ବିତିଯାଇଥିଲେ ମଧ ଏହା କାର୍ଯ୍ୟକ୍ଷମ ହୋଇନାହିଁ। ପାଣିଟାଙ୍କିରୁ ପାଣି ଲିକ୍ କରୁଥିବାରୁ ଏହା ଚାଲୁକରା ନ ଯାଇ ବନ୍ଦ ହୋଇରହିଛି। ଭାପୁର ପଞ୍ଚାୟତର ଭାପୁର, ନିହଲ ପ୍ରସାଦ, ମହୁଲିଆ, ମାନପୁର, ଛତିଆନା ଆଦି ଗ୍ରାମ ସହ ଭାପୁର ବଜାର ଓ ସମସ୍ତ ସରକାରୀ କାର୍ଯ୍ୟାଳୟକୁ ଏହି ପାଣିଟାଙ୍କିରୁ ଜଳ ଯୋଗାଣ ହେବା କଥା। ମାତ୍ର

### ୧ମାସ ମଧ୍ୟରେ ମରାମତି କରିବାକୁ ନିର୍ଦ୍ଦେଶ



ନିର୍ମାଣସ୍ଥଳ ପରିଦର୍ଶନ କରୁଛନ୍ତି ବିଭାଗୀୟ ଅଧିକାରୀ।

ନିର୍ମାଣରେ ତ୍ରୁଟି ଥିବାରୁ ଏହା କାର୍ଯ୍ୟକ୍ଷମ ହୋଇପାରି ନ ଥିଲା। ଭାପୁର ପଞ୍ଚାୟତ ସମିତି ସଭ୍ୟାଙ୍କ ପ୍ରତିନିଧି ବୈଷ୍ଣବ ଚରଣ ନାୟକ ଓ ସରପଞ୍ଚ ପ୍ରସନ୍ନ କୁମାର ନାୟକ ଏ ନେଇ ଅଭିଯୋଗ କରିବା ପରେ ଗ୍ରାମ୍ୟ ଜଳଯୋଗାଣ ବିଭାଗ ନିର୍ବାହୀ ଯନ୍ତ୍ରୀ ରାଜୀବ କୁମାର ପାଣିଗ୍ରାହୀ ଶୁକ୍ରବାର ଭାପୁର ଆସି ଏହି କାର୍ଯ୍ୟ ଦେଖିଥିଲେ। ଭାପୁର ବ୍ଲକର ବିଭାଗୀୟ ଯନ୍ତ୍ରୀ ଅମରେଶ ଚନ୍ଦ୍ର ପଣ୍ଡା, ଭାପୁର ପଞ୍ଚାୟତର ୨ଜଣ ଲୋକପ୍ରତିନିଧି ଏହି ତଦନ୍ତ ସମୟରେ ଉପସ୍ଥିତ ଥିଲେ। ଆସନ୍ତା ଏକମାସ ମଧ୍ୟରେ ମରାମତି କାର୍ଯ୍ୟ ସାରିବା ପାଇଁ ନିର୍ବାହୀଯନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ଏହି ସମୟରେ ଭାପୁର ସରପଞ୍ଚ ୨ଜଣ ଏସ୍.ଇ.ଏମ୍. କର୍ମଚାରୀ ନିଯୁକ୍ତି ପାଇଁ ନିର୍ବାହୀଯନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ। ମାତ୍ର ନିର୍ବାହୀଯନ୍ତ୍ରୀ ଏସ୍.ଇ.ଏମ୍. କର୍ମଚାରୀ ଆଉ ସରକାର ନିଯୁକ୍ତି ଦେଉନାହାନ୍ତି ବୋଲି କହିବା ସହ ପଞ୍ଚାୟତରେ ରିଜୋଲ୍ୟୁଶନ କରି ନିଜେ ଠିକା କର୍ମଚାରୀ ରଖିବା ପାଇଁ କହିଥିଲେ।

■ ଜିଲା ସଡ଼କ ସୁରକ୍ଷା ବୈଠକ

## କଡ଼ାକଡ଼ି କରାଯିବ ସୁରକ୍ଷା ବ୍ୟବସ୍ଥା

ନୟାଗଡ଼ ଅଫିସ, ୨୩।୮

ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ଜିଲାପାଳଙ୍କ ସଦ୍‌ଭାବନା ଗୃହରେ ସଡ଼କ ସୁରକ୍ଷା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଡ. ପୋମା ଟୁଡୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସଡ଼କ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯିବା ପାଇଁ ନିଷ୍ପତ୍ତି ହୋଇଥିଲା। ଜିଲାର ସଡ଼କ ସୁରକ୍ଷା ସମ୍ବନ୍ଧୀୟ ସମସ୍ୟା, ଗମନାଗମନ, ରାସ୍ତାଘାଟ ପରିସ୍ଥିତି, ମୃତ୍ୟୁଜନିତ ଦୁର୍ଘଟଣା, ସ୍କୁଲ ଓ କଲେଜ ଛାତ୍ରୀଛାତ୍ରଙ୍କ ଯିବାଆସିବା ବ୍ୟବସ୍ଥା, ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତିଙ୍କ ତତ୍କାଳ ଚିକିତ୍ସା ବିଷୟରେ ସୂଚନା ପ୍ରଦାନ କରିବା ଲାଗି ଆଞ୍ଚଳିକ ପରିବହନ ଅଧିକାରୀ ପ୍ରତାପ ପ୍ରୀତିମୟଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ସେହିପରି ନୟାଗଡ଼ ପୌରପାଳିକା ଅଧିକାରୀ, ରାସ୍ତା ଓ ଗୃହନିର୍ମାଣ ବିଭାଗକୁ ସହରରେ ଗାଡ଼ି ପାର୍କିଂ ନିମନ୍ତେ ଜାଗା ଚିହ୍ନଟ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ସହରାଞ୍ଚଳରେ ଜନସାଧାରଣଙ୍କ ସୂଚନା ପାଇଁ ବିଭିନ୍ନ



ବୈଠକରେ ଜିଲାପାଳ ଡ. ପୋମା ଟୁଡୁ ନିଜର ବକ୍ତବ୍ୟ ରଖୁଛନ୍ତି।

ପ୍ରକାର ସଡ଼କ ସୁରକ୍ଷା ସାଇନ୍ ବୋର୍ଡ଼ ଲଗାଇବାକୁ ପରିବହନ ଅଧିକାରୀଙ୍କୁ କୁହାଯାଇଥିଲା। ରାସ୍ତା ଅବରୋଧ କରୁଥିବା ଗାଡ଼ି ଓ ବୁଲାବିକାଳିଙ୍କୁ ତୁରନ୍ତ ହଟାଇବା ପାଇଁ ପୋଲିସ ଅଧିକାରୀମାନେ ତତ୍ପରତା ଦେଖାଇବା ଲାଗି କୁହାଯାଇଥିଲା। ବୈଠକରେ ଉପସ୍ଥିତ ଥିବା ଏସ୍‌ପି ଶଶିଭୂଷଣ ଶତପଥୀ ସଡ଼କ ସୁରକ୍ଷାରେ ପୋଲିସ ସହଯୋଗ କରିବେ ବୋଲି ସହମତି ପ୍ରକାଶ କରିଥିଲେ। ଜିଲାରେ ଚଳିତବର୍ଷ ୬୭ ଦୁର୍ଘଟଣା ଘଟିଥିବାବେଳେ ଅଧିକାଂଶ ବେପରୁଆ ଗାଡ଼ି ଚାଳନା ଯୋଗୁ ହୋଇଥିବା ବୈଠକରେ ସୂଚନା ଦିଆଯାଇଥିଲା। ଅନେକ ସ୍ଥାନରେ ରାସ୍ତା କାର୍ଯ୍ୟ ମନ୍ଥର ଗତିରେ ଚାଲୁଥିବାରୁ ବିଭିନ୍ନ ସମୟରେ ଦୁର୍ଘଟଣା ଘଟୁଥିବା ଉପସ୍ଥିତ ସଭ୍ୟମାନେ ଦର୍ଶାଇଥିଲେ। ଜିଲାପାଳ ଟୁଡୁ ରାସ୍ତା ନିର୍ମାଣ ବିଭାଗ ଅଧିକାରୀଙ୍କୁ ସମୟସୀମା ମଧ୍ୟରେ କାର୍ଯ୍ୟ ଶେଷ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ସେହିଭଳି ମଦ୍ୟପାନ କରି ଗାଡ଼ି ଚଳାଉଥିବାରୁ ଅବକାରୀ ବିଭାଗ ଚୋରା ମଦ ଚାଲାଣ ଓ ବେଆଇନ ମଦ ବିକ୍ରି ଉପରେ ଲଗାମ ଲଗାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା ନିର୍ଦ୍ଦେଶନାମାକୁ ପାଳନ କରିବା ପାଇଁ ସମସ୍ତ ସ୍କୁଲ, କଲେଜ କର୍ତ୍ତୃପକ୍ଷଙ୍କୁ ଜଣାଇବା ଲାଗି ଜିଲାପାଳ ଜିଲା ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଛାତ୍ରୀଛାତ୍ରଙ୍କୁ ଅସୁରକ୍ଷିତ ଭାବେ ପରିବହନ କରୁଥିବା ଗାଡ଼ି, ଅଟୋ ରିକ୍ସା ଓ ଅନ୍ୟ ମିନି ବସ୍‌ଗୁଡ଼ିକ ଜବତ କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା। ଓଭରଲୋଡ଼ିଂ ଓ ବିପଦସଙ୍କୁଳ ଯାତ୍ରା କରୁଥିବା ଗାଡ଼ି ଉପରେ ମଧ କାର୍ଯ୍ୟାନୁଷ୍ଠାନ ନିଆଯିବା ଲାଗି ଆଲୋଚନା ହୋଇଥିଲା। ବୈଠକରେ ବିଭିନ୍ନ ବିଭାଗୀୟ ଅଧିକାରୀ, ଘରୋଇ ବସ୍ ମାଲିକ ସଂଘ କର୍ମକର୍ତ୍ତା, ଟ୍ରକ୍ ମାଲିକ ସଂଘ କର୍ମକର୍ତ୍ତା, ସାମାଜିକ କର୍ମୀ ଉପସ୍ଥିତ ଥିଲେ।